
# ସ୍ମୃତି ସୁଧା






ଡ. ଏ.ପି.ଜେ. ଅବଦୁଲ କଲାମ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ

ଖଲ୍ଲିକୋଟ, ଗଞ୍ଜାମ

http://apjcharitabletrust.org

# NARAYAN

**CASHEW INDUSTRIES PVT. LTD**

**IMPORTER, EXPORTER, TRADING & MANUFACTURE OF CASHEW KARNAL**



## P. RAJENDRA PRUSTY

**DIRECTOR**

**Cell: 9337500266**

**PRESIDENT**

**GANJAM CASHEW PROCESSORS ASSOCIATION**

---

Unit: Rambha Main Road, Pin-761028, Ganjam, Odisha

Email: narayancashewindustriespvtltd@gmail.com

ଡକ୍ଟର ଏ.ପି.ଜେ. ଅବଦୁଲ୍ କଲାମ୍ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟର

ବାର୍ଷିକ ମୁଖପତ୍ର-୨୦୨୩-୨୪

# ସ୍ମୃତିସୁଧା

**(ବିଷୟବସ୍ତୁ: ଦେଶ ପ୍ରଗତିରେ ନାରୀର ଭୂମିକା)**

ଅଧ୍ୟକ୍ଷ:

ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା

ମୁଖ୍ୟ ସଂପାଦକ:

ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ସମ୍ପାଦନା ମଣ୍ଡଳୀ:

ଶ୍ରୀ ପଞ୍ଚାନନ ସୁର

ଶ୍ରୀ ପଞ୍ଚାନନ ଖଟୁଆ

ଶ୍ରୀମତୀ ସୁଷମା ପାଢ଼ୀ

ଶ୍ରୀମତୀ ଜ୍ୟୋସ୍ନାରାଣୀ ପ୍ରଧାନ

ଶ୍ରୀମତୀ ସରୋଜବାଳା ପଟ୍ଟନାୟକ

ଶ୍ରୀ ପ୍ରଭାତ କୁମାର ମିଶ୍ର

ଶ୍ରୀମତୀ ବିଦ୍ୟୁତ୍‌ପ୍ରଭା ଦାଶ

ଡ. ଦ୍ୱାରିକାନାଥ ମହାରଣା

ଶ୍ରୀମତୀ ଦୀପିକା ଦାଶ

ସୁଶ୍ରୀ ପ୍ରଶାନ୍ତମୟୀ ରଥ

ପ୍ରକାଶକ / ଯୋଗାଯୋଗ:

ଡ. ଏ.ପି.ଜେ. ଅବଦୁଲ କଲାମ ଜନକଲ୍ୟାଣ ଚାରିଟେବୁଲ୍ ଟ୍ରଷ୍ଟ, ଖଲ୍ଲିକୋଟ

ଦୂରଭାଷ: ୮୭୬୩୧୮୮୫୨୩, ୯୩୩୭୪୭୦୫୨୨

http://apjcharitabletrust.org

# ଡକ୍ଟର ଏ.ପି.ଜେ. ଅବଦୁଲ୍ କଲାମ୍ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ

**ଖଲ୍ଲିକୋଟ, ଗଂଜାମ**


**ଅଧ୍ୟକ୍ଷ:**

ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା

**ଟ୍ରଷ୍ଟି ସଦସ୍ୟ / ସଦସ୍ୟା**

କେ. ଗୌରୀଶଙ୍କର ପାତ୍ର, ସମାଜସେବୀ

ଶ୍ରୀମତୀ ଜ୍ୟୋତ୍ସ୍ନା କୁମାରୀ ପ୍ରଧାନ, ଅଧ୍ୟାପିକା

ଶ୍ରୀ ସୁଶାନ୍ତ କୁମାର ଗୌଡ଼, ଶିକ୍ଷକ

ଶ୍ରୀ ହରପ୍ରସାଦ ସାମନ୍ତ (କୋଷାଧ୍ୟକ୍ଷ)

**ଉପଦେଷ୍ଟା ମଣ୍ଡଳୀ:**

ଶ୍ରୀ ହୟଗ୍ରୀବ ତ୍ରିପାଠୀ, ବିଶିଷ୍ଟ ସାହିତ୍ୟିକ

ଶ୍ରୀ ସୁବାସ ଚନ୍ଦ୍ର ପଣ୍ଡା, ସମାଜସେବୀ

ଶ୍ରୀ ପୂର୍ଣ୍ଣଚନ୍ଦ୍ର ରଥ, ବିଶିଷ୍ଟ ଶିକ୍ଷାବିତ୍

ସୁଶ୍ରୀ କ୍ରିଷ୍ଣା କୁମାରୀ ସାମନ୍ତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ

ଶ୍ରୀ ଗଣେଶ ଚନ୍ଦ୍ର ବିଶ୍ୱାଳ, ପ୍ରାକ୍ତନ ପ୍ରଧାନଶିକ୍ଷକ

ଶ୍ରୀ ଶ୍ରୀହର୍ଷ ମହାରଣା, ଶିକ୍ଷକ

ଶ୍ରୀ ରାଜେନ୍ଦ୍ର ପ୍ରସାଦ ରଥ, ବରିଷ୍ଠ ଆଇନଜୀବୀ

ଡକ୍ଟର ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ

ଶ୍ରୀ ବଂଶୀଧର ସେଠୀ, ପ୍ରାକ୍ତନ ପଞ୍ଚାୟତରାଜ ବିଭାଗ ଅଧିକାରୀ

ଶ୍ରୀ ବିନାୟକ ସାହୁ, ଆଇନ ପରାମର୍ଶ ଦାତା

ମମତା ପାଢ଼ି, ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ

ଶ୍ରୀ ମନମଦନ ସାହୁ, ସାମ୍ବାଦିକ

ଶ୍ରୀ ଗୋପୀନାଥ ବେହେରା, ପ୍ରଧାନଶିକ୍ଷକ

ଶ୍ରୀ ପ୍ରତାପ ଚନ୍ଦ୍ର ମହାପାତ୍ର, ପ୍ରାକ୍ତନ ପ୍ରଧାନଶିକ୍ଷକ

**ଜୟନ୍ତୀ ଉତ୍ସବ ସଂପାଦକ**

ଶ୍ରୀ ପଞ୍ଚାନନ ସୁର, ପ୍ରାକ୍ତନ କଳା ଅଧ୍ୟାପକ

**ସହ ସମ୍ପାଦକ:**

ଶ୍ରୀ ନୀଳକଣ୍ଠ ଦାଶ, ଶିକ୍ଷକ

**ସଂଗଠନ ସମ୍ପାଦକ:**

ଶ୍ରୀମତୀ ମିତାଞ୍ଜଳୀ ମିଶ୍ର, ସମାଜସେବୀ

**ସମ୍ପାଦନା ମଣ୍ଡଳୀ:**

ଶ୍ରୀ ପଞ୍ଚାନନ ଖଟୁଆ

ଶ୍ରୀମତୀ ସୁଷମା ପାଢ଼ୀ

ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ପ୍ରଧାନ

ଶ୍ରୀମତୀ ସରୋଜବାଳା ପଟ୍ଟନାୟକ

ଶ୍ରୀ ପ୍ରଭାତ କୁମାର ମିଶ୍ର

ଶ୍ରୀମତୀ ବିଦ୍ୟୁତ୍‌ପ୍ରଭା ଦାଶ

ଡ. ଦ୍ୱାରିକାନାଥ ମହାରଣା

ଶ୍ରୀମତୀ ଦୀପିକା ଦାଶ

ସୁଶ୍ରୀ ପ୍ରଶାନ୍ତମୟୀ ରଥ

**ସଂଗଠନ ସଦସ୍ୟ ମଣ୍ଡଳୀ:**

ଶ୍ରୀ ଦିଲ୍ଲୀପ କୁମାର ବେହେରା, ଶ୍ରୀ ଚନ୍ଦ୍ରଶେଖର ନାହାକ, ଶ୍ରୀ ଦଣ୍ଡପାଣି ବେହେରା, ଶ୍ରୀମତୀ ମିତାରାଣୀ ପଟ୍ଟନାୟକ, ଶ୍ରୀମତୀ ପ୍ରଭାତୀ କୁମାରୀ ଦାଶ, ଶ୍ରୀମତୀ ମିତାଞ୍ଜଳି ମିଶ୍ର, ଶ୍ରୀମତୀ ସଂହିତା ମହାନ୍ତି, ଶ୍ରୀ ଅଶ୍ୱିନୀ କୁମାର ମହାନ୍ତି, ସାମ୍ବାଦିକ, ଶ୍ରୀମତୀ ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ, ଶ୍ରୀମତୀ ସୌଦାମିନୀ ମିଶ୍ର (ଦାଶ), କେ. ସତ୍ୟମ୍ ଆଚାରୀ, ଶ୍ରୀ ଲକ୍ଷ୍ମୀ ଦାଶ, ଶ୍ରୀ ବିଶ୍ୱରଞ୍ଜନ ପଣ୍ଡା ଶ୍ରୀମତୀ ମମତା ସୁଆର, ଶ୍ରୀ ବ୍ରଜବନ୍ଧୁ ବେହେରା, ଶ୍ରୀମତୀ ମଧୁସ୍ମିତା ସାହୁ, ଶ୍ରୀ ବଟକୃଷ୍ଣ ଗୌଡ଼, ଶ୍ରୀ ସୁରେନ୍ଦ୍ର କୁମାର ସାହୁ

ରଘୁବର ଦାସ
ରାଜ୍ୟପାଳ, ଓଡ଼ିଶା
रघुवर दास
राज्यपाल, ओड़िशा
Raghubar Das
Governor, Odisha

सत्यमेव जयते

ରାଜ ଭବନ
ଭୁବନେଶ୍ୱର-୭୫୧୦୦୮
राज भवन
भुबनेश्वर-७५१००८
RAJ BHAVAN
BHUBANESWAR-751008



ତା.୦୯.୦୨.୨୦୨୪

# ॥ ବାର୍ତ୍ତା ॥

ଡକ୍ଟର ଏ.ପି.ଜେ. ଅବଦୁଲ୍ କଲାମ୍ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ, ଖଲ୍ଲିକୋଟ, ଗଞ୍ଜାମର ବାର୍ଷିକ ପତ୍ରିକା 'ସ୍ମୃତିସୁଧା'ର ତୃତୀୟ ସଂସ୍କରଣ ପ୍ରକାଶ ପାଉଥିବା ଖୁସିର କଥା ।

ଆଜିର ନାରୀ ଦେଶର ଶିରୀ । ପତ୍ରିକାରେ ନାରୀଶକ୍ତିର ଭୂମିକା ଉପସ୍ଥାପନା ବେଶ୍ ପ୍ରଶଂସନୀୟ ଓ ଆଧୁନିକ ସମାଜ ପାଇଁ ପ୍ରେରଣାଦାୟୀ । ପରିଷଦ ପକ୍ଷରୁ ଅନେକ ସାମାଜିକ ସେବା ଓ ସଂସ୍କାରମୂଳକ କାର୍ଯ୍ୟ କରାଯାଉଥିବା ବେଶ୍ ଉତ୍ସାହଜନକ । ମାନବୀୟ ମୂଲ୍ୟବୋଧର ବିକାଶ କରି ସମାଜରେ ଆପୋଷ ମନସ୍ତତ୍ତ୍ୱକୁ ସମ୍ମାନ ଦେବା ଏବଂ ଏକ ଉନ୍ନତ ସମାଜ ପାଇଁ ସମସ୍ତେ କ୍ରିୟାଶୀଳ ହେବା ବୋଲି ଆଶା କରୁଛି ।

'ସ୍ମୃତିସୁଧା'ର ସଫଳ ପ୍ରକାଶନ କାମନା କରିବା ସହିତ ଅନୁଷ୍ଠାନ ସହ ସଂପୃକ୍ତ ସମସ୍ତ ସଭ୍ୟସଭ୍ୟାମାନଙ୍କୁ ଶୁଭେଚ୍ଛା ଜଣାଉଛି ।

(ରଘୁବର ଦାସ)

**ଶ୍ରୀ ସୁଦାମ ମାର୍ଣ୍ଡି**
ମନ୍ତ୍ରୀ
ବିଦ୍ୟାଳୟ ଓ ଗଣଶିକ୍ଷା,
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା
ଓଡ଼ିଶା

ଦୂରଭାଷ
କାର୍ଯ୍ୟାଳୟ : ୦୬୭୪-୨୫୩୬୦୨୦
: ୦୬୭୪-୩୫୮୮୩୮୦
ମୋବାଇଲ : ୯୪୩୯୨୯୭୯୦୦
Email : sudam.marndi2023@gmail.com

ପତ୍ର ସଂଖ୍ୟା....................../ମ.,ବି.ଗ,ରା.ବି.ପ.

ଭୁବନେଶ୍ୱର

ତାରିଖ .....୨୨-୦୨-୨୦୨୪..........




# ।। ବାର୍ତ୍ତା ।।

ଡକ୍ଟର ଏ.ପି.ଜେ. ଅବଦୁଲ୍ କଲାମ୍ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ, ଏହାର ବାର୍ଷିକ ଉତ୍ସବ ଅବସରରେ ବାର୍ଷିକ ମୁଖପତ୍ର 'ସ୍ମୃତିସୁଧା' ଲୋକାର୍ପିତ ହେଉଥିବା ଜାଣି ମୁଁ ବିଶେଷ ଆନନ୍ଦିତ ।

ସାହିତ୍ୟିକ ଦକ୍ଷତା ଏବଂ ସୃଜନଶୀଳ ପ୍ରତିଭାର ବିକାଶ ପାଇଁ ସୁଯୋଗ ପ୍ରଦାନରେ ସ୍ମରଣିକା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହା ମଧ୍ୟ ପ୍ରେରଣା ଏବଂ ଉତ୍ସାହର ଉତ୍ସ । ମୁଁ ଆଶା କରୁଛି ସ୍ମରଣିକା ମୂଲ୍ୟବାନ ଅବଦାନ ସହିତ ସମୃଦ୍ଧ ହେବ ।

ଏହି ଆନନ୍ଦଦାୟକ ଅବସରରେ ମୁଁ ଏହି ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତାମାନଙ୍କୁ ମୋର ଶୁଭେଚ୍ଛା ଜଣାଇବା ସଂଗେ ସଂଗେ ସ୍ମରଣିକା ପ୍ରକାଶନର ସର୍ବ ସଫଳତା କାମନା କରୁଅଛି ।

ସୁଦାମ ମାର୍ଣ୍ଡି
**(ସୁଦାମ ମାର୍ଣ୍ଡି)**



**ଡ. ପ୍ରସନ୍ନ ପାଟ୍ଟଶାଣୀ**
ସଦସ୍ୟ, ରାଜ୍ୟ ଯୋଜନା ବୋର୍ଡ଼
ଓଡ଼ିଶା, ଭୁବନେଶ୍ୱର

# ॥ ବାର୍ତ୍ତା ॥

ଯେଉଁମାନେ ଏଭଳି ପତ୍ରିକାଟିଏ କରୁଛନ୍ତି ଏବଂ ଯେତେସବୁ ଜ୍ଞାନୀ, ଗୁଣୀ, ବୁଦ୍ଧିଜୀବୀମାନଙ୍କର ଲେଖାରେ ସମୃଦ୍ଧ ଏ ପତ୍ରିକାର ସୁନାମ ବି ଅଛି, ତା ସହିତ ନାରୀର ପ୍ରଗତି ; ମୁଁ ନିଜେ ଦେଖିଛି ନର ଦେହରେ ନାରାୟଣ ଅଛନ୍ତି, ନାରୀ ଦେହରେ ନାରାୟଣୀ ଅଛନ୍ତି, ତେଣୁ ଈଶ୍ୱର ଚେତନାର ଅନନ୍ତ ଆକାଶରେ ଦେବତା ବସତି ସ୍ଥାପନ କରନ୍ତି ଏବଂ ଓହ୍ଲେଇ ଆସନ୍ତି ଯେଉଁମାନେ ଆପଣମାନଙ୍କ ଭଳି ପତ୍ରପତ୍ରିକା ସବୁ ପ୍ରକାଶ କରନ୍ତି, ସାହିତ୍ୟ କରନ୍ତି 'ସହିତ ସାଧୟତି ଇତି' ସାହିତ୍ୟ ପରିବାରର ଅପୂର୍ବ ସାଧକ ଆପଣ । ତେଣୁ ଆପଣ ମୋତେ ମାଗିଛନ୍ତି ଦେବା ପାଇଁ, ମୁଁ କରୁଛି ଅର୍ପଣ ହୃଦୟରୁ ଆପଣଙ୍କୁ । ଏହି ପତ୍ରିକାଟି ସୁନ୍ଦର ସାହିତ୍ୟ ସମୃଦ୍ଧିର ପ୍ରତୀକ, ଯେଉଁ ନାଁଟି ଆପଣ ଦେଇଛନ୍ତି ଚମତ୍କାର ହୋଇଛି, ସେଇଟା ହେଉଛି ସୁଧା-ଅମୃତ । ସାହିତ୍ୟ ମାନେ ଯେପରି ପବନକୁ ଦେଖି ହୁଏ ନାହିଁ । ଯେତେବେଳେ ସୁଲୁସୁଲୁ ହୋଇ ଦେହରେ ବାଜେ, ତା' ନାଁ ପବନ ହେଇଯାଏ ଏବଂ ବାୟୁ ହେଇଯାଏ । ସେଇ ବାୟୁ ଆପାନ, ଉଦାନ, ସମାନ ; ଏପରି ବିଭିନ୍ନ ଅଛି । ତେଣୁ ଆପଣଙ୍କ ପତ୍ରିକାଟିରେ ଈଶ୍ୱର ଅଛନ୍ତି, ତେଣୁ ଈଶ୍ୱରର ପ୍ରତୀକ ଆପଣମାନେ ଈଶ୍ୱରଙ୍କ ପୁତ୍ର । ଆପଣଙ୍କ ଲେଖା, ଭାବଭଙ୍ଗୀ ସବୁଥିରେ ଅମୃତମୟ ହେବା ଭଳିଆ ସ୍ମୃତିକୁ ନେଇକରି ଆପଣମାନେ ଆରମ୍ଭ କରିଛନ୍ତି ; ମୁଁ ଜଣେ କବି ଭାବରେ ଆପଣମାନଙ୍କୁ ସ୍ୱାଗତ-ସମ୍ଭାଷଣ ଅର୍ପଣ କରୁଛି ଏବଂ ଏ ପତ୍ରିକାଟି ଜୀଇଁ ରହିଲେ ଓଡ଼ିଆ ସାହିତ୍ୟ ବିଶ୍ୱବନ୍ଦିତ ହେବ ।

ନମସ୍କାର ହେଉଛି ଆପଣଙ୍କୁ ।

(ପ୍ରସନ୍ନ ପାଟ୍ଟଶାଣୀ)

**Prof. Geetanjali Dash**
Vice-Chancellor
**Khallikote Unitary University**
Berhampur-760001, Odisha



## ॥ ବାର୍ତ୍ତା ॥

ଐତିହାସିକ ଗଡ଼ ଖଲ୍ଲିକୋଟର ପଞ୍ଜିକୃତ ଅବଦୁଲ କଲାମ ଚାରିଟେବୁଲ ଟ୍ରଷ୍ଟ୍ ତା'ର ବାର୍ଷିକ ଉତ୍ସବ ଅବସରରେ ମୁଖପତ୍ର 'ସ୍ମୃତିସୁଧା' ପ୍ରକାଶ ପାଉଥିବା ଜାଣି ଆନନ୍ଦ ଅନୁଭବ କଲି ।

ବାର୍ଷିକ ଉତ୍ସବ ପାଳନ ନିଶ୍ଚିତ ରୂପେ ଏହି ଜନକଲ୍ୟାଣକାରୀ ଅନୁଷ୍ଠାନ ନିମନ୍ତେ ଏକ ସ୍ମରଣୀୟ ମୁହୂର୍ତ୍ତ । ସମସ୍ତ ବାଧାବିଘ୍ନକୁ ପ୍ରତିହତ କରି ଜନକଲ୍ୟାଣ ନିମନ୍ତେ ଉତ୍ସର୍ଗୀକୃତ ଏହି ଅବଦୁଲ କଲାମ ଚାରିଟେବୁଲ ଟ୍ରଷ୍ଟ୍ ପ୍ରତ୍ୟେକ କ୍ଷେତ୍ରରେ ଏକ ଅନୁକରଣୀୟ ପରମ୍ପରା ସୃଷ୍ଟି କରୁ ଏତିକି କାମନା ।

ଏହି ଅବସରରେ ମୁଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ଅନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତି କାମନା କରୁଅଛି ।

**କୁଳପତି**
**ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ**
**ବ୍ରହ୍ମପୁର, ଗଂଜାମ, ଓଡ଼ିଶା**

**Mobile: 7846817660** **Email: vc@kuu.ac.in**

**राष्ट्रीय विज्ञान शिक्षा एवं अनुसंधान संस्थान, भुवनेश्वर**

(परमाणु उर्जा विभाग, भारत सरकार का एक स्वयं शासित संस्थान)

**NATIONAL INSTITUTE OF SCIENCE EDUCATION AND RESEARCH, BHUBANESWAR**

(An autonomous Institution under Department of Atomic Energy, Govt. of India)

**डा. अभय कुमार नायक**
कुल सचिव
**Dr. Abhaya Kumar Naik**
Registrar




# ॥ ବାର୍ତ୍ତା ॥

ଡକ୍ଟର ଏ.ପି.ଜେ. ଅବଦୁଲ୍ କଲାମ୍ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ ନିରାଶ୍ରୟ ତଥା ଗରିବ ବ୍ୟକ୍ତିବିଶେଷଙ୍କୁ ସମାଜର ମୁଖ୍ୟ ସ୍ରୋତରେ ମିଶାଇବାକୁ କରୁଥିବା ବିଭିନ୍ନ ପଦକ୍ଷେପ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏହି ସଂସ୍ଥାର ସମସ୍ତ କର୍ମୀ ତଡା ସହଯୋଗୀମାନଙ୍କୁ ସାଧୁବାଦ । ଚଳିତ ବର୍ଷ 'ଦେଶର ପ୍ରଗତିରେ ନାରୀର ଭୂମିକା' ଆଧାରରେ ବିଭିନ୍ନ କାର୍ଯ୍ୟ ହାତକୁ ନେବା ଏବଂ ତତ୍ ସଂଗେ ସଂଗେ 'ସ୍ମୃତିସୁଧା' ପତ୍ରିକା ପ୍ରକାଶ କରିବାର ପ୍ରୟାସ ପାଇଁ ଟ୍ରଷ୍ଟ୍‌ର ଭୂମିକାକୁ ଆମେ ଧନ୍ୟବାଦ ଦେଉଛୁ ।

ଦେଶ ଓ ଜାତିର ପ୍ରଗତିରେ ନାରୀର ଭୂମିକା ଅନନ୍ୟ । ସେ ରାଣୀ ଲକ୍ଷ୍ମୀବାଇ ହୁଅନ୍ତୁ କିମ୍ବା ସରୋଜିନୀ ନାଇଡୁ, ସେ ରମାଦେବୀ ହୁଅନ୍ତୁ କିମ୍ବା ସୁଧା ମୂର୍ତ୍ତି – ସମସ୍ତେ ସମାଜ ତଥା ଦେଶସେବାରେ ନିଜକୁ ଉତ୍ସର୍ଗ କରିଛନ୍ତି । ବର୍ତ୍ତମାନ ସମୟରେ ଯେଉଁ ନାରୀମାନେ ଏ ଦିଗରେ ଆଗେଇ ଆସୁଛନ୍ତି ସେମାନେ ଧନ୍ୟବାଦର ପାତ୍ର । ସେମାନଙ୍କର ସେବା, କର୍ତ୍ତବ୍ୟ, ସାଧନା ଲୋକଲୋଚନକୁ ଆସିବା ଅତ୍ୟନ୍ତ ପ୍ରୟୋଜନ । ଏହି ଦିଗରେ ଟ୍ରଷ୍ଟ ନେଇଥିବା ପଦକ୍ଷେପ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ।

'ଦେଶର ପ୍ରଗତିରେ ନାରୀର ଭୂମିକା' – ଏହି ବିଷୟବସ୍ତୁ ଆଧାରରେ ପତ୍ରିକା 'ସ୍ମୃତିସୁଧା' ଅବଶ୍ୟ ଋଦ୍ଧିମନ୍ତ ହେବ । ଏହି ପତ୍ରିକାରେ ବିଭିନ୍ନ ନାରୀଙ୍କ ବିଷୟରେ ଜାଣିଲା ପରେ ଉତ୍ତରପିଢ଼ି ଏ ଦିଗରେ ନିଜକୁ ଉତ୍ସବ କଲେ ପତ୍ରିକା ପ୍ରକାଶନର ଶ୍ରମ ସାର୍ଥକ ହେବ । 'ସ୍ମୃତିସୁଧା' ପ୍ରକାଶନ ପାଇଁ ଯେଉଁମାନେ ଶ୍ରମ ତଥା ଜ୍ଞାନ ପ୍ରଦାନ କରିଛନ୍ତି ସେମାନଙ୍କୁ ଅନ୍ତରର ଗଭୀରତମ ପ୍ରଦେଶରୁ କୃତଜ୍ଞତା ଜ୍ଞାପନ କରୁଛି ଏବଂ ପତ୍ରିକାର ସଫଳତା କାମନା କରୁଛି ।


**(ଡ. ଅଭୟ କୁମାର ନାୟକ)**
କୁଳସଚିବ
ନାଇଜର, ଭୁବନେଶ୍ୱର
ମୋ: ୯୪୩୭୪୯୭୮୭୮



**ଡ. ସନ୍ତୋଷ କୁମାର ପରିଡ଼ା**, ଓ.ଶି.ସେ.
ଅଧ୍ୟକ୍ଷ
ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ
ଗଞ୍ଜାମ, ଖଲ୍ଲିକୋଟ

# ।। ବାର୍ତ୍ତା ।।

ଖଲ୍ଲିକୋଟ, ଗଞ୍ଜାମରୁ ପ୍ରକାଶିତ 'ସ୍ମୃତିସୁଧା' ପତ୍ରିକା ଡ. ଏ.ପି.ଜେ. ଅବଦୁଲ କଲାମ୍ ଚାରିଟେବୁଲ ଟ୍ରଷ୍ଟ୍ ଆନୁକୂଲ୍ୟରେ ପ୍ରକାଶିତ ହେବାର ଶୁଣି ମୁଁ ଅତ୍ୟନ୍ତ ପ୍ରୀତ । ପତ୍ରିକାଟି 'ଦେଶ ପ୍ରଗତିରେ ନାରୀର ଭୂମିକା' ବିଷୟକୁ ଆଧାର କରି ବିଭିନ୍ନ କବି, କବୟିତ୍ରୀ, ଲେଖକ, ଲେଖିକାଙ୍କ ମନୋଭାବ ତଥା ସାଂପ୍ରତିକ ପରିସ୍ଥିତିରେ ସମାଜ ପାଇଁ ନାରୀର ଭୂମିକାକୁ ପ୍ରତିପାଦନ କରୁଅଛି । ମାଆ, ମାତୃଭାଷା ସମୃଦ୍ଧ ହେଲେ ମାତୃଭୂମି ସମୃଦ୍ଧ ହୁଏ । ନାରୀକୁ ସମ୍ମାନ ସମାଜର ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହି ପତ୍ରିକାଟି ଜନାଦୃତ ହେଉ ଈଶ୍ୱରଙ୍କ ନିକଟରେ ଏତିକି କାମନା ।

ପତ୍ରିକା ପ୍ରକାଶନରେ ସହଯୋଗ କରିଥିବା ସମସ୍ତ ସହଯୋଗୀଙ୍କୁ ହୃଦୟର ସୂକ୍ଷ୍ମକୋଣରୁ ଅନେକ ଶୁଭେଚ୍ଛା ଓ ଶୁଭ କାମନା ।

ସନ୍ତୋଷ କୁମାର ପରିଡ଼ା

**(ଡ. ସନ୍ତୋଷ କୁମାର ପରିଡ଼ା)**



**ଶ୍ରୀମତୀ ଅମିତା ପଟ୍ଟନାୟକ**, ଓ.ଶି.ସେ.
(ସ୍କୁଲ ବ୍ରାଞ୍ଚ, ଗ୍ରୁପ୍-ଏ) (ସୁପର ଟାଇମ୍)
ଜିଲ୍ଲା ଶିକ୍ଷାଧିକାରୀ, ଗଞ୍ଜାମ, ବ୍ରହ୍ମପୁର
ଫୋନ୍ ନମ୍ବର: ୯୪୩୭୨୨୭୨୪୩

# ॥ ବାର୍ତ୍ତା ॥

ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଡକ୍ଟର ଏ.ପି.ଜେ. ଅବଦୁଲ୍ କଲାମ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ, ଖଲ୍ଲିକୋଟ, ଗଂଜାମ ତା'ର ଜନହିତକର ସେବାମୂଳକ କାର୍ଯ୍ୟକ୍ରମ ପାଇଁ ସର୍ବତ୍ର ସୁପରିଚିତ । ଟ୍ରଷ୍ଟ୍ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ତା'ର ବାର୍ଷିକ ପତ୍ରିକା 'ସ୍ମୃତିସୁଧା'ର ତୃତୀୟ ସଂଖ୍ୟା ପ୍ରକାଶ ପାଉଥିବା ବିଷୟ ଅତ୍ୟନ୍ତ ଆନନ୍ଦ ଦାୟକ ।

ପ୍ରତିବର୍ଷ ଏକ ସ୍ୱତନ୍ତ୍ର ପ୍ରସଙ୍ଗ ଭିତ୍ତିରେ ପ୍ରକାଶ ପାଇ ଆସୁଥିବା 'ସ୍ମୃତିସୁଧା' ଚଳିତ ବର୍ଷ ନାରୀ ଶକ୍ତି ହିଁ ଦେଶ ଜଗତର ମହାନ୍ ଶକ୍ତି ଆଉ ପ୍ରକୃତ ସାମର୍ଥ୍ୟ, ଏହି ବିଷୟ ଆଧାରିତ ବିଶେଷାଙ୍କ ଅଗଣିତ ପାଠକଙ୍କ ପାଇଁ ପ୍ରକାଶ ହେବା ସମସ୍ତଙ୍କ ନିମନ୍ତେ ନିଶ୍ଚିତ ଭାବେ ଶୁଭଙ୍କର । ପରିଷଦ ତରଫରୁ ନିୟମିତ ସାମାଜିକ, ସାଂସ୍କୃତିକ, ସଂସ୍କାରମୂଳକ, ସଚେତନତାଧର୍ମୀ କାର୍ଯ୍ୟକ୍ରମ ବର୍ଷସାରା ଉଜ୍ଜୀବିତ ରହିବା ଯେତିକି ଉତ୍ସାହପ୍ରଦ ସେତିକି ପ୍ରେରଣା ଦାୟକ ।

'ସ୍ମୃତିସୁଧା' ପ୍ରକାଶନ ପରିପ୍ରେକ୍ଷୀରେ ପରିଷଦର କର୍ମକର୍ତ୍ତା, କବି, ଲେଖକ, ଆଲୋଚକ, ପୃଷ୍ଠପୋଷକ, ଅଗଣିତ ପାଠକଙ୍କ ଶୁଭକାମନା କରିବା ସହିତ ସଫଳତା କାମନା କରିଛି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ।

ଅମିତା ପଟ୍ଟନାୟକ

(ଅମିତା ପଟ୍ଟନାୟକ)



**ଶ୍ରୀ ଅବିନାଶ ଶତପଥି,** ଓ.ଶି.ସେ.
ସହ ନିର୍ଦ୍ଦେଶକ, ମୋ ସ୍କୁଲ ଅଭିଯାନ
ପରିଚାଳନା ସଂଗଠନ, ଭୁବନେଶ୍ୱର

## ।। ବାର୍ତ୍ତା ।।

ମରାଳ ମାଳିନୀ ନୀଳାମ୍ବୁ ଚିଲିକାର ପଶ୍ଚିମ ଭାଗରେ ଥିବା ଐତିହାସିକ ଗଡ଼ ଖଲ୍ଲିକୋଟର ପଞ୍ଜିକୃତ ଜନମଙ୍ଗଳ ସେବାରେ ଉତ୍ସର୍ଗୀକୃତ ଅବଦୁଲ କଲାମ ଚାରିଟେବୁଲ ଟ୍ରଷ୍ଟ୍‌ର ସପ୍ତମ ବାର୍ଷିକ ଉତ୍ସବ ଅବସରରେ ସମସ୍ତ ଖଲ୍ଲିକୋଟବାସୀ ଓ ସଦସ୍ୟମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ । ଇତ୍ୟବସରରେ ଏକ ସ୍ୱତନ୍ତ୍ର ଭାବଧାରାଯୁକ୍ତ ସ୍ମରଣିକା ପ୍ରକାଶ ପାଉଥିବା ଜାଣି ଖୁସି ଲାଗିଲା ।

ଅବଦୁଲ କଲାମଙ୍କ କୃତି ଓ କୀର୍ତ୍ତି ସାରା ପୃଥିବୀ ପାଇଁ ଚିର ସ୍ମରଣୀୟ । ଜଣେ ଲୋକପ୍ରିୟ ବୈଜ୍ଞାନିକ ତଥା ପ୍ରାକ୍ତନ ରାଷ୍ଟ୍ରପତି ଭାବରେ ସେ ଅତି ଜଣାଶୁଣା । ସେ ଯଶୋଦେହେ ଚିର ଆୟୁଷ୍ମାନ । ତାଙ୍କ ଜୀବନାଦର୍ଶରୁ ପ୍ରେରଣା ଲାଭ କରି ମା', ମାଟି ଓ ଭାରତୀୟଙ୍କ ସେବାରେ ନିଜକୁ ଉତ୍ସର୍ଗ କରିବା ହିଁ ତାଙ୍କ ପ୍ରତି ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

ଡକ୍ଟର ଏ.ପି.ଜେ. ଅବଦୁଲ କଲାମ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ୍‌ର ଏପରି ଏକ ମହତ୍ କାର୍ଯ୍ୟ ପାଇଁ ମୁଁ ସାଧୁବାଦ ଜଣାଉଛି ।

ଅବିନାଶ ଶତପଥି

**(ଅବିନାଶ ଶତପଥି)**



**ଶ୍ରୀ ସଦ୍ୟାଶ୍ମନ ପଣ୍ଡା**

ଗୋଷ୍ଠୀ ଶିକ୍ଷା ଅଧିକାରୀ

ଖଲ୍ଲିକୋଟ, ଗଞ୍ଜାମ

## ।। ବାର୍ତ୍ତା ।।

ଶିକ୍ଷା, ସାହିତ୍ୟ, ସଂସ୍କୃତି ଓ ସଂସ୍କାରରେ ସମୁନ୍ନତ ସହର ଖଲ୍ଲିକୋଟ । ତା'ର ଅନ୍ତଃସ୍ୱରକୁ ରାଜ୍ୟସ୍ତରରେ ଉପସ୍ଥାପିତ କରିଥିବା ବାର୍ଷିକ ସ୍ମରଣିକା 'ସ୍ମୃତିସୁଧା' ଏ ଅଞ୍ଚଳର ରେଜିଷ୍ଟ୍ରିଭୁକ୍ତ ତଥା ସମାଜ ପାଇଁ ଉତ୍ସର୍ଗୀକୃତ ଡ. ଏ.ପି.ଜେ. ଅବଦୁଲ କଲାମ୍ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ୍‌ର ଅନବଦ୍ୟ ସୃଷ୍ଟି ।

ଜାଣି ଖୁସି ହେଲି ତାହାର ତୃତୀୟ ସଂସ୍କରଣ ଚଳିତ ବର୍ଷ ଟ୍ରଷ୍ଟ୍‌ର ସପ୍ତମ ସ୍ୱନକ୍ଷତ୍ରରେ ଆତ୍ମପ୍ରକାଶ କରିବାକୁ ଯାଉଛି । ସମୟ ଉପଯୋଗୀ ଆପଣଙ୍କର ଏ ମହତ ପ୍ରୟାସ ପାଇଁ ହୃଦୟରୁ କୃତଜ୍ଞତା ତଥା 'ସ୍ମୃତିସୁଧା'ର ଦୀର୍ଘାୟୁ କାମନା କରୁଛି ।

Block Education Officer
Khallikote, Ganjam

(ସଦ୍ୟାଶ୍ମନ ପଣ୍ଡା)

# ଅଧ୍ୟକ୍ଷଙ୍କ କଲମରୁ...



"ମାନବ ଜୀବନ ନୁହଁଇ କେବଳ, ବର୍ଷ ମାସ ଦିନ ଦଣ୍ଡ
କର୍ମେ ଜିଏଁ ନର କର୍ମ ଏକା ତାର, ଜୀବନର ମାନଦଣ୍ଡ ।" (ପଣ୍ଡିତ ଗୋପବନ୍ଧୁ ଦାସ)


ସେ ଦୃଷ୍ଟିରୁ ବ୍ୟକ୍ତି ଅଥବା ଅନୁଷ୍ଠାନ ମନୁଷ୍ୟର ତଥାକଥିତ କ୍ଷଣସ୍ଥାୟୀ ଜୀବନରେ ଯଦି କିଛି ସତ୍ କର୍ମ ସଂସାଧନ କରିଥାନ୍ତି, ତେବେ ପଦଚିହ୍ନ ଅନୁରୂପ ପର ମୁହୂର୍ତ୍ତରେ ସେସବୁକୁ କେହି ନା କେହି ଅନୁସରଣ କରିବା ସହିତ କାର୍ଯ୍ୟକାରୀ କରିଥାନ୍ତି । ଅତଏବ ଆମର ଲକ୍ଷ୍ୟ ଆଉ ଆଭିମୁଖ୍ୟ ମହତ୍ ହେବା ବିଧେୟ । ଏ ପ୍ରକାର ମହାନ୍ ଉଦ୍ଦେଶ୍ୟ ରଖି ଗତ ତା. ୭.୦୬.୨୦୧୭ ରିଖରେ ଗଂଜାମ ଜିଲ୍ଲା ଖଲ୍ଲିକୋଟରେ ଦେଶର ବିଶିଷ୍ଟ ଶିକ୍ଷାବିତ୍, ବୈଜ୍ଞାନିକ, କ୍ଷେପଣାସ୍ତ୍ରର ଜନକ ତଥା ପ୍ରାକ୍ତନ ଲୋକପ୍ରିୟ ରାଷ୍ଟ୍ରପତି କଲାମଙ୍କ ସ୍ମୃତିରେ ଡକ୍ଟର ଏ.ପି.ଜେ. ଅବଦୁଲ କଲାମ୍ ଶିକ୍ଷକ କଲ୍ୟାଣ ପରିଷଦ ସ୍ୱଳ୍ପ ସଂଖ୍ୟକ ଶିକ୍ଷକ, ବୁଦ୍ଧିଜୀବୀ, ଶିକ୍ଷାବିତ୍‌ଙ୍କୁ ପାଥେୟ କରି ଅୟମାରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ଉକ୍ତ ସାମାଜିକ ଅନୁଷ୍ଠାନ 'ଶିକ୍ଷକ କଲ୍ୟାଣ ପରିଷଦ' ପରିବର୍ତ୍ତେ 'ଡ. ଏ.ପି.ଜେ. ଅବଦୁଲ କଲାମ୍ ଜନକଲ୍ୟାଣ ଚାରିଟେବୁଲ୍ ଟ୍ରଷ୍ଟ୍' ଭାବେ ନାମିତ ହୋଇ ପ୍ରଗତି ପଥରେ ନିରନ୍ତର କାର୍ଯ୍ୟକରି ଆସୁଅଛି ।

'ମାନବ ସେବା ହିଁ ମାଧବ ସେବା' ଏବଂବିଧ ସକରାତ୍ମକ ଚିନ୍ତାଧାରା ଅବ୍ୟାହତ ରଖି ସମାଜର ବିଭିନ୍ନ ସ୍ତରର ବ୍ୟକ୍ତିବିଶେଷଙ୍କ ନିମନ୍ତେ ଗୁରୁଦାୟିତ୍ୱ ନିର୍ବାହ କରିଆସୁଅଛି । ନିଃଶୁଳ୍କ ରକ୍ତଦାନ ଶିବିର, ଚକ୍ଷୁଦାନ ଶିବିର, ଅଙ୍ଗଦାନ ସଚେତନତା ଶିବିର, ଗରିବ ଅସହାୟ ଲୋକଙ୍କୁ ବସ୍ତ୍ରଦାନ, ଥିଲେ ଦିଅ ନଥିଲେ ନିଅ, ଦେଶଦଶ ପାଇଁ ସହିଦ ହୋଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ଉଦ୍ଦେଶ୍ୟରେ ଅମର ସହିଦ ସ୍ମୃତିସଭା, ବିଶିଷ୍ଟ ବ୍ୟକ୍ତିଙ୍କ ବିୟୋଗରେ ଶୋକସଭା ଭଳି ଯୁଗାନ୍ତକାରୀ ପଦକ୍ଷେପ ହାତକୁ ନେଇଛି । ଏତଦ୍‌ବ୍ୟତୀତ ବର୍ଷସାରା ବହୁବିଧ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ସଂପାଦନ କରି ସଂପୃକ୍ତ ପରିଷଦ ପ୍ରଶଂସାର ପ୍ରିୟପାତ୍ର ହୋଇପାରିଛି । ଏଥିସହିତ ମହାପୁରୁଷଙ୍କ ଜୟନ୍ତୀ ଓ ଶ୍ରାଦ୍ଧଦିବସ ସବୁକୁ ଉଦ୍ଦୀପନା ସହକାରେ ସମାହିତ କରିଆସୁଅଛି । ଆହୁରି ମଧ୍ୟ ବୃକ୍ଷରୋପଣ ଠାରୁ ଆରମ୍ଭ କରି ସାହିତ୍ୟ ସଭା, କବିତା ଆସର, ବିଭିନ୍ନ ସମୟରେ ଆୟୋଜନ କରି ସର୍ବସାଧାରଣରେ ପରିଷଦ ଆପଣାର ମାନ ମହତକୁ ପରିପ୍ରକାଶ କରିଅଛି । କରୋନା ମହାମାରୀ ସମୟରେ ସାଧାରଣ ଲୋକଙ୍କୁ ମାଗଣାରେ ମାସ୍କ, ସାନିଟାଇଜର ଆଦି ବଣ୍ଟନ ସାଙ୍ଗକୁ ମହାମାରୀ କରୋନା ସକାଶେ ନିଜ ଜୀବନକୁ ବାଜି ଲଗାଇଥିବା ପ୍ରମୁଖ ବ୍ୟକ୍ତିଙ୍କୁ କରୋନା ଯୋଦ୍ଧା ସମ୍ମାନରେ ସସମ୍ମାନେ ସମ୍ମାନିତ କରିବା ପ୍ରଭୃତି ଜନହିତକର କାର୍ଯ୍ୟ ନିରବଚ୍ଛିନ୍ନ ଭାବେ ତୁଲାଇ ସମଗ୍ର ଜିଲ୍ଲା କାହିଁକି, ପ୍ରାଦେଶିକ ସ୍ତରରେ ସ୍ୱତନ୍ତ୍ର ଆସନରେ ଆସୀନ ହୋଇଛି ।

ସଂପ୍ରତି ଏହି ଟ୍ରଷ୍ଟ୍ ଡକ୍ଟର କଲାମଙ୍କ ସ୍ମୃତି ଉଜ୍ଜୀବିତ ରଖିବା ପରି ଯୁଗୋଚିତ ପଦକ୍ଷେପ ସ୍ୱରୂପ ତା'ର ସ୍ମରଣିକା 'ସ୍ମୃତିସୁଧା' ପରିପ୍ରକାଶ କରିବାକୁ ଯାଉଛି । ଏ କ୍ରମରେ ବହୁ ଲବ୍ଧ ପ୍ରତିଷ୍ଠିତ କବି, ଲେଖକ, ପ୍ରାବନ୍ଧିକ, ଶିକ୍ଷାବିତ୍ ପ୍ରମୁଖ ସେମାନଙ୍କ ସ୍ୱରଚିତ ବହୁମୂଲ୍ୟ ସୃଜନଶୀଳ ସୃଷ୍ଟି ସବୁ ପ୍ରେରଣ କରି ଆମ୍ଭ ଟ୍ରଷ୍ଟ୍‌କୁ ଉତ୍ସାହିତ କରିବା ସହିତ ସମସ୍ତ ପ୍ରକାର ସହଯୋଗ ସହାନୁଭୂତି ନିଃସନ୍ଦେହରେ ପ୍ରଦାନ କରିଥିବାରୁ ସେହି କାଳଜୟୀ ସ୍ରଷ୍ଟାମାନଙ୍କୁ ଭକ୍ତିପୂତ ପ୍ରଣାମ ଜଣାଉଛି । ସଂପାଦିତ ମୁଖପତ୍ର ପାଇଁ ମାନ୍ୟବର ଓଡ଼ିଶା ରାଜ୍ୟପାଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସବିଶେଷ ସାରସ୍ୱତ ବାର୍ତ୍ତା ସବୁ ପ୍ରେରଣ କରି ମୁଖପତ୍ରର ମହତ୍ତ୍ୱକୁ, ଅଧିକରୁ ଅଧିକ ମହିମାନ୍ୱିତ କରିଥିବାରୁ ଉଭୟ ସ୍ରଷ୍ଟା ଆଉ ଶୁଭେଚ୍ଛୁମାନଙ୍କୁ ସାଧୁବାଦ ତଥା ହୃଦୟରୁ କୃତଜ୍ଞତା ପ୍ରଦାନ କରୁଅଛି । ସର୍ବୋପରି ସମସ୍ତଙ୍କ ସାହାଯ୍ୟ ସହଯୋଗ ସଦିଚ୍ଛାକୁ ପାଥେୟ କରି ଡ. ଏ.ପି.ଜେ. ଅବଦୁଲ କଲାମ୍ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ ଜନକଲ୍ୟାଣ ମୂଳକ କାର୍ଯ୍ୟକ୍ରମ ସବୁ ସଂପନ୍ନ କରିବାକୁ ଅଣ୍ଟା ଭିଡ଼ିଛି । ପରିଶେଷରେ ଜଗତର ପିତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ମୁଖପତ୍ରର ପରିପୂର୍ଣ୍ଣତା ସକାଶେ ନିବେଦନ କରୁଅଛି ।

**(ସଭାପତି)**


# ଜୟନ୍ତୀ ଉତ୍ସବ ସଂପାଦକଙ୍କ କଲମରୁ...



ଆଜି କାଲି ବିଜ୍ଞାନ ଯୁଗରେ ମାନବ ଗ୍ରହ ଉପଗ୍ରହମାନଙ୍କର ଟିକି ନିକି ତଥ୍ୟ ସାଉଣ୍ଟିବା ସଙ୍ଗେ, ସୂର୍ଯ୍ୟ ଙ୍କର ପ୍ରଖର ତାପଶକ୍ତିକୁ ଖାତିର ନଜରି ତା' ଭିତରର ସମସ୍ତ ତଥ୍ୟ ହାସଲ କରିବା ପାଇଁ ଯନ୍ତ୍ର ମାନ ପ୍ରେରଣ ଜରି ସାରିଲାଣି । ବିଜ୍ଞାନ ବଳରେ ଅତ୍ୟାଧୁନିକ ସାମରିକ ଅସ୍ତ୍ରଶସ୍ତ୍ର ଜଳ ସ୍ଥଳ ଆଜାଶ ଚତୁର୍ଦ୍ଦିଗରୁ କ୍ଷେପଣାସ୍ତ୍ର ବ୍ୟବହାର କରିବାର କୌଶଳ ଶିଖି ବ୍ୟବହାର କଲେଣି । ସେଇଭଳି କ୍ଷେପଣାସ୍ତ୍ରର ଜନକ ହେଲେ ନିଃସ୍ୱାର୍ଥପର ଚିନ୍ତାନାୟଜ, ଦାର୍ଶନିକ, ସମାଜ ସଂସ୍କାରକ, ସମାଜ ସେବୀ ଆପଣା ସୁଖ ସ୍ୱାଚ୍ଛନ୍ଦ୍ୟକୁ ବିପନ୍ନ କରି ଲୋକଙ୍କ ହିତପାଇଁ ଯେ ସଦା ସର୍ବଦା ଲାଗି ରହିଥିଲେ ସେ ହେଉଛନ୍ତି ଏ.ପି.ଜେ. ଅବଦୁଲ କଲାମ । ସେ ଜଣେ ସୁଖ୍ୟାତି ସମ୍ପନ୍ନ ବୈଜ୍ଞାନିକ, ଶିକ୍ଷାବିତ, ରାଷ୍ଟ୍ରପତି ସର୍ବୋପରି ଜଣେ ସାଧୁ ମଣିଷ ଥିଲେ । ସମାଜ ପ୍ରତି ତାହାଙ୍କ ତ୍ୟାଗ ଅବଦାନ ଅବିସ୍ମରଣୀୟ । ରାମେଶ୍ୱରମ୍ ଠାରୁ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ ପର୍ଯ୍ୟନ୍ତ ପହଞ୍ଚିବା ପଛରେ ତାହାଙ୍କର ଏକ ବିସ୍ତୃତ ଜୀବନ କାହାଣୀ ରହିଛି । ପାଠ ପଢିବା ସମୟରୁ ଦୁଆର ଦୁଆର ବୁଲି ଖବରକାଗଜ ବିତରଣ କରି ତାଙ୍କ ବାପାଙ୍କୁ ସାହାଯ୍ୟ କରି ଆସୁଥିଲେ । ଐକାନ୍ତିକ ନିଷ୍ଠା, ପ୍ରଚେଷ୍ଟା, ଆଗ୍ରହ, କଠିନ ପରିଶ୍ରମ ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ସେ ପେପର ବିକାଳିରୁ ଜଣେ ଆଗଧାଡିର ବୈଜ୍ଞାନିକ ତଥା ଭାରତର ଲୋକପ୍ରିୟ ରାଷ୍ଟ୍ରପତି ହୋଇପାରିଥିଲେ ସେପରି ଜଣେ ଯୋଗଜନ୍ମା, କର୍ତ୍ତବ୍ୟପରାୟଣ, ମିଷ୍ଟଭାଷୀ, ପରୋପକାରୀ, ସମାଜ ସୁଧାରକ, ନୀତିନିଷ୍ଠ ବ୍ୟକ୍ତିଙ୍କ ଜୀବନାଦର୍ଶକୁ ପାଥେୟ କରି ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଅଞ୍ଚଳରେ ଏକ ସାମାଜିକ ଅନୁଷ୍ଠାନ 'ଡକ୍ଟର ଏ.ପି.ଜେ. ଅବଦୁଲ କଲାମ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ' ଗଢ଼ି ଉଠି ସାରସ୍ୱତ କାର୍ଯ୍ୟକ୍ରମ ସବୁ ସଂପାଦନ କରିବା କ୍ଷେତ୍ରରେ ଆଗୁସାର ହୋଇଛି । ପରିଷଦର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଅଛନ୍ତି ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ବେହେରା । ତାହାଙ୍କ ଉଦ୍ୟମ, କର୍ମକର୍ତ୍ତାଙ୍କ ସହଯୋଗ, ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସାହାଯ୍ୟ ସହାନୁଭୂତି ବଳରେ ବହୁ ଜନହିତକର କାର୍ଯ୍ୟ ଯଥା ରକ୍ତଦାନ ଶିବିର, ଚକ୍ଷୁଦାନ ଶିବିର, ଅଙ୍ଗଦାନ ସଚେତନତା ଶିବିର, ଗ୍ଲୁକୁମା ଚକ୍ଷୁ ପରୀକ୍ଷା ଶିବିର, ଚକ୍ଷୁ ଓ ଦନ୍ତ ଚିକିତ୍ସା ଶିବିର, ଥିଲେ ଦିଅ ନଥିଲେ ନିଅ, ଶିରିଡି ସାଇ ମନ୍ଦିରରେ ଗରିବଙ୍କୁ କମ୍ବଳ ବଣ୍ଟନ, ମମି ଟ୍ରଷ୍ଟ ତରଫରୁ ପାଲୁରହିଲର ବୃଦ୍ଧାଶ୍ରମରେ ଚଦର ଓ ଚପଲ ବଣ୍ଟନ, ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ଉଦ୍ଦେଶ୍ୟରେ ଅମର ସହିଦ ସ୍ମୃତିସଭା, ବିଶିଷ୍ଟ ଚିନ୍ତାନାୟକଙ୍କ ବିୟୋଗରେ ଶୋକସଭା ଆୟୋଜନ ପରି କାର୍ଯ୍ୟକ୍ରମମାନ ସଂପନ୍ନ କରି ଆସିଅଛି । ପରିଷଦ ପରିବେଶର ବନ୍ଧୁ ଗଛଲତା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଆସିଛି । ସେ ଦୃଷ୍ଟିରୁ ବର୍ଷର ଅଧିକାଂଶ ସମୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ବିଭିନ୍ନ ସ୍ଥଳବିଶେଷରେ ସଫଳତାର ସହିତ ତୁଲାଇ ଆସିଛି । କରୋନା ସଚେତନତା, ମାଗଣାରେ ମାସ୍କ, ସାନିଟାଇଜର ଆଦି ବିତରଣ କରିଥିଲା । କବିତା ପାଠୋତ୍ସବ, ସାହିତ୍ୟ ଆସର ଇତ୍ୟାଦି ସାମାଜିକ କାର୍ଯ୍ୟସବୁକୁ ଉତ୍ତମ କର୍ତ୍ତବ୍ୟ ଭାବେ ସମାହିତ କରିବା ଆମ୍ଭମାନଙ୍କ ପାଇଁ ଗୌରବର ବିଷୟ । ଏହି ଅବଦୁଲ କଲାମ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ ବହୁ ସ୍ଥାନରୁ ସମ୍ମାନିତ ହୋଇସାରିଲାଣି । ମାଟିର ଗୌରବ ସମ୍ମାନିତ ଉତ୍ସବରେ ଭୁବନେଶ୍ୱର ଜୟଦେବ ଭବନଠାରେ ଟ୍ରଷ୍ଟ ସମ୍ମାନିତ, କୁସୁମ ଟିଭି ତରଫରୁ କଟକରେ ଟ୍ରଷ୍ଟ ସମ୍ମାନିତ, ଜୟଦେବ ଭବନରେ ଭରସାର ବନ୍ଧୁ ତରଫରୁ ସମ୍ମାନିତ, ବ୍ରହ୍ମପୁର ଖଲ୍ଲିକୋଟ କଲେଜ ପଡିଆରେ ପୁସ୍ତକ ମେଳା ତରଫରୁ ଟ୍ରଷ୍ଟ ସମ୍ମାନିତ । କେବଳ ସେତିକି ନୁହେଁ, ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ 'ଦେଶ ପ୍ରଗତିରେ ନାରୀର ଭୂମିକା'କୁ ଭିତ୍ତି କରି ପ୍ରକାଶ ପାଇବାକୁ ଥିବା, 'ସ୍ମୃତିସୁଧା'ର ସଫଳ ପରିପ୍ରକାଶ ଆଶା କରିବା ସହିତ ସମସ୍ତ ହିତାକାଂକ୍ଷୀଙ୍କୁ କୃତଜ୍ଞତା ଜ୍ଞାପନ କରୁଅଛି ।

(ପଞ୍ଚାନନ ସୁର)

# ସଂପାଦକୀୟ...




ଐତିହାସିକ ଗଡ଼ ଖଲ୍ଲିକୋଟର ସବୁଜ ବନାନୀ ଘେରା ପ୍ରାକୃତିକ ମନୋରମ ପରିବେଶ ମଧ୍ୟରେ ଗୋଟିଏ ପଟେ ମାରୁଆ ପାହାଡ଼ ଅତୀତର ମୁକସାକ୍ଷୀ ତୁଲ୍ୟ ଅବଦୁଲ କଲାମ ଶିକ୍ଷକ କଲ୍ୟାଣ ପରିଷଦରୁ ଗଠିତ ସରକାରୀ ପଞ୍ଜିକୃତ ଅବଦୁଲ କଲାମ ଚାରିଟେବୁଲ ଟ୍ରଷ୍ଟର ସ୍ମୃତିଗୁଡ଼ିକୁ ତା' ଉତ୍ତରପିଢ଼ିଙ୍କ କର୍ଣ୍ଣ ଗହ୍ୱରରେ ପ୍ରତିଧ୍ୱନିତ କରୁଛି । ଅପରପାର୍ଶ୍ୱରେ ବିରାଜିତ ମୁନିଜନ ବିମୋହନ 'ବାଘୁଆ' (ଜୟଦୁର୍ଗା) ଜାଗ୍ରତ ପ୍ରହରି ପରି ଜଗି ଦେଖୁଛି ତା'ର ଅତୀତକୁ । ମାରୁଆର ପାଦଦେଶରୁ ନିର୍ମଳ ନିର୍ଝର କୁଳୁକୁଳୁ ସ୍ୱନରେ କହୁଛି- ହେ ମୋର ଯୋଗ୍ୟ ସୁସନ୍ତାନ... ବିବିଧ ବ୍ୟକ୍ତିବିଶେଷଙ୍କ  ହାସ୍ୟ ପରିହାସ ତଥା ବାଧା ପ୍ରତିବନ୍ଧକକୁ ଏଡ଼ାଇ ଦେଇ କି ଭାବ ନେଇ ପ୍ରତିଷ୍ଠା କରିଥିଲ ଏଇ ଶିକ୍ଷକ କଲ୍ୟାଣରୁ ଜନମଙ୍ଗଳ ଅନୁଷ୍ଠାନକୁ । ଚାହୁଁ ଚାହୁଁ ବିତିଯାଇଛି ସାତ ବରଷ । ତା'ର ଲକ୍ଷ୍ୟ କେବଳ ପାରିପାର୍ଶ୍ୱିକ ଖଣ୍ଡମଣ୍ଡଳର ଜନସାଧାରଣଙ୍କ ଦେଶପ୍ରେମ ଶିକ୍ଷା, ସ୍ୱାସ୍ଥ୍ୟ ଆଦିର ବିକାଶ ସାଧନ । ସବୁ ପ୍ରତିବନ୍ଧକକୁ ଏଡ଼ାଇ ସେ କେବେ ପଛକୁ ଫେରିନାହିଁ । ଯିଏ ଯାହା କହୁନା କାହିଁକି ଦୃଢ଼ ଅଧ୍ୟକ୍ଷଙ୍କ ନେତୃତ୍ୱରେ ଚାହିଁଛି କେବଳ ଆଗକୁ ଆଗକୁ... । କି କର୍ତ୍ତବ୍ୟନିଷ୍ଠାର ନିରବଚ୍ଛିନ୍ନ ସାଧନ... ଲକ୍ଷ୍ୟ କେବଳ ଗ୍ରାମାଞ୍ଚଳ ଗରିବ ଜନତାଙ୍କ ସାମୂହିକ ବିକାଶ ଆଉ ସେହି ବିକାଶର ଛତ୍ରଛାୟା ତଳେ ବାର୍ଷିକ ଉତ୍ସବ ଆନୁକୂଲ୍ୟରେ ପ୍ରକାଶ କରୁଛି ବାର୍ଷିକ ମୁଖପତ୍ର 'ସ୍ମୃତିସୁଧା' ।

ଏଇ ଖଲ୍ଲିକୋଟ ମାଟି ଓଡ଼ିଶାର ସ୍ୱାଭିମାନ ତଥା ଗୌରବ ପ୍ରତି ଦୃଷ୍ଟି ଦେଇଥିବା ନାରାୟଣ ମର୍ଦ୍ଦରାଜଙ୍କ ସୁପୁତ୍ର ହରିହର ମର୍ଦ୍ଦରାଜଙ୍କ ପ୍ରଥମ ଉତ୍କଳ ସମ୍ମିଳନୀ (୧୯୦୨)ର ସ୍ୱପ୍ନ ଓ ସଂକଳ୍ପ, ମଧୁବାବୁ, ସତ୍ୟବାଦୀର ପଞ୍ଚସଖା ଗୋପବନ୍ଧୁ, ପ୍ରଥମ ଓଡ଼ିଆ ସାମ୍ବାଦିକ ନୀଳମଣି ବିଦ୍ୟାରତ୍ନ, ପ୍ରଥମ ଦୈନିକ ପତ୍ରିକା 'ଦୈନିକ ଆଶା'ର ସମ୍ପାଦକ ଶଶିଭୂଷଣ ରଥ ଆଦିଙ୍କୁ ଏକତ୍ର କରିବାର ପ୍ରୟାସ ଓ ଶୁଭଶଂଖ ବାଦନର ମୁଖସାକ୍ଷୀ ରୂପେ ରମ୍ଭା ରାଜପ୍ରାସାଦ ଓ ଚିଲିକା ଅଦ୍ୟାପି ବିରାଜମାନ । ଏହାଛଡ଼ା ସେ ସମୟର କୁଟୀର ଶିଳ୍ପ ଜରିଆରେ ଜୀବନ ଓ ଜୀବିକାକୁ ନେଇ ଚଳି ଆସୁଥିବା ଶହ ଶହ ଜନତା ଏବଂ ଶଗଡ଼ିଆଙ୍କ କରୁଣ କାହାଣୀ ଯନ୍ତ୍ରଶିଳ୍ପ ଓ ରାଜନେତାଙ୍କ ଲୋକଦେଖାଣିଆପଣ ଆଗମନ ପରେ କିପରି ଧ୍ୱସ୍ତ ବିଧ୍ୱସ୍ତ ହୋଇପଡ଼ିଛି; ଏଇ ଖଲ୍ଲିକୋଟର ଗଡ଼ର ବାସ୍ତବ ଚିତ୍ର ଗୋଦାବରୀଶ ମହାପାତ୍ରଙ୍କ 'ମାଗୁଣିର ଶଗଡ଼'  ଲୋକେ ବୋଲିବେ କ'ଣ ଆଦିରୁ ସ୍ପଷ୍ଟ ବାରି ହୋଇପଡ଼େ । ସେହିପରି ସାହିତ୍ୟ କ୍ଷେତ୍ରରେ ରାଜକବି ବାଲୁଙ୍କେଶ୍ୱର ମର୍ଦ୍ଦରାଜଙ୍କ 'ବିଚିତ୍ର ପୁରାଣ', କନକମଞ୍ଜରୀଙ୍କ 'ବାଳିକା ପାଠ', ବାଇକୋଳି ବିଶାରଦଙ୍କ କାଳଜୟୀ ଜ୍ୟୋତିଷ ପୁସ୍ତକ କିମ୍ୱା ପ୍ରଜାବନ୍ଧୁର ଭୂମିକା କମ୍ ନୁହେଁ । ସୁତରାଂ ଗଡ଼ର ମହାନତା ଐତିହ୍ୟ ପରିପ୍ରେକ୍ଷୀରେ ଅବଦୁଲ କଲାମ ଜନକଲ୍ୟାଣ ଚାରିଟେବୁଲ୍ ଟ୍ରଷ୍ଟର ଭୂମିକା ତଥା ଗୌରବମୟ କାର୍ଯ୍ୟକଳାପ ଜିଲ୍ଲାର ଅବଦାନକୁ ମହିମାମଣ୍ଡିତ କରିଛି କହିବା ଭୁଲ ହେବନାହିଁ ।

ଆମର ପ୍ରକାଶ ପାଉଥିବା 'ସ୍ମୃତିସୁଧା' ସ୍ମରଣିକାରେ ବିବିଧ ଲେଖନୀ ନିସୃତ ଗଦ୍ୟ-ପଦ୍ୟ, ପ୍ରବନ୍ଧ 'ଦେଶ ପ୍ରଗତିରେ ନାରୀର ଭୂମିକା' ସଂପର୍କୀୟ ତତ୍ତ୍ୱ ଓ ତଥ୍ୟ ସମ୍ୱଳିତ ସ୍ୱୟଂସଂପୂର୍ଣ୍ଣ ଲେଖାଗୁଡ଼ିକ ଅତି ସୁନ୍ଦର ଭାବେ ସ୍ଥାନିତ ହୋଇଛି । ଲେଖକଲେଖିକାମାନଙ୍କର ସ୍ୱଳ୍ପ ସମୟର ପ୍ରୟାସ ଆମ 'ମୁଖପତ୍ର'ଟିକୁ ଆଣିଦେଇଛି ଅନନ୍ୟ ସଫଳତା । ଆରମ୍ଭରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଅନୁଷ୍ଠାନ ସମ୍ମିଳିତ କିମ୍ୱା ସ୍ୱତନ୍ତ୍ର ଭାବେ ବହୁମୁଖୀ ସମାଜମଙ୍ଗଳ କାର୍ଯ୍ୟକ୍ରମ କରି ଜନସାଧାରଣ ତଥା ସରକାରୀ ସ୍ତରରେ ପ୍ରଶଂସିତ ହୋଇଆସିଛି । ଯାହାର ପ୍ରାମାଣିକ ରୂପ ଶୁଭେଚ୍ଛାବାର୍ତ୍ତା ବା ସନ୍ଦେଶ ଜରିଆରେ ଆନୁଷ୍ଠାନିକ ମୁଖ୍ୟମାନେ 'ସ୍ମୃତିସୁଧା'କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ବିଶେଷ କରି ହୃଦୟର ନିଭୃତ କୋଣରୁ କୃତଜ୍ଞତା ଜ୍ଞାପନ କରି ସହଯୋଗର ହାତ ବଢ଼ାଇଥିବା କିଛି ଶୁଭେଚ୍ଛୁ ବନ୍ଧୁ ଏବଂ ଯେଉଁମାନଙ୍କ ପୁଣ୍ୟ ପ୍ରୟାସ ତଥା ସହଯୋଗରେ ପୁସ୍ତକଟି ଆଜି ସ୍ୱୟଂସଂପୂର୍ଣ୍ଣ ହୋଇପାରିଛି, ଆଜିର ଏହି ପୁଣ୍ୟ ଅବସରରେ ସମସ୍ତଙ୍କୁ ସାଧୁବାଦ ଜଣାଉଛି । ତତ୍‌ସହିତ ଆମର ଉଲ୍ଲିଖିତ ବିଚାରକ ମଣ୍ଡଳୀ ଯେଉଁମାନେ କି ଲେଖା ସହିତ ଓତପ୍ରୋତ ଭାବେ ଜଡ଼ିତ ହୋଇ ଖଡ଼ିଠୁ ଖଡ଼ିକାଯାଏଁ ସଂଗ୍ରହ କରିବା ସହ ଲେଖାଗୁଡ଼ିକୁ ତର୍ଜମା ପୂର୍ବକ ସ୍ଥାନିତ କରିବା, ସାଂଗଠନିକ କାର୍ଯ୍ୟକୁ ଉତ୍ତମ ରୂପେ ସମ୍ପାଦନ କରୁଥିବା ସମସ୍ତ ସଦସ୍ୟସଦସ୍ୟା, ଅକ୍ଷର ସାଜସଜ୍ଜା, ମୁଦ୍ରଣ ପୂର୍ବରୁ ପୂର୍ଣ୍ଣାଙ୍ଗ ରୂପ ପ୍ରଦାନ କରିଥିବା ସମର୍ପିତ ବ୍ୟକ୍ତିତ୍ୱ ଶ୍ରୀ ସନ୍ତୋଷ କୁମାର ପଟ୍ଟନାୟକ, ମୁଦ୍ରଣ ଓ ପ୍ରକାଶନ ଦାୟିତ୍ୱ ସମ୍ପାଦନ କରୁଥିବା ଲୋକନାଥ ଅଫ୍‌ସେଟ୍‌ର ତତ୍ତ୍ୱାବଧାରକ ଲୋକନାଥ ମିଶ୍ର  ଆଦି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରୁଛୁ । ଯଦି ଏହି ପୁସ୍ତକ ସମ୍ପାଦନାରେ କିଛି ସଫଳତା ମିଳିଥାଏ ତାହା ସମ୍ପାଦନାମଣ୍ଡଳୀଙ୍କ ତେବେ କିଛି ନକରାତ୍ମକ ଗୁଞ୍ଜରଣ ସୃଷ୍ଟି ହୁଏ ତା ମୋ ପାଇଁ । ଆଶାକରେ ଜଗତର ନାଥ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଖୁସିରେ ରଖନ୍ତୁ ।

(ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ)



# ନାରୀ ବିମର୍ଶ: ପରିଦୃଶ୍ୟ ଓ ସମ୍ଭାବନା

**ପ୍ରଫେସର ବୈଷ୍ଣବଚରଣ ସାମଲ**

ନାରୀ ବିଶ୍ୱ ସୃଷ୍ଟିର ଏକ ବିସ୍ମୟ, ମାନବ ସୃଷ୍ଟିର ହେତୁ, ସ୍ନେହ, ପ୍ରେମ, କରୁଣାର ଜୀବନ୍ତ ବାର୍ତ୍ତା, ସହିଷ୍ଣୁତାର ଅତୁଳନୀୟ ଆଦର୍ଶ, ପାରିବାରିକ ବନ୍ଧନର କେନ୍ଦ୍ର, ତ୍ୟାଗର ପ୍ରତିଭୂ, ସାମାଜିକ ଶୃଙ୍ଖଳାର ମନ୍ମୟ ନିଦର୍ଶନ । ପୁରୁଷ ନାରୀର ସୃଷ୍ଟି; ଅଥଚ ପୁରୁଷ ଦ୍ୱାରା ନାରୀ ଅବହେଳିତ, ନିର୍ଯାତିତା, ହେୟା । ନାରୀ ଯେମିତି ପୁରୁଷ ପାଖରେ ଏକ ଦ୍ରବ୍ୟ (Community), ଏକ ପଣ୍ୟ-ସାମଗ୍ରୀ, ଏକ ଉପଭୋଗର ଯନ୍ତ୍ର । ତାର ଯେମିତି ଜୀବନ ନାହିଁ, ଆତ୍ମା ନାହିଁ, ଆଶା ଆକାଂକ୍ଷା ନାହିଁ; ସେ ଯେମିତି ପୁରୁଷ ହାତରେ ଏକ କ୍ରୀଡ଼ନକ । ଏଇଥିପାଇଁ ନାରୀ-ବିମର୍ଶର ଅଛି ଆବଶ୍ୟକତା । ଏହି ନାରୀ-ବିମର୍ଶ କ'ଣ ? ଏହା କ'ଣ ନାରୀର ରୂପ-ଗୁଣ-ଧର୍ମର ବିଚାର ନା ନାରୀର ସ୍ୱାଧିକାର-ସ୍ୱାତନ୍ତ୍ର୍ୟ-ସ୍ୱାଭିମାନର ବିଚାର ? ସମ୍ପ୍ରତି ତାହାର ପରିଦୃଶ୍ୟମାନ ସ୍ଥିତିଟି କ'ଣ ? ଏହି ପରିଦୃଶ୍ୟ ସ୍ଥିତି ରୂପର ଭବିଷ୍ୟତ ସମ୍ଭାବନା କ'ଣ ? ଏହାହିଁ ଆଲୋଚନାର ବିଷୟ ।

ସାମ୍ପ୍ରତିକ ସ୍ଥିତିରେ ନାରୀ ସମ୍ପର୍କରେ ଆଲୋଚନା କରିବାକୁ ଗଲାବେଳେ ଆମେ ସ୍ପଷ୍ଟ ଉପଲବ୍ଧି କରୁ ଯେ ନାରୀ-ନିଗ୍ରହ (Oppression) ଓ ନାରୀ ଶୋଷଣ (Explotation)ର ପୃଥିବୀ ବ୍ୟାପୀ ଅଛି ଏକ ଦୀର୍ଘ ଇତିହାସ । ସାମାଜିକ ପ୍ରଥା, ବାଲ୍ୟ ବିବାହ, ପର୍ଦ୍ଦାପ୍ରଥା, ନାରୀ-ଶିକ୍ଷା ପ୍ରତି ଅସ୍ୱୀକାର, ଧର୍ମ ସମ୍ବନ୍ଧୀୟ ଆଇନର ଦୃଢ଼ୀକରଣ ଇତ୍ୟାଦି ଯୋଗୁ ନାରୀର ଜୀବନ ହୋଇଛି ବେଦନାର୍ତ୍ତ ଓ ଅସହାୟ । ପୁରୁଷ ତାନ୍ତ୍ରିକ ସମାଜରେ ନାରୀର ସ୍ଥାନ ଏକାନ୍ତ ଗୌଣ । ନାରୀ ଯେପରି ପୁରୁଷର ଦୟାର ପାତ୍ରୀ । ସମୟର ବିବର୍ତ୍ତନ ସଙ୍ଗେ ସଙ୍ଗେ ହୁଏତ ଅଳ୍ପ ସଂଖ୍ୟକ ଶିକ୍ଷିତା ନାରୀ ପୁରୁଷ ସହତ ସମାନ ଅଧିକାର ଲାଭ କରି ବିଭିନ୍ନ ଦାୟିତ୍ୱ ନିର୍ବାହ କରୁଛନ୍ତି ମାତ୍ର ବିପୁଳ ସଂଖ୍ୟକ ନାରୀ ଜୀବନ ତମସାଚ୍ଛନ୍ନ ହୋଇରହିଅଛି । ଶତାବ୍ଦୀ ଶତାବ୍ଦୀ ଧରି ଭାରତୀୟ ନାରୀ ଅବଦମିତ ହୋଇରହିଆସିଛି । ଏଇମାତ୍ର ଉନବିଂଶ ଶତାବ୍ଦୀର ଶେଷ ଭାଗ ବେଳକୁ ଶିକ୍ଷାର ପ୍ରସାର ହେତୁ ଯେଉଁ ନବଶିକ୍ଷିତ ବର୍ଗର ଉତ୍ଥାନ ଘଟିଲା ସେହିମାନଙ୍କ ଆନ୍ତରିକ ଉଦ୍ୟମକ୍ରମେ ନାରୀମୁକ୍ତି (Women's ewancipation) ସମ୍ପର୍କରେ ସଚେତନତା ସୃଷ୍ଟି ହେଲା । ତଥାପି ଯେ ନାରୀର ସ୍ୱାଭାବିକ ଅନ୍ତର୍ନିହିତ ଶକ୍ତି (inner strength) ଓ ସୁଦୂର ଅତୀତର ପରମ୍ପରାଗତ ନାରୀ ସମ୍ପର୍କିତ ବିଚାରକୁ ଆଲୋଚନା ପରିସର ମଧ୍ୟକୁ ନିଆଯିବ ନାହିଁ; ଏପରି ନୁହେଁ । ଆମେ ଜାଣୁ ଯେ ନାରୀ ପ୍ରତି ସକଳ ପ୍ରତିକୂଳ ମନ୍ତବ୍ୟ ସତ୍ତ୍ୱେ ଋଗ୍‌ବେଦ କାଳରେ ଭାରତର ନାରୀକୁ ଉଚ୍ଚସ୍ଥାନ ପ୍ରଦାନ କରାଯାଇଥିଲା । ପୁରୁଷ ସହିତ ନାରୀର ଥିଲା ପୂର୍ଣ୍ଣ ସମାନତା ଓ ଅଧିକାର । ବୈଦିକ ନାରୀର ଉକ୍ତି "ଅହମସ୍ମି ବୀରିଣୀନ୍ଦ୍ର ପତ୍ନୀ" (ଋ ୧୦,୮,୯) ଅର୍ଥାତ୍ ମୁଁ ବୀରାଙ୍ଗନା ଓ ବୀରପତ୍ନୀ ।" ସେହି ନାରୀ କାମନା କରେ ଯେ ସେ ବିଜୟିନୀ ହେବ ଓ ତାଙ୍କ ପତି ଉତ୍ତମ ଯଶବାନ୍ ହୁଅନ୍ତୁ । (ଋ ୧୦,୧୫୯,୩) । ସେ କେବେ ନିଜକୁ ଦୁର୍ବଳା ଭାବିନାହିଁ; ବରଂ ସେ ସର୍ବଦା ନିଜକୁ ବଳବତୀ ଭାବିଛି । 'ଅହମସ୍ମି ସହମାନା ।' (ଅଥର୍ବ ୩,୧୮,୫) । ଏପରି ନାରୀକୁ ପତ୍ନୀ ଭାବରେ ଗ୍ରହଣ କରି ପୁରୁଷ ଗର୍ବ ଅନୁଭବ କରେ ଓ କହେ 'ଗୃଭ୍ଣାମି ତେ ସୌଭାଗତ୍ୱାୟ ହସ୍ତମ୍' (ଅ.୧୪,୧,୫୦) । ସୌଭାଗ୍ୟପ୍ରାପ୍ତି ପାଇଁ ପୁରୁଷ ନାରୀର ପାଣିଗ୍ରହଣ କରେ । ନାରୀ ଧର୍ମ ପତ୍ନୀ । ପୁରୁଷ ଗୃହପତି । ନାରୀ ଋକ୍, ପୁରୁଷ ସାମ୍ । ପୁରୁଷ ଆକାଶ, ନାରୀ ପୃଥିବୀ । ବେଦର ମନ୍ତ୍ର ସୂଚାଏ ଯେ ବିବାହ ଏକ ପୁଣ୍ୟ ବନ୍ଧନ । ଏହା ବର ଓ କନ୍ୟାଙ୍କୁ ହୃଦୟର ମଧୁମୟ ମିଳନ । ନାରୀ ସ୍ୱାମୀର କେବଳ ଜୀବନ ବ୍ୟାପୀ ସହଚରୀ ନୁହେଁ; ଦୁଃଖ ଓ ଯନ୍ତ୍ରଣାରେ ମଧ୍ୟ ସାଥୀ ଓ ଧାର୍ମିକ କାର୍ଯ୍ୟ ସହିତ ଅନ୍ୟାନ୍ୟ ସମସ୍ତ ମଙ୍ଗଳକର କାର୍ଯ୍ୟର ସହଯୋଗୀ । ବୈଦିକ ଶବ୍ଦ 'ଦମ୍ପତି' ସୂଚାଏ ଯେ, ସମସ୍ତ କର୍ମରେ ପୁରୁଷ ଓ ସ୍ତ୍ରୀର ଅଛି ସମାନ ଅଧିକାର । ଶାସ୍ତ୍ରରେ ବିପତ୍ନୀକକୁ ଯଜ୍ଞ କରିବା ପାଇଁ ନିଷେଧ କରାଯାଇଅଛି- 'ଅଯଜ୍ଞାବା ହ୍ୟେଷ ଯୋଽପତ୍ନୀକ'(ତୈତ୍ତିରୀୟ ବ୍ରାହ୍ମଣ, ୨,୧୨,୬) । ତୈତ୍ତିରୀୟ ସଂହିତା, ତୈତ୍ତିରୀୟ ବ୍ରାହ୍ମଣ, ଶତପଥ ବ୍ରାହ୍ମଣ, ଗୋପଥ ବ୍ରାହ୍ମଣ, ଐତରେୟ ବ୍ରାହ୍ମଣ ଆଦି ଗ୍ରନ୍ଥରେ ସ୍ପଷ୍ଟ ଭାବରେ ଉଲ୍ଲେଖ ଅଛି ଯେ ପୁରୁଷର ଅର୍ଦ୍ଧାଙ୍ଗ ନାରୀ । ତେଣୁ ନାରୀକୁ କୁହାଯାଏ ଅର୍ଦ୍ଧାଙ୍ଗିନୀ - 'ଅଥା ଅର୍ଦ୍ଧୋ ବା ଏଷ ଆତ୍ମନୋ ଯତ୍ ପତ୍ନୀ' । ନାରୀ ଥିଲା ଶିକ୍ଷିତା, ଯଜ୍ଞ କର୍ମ ନିପୁଣା, ଶାସ୍ତ୍ର ପ୍ରଣେତା, ବିଦୂଷୀ, ଋଷି । ଲୋପାମୁଦ୍ରା, ବିଶ୍ୱବରା, ଅପାଳା, ଘୋଷା, ଗାର୍ଗୀ, ଶାଶ୍ୱତୀ, ମାନ୍ଧାତ୍ରୀ, ମାଧବୀ, ମୈତ୍ରେୟୀ, ଅନୁଲକ୍ଷ୍ମୀ, ତରବା, ରୋହା, କୁହୂ ଆଦି ନାରୀ ଏହାର ଦୃଷ୍ଟାନ୍ତ । ବୈଦିକ ଯୁଗରେ ନାରୀକୁ ଦୁଇ ଭାଗରେ ବିଭକ୍ତ

କରାଯାଇଥିଲା । ଗୋଟିଏ ଶ୍ରେଣୀର ନାରୀକୁ କୁହାଯାଏ ‘ସଦ୍ୟୋଦ୍‌ବାହା’ ଅର୍ଥାତ୍ ଯିଏ, ଗୃହକର୍ମ ନିପୁଣା । ଅନ୍ୟ ଶ୍ରେଣୀଟିକୁ କୁହାଯାଏ ‘ବ୍ରହ୍ମବାଦିନୀ’, ଅର୍ଥାତ୍ ଆବାଲ୍ୟ ବ୍ରହ୍ମଚାରିଣୀ । ଏଇମାନେ ହୁଅନ୍ତି ଆଚାର୍ଯ୍ୟା ବା ଉପାଧ୍ୟାୟା । ପୁନଶ୍ଚ ପ୍ରାଚୀନ ଭାରତରେ ନାରୀକୁ ଯଥାକ୍ରମେ ‘ମହିଷୀ’ ବା ପାଟରାଣୀ, ପୁତ୍ରହୀନାପତ୍ନୀ ବା ‘ପରିବୃକ୍ତା’, ‘ବାଗତା’ ବା ପ୍ରିୟତମା ପତ୍ନୀ, ଓ ‘ପାଲାଗଲୀ’ ଅର୍ଥାତ୍ ରାଜନୀତିକ ଉଦ୍ଦେଶ୍ୟରେ ଯେଉଁନାରୀକୁ ବିବାହ କରାଯାଏ ଇତ୍ୟାଦି ଭାବରେ ବିଚାର କରାଯାଉଥିଲା । ବିଧବା ପ୍ରତି ପରିବାର ତଥା ସମାଜର ଥିଲା ସମ୍ମାନବୋଧ । ତାର ପୁନର୍ବିବାହ ପାଇଁ ପ୍ରତିବନ୍ଧକ ନଥିଲା । ବାଲ୍ୟବିବାହ ପ୍ରଥା ପ୍ରଚଳିତ ନଥିଲା । ବିଶିଷ୍ଟ ଗାନ୍ଧିବାଦୀ ରାଜନୀତିଜ୍ଞା ଓ ସମାଜସେବିକା ସୁଚେ଼ା କୃପାଳିନୀ ଅତୀତ କାଳରେ ନାରୀ ପ୍ରତିଥିବା ସମ୍ମାନ ସମ୍ପର୍କରେ କହନ୍ତି, “She was free in her movements, attends public assmeblies. Whe often chose her husband. Marriage was usual but not obligatory and the women who so chose could spend their life in literary and intellectual purshits.”

ପୁରାତନ ପରମ୍ପରାରେ କ୍ରମ ଅବକ୍ଷୟ ଘଟିଲା । ହିନ୍ଦୁ ସମାଜର ଅଧଃପତନର ଚିତ୍ର ଆମ ପ୍ରାଚୀନ ସାହିତ୍ୟରେ ଦେଖାଯିବା ସଙ୍ଗେ ସଙ୍ଗେ ସଂହିତା, ବ୍ରାହ୍ମଣ, ଉପନିଷଦ, ଧର୍ମସୂତ୍ର ଓ ସ୍ମୃତିଗ୍ରନ୍ଥମାନଙ୍କରେ ମଧ୍ୟ ପ୍ରତିଫଳିତ ହେଲା । ବିବାହ ହୋଇଗଲା ବାଧ୍ୟତାମୂଳକ । ଉଚ୍ଚଶିକ୍ଷା ଓ ବୈଦିକ ଆଚାର ବିଚାରରୁ ବଞ୍ଚିତ ହେବା ଫଳରେ ନାରୀ କ୍ରମେ ନାନାବିଧ ସଂସ୍କାର କାର୍ଯ୍ୟ ପାଇଁ ଅଯୋଗ୍ୟା ବିବେଚିତ ହେଲା । କନ୍ୟା ମଧ୍ୟ ଏକଦା ସଂସ୍କାର ଦ୍ୱାରା ଦ୍ୱିଜ ହେଉଥିଲା, ଶୂଦ୍ରମାନେ ବେଦ ଅଧ୍ୟୟନ କରୁଥିଲେ ମାତ୍ର ସଂସ୍କାର କ୍ରିୟା ବନ୍ଦ ହୋଇଯିବାରୁ ନାରୀ ଆଉ ଦ୍ୱିଜ ହୋଇପାରିଲା ନାହିଁ, ଶୂଦ୍ର ମଧ୍ୟ ବେଦ ଅଧ୍ୟୟନ କରିବାରୁ ବଞ୍ଚିତ ହେଲା । ଶ୍ରୀମଦ୍ ଭଗବତ ଗୀତା ରଚିତ ହେଲାବେଳକୁ ନାରୀ ସମାଜରେ ଗୌଣ ବିବେଚିତ ହୋଇଗଲାଣି । ଏଥିରେ ଉଲ୍ଲେଖ ଅଛି ଯେ ସ୍ତ୍ରୀ, ବୈଶ୍ୟ ଓ ଶୂଦ୍ର ଭଗବାନଙ୍କଠାରେ ଶରଣ ଗଲେ ମୁକ୍ତି ପାଇପାରିବେ- ‘ସ୍ତ୍ରୀୟୋ ବୈଶ୍ୟାସ୍ତଥା ଶୂଦ୍ରାସ୍ତେଽପି ଯାନ୍ତି ପରାଂ ଗତିମ୍ ।’ ଏହା ପରେ ପରେ ନାରଦ ନାରୀକୁ ପୁରୁଷର ଅଧୀନ ହୋଇ ରହିବାକୁ କହିଲେ । ଗୋଚାର୍ଯ୍ୟ ମନୁ ମଧ୍ୟ ନାରୀକୁ ନିମ୍ନ ସ୍ଥାନ ପ୍ରଦାନ କଲେ । ତାଙ୍କ ମତରେ ଯେଉଁ ନାରୀ ବୈଦିକ ଜ୍ଞାନ ଲାଭ କରିନାହିଁ ଓ ଶକ୍ତିହୀନ, ପରିତ୍ୟକ୍ତ, ଅସହାୟ ସେ ଅଶୁଦ୍ଧ । ତେଣୁ ତାକୁ ପୁରୁଷ ସହିତ ସମାନ ମର୍ଯ୍ୟାଦା ଦେବା ଅନୁଚିତ । ନାରୀ ପ୍ରତି ଏପରି ବାରଣ ସତ୍ତ୍ୱେ ଉଚ୍ଚବଂଶର କିଛି ନାରୀ ଉଚ୍ଚଶିକ୍ଷା ଲାଭ କରି କଳା, ସଙ୍ଗୀତ, ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କଲେ । ନାରୀ ହୁଏତ ହେଲା ପୁରୁଷର ଭୃତ୍ୟା, ଦୟାର ପାତ୍ରୀ ତଥାପି ସ୍ୱାମୀର ସହଯୋଗୀ ଓ ସମାନ ଅଂଶୀଦାର ହେବା ଅଧିକାରରୁ ସ୍ତ୍ରୀ ହେଲା ବଞ୍ଚିତା । ବୁଦ୍ଧଦେବ ନାରୀର ପ୍ରଭାବକୁ ଅସ୍ୱୀକାର କରିଥିଲେ । ଯଦିଓ ତାଙ୍କ ପ୍ରଚାରିତ ଧର୍ମ ମାର୍ଗରେ ଭିକ୍ଷୁଣୀମାନେ ଥିଲେ ମାତ୍ର ସେମାନଙ୍କୁ ନିମ୍ନସ୍ଥାନ ପ୍ରଦାନ କରାଯାଇଥିଲା । ପୁରୁଷର ସ୍ଖଳନ ଓ ବିପର୍ଯ୍ୟୟ ପାଇଁ ନାରୀ ଯେମିତି ଏକମାତ୍ର ଦାୟୀ ଓ ପୁରୁଷ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ-ଏହାଥିଲା ବୁଦ୍ଧଦେବଙ୍କ ଅଭିମତ । ଏଥିପାଇଁ ବୋଧହୁଏ ବିରାହମିହିର ‘ବୃହତ୍ ସଂହିତା’ କହିଲେ- “ମୋତେ କୁହ, ନାରୀର ଦୋଷ କ’ଣ, ଯେକି ପୁରୁଷ ପରି ଶିକ୍ଷା ପାଇପାରିବ ନାହିଁ ? ପୁରୁଷ ତାର ଗର୍ବ ହେତୁ ନାରୀକୁ ନ୍ୟୁନ ଦେଖୁଛି ମାତ୍ର କେଉଁ ଗୁଣରେ ନାରୀ ପୁରୁଷଠାରୁ ହୀନ ? ସେ କ’ଣ ପୁରୁଷଠାରୁ ଅଧିକ ଗୁଣବତୀ ନୁହେଁ ? ପୁରୁଷ ତ ନାରୀଠାରୁ ଜନ୍ମ, ତାହାହେଲେ କୃତଘ୍ନ ପୁରୁଷ କିପରି ନାରୀକୁ ଅବହେଳା ଓ ନିନ୍ଦା କରି ସମସ୍ତ ସୁଖ ଓ ଆନନ୍ଦ ପାଇବ ?’ (ଏସ୍.କୃପାଳିନୀ, ୨୧୫)

ପୁରାତନ ଯୁଗର ଅବସାନ ପରେପରେ ନାରୀ ହେଲା ଅବହେଳିତା । ପାରିବାରିକ ଓ ସାମାଜିକ କ୍ଷେତ୍ରରେ ସେ ପାଇଲା ଯନ୍ତ୍ରଣା । ଘରେ ଓ ବାହାରେ ସେ ହୋଇଗଲା ଗୌଣ । ପୁରୁଷ ସମାଜ ନିଜର ଯାବତୀୟ ଅବିଗୁଣ ସତ୍ତ୍ୱେ ନିଜକୁ ଉଚ୍ଚ ସ୍ଥାନରେ ରଖି ନାରୀକୁ ନିମ୍ନ ସ୍ଥାନରେ ରଖିଲା ଓ ନାରୀର ଆଦର୍ଶ, ସମ୍ମାନବୋଧ, ଆଜ୍ଞାବହତା, ତ୍ୟାଗ ଉପରେ ଗୁରୁତ୍ୱ ଦେଲା । ଗାନ୍ଧିଜୀ ହିଁ ପ୍ରଥମେ ନାରୀର ତ୍ୟାଗ ଓ ଯନ୍ତ୍ରଣାକୁ ସ୍ୱୀକୃତି ଦେଲେ, ନାରୀର ସ୍ୱାତନ୍ତ୍ର୍ୟ ଉପରେ ଗୁରୁତ୍ୱ ଦେଲେ । ଉନବିଂଶ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ନାରୀ ଥିଲା ପୁରୁଷ ହାତର କ୍ରୀଡ଼ନକ । ଏହି ସମୟରେ ଭାରତ ବର୍ଷରେ ଇଂରାଜୀ ଶିକ୍ଷିତ ଗୋଷ୍ଠୀର ଆବିର୍ଭାବ ଘଟିଲା । ଏମାନେ ପାଶ୍ଚାତ୍ୟ ଆଦର୍ଶରେ ନାରୀର ମୁକ୍ତି କାମନା କଲେ । ବ୍ରାହ୍ମ ସମାଜ, ଆର୍ଯ୍ୟ ସମାଜ ଓ ଆନିବେସାନ୍ତଙ୍କ ବ୍ରହ୍ମବିଦ୍ୟା ସମାଜ ନାରୀର ବିକାଶ, ସ୍ୱାଧିକାର ଓ ସ୍ୱାତନ୍ତ୍ର୍ୟ ପାଇଁ ଉଦ୍ୟମ କଲେ । ରାଜନୀତିକ ଓ ଧାର୍ମିକ ନେତାମାନେ ମଧ୍ୟ ନାରୀ ପ୍ରତି ହେଉଥିବା ଅନ୍ୟାୟ, ଅବିଚାର, ବିରୋଧରେ ସ୍ୱର ଉତ୍ତୋଳନ କଲେ । ବିଂଶ ଶତାବ୍ଦୀର ତୃତୀୟ /ଚତୁର୍ଥ ଦଶକ ବେଳକୁ ଗାନ୍ଧିଜୀ କହିଲେ- “ I am uncompromising she in the matter of women’s right, In my opinion she should labour under no legal, disability not suffered by man. I should treat daughters and nous or a footing of perfect equality.” ସେ ପୁନଶ୍ଚ କହିଲେ- “To

call woman the weaker sex is a libel; it is man's injustice to woman. If by strength is meant brute, strength them indeed is woman less brute than man. If by strengths meant moral pronoun, then woman is immeasureably man's suprior, Hao she not greater intution, is she not more self-sacrificing, has she not greater poers of indurance, has she not greater courage? without her man could not be, If non-violence is the law of our being, the future is with woman."

ନାରୀ ଓ ପୁରୁଷ ଈଶ୍ୱର ସୃଷ୍ଟି । ଦୁଇ ହୋଇ ମଧ୍ୟ ଏକ । ଜଣେ ଅନ୍ୟଜଣକର ପରିପୂରକ । ଗୋଟିକୁ ଛାଡ଼ି ଅନ୍ୟର ଜୀବନ ଅପୂର୍ଣ୍ଣ । ମହର୍ଷି ମନୁ ମାନବ ଧର୍ମ ଶାସ୍ତ୍ରରେ ନାରୀର ସ୍ୱାଧୀନତା ନାହିଁ ବୋଲି କହିଥିଲେ ମଧ୍ୟ ତାହା କିନ୍ତୁ ଯଥାର୍ଥ ନୁହେଁ । ସ୍ମୃତି ଗ୍ରନ୍ଥ ସବୁ ନାରୀର ମର୍ଯ୍ୟାଦାବୋଧକୁ ସ୍ୱୀକାର କରିଛନ୍ତି ମାତ୍ର କେତେକ ସ୍ମୃତିଶାସ୍ତ୍ର ନାରୀକୁ ନିନ୍ଦା କରିଛି । ନାରୀ ଯେତେବେଳେ ସିଦ୍ଧାନ୍ତରେ ଉପନୀତ ହେବ ଯେ ସେ Weaker sex ନୁହେଁ, ସେତେବେଳେ ସେ ପୁରୁଷ ଅପେକ୍ଷା ଅଧିକ ସଂଗ୍ରାମକ୍ଷମ ହୋଇପାରିବ । ଏହାର ଅର୍ଥ ନୁହେଁ ଯେ ନାରୀ ତାର ସ୍ୱାଧୀକାର ଓ ସ୍ୱାତନ୍ତ୍ର୍ୟ ଲାଭ କଲା ପରେ ଅନୈତିକ ହୋଇଯିବ ବୋଲି ଭାବିବା । ନାରୀଯେ କେବଳ ଅନୈତିକ ହୋଇଯିବ, ପୁରୁଷ ହେବ ନାହିଁ; ନୁହେଁ । ଉଭୟଙ୍କୁ ଧାର୍ମିକ ଓ ନୈତିକ ଜୀବନଯାପନ କରିବାକୁ ହେବ । ଧର୍ମକୁ ଛାଡିଦେଲେ ନୈତିକ ଜୀବନ ପିଟା ଘଣ୍ଟା ପରି । ପିଟା ଘଣ୍ଟା କେବଳ ଧ୍ୱନି ସୃଷ୍ଟି କରେ । ମୁଣ୍ଡରେ ବାଜିଲେ ମୁଣ୍ଡ ଫାଟିଯାଏ । ଗାନ୍ଧିଜୀ ନାରୀର ମୁକ୍ତି ପାଇଁ ଆହ୍ୱାନ ଦେଇ ଦେଇଥିଲେ, ପୁରୁଷ ତାର ପତ୍ନୀକୁ ନ୍ୟୁନ ଦୃଷ୍ଟିରେ ନ ଦେଖିବାକୁ କହିଥିଲେ । ନାରୀ ଅନ୍ଧ (Blindest of blind) ନୁହେଁ, କୌଣସି ଜାତିର ନର୍ଦ୍ଦମା ମଧ୍ୟ ନୁହେଁ ବୋଲି ବିବେକାନନ୍ଦ କହିଥିଲେ । ଭାରତୀୟ ନାରୀର ବୈଶିଷ୍ଟ୍ୟ-ସେ ମା' । ପରିବାର ଓ ସମାଜର ସେ ଆଦର୍ଶ କେନ୍ଦ୍ର । ଭଗବାନଙ୍କର ସେ ପ୍ରତିନିଧି (Represntative of God) । ସେ କହନ୍ତି, "The first manifestation of God is the hand that rocks the cradle" ଭାରତ ବର୍ଷରେ ନାରୀ ଓ ପୁରୁଷ ଉଭୟ ଥିଲେ ପୁରୋହିତ । ଉଭୟ ମଧ୍ୟ ଯଜ୍ଞ କରୁଥିଲେ । ଅଥଚ ସେହି ନାରୀକୁ ବୁଦ୍ଧ କହିଲେ ନରକର ରାସ୍ତା । କେବଳ ବୁଦ୍ଧ ନୁହଁନ୍ତି, ଥୋମାସ ଆକ୍ୱିନାସ୍, ସେଣ୍ଟ ବର୍ଣ୍ଣାଡ଼, ସେଣ୍ଟ ଆଣ୍ଟୋନି, ସେଣ୍ଟ ବୋନାଭେଓ୍ୱର, ସେଣ୍ଟ କୋରମ୍, ସେଣ୍ଟ ଗ୍ରିଗୋରୀ, ସେଣ୍ଟ ସାଇପ୍ରିୟାନ ପ୍ରମୁଖ ମଧ୍ୟ ନାରୀକୁ ନରକର ଦ୍ୱାର ରୂପେ ଅଭିହିତ କରିଅଛନ୍ତି । ଟର୍ଟୁଲିୟାନଙ୍କ ମତରେ, ନାରୀ ଈଶ୍ୱରଙ୍କ ଛବିକୁ ବିନାଶ କରେ (Distroyer of God's Image) । ଦାର୍ଶନିକ ରୁଷୋ ଓ ସୋପେନ ଆଓ୍ୱର ମଧ୍ୟ ନାରୀ ପ୍ରତି ନାନା ପ୍ରତିକୂଳ ମନ୍ତବ୍ୟ ପ୍ରକାଶ କରିଛନ୍ତି । ତଥାପି ଭାରତୀୟ ଶାସ୍ତ୍ର ଓ ପୁରାଣରେ ନାରୀ ପ୍ରତି ପ୍ରତିକୂଳ ମନ୍ତବ୍ୟ ସତ୍ତ୍ୱେ ଶ୍ରଦ୍ଧା ଅଛି । ମହାଭାରତର ଅନୁସନ୍ଧାନ ପର୍ବରେ ଉଲ୍ଲେଖ ଅଛି, "ସ୍ୱାୟଃ ତ୍ୱଭ୍ୟଧି"କଃ ସ୍ନେହେ ନ ତଥା ପୁରୁଷସ୍ୟବୈ ।" ପୁରୁଷ ଅପେକ୍ଷା ନାରୀ ତାର ସନ୍ତାନମାନଙ୍କ ପ୍ରତି ଅଧିକ ସ୍ନେହୀ । ସ୍ୱାମୀ ବରଣରେ ନାରୀର ସ୍ୱାଧୀନତା ଥିଲା ବୋଲି ଅମ୍ବାଙ୍କୁ ଭୀଷ୍ମ ତାଙ୍କ ଇପ୍‌ସିତ ପୁରୁଷ ପାଖକୁ ସସମ୍ମାନରେ ପଠାଇ ଦେଇଥିଲେ । (ମହାଭାରତ, ଆଦିପର୍ବ) । ସୀତା, ସାବିତ୍ରୀ, ଦ୍ରୌପଦୀ, ସୁଭଦ୍ରା ପ୍ରମୁଖ ନାରୀ ଚରିତ୍ରରୁ ସେମାନଙ୍କର ସ୍ୱାମୀ ନିର୍ବାଚନରେ ସ୍ୱାଧୀନ ମତକୁ ପୁରାଣକାର ସମ୍ମାନ ଜଣାଇଅଛନ୍ତି । ମନୁ ମଧ୍ୟ କହନ୍ତି ନାରୀ ହେଉଛି ଭଗବାନଙ୍କର ଏପରି ଏକ ସୃଷ୍ଟି, ଯିଏ ମା'ହେବାକୁ ଏକମାତ୍ର ଯୋଗ୍ୟା । ପୁରୁଷ ପିତା । ଧର୍ମ କାର୍ଯ୍ୟ ଓ ଜ୍ଞାନ ପାଇଁ ଉଭୟଙ୍କର ସହଯୋଗ ଦରକାର । ପରିବାରର ଆନନ୍ଦ ଓ ଆଲୋକ ପାଇଁ ଘରର ନାରୀମାନଙ୍କ ପ୍ରତି ସମ୍ମାନ ରହିବା ବିଧେୟ । ବୃହତ୍ ସଂହିତାରେ ସ୍ତ୍ରୀ ଲକ୍ଷଣ (ଅ.୭୦), ସ୍ତ୍ରୀ ପ୍ରଶଂସା(ଅ.୭୪), ସୌଭାଗ୍ୟକରଣମ୍ (ଅ.୭୫) ଅଧ୍ୟାୟଗୁଡ଼ିକରେ ନାରୀର ପ୍ରଶଂସା କରାଯାଇଅଛି ଓ କୁହାଯାଇଛି, 'ପୁଂ ସ୍ତ୍ରୀ ସମାଯୋଗଃ', ଏଥିରେ ପୁଣି କୁହାଯାଇଛି-

ରତ୍ନାନି ବିଭୂଷୟନ୍ତି ଘୋଷା,
ଭୂଷୟନ୍ତେ ବନିତା ନ ରତ୍ନକାନ୍ତ୍ୟା
ଚେତୋ ବନିତା ହରନ୍ତ୍ୟାରତ୍ନା,
ନୋ ରତ୍ନାନି ବିନାଙ୍ଗନାଙ୍ଗ ସଙ୍ଗାତ୍ ।

ନାରୀ ରତ୍ନକୁ ଅଳଙ୍କୃତ କରେ, ରତ୍ନର ମହିମା ବଢ଼େ ନାରୀ ପାଇଁ । ରତ୍ନ ବିନା ନାରୀ ପୁରୁଷର ହୃଦୟକୁ ଅଧିକାର କରେ । ତେଣୁ ରତ୍ନଦ୍ୱାରା ନାରୀ ଅଳଙ୍କୃତା ହୁଏ ନାହିଁ । ତେଣୁ ନାରୀ ହୁଏ ଗୃହଲକ୍ଷ୍ମୀ । ଯେଉଁ ପୁରୁଷ ନାରୀର ଗୁଣକୁ ଆଦର କରେ ନାହିଁ, ତାର ଦୋଷକୁ କେବଳ ଦର୍ଶାଏ ସେପରି ପୁରୁଷ ସମାଜ ପାଇଁ କଳଙ୍କ । ନାରୀ କେବଳ ସ୍ତ୍ରୀ ନୁହେଁ; ସେ ମାଆ । ତେଣୁ ସେ ନିଃସ୍ୱାର୍ଥପର, ସହିଷ୍ଣୁ, କ୍ଷମାମୟୀ । ସ୍ତ୍ରୀ ମାଆର ପଛରେ ଚାଲେ । ମା'ପ୍ରେମର ଜୀବନ୍ତ ଆଦର୍ଶ । ପରିବାରର ସେ ପରିଚାଳିକା । ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ - "Now, the ideal woman in India is the mother, the mother first, andthe mother last, the word woman calls upto the mind of the Hindu, Motherhood; and God is called mohter. x x In

the west, the mother is wife, the idea of woman hood is concentrated there-as wife. In the western home, the wife rules. In an Indian home the mother rules, wife belongs a home. Mother always lives is our homes.” ମନୁ ଯଦିଓ ନାରୀର ପ୍ରଶଂସା କରିଛନ୍ତି ତଥାପି ସେ ନାରୀକୁ ସ୍ୱାଧୀନତା ଦେବାର ପରିପନ୍ଥୀ । ସେ କହନ୍ତି –

ପିତା ରକ୍ଷତି କୌମାରେ, ଭର୍ତ୍ତା ରକ୍ଷତି ଯୌବନେ
ରକ୍ଷନ୍ତି ଛବିରେ ପୁତ୍ର, ନ ସ୍ତ୍ରୀ ସ୍ୱାତନ୍ତ୍ର୍ୟମର୍ହତି ।

ଅଥଚ ସେ ସଧବା ଓ ବିଧବା ନାରୀର ସ୍ୱଇଚ୍ଛାରେ ପାତ୍ର ଗ୍ରହଣକୁ ସମର୍ଥନ ଜଣାଇଛନ୍ତି । ସ୍ତ୍ରୀମାନଙ୍କର ସମ୍ପତ୍ତି ଉପରେ ଅଧିକାର ଓ ଦୁଷ୍ଟା ନାରୀଙ୍କ ପାଇଁ ଦଣ୍ଡ ପ୍ରସଙ୍ଗରେ ମଧ୍ୟ ଉଲ୍ଲେଖ କରିଅଛନ୍ତି । ଭାଗବତ ସ୍ତ୍ରୀ, ଶୂଦ୍ର ଓ ପତିତ ଦ୍ୱିଜଙ୍କର ବେଦ ଅଧ୍ୟୟନରେ ଅଧିକାର ନାହିଁ ବୋଲି କହିଥିଲାବେଳେ ଜୈନଦିଗମ୍ବର ସ୍ତ୍ରୀମାନଙ୍କର ମୋକ୍ଷପ୍ରାପ୍ତି ହୁଏ ନାହିଁ ବୋଲି ମତ ଦେଇଅଛନ୍ତି । ମନୁଙ୍କ ଦୃଷ୍ଟିରେ ନାରୀ ଶାସନର ଯୋଗ୍ୟା କୁହାଯାଇଥିଲେ ମଧ୍ୟ ପୁରୁଷଠାରୁ ନାରୀ ଯେ ଉତ୍କୃଷ୍ଟତର; ଏହା ବାରମ୍ବାର ସୂଚିତ ହୋଇଅଛି । ସୋମ ବା ଚନ୍ଦ୍ରଠାରୁ ଶୁଦ୍ଧତା, ଗନ୍ଧର୍ବଠାରୁ ସୁସଂସ୍କୃତ କଥା ଓ ଅଗ୍ନିଠାରୁ ଯେକୌଣସି ଖାଦ୍ୟ ଗ୍ରହଣ କରିବାର ସ୍ୱାଧୀନତା ନାରୀ ଲାଭ କରିଥିବାରୁ ସେ ସୁବର୍ଣ୍ଣ ପରି ସର୍ବତଃ ଶୁଦ୍ଧ ଓ ସୁନ୍ଦର । ମନୁ କହନ୍ତି ବ୍ରାହ୍ମଣର ଶୁଦ୍ଧତା ତାର ପାଦ, ଗାଭୀର ଶୁଦ୍ଧତା ତାର ପୃଷ୍ଠ, ଛାଗଳ ଓ କୁକୁରର ଶୁଦ୍ଧତା ପାଟି ମାତ୍ର ନାରୀର ଶୁଦ୍ଧତା ତାର ସର୍ବାଙ୍ଗ ।

ବ୍ରାହ୍ମଣାଃ ପାଦତୋ ମେଧ୍ୟାଃ ଗାବୋମେଧ୍ୟାଃ ତୁ ପୃଷ୍ଠତଃ
ଅଜାଶ୍ୱାନ ମୁଖତୋ ମେଧ୍ୟାଃ ସ୍ତ୍ରୀୟୋ ମେଧ୍ୟାଃ ତୁ ସର୍ବତଃ ।
(ମାନବ ଧର୍ମଶାସ୍ତ୍ର, ପୃ-୮)

ମନୁ ପୁଣି କୁହନ୍ତି ଯେ ଯେଉଁ ନାରୀକୁ ରକ୍ଷା କରିବାକୁ କେହି ନଥାନ୍ତି, ଯିଏ ବନ୍ଧ୍ୟା ଓ ଯାହାର ପୁତ୍ର ନଥାଏ, ଯାହାର ପରିବାର ନିର୍ବାପିତ, ଯେଉଁ ବିଧବା ତାର ମୃତ ସ୍ୱାମୀପ୍ରତି ବିଶ୍ୱସ୍ତା ରହିଥାଏ, ଯିଏ ରୋଗାକୀର୍ଣ୍ଣା, ସେପରି ନାରୀଙ୍କୁ ରାଜ୍ୟର ରାଜା ସୁରକ୍ଷା ଦେବା ଉଚିତ । ରାଜାଙ୍କର ଦାୟିତ୍ୱ ଏପରି ନାରୀଙ୍କର ସମ୍ପତ୍ତିକୁ ରକ୍ଷା କରିବା ସହିତ ଯେଉଁମାନେ ତାର ଅସହାୟତାର ସୁଯୋଗ ନେଇ ତାର ସମ୍ପତ୍ତି ହରଣ କରନ୍ତି ତାକୁ ଦଣ୍ଡବିଧାନ କରିବେ । ଆହୁରି ମଧ୍ୟ ସେ ମତ ଦିଅନ୍ତି ନିଜ ମାଆର ଗର୍ଭଜାତ ଭଗିନୀ, ଅବିବାହିତ ବା ଅନୂଢ଼ା ଯୁବତୀ, ନିମ୍ନଜାତିର ନାରୀ ବନ୍ଧୁପତ୍ନୀ ଓ ପୁତ୍ର ବଧୂ ସହିତ ଯୌନ କର୍ମ ଏକାନ୍ତ ଅପରାଧ ବା ମହାପାତକ । (ମାନବ ଧର୍ମଶାସ୍ତ୍ର, X-59) । ନାରୀକୁ ନାରୀକୁ ସୁରାପାନ, କରାଇ ତା’ସହିତ ଯୌନକ୍ରିୟା କରିବା ମଧ୍ୟ ଅପରାଧ(ମାନ-X-67) ‘ଅପସ୍ତମ୍ବ’ ଅନୁସାରେ ଯେଉଁ ପୁରୁଷ ସ୍ତ୍ରୀ ପ୍ରତି ବିଶ୍ୱାସଘାତକତା କରେ ତାର ପାପ ପ୍ରକ୍ଷାଳନ ପାଇଁ ତାକୁ ଗଧ ଚମଡ଼ା ପରିଧାନ କରି ଛଅମାସ ପର୍ଯ୍ୟନ୍ତ ଭିକ୍ଷା କରିବାକୁ ହୁଏ (ଅପ:I, 9,8), ପୁରୁଷର ଯୌନାକାଂକ୍ଷା ଶହେବର୍ଷ ହେଲେ ଗଲେ ମଧ୍ୟ ଉପଶମ ହୁଏ ନାହିଁ ମାତ୍ର ନାରୀ ତାର ଯୌନତୃଷ୍ଣାକୁ ଅକ୍ଲେଶରେ ଦମନ କରିଦିଏ । ଏସବୁ ସତ୍ତ୍ୱେ ଲକ୍ଷ୍ୟ କରାଯାଏ ନାରୀ ହୁଏତ ଗୃହର ରାଣୀ ଭାବରେ ସ୍ୱୀକୃତା ମାତ୍ର ତାର ସ୍ୱାଧୀନତା ନଥାଏ । ପ୍ରାଚୀନ ଯୁଗରେ ନାରୀକୁ ମର୍ଯ୍ୟାଦା ପ୍ରଦାନ କରାଯାଇଛି କିନ୍ତୁ ମଧ୍ୟଯୁଗରେ ନାରୀକୁ ପୁରୁଷର ନିୟନ୍ତ୍ରଣରେ ରଖାଯାଇ ତାର ସ୍ୱାତନ୍ତ୍ର୍ୟକୁ ବିଲୋପ କରାଯାଇଛି । ଯେତେବେଳେ ସମାଜ ଥିଲା ପୁରୁଷ ନିୟନ୍ତ୍ରିତ ସେତେବେଳେ ନାରୀ ଥିଲା ପୁରୁଷର ଇଚ୍ଛା ଓ ଦୟାର ଅଧୀନା । ବିଶେଷତଃ ବୈଦିକ ଯୁଗ ପରେ ପରେ ରାଜାମାନେ ହୋଇଗଲେ ରାଜ୍ୟର ମୁଖ୍ୟ । ରାଜାଙ୍କୁ ଘେରି ରହିଲେ ବ୍ରାହ୍ମଣ ପଣ୍ଡିତ, ମନ୍ତ୍ରୀ, ସେନାପତି ଓ ରାଜପରିଷଦ । ସମସ୍ତେ ପୁରୁଷ । ରାଜାମାନଙ୍କର ଯେପରି ନାରୀ-ବିଳାସ ପ୍ରାଧାନ୍ୟ ଲାଭ କଲା ସେହିପରି ଅନ୍ୟାନ୍ୟ ସାମନ୍ତବର୍ଗ ତଥା ରାଜକର୍ମଚାରୀମାନଙ୍କର ମଧ୍ୟ ସେହି ପ୍ରବୃତ୍ତି ବିସ୍ତାର ଲାଭ କଲା । ନାରୀ କ୍ରମଶଃ ହୋଇଗଲା ଉପଭୋଗର ଏକ ଯନ୍ତ୍ର ବିଶେଷ । ନାରୀକୁ ଅସୂର୍ଯ୍ୟଂପଶ୍ୟା କରି ରଖାଗଲା । ସେମାନଙ୍କର ଯେ ମନ ଓ ହୃଦୟଅଛି; ସେ ବିଷୟରେ ଆଦୌ ଧ୍ୟାନ ଦିଆଗଲା ନାହିଁ । ରାଇଚରଣ ଦାସଙ୍କ ଭାଷାରେ- ସ୍ତ୍ରୀ ଅବଳା, ବନିତା, ଲତା, କାମିନୀ । ତାର ତିନି ଦଶା । ବହୁକାଳ ଧରି ଏଇ ଚରିତ୍ର ସାହିତ୍ୟ ଆକାଶରେ ସନ୍ଧ୍ୟା ତାରା ରୂପେ କାମ କରୁଥିଲା । ତାର ଆବଶ୍ୟକତା ଏକ ଆଶ୍ରୟ । ତାର ଲୋଡ଼ା ଏକ ବିଷୟାଶ୍ରୟ । ପୁରୁଷର ଆଶ୍ରୟ । ତାର ବଳ କ୍ରନ୍ଦନ । ସେ ଏକ ବସ୍ତୁ । ପଣ୍ୟ । ବିଶା ତରାଜୁରେ ଓଜନ ହେବାର ଏକ ଚିଜ । ଦାସୀ । ପରିଚାରିକା । ବୋମ୍ବୀ । ପୁରୁଷର ଦେବତ୍ୱ ମଣିବାର ସମିଧ । ଆଧ୍ୟାତ୍ମିକ ସାଧନାର ଏକ ସାଧନ । ପୁରୁଷାତ୍ମାର ଗାଭୀ । ଯଉତୁକର ଏକ ସାମଗ୍ରୀ । ପୁରୁଷର ଅନୁଗମନ କାରିଣୀ, ଜନ୍ମରୁ ଜୁଇ ପର୍ଯ୍ୟନ୍ତ । ପୁରୁଷମାନଙ୍କର ଦୁର୍ଗତି ମୋଚନ ପାଇଁ, ହିତ ପାଇଁ, ଗୃହକର୍ତ୍ତାଙ୍କ ମଙ୍ଗଳ ବିଧାନ ପାଇଁ, ଧର୍ମାଚରଣ କରିବାର ଏକ ଆୟୁଧ । କାଳିସୀ ଲାଗିବାର ଏକ ମାଧ୍ୟମ ।” ନାରୀକୁ ଏହିପରି ବିଚାର କରାଯାଇଛି ରାଜତନ୍ତ୍ର କାଳରେ । ବେଦଠାରୁ ଆରମ୍ଭ କରି ସକଳ ଶାସ୍ତ୍ର, ପୁରାଣରେ ନାରୀ ପାଇଁ ନିୟମ ପ୍ରଣୀତ ହୋଇଛି ମାତ୍ର ପୁରୁଷ ପାଇଁ ନୁହେଁ । ‘ସତୀତ୍ୱ’- ଏଇ କଥାଟି କେବଳ ନାରୀ ପାଇଁ କୁହାଯାଇଛି; ପୁରୁଷ ପାଇଁ ନୁହେଁ । ଇଂରେଜମାନେ ଯେଉଁ ‘chestity’ କଥା କହନ୍ତି ତାହା ଉଭୟ ନାରୀ ଓ ପୁରୁଷଙ୍କ ପାଇଁ ପ୍ରଯୁଜ୍ୟ । ବିଶିଷ୍ଟ ବଙ୍ଗୀୟ ଔପନ୍ୟାସିକ ଶରତଚନ୍ଦ୍ର କହନ୍ତି-

"ମଣିମାଣିକ୍ୟ ବହୁମୂଲ୍ୟ ବସ୍ତୁ, କାରଣ ତାହା ଦୁଷ୍ପ୍ରାପ୍ୟ; ସହଜଲଭ୍ୟ ନୁହେଁ । ଏହି ଦୃଷ୍ଟିରୁ ଯଦି ନାରୀର ମୂଲ୍ୟାଙ୍କନ କରାଯାଏ ତେବେ ସଂସାରରେ ସେ ଦୁଷ୍ପ୍ରାପ୍ୟ ନୁହେଁ । ଜଳ ଏପରି ଏକ ବସ୍ତୁ ଯାହା ନିତ୍ୟ ପ୍ରୟୋଜନୀୟ ଅଥଚ ତାହାର ମୂଲ୍ୟକୁ ଲୋକେ ଗୁରୁତ୍ୱ ଦିଅନ୍ତି ନାହିଁ । କୌଣସି ମୁହୂର୍ତ୍ତରେ ବୁନ୍ଦାଏ ମାତ୍ର ଜଳର ଅଭାବ ଦେଖାଗଲେ ରାଜାଧିରାଜ ହୁଅନ୍ତୁ ନା କାହିଁକି ନିଜ ମୁକୁଟସ୍ଥ ବହୁମୂଲ୍ୟ ଶ୍ରେଷ୍ଠ ରତ୍ନଟିକୁ ଖୋଲିଦେବାକୁ ଦ୍ୱିଧାବୋଧ କରନ୍ତି ନାହିଁ । ଭଗବାନ ନ କରନ୍ତୁ; କୌଣସି ଦିନ ନାରୀ ବିରଳ ନ ହେଉ । କାରଣ ଯେଉଁଦିନ ନାରୀ ବିରଳ ହୋଇଯିବ ସେହିଦିନ ହିଁ ତାହାର ପ୍ରକୃତ ମୂଲ୍ୟର ଯଥାର୍ଥତା କେତେ ସେ ତର୍କର ଚୂଡ଼ାନ୍ତ ନିଷ୍ପତ୍ତି ମଧ୍ୟ ହୋଇଯିବ, ଆଜି ନୁହେଁ । ଆଜି କିନ୍ତୁ ସେ ସହଜଲଭ୍ୟ, ସୁଲଭ ।" ନାରୀ ପାଇଁ ପୁରୁଷ ଯୁଦ୍ଧ କରିଛି । ସାମ୍ରାଜ୍ୟ ଧ୍ୱଂସ ହୋଇଛି । ସ୍ୱର୍ଣ୍ଣ ଲଙ୍କା ଭସ୍ମ ହୋଇଛି । କୁରୁକ୍ଷେତ୍ରରେ ପ୍ରବାହିତ ହୋଇଛି ରକ୍ତନଦୀ । ସେହି ଶରତଚନ୍ଦ୍ରଙ୍କ ଭାଷାରେ ପୁରୁଷ ନିଜର ରାଜ୍ୟକୁ ରକ୍ଷା କରିବା ଅପେକ୍ଷା ନାରୀପ୍ରତି ଅଧିକ ଲୋଭାସକ୍ତ ହୋଇଉଠିଛି । ନିଜର କାମନା, ବାସନା, ବିଳାସ ଓ ଆସକ୍ତିକୁ ଚରିତାର୍ଥ କରିବାକୁ ଯାଇ ନାରୀ ପ୍ରତି ମିଥ୍ୟା ଦୋଷାରୋପ କରିଛି । ତାକୁ ଅଗ୍ନି ପରୀକ୍ଷା କରାଇଛି ସତିତ୍ୱର ନିଦର୍ଶନ ପାଇଁ । ଦୈହିକ ମିଳନ ଓ ଶାରୀରିକ ସୁଖକୁ ପ୍ରେମର ପରିଭାଷା କହିଛି ପୁରୁଷ । ଏହି ଭାବ ପୁରୁଷ ଭିତରେ ଯେତିକି ଯେତିକି ବଳବତ୍ତର ହୋଇଉଠିଛି, ସେତିକି ସେତିକି ସେ ନାରୀକୁ ମନେ କରିଛି ଏକ ପଣ୍ୟ ସାମଗ୍ରୀ ।

ନାରୀ ପୁଣି ବିଧବା ହୋଇଗଲେ ତାର ଜୀବନକୁ ବିପର୍ଯ୍ୟସ୍ତ କରିଦିଏ ଏହି ପୁରୁଷ ସମାଜ । ବଳପୂର୍ବକ ତାକୁ ମୃତସ୍ୱାମୀର ଚିତାନଳରେ ବସାଇ ଦିଆଯାଏ ଓ କୁହାଯାଏ ଯେ, ପରଲୋକରେ ସେ ତାର ସ୍ୱାମୀ ସହିତ ବାସ କରିବ । ଏହି ବର୍ବରତାର ଦୃଷ୍ଟାନ୍ତକୁ ପଣ୍ଡିତମାନେ ଋଗବେଦର ଉକ୍ତିକୁ ଉଦ୍ଧାର କରି ସମର୍ଥନ ଜଣାଇଥାନ୍ତି । ରାଜା ରାମମୋହନ ରାୟ ବେଦରେ ଥିବା ଶ୍ଳୋକର ବ୍ୟାଖ୍ୟା କରି ଦର୍ଶାଇ ଦେଇଛନ୍ତି ଯେ ତାହା ବିଧବାର ଚିତାଗ୍ନିରେ ଆତ୍ମାହୂତି ଦେବା ନୁହେଁ; ମୃତ ସ୍ୱାମୀର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମାପନ କରିବା ପାଇଁ ନିର୍ଦ୍ଦେଶ । କେବଳ ଭାରତ ବର୍ଷରେ ନୁହେଁ; ଫିଜିରେ ମଧ୍ୟ ବିଧବାକୁ ଚିତାନଳରେ ଦାହ କରାଯିବା ପରମ୍ପରା ଥିଲା । ଆଫ୍ରିକାରେ ବିଧବା ନାରୀକୁ ବେକରେ ଦଉଡ଼ି ଦେଇ ମରିବାକୁ ବାଧ୍ୟ କରାଯାଏ ବୋଲି ଟାଇଟଲର ସାହେବ ଉଲ୍ଲେଖ କରିଛନ୍ତି । ନାରୀ ଯେପରି ହୋଇଯାଇଛି ପୁରୁଷର ସ୍ଥାବର ସମ୍ପତ୍ତି । ତେଣୁ ସେ ତାକୁ ଯେପରି ବ୍ୟବହାର କଲେ ମଧ୍ୟ ତାହାର ପ୍ରତିବାଦ କରାଯାଉନଥିଲା । କେତେକ ଦେଶରେ ପ୍ରଥା ଅଛି ଯେ ଗୃହକୁ ଅତିଥି ଆସିଲେ ଗୃହସ୍ୱାମୀ ତାର ସ୍ତ୍ରୀକୁ ଅତିଥିକୁ ସମର୍ପଣ କରି ନିଜକୁ ଧନ୍ୟ ମନେ କରେ । ଆମେରିକାର ପ୍ରାଚୀନ ଚିନୁକ ଜାତି ଅତିଥିଙ୍କୁ ଘରର ବଡ଼ ଝିଅ ଓ ସ୍ତ୍ରୀକୁ ସମର୍ପଣ କରିଥାନ୍ତି । ଅରମ୍ୟାନ ସାହେବ ଲକ୍ଷ୍ୟ କରିଥିଲେ ଯେ ଅତିଥିଙ୍କ ତୃପ୍ତି ବିଧାନ ପାଇଁ କନ୍ୟା ଓ ପତ୍ନୀକୁ ଅତିଥିଙ୍କ ପାଖରେ ସମର୍ପଣ କରିବାର ଏକ ବିଧି ପ୍ରଚଳିତ । କେତେକ ଆଦିବାସୀ ସମାଜରେ ପୁରୁଷ ଋଣ ପରିଶୋଧ କରି ନପାରି ଋଣଗ୍ରହୀତାକୁ ନିଜର ପତ୍ନୀକୁ ବିକ୍ରୟ କରୁଥିଲା । ଏସବୁର କାରଣ ହେଉଛି କେତେକ ଜାତିର ପୁରୁଷ ବହୁ ବିବାହ (Polygary) ଓ ନାରୀ ବହୁପତି ଗ୍ରହଣ (Polyandry) କରିବା, ବାଲ୍ୟବିବାହ, ଶିଶୁବିଧବାର ବିବାହ ନଦେବା, ଯୌତୁକ ପ୍ରଥା, କନ୍ୟାସୁନା ବା କନ୍ୟାମୂଲ୍ୟ, ବିଧବାର ପୁନର୍ବିବାହ ପ୍ରତି ବିରୋଧ, ଛାଡ଼ପତ୍ର, ବିଧବା ପ୍ରତି ପରିବାରରେ ତଥା ସମାଜରେ ଦୁର୍ବ୍ୟବହାର, ସାମାଜିକ ଓ ପ୍ରଖ୍ୟାଗତ ନିୟମ, ଜାତି ତଥା ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତିରେ ଯୌନ ଶୋଷଣ, ପାରମ୍ପରିକ ଯୌଥ ପରିବାରର ଅସଂଗତି ଓ ବିପର୍ଯ୍ୟୟ, ନାରୀର ସମାଜରେ ନିମ୍ନ ସ୍ଥାନ ଇତ୍ୟାଦି । ନାରୀକୁ କେବଳ ମାତ୍ର ଉପଭୋଗର ଯନ୍ତ୍ର କରି ରଖିବା ହେତୁ ନାରୀ ପ୍ରତି ପୁରୁଷ ସମାଜ ନାନା ନିୟନ୍ତ୍ରଣ ଜାରି କରିଛି ଓ ଶଙ୍କରାଚାର୍ଯ୍ୟଙ୍କ ପରି ବ୍ୟକ୍ତି ନାରୀକୁ ନରକର ଦ୍ୱାର, ଲାଟିନ ଧର୍ମଯାଜକ ଟାରଟୁଲିୟାନଙ୍କ ପରି ବ୍ୟକ୍ତି ନାରୀକୁ ସଇତାନର ଦ୍ୱାର (The art of the devil's gate), ସର୍ବଜନୀନ ଆଧ୍ୟାତ୍ମିକ ନିୟମ (Divine law)ର ଧ୍ୱଂସକାରିଣୀ ବୋଲି ମତବ୍ୟକ୍ତ କରିଅଛନ୍ତି । ସେଣ୍ଟ ପଲ ଆହୁରି ପାଦେ ଆଗେଇଯାଇ କହନ୍ତି ଯେ ଧର୍ମସମ୍ବନ୍ଧରେ ନାରୀର ପୁରୁଷ ପରି ପ୍ରଶ୍ନ ପଚାରିବାର ଅଧିକାର ନାହିଁ । ନାରୀ ସର୍ବଦା ପୁରୁଷର ଅଧୀନ । ପୁରୁଷ ପାଇଁ ହିଁ ନାରୀ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି । ନାରୀର ମଧ୍ୟ ଅଧିକାର ନାହିଁ ପୁରୁଷକୁ ଶିକ୍ଷାଦାନ କରିବା ପାଇଁ । କାରଣ ନାରୀହିଁ ସଂସାରରେ ପାପର ସୃଷ୍ଟି କରିବାକୁ ଏକମାତ୍ର ଦାୟୀ । ତେଣୁ ସେମାନଙ୍କ ପକ୍ଷାରେ ଅନନ୍ତ ନର୍କ ଭୋଗ କରିବା ବ୍ୟତୀତ ଅନ୍ୟ କୌଣସି ପନ୍ଥା ନାହିଁ । ସେମାନଙ୍କ ସଦ୍‌ଗତିର ଏକମାତ୍ର ପନ୍ଥା ହେଉଛି ଗର୍ଭରେ ସନ୍ତାନ ଧାରଣ କରିବା ।

॥ ୨ ॥

ନାରୀ ପ୍ରତି ଯୁଗ ଯୁଗ ଧରି ଦୁଇପ୍ରକାର ଅଭିମତ ଦେଖାଯାଇଆସିଅଛି । ପ୍ରଥମ ଅଭିମତଟିରେ ନାରୀ ପୂଜ୍ୟା, ନାରୀ ମାଆ ଓ ତାର ପରିଚୟ ଏକମାତ୍ର ମାତୃତ୍ୱରେ । ସେ ପତ୍ନୀ ହୁଏ, କେବଳ ମାଆ ହେବା ପାଇଁ, ବଂଶ ରକ୍ଷା କରିବା ପାଇଁ, ମାନବ ଜାତିର ଧାର ଅବ୍ୟାହତ ରଖିବା ପାଇଁ । ତେଣୁ ବିବାହକୁ ଏକ ପବିତ୍ର ଅନୁଷ୍ଠାନ ରୂପେ ସ୍ୱୀକାର କରାଯାଇଛି । ନାରୀ ମଧ୍ୟ କନ୍ୟା ହୁଏ, ଭଗିନୀ ହୁଏ ଓ ଆହୁରି ଅନ୍ୟାନ୍ୟ ଅନେକ ରୂପରେ ପ୍ରକାଶ ପାଏ ।

ସବୁରୂପ ମଧ୍ୟରେ ମାଆ ରୂପଟି ତାର ଅନନ୍ୟ । ସେ ପୁଣି ଶିକ୍ଷାଲାଭ କରେ, ଋଷିକା ହୁଏ ବେଦ ତଥା ବେଦାନ୍ତର ଶ୍ଳୋକ ରଚନା କରେ, ଜ୍ଞାନଦୀପ୍ତ ଯୁକ୍ତିରେ ପୁରୁଷକୁ ପରାସ୍ତ କରେ । ଅଥଚ ଏହି ନାରୀଟିକୁ ପିତୃପ୍ରଧାନ ବା ପୁରୁଷ ପ୍ରଧାନ ସମାଜ ନ୍ୟୁନ ଦୃଷ୍ଟିରେ ଦେଖେ । ମାତୃପ୍ରଧାନ ବା ନାରୀପ୍ରଧାନ ସମାଜରେ ନାରୀର ସ୍ୱାତନ୍ତ୍ର୍ୟ ସ୍ୱୀକୃତ, ଯେମିତି ଦକ୍ଷିଣ ଭାରତରେ ମାତୃତନ୍ତ୍ର ବା କ୍ଷେତ୍ରପ୍ରଧାନ ସମାଜରେ ନାରୀର ମର୍ଯ୍ୟାଦା ସ୍ୱୀକୃତ । ଅନ୍ୟ ଅଭିମତଟିରେ ନାରୀ ପାପର ପ୍ରତୀକ, ନରକର ଦ୍ୱାର, ପୁରୁଷକୁ ଅନ୍ଧକାରକୁ ଟାଣିନେଇଯିବାର ଏକ ମାର୍ଗ । କେତେ ଋଷି, ସନ୍ଥ, ମହାପୁରୁଷ, ଧର୍ମଯାଜକ, ଜ୍ଞାନୀ, ଗୁଣୀ, ଏହିପରି କଥା କହିଯାଇଛନ୍ତି । ନାରୀକୁ ନିୟନ୍ତ୍ରଣ ଭିତରେ ରଖିବାକୁ କହିଛନ୍ତି । ଯେତେବେଳେ ନାରୀର ମୁକ୍ତ ବିକାଶ ଉପରେ ନିୟନ୍ତ୍ରଣ ଜାରି ହେଲା, ନାରୀର ଶିକ୍ଷାଲାଭ କରିବା ଅନୁଚିତ ବୋଲି କୁହାଗଲା, ରାଜତନ୍ତ୍ର ଓ ସାମନ୍ତତନ୍ତ୍ରରେ ନାରୀକୁ ବିଳାସର ସାମଗ୍ରୀ ଭାବରେ ଗ୍ରହଣ କରାଗଲା ସେତେବେଳେ ନାରୀ ବଞ୍ଚିବା ପାଇଁ ଓ ଜୀବନକୁ ଟିକେ ଭିନ୍ନ ଭାବରେ ଉପଭୋଗ କରିବା ପାଇଁ ଗୋପନ ପଥ ବାଛିନେଲା । ତେଣୁ ଆସିଲା ବେଶ୍ୟାପ୍ରଥା, ଦାସୀପ୍ରଥା । ଏଥିପାଇଁ କଣ କେବଳ ନାରୀ ଦାୟୀ । ପୁରୁଷର ଏଥିରେ ପ୍ରୋତ୍ସାହନ ନାହିଁ ? ? କାହାକୁ ନେଇ ନାରୀର ଏ ବେଶ୍ୟାବୃତ୍ତି ଓ ଦାସୀତ୍ୱ ବୃତ୍ତି ? ରାମାୟଣରେ ତ ଆମେ ଜରତାକୁ ଓ ଭାଗବତରେ ପିଙ୍ଗଳାକୁ ଦେଖୁ । ସମାଜର ଗଣ୍ୟମାନ୍ୟ ରାଜା ମହାରାଜାମାନେ ଏମାନଙ୍କ ପାଖକୁ ଯାଆନ୍ତି ନାହିଁକି ? କେତେଜଣ ପିଙ୍ଗଳାର ମାନସିକ ଚେତନାକୁ ବୁଝିଛନ୍ତି ? ଛାନ୍ଦୋଗ୍ୟ ଉପନିଷଦରେ ଜାବାଳର ମର୍ମବେଦନାକୁ ସେତେବେଳେ କେହି ଉପଲବ୍ଧି କଲାକି ? ମହାଭାରତରେ ଦ୍ରୌପଦୀକୁ ବିବସନା କରାଯିବା ଘଟଣା କଣ ଶେଷ ହୋଇଯାଇଛି ? ରାମାୟଣରେ ସୀତାଙ୍କ ସତୀତ୍ୱ ପରୀକ୍ଷା ପାଇଁ ଅଗ୍ନି ପରୀକ୍ଷା ଏବେ କ'ଣ ହେଉନାହିଁ ? ବୌଦ୍ଧ ଯୁଗରେ ପ୍ରଚଳିତ ଗଣବେଶ୍ୟା ପ୍ରଥା କ'ଣ ଆଉ ନାହିଁ ? ନାରୀ କ'ଣ ସ୍ୱଇଚ୍ଛାରେ ବେଶ୍ୟାବୃତ୍ତି କରେ ନା ତାକୁ ପାରିବାରିକ, ସାମାଜିକ ଓ ଆର୍ଥନୀତିକ ଅବସ୍ଥା ବାଧ୍ୟ କରେ ଏପରି ଯୌନ-ବ୍ୟବସାୟ ପାଇଁ ? ଦେହଭୋଗୀ ଓ ଅର୍ଥଲୋଭୀ ପୁରୁଷ ସମାଜ କ'ଣ ଏଥିପାଇଁ ଦାୟୀ ନୁହଁନ୍ତିକି ? ବେଶ୍ୟା କ'ଣ ପ୍ରେମ ଓ ଆବେଗରେ ଯୌନ-ସଙ୍ଗମ କରେ ? ଏ ସମ୍ପର୍କରେ କୁହାଯାଇଛି, "Prostitution is the granting of sexual access or a relatively indiscriminate basix for payment etither is money or goods, depending on the lomplexity of the local economic system. Payment, is acknoleged to be for a specific sexual performance." ଅର୍ଥ ବିନିମୟରେ ଯେଉଁ ନାରୀ ସହିତ କୌଣସି ପୁରୁଷର ଅନୈତିକ ସଙ୍ଗମ ହୁଏ ତାହାହିଁ ବେଶ୍ୟାବୃତ୍ତି । ନାରୀକୁ ବେଶ୍ୟାବୃତ୍ତିକୁ ଟାଣିନେବାରେ ପୁରୁଷର ଭୂମିକାକୁ ଅସ୍ୱୀକାର କରିହୁଏ ନାହିଁ । ଅତୀତ କାଳରେ ମନୁ, ଗୌତମ, ବୃହସ୍ପତି ପ୍ରମୁଖ ବେଶ୍ୟାବୃତ୍ତିକୁ ବନ୍ଦ କରିବା ପାଇଁ ଆହ୍ୱାନ ଜଣାଇଥିଲେ । ନାରୀକୁ ନେଇ ବ୍ୟବସାୟ କରିବା ନିନ୍ଦନୀୟ (Sinha & Basu, 1983, P.115), 'The wolfender committee' ୧୯୫୭ ମସିହାରେ ମତ ଦେଇଥିଲେ ଯେ ସରକାର କୌଣସି ନାରୀକୁ ବେଶ୍ୟାବୃତ୍ତି କରିବାକୁ ଲାଇସେନ୍‌ସ ଦେବା ଉଚିତ ନୁହେଁ । ବେଶ୍ୟାଳୟ ବା ବ୍ରଥେଲଗୁଡ଼ିକୁ ବନ୍ଦ କରିଦେବା ମଧ୍ୟ ଉଚିତ । ସରକାର ଯଦି ଏହା ନକରନ୍ତି ତେବେ ମନେ କରିବାକୁ ହେବ ଯେ ସରକାର ବେଶ୍ୟାପ୍ରଥାକୁ ସମର୍ଥନ କରୁଅଛନ୍ତି । ଅବଶ୍ୟ ଏହା ସତ୍ୟ ଯେ ସମାଜ ସହିତ ବେଶ୍ୟାବୃତ୍ତି ପ୍ରାୟ ସମସମୟ sangeଙ୍କ ମତରେ (୧୯୫୭) ବେଶ୍ୟା ପ୍ରଥା ସହିତ ଆଧୁନିକ ଯୁଗରେ 'କଲଗାର୍ଲ' ପ୍ରଥା ଆହୁରି ଜଟିଳ ହୋଇଉଠିଛି । ଭାରତ ବର୍ଷରେ ଔପନିବେଶିକ ଶାସନ ସମୟରେ ଯେଉଁ ବାବୁଶ୍ରେଣୀର ଉଦ୍ଭବ ଘଟିଲା ସେମାନେ ଆପଣାର ଯୌନ-ବିଳାସ ପାଇଁ ପ୍ରାୟ ୧୯୨୦ ମସିହା ପରବର୍ତ୍ତୀ ସମୟରୁ ଏହି କଲଗାର୍ଲ ଉପରେ ଗୁରୁତ୍ୱ ଦେଲେ । କଲଗାର୍ଲଙ୍କୁ କୁହାଗଲା Respectable, refined, elegant, aristocratic, Madam, ପ୍ରମିଳା ଠାକୁର ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ତଥାପି ବେଶ୍ୟା ପ୍ରଥା ଓ କଲଗାର୍ଲ ପରମ୍ପରା ଲୋପ ପାଇନାହିଁ । ଅପରପକ୍ଷରେ ଶିକ୍ଷିତ ଓ ଅଭିଜାତ ପରିବାରମାନଙ୍କରେ ନାରୀର ମଧ୍ୟ ସ୍ୱାତନ୍ତ୍ର୍ୟ ନାହିଁ । ଆଦିବାସୀ, ଦଳିତ ଶ୍ରେଣୀ ମଧ୍ୟରେ ସୁଦ୍ଧା ନାରୀମାନେ ସୁରକ୍ଷିତା ନୁହନ୍ତି । ଉପଭୋଗୀ ପୁରୁଷମାନଙ୍କର ଲାଳସାର ଶିକାର ହୋଇ ନାରୀ ଆଜି ମଧ୍ୟ ଅପହୃତା, ଧର୍ଷିତା ଓ ନିର୍ଯ୍ୟାତିତା । ଏହି ପରିଦୃଶ୍ୟମାନ ସ୍ଥିତିରେ ଆମକୁ ବିଚାର କରିବାକୁ ହେବ ନାରୀର ସ୍ୱାତନ୍ତ୍ର୍ୟ ଓ ସ୍ୱାଧିକାର ବିଷୟରେ ।

॥ ୩ ॥

ବିଶ୍ୱବ୍ୟାପୀ ନାରୀମୁକ୍ତି, ନାରୀସ୍ୱାତନ୍ତ୍ର୍ୟ ଓ ନାରୀ ସ୍ୱାଧିକାର ପାଇଁ ୧୯୪୫ ମସିହା ନଭେମ୍ବର ମାସ ୨୬ ତାରିଖରେ ପ୍ୟାରିସ୍ ସହରରେ ୮୧ ନିୟୁତ ମହିଳାଙ୍କ ପ୍ରତିନିଧି ଭାବରେ ୪୧ଟି ଦେଶର ମହିଳାମାନେ ଯୋଗଦେଇ 'ଆନ୍ତର୍ଜାତିକ ଗଣତନ୍ତ୍ରିକ ମହିଳା ମହାସଂଘ (Women's international Democratic Federation) ଗଠନ କରିଥିଲେ । ଯେଉଁ ସଭାରେ ସଭାପତିତ୍ୱ କରିଥିଲେ ବିଶ୍ୱବିଖ୍ୟାତ ଫରାସୀ ବୈଜ୍ଞାନିକ ଶ୍ରୀମତୀ 'ଇଉଜିନ କଟନ' । ଏହି ସଭା ଅନୁଷ୍ଠିତ ହୋଇଥିଲା ୧୯୪୬ ମସିହା ଡିସେମ୍ବର

୧ ତାରିଖରେ । ବିବିଧ ପ୍ରସ୍ତାବ ଗୃହୀତ ହୋଇ ମହିଳାମାନଙ୍କର ମାନବିକ ଅଧିକାର ସୁରକ୍ଷା, ମହିଳାମାନଙ୍କ ଭିତରେ ଅଧିକାରବୋଧ ଜାଗ୍ରତ କରିବାର ସଚେତନତା, ଶିକ୍ଷା ଓ ନିଯୁକ୍ତି ଉପରେ ଗୁରୁତ୍ୱ, ବିଶ୍ୱରେ ଶକ୍ତି ପ୍ରତିଷ୍ଠା, ନିରସ୍ତ୍ରୀକରଣ, ଗାଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତିଷ୍ଠା, ବର୍ଣ୍ଣବୈଷମ୍ୟ ବିଲୋପ, ଜାତିବାଦ ଓ ଫାସିବାଦର ବିନାଶ, ଶିଶୁ ସୁରକ୍ଷା ଓ ଲାଳନ ପାଳନର ବ୍ୟବସ୍ଥା ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା । ୧୯୭୫ ମସିହା ମାର୍ଚ୍ଚ ମାସ ୮ ତାରିଖରେ ମିଳିତ ଜାତିସଂଘ ମହିଳାମାନଙ୍କର ସମସ୍ତ ସମସ୍ୟାର ସମାଧାନ ପାଇଁ ଆନ୍ତର୍ଜାତିକ ମହିଳା ବର୍ଷ ଘୋଷଣା କରିଥିଲେ । ଏହି ସଭାରେ ୧୦୩ଟି ଦେଶର ମହିଳା ପ୍ରତିନିଧିମାନେ ଯୋଗଦେଇଥିଲେ । ନାରୀର ମର୍ଯ୍ୟାଦା, ସମ୍ମାନ ଓ ପୁରୁଷ ସହିତ ସମାନତା ପାଇଁ ଆହ୍ୱାନ ଦିଆଯିବା ସଙ୍ଗେ ସଙ୍ଗେ ନାରୀ ପ୍ରତି ହେଉଥିବା ଶୋଷଣ, ପୀଡ଼ନ ଓ ସାମାଜିକ ଅନ୍ୟାୟକୁ ବିରୋଧ କରାଯାଉଥିଲା ଓ ନାରୀର ପୂର୍ଣ୍ଣ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଓଡ଼ିଶାରେ ସ୍ୱାଧୀନତାର ପଚିଶ ବର୍ଷ ପରେ ମଧ୍ୟ ନାରୀର ସାମାଜିକ ଓ ଆର୍ଥନୀତିକ ସ୍ୱାଧୀନତା ନଥିଲା । ବରଂ ନାରୀ ସମାଜ ଭିତରେ ବିରାଜିତ ଥିଲା ଦାରିଦ୍ର୍ୟ, ନିରକ୍ଷରତା ଓ ଅଜ୍ଞାନତାର ଅନ୍ଧକାର । ନାରୀର ବିକାଶ ପଥରେ ପ୍ରଧାନ ଅନ୍ତରାୟ ଥିଲା କୁସଂସ୍କାର, ବାଲ୍ୟବିବାହ, ବହୁବିବାହ, ଯୌତୁକ, ଅଶିକ୍ଷା, ସ୍ୱାମୀ ଓ ପିତାର ସମ୍ପତ୍ତି ଉପରେ ଅବଧିକାର, ସରକାରୀ-ବେସରକାରୀ-ରାଜନୀତି କ୍ଷେତ୍ରରେ କାର୍ଯ୍ୟ କରିବାରେ ବାଧା । 'ଉତ୍କଳ ମହିଳା ସମିତି' ନାରୀର ମର୍ଯ୍ୟାଦା, ସମ୍ମାନ, ସମାନତା ଓ ସ୍ୱାଧିକାର ପାଇଁ କାର୍ଯ୍ୟ କଲା ଓ ନାରୀକୁ ସାମାଜିକ ନ୍ୟାୟ, ଆର୍ଥନୀତିକ ସ୍ୱାଧୀନତା ତଥା ସାମାଜିକ ପ୍ରତିଷ୍ଠା ଦେଶ ପାଇଁ ଉଦ୍ୟମ କଲା । 'ମହିଳା ବାର୍ତ୍ତା' (୧୯୮୦) ପ୍ରକାଶ ପାଇ ଯାବତୀୟ ଅଶ୍ଳୀଳତା ଓ ନାରୀର ନଗ୍ନଚିତ୍ର ବିଜ୍ଞାପନକୁ ବିରୋଧ କରାଗଲା । ୧୯୫୪ ମସିହାରେ 'National Federation of Women'ତରଫରୁ ଆୟୋଜିତ ସଭାରେ ସମାଜରୁ ସାମନ୍ତବାଦ ବିଲୋପ ପାଇଁ ନାରୀ-ଅନୁଷ୍ଠାନର ଆବଶ୍ୟକତାକୁ ଅନୁଭବ କରାଗଲା । ରାଜନୀତି, ଧର୍ମ, ଆଦର୍ଶ ଓ ଦର୍ଶନ ନିର୍ବିଶେଷରେ ସମସ୍ତ ମହିଳାଙ୍କୁ ଏକତ୍ରୀକରଣ କରିବା ସହିତ ଦରିଦ୍ର ଖଟିଖିଆ ଶ୍ରମଜୀବୀ ମହିଳାଙ୍କୁ ମଧ୍ୟ ସାମିଲ କରିଦିଆଗଲା । ନାରୀ ଜାଗରଣ ଫଳରେ ୧୯୫୪ ମସିହା ବେଳକୁ ହିନ୍ଦୁ ବିବାହ ଆଇନ୍, ଛାଡ଼ପତ୍ର ଓ ଭରଣପୋଷଣ ଆଇନ୍, ସମ୍ପତ୍ତି ଉପରେ ନାରୀର ଅଧିକାର ଆଇନ ସମ୍ପର୍କରେ ଚର୍ଚ୍ଚା କରାଗଲା ଓ ସେସବୁ କ୍ରମେ ଆଇନରେ ପରିଣତ ହୋଇ ନାରୀ ଭିତରେ ନୂତନ ଆଶାର ସଞ୍ଚାର କଲା । ପୁନଶ୍ଚ ଏକପତ୍ନୀ ଗ୍ରହଣ ହେଲା ବାଧ୍ୟତାମୂଳକ । ସ୍ୱାମୀ ଓ ସ୍ତ୍ରୀ ଉଭୟଙ୍କର ଛାଡ଼ପତ୍ର ଦେବାର ଅଧିକାର ସାବ୍ୟସ୍ତ ହେଲା । ନୂତନ ପୋଷ୍ୟ ସନ୍ତାନ ଆଇନ ଫଳରେ ଝିଅମାନେ ମଧ୍ୟ ପୋଷ୍ୟସନ୍ତାନ ରୂପେ ଗୃହୀତ ହେଲେ । ଯୌତୁକ ନିରୋଧ ଆଇନ (୧୯୮୪, ୧୯୮୬), ନାରୀ ଧର୍ଷଣ ଆଇନ୍ (୧୯୮୩), ହୋଇଗଲା ଫଳରେ ନାରୀ କ୍ରମଶଃ ନିଜର ଅଧିକାର ସମ୍ପର୍କରେ ସଚେତନ ହେଲା । ଏହା ବ୍ୟତୀତ ଅସତ୍ୟ ଘଟଣାର ବିରୋଧ, ଧର୍ଷଣ, ବଧୂହତ୍ୟା, ଦେହବ୍ୟବସାୟ, କନ୍ୟା ବିକ୍ରି ଇତ୍ୟାଦିକୁ ବିରୋଧ କରାଗଲା । ସଚେତନ ନାଗରିକମାନେ ଚିନ୍ତା କଲେ ଯେ ଅର୍ଥନୀତିକୁ ସ୍ୱାଧୀନତା ଦ୍ୱାରା ନାରୀର ସ୍ଥିତିରେ ଉନ୍ନତି ହେବ । ମହିଳା ସଙ୍ଗଠନ ସ୍ଥିର କଲା ଯେ ଏକ ସାର୍ବଭୌମ ଓ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଶାନ୍ତିପୂର୍ଣ୍ଣ ପୃଥିବୀ ପ୍ରତିଷ୍ଠା ଲାଭ କରିପାରିବ ।

ନାରୀ ସମସ୍ୟାର ସମାଧାନ, ନାରୀର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା, ନାରୀର ପୁରୁଷ ସହିତ ସମାନ ଅଧିକାର, ଆର୍ଥନୀତିକ ସ୍ୱଚ୍ଛଳତା, ବିଭିନ୍ନ କର୍ମକ୍ଷେତ୍ରରେ ଓ ରାଜନୀତି ସହିତ ହେଲା ନାରୀର ଯୋଗଦାନ ଇତ୍ୟାଦି ପାଶ୍ଚାତ୍ୟ ନାରୀବାଦ (Feminism) ଯୋଗୁଁ ଯେ ଉପରୋକ୍ତ ଦୃଷ୍ଟିକୋଣରୁ ଓଡ଼ିଆ ଗଳ୍ପ ସାହିତ୍ୟରେ ନାରୀ-ବିମର୍ଶ କିପରି ହୋଇଅଛି, ତାହା ଆଲୋଚ୍ୟ ।

ଓଡ଼ିଆ ଗଳ୍ପ ସାହିତ୍ୟରେ ନାରୀ-ବିମର୍ଶ ସମାଜରେ ନାରୀର ସ୍ଥିତିକୁ ନେଇ ହୋଇଥିବା ଲକ୍ଷ୍ୟ କରାଯାଏ । ଊନବିଂଶ ଶତାବ୍ଦୀର ଶେଷ ଭାଗରେ ସାମାଜିକ ସ୍ଥିତିରେ ନାରୀକୁ ଯେପରି ଦେଖାଯାଇଛି ତାହା ଫକୀରମୋହନ, ଚନ୍ଦ୍ରଶେଖର ନନ୍ଦ, ନନ୍ଦକିଶୋର ବଳ ପ୍ରମୁଖଙ୍କ ଗଳ୍ପରେ ପ୍ରକାଶ ପାଇଅଛି । ଏ ସମୟରେ ନାରୀର ସ୍ୱାତନ୍ତ୍ର୍ୟ ନଥିଲା, ଶିକ୍ଷା ନଥିଲା, ବିଧବାର ପୁର୍ନବିବାହ ନଥିଲା, ବାଲ୍ୟ ବିଧବା ବିବାହ କରିପାରୁନଥିଲା, ବୃଦ୍ଧ ବିବାହ ଥିଲା, କନ୍ୟା ବିକ୍ରି ଥିଲା । ନାରୀ ଓ ପୁରୁଷଙ୍କ ମଧ୍ୟରେ ଥିଲା ନାନା ବୈଷମ୍ୟ । ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଯଦିଓ ନାରୀ-ଶିକ୍ଷା ପ୍ରସାର ଲାଭ କରିଥିଲା ତଥାପି ନାରୀ ଥିଲା ଅବହେଳିତା ଓ ସ୍ୱାତନ୍ତ୍ର୍ୟ ରହିତା । ସ୍ୱାଧୀନତା ପରେ ନାରୀର ଶିକ୍ଷା ଆହୁରି ବିସ୍ତାରିତ ହେଲା; ତଥାପି ନାରୀ ପୁରୁଷର ଦୟାର ପାତ୍ରୀ ହୋଇ ରହିଲା । ନାରୀ ଆନ୍ଦୋଳନ ହୋଇଛି, ମହିଳା ସଙ୍ଗଠନ ନାରୀ ସଶକ୍ତିକରଣ ପାଇଁ ଆହ୍ୱାନ ଦେଉଛି, ନାରୀ ବିଭିନ୍ନ କ୍ଷେତ୍ରରେ ଚାକିରି କରିଛି, ଯୁଦ୍ଧ କରିଛି, ପୋଲିସ ହୋଇଛି, ରାଜନୀତି କରିଛି, ସମାଜସେବା କରିଛି, ସାହିତ୍ୟ ଲେଖିଛି, ନୃତ୍ୟ କରିଛି, ନାଟକ ଓ ସିନେମାରେ ଅଭିନୟ କରିଛି; ତଥାପି ନାରୀର ମୁକ୍ତି ହୋଇଛି କି ? ସେ କ'ଣ ଧର୍ଷିତା ହେଉନାହିଁ, ଅପହୃତା ହେଉ ନାହିଁ, ଯୌତୁକ ଯାତନା ପାଉନାହିଁ, ପ୍ରତାରିତା ହେଉନାହିଁ ? ନାରୀ ଓ ପୁରୁଷ ମଧ୍ୟରେ ଥିବା ଅସମାନତାକୁ ନୋବେଲ ପୁରସ୍କାର ବିଜେତା ଅମର୍ତ୍ତ୍ୟସେନ ନାନା ଦୃଷ୍ଟିରୁ ବିଚାରିଛନ୍ତି । ଉଭୟଙ୍କ ମଧ୍ୟରେ ଥିବା

ମୃତ୍ୟୁ ଜନିତ ଅସାମନତା, ଜନ୍ମଗତ ଅସମାନତା (Natality inequality), ମୌଳିକ ସୁବିଧା ପାଇବାରେ ଅସମାନତା, ପାରିବାରିକ ଜୀବନରେ ଅସମାନତା, ପୁତ୍ର ଓ କନ୍ୟାର ଯତ୍ନରେ ଅସମାନତା ଇତ୍ୟାଦିକୁ ସେ ବିଚାରକୁ ନେଇଛନ୍ତି । ଏହି ଅସମାନତା ହିଁ ନାରୀର ବିପର୍ଯ୍ୟୟର କାରଣ । ଓଡ଼ିଆ ଗଳ୍ପ ସାହିତ୍ୟରେ ଏହାର କଳାତ୍ମକ ରୂପ ଦେଖିବାକୁ ମିଳିଥାଏ ।

ଛାନ୍ଦୋଗ୍ୟ ଉପନିଷଦର ଗୋଟିଏ ଗଳ୍ପରେ ନାରୀ ମାଂସ ଲୋଭୀ ରାଜାର ପ୍ରଲୋଭନରେ ପ୍ରଲୁବ୍ଧା ହୋଇ ଅନ୍ତଃସତ୍ତ୍ୱା ହୋଇଥିବା ଜାବାଳ ଯେତେବେଳେ ପ୍ରତ୍ୟାଖ୍ୟାତା ହୋଇଗଲା ଓ ସ୍ତ୍ରୀର ମର୍ଯ୍ୟାଦା ପାଇଲା ନାହିଁ ସେତେବେଳେ ସେ ଭାଙ୍ଗି ପଡ଼ିଲା ନାହିଁ, ବରଂ ଅବିବାହିତା ମାଆ (Surrogate Mother) ଭାବରେ ନିଜର ପୁତ୍ର ସତ୍ୟକାମକୁ ନିଜ ନାମରେ ପରିଚିତ କରାଇ ତାର ଶିକ୍ଷା ବ୍ୟବସ୍ଥା କରିଦେଇଛି । ଦୃପ୍ତ କଣ୍ଠରେ ସେ ରାଜା ମହାରାଜା ତଥା ସାମନ୍ତମାନଙ୍କର ଛଦ୍ମତାର ମୁଖା ଖୋଲି ଦେଇଛି । ଆଜି ସେହି ଜାବାଳମାନେ ଗଲେ କୁଆଡ଼େ ? ଫକୀର ମୋହନଙ୍କ 'ରାଣ୍ଡୀପୁଅ ଅନନ୍ତା'ଗଳ୍ପର ମାଆ ଦେବକୀର ସ୍ୱାଭିମାନ ଓ ସ୍ୱାତନ୍ତ୍ର୍ୟ ନିକଟରେ ଯେତେବେଳେ ପୁରୁଷ ସମାଜ ଆତଙ୍କିତ ହେଉଥିଲେ ସେତେବେଳେ ସେହି ଦେବକୀକୁ କଥାକାର କେବଳ ତ୍ୟାଗ ଓ ଆତ୍ମସର୍ଜନ ଭିତର ଦେଇ ତାର ନିୟତିକୁ ଅବଧାରିତ କରିଦେଇ ନାହାନ୍ତିକି ? ରେବତୀ ପାଠ ପଢ଼ିବ ବୋଲି କହିବା ଓ ରେବତୀପାଠ ପଢ଼ିବାରେ ଜେଜୀମାଆର ବିରୋଧ, ପ୍ରାଚୀନ ପରମ୍ପରାର ପ୍ରତୀକା ଜେଜୀ ମାଆର ରେବତୀକୁ ତାଗିଦ୍ । କ'ଣ ଲୋ ? ମାଇକିନିଆ ଝିଅଟା ପାଠ କ'ଣ ? ରନ୍ଧାବଢ଼ା ଶିଖ୍, ପିଠାପଣା କରି ଶିଖ୍, ଝୋଟି ଦିଆ ଝିଖ୍, ଦହିମୁହାଁ 'ଶିଖ୍, ପାଠ କ'ଣ ?', ପୁଣି ପରିବାରର ଯାବତୀୟ ବିପର୍ଯ୍ୟୟ, ବାସୁଦେବର ମୃତ୍ୟୁ ଓ ଜେଜୀ ମାଆର ଆଖିକୁ ନ ଦିଶିବା ଇତ୍ୟାଦିର କାରଣ ରେବତର ପାଠପଢ଼ା ବୋଲି ଅନ୍ଧବିଶ୍ୱାସର ବଶବର୍ତ୍ତିନୀ ଜେଜୀ ମାଆ ମୁଖରେ ଯେପରି ଲେଖକ କୁହାଇଅଛନ୍ତି ତାହା ମଧ୍ୟ ଊନବିଂଶ ଶତାବ୍ଦୀର ନାରୀ ଶିକ୍ଷାପ୍ରତିଥିବା ମନୋଭାବକୁ ବ୍ୟକ୍ତ କରେ । ପାଠ ପଢ଼ିବା ପାଇଁ ରେବତୀର ଆଗ୍ରହ ନିୟତି ଦ୍ୱାରା ତୀବ୍ର ଆଘାତ ପାଇଛି ଓ ଶେଷରେ ଅସହାୟ ଭାବରେ ତାର ହୋଇଛି ନୀରବ ମୃତ୍ୟୁ । ସେକାଳର ସମାଜହିଁ ଥିଲା, ନାରୀଶିକ୍ଷା, ଓ ନାରୀମୁକ୍ତିର ବିରୋଧୀ । ରେବତୀ ସେହି ବିରୋଧର ଏକ ଜୀବନ୍ତ ରୂପ ଶିକାର ଗାରୁଡ଼ିମନ୍ତ୍ର' ଗଳ୍ପ ବେଳକୁ ସାମାଜିକ ପରିସ୍ଥିତି କ୍ରମଶଃ ବଦଳିଗଲାଣି । ଶିକ୍ଷିତ ଯୁବକ ଚାହିଁଛି ନାରୀର ମୁକ୍ତି । ସେତେବେଳେ ବିବାହ ପରେ ସ୍ତ୍ରୀ, ଶ୍ୱଶୁର ଘରେ ପିତ୍ରାଳୟର ଉପଦେଶ ମାନି ମୂକ ଭାବରେ ବ୍ୟବହାର କରୁଥିଲାପର୍ଦ୍ଦା ଭିତରେ ଆବଦ୍ଧ ହୋଇ ରହୁଥିଲା । ଉଚ୍ଚସ୍ୱରରେ କଥା କହିବା ନିଷେଧ । ସ୍ୱାମୀ ମଧ୍ୟ ନବ ବିବାହିତ ପତ୍ନୀର ମୁଖ ଦେଖିପାରେ ନାହିଁ । ଏହିପରି ଅବସ୍ଥାରେ ଗଳ୍ପନାୟକ ମଦନମୋହନ ଯେପରି ପତ୍ନୀର ଲଜ୍ଜା ନିବାରଣ ଓ ନାରୀ-ସ୍ୱାଧୀନତା ପାଇଁ ପଦକ୍ଷେପ ନେଇଛି ତାହା ହାସ୍ୟୋଦ୍ଦୀପକ ହେଲେହେଁ ନିନ୍ଦନୀୟ । ଏହିପରି ସ୍ୱର ଉତ୍ତୋଳିତ ହୋଇଛି 'ବୋହୂରୋଗ' (୧୯୧୪) ବିବାହିତା କନ୍ୟାର ଶାଶୁ ଘରେ ସବୁ ବିଷୟରେ ନୀରବ ରହିବା, ନଇଁ ନଇଁ ଚାଲିବା, ଉଚ୍ଚସ୍ୱରରେ କଥା ନ କହିବା ପାଇଁ ଉପଦେଶ ଦିଆଯାଇଛି । ଅସରପାଟିଏ ମୁଣ୍ଡ ଉପରେ ପଡ଼ିବା ହେତୁ ସେ ଚିତ୍କାର କରି ଉଠିବାରୁ ଶାଶୁ ବିରକ୍ତ ହୋଇଛି । ଫଳରେ ବୋହୂଟି ମୂକ ହୋଇ ରହିଛି । ବାପଘରକୁ ଗଲା ପରେ କଥା କହିଛି । ତେଣୁ ତାର ଶିକ୍ଷିତା ସ୍ୱାମୀ ଜନୈକ ବନ୍ଧୁଙ୍କ ନିକଟକୁ ପତ୍ରଲେଖି ଜଣାଇଛି- "Take lesson from my bitter exprience. All these things one due to my foolish obedience to evil customs ind their silly superstitions'." ଶିକ୍ଷିତ ଯୁବକମାନଙ୍କର ସଚେତନତାହିଁ ନାରୀମୁକ୍ତି ପାଇଁ ଯେ ଏକାନ୍ତ ଆବଶ୍ୟକ ଏକଥା ଫକୀରମୋହନ ଓ ସମକାଳୀନ ଅନ୍ୟାନ୍ୟ କଥାକାରମାନେ ଉପଲବ୍ଧି କରିଛନ୍ତି । 'ପ୍ରାୟଶ୍ଚିତ୍ତ' ଉପନ୍ୟାସରେ ଫକୀରମୋହନ ତେଣୁ କହନ୍ତି, "ବର୍ତ୍ତମାନ ସମାଜଗତ କୁସଂସ୍କାର ଦୂରୀକରଣ ଓ ସୁନୀତି ସୁନିୟମ ପ୍ରସାରଣ ବିଷୟରେ ବଦ୍ଧପରିକର ହେବା ପ୍ରତ୍ୟେକ ବିବେକଶାଳୀ ଶିକ୍ଷିତ ଲୋକ ପକ୍ଷରେ ନିତ୍ୟାନ୍ତ ବିଷୟରେ ବଦ୍ଧପରିକର ହେବା ପ୍ରତ୍ୟେକ ବିବେକଶାଳୀ ଶିକ୍ଷିତ ଲୋକ ପକ୍ଷରେ ନିତ୍ୟାନ୍ତ କର୍ତ୍ତବ୍ୟ । ଅନ୍ୟଥା ନିଶ୍ଚୟ ପ୍ରତ୍ୟବାୟର ବିଷୟ ଅଟେ । × × × ସମାଜଗତ କୁସଂସ୍କାର ଶରୀର ମଧ୍ୟରେ ଦୂଷିତ ଶୋଣିତ ତୁଲ୍ୟ ସମାଜ ଓ ଶରୀର ବିନାଶକାରୀ । ଦୂଷିତବଦ୍ଧ ଶୋଣିତ ନିତ୍ୟାନ୍ତ କଷ୍ଟକର, ବିନାଶକାରୀ, ତଥାପି ରକ୍ତମୋକ୍ଷଣକାରୀ ଅସ୍ତ୍ର ଚିକିତ୍ସକ ପ୍ରତିରୋଗୀ କିରୂପ ଭାବରେ ଦୃଷ୍ଟି କରିଥାଏ ? ସେଥିପାଇଁ ଜନହିତୈଷୀ ସମାଜ ସଂସ୍କାରମାନଙ୍କୁ ପ୍ରଥମତଃ ବିଷମ ଯନ୍ତ୍ରଣା ଭୋଗ କରିବାକୁ ହୁଏ । ମାତ୍ର ପରେ ସେମାନେ ଦେବତୁଲ୍ୟ ହୋଇଥାନ୍ତି ।"

ଫକୀରମୋହନ ସମାଜର ଉନ୍ନତି ପାଇଁ ନାରୀଶିକ୍ଷା ଓ ନାରୀମୁକ୍ତି ଉପରେ ଗୁରୁତ୍ୱ ଦେଇଅଛନ୍ତି । ନାରୀ ଯେତେବେଳେ ସ୍ୱାଧିକାରବୋଧରେ ଦୀପ୍ତିମାନ ହୋଇଉଠେ ସେତେବେଳେ ସେ କୁପଥଗାମୀ ପୁରୁଷକୁ ଠିକଗୋ ବାଟକୁ ନେଇ ଆସେ । ନାରୀ ଦୁର୍ବଳା ହେଲେ ପୁରୁଷ ତା'ଉପରେ ଅତ୍ୟାଚାର କରେ । 'ପେଟେଣ୍ଟମେଡ଼ିସିନ୍' ଗଳ୍ପରେ ସୁଲୋଚନା ସୁଗୃହିଣୀ ହୋଇଥିଲେ ମଧ୍ୟ ମଦ୍ୟପ ଓ ବେଶ୍ୟାସକ୍ତ ସ୍ୱାମୀକୁ ସମାର୍ଜନୀ ପ୍ରହାର ଦ୍ୱାରା ବାଟକୁ ଆଣିପାରିଛି । ଆଜି କିନ୍ତୁ ସେହି ସୁଲୋଚନାମାନଙ୍କର ସ୍ଥାନ କେଉଁଠି ?

ସେମାନେ ଗଲେ କୁଆଡ଼େ ? ଚନ୍ଦ୍ରମଣିମାନେ ଆଜି କ'ଣ ନାରୀ ଜୀବନକୁ ବିପର୍ଯ୍ୟସ୍ତ କରୁନାହାଁନ୍ତି ? 'ସଭ୍ୟ ଜମିଦାର' (୧୯୧୪) ମଲାର ନାୟକ ରାଜୀବ ଲୋଚନ 'ନାରୀ ସ୍ୱାଧୀନତା ବିବର୍ଦ୍ଧନୀ' ସଭା କରୁଥିଲେ ମଧ୍ୟ ନିଜର ପତ୍ନୀକୁ ଯେପରି ସ୍ୱେଚ୍ଛାଚାରିଣୀ କରିଦେଇଛି ଓ ସେହି କାରଣରୁ ସେ ଯେପରି ସର୍ବସ୍ୱ ହରାଇ ଚା'ବଗିଚାରେ କୁଲିକାମ କରିଛି, ତାହା ନାରୀ ମୁକ୍ତିର ନିଦର୍ଶନ ନୁହେଁ । ନାରୀମୁକ୍ତି ଅର୍ଥ ନାରୀ ସ୍ୱେଚ୍ଛାଚାରିଣୀ ନୁହେଁ । ସଂଯମତା ମାଧ୍ୟମରେ ସ୍ୱାଧୀକାର ପ୍ରତିଷ୍ଠା ଓ ପୁରୁଷକୁ ବିରୋଧ କରି ନୁହେଁ; ପୁରୁଷ ସହିତ ସମକକ୍ଷ ହୋଇ କାର୍ଯ୍ୟ କରିବା ଏବଂ ସମାଜ ଓ ରାଷ୍ଟ୍ରର କଲ୍ୟାଣ କରିବା ହିଁ ଯଥାର୍ଥ ନାରୀମୁକ୍ତିର ସନ୍ଦେଶ । ଉନବିଂଶ ଶତାବ୍ଦୀ ତଥା ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଯେପରି ବୃଦ୍ଧ ବିବାହ, ବାଲ୍ୟବିବାହ ଓ କନ୍ୟାସୁନା ପ୍ରଥା ପ୍ରଚଳିତ ଥିଲା ଫକୀରମୋହନ ହିଁ ସର୍ବ ପ୍ରଥମେ ତାହା ବିରୋଧରେ 'ବୀରେଇ ବିଶାଳ' ଓ 'ମାଧମହାନ୍ତିଙ୍କ କନ୍ୟା ସୁନା' ଗଳ୍ପରେ ସ୍ୱରୋତ୍ତଳନ କରିଛନ୍ତି । ଅର୍ଥଲୋଭରେ ପିତା ତାର ଅଳ୍ପ ବୟସର କନ୍ୟାକୁ ବୁଢ଼ାବର ସହିତ ବିବାହ ଦେଇଥିଲା । ନାରୀର ଶିକ୍ଷା ଓ ସଚେତନତା ଅଭାବରୁ ଏପରି ବୀଭତ୍ସ ପ୍ରଥା ପ୍ରଚଳିତ ଥିଲା । 'ବୀରେଇ ବିଶାଳ' ଗଳ୍ପରେ କମଳୀର ବୁଦ୍ଧି ଓ କାର୍ଯ୍ୟ ନାରୀ ସ୍ୱାଧିକାରର ପରୋକ୍ଷ ସୂଚନା ଦିଏ । ଦିବ୍ୟସିଂହ ପାଣିଗ୍ରାହୀ କିନ୍ତୁ ନାରୀର ସ୍ୱେଚ୍ଛାଚାରିତା ଓ ଗୋପନପ୍ରୀତିକୁ ଦର୍ଶାଇ ଦେଇଛନ୍ତି 'ଆଦ୍ୟ ପରିଣାମ' ଗଳ୍ପରେ । ଏହା ନାରୀ ମୁକ୍ତି ନୁହେଁ; ନାରୀ ମୁକ୍ତି ନାମରେ ବିଭତ୍ସତା । କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର 'ଅଧିକାର' (୧୯୨୫) ଗଳ୍ପ ମଧ୍ୟ ନାରୀମୁକ୍ତି ନାମରେ ନାରୀ ସ୍ୱେଚ୍ଛାଚାରିତାର ଅନ୍ୟତମ ନିଦର୍ଶନ ।

ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର 'ପରଦାସୀନ' ଗଳ୍ପର ଶିକ୍ଷିତା ନାୟିକା ସରୋଜିନୀ, 'ନାରୀର ଗତି' ଗଳ୍ପରେ ବାଲ୍ୟବିବାହ କରି ଅକାଳରେ ବିଧବା ହୋଇଥିବା ସୁଲକ୍ଷଣାର ମାନସିକ ଯନ୍ତ୍ରଣା ଓ ଜମିଦାର ଦିଗମ୍ବରଙ୍କର ତାକୁ ବିବାହ କରିବାର ଚକ୍ରାନ୍ତ ଓ ତାର ବିରୋଧରେ ଆତ୍ମହତ୍ୟା, 'ବିଧବା କନ୍ୟା' ଗଳ୍ପ ବାଲ୍ୟ ବିଧବା ହୋଇଥିବା ପ୍ରତି ମାଆର ସହାନୁଭୂତି ଓ ସମାଜର ସକଳ ବାଧା ସତ୍ତ୍ୱେ କନ୍ୟାର ପୁର୍ନବିବାହ, 'ବାଣୀଘର' ଗଳ୍ପର ଯୌତୁକ ବିରୋଧୀ ଚିନ୍ତା, 'ଅନ୍ନଛତ୍ର' ଗଳ୍ପର ସୀତାର ଜୀବନ ବଞ୍ଚିବା ପାଇଁ ସଂଗ୍ରାମ, ନାରୀମୁକ୍ତି ପାଇଁ ଗୋଟିଏ ଗୋଟିଏ ସଚେତନ ଆହ୍ୱାନ । ଅର୍ଥଲୋଭୀ ଓ ଦେହଲୋଭୀ ପୁରୁଷ ଯେ ନାରୀ ବିପର୍ଯ୍ୟୟର କାରଣ ଓ ନାରୀର ସଚେତନତା ଦ୍ୱାରା ଯେ ପୁରୁଷର ବର୍ବରତାର ବିଲୋପ ସମ୍ଭବ, ଏହାହିଁ ଗୋଦାବରୀଶଙ୍କ ଗଳ୍ପର ବାଣୀ । ଅନ୍ୟତମ ବିଶିଷ୍ଟ କଥାକାର ଗୋଦାବରୀଶ ମହାପାତ୍ର ତାଙ୍କର ଗଳ୍ପମାନଙ୍କରେ ସାମାଜିକ ନ୍ୟାୟ ଉପରେ ଗୁରୁତ୍ୱ ଦେଇ ନାରୀମୁକ୍ତି ଓ ନାରୀ ସ୍ୱାଧୀକାର ଉପରେ ଗୁରୁତ୍ୱ ଦେଇଅଛନ୍ତି । 'ପଣ୍ଡିତଙ୍କ ସିଦ୍ଧିଲାଭ', 'ପତିତାର ପୁଅ', 'କ୍ଷୁଧାତୁର', 'ନୀଳମାଷ୍ଟ୍ରାଣୀ' ଆଦି ଗଳ୍ପରେ ନାରୀର ଦୁର୍ଦ୍ଦଶା, ବିଧବାର ଅସହାୟତା, ନାରୀର ଶିକ୍ଷା ଓ ଜୀବନ ବଞ୍ଚିବାର ଉପାୟ ଅନ୍ୱେଷା ବେଶ୍ ଜୀବନ୍ତ ଭାବରେ ଫୁଟି ଉଠିଛି । ନୀଳ ବାଲ୍ୟ ବିଧବା ହେଲା । ଅର୍ଜୁନ ଭୂମିକାରେ ଅଭିନୟ କରୁଥିବା ଧ୍ରୁବ ସେଠାକୁ ବିବାହ କଲା ମାତ୍ର ମଦ୍ୟପ ଧ୍ରୁବ ଦ୍ୱାରା ସେ ହେଲା ଅତ୍ୟାଚାରିତା । ନୀରବରେ ସେ ଅଶ୍ରୁପାତ କଲା । ନାରୀମୁକ୍ତିର ସ୍ୱାଦସେ ପାଇପାରିଲା ନାହିଁ । ଆଜି ମଧ୍ୟ ନୀଳମାଷ୍ଟ୍ରାଣୀମାନେ ସମାଜରେ ଅଛନ୍ତି ମାତ୍ର ସେମାନଙ୍କର ମୁକ୍ତି କାହିଁ ? କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କର 'ଆତ୍ମକାହାଣୀ' ଗଳ୍ପ ବିଧବାର ପୁନର୍ବିବାହ ଓ ନାରୀମୁକ୍ତି ପାଇଁ ଏକ ଆବେଗିକ ଆହ୍ୱାନ । 'ରୁଦ୍ରାକ୍ଷ', 'ନିୟତିର କ୍ରୀଡ଼ା', ଅନନ୍ତ ପ୍ରସାଦ ପଣ୍ଡାଙ୍କର 'ଅତୃପ୍ତ ବାସନା', 'କର୍ମର ଫଳ', 'ଛତ୍ରଖାଇ' ଆଦି ଗଳ୍ପରେ ବିଧବା ଜୀବନର ଶେଷହୀନ ଦୁଃଖ ଓ ନାରୀର ମୁକ୍ତି ପାଇଁ ଇଙ୍ଗିତ ଅଭିବ୍ୟକ୍ତ ।

ନାରୀର ସ୍ୱାଧୀକାରବୋଧ ପ୍ରକାଶ ପାଇଛି ଭଗବତୀ ଚରଣ ପାଣିଗ୍ରାହୀଙ୍କ 'ଜୀବନର ସମାଧି' ଗଳ୍ପରେ । ଏହି ଗଳ୍ପରେ ବୃନ୍ଦାଚାକରାଣୀ ମାଲିକ ଶ୍ରେଣୀ ବିରୋଧରେ ସ୍ୱରଉତ୍ତୋଳନ କରି କହିଛି– 'ଡ଼ରିବି କିଆଁମ ?' ମୁଁ କ'ଣ କାହାଠାରୁ ମାଗି ଖାଉଚି କି ? ହକ କାମ କରୁଛି, ମୋ ଗଣ୍ଡାକ ଆଣୁଚି ।' ବୃନ୍ଦା ଯେତେବେଳେ ଯୁବତୀ ଥିଲା ସେତେବେଳେ ସେ କେତେ ପୁରୁଷଙ୍କ ପ୍ରଲୋଭନରେ ପଡ଼ିଥିଲା । କିନ୍ତୁ ବୟସ ହୋଇଗଲା ପରେ ସେ ପୁରୁଷର ସ୍ୱରୂପକୁ ଜାଣିଛି । ତେଣୁ ସେ କଳଙ୍କକୁ ଯୁଦ୍ଧର ବ୍ରଣ ଚିହ୍ନ ରୂପେ ମନେ କରିଛି । ତାର ସ୍ୱାଭିମାନ ପ୍ରକାଶ ପାଇଛି । ସେ କାହାରି ଉପରେ ନିର୍ଭର ନକରି ନିଜେ ଖଟିଛି ଓ ଯାହା ରୋଜଗାର କରିଛି ସେଥିରେ ଚଳିଛି । ଆର୍ଥନୀତିକ ସ୍ୱାଧୀନତା ହିଁ ନାରୀକୁ ବଞ୍ଚିବାର ସୁଯୋଗ ଦିଏ । ଭଗବତୀଚରଣ ଏହି କଥାକୁ ସୂଚାଇ ଦେଇଛନ୍ତି । 'ହାତୁଡ଼ି ଓଦା', ଗଳ୍ପରେ ମଧ୍ୟ ସେ ଦର୍ଶାଇ ଦେଇଛନ୍ତି ଦରିଦ୍ର ନାରୀର ଅସହାୟତା ଓ ତା'ପ୍ରତି ସମାଜପତିର ପୈଶାଚିକ ବ୍ୟବହାର ସମ୍ପର୍କରେ । ଦାରିଦ୍ର୍ୟର ସମ୍ମୁଖୀନ ହୋଇନାରୀ କିପରି ବେଶ୍ୟାବୃତ୍ତି କରେ ତାହାକୁ ମଧ୍ୟ ଲେଖକ ସୂଚାଇ ଦେଇଅଛନ୍ତି । ନିତ୍ୟାନନ୍ଦ ମହାପାତ୍ରଙ୍କର 'ରୁଜ' ଗଳ୍ପ ନାରୀମୁକ୍ତି ପାଇଁ ଏକ ବାସ୍ତବ ଇଙ୍ଗିତ । ବାଲେଶ୍ୱର ଜିଲ୍ଲାରେ ପୁଅ ଜନ୍ମ ହେଲେ ତିନିଥର ଶଙ୍ଖପୁଙ୍କା ଯାଏ ମାତ୍ର ଝିଅ ଜନ୍ମ ବେଳେ ଥରେ ଫୁଙ୍କାଯାଏ । ଝିଅ ଯେମିତି ଅଲୋଡ଼ା, ଅଦରକାରୀ । ଝିଅ ବାହା ହୋଇ ଗଲେ ଶାଶୁ ଘରେ ନାନା ଗଞ୍ଜଣା ସହିବାକୁ ହୁଏ । ଘଟଣା ଚକ୍ରରେ ବିଧବା ହେଲେ ତାର ଗଞ୍ଜଣାର ଆଉ ସୀମା ନଥାଏ । ଶାଶୁଘରେ ତଥା ବାପା ଘରେ ତାର ଆଉ ସ୍ଥାନ ନଥାଏ । ଅଥଚ ସେହି ନାରୀ ପୁଣି ସେବା

କରେ ଭାଇ ଭାଉଜଙ୍କୁ । ତାର ନାରୀତ୍ୱକୁ ସେ ପ୍ରତିଷ୍ଠା କରେ ନିଜର ଶକ୍ତି ଓ ସାମର୍ଥ୍ୟରେ । ସଚ୍ଚିଦାନନ୍ଦ ରାଉତରାୟଙ୍କର 'ବିସର୍ଜନ' ଗଳ୍ପ ନାରୀ ଦୁର୍ଗତି ପ୍ରତି ଲେଖକ ଦୃଷ୍ଟି ଆକର୍ଷଣ କରିଅଛନ୍ତି । ନାରୀହିଁ ନାରୀ । ସେ କାହାର ନକଲ ହେବାକୁ ଚାହେଁ ନାହିଁ । ଏହି କଥାକୁ କଥାକାର 'ରଜାପୁଅ' ଗଳ୍ପରେ ରାଧି ଚରିତ୍ର ମାଧ୍ୟମରେ ପ୍ରକାଶ କରିଅଛନ୍ତି । ନାରୀ ଯେତେ ନିମ୍ନ ସ୍ଥାନରେ ଥାଉନା କାହିଁକି ତାର ଯେ ସ୍ୱାଭିମାନ ଓ ସ୍ୱାଧୀକାରବୋଧ ଅଛି ତାହା ଏଥିରୁ ସୂଚିତ ।

ଗୋପୀନାଥ ମହାନ୍ତିଙ୍କର 'ଝଞ୍ଜାବତୀ' ପୁରୁଷର ବହୁନାରୀ ବିଳାସପ୍ରତି ଏକ ତୀର୍ଯ୍ୟକ ଦୃଷ୍ଟିପାତ । 'ବୁଢ଼ାକବି' ଗଳ୍ପରେ ଶିକ୍ଷିତ ଯୁବତୀକୁ ଚାକିରି କରାଇଦେବା ଆଳରେ ମନ୍ତ୍ରୀ କିପରି ତାକୁ ଉପଭୋଗ କରିଛନ୍ତି, ଯୁବତୀର କିପରି ଭାବାନ୍ତର ସୃଷ୍ଟି ହୋଇଛି ତାହା ବର୍ଣ୍ଣିତ । ନାରୀର ଦାରିଦ୍ର୍ୟ ଓ ଅସହାୟତାର ସୁଯୋଗ ନେଇ ରାଜନେତା ଓ ପଦସ୍ଥ ଅଫିସର ସେମାନଙ୍କୁ ଉପଭୋଗ କରନ୍ତି ଓ ସେମାନଙ୍କ ଆହାର କରୁଣ ବିଳାପକୁ ଶୁଣନ୍ତି ନାହିଁ । ଗୋପୀନାଥ ତାଙ୍କର ଗଳ୍ପମାଧ୍ୟମରେ ନାରୀର ସ୍ୱାଭିମାନ ଓ ସ୍ୱାଧୀକାର ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଛନ୍ତି ଓ ତାଙ୍କର ସ୍ପଷ୍ଟ ଅଭିମତ ଯେ ଆର୍ଥନୀତିକ ସୁବିଧା ନହେଲେ ନାରୀମୁକ୍ତି ସମ୍ଭବ ନୁହେଁ । ପୋଡ଼ା କପାଳ, କାଉକୋଇଲି, ପିମ୍ପୁଡ଼ି ଆଦି ଗଳ୍ପରେ ନାରୀ ସମସ୍ୟାକୁ କେବଳ ସେ ଦେଖାଇନାହାନ୍ତି; ନାରୀମୁକ୍ତି ପାଇଁ ମଧ୍ୟ ଇଙ୍ଗିତ କରିଦେଇଅଛନ୍ତି । ରାଜକିଶୋର ରାୟଙ୍କର ଧୂଳିର ଦେବତା, ମାସୀମା, ରାମପ୍ରସାଦ ସିଂହଙ୍କର 'ଶେଷରାତି', 'ଜଗୁଆମା', 'ଭିକାମା', ଦେବହୂତି ଦେଈଙ୍କର 'ମାତୃହୃଦୟ', 'ଅତୃପ୍ତ ଆତ୍ମା', ଅନନ୍ତ ପଟ୍ଟନାୟକଙ୍କ 'ମର୍ତରର', 'ଗପନୁହେଁ ଆଦୌ', ପ୍ରାଣବନ୍ଧୁ କରଙ୍କ 'ଏ ପୃଥିବୀର ନୁହେଁ', 'କୁହେଳିକା', 'ଆବିଷ୍କାର', ସୁରେନ୍ଦ୍ର ମହାନ୍ତିଙ୍କର 'ମହାନଗରୀର ରାତ୍ରି', 'ରୁଟି ଓ ଚନ୍ଦ୍ର', 'ଅଣ୍ଡରଗ୍ରାଉଣ୍ଡ', 'ଶେଷ କବିତା', 'ଇଜମାଲୀ', 'ଖାଦାନୀ', 'ରାଜଧାନୀ' ଆଦି ଗଳ୍ପ ନାରୀଜୀବନର ଅକୁହା କଥାର ସାର୍ଥକ ପ୍ରତିଲିପି । 'ରୁଟି ଓ ଚନ୍ଦ୍ର' ଗଳ୍ପରେ ଲେଖକ ଲଳିତା ମୁଖରେ କୁହାଇଛନ୍ତି – "ହାୟ ମାର୍କସ, ତମର 'Economical interpretation of history' ମଣିଷକୁ କରିଛି ଘୁଷୁରୀ, ଜୀବନ ଯାହାର ଖାଲି ରୋଟୀକା ସବାଲ । ମଣିଷର ବଞ୍ଚିବାର ଏକମାତ୍ର ଲକ୍ଷ୍ୟ, ତମେ ଆଣିଦେଇଚ ଖାଲି ପେଟଭରି ଗିଳିବା । ମଣିଷର ଆଖିରେ ରୁଟିକୁ କରିଚ ତମେ ଏଇ ଚନ୍ଦ୍ରଠାରୁ ବଳି ଆହୁରି ଲୋଭନୀୟ । ପ୍ରାଚୁର୍ଯ୍ୟକୁ କରିଚ ତମେ ଜୀବନର ଲକ୍ଷ୍ୟ । କିନ୍ତୁ ପ୍ରାଚୁର୍ଯ୍ୟତାରେ ଅଛି ଯେଉଁ ବୃହତ୍ତର ଲକ୍ଷ୍ୟ, ତାର ସନ୍ଧାନ ଦେଇନା ତମେ ।" ସୁରେନ୍ଦ୍ର ମହାନ୍ତି ନାରୀକୁ କେବଳ ରୁଟୀ ଭିତରେ ଆବଦ୍ଧ କରି ନାହାନ୍ତି ବା ଯୌନବିଳାସର ସାମଗ୍ରୀ ଭାବରେ ବିଚାର କରିନାହାନ୍ତି; ବରଂ ନାରୀର ଅନ୍ତର୍ନିହିତ ସତ୍ତାକୁ ଆବିଷ୍କାର କରିଛନ୍ତି ।

ଅଖିଳମୋହନ ପଟ୍ଟନାୟକଙ୍କର ଗଳ୍ପମାନଙ୍କରେ ନାରୀସ୍ୱାତନ୍ତ୍ର୍ୟ ଓ ନାରୀସ୍ୱାଭିମାନ ବ୍ୟଞ୍ଜିତ । 'ଡିମିରଫୁଲ' ଗଳ୍ପରେ ଅଛି କନ୍ୟା ବିଧୁରା ଜନନୀର ଅନନ୍ତ ଆକାଂକ୍ଷା । 'ହଂସସଙ୍ଗୀତ', 'ଜଉଘର', 'ଝଡ଼ର ଇଗଲ ଓ ଧରଣୀର କୃଷ୍ଣସାର' ଆଦି ଗଳ୍ପରେ ମଧ୍ୟ ନାରୀ ସମସ୍ୟା ବର୍ଣ୍ଣିତ । କିଶୋରୀ ଚରଣ ଦାସଙ୍କ ନାନା ଗଳ୍ପରେ ନାରୀ ଜୀବନର ନାନା କଥା ରୂପାୟିତ । ବିଶେଷତଃ ଆଧୁନିକ ଅଭିଜାତ ନାରୀର ଆକାଂକ୍ଷା, ସଂଘର୍ଷ ଓ ସ୍ୱାଧୀକାର କଳାତ୍ମକ ଭାବରେ ରୂପାୟିତ । 'ଭଙ୍ଗା ଖେଳଣା', 'ଲକ୍ଷ ବିହଙ୍ଗ', 'ଶୀତଳହରୀ', 'ଠାକୁର ଘର', ଆଦି ଗଳ୍ପ ପୁସ୍ତକରୁ ନାରୀର ମୁକ୍ତି ଭାବନା ସ୍ପଷ୍ଟ ହୋଇଉଠେ । 'ସମଦୁଃଖିନୀ', 'ନାୟିକା ଅଭିସାରିକା', ଆଦି ଗଳ୍ପରେ ନାରୀ ବିମର୍ଶ ବେଶ୍ ଜୀବନ୍ତ । ମନୋଜ ଦାସଙ୍କର ସମୁଦ୍ରର କ୍ଷୁଧା, ବିଷ କନ୍ୟାର କାହାଣୀ, ଗୋପନ ସଂଳାପ ଆଦି ଗଳ୍ପ ନାରୀ ଜୀବନର ରହସ୍ୟକୁ ଉନ୍ମୋଚନ କରେ । ମହାପାତ୍ର ନୀଳମଣୀ ସାହୁଙ୍କ ଗଳ୍ପମାନଙ୍କରେ ନାରୀସ୍ୱାତନ୍ତ୍ର୍ୟ ଓ ନାରୀମୁକ୍ତି ବିଶେଷ ପ୍ରାଧାନ୍ୟ ଲାଭ କରିଥିବା ଦେଖିବାକୁ ମିଳେ । ସୁମିତ୍ରାର ହସ, କପୋତପକ୍ଷୀ ଗୁରୁମୋର, ଅନ୍ଧ ରାତିର ସୂର୍ଯ୍ୟ, ଅଭିଶପ୍ତ ଗନ୍ଧର୍ବ ଆଦିରୁ ତାଙ୍କର ନାରୀ ପ୍ରତି ଥିବା ସମ୍ବେଦନାବୋଧର ପରିଚୟମିଳେ । କୃଷ୍ଣପ୍ରସାଦ ମିଶ୍ର, ଶାନ୍ତନୁ କୁମାର ଆଚାର୍ଯ୍ୟ, ବୀଣାପାଣି ମହାନ୍ତି, ବିଭୂତି ପଟ୍ଟନାୟକ, ବାମାଚରଣ ମିତ୍ର, ଚନ୍ଦ୍ରଶେଖର ରଥ, ରବି ପଟ୍ଟନାୟକ, ବସନ୍ତ କୁମାର ଶତପଥୀ, ରାମଚନ୍ଦ୍ର ବେହେରା, ମନୋରମା ମହାପାତ୍ର, ପ୍ରତିଭା ରାୟ, ଜଗଦୀଶ ମହାନ୍ତି, ହୃଷୀକେଶ ପଣ୍ଡା, ତରୁଣକାନ୍ତି ମିଶ୍ର, ସାତକଡ଼ି ହୋତା, ରତ୍ନାକର ଚଇନି, ଜଗନ୍ନାଥପ୍ରସାଦ ଦାସ, ଅନ୍ନଦାପ୍ରସାଦ ରାୟ, ଅର୍ଚ୍ଚନା ନାୟକ, ସଦାନନ୍ଦ ତ୍ରିପାଠୀ, ବିଷ୍ଣୁସାହୁ, ସସ୍ମିତା ବାଗଚୀ, ସରୋଜିନୀ ସାହୁ, ପାରମିତା ଶତପଥୀ, ଉତ୍ତମ ନାୟକ, ବିରେନ୍ଦ୍ର କୃଷ୍ଣ ଧଳ, କବିତା ବାରିକ, ଜ୍ୟୋତ୍ସ୍ନା ରାଉତରାୟ, ପ୍ରଦୋଷ ମିତ୍ର, ଗୌରହରି ଦାସ, ପ୍ରମୁଖ କଥାକାରମାନେ ସେମାନଙ୍କ ଗଳ୍ପମାନଙ୍କରେ ନାରୀ-ସ୍ୱାଭିମାନ, ନାରୀମୁକ୍ତି, ନାରୀ ମର୍ଯ୍ୟାଦା ଉପରେ ଗୁରୁତ୍ୱ ଦେଇଥିବା ଲକ୍ଷ୍ୟ କରାଯାଏ । ବିଶେଷତଃ ଆମେ ବୀଣାପାଣି ମହାନ୍ତିଙ୍କର 'ପାଟଦେଈ', 'ବସ୍ତ୍ରହରଣ', 'ସାୟାହ୍ନର ସ୍ୱର', ରବି ପଟ୍ଟନାୟକଙ୍କର 'ବନ୍ଧ୍ୟାଗାନ୍ଧାରୀ', 'ଅମରିଲତା', ରାମଚନ୍ଦ୍ର ବେହେରାଙ୍କର 'ଓଁକାର ଧ୍ୱନୀ', 'କହାକାବ୍ୟର ମୁହଁ' ଇତ୍ୟାଦିକୁ ଅନୁଶୀଳନ କଲେ ସାମ୍ପ୍ରତିକ ନାରୀ ଜୀବନର ବହୁବିଧ ସମସ୍ୟା ସମ୍ପର୍କରେ କେବଳ ଅବିହିତ ହେଉନା; ତତ୍‌ସହିତ ନାରୀର ସ୍ୱାଧୀକାର, ସ୍ୱାଭିମାନ ଓ ମୁକ୍ତିବୋଧ ସମ୍ପର୍କରେ ମଧ୍ୟ ଅବହିତ ହୋଇଥାଉ ।

॥ ୪ ॥

ନାରୀ ବିମର୍ଶ ପରିଦୃଶ୍ୟ ଓ ସମ୍ଭାବନା ସମ୍ପର୍କରେ ଆଲୋଚନା କରି ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେଉଅଛୁ ଯେ ଆମ ଗଳ୍ପ ସାହିତ୍ୟରେ ନାରୀର ମାତୃରୂପ ଓ ପତ୍ନୀରୂପଟି ବିଶେଷ ଗୁରୁତ୍ୱ ଲାଭ କରିଥିବା ଉପଲବ୍ଧି କରୁ । ମାଆ ରୂପଟି ସକଳ ଦୁଃଖ, ଯନ୍ତ୍ରଣା ଓ ଅସହାୟତା ଭିତରେ ବଳିଷ୍ଠ ହୋଇ ରହିଛି । ନାରୀର ମାଆ ରୂପଟି ବେଶ ହୃଦ୍ୟ ଓ ମାଆର ପରିଚୟ କେବଳ ମାଆ ହୋଇ ରହିଛି । ସେଠି ଜାତି, ବର୍ଣ୍ଣ, ଧର୍ମ, ପଦପଦବୀର କୌଣସି ଭେଦ ରହିନାହିଁ । ନାରୀର ପତ୍ନୀ ରୂପଟି ପାରମ୍ପରିକ ସଂସ୍କୃତିର ଦୀପ୍ତ ପ୍ରକାଶ ହୋଇଥିଲେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ ପରିବର୍ତ୍ତିତ ପରିସ୍ଥିତିରେ ତାହାର ରୂପାନ୍ତର ଘଟିଛି । ସଂଶୋଧିତ ଆଇନ ଫଳରେ ପତ୍ନୀ-ନାରୀଟି ଆପଣାର ଅଧିକାର ଓ ସ୍ୱାଧୀନତା ପାଇଁ ଏତେ ବେଶୀ ସଚେତନ ହୋଇ ଉଠିଛି ଯେ ଯାହାଫଳରେ ପାରିବାରିକ ଶାନ୍ତି ଓ ସଂହତି ଭାଙ୍ଗିପଡ଼ିଛି । ଏହାର କାରଣ ହୋଇଛି ଉପଭୋଗସର୍ବସ୍ୱ ବସ୍ତୁବାଦୀ ସଂସ୍କୃତି । ପାଶ୍ଚାତ୍ୟ ନାରୀର ଆଦର୍ଶ ଓ ଚଳଣି ପ୍ରତି ଆକର୍ଷଣ ଅଧିକ ହୋଇଯାଇଛି । ତେଣୁ ଛାଡ଼ପତ୍ର ସମସ୍ୟା ଉତ୍କଟ ଆକାର ଧାରଣ କରିଛି । ନାରୀ ଶିକ୍ଷାର ବିସ୍ତାର ଫଳରେ ବିଭିନ୍ନ କ୍ଷେତ୍ରରେ ତଥା ରାଜନୀତିରେ ନାରୀ ନେଇଛି ଗୁରୁତ୍ୱପୂର୍ଣ୍ଣ ଭୂମିକା ।ନାରୀର ଆର୍ଥନୀତିକ ସ୍ୱାଧୀନତା ବଢ଼ିଛି । ଏହା ଦ୍ୱାରା ପରିବାର ହୁଏତ ଆର୍ଥିକ ସ୍ୱଚ୍ଛଳତା ବଢୁଛି ମାତ୍ର ଅପରପକ୍ଷରେ ପରିବାର ଭାଙ୍ଗିଯାଉଛି ଯାହା ସୁରେନ୍ଦ୍ର ମହାନ୍ତିଙ୍କ 'ହଂସଗୀତି' ଉପନ୍ୟାସ ସୂଚାଇ ଦେଉଛି । ନାରୀର କନ୍ୟାରୂପ, ବଧୂ ରୂପ, ଶାଶୁରୂପ, ଇତ୍ୟାଦି ମଧ୍ୟ ଗଳ୍ପମାନଙ୍କରେ ଫୁଟି ଉଠିଛି ମାତ୍ର ନାରୀର ସାଧାରଣୀକରଣ ରୂପ ନେଇଛି ପ୍ରମୁଖ ସ୍ଥାନ । ଏହି ସାଧାରଣୀକରଣ ରୂପରେ ନାରୀ କେବଳ ନାରୀ । ସେ ସ୍ୱାଧୀନତା ଚାହେଁ, ସ୍ୱାତନ୍ତ୍ର୍ୟ ଚାହେଁ, ସ୍ୱାଧୀକାର ଚାହେଁ । ଏହି ସ୍ୱାତନ୍ତ୍ର୍ୟବୋଧ କାମ୍ୟ ମାତ୍ର ତାହା ସ୍ୱେଚ୍ଛାଚାରିତାରେ ପରିଣତ ନହେବା ବିଧେୟ । ନାରୀହରଣ, ନାରୀ ଧର୍ଷଣ, ନାରୀ ହତ୍ୟା ଏତେ ପରିମାଣରେ ବଢ଼ିଯାଇଛି ଯେ, କୌଣସି ଆଇନ ମଧ୍ୟ ତାହାକୁ ରୋକିପାରୁନାହିଁ । ନାରୀର ମନସ୍ଥିତିକୁ ଅନୁଧ୍ୟାନ କରି ନାରୀର ମୁକ୍ତି ପାଇଁ ଆମ କଥା ସାହିତ୍ୟ ସେପରି ବଳିଷ୍ଠ ପ୍ରେରଣା ଦେଇଛି ବୋଲି ମନେହୁଏ ନାହିଁ । ତଥାପି ଆମ କଥା ସାହିତ୍ୟ ନାରୀବିମର୍ଶ କ୍ଷେତ୍ରରେ ଯେପରି ଏକଶତ ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ଭୂମିକା ଗ୍ରହଣ କରିଆସିଛି ଓ ନାରୀକୁ ଆମ ସାମାଜିକ ଜୀବନର କେନ୍ଦ୍ର ଭାବରେ ଯେପରି ଉଲ୍ଲେଖ କରିଛି ତାହା ନିଶ୍ଚୟ ଅଭିନନ୍ଦନୀୟ । ବିଳାସୀ ଓ ଉପଭୋଗୀ ଆଧୁନିକତାରେ ମୋହମୁକ୍ତି ପାଇଁ ଗଳ୍ପ ଆହ୍ୱାନ ଦେବା ସଙ୍ଗେ ସଙ୍ଗେ ପୁରୁଷର ନାରୀପ୍ରତି ସମ୍ମାନବୋଧ ସୃଷ୍ଟିପାଇଁ ମଧ୍ୟ ଦେଇଛି ପ୍ରେରଣା ।

-୦-

ପ୍ରାକ୍ତନ ପ୍ରଫେସର, ଓଡ଼ିଆ ବିଭାଗ, ବିଶ୍ୱଭାରତୀ

*With Best Compliments from:* *Mob: 9438605051*
*8847817774*

**ଏକ ସଂପୂର୍ଣ୍ଣ ପାରିବାରିକ ଲୁଗା ଦୋକାନ:**

# ନାରାୟଣୀ କ୍ଲଥ୍ ଷ୍ଟୋର୍

**ଏଠାରେ ବିବାହ, ବ୍ରତ, ଗୃହ ପ୍ରତିଷ୍ଠା, ଅନ୍ୟାନ୍ୟ ପର୍ବପର୍ବାଣିର ପାଟ, ଶାଢ଼ି, ଧୋତି, ଲୁଙ୍ଗି, ଟୁବାଲ୍, ସୁଟିଙ୍ଗ୍, ସାର୍ଟିଙ୍ଗ୍, ରେଡ଼ିମେଡ୍ ଡ୍ରେସ୍, ହୋଲ୍‌ସେଲ୍ ଓ ଖୁଚୁରା ଦରରେ ବିକ୍ରି ହୁଏ ।**

**କରଣ ସାହି, ମେନ୍ ରୋଡ୍, ଖଲ୍ଲିକୋଟ (ଗଂଜାମ)**



# ମହିଳା ସଶକ୍ତିକରଣରେ ବିବିଧ ବାଧକ

(ଭାରତର ପ୍ରଗତିରେ ମହିଳାମାନଙ୍କ ଭୂମିକା)

**ପୂର୍ଣ୍ଣଚନ୍ଦ୍ର ରଥ**

ଏହି ଶିରୋନାମା ଏକ ବ୍ୟାପକ ବିଷୟକୁ ବୁଝାଏ । ଭାରତର ସ୍ୱାଧୀନତା ସଂଗ୍ରାମ, ରାଷ୍ଟ୍ରଗଠନ ତଥା ଶିକ୍ଷା ସ୍ୱାସ୍ଥ୍ୟ ଶିଳ୍ପ ଆଦି କ୍ଷେତ୍ରରେ ମହିଳାମାନଙ୍କର ଯୋଗଦାନ ନିଶ୍ଚୟ ଉଲ୍ଲେଖ୍ୟଯୋଗ୍ୟ । କିନ୍ତୁ ସଂଖ୍ୟାଦୃଷ୍ଟିରୁ ଏହା ବିଶେଷ କିଛି ନୁହେଁ । ଏକ ରକ୍ଷଣଶୀଳ ସମାଜରେ ନାରୀମାନେ ବହୁଦିନ ଧରି ଘରୁ ପଦାକୁ ବାହାରିପାରୁ ନ ଥିଲେ ! ଝିଅମାନେ ପାଠପଢ଼ିବା ଏକ ଅପରାଧ ଥିଲା । ଘରୋଇ କାମରେ ସେମାନେ ଉତ୍କର୍ଷ ଲାଭ କରିବାରେ ତତ୍ପର ରହୁଥିଲେ ! ଭଲ ରାନ୍ଧିଲେ, ଭଲ ଝୋଟି ଦେଲେ, ଭଲ ସହନଶୀଳ ହେଲେ ପ୍ରଶଂସା ପାଉଥିଲେ । ଏଥିରୁ ବ୍ୟତିକ୍ରମ ହେଲେ ସମସ୍ତଙ୍କ ଠାରୁ ଗାଳି ଶୁଣୁଥିଲେ । ହଜାର ହଜାର ବର୍ଷ ଦେଶ ବିଧର୍ମୀ ଆକ୍ରମଣକାରୀ ମାନଙ୍କ ଅଧୀନରେ ଶାସିତ ହେବା, ରାଜୁଡା ସାମନ୍ତବାଦୀ ଶାସକଙ୍କ ଅଧୀନରେ ଶାସିତ ହେବା ଯୋଗୁଁ ଏପରି ପରିସ୍ଥିତି ଉପୁଜି ଥିଲା. ସ୍ୱାଧୀନତା ପରେ ପରେ କ୍ରମେ କ୍ରମେ ଗଣତାନ୍ତ୍ରିକ ମନୋଭାବ ବୃଦ୍ଧି, ଶିକ୍ଷାର ବିସ୍ତାର, ସାମାଜିକ ବ୍ୟବସ୍ଥାରେ ସକାରାତ୍ମକ ପରିବର୍ତ୍ତନ ଯୋଗୁଁ ମହିଳାମାନେ ଶିକ୍ଷା ପାଇଲେ ଓ ଦେଶର ବୃହତ୍ତର ନିର୍ମାଣ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ କଲେ । ଆଜି ଆମ ଦେଶରେ ସବୁକ୍ଷେତ୍ରରେ ମହିଳାମାନଙ୍କ ଉତ୍କୃଷ୍ଟ ଯୋଗଦାନ ହୋଇପାରିଛି । ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ, ରାଜନୀତି, କ୍ରୀଡା, ପ୍ରତିରକ୍ଷା, ବ୍ୟବସାୟ-ବାଣିଜ୍ୟ, ମହାକାଶବିଜ୍ଞାନ ଭଳି ସବୁ କ୍ଷେତ୍ରରେ ମହିଳାମାନେ ଅଂଶଗ୍ରହଣ କରିଛନ୍ତି ଓ ଏବଂ ସେ ସବୁ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ କୃତିତ୍ୱ ହାସଲ କରିପାରିଛନ୍ତି । ଉଲ୍ଲିଖିତ ପ୍ରତ୍ୟେକ କ୍ଷେତ୍ରରେ ନାରୀର ଭୂମିକା ବିଷୟରେ ଭିନ୍ନଭିନ୍ନ ଆଲୋଚନା ଆବଶ୍ୟକ ।

ମହିଳାମାନେ ସବୁ କ୍ଷେତ୍ରରେ ନାଁ କମାଇଥିଲେ ମଧ୍ୟ ସେମାନଙ୍କ ଅଂଶଗ୍ରହଣ ପ୍ରତିଶତ ବହୁତ କମ୍ । ତାହା ମୋଟାମୋଟି ଏହିପରି:

- ଜାତୀୟ ଜିଡ଼ିପିରେ ମହିଳାଙ୍କ ବର୍ତ୍ତମାନର ଅବଦାନ ପ୍ରାୟ ୧୮% ଅଟେ ।
- ଭାରତରେ ମହିଳାମାନେ କୃଷି ଶ୍ରମିକଙ୍କ ୪୮% ଏବଂ କେବଳ ୧୩% ଜମିର ମାଲିକ ଅଟନ୍ତି । ଭାରତରେ ମହିଳାମାନଙ୍କ ଅଂଶ ଉତ୍ପାଦନ ଶ୍ରମିକଙ୍କ ପ୍ରାୟ ୨୦% ଏବଂ ସେବା କ୍ଷେତ୍ରରେ ମୋଟ ଶ୍ରମିକଙ୍କ ପ୍ରାୟ ୩୦% ଅଟେ ।
- ବର୍ତ୍ତମାନ ଭାରତରେ ୪୩୨ ନିୟୁତ ମହିଳା ଅଛନ୍ତି, ଯେଉଁଥିରୁ ୩୪୩ ନିୟୁତ ଅସଂଗଠିତ କ୍ଷେତ୍ରରେ ନିଯୁକ୍ତି ପାଇଛନ୍ତି । ଷ୍ଟାର୍ଟଅପ୍ ଦୃଷ୍ଟିରୁ ଭାରତରେ ତୃତୀୟ ବୃହତ୍ତମ ଇକୋସିଷ୍ଟମ୍ ଅଛି ଏବଂ ସେମାନଙ୍କ ମଧ୍ୟରୁ ୧୦% ମହିଳା ପ୍ରତିଷ୍ଠାତାମାନଙ୍କ ଦ୍ୱାରା ପରିଚାଳିତ ହୋଇଛି । ଆହୁରି ମଧ୍ୟ ଅନୁସନ୍ଧାନରୁ ଜଣାପଡିଛି ଯେ ମହିଳାମାନଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଉଦ୍ୟୋଗ ପ୍ରକୃତରେ ଅଧିକ ସ୍ଥାୟୀ ଅଟେ ।
- ୨୦୨୨ ମସିହାରେ, ୨୫୦ଟି ଭାରତୀୟ କମ୍ପାନୀ ମଧ୍ୟରେ ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡିଛି ଯେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କିମ୍ବା ପରିଚାଳନା ନିର୍ଦ୍ଦେଶକ ଭୂମିକାରେ ମହିଳାଙ୍କ ଅଂଶ ୫୫% ବୃଦ୍ଧି ପାଇଛି ଯାହା ଅର୍ଥନୀତି ଚଳାଇବାରେ ସେମାନଙ୍କର ଭୂମିକାରେ ଉଲ୍ଲେଖନୀୟ ଅଭିବୃଦ୍ଧି ପ୍ରତିଫଳିତ କରିଛି ।

ବର୍ତ୍ତମାନ ମହିଳା ସଶକ୍ତିକରଣ ଦିଗରେ ବେଶୀ ଧ୍ୟାନ ଦିଆଯାଉଛି । କାର୍ଯ୍ୟରେ ଯେତିକି କାମ ହେଉନି, ତା ଠାରୁ ବହୁଗୁଣ କଥାରେ ହେଉଛି । ଏହା ଏକ ପ୍ରଚାର ସର୍ବସ୍ୱ କାମରେ ପରିଣତ ହୋଇଯାଇଛି । ନେତାମାନେ ସୁଯୋଗ ପାଇଲାମାନେ ମହିଳା ସଶକ୍ତିକରଣ ଦିଗରେ ବହୁତ କିଛି ଭାଷଣବାଜି କରନ୍ତି । ଆମେ ଆଧିକାରିକ ଭାବେ ରାଜନୈତିକ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ସଂସଦରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଛେ, ପଞ୍ଚାୟତିରାଜ ଓ ପୌରସଂସ୍ଥାମାନଙ୍କରେ ବି ଯଥାକ୍ରମେ ୫୦% ଓ ୩୩% ଆସନ ସଂରକ୍ଷଣ କରିଛେ ବୋଲି ବାହାବା ନେଉଛେ; କିନ୍ତୁ ବାସ୍ତବ କ୍ଷେତ୍ରରେ ଏହା ଏକ ପ୍ରତାରଣା ! ରାଜନୈତିକ ପରିବାରର ଝିଅ, ବୋହୂମାନଙ୍କୁ ଚେସ୍ ଖେଳର ଗୋଟି ଭଳି ସରପଞ୍ଚ ଓ ସମିତି ସଭ୍ୟ ବନାଇ ଦେଉଛେ, କିନ୍ତୁ ସେହି ସେହି ମହିଳାଙ୍କ ସ୍ୱାମୀ, ଭାଇ, ବା ପିତା ସେ କ୍ଷମତା ବ୍ୟବହାର କରନ୍ତି ! ଏହା କି ପ୍ରକାର ସଶକ୍ତିକରଣ ? ବିଧାୟିକାମାନଙ୍କର ସ୍ୱାମୀମାନେ ଓ ବହୁ ମହିଳା ମନ୍ତ୍ରୀ ମାନଙ୍କ ତରଫରୁ ଅଫିସର ମାନେ ସେହି ମହିଳାମାନଙ୍କର ସରକାରୀ କାମ ସବୁ କରନ୍ତି ! ଏହା କି ପ୍ରକାରର ସଶକ୍ତିକରଣ ? ଆମ ଦେଶର ଓ ରାଜ୍ୟର ବହୁ ମହିଳା ନିଜର

ସାଂଗଠନିକ ଶକ୍ତିବଳରେ ସଫଳ ନେତୃତ୍ୱ ନେବାର ବହୁ ଉଦାହରଣ ଅଛି । ଇନ୍ଦିରା ଗାନ୍ଧି, ସରୋଜିନୀ ନାୟାଡୁ, ତାରକେଶ୍ୱରୀ ସିହ୍ନା, ରାମଦୁଲାରୀ ସିହ୍ନା, ଜୟଲଳିତା, ନନ୍ଦିନୀ ଶତପଥୀ, ମାୟାବତୀ, ମମତା ବାନାର୍ଜୀ, ଦ୍ରୌପଦୀ ମୁର୍ମୁ, ସୁଜ୍ଞାନୀ କୁମାରୀ ଦେଓ ଭଳି ନିଜେ ନିଜକୁ ଗଢିଥିବା ନେତ୍ରୀମାନଙ୍କ ଭଳି ଯଦି ଗଢିପାରିବେ, ତେବେ ସେମାନେ ପ୍ରକୃତରେ ସଶକ୍ତିକରଣର ଉଦାହରଣ ହୋଇପାରିବେ ! କିନ୍ତୁ ସେତିକି ଯୋଗ୍ୟ ହେବାକୁ ହେଲେ ପ୍ରଥମରୁ ସଂଗଠନ ଗଢ଼ିବାକୁ ପଡିବ ! ଜଣେ ଝିଅ ବା ସ୍ତ୍ରୀ ସଂଗଠନ କରିବା ଏତେ ସହଜ ନୁହେଁ । କେବଳ ଶିକ୍ଷିତ ହେଲେ ଚଳିବନି, ସମସ୍ତଙ୍କ ସାଙ୍ଗରେ ମିଶିପାରିବା, ନିଜ ବ୍ୟକ୍ତିତ୍ୱ ବଳରେ ଅନ୍ୟକୁ ପ୍ରଭାବିତ କରିବାର ଶକ୍ତି ଥିବାକୁ ପଡିବ । ବର୍ତ୍ତମାନ ଶିକ୍ଷା ଓ ବ୍ୟକ୍ତିତ୍ୱ ବଳରେ ବହୁ ଝିଅ ଅନ୍ୟମାନଙ୍କ ସହଯୋଗରେ ଗ୍ରାମସ୍ତରରେ ରାଜନୈତିକ ସଂଗଠନ ଗଢ଼ିପାରିବେ; କିନ୍ତୁ ସେହି ଶିକ୍ଷିତା ଓ ବ୍ୟକ୍ତିତ୍ୱଯୁକ୍ତା ଝିଅମାନେ ଆତ୍ମନିର୍ଭରଶୀଳ ହେବାପାଇଁ କୌଣସି ନା କୌଣସି ବୃତ୍ତି ଅନୁସନ୍ଧାନ କରନ୍ତି । ଫଳରେ କିଛି ପାରିବାରିକ ମହିଳା ଅନିଚ୍ଛା ସତ୍ୱେ ରାଜନୀତିକୁ ଭିଡ଼ା ହୋଇ ଆସନ୍ତି । ଅବଶ୍ୟ 'ମିସନ୍ ଶକ୍ତି' ଗୋଷ୍ଠୀ ଗଠନ ପରେ ଗ୍ରାମାଞ୍ଚଳର ବହୁ ମହିଳା ଘର ବାହାରକୁ ଆସି ସ୍ୱକୀୟ ଉଦ୍ୟମରେ ବହୁ କିଛି କାମ କରିପାରୁଛନ୍ତି । ଯଦିଓ ଅଧିକାଂଶ ସଂଗୋଷ୍ଠୀ ସେତେ ସଫଳ ହୋଇ ପାରିନାହାନ୍ତି, ତଥାପି ସଫଳ ମହିଳାମାନଙ୍କର ସଂଖ୍ୟା ନଗଣ୍ୟ ନୁହେଁ ।

ଏଠି ସାମାଜିକ କ୍ଷେତ୍ରରେ ମହିଳାମାନେ କିପରି ସଶକ୍ତ ହେଉଛନ୍ତି, ସେ ବିଷୟରେ ଆଲୋଚନା ହେଲା । କିନ୍ତୁ ପ୍ରକୃତରେ ଏ ସବୁ ସମ୍ପୂର୍ଣ୍ଣ ସଶକ୍ତିକରଣର ଉଦାହରଣ ନୁହେଁ । ବ୍ୟକ୍ତିଗତ ଭାବେ ସମସ୍ତ ଝିଅ ଓ ମହିଳା ସଶକ୍ତ ବା ସାଧାରଣ ଭାଷାରେ 'ପାରିବାର' ହେବା ଉଚିତ । ଏହି ପାରିବାରପଣିଆ ପିଲା ବେଳୁ ଶିଖିବା ଉଚିତ. କେତେକଙ୍କର କ୍ଷେତ୍ରରେ ଏହି ପ୍ରବୃତ୍ତି ଜନ୍ମଗତ ଥାଏ । କିନ୍ତୁ ଅନ୍ୟମାନଙ୍କ କ୍ଷେତ୍ରରେ ଏହାକୁ ଉଜ୍ଜୀବିତ କରାଯିବା ଉଚିତ ।


ଆମେ ଦେଖିବାକୁ ପାଉ ଯେ ସ୍ତ୍ରୀଲୋକମାନେ ଯେତେ ଶିକ୍ଷିତ ହେଲେ ମଧ୍ୟ ଘରର ବାହାର କାମ କରିବାରେ ସକ୍ଷମ ନୁହନ୍ତି । ପିଲାମାନଙ୍କର ବିଦ୍ୟାଳୟ/ମହାବିଦ୍ୟାଳୟ ପ୍ରବେଶ, ପରିବାରରେ କାହାର ସ୍ୱାସ୍ଥ୍ୟଗତ ସମସ୍ୟା, ଔଷଧ ପରିଚୟ, କୌଣସି ସରକାରୀ ଚିଠିପତ୍ର ଆସିଲେ ତା ଉପରେ ପର୍ଯ୍ୟାଲୋଚନା, ଏପରି ବହୁ ଛୋଟ ଛୋଟ କଥାରେ ସ୍ତ୍ରୀ ଲୋକମାନେ ଅସହାୟ ମନେ କରନ୍ତି । କୌଣସି ଘରୋଇ ଉପକରଣ, ମେସିନ୍ ଆଦି ସାଧାରଣ ଖରାପ ହେଲେ କିଛି କରିପାରନ୍ତି ନାହିଁ । ବିଜୁଳି ଫ୍ୟୁଜ୍ ଗଲେ ନୂଆଁ ଫ୍ୟୁଜ୍ ପକାଇପାରନ୍ତି ନାହିଁ । ସାଇକେଲ୍ ବା ସ୍କୁଟି ଚଲେଇ ଜାଣି ନ ଥିଲେ କୌଣସି ସ୍ଥାନକୁ ଯିବା ଅସମ୍ଭବ ହୁଏ । ଏ ସବୁ ବିଷୟରେ ବ୍ୟାବହାରିକ ଅଭିଜ୍ଞତା ଥିଲେ ଜଣେ ପ୍ରକୃତରେ ସଶକ୍ତ ହୁଏ । ସ୍ତ୍ରୀ ଲୋକମାନେ ଘର ଭିତରେ ବା ବାହାରେ ଯୁକ୍ତି ନ କରିବା ପାଇଁ ସଂସ୍କାର ପାଇଥାଆନ୍ତି; ଏଥିରୁ ବ୍ୟତିକ୍ରମ ହେଲେ ଲୋକେ କଳିହୁଡି ବୋଲି କହନ୍ତି, କିନ୍ତୁ କୌଣସି ନ୍ୟାୟ କଥାକୁ ଭଦ୍ରଭାବରେ ଯୁକ୍ତିଯୁକ୍ତ ଭାବରେ ଉପସ୍ଥାପନ କରିବା ପାଇଁକି ନୈତିକ ଶକ୍ତି ରହିବା ଉଚିତ । ଏ ସବୁ ବ୍ୟାବହାରିକ ଜ୍ଞାନ ନ ଥାଇ ଖାଲି ରାଜନୈତିକ ସଂରକ୍ଷଣରୁ ଜଣେ ସଶକ୍ତ ହୋଇପାରେ ନାହିଁ !

ବର୍ତ୍ତମାନ ଆମରାଜ୍ୟରେ ମହିଳାମାନଙ୍କ ଦ୍ୱାରା ପରିଚାଳିତ ସ୍ୱୟଂ ସହାୟକ ଗୋଷ୍ଠୀ (SHG) ସବୁ ଗଠିତ ହୋଇଛି । ଏହି ଗୋଷ୍ଠୀର ମହିଳାମାନେ ବହୁ ସ୍ଥାନରେ କିଛି ନିର୍ମାଣ କାମ କରନ୍ତି । ବିଭିନ୍ନ ଅନୁଷ୍ଠାନର ପରାମର୍ଶନେଇ ବହୁ ପଦାର୍ଥ ପ୍ରସ୍ତୁତ କରନ୍ତି ଓ ବିକ୍ରୀବଟାର ବ୍ୟବସ୍ଥା ମଧ୍ୟ କରିଥାନ୍ତି । ସେମାନଙ୍କୁ ରାଜ୍ୟ ସରକାର ବିନା ସୁଧରେ ୫ ଲକ୍ଷ ଟଙ୍କା ଋଣ ଯୋଗାଇ ଥାଆନ୍ତି । ସେମାନଙ୍କୁ ଚଳତଶକ୍ତି ଯୁକ୍ତ କରିବା ପାଇଁ ଏକଲକ୍ଷ ଟଙ୍କାର ସ୍କୁଟି ଋଣ ଦେଇଥାଆନ୍ତି । ଛୋଟ ନିର୍ମାଣ କାମର କଣ୍ଟ୍ରାକ୍ଟରୀ କାମ ବି SHG ଗ୍ରୁପ ମାନଙ୍କୁ ଦିଆଯାଏ । ଏଇ ନିର୍ମାଣ ପରିଚାଳନା କ୍ଷେତ୍ରରେ ମହିଳାମାନେ ଆଦୌ ଆଗକୁ ଆସନ୍ତି ନାହିଁ । ଅନ୍ୟ ପୁରୁଷମାନଙ୍କ ଦ୍ୱାରା କାମ କରାଇ ନିଅନ୍ତି ! ଏହିକ୍ଷେତ୍ରରେ ଯଦି ମହିଳାମାନେ ନିର୍ମାଣ ସ୍ଥାନରେ ଉପସ୍ଥିତ ରହି କାମର ତଦାରଖ କରିପାରନ୍ତେ, ତେବେ ନିର୍ମାଣ କାମର ମାନ ଭଲରହନ୍ତା ଓ ସବୁ କମିସନ୍ ନିଜ ଗ୍ରୁପ ପାଆନ୍ତା !

ନିର୍ବାଚନ ବେଳେ ଘରର ମହିଳାମାନେ ପୁରୁଷ ମୁରବୀ (ସ୍ୱାମୀ, ଶ୍ୱଶୁର, ଭାଇ ଆଦି) ମାନଙ୍କର ନିର୍ଦ୍ଦେଶରେ ନିର୍ଦ୍ଦିଷ୍ଟ ଦଳକୁ/ ବ୍ୟକ୍ତିକୁ ଭୋଟ ଦେଇଥାନ୍ତି, ଏହା ଆମ ଦେଶର ଚିରାଚରିତ ପ୍ରଥା । କିନ୍ତୁ ବର୍ତ୍ତମାନ ବିଭିନ୍ନ ଦଳ ମହିଳାମାନଙ୍କୁ ନେଇ ଦଳୀୟ ସଂଗଠନ କରିଛନ୍ତି, ଏବେ ମହିଳାମାନେ ଘରର ପୁରୁଷମାନଙ୍କୁ ନିର୍ଦ୍ଦେଶ ଦେବେ ଯେ କାହାକୁ ଭୋଟ ଦିଆଯିବ ! ଏହା ବାସ୍ତବ ରୂପ ନେଇପାରିଲେ ଏକ ବଡ ଆଖିଦୃଶିଆ ପରିବର୍ତ୍ତନ ହୋଇପାରନ୍ତା !

–୦–

ଖଲ୍ଲିକୋଟ, ଗଂଜାମ



# ମହିୟସୀ ମହିଳା କନକମଞ୍ଜରୀ ଦେବୀ

**ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ**

ସତ୍ୟଯୁଗର ପୁରାଣ ପୃଷ୍ଠାରୁ ଆରମ୍ଭ କରି ମୋଗଲ ଯୁଗ ପର୍ଯ୍ୟନ୍ତ ଅତୀତର ନାରୀ ଶିକ୍ଷା ଓ ସମ୍ମାନ ଅତି ଉନ୍ନତ ତଥା ପ୍ରଭାବଶାଳୀ ଥିଲା । ସେ ସମୟର ସାବିତ୍ରୀ, ସୀତା, ଗାର୍ଗି, ପୁଲସ୍ତି, ଲୀଳାବତୀ, ଲୋପାମୁଦ୍ରା ଆଦି ମହିଳାମାନଙ୍କ ସମ୍ପର୍କରେ ଆଲୋଚନା କଲେ ଜଣାଯିବ ଯେ ; ନାରୀଶିକ୍ଷା ତତ୍କାଳୀନ ସମୟରେ ଉନ୍ନତିର ଚରମ ସୋପାନରେ ପହଞ୍ଚିଥିଲା । କିନ୍ତୁ ମୋଗଲ ମାନଙ୍କ ସମୟରେ ନାରୀ 'ଅସୂର୍ଯ୍ୟଂ ପଶ୍ୟା' ପରି ଘରର ଅନ୍ଧକାର କୋଠରୀ ମଧ୍ୟରେ ପରସ୍ଥିତିର ଚାପରେ ପଡ଼ି ନିଜକୁ ଗୋପନ ରଖିବାକୁ ବାଧ ହେଉଥିଲେ । ବ୍ରିଟିସ୍ ଶାସନ ସମୟରେ ଶିକ୍ଷାର ପ୍ରଚାର ପ୍ରସାର ଫଳରେ ଧୀରେ ଧୀରେ ନାରୀ ଶିକ୍ଷା ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ପରିବର୍ତ୍ତନର ସୁଅ ରାଜବାଟୀ ପର୍ଯ୍ୟନ୍ତ ସ୍ପର୍ଶ କରିଥିବାରୁ ତତ୍କାଳୀନ ରାଜାମାନେ ପଣ୍ଡିତମାନଙ୍କୁ ଡକାଇ ନିଜ ଲଳନାମାନଙ୍କ ଶିକ୍ଷା ଦାୟିତ୍ୱ ଅର୍ପଣ କରୁଥିଲେ । ମୟୂରଭଞ୍ଜ ରାଜା ନିଜ କନ୍ୟା ରାଣୀ କନକମଞ୍ଜରୀଙ୍କ ସମସ୍ତ ଅର୍ଥାତ୍ ପ୍ରାଥମିକ ଠାରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ରାଜପ୍ରସାଦ ମଧ୍ୟରେ ହିଁ ସମ୍ପୂର୍ଣ୍ଣ ହୋଇଥିଲା । ଖଲିକୋଟ ରାଜା ହରିହର ମର୍ଦ୍ଦରାଜ ମୟୂରଭଞ୍ଜର ଛୋଟରାୟ ବୃନ୍ଦାବନ ଭଞ୍ଜଙ୍କ କନ୍ୟା କନକମଞ୍ଜରୀଙ୍କୁ ୧୮୯୫ ମସିହାରେ ବିବାହ କରିଥିଲେ । ସେ ତତ୍କାଳୀନ ମୟୂରଭଞ୍ଜ ମହାରାଜା ରାମଚନ୍ଦ୍ର ଭଞ୍ଜଙ୍କ କକା ଝିଅ ଭଉଣୀ ଥିଲେ । ରାଜବଂଶରେ ବଡ଼ଭାଇ ରାଜା ହୁଅନ୍ତି ଏବଂ ଅନ୍ୟ ଭାଇଙ୍କ ସନ୍ତାନମାନଙ୍କୁ ଛୋଟରାୟ କୁହାଯାଏ । ରାମଚନ୍ଦ୍ର ଭଞ୍ଜ କନକ ମଞ୍ଜରୀଙ୍କୁ ଭଉଣୀ ଭାବେ ଅତି ଭଲପାଉଥିଲେ । ସେ ବିଭିନ୍ନ ସମୟରେ ଖଲିକୋଟ ଆସି ଭାଷା ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିବା ସହ ଗଞ୍ଜାମ ସମ୍ମିଳନୀରେ ମଧ୍ୟ ଯୋଗଦାନ କରିଥିଲେ । ରାଣୀ କନକମଞ୍ଜରୀ ଏକାଧାରରେ ଜଣେ ଶିକ୍ଷିତା, ସୁଶାସିକା, ସାହିତ୍ୟିକା ଓ ଜଣେ କର୍ତ୍ତବ୍ୟନିଷ୍ଠ ମହିଳା ଥିଲେ । ଜଣେ ସଫଳ ପୁରୁଷ ପଛରେ ଜଣେ ସଫଳ ନାରୀର ହାତଥିଲାପରି ରାଣୀଙ୍କ ପ୍ରୋତ୍ସାହନରେ ରାଜା ଆଧୁନିକ ଯୁଗ ସନ୍ଦେଶର ଅପ୍ରତିଦ୍ୱନ୍ଦୀ ବ୍ୟକ୍ତିତ୍ୱ ତଥା ବାର୍ତ୍ତାବହ ଥିଲେ କହିଲେ ଚଳେ । ଉଭୟ ରାଜା ଓ ରାଣୀ ସେ ସମୟର ସଂସ୍କୃତ ସାହିତ୍ୟ ଓଡ଼ିଆ ପୁରାଣ ସାହିତ୍ୟ ଆଧାରରେ ବିବିଧ କ୍ଷୁଦ୍ରକାବ୍ୟ ଓ କବିତା ପ୍ରକାଶ କରୁଥିଲେ । ତତ୍ସହିତ ଓଡ଼ିଆ ସାହିତ୍ୟର ବରେଣ୍ୟ ସ୍ରଷ୍ଟା ଫକୀରମୋହନ ସେନାପତିଙ୍କ 'ଉତ୍କଳ ଭ୍ରମଣ' ଓ 'କବି କଣ୍ଠେ ଖଲିକୋଟ' ରେ ଉଭୟଙ୍କ ଭୂୟସୀ ପ୍ରଶଂସା କରିଥିଲେ । ଏହାଛଡ଼ା ରାଧାନାଥ ରାୟ, ଗୋପବନ୍ଧୁ ଦାସ, କବିଶେଖର ଚିନ୍ତାମଣି ମହାନ୍ତିଙ୍କ 'ଗଞ୍ଜାମ ଭ୍ରମଣ' ଆଦିଙ୍କ ସାହିତ୍ୟରେ ହରିହର ମର୍ଦ୍ଦରାଜ ଓ ରାଣୀ କନକମଞ୍ଜରୀଙ୍କ ଗୁଣାବଳୀ ଉପରେ ଉଚ୍ଚ ପ୍ରଶଂସା ଅତୀବ ଚମତ୍କାର ମନେହୁଏ ।

ବ୍ରହ୍ମପୁରରେ ଅବସ୍ଥାପିତ ରେଭେନ୍ସା ସାହେବଙ୍କ ତତ୍ତ୍ୱାବଧାନରେ ଚାଲିଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟ ଯେତେବେଳେ ଦେବାଳିଆ ଅବସ୍ଥାରେ ପହଞ୍ଚିଥିଲା ରାଣୀ କନକମଞ୍ଜରୀଙ୍କ ଅନୁରୋଧ କ୍ରମେ ରାଜା ହରିହର ମର୍ଦ୍ଦରାଜ ସେ ସମୟରେ (୧୮୯୨) ଏକ ଲକ୍ଷ ଟଙ୍କା ସହ ଭୂମି ଦାନ କରିଥିଲେ । ଫଳରେ ମହାବିଦ୍ୟାଳୟ ପୁନଃସ୍ଥାପିତ ହୋଇପାରିଥିଲା । ରାଜାଙ୍କ ଏହିପରି ଲୋକ ହିତକର କାର୍ଯ୍ୟରେ ବିମୁଗ୍ଧ ହୋଇ ତତ୍କାଳୀନ ଜିଲ୍ଲାପାଳ କଲେଜର ନାମକରଣ ପାଇଁ ହରିହର ମର୍ଦ୍ଦରାଜଙ୍କ ନାମ ପ୍ରସ୍ତାବ ରଖିଥିଲେ । କିନ୍ତୁ ସ୍ୱାଭିମାନୀ ରାଜା ନିଜ ନାମ ବଦଳେ ନିଜ ଗଡ଼ ଅର୍ଥାତ୍ ଖଲିକୋଟ ନାମକୁ ପ୍ରସ୍ତାବ ଦେଇ ଖଲିକୋଟ ମହାବିଦ୍ୟାଳୟ ବ୍ରହ୍ମପୁର ଭାବେ ସ୍ୱୀକୃତି ପ୍ରଦାନ କରିଥିଲେ ଯାହା ଆଜି ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟ ରୂପେ ସୁନାମ ଅର୍ଜନ କରିଛି । ଏ ସମସ୍ତ ପ୍ରକ୍ରିୟାର ପଶ୍ଚାତରେ ରାଣୀ କନକମଞ୍ଜରୀଙ୍କ ପ୍ରୋତ୍ସାହନ ରହିଥିଲା ।

ତାଙ୍କର ଓଡ଼ିଆ ଇଂରାଜୀ ଭାଷାରେ ଦକ୍ଷତାଥିବାରୁ ଅଧିକାଂଶ ସମୟ ସାହିତ୍ୟ ରଚନାରେ ମନୋନିବେଶ କରୁଥିଲେ । ନାରୀ ଶିକ୍ଷାର ପ୍ରୋତ୍ସାହନ ଓ ବିଦ୍ୟାର ବିକାଶ ନିମନ୍ତେ ଖଲିକୋଟ ଓ ଖଲିକୋଟ ନିକଟବର୍ତ୍ତୀ କବିସୂର୍ଯ୍ୟନଗର, କୋଦଳା, ସୁମଣ୍ଡଳ, ମଠସରସିଂ ଆଦି ସ୍ଥାନରେ ପ୍ରାଥମିକ ଠାରୁ ଆରମ୍ଭ କରି ଉଚ୍ଚବିଦ୍ୟାଳୟ ମାନ ପ୍ରତିଷ୍ଠା କରି ରାଜବଂଶର ମାନ ରଖିବା ସହ ରମ୍ଭାରେ ମର୍ଦ୍ଦରାଜ ପ୍ରେସ ସ୍ଥାପନ, ବିବିଧ ପତ୍ରପତ୍ରିକା ଯଥା ପ୍ରଜାବନ୍ଧୁ, ମଧୁପ ଆଦିର ପ୍ରକାଶନ ଓ ଖଲିକୋଟ କଲେଜ ଓ ଖଲିକୋଟ କଲେଜ ଟ୍ରଷ୍ଟ ସ୍କୁଲ, ଟାଉନ ସ୍କୁଲ ଆଦିର ସାମୂହିକ ଉନ୍ନତି ପାଇଁ ଲଟେରୀ କରାଇ ଏକ ସ୍ୱତନ୍ତ୍ର ପାଣ୍ଠି ସୃଷ୍ଟି କରିଥିଲେ । ଲଟେରୀ ଲବ୍ଧ ଅର୍ଥ ଦ୍ୱାରା, ବାଳକ ବାଳିକା

ସ୍କୁଲ, ଟାଉନ ସ୍କୁଲ ଆଦିର ଯଥେଷ୍ଟ ଉନ୍ନତି ସାଧିତ ହୋଇଥିଲା । କିନ୍ତୁ ଦୁଃଖର ବିଷୟ ଏହି ପୁରୁଣା ସ୍କୁଲ ଗୁଡ଼ିକୁ ସରକାର ହାତକୁ ନ ଦେବା ଯୋଗୁଁ ଆଜି ସେ ସମସ୍ତ ଅନୁଷ୍ଠାନ ଅବନତି ଆଡ଼କୁ ଗତିକରିବା ଏକ ବିଲକ୍ଷଣ ବୋଲି କୁହାଯାଇ ପାରିବ ।

ଏତଦ୍‌ବ୍ୟତୀତ ଫକୀରମୋହନ ସେନାପତିଙ୍କ 'ମହାଭାରତର ବିରାଟ ପର୍ବ' (୧୯୦୫) ମସିହାରେ ରାଣୀଙ୍କ ଅନୁରୋଧ କ୍ରମେ ମର୍ଦ୍ଦରାଜ ପ୍ରେସରେ ଛପାଯାଇଥିଲା । ବ୍ୟାସ କବି ଖଲିକୋଟରେ ଅବସ୍ଥାନ କରି ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ଜଣାଯାଏ । ରାଣୀ କନକମଞ୍ଜରୀ ଦୂରାଗତ ବିଦ୍ୟାର୍ଥୀଙ୍କ ରହଣି ନିମନ୍ତେ ନିକଟସ୍ଥ ମଠ ଓ ମନ୍ଦିରମାନଙ୍କରେ ରହିବାର ବ୍ୟବସ୍ଥା କରାଇ ସେମାନଙ୍କ ଖର୍ଚ୍ଚ ନିଜେ ବହନ କରୁଥିଲେ । ସେ ସମୟରେ ସମଗ୍ର ଓଡ଼ିଶାରେ ରେଭେନ୍‌ସା ବାଳିକା ଉଚ୍ଚ ବିଦ୍ୟାଳୟ ଏକମାତ୍ର ବାଳିକା ମାନଙ୍କ ନିମନ୍ତେ ଶିକ୍ଷା ଗ୍ରହଣର ଅନୁଷ୍ଠାନ ଥିଲା । ଦୂର ଦୁରାନ୍ତରୁ ଛାତ୍ରୀମାନଙ୍କ ଯିବା ଆସିବାରେ ନାନା ପ୍ରତିବନ୍ଧକ ସୃଷ୍ଟି ହେଉଥିଲା । ହରିହର ମର୍ଦ୍ଦରାଜ ଓଡ଼ିଶାର ଏକତ୍ରୀକରଣ ପାଇଁ ବିବିଧ ସ୍ଥାନ ପରିଭ୍ରମଣ କରୁଥିବା ଯୋଗୁଁ ରାଜକାର୍ଯ୍ୟରେ ସମୟ ଦେବା ସମ୍ଭବ ହେଉନଥିଲା । ଅନ୍ୟ ପକ୍ଷରେ ସେ ଜଣେ ଭ୍ରମଣ ପ୍ରିୟ ରାଜା ଥିବାରୁ ଶାସନ ଭାର ଦାୟିତ୍ୱ ରାଣୀଙ୍କୁ ବୁଝିବାକୁ ପଡୁଥିଲା ।ରାଣୀ ବିଦ୍ୟାର୍ଥୀମାନଙ୍କ ଯାତ୍ରାର ସୁଗମ ନିମନ୍ତେ ରେଭେନ୍‌ସା ମହାବିଦ୍ୟାଳୟକୁ ଘୋଡ଼ାଗାଡ଼ି କିଣିବା ପାଇଁ ଏକ ହଜାର ଟଙ୍କା ପ୍ରଦାନ କରିଥିଲେ ଓ ବହୁଦିନ ପର୍ଯ୍ୟନ୍ତ ଏହି ଖର୍ଚ୍ଚ ତୁଲାଇ ଆସିଥିଲେ । ତେଣୁ ଫକୀରମୋହନ ସେନାପତି ରାଣୀଙ୍କ ଏତାଦୃଶ ଜନ ମଙ୍ଗଳ କାର୍ଯ୍ୟରେ ବିମୁଗ୍ଧ ହୋଇ କ୍ଷୁଦ୍ର କାବ୍ୟ ଉତ୍କଳ ଭ୍ରମଣରେ ଲେଖିଛନ୍ତି :-

"ଧନ୍ୟ ଧନ୍ୟ ମହାଦେବୀ କନକମଞ୍ଜରୀ
ଖଲିକୋଟ ଆଠଗଡ଼ ରାଜା ରାଜେଶ୍ୱରୀ
ଉତ୍କଳ ଲଳନା କୁଳେ ରଖିଲ କିରତି
ଦିଅନ୍ତୁ ତୁମକୁ ବର ଲକ୍ଷ୍ମୀ ସରସ୍ୱତୀ
ବାଜୁଥିବ ଖଲିକୋଟ ନାମରେ ନାଗରା
କଲେଜ ସକାଶେ ଲକ୍ଷେ ଟଙ୍କା ଦେଲ ପରା
ମାତୃଭାଷା ପାଇଁ ପୁଣି ଅଛି ତୁମ ଟାଣ
ଚିରକାଳ ଏହି କିର୍ତ୍ତି ରହିଗଲା ଜାଣ ।"

ଏହାଛଡ଼ା ସେ ନାରୀଶିକ୍ଷାର ଉନ୍ନତି ସକାଶେ ଖଲିକୋଟ ଆଠଗଡ଼ ବିରୁଳି କବିସୂର୍ଯ୍ୟନଗର ଆଦିରେ ବିବିଧ ଉଚ୍ଚବିଦ୍ୟାଳୟ ମାନ ଖୋଲି ସେ ସବୁର ସୁପରିଚାଳନା କରୁଥିଲେ । ପୁସ୍ତକର ଅଭାବ ମେଣ୍ଟାଇବା ସକାଶେ ୧୮୯୭ ମସିହାଳରେ ନିଜଲେଖା 'ବାଳିକା ପାଠ' ପ୍ରଥମ ଖଣ୍ଡ ପ୍ରକାଶ କରି ଥିଲେ ଯାହା କଟକ ରାୟପ୍ରେସ୍ ରେ ଛାପାଯାଇଥିଲା ଓ ବିନା ମୂଲ୍ୟରେ ବଣ୍ଟନ କରାଯାଉଥିଲା । ଜଣେ ବାଳିକା କିପରି ଭବିଷ୍ୟତର ସୁନାଗରିକ ହେବା ସହ ସୁଗୃହିଣୀ ହୋଇ ପାରିବ ଓ ଶିକ୍ଷାଦୀକ୍ଷା ମାଧ୍ୟମରେ ସମାଜରେ କିପରି ସଂସ୍କାର ଆଣିପାରିବ ପୁସ୍ତକର ସାରମର୍ମ ଥିଲା । ବିକାଶର ପଟ୍ଟଭୂମିରେ ଖଲିକୋଟର ପ୍ରାକୃତିକ ସୁଷମା, ଶିକ୍ଷାଦୀକ୍ଷା୍ ଆଦିରେ ଖଲିକୋଟକୁ ଉଚ୍ଚ ପ୍ରଶଂସା କରି 'ଚିଲିକା' କାବ୍ୟରେ ରାଧାନାଥ ରାୟ ଲେଖିଛନ୍ତି:

"ଆହା ଏ ଶୋଭାର ନାହିଁ ପଟାନ୍ତର,
ଥିଲେ ଥିବ ସ୍ୱର୍ଗେ ମର୍ତ୍ତ୍ୟେ ଅଗୋଚର ।
×× × ×
ଖଲିକୋଟ କାହିଁ ଛୋଟ ମଲ୍ଲୁମାନେ
ନିର୍ମଳ ନିର୍ଝର ନିରାମୃତ ପାନେ ।
ଅଟେ ସର୍ବଶୋଭା ସୀମାନ୍ତର ଟିକା
ପ୍ରକୃତିର ଚାରୁ ଆଲେଖ୍ୟ ମାଳିକା ।
କରିଥିଲି ଆଶା କରିବି ଯାପନ
ତୋ ପଶ୍ଚିମ ତୀରେ ପଶ୍ଚିମ ଜୀବନ ।"

ଏହାଛଡ଼ା ରାଧାନାଥ ବାଳିକା ପାଠ - ୧ ଓ ୨ ଖଣ୍ଡ ଅମୂଳଚୂଳ ପାଠକରି ଯେଉଁ ଉଚ୍ଚକୋଟିର ମନ୍ତବ୍ୟ ପ୍ରଦାନ କରିଛନ୍ତି; ସେ ସମ୍ପର୍କରେ ସୂଚନା ପ୍ରଦାନ କରାଗଲା : - " ବୈଷୟିକ ଏବଂ ନୈତିକ ଶିକ୍ଷାର ଏପରି ସୁନ୍ଦର ସମବାୟ କୌଣସି ବାଳିକା ପାଠ୍ୟ ଗ୍ରନ୍ଥରେ ସୁଲଭ ନୁହେଁ । ନୀତିଭିତ୍ତିକ ଓ ପୌରାଣିକ ଏବଂ ଐତିହାସିକ ଆଖ୍ୟାୟିକାର ସନ୍ନିବେଶ ହେତୁରୁ ଗ୍ରନ୍ଥ ଖଣ୍ଡିକ ଯେପରି ଉପଦେଶପ୍ରଦ, ସେହିପରି କୌତୁକପ୍ରଦ ମଧ୍ୟ ହୋଇଆସିଛି । 'ବାଳିକା ପାଠ' ପରି ବାଳିକାଙ୍କ ଶିକ୍ଷାପଯୋଗୀ ପୁସ୍ତକ ବଙ୍ଗଳା ଭାଷାରେ ସୁଦ୍ଧା ଅଧିକା ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ଲିପି କୌଶଳ ଦ୍ୱାରା ନିରସ ଶୁଷ୍କ ଶିକ୍ଷା ଏ ଗ୍ରନ୍ଥରେ ବିନୋଦର ଆକାର ଧାରଣ କରିଛି । ଏ ପୁସ୍ତକର ବହୁଳ ପ୍ରଚାର ଦ୍ୱାରା ଓଡ଼ିଶାରେ ସ୍ତ୍ରୀ ଶିକ୍ଷାର ସମ୍ୟକ ଶ୍ରେୟଲାଭ ସମ୍ଭାବନା । ଉତ୍କଳୀୟ ବାଳିକାମାନଙ୍କୁ ସୁଗୃହିଣୀ ଓ ସୁମାତା କରାଇବା ପୁସ୍ତକର ଉଦ୍ଦେଶ୍ୟ ଏବଂ ପୁସ୍ତକର ବିଷୟ ଏବଂ ଭାଷା ସେହି ଉଦ୍ଦେଶ୍ୟରେ ପୁଣି ଦେଶକାଳପାତ୍ରର ସମ୍ପୂର୍ଣ୍ଣ ଉପଯୋଗୀ ହୋଇଅଛି । × × × ବାଳିକା ପାଠ ଦ୍ୱିତୀୟ ଖଣ୍ଡ ଦେଖିବାର ପ୍ରତୀକ୍ଷାରେ ମୁଁ ଆଶାନ୍ୱିତ ହୋଇ ରହିଲି ।

ଏତଦ୍‌ବ୍ୟତୀତ କବିବର ଚିନ୍ତାମଣି ମହାନ୍ତି (୧୯୪୬) ତାଙ୍କ ଗଞ୍ଜାମ ଭ୍ରମଣରେ କହିଛନ୍ତି -

"ବାଳିକାଙ୍କ ହସ୍ତେ ତୁମ୍ଭେ ପାଟମହାଦେଇ
ସରଳ ବାଳିକାପାଠ ଯାଚି ଗୁଞ୍ଜିଦେଇ ।"

"ଆକର୍ଷଣ କଲେ ତାଙ୍କ ମନ ପାଠ ପ୍ରତି, ଧନ୍ୟ ସେ ହୃଦୟ ବ୍ରତୀ ପତିବ୍ରତା ସତୀ ।" କବିଚିନ୍ତାମଣି ମହାନ୍ତି ନିଜ ରଚିତ ଗଦ୍ୟ ପୁସ୍ତକରେ ସମୟ ବିଷୟ ସମ୍ପର୍କରେ କହିଛନ୍ତି, "ଏ ଦେଶରେ ଯେ ଜନ୍ମହୋଇ ରାମାୟଣ ଓ ମହାଭାରତ କଥା ନ ଜାଣେ; ତାହାର ଜନ୍ମ ବୃଥା । ଯେତେଦେଶରେ ପ୍ରାଚୀନ ଗ୍ରନ୍ଥ ରାମାୟଣ ଓ ମହାଭାରତ ସଙ୍ଗେ ସରିନୁହେଁ ?" ସେହିପରି ଖଲ୍ଲିକୋଟର ବିଶିଷ୍ଟ ଜ୍ୟୋତିଷବିଶାରଦ ପଣ୍ଡିତ ବାଇକୋଳି ମହାପାତ୍ର ତାଙ୍କ ରଚିତ 'ଓଡ଼ିଆ ଇତିହାସରେ ଖଲିକୋଟରେ ସ୍ଥାନ'ରେ ତାଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ କହିଛନ୍ତି, "ସେମାନେ ଯେଉଁ ପ୍ରତିଜ୍ଞା କରୁଥିଲେ ପ୍ରାଣଥିବା ଯାଏ ତାହା ପାଳନ କରିବାକୁ ଯତ୍ନ କରୁଥିଲେ । ସେ ଆପଣାର କଥା ରକ୍ଷା ନକଲେ ତାହାକୁ କେହି ମନୁଷ୍ୟ କହନ୍ତି ନାହିଁ ।"

ବାଳିକା ପାଠରେ କେବଳ ଜଣେ ନାରୀର ଆଚାର ବିଚାର ଚାଲିଚଳନ ସଂସ୍କାର ସଂସ୍କୃତି ଓ ପୁରାଣ ବ୍ୟତୀତ ଦେଶର ପକ୍ଷୀମାନଙ୍କ ସ୍ୱାତନ୍ତ୍ର୍ୟ, ସୁସ୍ୱାଦୁ ରନ୍ଧନ ବିଷୟ ଅତି ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି । 'ପ୍ରଜାବନ୍ଧୁ' ପ୍ରେସ ସ୍ଥାପନ କରିବା ପରେ 'ସଂସ୍କାରକ' ନାମକ ଏକ ପତ୍ରିକା ପ୍ରକାଶ କରି ସେଠାରେ ସେ ବିବିଧ ନିଜସ୍ୱ କବିତା ପ୍ରକାଶ କରି ଜଣେ କବି ଭାବେ ପରିଚିତ ହୋଇଥିଲେ । ସଂସ୍କାରକ ପତ୍ରିକାର ମୂଳଲକ୍ଷ୍ୟ ଥିଲା, ତତ୍କାଳୀନ ଧର୍ମଧ୍ୱଜା ରକ୍ଷଣଶୀଳଙ୍କ ମତ ଖଣ୍ଡନ କରିବା । ଏତଦ୍ବ୍ୟତୀତ ସେଥିରେ ଶିକ୍ଷାର ଉପକାରିତା । ବିଦେଶ ଭ୍ରମଣରେ ଲୋକମାନେ କିପରି ଜ୍ଞାନ ଆହରଣ କରନ୍ତି ଓ ତାହାର ଆଲୋଚନା, ବିଧବା ବିବାହର ପ୍ରୟୋଜନିୟତା, ବାଲ୍ୟବିବାହର ଦୁଃସ୍ପରିଣାମ, ସ୍ତ୍ରୀ ଶିକ୍ଷାର ଆବଶ୍ୟକତା ଆଦି ସେଥିରେ ସ୍ଥାନ ପାଉଥିଲା । ଏହି ପତ୍ରିକା ପ୍ରକାଶ କରିବାପରେ ବିନାମୂଲ୍ୟରେ ଲୋକମାନଙ୍କୁ ବଣ୍ଟନ କରାଯାଉଥିଲା । ଯେଉଁ ସମୟରେ ଲୋକମାନେ ରକ୍ଷଣଶୀଳ ଥିଲେ, କୌଣସି ସଂସ୍କାରମୂଳକ କାର୍ଯ୍ୟ ପସନ୍ଦ କରୁନଥିଲେ ଓ ଅନ୍ଧ ବିଶ୍ୱାସ ଦ୍ୱାରା ସମଗ୍ର ସମାଜ ଜଡ଼ିତ ଥିଲା; ସେତେବେଳେ ଏପରି ସଂସ୍କାରମୂଳକ ପତ୍ରିକା ପ୍ରକାଶ କରିବା କେତେ ଯେ କଷ୍ଟସାଧ ତାହା ଅନୁମେୟ । ରାଣୀଙ୍କ ଏପରି କାର୍ଯ୍ୟକୁ ଜ୍ଞାନୀ ଗୁଣୀ ଉଚ୍ଚଶିକ୍ଷିତ ଲୋକମାନେ ଭୂୟସୀ ପ୍ରଶଂସା କରି ରହିପାରୁନଥିଲେ । 'ସନ୍ଧ୍ୟା ପ୍ରଦୀପ ...ଓ ମୋହ ମୁଦ୍‌ଗର' ଭଳି ଧର୍ମଗ୍ରନ୍ଥ ପ୍ରକାଶ ପାଇବା ସହ ଉତ୍କଳ ମଧୁପ ନାମକ ମାସିକ ପତ୍ରିକା ଏହି ପ୍ରେସରେ ଛପା ଯାଉଥିଲା । ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ 'ସିଦ୍ଧାନ୍ତ ଦର୍ପଣ' ଟିକା, ଗଦାଧର ବିଦ୍ୟାଭୂଷଣଙ୍କ ଦ୍ୱାରା କରାଯାଉଥିଲା । ଏ ସମୟରେ ହରିହର ମର୍ଦ୍ଦରାଜଙ୍କ ମହାପ୍ରୟାଣ ଘଟିବାରୁ (୨୦-୦୭-୧୯୦୯) ଏହା ଅଧୁରା ହୋଇ ରହିଥିଲା ।

୨୦.୦୭.୧୯୦୯ରେ ହରିହର ମର୍ଦ୍ଦରାଜଙ୍କ ଅକାଳ ବିୟୋଗ ରାଜ୍ୟବାସୀଙ୍କୁ ଦୁଃଖ ସାଗରରେ ଭସେଇ ଦେଇଥିଲା । ସେତେବେଳେ ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କୁ ମାତ୍ର ନଅବର୍ଷ । ରାଜ୍ୟ କୋର୍ଟ ଅଫ୍ ୱାର୍ଡସ ବା ସରକାରୀ ପରିଚାଳନାରେ ରହିଥିଲା । ସରକାର ପୂର୍ବତନ ସାହେବ ମେନେଜର ୱଡସ୍‌ୱର୍ଥଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ । ରାଣୀ କନକ ମଞ୍ଜରୀ ସାହସର ସହ ପୁତ୍ରଙ୍କୁ ୧୦.୦୫.୧୯୧୧ରେ ଉପନୟନ ସଂସ୍କାର କରାଇ ପୁତ୍ରକୁ ମାଡ୍ରାସ ବା ବର୍ତ୍ତମାନର ତାମିଲନାଡୁର ଚେନ୍ନାଇକୁ ଯାଇ ଶିକ୍ଷାଲାଭ ନିମନ୍ତେ ଛାଡ଼ିଦେଇ ଆସିଲେ । ରାଜମାତା ମ୍ୟାନେଜରଙ୍କ ଉପସ୍ଥିତିରେ ନିଜ ରାଜ୍ୟର ଶାସନ ଭାର ଗ୍ରହଣ କରି ରାଜାଙ୍କ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପର୍ଣ୍ଣ କରିଥିଲେ । ଜଗନ୍ନାଥ ମନ୍ଦିରର ଅସମ୍ପୂର୍ଣ୍ଣ ରହିଯାଇଥିବା କାର୍ଯ୍ୟକୁ ତୁରନ୍ତ ନିର୍ମାଣ କରାଇଥିଲେ । ଶ୍ରୀମନ୍ଦିର ଚାରିପାଖେ ବର୍ତ୍ତମାନ ଝଲସୁଥିବା ସୁଦୃଢ଼ ପ୍ରାଚୀର ସମ୍ପୂର୍ଣ୍ଣ କରିଥିଲେ । ଶ୍ରୀଜଗନ୍ନାଥ ମନ୍ଦିରର ପ୍ରଦେଶଦ୍ୱାରରେ ରାଣୀଙ୍କ ଦ୍ୱାରା ହୋଇଥିବା କାର୍ଯ୍ୟ ସମ୍ପର୍କରେ ଦେଖିବାକୁ ମିଳେ । ଯଥା - ଶ୍ରୀ -ଏହି ମନ୍ଦିରରେ ଧର୍ମକର୍ତ୍ତା ସ୍ୱର୍ଗୀୟ ଶ୍ରୀମାନ ମହାରାଜା ଶ୍ରୀନାରାୟଣ ମର୍ଦ୍ଦରାଜ ଦେବଙ୍କ ପୁତ୍ର ଶ୍ରୀମାନ ହରିହର ମର୍ଦ୍ଦରାଜଙ୍କ ପଟ୍ଟମହିଷୀ, ଶ୍ରୀମତୀ କନକ ମଞ୍ଜରୀ ଦେବୀଙ୍କ ପରମାନୁକୁଲ୍ୟରେ ଶ୍ରୀ ଜଗଦିଶଙ୍କର ଏହି ପ୍ରାଚୀର ସହିତ ଗୋପୁର ଚତୁଷ୍ଟୟର ନିର୍ମାଣ କାର୍ଯ୍ୟ ଶକାବ୍ଦ ୧୮୩୫ ଶ୍ରୀ ମୁକୁନ୍ଦଦେବଙ୍କ ୪୧ଅଙ୍କ ଇଂରେଜ ସନ ୧୯୧୩ରେ ସୁସମ୍ପର୍ଣ୍ଣ ହୋଇଅଛି ।

ରାଣୀଙ୍କଦ୍ୱାରା ସମ୍ପାଦିତ ବିବିଧ କୀର୍ତ୍ତି ମଧ୍ୟରେ ଖଲିକୋଟର କରଣ ସାହି ମଧ୍ୟଭାଗରେ ଥିବା ଲୋହିତବର୍ଣ୍ଣ ପ୍ରସ୍ତରରେ ନିର୍ମିତ ରାଧାକାନ୍ତ ମନ୍ଦିର ଓ ଦୁଇ ପାର୍ଶ୍ୱରେ ଥିବା ପୁଷ୍କରିଣୀର ଖନନ କାର୍ଯ୍ୟ କରି ସାଧାରଣଙ୍କ ନିମନ୍ତେ ଜଳର ଅଭାବ ମେଣ୍ଟାଇବାରେ ସକ୍ଷମ ହୋଇଥିଲେ । ତାଙ୍କ ନାମକୁ ସ୍ମରଣ ରଖିବା ପାଇଁ ପଣ୍ଡିତ ବାଇକୋଳି ମହାପାତ୍ରଙ୍କ ପ୍ରଚେଷ୍ଟାରେ କନକମଞ୍ଜରୀ ବାଳିକା ବିଦ୍ୟାଳୟ ଯାହା ...ସରକାରୀ କନକମଞ୍ଜରୀ ବାଳିକା ଉଚ୍ଚବିଦ୍ୟାଳୟରେ (୧୯୬୦) ପରିଣତ ହୋଇଛି । ତତ୍‌ସହିତ ଖଲ୍ଲିକୋଟରେ ଏକ ମାଇନର ଇଂରାଜୀ ବିଦ୍ୟାଳୟ ..ଯାହା ଆଜି ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପରିଣତ ହୋଇପାରିଛି । ମହାରାଜାଙ୍କ ଦ୍ୱାରା କବିସୂର୍ଯ୍ୟନଗରରେ କନକ ମଞ୍ଜରୀ ପାଠାଗାର, ମର୍ଦ୍ଦରାଜ ଉଚ୍ଚବିଦ୍ୟାଳୟ, ଖଲ୍ଲିକୋଟ ଓ କବିସୂର୍ଯ୍ୟନଗର(ବୋଇରାଣୀ)ର ସଂସ୍କୃତ ଟୋଲ ରାଣୀଙ୍କ ପରାମର୍ଶକ୍ରମେ ପ୍ରତିଷ୍ଠା ହୋଇଥିଲା । କିନ୍ତୁ ହରିହର ମର୍ଦ୍ଦରାଜଙ୍କ ମୃତ୍ୟୁପରେ ଅର୍ଥ ଅଭାବରୁ ଏ ସମସ୍ତ ଅନୁଷ୍ଠାନ ଧୀରେ ଧୀରେ ବନ୍ଦ ହେବାକୁ ଲାଗିଲା । ସେ ସମୟରେ

ସରକାରଙ୍କଦ୍ୱାରା ପ୍ରେରିତ ମେନେଜର ଖଲିକୋଟର ମାଇନର ସ୍କୁଲଟିକୁ ବନ୍ଦ କରିଦେଲେ । ଲୋକମାନେ ବିବ୍ରତ ହୋଇ ଗୋପବନ୍ଧୁ ଦାସଙ୍କୁ ଜଣାଇବା ପାଇଁ ନିଷ୍ପତ୍ତି ନେଇଥିଲେ । ଦୈବାତ୍ ଉତ୍କଳ ସମାଜ ଦ୍ୱାରା ଆହୂତ ଏକ ବୈଠକକୁ (୧୩-୦୬-୧୯୧୫) ପଣ୍ଡିତ ଗୋପବନ୍ଧୁ ଦାସ ଯୋଗଦେବାକୁ ଆସିଥିଲେ । ଲୋକମାନଙ୍କ ଆପତ୍ତି ଅଭିଯୋଗ ଶୁଣି ଗୋପବନ୍ଧୁ ଦାସ ତାଙ୍କ ଭାଷଣରେ ଶିକ୍ଷାକ୍ଷେତ୍ରରେ ଥିବା ଅଭାବ କଥା ଆଲୋଚନା କରି କହିଲେ, "ମୟୁରଭଞ୍ଜ ମହାରାଜାଙ୍କ ଭଗିନୀ ତଥା ଦେଶପ୍ରାଣ ହରିହରଙ୍କ ଧର୍ମପତ୍ନୀ କନକମଞ୍ଜରୀଙ୍କ ଉପସ୍ଥିତିରେ ଏହା ଘଟିବା ଅତ୍ୟନ୍ତ ଦୁଃଖଦାୟକ । ତଥା ଅସହ୍ୟ । ଭାଷଣରେ ପୁଣି କହିଲେ ଯେ ଯୁବକରାଜା ମର୍ଦ୍ଦରାଜ ହେବେ ନା 'ପଶୁରାଜ' ହେବେ । ଯଦି ପିଲାମାନେ ଶିକ୍ଷାରୁ ବଞ୍ଚିତ ହେବେ ପଶୁପାଳଟି ଯିବେ । ଅତଏବ ସେ ରାମଚନ୍ଦ୍ର ମର୍ଦ୍ଦରାଜ ହୁଅନ୍ତୁ ବା ଅନ୍ୟ କେହି ସେ କହିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯେଉଁ ହରିହର ଓ କନକମଞ୍ଜରୀ ଶିକ୍ଷାର ଉନ୍ନତିପାଇଁ ସର୍ବଦା ଚେଷ୍ଟା କରୁଥିଲେ ସେ କିପରି ଏହା ସହ୍ୟ କରିପାରିବେ । କନକ ମଞ୍ଜରୀଙ୍କ ରାଜ୍ୟ ଖଲିକୋଟରେ ଶିକ୍ଷାନୁଷ୍ଠାନ ଗଢ଼ି ଉଠୁ । ଏହିପରି ସ୍ୱଦେଶୀ ବ୍ୟବହାର ଓ ସ୍ୱଦେଶୀ ପ୍ରୀତି ସମ୍ବନ୍ଧରେ ଏକ ସୁଦୀର୍ଘ ଭାଷଣ ଦେଇଥିଲେ । ତାଙ୍କର ଏହି ମର୍ମସ୍ପର୍ଶୀ ଓ ଉତ୍ତେଜନା ପୂର୍ଣ୍ଣ ଭାଷଣ ଲୋକମାନଙ୍କୁ ଆନ୍ଦୋଳନ କରିବା ପାଇଁ ଖୋରାକ ଯୋଗାଇଥିଲା ଓ ରାଣୀକନକ ମଞ୍ଜରୀ ସାହସର ସହ ଦୃଢ଼ପଦକ୍ଷେପ ନେଇ ସମସ୍ତ ସ୍କୁଲ, ଟୋଲକୁ ପୁନଃ ଚାଲିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଯୁବରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଦ୍ୱାରା ୧୫-୦୧-୧୯୧୭ ମସିହାରେ ମର୍ଦ୍ଦରାଜ ମଧ୍ୟଇଂରାଜୀ ବିଦ୍ୟାଳୟ ଗୃହର ଶୁଭ ଦିଆଯାଇଥିଲା । ଆଜି ତାହା ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପରିଣତ ହୋଇଛି । କିନ୍ତୁ ବର୍ତ୍ତମାନର ରାଣୀ ସାହେବା ଖଲିକୋଟର ସଂସ୍କୃତ ଟୋଲ ବନ୍ଦ କରି ପ୍ରଥମେ ଦମକଳ କେନ୍ଦ୍ର ଓ ପରେ ସେଠାରେ ବାଣିଜ୍ୟ ପାଇଁ ଗୃହ କରାଯାଇ ବ୍ୟାଙ୍କ ଓ ଅନ୍ୟାନ୍ୟ ଅନୁଷ୍ଠାନକୁ ଭଡ଼ା ଦିଆଯାଇଛି ।

ରାଣୀ କନକ ମଞ୍ଜରୀ ଜଣେ ଦୟା, ଧର୍ମ, କ୍ଷମା ଓ ଦାନଶୀଳ ମହିୟସୀ ମହିଳା ଥିଲେ । ଦେବତା ଓ ବ୍ରାହ୍ମଣ, ନିଃସ୍ୱ ଓ ମେଧାବୀ ବିଦ୍ୟାର୍ଥୀଙ୍କ ପ୍ରତି ତାଙ୍କର ପ୍ରଗାଢ଼ ସ୍ନେହ ଥିଲା । ତାଙ୍କ ଦ୍ୱାରା ପରିଚାଳିତ ସମସ୍ତ ମଠ ମନ୍ଦିର ମାନଙ୍କରେ ଅତିଥି ଓ ଦୂରାଗତ ପର୍ଯ୍ୟଟକଙ୍କ ପାଇଁ ଅଭ୍ୟାଗତ ବ୍ୟବସ୍ଥାକୁ ସାକାର କରିଥିଲେ । ମେଧାବୀ ବିଦ୍ୟାର୍ଥୀମାନଙ୍କ ସମସ୍ତ ଖାଦ୍ୟପେୟ ବ୍ୟବସ୍ଥା ସେ ନିଜ ତରଫରୁ ପ୍ରଦାନ କରୁଥିଲେ । ରାଜ୍ୟର ଗରିବ ଲୋକଙ୍କ ସକାଶେ ଅନ୍ନଭୋଗର ମଧ୍ୟ ବ୍ୟବସ୍ଥା କରିଥିଲେ । ଏହାଛଡ଼ା ରାଣୀଙ୍କ ଦୟାଶୀଳ ଭାବମୂର୍ତ୍ତି ଉପରେ ଏକ ଜନଶ୍ରୁତି ଶୁଣାଯାଏ । ଲୋକକଥାନୁଯାୟୀ ସ୍ଥାନୀୟ ବ୍ରାହ୍ମଣ ଶାସନର କିଛି ବ୍ରାହ୍ମଣଙ୍କ ସାମାନ୍ୟ ଦୋଷ ପାଇଁ ୧୭ ଅଣା ଜରିମାନା, ମ୍ୟାନେଜର୍ ବିଶୃଙ୍ଖଳାକୁ ଲକ୍ଷ୍ୟ କରି ଦଣ୍ଡବିଧାନ କରିଥିଲେ । ସମସ୍ତ ବ୍ରାହ୍ମଣ ଏକତ୍ରିତ ହୋଇ ଜରିମାନା ବା ତଣ୍ଡ ପାଇଁ ବିରୋଧ କରିଥିଲେ । ଯଦି ସେମାନେ ଜରିମାନା ଦିଅନ୍ତି, ତେବେ ଦୋଷୀ ବୋଲି ପ୍ରମାଣିତ ହୋଇଯିବେ । ସେମାନଙ୍କର ଅଭିଯୋଗ ହେଲା ଏହି ବିଶୃଙ୍ଖଳା ପାଇଁ ମ୍ୟାନେଜର ହିଁ ଦାୟୀ । ସେ ଯଦି ଲୋକଙ୍କୁ ବୁଝାଇ ଶୁଝାଇ କହିଥାନ୍ତେ ତେବେ ଏପରି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା । ମ୍ୟାନେଜର ସରକାରୀ କର୍ମଚାରୀ ହୋଇ ଏପରି ଆଚରଣ କରିବା ଉଚିତ ନଥିଲା । ପୁଣି ତଣ୍ଡ ନ ଦେଲେ ରାଜଦ୍ୱାର ମନା ସହ କଠୋର ଦଣ୍ଡ ଦିଆଯିବ । ଏଥିରେ ବ୍ରାହ୍ମଣମାନେ ଉତ୍କ୍ଷିପ୍ତ ହୋଇ ମହୁରୀ ରାଜ୍ୟକୁ ଚାଲିଯିବା ପାଇଁ ନିଷ୍ପତ୍ତି ନେଲେ । ଏକଥା ରାଣୀଙ୍କ କାନକୁ ଗଲା ଓ ତତ୍‌କ୍ଷଣାତ୍ ବ୍ରାହ୍ମଣମାନଙ୍କୁ ଡକାଇ କାରଣ ସଂପର୍କରେ ପଚାରି ବୁଝିଲେ । ସେ ବ୍ରାହ୍ମଣଙ୍କୁ ଅନୁରୋଧ କରି କହିଲେ ଯେ ଆପଣମାନେ ଏଠାରୁ ଚାଲିଗଲେ ଯୁବରାଜଙ୍କ ଅମଙ୍ଗଳ ହେବ । ଆପଣମାନେ ଯଦି ଦେଇପାରୁ ନାହାନ୍ତି ମୁଁ ତଣ୍ଡକୁ ସଂପୂର୍ଣ୍ଣ ରୂପେ ଛାଡ଼ କରିଦେଉଛି । ଏଥିରେ ବ୍ରାହ୍ମଣମାନେ ସନ୍ତୁଷ୍ଟ ହୋଇ ଆଶୀର୍ବାଦ କଲେ । ପରବର୍ତ୍ତୀ ସମୟରେ ମ୍ୟାନେଜରଙ୍କୁ ବଦଳି କରିଦିଆଯାଇଥିଲା । ଏପରି ଅନେକ ଘଟଣା ଅଛି ଯାହା ଲେଖିବା ଅସମ୍ଭବ ମନେହୁଏ ।

ସୁତରାଂ ରାଣୀ କନକମଞ୍ଜରୀ ଦେବୀଙ୍କ ପରି ଜଣେ ବହୁମୁଖୀ ପ୍ରତିଭାଧାରୀଙ୍କ ବ୍ୟକ୍ତିତ୍ୱ ଚତୁର୍ଦ୍ଦିଗରେ ପ୍ରସାରିତ ହୋଇ ଏ ମାଟିକୁ ଧନ୍ୟ କରିଛି । ସେ ଜୀବନର ପ୍ରତିଟି କ୍ଷଣକୁ ମାନବ ଜାତିର ନିଃସ୍ୱାର୍ଥପର ସେବା କରିବାରେ ତନ-ମନ-ଧନ ଦେଇ ସମାଜ ପାଇଁ ଜୀବନ ଉତ୍ସର୍ଗ କରିଛନ୍ତି । ଜୀବନର ସକଳ ପ୍ରତିକୂଳ ପରିସ୍ଥିତିରେ ବି ଏହି ଅନନ୍ୟା ନାରୀ ବ୍ୟକ୍ତିତ୍ୱ ବିକାଶର ଯେଉଁ ଅପୂର୍ବ ଦକ୍ଷତା ଦେଖାଇଥିଲେ ତାହା ଚିରକାଳ ମହିଳା ସମାଜର ପଥ ପ୍ରଦର୍ଶକ ହୋଇ ରହିଛି ଓ ରହିଥିବ ।

-୦-

ଲବ୍ଧାବସର ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ
ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟ, ଖଲ୍ଲିକୋଟ
ଚଳଭାଷ: ୮୭୬୩୧୮୮୫୨୩



# ଦେଶ ପ୍ରଗତିରେ ନାରୀର ଭୂମିକା

**ଡ. ପ୍ରଶାନ୍ତ କୁମାର ଶତପଥୀ**

ପୁଣ୍ୟ ଭୂମି, ଦେବଭୂମି ଭାରତବର୍ଷ ସାରା ପୃଥିବୀରେ ନିଜ ସଂସ୍କୃତି ଓ ପରମ୍ପରା ନିମନ୍ତେ ଆଦର୍ଶର ଦେଶ ରୂପେ ପରିଗଣିତ ହୋଇପାରିଛି । ଆମ ପବିତ୍ର ପୁରାଣ ଶାସ୍ତ୍ରରେ ଏହି ମହାନ୍ ବାର୍ତ୍ତା ଉଲ୍ଲେଖ ରହିଛି ଯାହାକୁ ସମଗ୍ର ବିଶ୍ୱ ଆଜି ମାନି ନେଇଛି, ''ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତା ।'' ଯେଉଁଠାରେ ନାରୀମାନଙ୍କୁ ସମ୍ମାନ ଦିଆଯାଏ ଓ ପୂଜା କରାଯାଏ, ସେଠାରେ ଦେବତାମାନେ ଖୁସିରେ ବିଚରଣ କରନ୍ତି । ଯୁଗେ ଯୁଗେ ମାତୃଶକ୍ତି ନିଜ ଶକ୍ତି, ସାମର୍ଥ୍ୟ ଓ ମହନୀୟତା ପାଇଁ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ଏହାକୁ କେହିହେଲେ ଅସ୍ୱୀକାର କରିପାରିବେନାହିଁ । ପୁରାଣ ଯୁଗର ମାତା ଦୁର୍ଗା, ଲକ୍ଷ୍ମୀ, ସୀତା, ଅନୁସୂୟା ଓ ସାବିତ୍ରୀଙ୍କ ଠାରୁ ମୁକୁତା ଦେଈ ପର୍ଯ୍ୟନ୍ତ, ପ୍ରାଚୀନ ଯୁଗର ଗାର୍ଗୀ, ମୈତ୍ରେୟୀ, ଆପଲା, ଘୋଷା, ଲୋପାମୁଦ୍ରା, ଲୀଳାବତୀ, ଖନା ଓ ସଂଘମିତ୍ରା ପରି ବିଦୂଷୀଗଣ ଅଥବା ଦେଶ ସ୍ୱାଧୀନତା ସଂଗ୍ରାମରେ ଅବିସ୍ମରଣୀୟ ପ୍ରତିଭାର ପ୍ରତୀକ, ରାଣୀ ଲକ୍ଷ୍ମୀବାଈ, ହାରାମଣୀ ଦେବୀ, ରମାଦେବୀ, ମାଳତୀ ଦେବୀଙ୍କ ଅବଦାନ ଇତିହାସ ପୃଷ୍ଠାରେ ଚିରଦିନ ସ୍ୱର୍ଣ୍ଣଅକ୍ଷରରେ ଲିପିବଦ୍ଧ ହୋଇ ରହିଥିବ ।

ନାରୀର ଉନ୍ନତିରେ ଦେଶର ଉନ୍ନତି । ଏହି ନାରୀ ଶକ୍ତି ନିଶ୍ଚିତଭାବେ ଦିନେ ସମଗ୍ର ବିଶ୍ୱକୁ ପରିବର୍ତ୍ତନ କରି ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ସମସ୍ତଙ୍କ ହୃଦୟରେ ଭରି ବସୁଧୈବ କୁଟୁମ୍ବକମର ସ୍ୱପ୍ନକୁ ସାକାର କରିପାରିବ ।

ନାରୀ ସୃଷ୍ଟିର ଆଧାର । ଏହି ସୃଷ୍ଟି ଗଢ଼ିଥାଏ ଦେଶର ଭବିଷ୍ୟତ । ପ୍ରଥମ ଗୁରୁ ଭାବେ ଭରି ଦେଇଥାଏ ଦେଶ ପ୍ରେମ ଓ ଆଦର୍ଶର ବୀଜ । ଦେଶ ପ୍ରଗତିରେ ନାରୀର ଭୂମିକା ଏଥିରୁ ସ୍ପଷ୍ଟ ବାରିହୁଏ । ସେହି ମାଆର ଭୂମିକାକୁ ନେଇ କବିଙ୍କ କଲମରୁ ଝରିଥାଏ..

"ନାମରେ ବହୁଛି ଅମୃତର ଧାରା ଡାକରେ ସ୍ୱର୍ଗୀୟ ଖୁସି ,
ପରିସୀମା ତା'ର ମାପି ହୁଏନାହିଁ ଦୁଃଖରେ ସେ ଦିଏ ହସି ।"

ସୁନା ଭଉଣୀ, ଦୁହିତାର କର୍ତ୍ତବ୍ୟ ଓ ଆଦର୍ଶ ଗୃହିଣୀର ମାପଦଣ୍ଡରେ ଉତ୍ତୀର୍ଣ୍ଣ ହୋଇଥାଏ ଭାରତୀୟ ନାରୀ । ପ୍ରତିଟି କ୍ଷେତ୍ରରେ, ପ୍ରତିଟି ସ୍ଥାନରେ ପ୍ରତି ମୁହୂର୍ତ୍ତରେ ଆଜି ନାରୀ ନିଜ ଶକ୍ତି ଓ ସାମର୍ଥ୍ୟ ଦେଖାଇ ଜଣାଇ ଦେଉଛି, ସେ ପୁରୁଷଙ୍କ ଠାରୁ କୌଣସି ଗୁଣରେ କମ୍ ନୁହଁ । ନାରୀ ବିନା ସୃଷ୍ଟି ଅସମ୍ଭବ ! ହାଣ୍ଡିଶାଳ ଠାରୁ ଆରମ୍ଭ କରି, ଶିକ୍ଷାକ୍ଷେତ୍ର, ଖେଳ କୁଦ, ବିଜ୍ଞାନ, କାରିଗର, ମହାକାଶ ତଥା ଦେଶ ରକ୍ଷା ପାଇଁ ଯୁଦ୍ଧକ୍ଷେତ୍ରରେ ନିଜ ଚରମ ପରାକାଷ୍ଠା ଦେଖାଇ ପାରିଛି ଆଜିର ନାରୀ । ପରିବାରରେ ସ୍ୱାବଲମ୍ବୀ ହେବାସହ ଦେଶ ବିକାଶରେ ନିଜକୁ ସାମିଲ କରିବାରେ ସେ କେବେହେଲେ ପଛଘୁଞ୍ଚା ଦେଇନାହିଁ ।

"ଦେଶର ବିକାଶ ନାରୀର ବିଶ୍ୱାସ ଜୀବନର ପରିଭାଷା,
ସୁନାର ଭାରତ ଗଢ଼ିବ ନିଶ୍ଚିତ ରଖିଥାଏ କେତେ ଆଶା ।"

ସରକାରଙ୍କ ମିସନ୍ ଶକ୍ତି ଯୋଜନା ନାରୀ ସଶକ୍ତିକରଣର ଏକ ଜ୍ୱଳନ୍ତ ଉଦାହରଣ । ସରକାରଙ୍କର ପ୍ରତିଟି ମୁଖ୍ୟ ସ୍ରୋତରେ ନାରୀଙ୍କୁ ସାମିଲ୍ କରି ଏହାର ସ୍ୱଚ୍ଛତା ବଜାୟ ରଖିବା ସହ ପ୍ରତିଟି ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବାର ପ୍ରୟାସ ତଥା ଘରେ ଘରେ ଅରୁଣିମା, ନିର୍ଭୟ କଢ଼ି, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ଆଦି କାର୍ଯ୍ୟକ୍ରମ ମାଧ୍ୟମରେ କିଶୋରୀ ବୟସର ଝିଅ ମାନଙ୍କ ନିୟମିତ ସ୍କୁଲ ପାଠପଢା, ବାଲ୍ୟବିବାହ ଓ ଶିଶୁ ଶ୍ରମିକର ବିରୋଧ, ଉତ୍ତମ ସ୍ୱାସ୍ଥ୍ୟ ଓ ସୁଷମ ଖାଦ୍ୟ ଓ ଉଜ୍ଜଳ ଭବିଷ୍ୟତ ବିଷୟରେ ସଚେତନତା ବାସ୍ତବରେ ଏକ ଯୁଗାନ୍ତକାରୀ କାର୍ଯ୍ୟକ୍ରମ ।

ଚିର ବନ୍ଦନୀୟା ନାରୀର ପ୍ରଗତିରେ ହିଁ ଦେଶର ବିକାଶ ସମ୍ଭବପର । ନାରୀ ନିଜ ଆଖିରେ ଅଶ୍ରୁ, ମନରେ ଆବେଗ ଓ ଜୀବନର ବିଶ୍ୱାସ ନେଇ ସବୁ ଯନ୍ତ୍ରଣାକୁ ମଥାପାତି ହସି ହସି ସହିଯାଉଥିବା ସର୍ବଂସହା । ସମାଜ ଓ ଦେଶ ଗଠନରେ ନାରୀର ମହତ୍ ଭୂମିକାକୁ ଆଜି ସମଗ୍ର ବିଶ୍ୱ ମାନି ନେଇଛି ।

କିଛିଟା କ୍ଷେତ୍ରରେ ଆଜି ଏହାର ବ୍ୟତିକ୍ରମ ପରିଲକ୍ଷିତ ହେଉଛି । ଆଜି ମଧ୍ୟ ବିଦେଶୀ ସଂସ୍କୃତିର ଅନୁକରଣ, ଆଚାର ଓ ବ୍ୟବହାର, ବେଶଭୂଷା ଓ ଚାଲିଚଳନ ତଥା ବେକାରୀ ଓ ମାଦକ ଦ୍ରବ୍ୟ ସେବନ ମହିଳାଙ୍କ ସମ୍ମାନକୁ କ୍ଷୁଣ୍ଣ କରିବା ସହ ଲୁଣ୍ଠନ, ବଳାତ୍କାର, ପାରିବାରିକ ହିଂସା, ଶାରୀରିକ ଓ ମାନସିକ ଯନ୍ତ୍ରଣା ଆଦିର ଶିକାର ହେବାର ବହୁ ଦୃଷ୍ଟାନ୍ତ ନଜରକୁ ଆସିଥାଏ ।

ପରିଶେଷରେ ଏତିକି କୁହାଯାଇପାରେ, ଆଜିର ସମାଜ ନାରୀର ମର୍ଯ୍ୟାଦା ଓ ମହନୀୟତାକୁ ବଜାୟ ରଖିପାରିଲେ ଏବଂ ନାରୀକୁ ସମ୍ମାନ ଦେଇପାରିଲେ ସମଗ୍ର ଦେଶ ହସିଉଠିବା ସହ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ । ତେଣୁ ଏହା କୁହାଯାଇପାରେ

"ଲାଂଛିତା ଶୋଷିତା ଧର୍ଷିତା କରନି ମୁଁ ଅଟେ ତୁମରି ମିତ
ସମ୍ମାନ ମୁଁ ଚାହେଁ ଅପମାନ ନୁହେଁ ନାରୀ ଦେଶପାଇଁ ହିତ ।"

-୦-

ପ୍ରାକ୍ତନ ବିଭାଗୀୟ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଞ୍ଜାମ,
ସଭାପତି ସୃଜନ ସାହିତ୍ୟ ସଂସଦ, ଛତ୍ରପୁର, ଗଞ୍ଜାମ



# ପ୍ରତିବୁଦ୍ଧା

ବଂଶୀଧର ସେଠୀ

ପ୍ରକୃତି ପୁରୁଷ ସଂଯୁକ୍ତ ବ୍ୟାପାର,
ହେତୁ ଲୋକ ତରେ ଭବ ପାରାବର ।

ଆଦିମକାଳରେ ମଣିଷ ଅଣସଙ୍ଗଠିତ, ଅଣଚେତନ, ଅଠିକ୍ ଓ ଅଜ୍ଞାନ ଭାବେ ଜୀବନଯାପନ କରୁଥିଲା । "ଆବଶ୍ୟକତା ଉଦ୍ଭାବନର ଜନନୀ" ନୀତିରେ ସମୟଚକ୍ର ଗଡୁଥିବାବେଳେ ଅସହଯୋଗରୁ ମୁକୁଳିବା ପାଇଁ ଏକାଠି ସହାବସ୍ଥାନରେ ଆବଶ୍ୟକ ମଣିଲା । ନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କରିପାରିଲେ ମଧ୍ୟ ମୁଁ ଯାହା ଭାବେ ସେହି ଦିନଠାରୁ ଆରମ୍ଭ ହେଲା । ଗୋଷ୍ଠୀ ବା ସମାଜ ଗଠନ କରି ବସବାସ କରିବାର ମାନସିକତା । ତା'ପରେ ନିର୍ଦ୍ଦିଷ୍ଟ ଭୂଖଣ୍ଡକୁ ଗ୍ରାମ, ଜନପଦ, ଦେଶ ଆଦି ନାମକରଣ କରି ଚଳିଲା । ଶୃଙ୍ଖଳିତ ଜୀବନଯାପନ ପାଇଁ ନିର୍ଣ୍ଣୟ ହେଲା ।

ନିର୍ଦ୍ଦିଷ୍ଟ ଲୋକ ସହିତ ଯୌନସମ୍ପର୍କ ଯାହା ସୃଷ୍ଟିର ମୂଳାଧାର, ଭାଇଚାରାର ସମ୍ପର୍କ ଯାହା ସମାଜରେ ଚଳିବା ପାଇଁ ନିରାପଦକୁ ଗ୍ରହଣ କରି ପରିବାର ଗଠନ କଲା । ହେଲେ ପରିବାରରେ ମାନବସମ୍ବଳ ସୃଷ୍ଟି ପାଇଁ ଅଭିପ୍ରେତ ସ୍ତ୍ରୀ ଓ ପୁରୁଷଙ୍କ ମଧ୍ୟରେ ସମାନତା ରହିଲା ନାହିଁ । ସେହିଭଳି ଗୋଷ୍ଠୀର ସମସ୍ତଙ୍କ ମଧ୍ୟରେ ସମାନତା ସମଦର୍ଶୀଭାବ ଉଦ୍ରେକ ନହୋଇ, ଛୋଟବଡ଼ ଉଚ୍ଚନିଚ ଭାବନା ସୃଷ୍ଟି କଲା । ଏହି ଉଚ୍ଚନୀଚ ମାନସିକତା ହିଁ ସମାଜ ବା ଦେଶର ପ୍ରଗତିରେ ପ୍ରତିବନ୍ଧକ ହୋଇଆସିଛି । ଉଚ୍ଚନିଚ୍ଚ ବିଚାର ବୋଧେ ମଣିଷର ଜନ୍ମସଂଜାତ ପ୍ରବୃତ୍ତି ।

ଆମେ ପ୍ରଥମେ ପରିବାର ବିଷୟରେ ଆଲୋଚନା କରିବା । ପରିବାର କହିଲେ ସ୍ୱାମୀ-ସ୍ତ୍ରୀ ଓ ସେମାନଙ୍କଠାରୁ ଜନ୍ମିତ ସନ୍ତାନଗଣ । ସ୍ୱାମୀ ବିନା ସ୍ତ୍ରୀ ଅସହାୟା, ସ୍ତ୍ରୀ ବିନା ସ୍ୱାମୀ ଅଧୁରା । ସୁତରାଂ ଦୁହେଁ ଦୁହିଁଙ୍କର ପରିପୂରକ । ଜଣେ ପ୍ରକୃତି ଆଉ ଜଣେ ପୁରୁଷ, ଜଣେ ଭୂମି ଆଉ ଜଣେ ବୀଜ । ମଣିଷ ଏହି ସତ୍ୟକୁ ଭଲଭାବେ ଜାଣିଥିଲେ ମଧ୍ୟ, ପୁରୁଷ କେବଳ ଶାରୀରିକ ବଳ ଆଧାରରେ ସ୍ତ୍ରୀ ଠାରୁ ବଳବାନ, ବୁଦ୍ଧିମାନ, ଶ୍ରେଷ୍ଠ ବୋଲି ବିବେଚନା କରି ସ୍ତ୍ରୀକୁ ସେବ୍ୟା, ଭୋଗ୍ୟା ଭାବେ ଖଟାଇ ଚାଲିଛି ।

ଅପରପକ୍ଷରେ ଧୈର୍ଯ୍ୟଶାଳିନୀ, ସମାପିନୀ, ବୁଦ୍ଧିବୃତ୍ତି ସମ୍ପନ୍ନା ସ୍ତ୍ରୀ ଧରଣୀ ରୂପେ ଅବତୀର୍ଣ୍ଣା ହୋଇ, ପୁରୁଷର ସମସ୍ତ ଫରମାସ ପୂରଣ କରି ଚାଲିଛି ।

ମୁଦ୍ରାର ଦୁଇପାର୍ଶ୍ୱକୁ ଛୋଟବଡ଼ ଆଧାରରେ ବିବେଚନା କରିବା ଯେଭଳି ବୋକାମୀ ସ୍ତ୍ରୀ ପୁରୁଷ ମଧ୍ୟରେ ଅସମାନ ଭାବ ନେଇ ଚଳିବା ମଧ୍ୟ ପାଗଳାମି । ସମାଜ ବା ଦେଶ ପ୍ରଗତି ହେବାକୁ ହେଲେ ନାରୀପୁରୁଷଙ୍କର ସହଭାଗିତା ରହିବା ନିତାନ୍ତ ଜରୁରୀ । ଅସମାନତା ହେତୁ ଯେଉଁ ହାରରେ ମଣିଷ ସମାଜର ପ୍ରଗତି ହେବା କଥା ସେହି ହାରରେ ନହୋଇ ପୁରୁଷ ପ୍ରାଧାନ୍ୟ ହୋଇପଡ଼ିଛି । ନାରୀପୁରୁଷଙ୍କ ସମାନତା ପାଇଁ ସବୁ ସମୟରେ କେଉଁଠିନା କେଉଁଠି ଚିନ୍ତା କରାଯାଇଛି । ସମାଜ ସଂସ୍କାରକ, ଚିନ୍ତାନାୟକମାନେ (ନାରୀ ଓ ପୁରୁଷ ଉଭୟେ) ବିଦ୍ୟାବୁଦ୍ଧି ଓ ଚିନ୍ତନକୁ ପ୍ରୟାସ କରି ନାରୀପୁରୁଷର ସମାନତା ଓ ଅଧିକାର ନିମନ୍ତେ ସ୍ୱର ଉତ୍ତୋଳନ କରିଛନ୍ତି, ଲେଖନୀ ଚାଳନା, ଆନ୍ଦୋଳନ ଏବଂ ପ୍ରତିବାଦ ସଭା ମାଧ୍ୟମରେ ।

ନାରୀମାନଙ୍କ ମଧ୍ୟରେ ବହୁ ପୂର୍ବରୁ ଜାଗରଣ ସୃଷ୍ଟି ହୋଇଛି । ପ୍ରତାପରୁଦ୍ର ଦେବଙ୍କ ରାଜୁତି କାଳରେ ମାଧବୀ ନାମକ ଜଣେ କରଣ ଝିଅବାଲ୍ୟ ବିଧବା ହୋଇଗଲେ । ସେ ଅପୂର୍ବ ସୁନ୍ଦରୀ ଥିଲେ ବାଲ୍ୟ ବିଧବା ମାନଙ୍କର ପୁନଃ ବିବାହର ବ୍ୟବସ୍ଥା ନଥିଲା ସମାଜରେ । ତେଣୁ ସେ ବିବାହ ନକରି ପିତ୍ରାଳୟରେ ରହିବାକୁ ଲାଗିଲେ । ଯୁଗେ ଯୁଗେ ସୁନ୍ଦରୀନାରୀଙ୍କୁ ଏ ସମାଜର ପୁରୁଷ ଲୋଲୁପ ଦୃଷ୍ଟି ନିକ୍ଷେପ କରିଛି ମାଧବୀ ସେଥିରୁ ବାଦ୍ ଯାଆନ୍ତା କିପରି ? ସେ ମଧ୍ୟ କାମତୁରା ପୁରୁଷଙ୍କ ହାବୁଡ଼ରେ ପଡ଼ି ନିର୍ଯ୍ୟାତିତା ହେବାରୁ, ଚୈତଣ୍ୟଙ୍କ ଶିଷ୍ୟତ୍ୱ ଗ୍ରହଣ କରି ବୈଷ୍ଣବ ଧର୍ମରେ ଦୀକ୍ଷିତ ହୋଇ ପରବର୍ତ୍ତୀ ସମୟରେ ଭକ୍ତିଗୀତ ସହ ସମାଜ ସଂସ୍କାର ପାଇଁ ଗୀତ ରଚନା କରି ସେତେବେଳେ ବାଲ୍ୟ ବିବାହର ଅପକାରିତା ସମ୍ବନ୍ଧରେ ଜନସଚେତନତା ସୃଷ୍ଟି କରିଥିଲେ । ପରେ ପରେ ବୃନ୍ଦାବତୀ ଦାସୀ, ନିଶଙ୍କ ରାୟରାଣୀ, ସୁଲକ୍ଷଣା ଦେବୀ, ରେବା ରାୟ, ଅନ୍ନପୂର୍ଣ୍ଣା ଦେବୀ, ମହାରାଣୀ ପାର୍ବତୀ ଦେବୀ, ସୁଲକ୍ଷଣା ଦେବୀ, କୃଷ୍ଣଚନ୍ଦ୍ରପ୍ରିୟା, ଦୁର୍ଗାବତୀ ପଟ୍ଟନାୟକ, ଅପର୍ଣ୍ଣା ଦେବୀ, କୁନ୍ତଳା କୁମାରୀ ସାବତ, ବିଦ୍ୟୁତ୍ ପ୍ରଭା ଦେବୀ, ପ୍ରତିଭା ରାୟ, ସରୋଜିନୀ ନାଇଡୁ ପ୍ରଭୃତି ନାରୀକବି ମାନେ ନାରୀ ଜାଗରଣ, ନାରୀ ସ୍ୱାଧୀନତା ଓ ସାମନତା ପାଇଁ ଲେଖନୀ ଚାଳନା କରି ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛନ୍ତି ।

ବର୍ତ୍ତମାନ ମଧ୍ୟ କବିମାନେ ନାରୀ ସମାନତା ଉପରେ କବିତା, ଗଳ୍ପ, ପ୍ରବନ୍ଧ, ଉପନ୍ୟାସ, ନାଟକ ଆଦି ରଚନା କରି ନାରୀ ସମାନତା ପାଇଁ ଚେଷ୍ଟା ଜାରି ରଖିଛନ୍ତି ।

ଶିକ୍ଷା ଦେଶ ପ୍ରଗତିର ମାପକାଠୀ । ସବୁଠାରୁ ବଡ଼ ନାରୀଶିକ୍ଷା । ନାରୀ କନ୍ୟା, ଭଗିନୀ, ଜାୟା, ନାରୀ ସନ୍ତାନ ପ୍ରସବୀ ଦେଶର ମୁଖ୍ୟ ଉପାଦାନ ମାନବ ସମ୍ବଳକୁ ସୃଷ୍ଟି କରିଥାଏ । କଥାରେ ଅଛି "ମାତା ସନ୍ତାନର ପ୍ରଥମ ଶିକ୍ଷକ, ପିଲାଙ୍କୁ ଶିକ୍ଷିତା ମାଆଟିଏ ଯେପରି ଗଢ଼େ ଅଶିକ୍ଷିତା ମା'ପକ୍ଷରେ ତାହା ସମ୍ଭବ ହୁଏନି ।" ପୂର୍ବେ ବହୁ ଦେଶରେ ନାରୀଶିକ୍ଷା ଉପରେ ପ୍ରତିବନ୍ଧକ ଥିଲା । ଆଜି ମଧ୍ୟ ତାଲିବାନ ଭଳି ମୁସଲମାନ ଗୋଷ୍ଠୀ ନାରୀ ଶିକ୍ଷାର ପ୍ରସାର ପାଇଁ ବିମୁଖ ।

ଅବଶ୍ୟ ଆମ ଦେଶରେ ବର୍ତ୍ତମାନ ନାରୀଶିକ୍ଷା ପାଇଁ ପ୍ରତିବନ୍ଧକ ନାହିଁ ନାରୀକୁ ପୁରୁଷର ସମକକ୍ଷ କରିବା ନିମନ୍ତେ ବିଭିନ୍ନ ସଙ୍ଗଠନ ଓ ଅନୁଷ୍ଠାନମାନେ ଜାଗରଣ ସୃଷ୍ଟି କରି 'ବିଂଶ ଉନବିଂଶ' ପଦ୍ଧତିରେ ପ୍ରଗତି ପଥରେ ନେବାପାଇଁ ଉଦ୍ୟମ ଚଳାଇଛନ୍ତି । ନାରୀ ସମାନତା ପାଇଁ ସରକାରୀ ସ୍ତରରେ ମଧ୍ୟ ଆଇନ ହେଲାଣି । ସରକାରଙ୍କର ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମ ଉଭୟ କେନ୍ଦ୍ର ଓ ରାଜ୍ୟରେ ନାରୀମାନଙ୍କୁ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ପ୍ରବେଶ କରାଇ ସେମାନଙ୍କର ଆର୍ଥିକ ଓ ବୌଦ୍ଧିକ ବିକାଶ ନିମନ୍ତେ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି । ନାରୀ ଶିକ୍ଷା ନିମନ୍ତେ ପ୍ରଶିକ୍ଷଣ, ଆଲୋଚନାଚକ୍ର, ଗ୍ରାମ ପଞ୍ଚାୟତସ୍ତରରୁ ଜାତୀୟସ୍ତର ପର୍ଯ୍ୟନ୍ତ ଅନୁଷ୍ଠିତ କରାଇ କୁଶଳୀ ମହିଳା ଭାବେ ସୁଯୋଗ୍ୟା କରୁଛନ୍ତି ।

ପ୍ରତି ଗ୍ରାମରେ ପ୍ରତି ଦଶ ଜଣ ମହିଳାଙ୍କୁ ନେଇ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଗଠନ କରାଯାଇଛି । ଏମାନଙ୍କୁ ସଶକ୍ତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ମହିଳା ସ୍ୱୟଂ ସହାୟକ ଦଳ (ଏସ୍.ଏଚ୍.ଜି.) ମାନେ ବ୍ୟାଙ୍କରୁ ସ୍ୱଳ୍ପ ସୁଧରେ ଋଣ ନେଇ ବିଭିନ୍ନ ଉଦ୍ୟୋଗ ଯଥା-ପୋଷାକ ସିଲେଇ କରି ବିଭିନ୍ନ ସ୍କୁଲମାନଙ୍କୁ ଗଣବେଶ ଯୋଗାଉଛନ୍ତି । ସ୍ୱାବଲମ୍ବୀ ହେବା ପାଇଁ ଛତୁଆ, ବଡ଼ି, ପାମ୍ପଡ଼, ଆଚାର, ମସଲା ଭଳି ଖାଦ୍ୟ ଜିନିଷ ପ୍ରସ୍ତୁତ କରୁଛନ୍ତି, ଖଲିପତ୍ର, ପଟି, ମସିଣା, ଝାଡୁ, ପାପୋଛା, ଚାନ୍ଦୁଆ, ଘର ସଜାଇବା ସାମଗ୍ରୀ, ଧୂପକାଠୀ, ମହମବତୀ, ଫିନାଇଲ, ଏସିଡ୍, ପ୍ରଭୃତ ଘରେ ଛୋଟ ଜଳ ବସାଇ ତିଆରି କରୁଛନ୍ତି । ପନିପରିବା ଚାଷ, ମାଛଚାଷ, ଫଳ ଚାଷ କରୁଛନ୍ତି । ଶସ୍ୟ ଅମଳ ବେଳେ ଚାଷୀମାନଙ୍କଠାରୁ ଧାନ, ମୁଗ, ବିରି, ମାଣ୍ଡିଆ, କାନ୍ଦୁଲ ସଂଗ୍ରହ କରି ସରକାରଙ୍କୁ ଦେଉଛନ୍ତି । ଧାନ ମଣ୍ଡିର ଦାୟିତ୍ୱ ନେଇଧାନ ସଂଗ୍ରହ ଓ ଚାଉଳ ପ୍ରସ୍ତୁତ କରି ମିଲ୍ ମାନଙ୍କୁ ବିକ୍ରି କରୁଛନ୍ତି । ଅତଏବ ସମାଜରେ ବହୁବିଧ ସମସ୍ୟା ପୂରଣ କ୍ଷେତ୍ରରେ ମହିଳାମାନଙ୍କର ବଡ଼ ଯୋଗଦାନ ରହୁଛି । ଏହା ସେମାନଙ୍କର ଅର୍ଥନୈତିକ ବିକାଶର ନିଦର୍ଶନ ।

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲ୍ୟୁ.ଏସ୍.ଏଚ୍.ଜି.)ଙ୍କ ଉତ୍‌ଥାନ ଯୋଗୁଁ ଗାଁରେ ସାହୁକାର ପ୍ରଥା ଲୋପ ହୋଇଛି । କାରଣ ବିଭିନ୍ନ ଉଦ୍ୟୋଗ କରି ନାରୀମାନେ ଲାଭବାନ ହେଉଛନ୍ତି । ପୁଅଝିଅଙ୍କ ବିଭାଘର, ଗୃହ ନିର୍ମାଣ କିମ୍ବା ଜରୁରୀ ଆବଶ୍ୟକତା ବେଳେ ନିଜ ଏସ୍.ଏଚ୍.ଜି.ରୁ ସ୍ୱଳ୍ପ ସୁଧରେ ଋଣ ଗ୍ରହଣ କରି ସମୂଳସୁଧ ପୈଠ ଦେଉଛନ୍ତି । କହିବାକୁ ଗଲେ ନାରୀଙ୍କ ହାତଖର୍ଚ୍ଚ ପାଣ୍ଠି ଏସ୍.ଏଚ୍.ଜି. ତୁଲାଇପାରୁଛନ୍ତି ।

ନାରୀମାନେ ରାଜନୈତିକ କ୍ଷେତ୍ରରେ ବହୁତ ଉପରକୁ ଉଠିପାରିଛନ୍ତି । ସମ୍ବିଧାନର ସଂଶୋଧନ କରି (ଜନ ପ୍ରତିନିଧି ନିୟମ) ୩୩ ପ୍ରତିଶତ ମହିଳା ସଦସ୍ୟାଙ୍କୁ ପ୍ରତି ସ୍ତରରେ ନିର୍ବାଚନ ଲଢ଼ିବାର ସୁଯୋଗ ଦିଆଯାଇଛି । ସେମାନେ ଗ୍ରାମ ପଞ୍ଚାୟତର ୱାର୍ଡ ମେମ୍ବର ଠାରୁ ଆରମ୍ଭ କରି ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ବିଧାୟକ, ପାର୍ଲ୍ୟାମେଣ୍ଟ ସଦସ୍ୟ ପ୍ରଭୃତି ପଦର ୩୩ ଭାଗ ପାଇଁ ନିର୍ବାଚିତ ହୋଇ ଗଣତନ୍ତ୍ରରେ ସକ୍ରିୟ ଯୋଗଦାନ କରୁଛନ୍ତି ।

ଶିକ୍ଷା କ୍ଷେତ୍ରରେ ନାରୀ ପ୍ରଗତି ଏକ ନିର୍ଣ୍ଣାୟକ ମୋଡ଼ରେ ଉପନୀତ ହୋଇଛି । ସ୍ୱଭାବରେ ନାରୀମାନେ ସରଳା, ଧିଶକ୍ତି ସମ୍ପନ୍ନା ହୋଇଥିବାରୁ ପୁଅମାନଙ୍କଠାରୁ ଝିଅମାନେ ବିଦ୍ୟାଳୟରେ ଆଗରେ ରହୁଛନ୍ତି । ନିଜେ ଶିକ୍ଷିତା ହେବା ସଙ୍ଗେ ସଙ୍ଗେ ନିଜ ସନ୍ତାନ ତଥା ପରିବାର ପରିଜନଙ୍କୁ ଶିକ୍ଷିତ କରିବାରେ ସାହାଯ୍ୟ କରୁଛନ୍ତି । ଆଜିର ନାରୀ ଡାକ୍ତର, ଇଞ୍ଜିନିୟର ତଥା ବିଭିନ୍ନ ବୈଷୟିକ ଶିକ୍ଷା ନିମନ୍ତେ ବାହାର ଦେଶକୁ ଯାଇ ପାଠ ପଢୁଛନ୍ତି ଓ ପଢ଼ାଉଛନ୍ତି । ସେ ଦେଶରେ ଚାକିରୀ କରି ସୁନାମ ଅର୍ଜନ କରୁଛନ୍ତି । ଭାରତୀୟ ଡାକ୍ତର, ଇଞ୍ଜିନିୟର, ସ୍ଥପତି ଚିତ୍ରକର ପ୍ରଭୃତିଙ୍କ ବାହାର ଦେଶରେ ସ୍ନେହ ଓ ସମ୍ମାନ ରହିଛି ।

ନାରୀମାନଙ୍କୁ ସମାନତା ପ୍ରଦାନର ନିଦର୍ଶନ ସ୍ୱରୂପ ପିତାମାତାଙ୍କ ସମ୍ପତ୍ତିରୁ ଭାଗ ନେବା ପାଇଁ ଆଇନ କରାଯାଇଛି । ପୁରୁଷ ଭଳି ନାରୀମାନଙ୍କୁ ସମାନ କାମକୁ ସମାନ ଦରମା ଦିଆଯାଉଛି ।

ନାରୀଙ୍କ ଶୃଙ୍ଖଳା ଓ ନିରାପତ୍ତା ପାଇଁ ବାଲ୍ୟ ବିବାହ ପ୍ରଥା ଉଚ୍ଛେଦ ହୋଇଛି । ବିଧବା ବିବାହ ପାଇଁ ସାମାଜିକ ସ୍ତରରେ ଓ ସମ୍ବିଧାନିକ ସ୍ତରରେ ସ୍ୱୀକୃତି ପ୍ରଦାନ କରାଯାଇଛି । ପୂର୍ବରୁ ମହିଳାମାନେ ବାଲ୍ୟବିବାହ ପ୍ରଥା ଜରିଆରେ ମରଣାନ୍ତକ କଷ୍ଟ ଭୋଗ କରୁଥିଲେ । ବାଲ୍ୟ ବିବାହ କରିଥିବା ଝିଅର ସ୍ୱାମୀ ମରିହଜି ଗଲେ,

ଝିଅଟି ବିଧବା ହୋଇଯାଉଥିଲା । ଦ୍ୱିତୀୟ ବିବାହ କରିପାରୁନଥିଲା ।

"ଯୁବତୀ କାମ ଚିନ୍ତନ୍ତି ବୃଦ୍ଧ ଚିନ୍ତି ମରଣଂ" ଅର୍ଥାତ୍ ଯୁବାକାଳେ ସମସ୍ତଙ୍କୁ ଯୌନ ସମ୍ପର୍କ ଦରକାର । ବାଲ୍ୟକାଳେ ବିଧବା ହେଉଥିବା ଝିଅ କୌଣସି ପରିସ୍ଥିତିରେ ପଡ଼ି ଅନ୍ୟ ପୁରୁଷ ସହ ସମ୍ପର୍କ ସ୍ଥାପନ କଲେ, ସମାଜରେ ଅସତୀ, ଆଲୋଡ଼ା ଆଖ୍ୟା ପାଇଁ ଘୃଣିତ ଜୀବନଯାପନ କରୁଥିଲା ଯଦିଓ ତାହାର କୌଣସି ଦୋଷ ନଥିଲା ।

ଏହି ବାଲ୍ୟ ବିବାହ ପ୍ରଥାକୁ ଉଚ୍ଛେଦ କରାଯାଇଛି । ଯାରି ପାଇଁ ପ୍ରଚାର ପ୍ରସାର ମଧ୍ୟ ହେଉଛି ତଥାପି କେଉଁଠି ନା କେଉଁଠି ବାଲ୍ୟ ବିବାହ ଲୁଚାଛପାରେ ଚାଲିଛି । ଏହି ଆଇନର ଦୃଢ଼ିକରଣ ପାଇଁ ସମାଜର ସମସ୍ତ ଜନସାଧାରଣଙ୍କ କର୍ତ୍ତବ୍ୟ ରହିଛି । ଏହି ପ୍ରଥା ଉଚ୍ଛେଦ ହେବା ଯୋଗୁଁ ନାରୀଜାତି ନିଶ୍ଚିତ ନର୍କ ଯନ୍ତ୍ରଣାରୁ ମୁକ୍ତ ପାଇଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ସେହିଭଳି ବିଧବା ମାନଙ୍କୁ ପୁନଃ ବିବାହର ବ୍ୟବସ୍ଥା କରାଯାଇ ନାରୀ ଜାତି ପାଇଁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରାଯାଇଅଛି ।

ମହାତ୍ମାଗାନ୍ଧୀ କହିଥିଲେ, "ଯେଉଁଦିନ ନାରୀଟିଏ ଏକୁଟିଆ ରାତି ଅଧରେ ରାସ୍ତାରେ ନିର୍ଭୟରେ ଯାଇପାରିବ, ସେହିଦିନ ଆମେ ସ୍ୱାଧୀନ ହେଲେ ବୋଲି ଭାବିବା ।"

ସମସ୍ତ ନାରୀ ଏବେ ମଧ୍ୟ ଏକୁଟିଆ କେଉଁଆଡ଼େ ଯାଇପାରେନି । ଖଳ ପ୍ରକୃତି, ଦୁଷ୍ଟ, କାମୁକ ଲୋକମାନେ ନାରୀଙ୍କୁ କାମୋଦ୍ଦୀପକ ବାକ୍ୟ ପ୍ରୟୋଗ, ଯୌନ ଉତ୍ପୀଡ଼ନ, ଧର୍ଷଣ, ଧର୍ଷଣ ପରେ ହତ୍ୟା ଭଳି ଅପରାଧ କରି ଦଣ୍ଡ ନ ଭୋଗି ଖସିଯାଉଛି । ଅନେକ କ୍ଷେତ୍ରରେ ପୁରୁଷ ଅପେକ୍ଷା ନାରୀଜାତି ହିଁ ନାରୀ ଜାତିଙ୍କ ଶତ୍ରୁ ହୁଅନ୍ତି ।

ସମସ୍ତ ନାରୀ ଜାତି ସମାଜର ସମ୍ମାନୀୟା, ପୂଜ୍ୟା ବୋଲି ମଣିଷ ଯେଉଁ ଦିନ ବିଚାର କରିବ ସେହିଦିନ ମଣିଷ ସମାଜରେ ଶାନ୍ତି ବିରାଜମାନ କରିବ ।

ମନୁଙ୍କ ଭାଷାରେ "ପୂଜ୍ୟତେ ନାର୍ଯ୍ୟାତୁ ଯତ୍ର ରମ୍ୟତେ ତତ୍ର ଦେବତା ।"

ନାରୀମାନଙ୍କୁ ଯେଉଁଠି ପୂଜା କରାଯାଏ, ସେଠାରେ ଦେବତାମାନେ ବିରାଜମାନ କରନ୍ତି । ସେହି ଭୂଖଣ୍ଡ ଦେବଭୂମି ହୁଏ ।

ପୁରାଣ ଶାସ୍ତ୍ର ଅନୁଧ୍ୟାନ କଲେ ତିନି ଯୁଗରେ ଯେତେ ଯୁଦ୍ଧ ସଂଘର୍ଷ ଦେଖାଦେଇଥିଲା, କେବଳ ନାରୀ ନିର୍ଯ୍ୟାତନା ଯୋଗୁଁ ।

ଶେଷରେ ଏତିକି କହିବା କଥା, ସବୁ କ୍ଷେତ୍ରରେ, ସବୁ ସମୟରେ ସବୁଠି ନାରୀକୁ ସମାନ ଅଧିକାର ଦେଲେ ସୁସ୍ଥ ସମାଜ ଗଠନ ହୋଇପାରିବ ।

ଚାଣକ୍ୟଙ୍କ ଭାଷାରେ "ମାତୃବତ୍ ପରଦାରେଷୁ, ପରଦ୍ରବ୍ୟେଷୁ, ଲୋଷ୍ଟ୍ରବତ୍, ଆତ୍ମବତ୍ ସର୍ବଭୂତେଷୁ ଯଃ ପଶ୍ୟନ୍ତି ସଃ ପଣ୍ଡିତଃ ।"

ଆସନ୍ତୁ ଆମେ ସମସ୍ତେ ନାରୀଙ୍କୁ ସମ୍ମାନ ଦେଇ, ମାତୃସମଜ୍ଞାନ କରି ଦେଶ ପ୍ରଗତିରେ ସହାୟକ ହେବା ।

-୦-


*With Best Compliments from:*

**Sakuntala Medical Store**

**(24 Hours Service)**

**Prop: Santosh Kumar Kanhar**

**C.H.C. 1 Hospital Campur**

**Khallikote, Ganjam-761030**



# ଓଡ଼ିଆ ସାହିତ୍ୟରେ ନାରୀ

ଇଂ. ପ୍ରଫୁଲ୍ଲ କୁମାର ତ୍ରିପାଠୀ

ସାହିତ୍ୟ ଏକ କ୍ରମ ବର୍ଦ୍ଧିଷ୍ଣୁ ଧାରା ଏହା ଯୁଗ ଯୁଗ ଧରି ସାହିତ୍ୟିକମାନଙ୍କ ଦ୍ୱାରା ପରିବ୍ୟାପ୍ତ ହୋଇଥାଏ । ସାହିତ୍ୟର ଏହି ପୁରୁଷାନୁକ୍ରମିକ ଧାରାକୁ ପ୍ରାଚୀନ ଯୁଗରେ ସାଧାରଣତଃ ପୁରୁଷମାନେ ଏକଚାଟିଆ ରୂପେ ଧରି ଚାଲୁଥିଲେ । ପ୍ରାଚୀନ ଯୁଗରେ ଭାରତୀୟ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ନାରୀ କେବଳ ଅନ୍ତଃପୁର ବାସିନୀ ହୋଇ ନିଜକୁ କୁଶଳୀ ଦିବ୍ୟ ସ୍ରଷ୍ଟା ଗୁଣାବଳୀକୁ ଚାପି ରଖୁଥିଲେ । ସେଥିପାଇଁତତ୍କାଳୀନ ସମାଜିକ ପରିସ୍ଥିତି ହିଁ ସମ୍ପୂର୍ଣ୍ଣ ରୂପେ ଦାୟିଥିଲା । ଏଣୁ ସାହିତ୍ୟ ସୃଷ୍ଟି କ୍ଷେତ୍ରରେ ନାରୀ ସ୍ରଷ୍ଟାଙ୍କ ଅପେକ୍ଷା ପୁରୁଷ ସ୍ରଷ୍ଟାଙ୍କ ସ୍ୱାଧୀନତା ଅଧିକ ।

ସେହି ଅନୁପାତରେ ପୁରୁଷ ସାହିତ୍ୟ ସ୍ରଷ୍ଟାଙ୍କ ଅପେକ୍ଷା ନାରୀ ସାହିତ୍ୟ ସ୍ରଷ୍ଟାଙ୍କ ସଂଖ୍ୟା କମ । ଓଡ଼ିଆ ଲିପିର ଉଦ୍ଭବ ପୂର୍ବରୁ ଓଡ଼ିଆ ସାହିତ୍ୟ ପାରମ୍ପରିକ ଭାବରେ ଗୀତ, ଗପ ଲୋକ କାହାଣୀ ମାଧ୍ୟମରେ ବଞ୍ଚି ରହିଥିଲା । ଏହି ପାରମ୍ପରିକ ଅଲିଖିତ ଲୋକ ସାହିତ୍ୟ ସୃଷ୍ଟି ପଛରେ ପୁରୁଷମାନଙ୍କ ଅପେକ୍ଷା ନାରୀମାନଙ୍କ ହାତ ବହୁତ ପରିମାଣରେ ଥିଲା ବୋଲି କୁହାଯାଇପାରେ । କାରଣ ପୁରୁଷତାର ଦୈନନ୍ଦିନ ଜୀବନ ଯନ୍ତ୍ରଣାର ସଂଘର୍ଷରେ ଲିପ୍ତରହି ତାର ସାହିତ୍ୟିକ ଭାବଧାରାକୁ ସଦ୍ ଉପଯୋଗୀ କରିପାରୁଥିଲା । ମାତ୍ର ନାରୀ ଅନ୍ତର୍ମୁଖୀ ହୋଇ ଅନ୍ତର୍ବେଦନାରେ ଅନୁଶୀଳନରେ ବିଭିନ୍ନ ଲୋକ ଗୀତିକା ତଥା ଢ଼ଗଢ଼ମାଳି କାନ୍ଦଣା, ନାନାବାୟା ଗୀତ ଇତ୍ୟାଦି ସୃଷ୍ଟି କରିପାରୁଥିଲା ।

ପରବର୍ତ୍ତୀ କାଳରେ ଓଡ଼ିଆ ଲିପିର ଉଦ୍ଭାବନ ଫଳରେ ଉକ୍ତ ମୌଖିକ ସାହିତ୍ୟକୁ ଧରି ରଖାଗଲା । ଓଡ଼ିଆ ଭାଷା ସାହିତ୍ୟରେ ସୃଷ୍ଟି ବିବର୍ତ୍ତନ ସମ୍ପର୍କରେ ପଣ୍ଡିତ ନୀଳକଣ୍ଠ ଦାଶ ସାହିତ୍ୟରେ ଲେଖାରେ ପ୍ରକାଶ ନପାଇ କଥାରେ ବା ପରମ୍ପରାରେ ଶୁଣି ଶିଖିବାରେ ସାହିତ୍ୟ ଭଳି କିମ୍ବା ତା'ଠାରୁ ଅଧିକ ସରସ ଓ ଜୀବନ୍ତ ସାହିତ୍ୟ ଥାଇପାରେ ବୋଲି ମତ ଦେଇଛନ୍ତି । ଆଗ କାଳରେ ଲେଖା ନଥିଲା କି ଅକ୍ଷର ବି ନଥିଲା । ଅକ୍ଷର ଥିବା କାଳରେ ମଧ୍ୟ ବ୍ରତକଥା, ଲୋକକଥା ବା ରୂପକଥା ପୁରାଣ, କାହାଣୀ ଓ ସେହିଭଳି ଗୀତ ଶୁଣିବାର ପରମ୍ପରା ଚଳୁଥିଲା । ଏବେବି କେତେକ ଯାଗାରେ ଚଳେ ଏସବୁ ବି ଓଡ଼ିଆ ସାହିତ୍ୟରେ ଲିପିବଦ୍ଧ ହୋଇ ରହିଛି ।

ଏହି ମତାମତକୁ ଆମେ ବିଚାରକୁ ଆଲୋଚନା କଲେ ଜଣାପଡ଼େ ଏଇ ଧରଣର ମୌଖିକ ସାହିତ୍ୟର ସୂତ୍ରଧର ଭାବେ ପୁରୁଷମାନଙ୍କ ଅପେକ୍ଷା ନାରୀମାନେ ଅଧିକ କାର୍ଯ୍ୟକାରୀ କରିପାରୁଥିଲେ । ତେଣୁ ତାହା ଆଇମା କାହାଣୀ ରୂପେ ପରିଚିତ । କାରଣ ପୁରୁଷ ସର୍ବଦା ଗୃହ ବାହାରେ କାର୍ଯ୍ୟରତ ରହି ସାହିତ୍ୟ ସୃଷ୍ଟି ନିମନ୍ତେ ସମୟ ପାଉନଥିଲା । ମାତ୍ର ନାରୀ ଅନ୍ତର୍ମୁଖୀ ହୋଇ ସର୍ବଦା ଶିଶୁକୁ କୋଳରେ ଧରି ସାହିତ୍ୟ ସୃଷ୍ଟି କରିପାରୁଥିଲା ବୋଲି ସାହିତ୍ୟ ସମାଲୋଚକମାନେ ମତ ଦିଅନ୍ତି । ଓଡ଼ିଆ ସାହିତ୍ୟରେ ଯଦି ସାରଳାଯୁଗ କଥା କହିବା ଲୋକଗୀତ, ପ୍ରବଚନ, ଓଷାଗୀତ, ମନ୍ତ୍ର କାହାଣୀ, କାନ୍ଦଣା ଏହି ଗୀତଗୁଡ଼ିକୁ ନାରୀମାନେ ମନେ ରଖି ପାରୁଥିଲେ । ଏଣୁ ଓଡ଼ିଆ ଲୋକ ସାହିତ୍ୟ ସୃଷ୍ଟି ଓ ପ୍ରବଚନ ପଛରେ ନାରୀ ମାନଙ୍କ ପ୍ରତ୍ୟକ୍ଷ ହାତ ରହିଛି । ପଞ୍ଚଦଶ ଶତାବ୍ଦୀ ବେଳକୁ ସାଧାରଣତଃ ବିଭିନ୍ନ ପର୍ବପର୍ବାଣୀ ମାଧ୍ୟମରେ ନାରୀମାନଙ୍କ ମଧ୍ୟରେ ଲୋକ ଗୀତିକାରର ବିକଶିତ ହେବାର ଅନୁମାନ କରାଯାଏ । ସାବିତ୍ରୀ ବ୍ରତ, ରଜପର୍ବ, ଖୁଦୁରିକୁଣୀ ଓଷା, ଜହ୍ନୀ ଓଷା ଆଦି ସାମାଜିକ ପର୍ବ ମାଧ୍ୟମରେ ବହୁ ଉତ୍ସବ ମୁଖରିତ ଗଢ଼ି ଉଠିଛି । ଓଡ଼ିଆ ସାହିତ୍ୟ ଯୁଗରେ ଉପରୋକ୍ତ ଲୋକଗୀତିକା ମାଧ୍ୟମରେ ଓଡ଼ିଆ ନାରୀ ସାହିତ୍ୟର କ୍ରମ ବର୍ଦ୍ଧିଷ୍ଣୁ ଦେଖିବାକୁ ମିଳେ । ଓଡ଼ିଆ ସାହିତ୍ୟର ପଞ୍ଚସଖା ଯୁଗ ପରବର୍ତ୍ତୀ ଓ ଗୀତି ସାହିତ୍ୟ ଯୁଗର ପରବର୍ତ୍ତୀ ସନ୍ଧିକ୍ଷଣ ଯୁଗୀୟ ଧର୍ମଧାରା ମାଧ୍ୟମରେ ଅନୁପ୍ରାଣିତ ହୋଇ କେତେକ ଓଡ଼ିଆ ନାରୀକବିଙ୍କ ଆବିର୍ଭାବ ଘଟିଥିଲା, ସେଥିମଧ୍ୟରେ ମାଧବୀ ଦାସୀ, ବୃନ୍ଦାବତୀ ଦାସୀ, ନିଶଙ୍କ ରାୟଙ୍କ ରାଣୀ, ସୁଲକ୍ଷଣା ଦେବୀ, ରେବା ରାୟ, ନର୍ମଦା କର, ଅନ୍ନପୂର୍ଣ୍ଣା ଦେବୀ, କୁନ୍ତଳା କୁମାରୀ ସାବତ, ସୀତାଦେବୀ ଖାଡ଼ଙ୍ଗା, ସରଳା ଦେବୀ ଅନ୍ୟତମ ଥିଲେ ।

ଆଧୁନିକ ଯୁଗର ନାରୀ ସାହିତ୍ୟିକ ଗଣ କୁବଳ ସାହିତ୍ୟର କାବ୍ୟ କବିତା ବିଭାଗ ପ୍ରତିନୁହେଁ ସାହିତ୍ୟର ଅନ୍ୟ ସମସ୍ତ ବିଭାଗ ପ୍ରତି ଆସକ୍ତ ହୋଇପଡିଥିଲେ । କ୍ରମେ ସମାଜରେ ବହୁ ପରିବର୍ତ୍ତନ ଦେଖାଦେବା ସଙ୍ଗେ ସଙ୍ଗେ ତତ୍କାଳୀନ ନାରୀ ମାନଙ୍କର ପାରମ୍ପରିକ ଦୃଷ୍ଟିଭଙ୍ଗୀରେ ମଧ୍ୟ ବହୁ ପରିବର୍ତ୍ତନ ଦେଖାଗଲା । ଏହିସବୁ ସୁବିଧା ସୁଯୋଗ ଦ୍ୱାରା ସ୍ୱାଧୀନତା ପରବର୍ତ୍ତୀ ସମୟରେ ଓଡ଼ିଆ ସାହିତ୍ୟରେ ବହୁ ପ୍ରବୀଣା ଲେଖିକାଙ୍କର ଆବିର୍ଭାବ ଘଟିଲା ସେମାନଙ୍କ ମଧ୍ୟରେ ଥିଲେ ବସନ୍ତ କୁମାରୀ ପଟ୍ଟନାୟକ, ହରପ୍ରିୟା ଦେବୀ, ବୀଣାପାଣି ମହାନ୍ତି, ପ୍ରତିଭା ରାୟ, ଗାୟତ୍ରୀ ବସୁ, ପ୍ରତିଭା ଶତପଥୀ ଅନ୍ୟତମ ଥିଲେ । ବର୍ତ୍ତମାନ ଓଡ଼ିଆ ସାହିତ୍ୟ ଇତିହାସରେ ସ୍ଥାନ ପାଇନଥିବା ନାରୀ ସାହିତ୍ୟଗଣ ସାହିତ୍ୟ ସାଧନାରେ ନିମଗ୍ନ । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଓଡ଼ିଆ ସାହିତ୍ୟାକାଶକୁ ଋଦ୍ଧିମନ୍ତ କରିବାରେ ଓଡ଼ିଆ ନାରୀ ପ୍ରତିଭାମାନଙ୍କର ଦାନ କିଛି କମ୍ ନୁହେଁ ।

-୦-

ହିଲପାଟଣା ୨ୟଲାଇନ୍, ବ୍ରହ୍ମପୁର, ଗଞ୍ଜାମ
ମୋ:୯୪୩୭୭୭୨୬୯୪



# ଦେଶ ଉନ୍ନତିରେ ନାରୀ

**କବିକମଳ ନରେନ୍ଦ୍ର ପ୍ରସାଦ ବେହେରା**

ସମୟ ସ୍ରୋତରେ ତରଙ୍ଗାୟିତ ବୁକୁରେ ଅନେକ ଘଟଣା ଘଟିଛି, ତା'ର ନିଛକ ଛବି ଲିପିବଦ୍ଧ ପୁରାଣରେ । ଇତିହାସରେ ଉଙ୍କିମାରେ ଅଙ୍ଗେ ନିଭାଇଥିବା କଥା ମଣିଷ ମନରେ । ଅନ୍ୟ କେତେକ ଘଟଣା ବି ଶୁଣାଯାଏ ଲୋକଙ୍କ ମୁଖରୁ । ମୋଟାମୋଟି କହିବାକୁ ଗଲେ ଅତୀତରେ ନିର୍ଦ୍ଦିଷ୍ଟ ଅଲୌକିକ କଥା ଆମକୁ ସ୍ୱପ୍ନ ପ୍ରାୟ ମନେହୁଏ, ହେଲେ ସବୁଥିରେ ଯେ କେବଳ ପୁରୁଷର ଅବଦାନ ତା'ନୁହେଁ ନାରୀର ଅବଦାନ ମଧ୍ୟ କମ୍ ନୁହେଁ ।

ଜୀବ ଜଗତର ଶ୍ରେଷ୍ଠ ପ୍ରାଣୀ ଭାବେ ବିବେଚିତ ମନୁଷ୍ୟ । ମନୁଷ୍ୟ ମାନେ କେବଳ ପୁରୁଷକୁ ବୁଝାଏ ନାହିଁ ନାରୀ ମଧ୍ୟ ଏଥିରେ ସଂଲଗ୍ନ । ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ୍ୟ । ପୁରୁଷ ବିନା ନାରୀର ଅସ୍ତିତ୍ୱ ନାହିଁ ଏବଂ ନାରୀ ବିନା ପୁରୁଷର ମଧ୍ୟ ଅସ୍ତିତ୍ୱ ନାହିଁ ।

ମାନବ ସଭ୍ୟତାର ପହିଲି ସକାଳରୁ ନାରୀ ପୁରୁଷର ଭୋଗବିଳାସୀ ସାମଗ୍ରୀ ନୁହେଁ । ସେ ଏକା ଧାରାରେ ଜନନୀ, ଭଗିନୀ, ନନ୍ଦିନୀ ଓ ଜାୟା । ଜନନୀ ଯେପରି ସନ୍ତାନମାନଙ୍କୁ ଅନ୍ନ ତରକାରୀ ସମେତ ଖାଦ୍ୟ ସମାଗ୍ରୀ ପରଶୀ ଥାଏ, ପିଲାଛୁଆଙ୍କୁ ଲାଳନପାଳନ କରିଥାଏ, ସେମାନଙ୍କୁ ଉଚିତ ମାର୍ଗରେ ନିଏ, ସେପରି ପୁରୁଷର ଦାୟିତ୍ୱ ନିଏ, ନନ୍ଦିନୀ ସାଜି ମିଠା ମିଠା କଥା କହି ମନରେ ଅଫୁରନ୍ତ ଆନନ୍ଦ ଭରିଦିଏ । ସେପରି ନାରୀ ପୁରୁଷକୁ ହସ ଖୁସିରେ ସମୟ ବିତାଏ । ଭଗିନୀ ସମ ପୁରୁଷର ସ୍ନେହ ଶ୍ରଦ୍ଧା ଜାହାରି କରେ । ଜାୟା ସମ ସୁଖ ସମ୍ଭୋଗ ଅଙ୍ଗଶାୟିନୀ ହେବା ସହ ପୁରୁଷର ସହଭାଗିନୀ, ସହଧର୍ମିଣୀ, ସହକାମିନୀ, ସହଯୋଗକାରିଣୀ ସାଜେ । ପୁରୁଷ ପ୍ରତ୍ୟେକ କର୍ମରେ ପ୍ରତି ମୁହୂର୍ତ୍ତରେ ସୁଖ, ଦୁଃଖ, ହସ, କାନ୍ଦ, ସୁଦିନ ଓ ଦୁର୍ଦ୍ଦିନରେ ସାଥୀଥାଏ ।

ପୁରାଣରେ ଲକ୍ଷ୍ମୀ, ସରସ୍ୱତୀ, ପାର୍ବତୀ, ସାବିତ୍ରୀ, ଗାୟତ୍ରୀ, ସୀତା, ସୁଭଦ୍ରା, ପ୍ରଭୃତି ନାରୀଗଣଙ୍କ ମହନୀୟତା ଓ ଉଦାରତା ଏବେବି ଜାଜୁଲ୍ୟମାନ । କେବଳ ସେତିକି ନୁହେଁ ଅନସୂୟା ପରି ଋଷି ନାରୀଗଣଙ୍କ ପ୍ରମାଣ ରହିଛି ।

ପ୍ରାଚୀନ ଯୁଗରେ ଗାର୍ଗୀ, ମୈତ୍ରୀୟ, ସଂଘମିତ୍ରା, ଲୋପାମୁଦ୍ରା, ଘୋଷା, ବିଶ୍ୱବା ପରି ଅନେକ ନାରୀଙ୍କ ଜ୍ୱଳନ୍ତ ଉଦାହରଣ ମାନ ରହିଛି । ଯାହାସବୁ ଦେଶ ପାଇଁ ଅବିସ୍ମରଣୀୟ ଅବଦାନ । କାଳୀଦାସଙ୍କ ସ୍ତ୍ରୀ କିପରି ତାଙ୍କ ସ୍ୱାମୀଙ୍କୁ ମହାନ ପଣ୍ଡିତ ହେବାର ନିର୍ଦ୍ଦେଶ ଦେଇଥିଲେ, ଫଳରେ ସେ ନବରତ୍ନ ପଣ୍ଡିତଙ୍କ ମଧ୍ୟରେ ଶ୍ରେଷ୍ଠ ପଣ୍ଡିତ ଆସନ ପାଇଥିଲେ । ତୁଳସୀ ଦାସଙ୍କ ସ୍ତ୍ରୀ ସ୍ୱାମୀଙ୍କୁ ଉପଦେଶ ଛଳରେ ନୂତନ ଦିଗ୍‌ଦର୍ଶନ ଦେଲେ, ଯାହାଦ୍ୱାରା ସେ ହେଲେ ସନ୍ଥ ତୁଳସୀ ଦାସ ।

ଇତିହାସ ପୃଷ୍ଠାକୁ ଓଲଟାଇଲେ ଜାଣିହୁଏ ଯେ ଅହଲ୍ୟାବାଈ, ରାଣୀ ଲକ୍ଷ୍ମୀବାଈ, ଦୁର୍ଗାବାଈ ପରି ବୀର ରମଣୀ ଯଦି ଏଇ ଧରାଧାମରେ ଜନ୍ମଲାଭ କରି ନିଜର ଦକ୍ଷତା, ସାହାସିକତା, ଦାମ୍ଭିକତା, ପ୍ରତିପାଦନ କରି ନାରୀ ଜାତିକୁ ଶୀର୍ଷ ସ୍ଥାନରେ ବସାଇ ପାରିଛନ୍ତି । ସ୍ୱାଧୀନତା ସଂଗ୍ରାମ ବେଳେ ଅନେକ ନାରୀ ଜୀବନକୁ ଜଳାଞ୍ଜଳି ଦେଇ ପରାଧୀନତା ଭୋଗୁଥିବା ଦେଶକୁ ମୁକ୍ତି କରିବାରେ ସହାୟତା କରିଯାଇଛନ୍ତି ।

ଅଧୁନା ଯୁଗରେ ବିଜୟଲକ୍ଷ୍ମୀ ପଣ୍ଡିତ, ଇନ୍ଦିରା ଗାନ୍ଧୀ, ରମାଦେବୀ, ନନ୍ଦିନୀ ଶତପଥୀ, ଅପର୍ଣ୍ଣା ଦେବୀ, କୁନ୍ତଳା କୁମାରୀ ସାବତ, ବିଦ୍ୟୁତ୍‌ପ୍ରଭାଙ୍କ ପରି ବିଦୁଷୀ ନାରୀଗଣ ରାଷ୍ଟ୍ରର ପରିଚାଳନା, ଶିକ୍ଷା, ସଂସ୍କୃତି, କଳା, ସାହିତ୍ୟ ଉପରେ ଅନେକ ଛାପ ଛାଡ଼ି ଯାଇଛନ୍ତି ।

ନାରୀ ହିଁ ଦେଶର ଉଜ୍ଜ୍ୱଳ ପ୍ରଦୀପ, ନାରୀ ବିନା ଦେଶ ପ୍ରଗତି ଅସମ୍ଭବ । ଏହା ମନେକରି ନାରୀକୁ ସର୍ବପ୍ରଥମେ ଗ୍ରୀସ୍ ଦେଶରେ ମାରିଆଙ୍କ ସମ୍ମାନାର୍ଥେ ମାତୃବତ ମନେକରି "ମାତୃଦିବସ" ବା 'ମଦରସ୍ ଡେ' ପାଳିତ ହେଲା । ପରବର୍ତ୍ତୀ ସମୟରେ ଇଂଲଣ୍ଡ, ଡେନମାର୍କ, ଇଟାଲୀ, ତୁର୍କୀ, ଅଷ୍ଟ୍ରେଲିଆ ପ୍ରଭୃତି ଦେଶ ସମୂହ ମେ ମାସ ଦ୍ୱିତୀୟ ରବିବାର ଦିନ ଏହା ପାଳିତ ହେଉଛି । ଧୀରେ ଧୀରେ ଏହା ସାରା ବିଶ୍ୱ ପାଳନ କରୁଛି । ଫଳରେ ୧୯୦୭ ମସିହାରେ ଏ ଦିନଟି ଜାତୀୟ ସ୍ତରରେ ମଧ୍ୟ ପାଳିତ ହେଉଛି ।

ନାରୀଙ୍କୁ ସମ୍ମାନ ଦେବା ଏବଂ ସମ୍ବିଧାନ ଦେଶର ନାରୀ ସମାଜକୁ ଜାଗ୍ରତ କରାଇଥିଲେ । ଦେଶ ପ୍ରଗତିର ଧାରା ବିକାଶ ଆଡ଼କୁ ଗତି କରିବ ବୋଲି ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ରାଜାରାମମୋହନ ରାୟ ପରି ପୁଣ୍ୟାତ୍ମା ମହାପୁରୁଷଙ୍କ

ଉଦ୍ୟମ ଦ୍ୱାରା ନାରୀ ଜାଗରଣ ପାଇଁ ନୂଆ ଅଧ୍ୟାୟ ସୃଷ୍ଟି ହେଲା । ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୯୭୫ ମସିହାରେ ମାର୍ଚ୍ଚ ୮ ତାରିଖକୁ ଆନ୍ତର୍ଜାତିକ ମହିଳା ଦିବସର ଶୁଭାରମ୍ଭ ହେଲା । ଯାହା ଏବେ ଏ ଦିନଟିକୁ ସାରା ବିଶ୍ୱପାଳନ କରୁଛି ।

ନାରୀ ସର୍ବଗୁଣର ଅଧିକାରିଣୀ । ସେ ଉତ୍ୟକ୍ତ ହୋଇ ଦୁର୍ଗାରୂପ ଧାରଣ କରି ମହିଷାସୁରକୁ ବଧ କରିଥିଲେ । ସରସ୍ୱତୀ ରୂପରେ ବିଦ୍ୟା ପ୍ରଦାନ କରିଥିଲେ । ଲକ୍ଷ୍ମୀ ରୂପରେ ଧନ, ଧାନ୍ୟ ପ୍ରଦାନ କରିଥିଲେ ଏବଂ ଏବେବି କରୁଛନ୍ତି । ମଙ୍ଗଳା ମା' ମଙ୍ଗଳମୟୀ ରୂପେ ଶୁଭାଶିଷ ପ୍ରଦାନ କରୁଛନ୍ତି । ତେଣୁ ଏଥିରୁ ପ୍ରତ୍ୟେହମାନ ହୁଏ ଯେ ସେ ଶାନ୍ତ, ସରଳା, ସ୍ନେହବତ୍ସଳା, ଶୁଭ ପ୍ରଦାୟିନୀ ରୂପେ ଗଣ୍ୟା । ପୁରୁଷ ସହ ସବୁ କାର୍ଯ୍ୟରେ ସହଯୋଗ କରିପାରେ ଏବଂ ଉଗ୍ର ରୂପରେ ଦଣ୍ଡାୟମାନ ହୋଇପାରେ । ତେଣୁ ନାରୀ ଅବଳା କି ଦୁର୍ବଳା ନୁହେଁ ।

ସତୀଦାହ ପ୍ରଥା, ବହୁନାରୀ ବିବାହ ପ୍ରଥା, ପରଦା ପ୍ରଥା, ବାଲ୍ୟବିବାହ ପ୍ରଥା ଉଚ୍ଛେଦ ପରେ ଏବେ ମୁଣ୍ଡଟେକିଛି ଯୌତୁକ ପ୍ରଥା, ଅକାଳରେ ଅବେଳରେ ଅନେକ ନାରୀ ରସି ଲଗେଇ, କିରୋସିନି ଢ଼ାଳି, ପେଟ୍ରୋଲ ଢ଼ାଳି ଆତ୍ମହତ୍ୟା ଦ୍ୱାରା ମୃତ୍ୟୁବରଣ କରୁଛନ୍ତି । ପ୍ରତିଦିନ ଖବରକାଗଜ, ସମ୍ବାଦପତ୍ର ଓ ଟିଭିରେ ପ୍ରଚାର ପ୍ରସାର ଏ ସମ୍ପର୍କରେ ମଧ୍ୟ ହେଉଛି । କ୍ରମେ କ୍ରମେ ନାରୀ ପ୍ରତି ଅନ୍ୟାୟ, ଅନୀତି ହେବାର ଅନେକ ଦୃଷ୍ଟାନ୍ତ ପ୍ରତ୍ୟୟ ମାନ, ସେମାନେ ଏବେ ବି ପ୍ରପୀଡ଼ିତ । ନାରୀ ଜାଗରଣ ଓ ନାରୀ ସଶକ୍ତିକରଣ ଉପରେ ଅଧିକ ଦୃଷ୍ଟିପାତ କରିବାକୁ ଧ୍ୟାନ ଦେବା ଆବଶ୍ୟକ । ସେମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା, ସମ୍ମାନ ପ୍ରଦର୍ଶନ କରାଗଲେ ଦେଶ ନିଶ୍ଚିତ ଭାବେ ଅଗ୍ରଗତି କରିବ, ଏହା ନିଃସନ୍ଦେହ ।

-୦-




*With Best Compliments from:* *Cell: 9937550114*



# LINGARAJ BASTRALAYA

*All types of Saree, Dhoti, Towel available here*

**Prop: K. Narendra Patra (Nari)**

**Main Road, Khallikote, Ganjam-761030**




# ଭାରତର ସୁଯୋଗ୍ୟା କନ୍ୟା : ମା’ ରମାଦେବୀ

**ବିଦ୍ୟୁତ୍‌ପ୍ରଭା ଦାଶ**

ନାରୀ ଆଜି ଚନ୍ଦ୍ରରେ । ସେ ବି ମହାସାଗର ଗର୍ଭରେ । ପରିବାରର ପାଠଶାଳା ଠାରୁ ରାଜନୀତିର ଶୀର୍ଷରେ । ସେ ଆଜି ପୁରୁଷର ସମକକ୍ଷ । ଶହେ ବର୍ଷ ତଳେ ଭାରତୀୟ ନାରୀ ସମାଜରେ ନାରୀଟି ଥିଲା ଶାନ୍ତିକାମୀ, ନିର୍ମାୟା, ନିରୀହା, ନିରୁତା ସ୍ନେହର ସୁଲଭ ସଉଦାଟିଏ । କିନ୍ତୁ ସେହି ସମୟର ସାଧାରଣ ମାନବୀୟ ଚିନ୍ତାର ଊର୍ଦ୍ଧ୍ୱରେ ଥିଲେ ନାରୀ ଚରିତ୍ରଟିଏ ରମାଦେବୀ ଚୌଧୁରୀ । ସର୍ବହରା ଦଳିତ ଠାରୁ ମହାଜନ, ସର୍ବନିମ୍ନ ବିଭାଗର ନିଷ୍ପେଷିତ ଠାରୁ ତତ୍‌କାଳୀନ ସମାଜକୁ ଦିଗ ଦର୍ଶାଉଥିବା ତଥା କଥିତ ବିଜ୍ଞ, ପ୍ରାଜ୍ଞ, ନେତୃବର୍ଗୀୟ ବ୍ୟକ୍ତିବିଶେଷଙ୍କର ସେ ଥିଲେ ମା’ । ମା’ ରମାଦେବୀ ।

ଅଚିନ୍ତ୍ୟ ତ୍ୟାଗର ପ୍ରତିମା । ୧୮୯୯ ମସିହା ଡିସେମ୍ବର ମାସ ୩ ତାରିଖରେ କଟକ ଜିଲ୍ଲାର ସତ୍ୟଭାମାପୁରରେ ତାଙ୍କର ଜନ୍ମ । ବାପା, ଗୋପାଳ ବଲ୍ଲଭ ଦାସ, ଜିଲ୍ଲା କଲେକ୍ଟର, ମାଆ ବାସନ୍ତୀ ଦେବୀ ଏକ ପତ୍ରିକାର ସମ୍ପାଦିକା । ସ୍ୱାମୀ ଗୋପବନ୍ଧୁ ଚୌଧୁରୀ ଡେପୁଟି କଲେକ୍ଟର ପୁଣି ମଧୁସୂଦନ ଦାସଙ୍କ ଝିଆରୀ । ଏତେବଡ଼ ଆଭିଜାତ୍ୟର ସମ୍ମୋହନକୁ ସେ ଯେଉଁଭଳି ଅତିକ୍ରମ କରିଥିଲେ ତାହା କ’ଣ ଏକ ସାଧାରଣ ନାରୀ ଚରିତ୍ରର ସ୍ୱଭାବରେ ହୋଇପାରେ ? ଅସଂଲଗ୍ନ ହୃଦୟମାନଙ୍କ ବେଦନାକୁ ପଢ଼ିପାରି, ଦେଶ ମାତୃକାର ଅନ୍ତଃସ୍ୱରକୁ ଶୁଣିପାରି ବୁଝିପାରି ପ୍ରାପ୍ୟ ସୌଭାଗ୍ୟର ଅଜସ୍ର ପ୍ରାଚୁର୍ଯ୍ୟକୁ ବିସର୍ଜି ନିଜକୁ ଦେଶ ପାଇଁ ଉତ୍ସର୍ଗ କରିଥିବା ଏହି ମହିୟସୀଙ୍କ ଜନ୍ମ କେଉଁ ଦୁର୍ଲଭ ନକ୍ଷତ୍ରରେ ତାହା ବିସ୍ମିତ କରେ । ଅବଶ୍ୟ ଅପରା ଜ୍ଞାନରେ ସିଦ୍ଧ ଆମ ଭାରତଭୂମି କେବଳ ଏଭଳି ଚରିତ୍ରଙ୍କୁ ଜନ୍ମ ଦେଇପାରେ !




ତାଙ୍କ ତ୍ୟାଗର ତୁଳନା ଦେଇ ହୁଏନା । ଡେପୁଟି କଲେକ୍ଟର ସ୍ୱାମୀ ଗୋପବନ୍ଧୁ ଚୌଧୁରୀ ଯେତେବେଳେ ସ୍ୱାଭିମାନ ବଶତଃ ଚାକିରି ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦିଅନ୍ତି, ରମାଦେବୀ ନିର୍ବିକାରରେ ପ୍ରତିବାଦ ବଦଳରେ ନିଜେ ମଧ୍ୟ ଯୋଡ଼ି ହୋଇଯାଆନ୍ତି ଦେଶ ସେବାରେ, ସ୍ୱାଧୀନତା ସଂଗ୍ରାମରେ । ୧୯୨୧ ମସିହା ମାର୍ଚ୍ଚ ୨୪ ତାରିଖରେ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଆୟୋଜିତ କଟକ କାଠଯୋଡ଼ି ବାଲି ଓ ବିନୋଦ ବିହାରୀ ପରିସରରେ ଦୁଇଟି ସମାବେଶରେ ଯୋଗ ଦେଇଥିଲେ ସେ ; ଯେଉଁଠି ଗାନ୍ଧୀଙ୍କ ଆହ୍ୱାନରେ ହରିଜନ ଓ ଦଳିତମାନଙ୍କ ସୁରକ୍ଷା ଓ ସ୍ୱଦେଶୀ ଆନ୍ଦୋଳନର ଆବଶ୍ୟକତାକୁ ବୁଝିପାରି ସେ ନିଜର ୨୦୦ ତୋଳା ସୁନାକୁ ସ୍ୱରାଜ ପାଣ୍ଠିକୁ ଦାନ କରିଦେଇଥିଲେ । ଏହା ବାସ୍ତବରେ ଶୁଣିବା ପାଇଁ ଯେତେ ସହଜବୋଧ ହୁଏ ନିଭାଇବା ଅକଳ୍ପନୀୟ ।

ଏହା ପରଠାରୁ ସେ ପରିବାର ଆଭିଜାତ୍ୟର ଊର୍ଦ୍ଧ୍ୱରେ ଯାଉ ଭୌତିକ ସ୍ଥିତି, ସ୍ଥୁଳ ପରିପାଟୀକୁ ପରିହାର କରି ଖଦି ବସ୍ତ୍ରକୁ ଆପଣାର ପରିଧାନ ରୂପେ ବାଛିନେଇ ରମାଦେବୀ ଚୌଧୁରୀରୁ ପାଲଟି ଯାଇଥିଲେ ମା’ ରମାଦେବୀ । ଦେଶପ୍ରେମ ଆଗରେ ମଥାନତ ହୋଇଥିଲା ତତ୍‌କାଳୀନ ସାମାଜିକ ରକ୍ଷଣଶୀଳତା । ୧୯୨୫ ମସିହା ଅଗଷ୍ଟ ମାସ ୧୯ ଓ ୨୦ ତାରିଖରେ ସ୍ୱଦେଶ ଜାଗରଣ, କୁଷ୍ଠାଶ୍ରମ ପ୍ରତିଷ୍ଠା ଓ ହରିଜନ ମଙ୍ଗଳ କାର୍ଯ୍ୟରେ ରମାଦେବୀ ଗାନ୍ଧୀଙ୍କ ସହ ଛାଇ ପରି ରହିଥିଲେ । ପରବର୍ତ୍ତୀ ସମୟରେ ୱାର୍ଧା ଆଶ୍ରମ ଶୈଳୀରେ ଗଢ଼ିଥିଲେ ବରି ଆଶ୍ରମ । ଆଇନ ଅମାନ୍ୟ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ପ୍ରଭୃତିରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରି ସକ୍ରିୟ କାର୍ଯ୍ୟ କରିଥିଲେ । ତାଙ୍କର ଏତାଦୃଶ କାର୍ଯ୍ୟରେ ଇଂରେଜମାନେ ଚକିତ ହୋଇ ୧୯୩୦ ମସିହା ନଭେମ୍ବର ୮ ତାରିଖରେ ତାଙ୍କୁ ବନ୍ଦୀ କରି ୮ ମାସ ପାଇଁ

କଟକ ଜେଲ୍‌ରେ ରଖିଦେଇଥିଲେ । ସେଠି ଫେରିବା ପରେ ବି ସେ ନିଜ କାମରୁ ନିବୃତ୍ତ ହୋଇନଥିଲେ । ୧୯୪୨ ମସିହାରେ ଭାରତଛାଡ଼ ଆନ୍ଦୋଳନରେ ଗଭୀର ସଂପୃକ୍ତି ଲାଗି ସ୍ୱାମୀ ସ୍ତ୍ରୀ ଉଭୟଙ୍କୁ ପୁଣି ୨ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିଥିଲା ।

ତେବେ ଜନ୍ମଭୂମି ପାଇଁ ସ୍ୱାଧୀନତାର ମହାର୍ଘ୍ୟ ତୋଳିବାର ନିଶା ଆଉ ସାଧନା ଆଗରେ ଫିକା ପଡ଼ିଯାଉଥିଲା ସ୍ୱାର୍ଥାନ୍ୱେଷୀ ଇଂରେଜ ସରକାରଙ୍କ କୁଟୀଳ ଶାସନ ନୀତି । ଜେଲଦଣ୍ଡର ଭୟାବହତା କୌଣସି ଦିଗରୁ ତାଙ୍କୁ ବିଚଳିତ କରୁନଥିଲା । କିନ୍ତୁ ତାଙ୍କ ଶ୍ୱଶୁର ଗୋକୁଳାନନ୍ଦ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ ଜଣେ ଜଣେ କରି ପରିବାରର ବହୁଜଣ ଦେଶପାଇଁ ବଳି ପଡ଼ିଯିବା ପରେ ତାଙ୍କୁ ଶକ୍ତ ଆଘାତ ଲାଗିଥିଲା । ବିନା ସ୍ୱାର୍ଥରେ, ବିନା ଦୋଷରେ ପରିବାରର ଅନେକ ମୁଣ୍ଡ ଗଡ଼ିଗଲା ଯାହାକି ଭାରତ ସ୍ୱାଧୀନତା ଆନ୍ଦୋଳନର ଇତିହାସରେ ଏକ ସ୍ୱତନ୍ତ୍ର ପୃଷ୍ଠା ଦାବି କରେ । ସେଭଳି ତ୍ୟାଗପୂତ ପରିବାରର ପୁତ୍ରବଧୂ ମଧ୍ୟ କିଭଳି ଅଭିନବ ଚେତନାର ନାରୀଟିଏ ଥିଲେ ଯେକି ତଥାପି ଆଗକୁ ବଢ଼ିପାରିଥିଲେ ତାହା ଅନୁମେୟ ହୁଏନା ।

ସମୟ କ୍ରମେ ନିଷ୍ପାପର ସଂଗ୍ରାମରେ ସ୍ୱାଧୀନତା ଫେରିଲା । ପଦବୀ ଲାଳସାରେ ଅନେକ ଚିତ୍ରରେ ଲାଗିଲା ସଂକୀର୍ଣ୍ଣତାର ଦାଗ । କିନ୍ତୁ ମା' ରମାଦେବୀ ଯିଏ ନିଜ ଭିତରେ ମୁକ୍ତ ଥିଲେ ତାଙ୍କ ଠାରେ ନା' ଥିଲା ପଦବୀର ଲାଳସା ନା' ପ୍ରତିଷ୍ଠାର କାମନା । ବରଂ ସ୍ୱାଧୀନତା ପରେ ଦେଶ ଓ ଦେଶବାସୀଙ୍କ ପ୍ରକୃଷ୍ଟ ସ୍ଥିତି ପାଇଁ ସେ ଥିଲେ ଚିନ୍ତିତ । ତେଣୁ ଏକ ସ୍ୱଚ୍ଛଳ ଭବିତବ୍ୟର ସ୍ୱପ୍ନରେ ସେ ଥିଲେ କର୍ମତତ୍ପର । ୧୯୫୫ ମସିହାର ବିନୋବାଜୀଙ୍କ ଭୂଦାନ ଯଜ୍ଞର ସଫଳତାରେ ସକ୍ରିୟ ଥିଲା ତାଙ୍କର ଅଭୟହସ୍ତ । ତେବେ ବିଧାନର ବିଚିତ୍ର ପରୀକ୍ଷା ; ୧୯୫୮ ଏପ୍ରିଲ ୨୯, ତାଙ୍କ ସାହସର ପ୍ରତ୍ୟକ୍ଷ ସହଯୋଗୀ ସ୍ୱାମୀ ଗୋପବନ୍ଧୁଙ୍କୁ ହରାଇ ରମାଦେବୀ ଏବେ ନିଃସଙ୍ଗ । କିନ୍ତୁ ଏ ନିଃସଙ୍ଗତା ଦେଶସେବାର ସଂକଳ୍ପକୁ ତିଳେ ହେଁ ଦୋହଲାଇ ପାରିନଥିଲା । ସେ ପୂର୍ବବତ୍ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରିଚାଲିଥିଲେ ।

୧୯୬୨ ମସିହା ଚୀନ୍ ଭାରତ ଯୁଦ୍ଧରେ ପ୍ରାନ୍ତୀୟ ଭାରତୀୟ ସେନାଙ୍କୁ ସେ ଉତ୍ସାହିତ କରି ସାହସ ଦେଉଥିଲେ । ଇନ୍ଦିରା ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ଜରୁରୀକାଳୀନ ପରିସ୍ଥିତିରେ ଦୃଢ଼ ମୁକାବିଲା କରିଥିଲେ । ଜୟପ୍ରକାଶ ନାରାୟଣଙ୍କ ସମୟରେ ଭାରତୀୟ ଗଣତନ୍ତ୍ରର ମାନ ରକ୍ଷା ଲାଗି ସେ ଶ୍ରୀ ନାରାୟଣଙ୍କୁ ପୂର୍ଣ୍ଣ ସମର୍ଥନ କରିଥିଲେ । ଏଥିପାଇଁ ୧୪୪ ଧାରାକୁ ଭ୍ରୂକ୍ଷେପ ନକରି ଏକ ବିରାଟ ଜନ ସମାବେଶ ଆୟୋଜନ କରିଥିଲେ । ଏଭଳି କେତେକ ଆଚମ୍ବିତ ତଥା ଅସ୍ୱାଭାବିକ ବୀରତ୍ୱର ନିଦର୍ଶନ ଓ ତ୍ୟାଗର ମହିମା ରମାଦେବୀଙ୍କୁ ହରାଇ ନାହିଁ ମୃତ୍ୟୁର ମୁଠିରେ !

ଜୀବନ ରେଖାର ପ୍ରାରମ୍ଭ ବିନ୍ଦୁ
ଦିଶିଲା ଭୂମିଷ୍ଠ ବେଳେ
'ମୃତ୍ୟୁ' ବୋଲି ଦେଶ ମାନେନା ପ୍ରାନ୍ତକୁ
ମାଆ କି ମରିବ କାଳେ ?
ସାଧାରଣ ନାରୀ ନୁହେଁ ରମାଦେବୀ
ସୁଖର ଶିରପା ତ୍ୟାଗୀ
ଆପଣା ପଣତେ କୋଟି ଦୁଃଖ ପୋଛେ
ଏକା ମାଆ ହୃଦ ତା' ର ସାକ୍ଷୀ ।

୧୯୫୦ ମସିହା ଜୁଲାଇ ମାସ ୭ ତତ୍‌କାଳୀନ ଗଭର୍ଣ୍ଣର ତେଣୁ କହିଥିଲେ ସେ ଏକା ଓଡ଼ିଆ ଜାତିର ନୁହଁନ୍ତି ବରଂ ମୋର ବି ମାଆ !

ସ୍ଥୂଳ ଶରୀରକୁ ରାଷ୍ଟ୍ରୀୟ ମର୍ଯ୍ୟଦାର ସହିତ ଅନ୍ତିମ ସଂସ୍କାରରେ ବିଦାୟ ନେଇଥିବା ରମାଦେବୀ ଆଜି ବି ସଂଜୀବିତ ପ୍ରତିଟି ଓଡ଼ିଆ ପ୍ରାଣରେ । ନାମିତ କରାଗଲା ଏକ ତଟରକ୍ଷୀ ଜାହାଜକୁ 'ମା' ରମାଦେବୀ' ନାଁରେ । ସ୍ଥାପିତ ହେଲା ଭୁବନେଶ୍ୱରରେ ମା' ରମାଦେବୀ ମହିଳା କଲେଜ । ପୁରସ୍କୃତ କରାଗଲା ତାଙ୍କୁ ଯମୁନାଲାଲ ପୁରସ୍କାରରେ । ତଥାପି ଅନେକ ପୂର୍ଣ୍ଣତା ଭିତରେ ଶୂନ୍ୟତା... ।

ଆନୁଷ୍ଠାନିକ ଶିକ୍ଷା ଆଦୌ ନଥାଇ ଚାରି ଚାରିଟା ଭାଷାରେ ଥିଲେ ମାହିର୍ । ଜ୍ଞାନରେ ପ୍ରବୃଦ୍ଧ ମସ୍ତିଷ୍କ ଠାରୁ ଏକ ଅନାବିଳ ହୃଦୟର ଆସ୍ପୃହା ତାଙ୍କୁ ଜନସମାଜର ଶୀର୍ଷ ସ୍ଥାନରେ ପ୍ରତିଷ୍ଠିତ କରିପାରିଥିଲା । ତେଣୁ ସେ ହେଇପାରିଥିଲେ ଆମ ସମସ୍ତଙ୍କ ମା', ମା' ରମାଦେବୀ ! ଆଜିର ଏଇ ନୂତନ ଭାରତର ସ୍ୱରୂପ ଓ ଗାରିମାରେ ମା' ରମାଦେବୀଙ୍କ ଅବଦାନ ଅବିସ୍ମରଣୀୟ ।

-୦-

ଖଲ୍ଲିକୋଟ, ଗଂଜାମ



# ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା

**ପଞ୍ଚାନନ ଖଟୁଆ**

କାହିଁ କେଉଁ ଆଦିମ କାଳରୁ ନାରୀନିଜର ଶକ୍ତିବଳରେ ନିଜକୁ ଗୌରବମୟ ସମ୍ମାନର ଅଧିକାରିଣୀ କରାଇପାରିଛି । ସାଧୁ, ସନ୍ଥ, ମୁନି, ଋଷିଙ୍କ ପୁଣ୍ୟ ଭୂମି ଏହି ଭାରତଭୂମିରେ ଆମ ସମାଜ ନାରୀକୁ ସର୍ବଦା ପ୍ରାଧାନ୍ୟ ଦେବାସହ ନାରୀକୁ ପୂଜାକରି ଆସିଛି । ତେଣୁ ଋଷି ମୁନିଙ୍କ ମତରେ "ଯତ୍ରନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା ଅର୍ଥାତ୍ ଯେଉଁଠି ନାରୀକୁ ଉପଯୁକ୍ତ ସମ୍ମାନ ମିଳିଥାଏ, ସେଇଠାରେ ହିଁ ଦେବତାମାନେ ବିଦ୍ୟମାନ ଥାନ୍ତି । ବେଦଶାସ୍ତ୍ରରେ ନାରୀମାନଙ୍କୁ ମାଆ, ଜନ୍ମଦାତ୍ରୀ ଓ ଦେବୀର ମାନ୍ୟତା ଦିଆଯାଇଛି । ବୈଦିକ କାଳରୁ କେବଳ ଭାରତ ନୁହେଁ ବରଂ ବିଶ୍ୱର ବିଭିନ୍ନ ସ୍ଥାନରେ ଶୌର୍ଯ୍ୟବୀର୍ଯ୍ୟର ପରାକ୍ରମୀ ଅସାମାନ୍ୟ ନାରୀ ପ୍ରତିଭାଗଣ ଜନ୍ମନେଇ ସ୍ୱକୀୟ ପ୍ରତିଭା ଓ ସେବା ବଳରେ ନିଜ ନିଜ ସଂସ୍କୃତିକୁ ଋଦ୍ଧିମନ୍ତ କରିଛନ୍ତି । ଆଜି ଏକବିଂଶ ଶତାବ୍ଦୀରେ ବି ନାରୀକୁ କାମୁକ, ଭୋଗ୍ୟବସ୍ତୁ ଭାବେ ପଦଦଳିତ କରାଯାଉଛି । କେଉଁଠି କେଉଁଠି ଯୌତୁକର ବଳିବେଦୀ ଉପରେ ଜଳାଇ ଦେବାର ନଜିର ବି ଆସୁଛି । ଏଇ ନିକଟରେ ମଣିପୁର ରାଜ୍ୟରେ ଦୁଇ ସମ୍ପ୍ରଦାୟ "କୁକି-ମୈତେଇ" ମଧ୍ୟରେ ଜାତିଆଣ ଭେଦଭାବକୁ ନେଇ ଦୁଇ ଆଦିବାସୀ ଯୁବତୀକୁ ଧର୍ଷଣପରେ ବିବସ୍ତ୍ରା କରି ରାସ୍ତାରେ ଚଲାଇ ଚଲାଇ ନିର୍ଯ୍ୟାତନା ଦେବାର ଭିଡ଼ିଓ ଭାଇରାଲ ହେବାପରେ ସୁପ୍ରିମ୍‌କୋର୍ଟ ନିଜଆଡୁ ହସ୍ତକ୍ଷେପ କରିବାକୁ କହି ରାଜ୍ୟ ଓ କେନ୍ଦ୍ରକୁ ରିପୋର୍ଟ ମାଗିବା ଖବର ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି । ଆଧ୍ୟାତ୍ମିକ, ମାନବିକ, ଶାନ୍ତି ଓ ସଂହତିର ନିତ୍ୟ ନାଗରୀପିଠିଥିବା ଆମ ଦେଶର ଏଭଳି ଅଭାବନୀୟ ଘଟଣା ମାନବୀୟ କର୍ତ୍ତବ୍ୟନିଷ୍ଠା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସାରା ଦେଶରେ ଆଜି ଅଶାନ୍ତି ଅସନ୍ତୋଷର ବିସ୍ଫୋରକ ବହ୍ନି ବିଶ୍ୱର କୋଣାନୁକୋଣରେ ଗୁଞ୍ଜରିତ ହୋଇ ଆରୋପ ଓ ପ୍ରତ୍ୟାରୋପରେ ଶେଷ ହେଉଛି । ନାରୀ ପ୍ରତି ଏଭଳି ଅବର୍ଣ୍ଣନୀୟ କଳଙ୍କିତ ବିଶୃଙ୍ଖଳାକୁ ନିଷ୍ଠୁର ଇତିହାସ ଯଦି ଆଜି ତାର ସାରଣୀରେ ଲେଖିଦେବ ତେବେ ଏ ପାପର ପ୍ରାୟଶ୍ଚିତ ନିଶ୍ଚୟ ଭବିଷ୍ୟତପିଢ଼ିଙ୍କୁ ଦାରୁଣ ଦୁଃଖ ଓ ଆଘାତଦେବ ।

ଆଜିକାଲି ଆମ ଦେଶରେ ନୁହେଁ ବରଂ ସମଗ୍ର ବିଶ୍ୱରେ ମହିଳାମାନଙ୍କୁ ସମାଜରେ ସମାନ ଅଧିକାର ଦେବାପାଇଁ, ପୁଅ-ଝିଅଙ୍କ ମଧ୍ୟରେ ଥିବା ବିଭେଦକୁ ହଟାଇବାପାଇଁ ଭିନ୍ନଭିନ୍ନ ଦିନରେ ଭିନ୍ନଭିନ୍ନ ଦିବସ ପାଳନ କରାଯାଇଥାଏ । ଯେମିତି ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖରୁ ଅନ୍ତରାଷ୍ଟ୍ରୀୟ ମହିଳା ଦିବସ, ଜାନୁଆରୀ ୨୪ ତାରିଖ ରାଷ୍ଟ୍ରୀୟ ବାଳିକା ଦିବସ ଓ ଅକ୍ଟୋବର ୧୧ ତାରିଖକୁ ଅନ୍ତରାଷ୍ଟ୍ରୀୟ ବାଳିକା ଦିବସ ଭାବେ ପାଳନ କରାଯାଇଥାଏ । ଏସବୁ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପୁଅ ଓ ଝିଅଙ୍କ ମଧ୍ୟରେ ସମାଜରେ ଦେଖାଦେଉଥିବା ବିଭେଦତାକୁ କମ କରିବା ଏବଂ ଝିଅକୁ ପୁଅଙ୍କ ସହ କର୍ମକୁଶଳ ବା କର୍ମଠ କରି ସଫଳତାର ପାହାଡ଼ ଚଢ଼େଇବା । ଆଜି ସମଗ୍ର ବିଶ୍ୱର ସବୁରାଷ୍ଟ୍ରରେ ସାମାଜିକ, ରାଜନୈତିକ, ଆର୍ଥିକ ଓ ଶୈକ୍ଷିକ ସ୍ତରରେ ମହିଳାମାନଙ୍କୁ ସଫଳତା ଦେବାପାଇଁ ବିଭିନ୍ନଯୋଜନା ସହିତ ନାନାପ୍ରକାର ନିୟମ ପ୍ରଣୟନ କରିଚାଲିଛନ୍ତି କିନ୍ତୁ ଦୁଃଖର ବିଷୟ ସବୁନିୟମ ଓ ଯୋଜନାକୁ ଠିକ୍ ଭାବେ ମନିଟରିଂ କରାଯାଉନଥିବାରୁ ଏହାର ସଠିକ୍ ରୂପାୟନ କରାଯାଇପାରୁନାହିଁ । ବିଶ୍ୱର ବିଭିନ୍ନ ଦେଶରେ ବିଭିନ୍ନ ସମୟରେ ଯେଉଁ ମହିୟସୀ କ୍ରାନ୍ତିକାରୀ ମହିଳାମାନେ ନିଜର ସମର୍ପିତ ସେବା, ସାଧନା, ତ୍ୟାଗ ଓ ଭଲ ପାଇବା ଗୁଣରେ ବିଶ୍ୱମାନବତାର ହିତ ପାଇଁ କାମ କରି ଇତିହାସରେ ଅମର ହୋଇ ରହିଛନ୍ତି ସେମାନଙ୍କର ଜୀବନୀ ଅତି ଗୁରୁତ୍ୱପୂର୍ଣ୍ଣ ଓ ଗୌରବାବହ ନିଶ୍ଚୟ । ଯାହାଙ୍କୁ ବିଷୟରେ ଯଥାସାଧ ଆଲୋଚନା ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ହେବ ।

**ଶ୍ରୀମା ଶାରଦା: -**

୧୨୭୧ ମସିହାରେ ପଶ୍ଚିମବଙ୍ଗଳାରେ ଜୟରାମବାଟୀ ଗ୍ରାମ ଏବଂ ଏହାର ଆଖପାଖ ଅଞ୍ଚଳରେ ଭୟଙ୍କର ଦୁର୍ଭିକ୍ଷ ପଡିଥିଲା । ଭୋକ ଦାଉ ସମ୍ଭାଳିନପାରି ଲୋକମାନେ ଭିକ୍ଷାବୃତ୍ତି କରିବାକୁ ପଛାଉନଥିଲେ । ସେତେବେଳେ ଜୟରାମବାଟୀ ଗ୍ରାମର ଜଣେ ଅତିଶାନ୍ତ, ସରଳ, ନ୍ୟାୟଶୀଳ ଓ ନିତୀନିଷ୍ଠ ପରିଶ୍ରମୀ ବ୍ରାହ୍ମଣଥିଲେ ରାମଚନ୍ଦ୍ର । ତାଙ୍କ ପାଖରେ କିଛି ପୁରୁଣା ଚାଉଳ ବଳକା ଥିଲା । ସେ ଦୟାଳୁଥିବାରୁ ନିଜ ଝିଅ ପାଇଁ କିଛି ଭଲ ଚାଉଳ ରଖି ଅନ୍ୟ ସବୁ ଚାଉଳକୁ ପ୍ରତିଦିନ ରୋଷେଇ କରି ଲୋକମାନଙ୍କୁ ଖାଇବାକୁ ଦେଉଥିଲେ । ନିଜର ଅତି ଅଲିଅଳି ଝିଅ ଶାରଦାମଣୀ ଛୋଟଥିଲେ ମଧ୍ୟ ନିଜର ଭୋଜନ ପ୍ରସାଦରୁ କିଛି କମ କରି ଗରିବ, ଦୁଃଖି, କଷ୍ଟ

ପାଉଥିବା ଲୋକଙ୍କ ବାଣ୍ଟି ଚାଲୁଥିବା ପିତା ଦେଖିପାରୁଥିଲେ । ଛଅବର୍ଷ ବୟସରେ ଶାରଦାମଣୀଙ୍କର ସାହସ, ତ୍ୟାଗ, ଧୈର୍ଯ୍ୟ ଏତେ ମହାନ ଥିଲା ଯେ ସେ ସାଂସାରିକ ବିଷୟ ଭୋଗ ପ୍ରତି ଆକୃଷ୍ଟ ନହୋଇ ସ୍ୱାମୀ ରାମକୃଷ୍ଣଙ୍କ ଅଭିଷ୍ଟ ପୂରଣ ପଥରେ ସହାୟତା କଲେ । ବଂଶବୃଦ୍ଧି ପାଇଁ ସନ୍ତାନ ଉତ୍ପାଦନ କରିବା ଏବଂ ପୁତ୍ରପାଇଁ ସବୁବେଳେ ମୋହମାୟାରେ ବୁଡ଼ି କରିବା ଏକ ହୀନ ମନୋବୃତ୍ତି ବୋଲି ଧରିନେଇଥିଲେ । ତେଣୁ ସେ କହୁଥିଲେ ନିଜ ପେଟରୁ ସନ୍ତାନ ଉତ୍ପତ୍ତି ନକଲେ ବି ମମତାର ମହାନତାରେ ସେ ସଂସାରର ପ୍ରତ୍ୟେକ ପୁତ୍ରପୁତ୍ରୀଙ୍କୁ ନିଜର ବୋଲି ଧରିନେଇଥିଲେ । ନିଜର ଆଶ୍ରମରେ ରହୁଥିବା ଏବଂ ପ୍ରତ୍ୟହ ଆଶ୍ରମକୁ ଆସୁଥିବା ଶିଷ୍ୟ ଏବଂ ଭକ୍ତମାନଙ୍କୁ ସେ ଯେଉଁ ମମତାର ସ୍ନେହବର୍ଷା କରୁଥିଲେ ତାହା କୌଣସି ମା'ର ଭଲପାଇବାଠାରୁ କମ ନଥିଲା । ସ୍ୱାମୀ ରାମକୃଷ୍ଣ ପରମହଂସଙ୍କ ଦେହାନ୍ତ ପରେ 'ରାମକୃଷ୍ଣମିଶନ ମଠ'ର ସମସ୍ତ ଦାୟିତ୍ୱକୁ ସେ ସୂଚାରୁରୂପେ ପରିଚାଳନା କରିଥିଲେ ।

ଭାରତୀୟ ସମାଜରେ ମାଆ ମାନଙ୍କ ହୃଦୟର ଗଭୀରତା, ତପଶ୍ଚାର୍ଯ୍ୟ, ତ୍ୟାଗରେ ଅସୀମ କରୁଣା ଓ ଦୟାର ଆଦ୍ରତା ଏତେ ବେଶୀ ପରିମାଣରେ ଲୁକ୍କାୟିତ ଯେ ଏଠି ଦେବତାମାନେ ଜନ୍ମନେବା ପାଇଁ ବିବଶ ହୋଇପଡ଼ନ୍ତି ଏବଂ ମଣିଷର ଅଗଣାରେ ଖେଳିବୁଲି ଆନନ୍ଦ ପାଇବାକୁ ମର୍ତ୍ତ୍ୟକୁ ଓହ୍ଲାଇ ଆସନ୍ତି । ଏଇଠି ହିଁ ମାତୃତ୍ୱର ଗରିମା ଶିଶୁକୁ ଆତ୍ମବଳ, ସାମର୍ଥ୍ୟ ଦେଇ ତେଜସ୍ୱୀ କରେ ଏବଂ ଭିନ୍ନ ଏକ ଭବ୍ୟ ଓ ଦିବ୍ୟରାଜ୍ୟ ପ୍ରତିଷ୍ଠାରେ ସହାୟକ ହୁଏ ।

**ରାଣୀ ଦୁର୍ଗାବତୀ:-**

ଯେତେବେଳେ ଭାରତୀୟ ସମାଜରେ ବିଭିନ୍ନ କୁରୀତି, ଅନୀତି, ଅଜ୍ଞତା ଓ କୁପ୍ରଥା ବସା ବାନ୍ଧିଥିଲା ସେତେବେଳେ କାଳିଞ୍ଜରର ରାଜା କୀର୍ତ୍ତିରାୟଙ୍କର ଏକମାତ୍ର ସନ୍ତାନ ଭାବେ ଜନ୍ମଗ୍ରହଣ କରିଥିଲେ ଦୁର୍ଗାବତୀ । ପିଲାଟି ଦିନରୁ ସେ ନିଜ ବାପାଙ୍କ ସହ ଜଙ୍ଗଲକୁ ଶିକାର କରିବାକୁ ଯାଇ ବିଭିନ୍ନ ଅସ୍ତ୍ରଶସ୍ତ୍ର ଶିକ୍ଷା କରିଥିଲେ ଏବଂ ଅତି ସାହସର ସହିତ ହରିଣ, ସମ୍ବର ଠାରୁ ଆରମ୍ଭ କରି ଅତିହଂସ୍ର ବାଘ, ଭାଲୁ, ସିଂହ ଆଦି ଶିକାର କରିପାରୁଥିଲେ । ଯୌବନାବସ୍ଥାରେ ଦିନେ ଗଡମଣ୍ଡଳ ରାଜ୍ୟର ରାଜା ଦଳପତିଶାହା ଦୁର୍ଗାବତୀଙ୍କୁ ଘୋଡ଼ା ସବାରରେ ଶସ୍ତ୍ର ଚାଳନା କରୁଥିବା ଦେଖି ଏବଂ ତାଙ୍କ ପ୍ରତିଭାରେ ପ୍ରଭାବିତ ହୋଇ ଦୁର୍ଗାବତୀଙ୍କୁ ବିବାହ କରିଥିଲେ । ବିବାହ ପରେ ଦୁର୍ଗାବତୀ ସ୍ୱାମୀଙ୍କ ଦାୟିତ୍ୱ ସହରାଜ୍ୟ ଶାସନ ବ୍ୟବସ୍ଥାରେ ସ୍ୱାମୀଙ୍କୁ ସହଯୋଗ କଲେ । ବିବାହର ଏକବର୍ଷପରେ ଦୁର୍ଗାଦେବୀ ଗୋଟିଏ ପୁତ୍ର ସନ୍ତାନ ଜନ୍ମନେଲେ ଏବଂ ଦୁଇବର୍ଷ ପରେ ନିଜର ପ୍ରିୟତମ ରାଜା ଦଳପତି ଶାହୀଙ୍କୁ ହରାଇଥିଲେ । ପ୍ରଥା ଅନୁସାରେ ସ୍ୱାମୀଙ୍କ ଚିତାଗ୍ନିରେ ଝାସ ଦେବାକୁ ରାଜ ପରିବାର ପକ୍ଷରୁ ତାଙ୍କୁ ବାଧ୍ୟ କରାଗଲା କିନ୍ତୁ ସେ ଏଭଳି କୁତ୍ସିତ ଓ ଅନ୍ୟାୟ ପ୍ରଥା ଓ ପରମ୍ପରାକୁ ମାନିଲେ ନାହିଁ ବରଂ ସ୍ୱାମୀଙ୍କ ଚିତାଗ୍ନିରେ ଝାସ ନେବାକୁ ସେ ରୋକଠୋକ୍ ମନା କରିଦେଲେ । ସେ କହିଲେ ଆପଣମାନେ ଏଭଳି ଏକ କୁତ୍ସିତ ପ୍ରଥାକୁ ମାନି ଜୀବନ୍ତ ଏକ ନାରୀକୁ ମରଣକୁ ଆବୋରିବାକୁ ବାଧ୍ୟ କରୁଛନ୍ତି । ଯାହା ଅତିନିନ୍ଦନୀୟ, ଘୃଣ୍ୟ ଓ ଅନୀତି ମଧ୍ୟ । ସେ କହିଲେ ଯଦି ମୁଁ ମୋ ସ୍ୱାମୀଙ୍କ ଚିତାଗ୍ନିରେ ଝାସ ଦେବି ତାହା ମୋ ପାଇଁ ଭୀରୁତା ହେବ ଏବଂ ପତିଙ୍କ ସମର୍ପିତ ଦାୟିତ୍ୱରୁ ମୁଁ ପଳାୟନ ପନ୍ଥୀ ସଦୃଶ ହେବି । ବରଂ ଆପଣମାନେ ମୋତେ ସାହସ, ଧୈର୍ଯ୍ୟ ଓ ସହଯୋଗ କରନ୍ତୁ ମୁଁ ଯେପରି ତାଙ୍କର ରାଜ୍ୟକୁ ସୁଦୃଢ଼, ମଜଭୁତ ଓ ଶକ୍ତିଶାଳୀ କରି ଏକ ସୁଯୋଗ୍ୟ ଉତ୍ତରାଧିକାରୀ ଦେଇପାରିବି । ସ୍ୱାମୀଙ୍କ ମୃତ୍ୟୁପରେ ଦୁର୍ଗାଦେବୀ ସମସ୍ତ ରାଜକୀୟ ସୁଖ ସୁବିଧା ତ୍ୟାଗ କରି ଏକ ସାମାନ୍ୟ ମହିଳା ଭଳି ଜୀବନ ବିତାଇଲେ । ରାଜ୍ୟ ଶାସନରେ ଯେଉଁମାନେ ଭ୍ରଷ୍ଟାଚାରୀ, ପ୍ରଜାପୀଡ଼କ, ଦୁରାଚାରୀ ଅଧିକାରୀ ଥିଲେ, ସେମାନଙ୍କୁ ବାହାର କରି ଶାସନରେ ସ୍ୱଚ୍ଛତା ଆଣିଲେ ଏବଂ ନିଜେ ଦୁଃଖି, ରଙ୍କି, ସମସ୍ୟାପୀଡ଼ିତ ଜନତାଙ୍କ ସହ ମିଶି ସବୁସମସ୍ୟାର ସମାଧାନ କରିଚାଲିଲେ । ଫଳରେ ରାଜ୍ୟବାସୀ ତାଙ୍କୁ ବହୁତ ଭଲ ପାଇଲେ । ଗୌଣ୍ଡବାନେର ରାଣୀ ଦୁର୍ଗାବତୀ ଜଣେ ମହିଳାଥିବାରୁ ପଡ଼ୋଶୀ ରାଜ୍ୟର ରାଜାମାନେ ଗୌଣ୍ଡବାନେ ଅଧିକାର କରିବାକୁ ଇଚ୍ଛାପ୍ରକାଶ କରି ଯୁଦ୍ଧ ଘୋଷଣା କଲେ । ପଡ଼ୋଶୀ ରାଜାମାନେ ଅତିଶୋଚନୀୟ ଭାବେ ପରାସ୍ତ ହେବାକୁ ଲାଗିଲେ । ସେତେବେଳେ ଦିଲ୍ଲୀ ସିଂହାସନରେ ମୋଗଲ ସମ୍ରାଟ ଆକବର ରାଜ୍ୟ ଜୟ ନିଶାରେ ନିଜର ସୁବେଦାର ଆସଫ ଖାଁଙ୍କୁ ଗୌଣ୍ଡବାନେ ଯୁଦ୍ଧପାଇଁ ପ୍ରେରଣ କଲେ । ଆସଫ୍ ଖାଁଙ୍କ ମୋଗଲ ସେନା ତୁଳନାରେ ଦୁର୍ଗାବତୀଙ୍କ ସୈନ୍ୟ ଓ ମାରଣାସ୍ତ୍ର ସ୍ୱଳ୍ପ ଥିଲେ ହେଁ ଦୁର୍ଗାବତୀଙ୍କ ଧୈର୍ଯ୍ୟ, ସାହସ ଓ ଆତ୍ମବଳ ଯୋଗୁଁ ମୋଗଲ ସୈନ୍ୟ ଯୁଦ୍ଧକ୍ଷେତ୍ର ଛାଡ଼ି ପଳାୟନ କଲେ । କିନ୍ତୁ ଦୁଃଖର କଥା ଗୌଣ୍ଡବାନର ପ୍ରଜାମାନେ ଓ ରାଜ୍ୟର ସମସ୍ତ ସେନା ଓ ସେନାଧିକାରୀ ବିଜୟ ଉଲ୍ଲାସ ଦୀର୍ଘଦିନ ଚାଲୁରଖିଥିବାର ଖବର ପାଇ ପୁନଶ୍ଚ ଆସଫ ଖାଁ ଆକସ୍ମିକ ଆକ୍ରମଣ କରିନେବାରୁ ଦୁର୍ଗାବତୀ ଏବଂ ନିଜର ପୁତ୍ର ବୀରନାରାୟଣ ଧୈର୍ଯ୍ୟର ସହ ଅସ୍ତବ୍ୟସ୍ତ ସୈନିକକୁ ଏକାଠି କରି ଯୁଦ୍ଧ କରିଥିଲେ ହେଁ, ପ୍ରଥମେ ବୀରନାରାୟଣ ଯୁଦ୍ଧକ୍ଷେତ୍ରରେ ମୃତ୍ୟୁବରଣ କରିଥିଲେ । ଦୁର୍ଗାବତୀଙ୍କ ରଣଚଣ୍ଡୀ ବେଶରେ ଯୁଦ୍ଧ ଶତ୍ରୁପକ୍ଷକୁ ଘାଏଲା କରିନେଇଥିବାବେଳେ ଗୋଟିଏ ତୀର ଦୁର୍ଗାବତୀଙ୍କ ଆଖି ଏବଂ ଅନ୍ୟ ଗୋଟିଏ ତୀର ଦୁର୍ଗାବତୀଙ୍କ

ବେକରେ ବାଜିବାରୁ ଦୁର୍ଗାବତୀ ଘୋଡ଼ା ଉପରୁ ତଳକୁ ଖସିପଡିଥିଲେ । ଶତ୍ରୁ କବଳରୁ ରକ୍ଷା ପାଇବାର ସାମାନ୍ୟତମ ସୁବିଧା ନଥିବାରୁ ଦୁର୍ଗାଦେବୀ ନିଜେ କଟୁରୀରେ ନିଜ ପେଟକୁ ଭୁଷି ମୃତ୍ୟୁବରଣ କଲେ । ଦେଶ ପ୍ରେମର ସଚ୍ଚାସେବିକା ଜୀବିତାବସ୍ଥାରେ ଶତ୍ରୁଙ୍କ ହାତରେ ନପଡ଼ିବାର ଏତାଦୃଶ କାରଣରୁ ମୃତ୍ୟୁକୁ ଆବୋରି ନେଇଥିଲେ । ଏଭଳି ସାହସୀ ବୀରଙ୍ଗନାଙ୍କ ଆତ୍ମକାହାଣୀ ଇତିହାସର ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ ଯାହା ଭାରତୀୟ ନାରୀଙ୍କ ପାଇଁ ସଦା ପ୍ରେରଣା ଯୋଗାଇବା ଏଥିରେ ତିଳେମାତ୍ର ଅନୁଶୋଚନା ନାହିଁ ।

ସ୍ୱାଧୀନତା ଆନ୍ଦୋଳନ ସମୟ ଅଥବା କିଛି ଉଗ୍ର ମୁହୂର୍ତ୍ତ ସମୟରେ ଭାରତୀୟ ନାରୀମାନଙ୍କ ସାହସ, ଧୈର୍ଯ୍ୟ ଓ ପରାକ୍ରମ ହେଉକି ବିଶ୍ୱରେ ବିଭିନ୍ନ ସମୟରେ ବିଭିନ୍ନସ୍ଥାନରେ ମହିୟସୀ ମହିଳାମାନଙ୍କ ଜୀବନୀ ବିଶ୍ୱବସୁନ୍ଧରାକୁ ବଦଳେଇବାର ସାମର୍ଥ୍ୟ ରଖି ଆସିଛି । ଯେଉଁମାନେ ନିଜ ପୁରୁଷାର୍ଥ ଦ୍ୱାରା କ୍ରାନ୍ତିକାରୀ କାର୍ଯ୍ୟ ଜାରି ରଖିଥିଲେ ଏବଂ ଆଉ କେତେକ ସେବାଧର୍ମ କରି ନିଜ ଜୀବନକୁ ଜଗତର ହିତପାଇଁ ଲଗାଇ ଦେଇଥିଲେ ସେମାନେ ଆମ ସମସ୍ତଙ୍କ ପାଇଁ ଅଜସ୍ର ପ୍ରେରଣା ସୃଷ୍ଟି କରିଯାଇଛନ୍ତି । ଶ୍ରୀମା'ଶାରଦାମଣୀ, ରାଣୀ ଦୁର୍ଗାବତୀଙ୍କ ବ୍ୟତୀତ ଜୀଜାବାଇ, ଲକ୍ଷ୍ମୀବାଇ, ଆମ୍ରପାଲୀ, ଭୀମାବାଇ, ରାଣୀ ରାସମଣୀ, ବୁଦ୍ଧିମତୀ ଉମାବାଇ, ମହାରାଣୀ ଅହଲ୍ୟାବାଇ, ରାଣୀ ରାସମତୀ, ଶ୍ରୀମତୀ ସରୋଜିନୀ ନାଇଡୁ, ଶ୍ରୀମତୀ ବିଜୟାଲକ୍ଷ୍ମୀ ପଣ୍ଡିତ, ଶ୍ରୀମତୀ ପାର୍ବତୀ ଦେବୀ, ଆନନ୍ଦବାଇ ଯୋଶୀ, ମା କସ୍ତୁରବା, ଭଉଣୀ ନିବେଦିତା, ଆନିବେସାନ୍ତ, ମୀରାଭଉଣୀ, କମଳା ନେହେରୁ, ମିଠୁ ଭଉଣୀ, ଆଶାଦେବୀ, ଅବନ୍ତିବାଇ ଗୋଖେଲ, ଶ୍ରୀମତୀ ଡିକସନ, ମଦର ଟେରେସା, ମାଡ଼ାମକ୍ୟୁରୀ, ଏଞ୍ଜେଲା ଡେଭିସ୍, କମଳାଦେବୀ ଚଟ୍ଟୋପାଧ୍ୟାୟ, ପ୍ରତିଭା ବାନାର୍ଜୀ, ରମାଦେବୀ ଚୌଧୁରୀ, ପନ୍ନାଧାଇ, ମାନକୁଆଁର, ଲଳିତା ଶାସ୍ତ୍ରୀ, ଅମୃତା ଷାରଗିଲ, ଶ୍ରୀମତୀ ରୁଜଭେଲ୍ଟ, ଶ୍ରୀମତୀ ଲଳିତା, ଶ୍ରୀମତୀ ରମାବାଈ, ଶ୍ରୀମତୀ ରାଜମୋହିନୀ ଦେବୀ ଆଦି ବହୁ ବିଶିଷ୍ଟା ଚରିତ୍ରମାନେ ନିଜର ଜୀବନ ବୃତ୍ତାନ୍ତରେ ଗୌରବମୟ ଇତିହାସର ଛାପ ଛାଡ଼ିଯାଇଛନ୍ତି କେବଳ ଆମରିମାନଙ୍କ ପାଇଁ । ଯାହା ଆମ ସମସ୍ତଙ୍କୁ ବର୍ତ୍ତମାନ ସ୍ଥିତିରେ କ'ଣ କରିବାକୁ ପଡ଼ିବ । ଆମର କର୍ତ୍ତବ୍ୟ କ'ଣ ହେବା ଉଚିତ କେବଳ ସେହି ପରାକ୍ରମୀ ପ୍ରତିଭାମାନଙ୍କ ପାଇଁ ତାହା ଆଜିର ମୂଲ୍ୟବାନ ବିଷୟବସ୍ତୁ । ଆସନ୍ତୁସେହି ମହିୟସୀ ମହିଳାମାନଙ୍କ ଜୀବନବ୍ୟାପି ସାଧନାରୁ ଫାଇଦା ଉଠାଇବା ଯାହା ହେବ ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

-୦-

ଜଗନ୍ନାଥପୁର, ମଦନପୁର, କେନ୍ଦ୍ରାପଡ଼ା, ଓଡ଼ିଶା
ମୋ: ୯୪୩୯୯୫୮୭୩୯

*With Best Compliments from:*

*Cell: 9437402712*
*9861660650 (Muna)*

**ASHOKA DRESSES** *A/c*

**Deals in: Ladies, Gents & Kids Wear**

**Dharakote Street, Khallikote, Ganjam**



# ମୁକ୍ତା

**ପ୍ରଦୀପ ଚନ୍ଦ୍ର ପଟ୍ଟନାୟକ**

ନାରୀ ମାନଙ୍କର ସୁରକ୍ଷା, ଆର୍ଥିକ ସ୍ୱସଳତା ପାଇଁ ଓଡ଼ିଆ ସରକାର ମୁକ୍ତା ନାମକ ଯୋଜନା ପ୍ରଚଳନ କରିଛନ୍ତି । ଏହି ଯୋଜନାରେ ଘରୋଇ ମହିଳାମାନେ ସ୍ୱାବଲମ୍ବୀ ହେବା ସଙ୍ଗେ ସଙ୍ଗେ ନିଜ ପରିବାରର ଆର୍ଥିକ ମାନଦଣ୍ଡକୁ ଉନ୍ନତି କରିପାରୁଛନ୍ତି । ମୁକ୍ତା ଯୋଜନାରେ ମହିଳାମାନଙ୍କୁ ନେଇ ଏକ ସ୍ୱୟଂସେବିକା ସଂଘ ଗଠନ କରାଯାଇଛି । ପ୍ରତ୍ୟେକ ଦଳରେ ୧୦ଜଣ ମହିଳା କାମ କରନ୍ତି । ସେମାନଙ୍କ ମଧ୍ୟରୁ ଜଣକୁ ସଭାପତି ଓ ଜଣକୁ ସମ୍ପାଦକ ରୂପେ ମନୋନୀତ କରାଯାଏ । ସଭାପତି ଓ ସମ୍ପାଦକଙ୍କ ନାମରେ ବ୍ୟାଙ୍କରେ ଖାତା ଖୋଲାଯାଇଥାଏ । ବ୍ୟାଙ୍କରୁ ସେମାନଙ୍କୁ ଋଣ ଦିଆଯାଇଥାଏ । ଏହି ଟଙ୍କାକୁ ବିନିଯୋଗ କରି ମହିଳାମାନେ ନିଜନିଜର ଦକ୍ଷତା ଅନୁସାରେ କ୍ଷୁଦ୍ର ଶିଳ୍ପ କରିଥାନ୍ତି । ଆମ ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳରେ ୧୧୫ ଗୋଟି ଦଳ ଗଠିତ ହୋଇଅଛି । ଏମାନେ ନଡ଼ିଆ କତାରୁ ଦଉଡ଼ି, ପାପୋଛ, ଏବଂ ଅନେକ କ୍ଷୁଦ୍ରକ୍ଷୁଦ୍ର ଖେଳନା ପ୍ରସ୍ତୁତ କରି ବଜାରରେ ବିକ୍ରୟ କରି ଲାଭବାନ ହୁଅନ୍ତି । ସେହିପରି ଶୁଖୁଆ, ଆଚାର, ପାପଡ଼, ତାଳପତ୍ରରୁ ତିଆରି ବିଞ୍ଚଣା, କଣ୍ଢେଇ ଇତ୍ୟାଦି କରନ୍ତି ।

ମହିଳାମାନେ ଘରେ ବସି ବସି ବିରକ୍ତି ଅନୁଭବ କରିବା ପରିବର୍ତ୍ତେ ଏହି ସଂସ୍ଥାମାନଙ୍କରେ କାମ କରି ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି । ଆର୍ଥିକ ରୋଜଗାରକ୍ଷମ ହୋଇପାରିଛନ୍ତି । ସେମାନଙ୍କର ପିଲାମାନଙ୍କର ପାଠପଢ଼ା, ସ୍ୱାସ୍ଥ୍ୟ ଇତ୍ୟାଦି ସୂଚାରୁ ରୂପରେ କରିପାରିଥାନ୍ତି ।

ବିଜ୍ଞାପିତ ଅଞ୍ଚଳରେ ହେଉଥିବା ଉନ୍ନତି ମୂଳକ କାର୍ଯ୍ୟକ୍ରମ ଏହି ମହିଳାମାନଙ୍କ ଦ୍ୱାରା ହିଁ କରାଯାଇଥାଏ । ଯଥା ରାସ୍ତାଘାଟ ନିର୍ମାଣ, ପିଲାଙ୍କ ଖେଳ ଉଦ୍ୟାନ, ପୋଖରୀଗୁଡ଼ିକର ଉନ୍ନତିକରଣ, ଶ୍ମଶାନର ସୌନ୍ଦର୍ଯ୍ୟକରଣ, ମନ୍ଦିର ମାନଙ୍କର ଉନ୍ନତିକରଣ, ନାଳଗୁଡ଼ିକର ପୁନରୁଦ୍ଧାର ଇତ୍ୟାଦି । ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳରେ ୪ଦିଗରୁ ସ୍ୱାଗତଂତୋରଣ, ପ୍ରତ୍ୟେକ ୱାର୍ଡରେ ବିଶ୍ରାମଗାର, ପରିସ୍ରାଗାର, ପାର୍କ, କମ୍ୟୁନିଟି କେନ୍ଦ୍ର, ୱାକିଂଟ୍ରାକ୍, ଭେଣ୍ଡିଂଜୋନ, ଜଳାଶୟ, ଖୋଲାସ୍ଥାନ ଉନ୍ନତିକରଣ ଏହି ମହିଳା ଗୋଷ୍ଠୀଙ୍କ ଦ୍ୱାରା କରାଯାଇଛି ।

ନାରୀ ଜାଗ୍ରତ ହେଲେ ଦେଶ ଆଗକୁ ଯିବ । ସବୁ କ୍ଷେତ୍ରରେ ନାରୀମାନଙ୍କ ଭୂମିକା ଅତୁଳନୀୟ । ବର୍ତ୍ତମାନ ନାରୀମାନେ ଦେଶ ପାଇଁ ଲାଗିପଡିଛନ୍ତି । ନାରୀମାନେ ବୈଜ୍ଞାନିକ ଉପରେ, ପାଇଲେଟ ହୋଇ ଉଡ଼ାଜାହାଜ ଉଡ଼ାଇବାରେ, ଲୋକପାଇଲେଟ୍ ହୋଇ ରେଳ ଚାଳନାରେ, ଆଇ.ଟି କ୍ଷେତ୍ରରେ, ବ୍ୟାଙ୍କ କ୍ଷେତ୍ରରେ, ଶିକ୍ଷାକ୍ଷେତ୍ରରେ, ଏମାନେ ବହୁତ ଆଗକୁ ଗଲେଣି । ଭବିଷ୍ୟତରେ ସୁଯୋଗ ପାଇଲେ ଏହି ନାରୀମାନେ ବହୁ ଦୁଃସାହସିକ କାମ କରି ଦେଖେଇପାରିବେ । ସେଥିପାଇଁ ସରକାରଙ୍କ ତରଫରୁ ସହଯୋଗର ଆବଶ୍ୟକତା ରହିଛି । ମିଶନ ଶକ୍ତିର ମା'ମାନଙ୍କ ଦ୍ୱାରା ଆହାର କେନ୍ଦ୍ର, ମିଶନ କାଫେ, ଡାଏରୀଫାର୍ମ, ମାଛଚାଷ, ଛତୁଚାଷ, ଫୁଲଚାଷ, ପ୍ରଭୃତି କରି ବେଶ୍ ଦୁଇପଇସା ରୋଜଗାର କରିପାରୁଛନ୍ତି ।

ଉଦ୍ୟୋଗୀ 'ଅନିତା' ଛତୁମଞ୍ଜି ଶିଳ୍ପ କରି ବହୁ ମହିଳାଙ୍କୁ ସ୍ୱାବଲମ୍ବୀ କରିପାରିଛନ୍ତି । ସେ +୩ ପାସ୍ କରିବା ପରେ ଭୁବନେଶ୍ୱରସ୍ଥିତ ଓୟୁଏଟିରେ ଏହା ଉପରେ ତାଲିମ ନେଇ ଏହି ସଂସ୍ଥା ଚଳାଇ ୧୦ଜିଲ୍ଲାକୁ ଛତୁମଞ୍ଜି ଯୋଗାଇଥାନ୍ତି । ସେ ପ୍ରଥମେ ୫ଜଣ ମହିଳାଙ୍କୁ ନେଇ ଦୁଇଟି ବିଶୋଧନ ମେସିନ୍‌ରେ କାମ ଆରମ୍ଭ କରିଥିଲେ । ବର୍ତ୍ତମାନ ସେ ୨୦୦୦ ବୋତଲ ମଞ୍ଜି ଉତ୍ପାଦନ କରି ବଜାରରୁ ବେଶ ଲାଭ ଉଠାଇପାରୁଛନ୍ତି । ତାଙ୍କର ଏହି ଉଦ୍ୟମ ପାଇଁ ସମସ୍ତେ ସାଧୁବାଦ ଜଣାଇଛନ୍ତି ।

ସରକାରଙ୍କ ମୁକ୍ତା ଯୋଜନାକୁ ସର୍ବସାଧାରଣରେ ବହୁତ ସମର୍ଥନ ମିଳୁଛି । ଆମ ଗଞ୍ଜାମ ଜିଲ୍ଲାକୁ ଏହି ମୁକ୍ତା (ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା) ମାଧ୍ୟମରେ ୯୨୧ଗୋଟି ପ୍ରକଳ୍ପ ପାଇଁ ୭୬କୋଟି ଟଙ୍କା ଆସିଯାଇଛି । ଗଞ୍ଜାମ ଜିଲ୍ଲାରେ ଥିବା ମ୍ୟୁନିସିପାଲଟି ଓ ବିଜ୍ଞାପିତ ଅଞ୍ଚଳଗୁଡ଼ିକର ସୌନ୍ଦର୍ଯ୍ୟକରଣ କରାଯାଉଛି ।

ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ ମଧ୍ୟ ଏହି ମିଶନ ଶକ୍ତି ଦ୍ୱାରା ମହିଳାମାନଙ୍କୁ ରୋଜଗାର କାମ କରାଯାଇପାରିଛି । ଯାଜପୁରରେ ରାଜ୍ୟର ପ୍ରଥମ ମିଶନ ଶକ୍ତି ଭବନ ଗଠନ କରାଯାଇ ମହିଳାମାନଙ୍କ ଦକ୍ଷତା ବିକାଶ ସମିତି ଗଠନ କରି ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ ବା ଓୟାସୈପାଣ୍ଠି ବିନିଯୋଗରେ ଏହି ଭବନ ଗଠନ କରାଯାଇପାରିଛି । ମହିଳାମାନଙ୍କୁ କମ୍ପ୍ୟୁଟର ତାଲିମ, ମୋବାଇଲ ମାଧ୍ୟମରେ ବିଭିନ୍ନ ପ୍ରକାର ଡିଜିଟାଲ କାରବାର

ସମ୍ପର୍କରେ ଶିକ୍ଷା ଦିଆଯାଉଛି । ସିଲେଇ ମେସିନ ମାଧ୍ୟମରେ ଘରେ ବସି ପିଲାଙ୍କ ବିଦ୍ୟାଳୟ ପୋଷାକ ତିଆରି କରି ଉପାର୍ଜନକ୍ଷମ ହୋଇପାରୁଛନ୍ତି । ଏଠି ଗୋଲ୍ଡେନ ଗ୍ରାସ, ନଡ଼ିଆକତା ଝୋଟରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରାଯାଉଛି ।

ସମ୍ବାଦ ଖବର କାଗଜ ପକ୍ଷରୁ ଗ୍ରାମୀଣ ମହିଳାମାନଙ୍କୁ ନେଇ 'ଓଡ଼ିଶା-୫୦' କାର୍ଯ୍ୟକ୍ରମରେ 'ସ୍ୱାବଲମ୍ବୀ ମହିଳା ସଫଳତାର ସୂତ୍ର' ଶୀର୍ଷକ ଆଲୋଚନାରେ ବିଭିନ୍ନ ବକ୍ତାମାନେ ମହିଳାମାନଙ୍କୁ ନିଜ ଦକ୍ଷତା ପରଖି ପ୍ରକଳ୍ପ ଚୟନ କରିବା ପାଇଁ ଗୁରୁତ୍ୱ ଦେଇଥିଲେ । ଉତ୍ସାହ, ଦୃଢ଼ନିଶ୍ଚୟ, ହୋଇଛି ସଫଳତାର ଚାବିକାଠି । ଉତ୍ପାଦିତ ସାମଗ୍ରୀର ଗୁଣବତ୍ତାକୁ ଗୁରୁତ୍ୱ ଦେବା ଆବଶ୍ୟକ ।

ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ ଡୁଙ୍ଗାପଡ଼ା ପଞ୍ଚାୟତର ଭୂତପୂର୍ବ ସରପଞ୍ଚ ସୁଶ୍ରୀ ଆରତୀ ଦେବୀଙ୍କ ନାରୀଶକ୍ତିର ସଶକ୍ତିକରଣରେ ଅବଦାନ, ପ୍ରେରଣା ଅତୁଳନୀୟ । ଓକିଲାତି ପଢ଼ିଥିବା ନାରୀ ଏମ.ବି.ଏ ଯୋଗ୍ୟତା ଥିବା ନାରୀ ଖୁବ୍ କମ ବୟସରେ ରାଜନୀତିରେ ଯୋଗଦେଇ ନାରୀମାନଙ୍କର ଉତ୍ସାହ, ଶକ୍ତି, ବଢ଼େଇବାରେ ବେଶ୍ ଭୂମିକା ନେଇ ଦେଶ ବିଦେଶରେ ଉଚ୍ଚ ପ୍ରଶଂସିତ ହୋଇପାରିଛନ୍ତି । ନିକଟରେ ସମ୍ବାଦର ଆମ ଓଡ଼ିଶାର ତୃତୀୟ ସଂସ୍କରଣ ସମ୍ମିଳନୀ ବ୍ରହ୍ମପୁରଠାରେ ଯୋଗଦେଇ ନାରୀଶକ୍ତି ଉପରେ ଏକ ଉନ୍ନତ ଧରଣର ଅଭିଭାଷଣ ରଖିଥିଲେ । ତାଙ୍କ ମତରେ ଜଣେ ମହିଳା ଆର୍ଥିକ ସ୍ୱାବଲମ୍ବୀ ହେଲେ ରାଜ୍ୟ ଓ ଦେଶର ପ୍ରକୃତ ବିକାଶ ହୋଇପାରିବ । ଆଜି ଓଡ଼ିଶ ମହିଳା ସଶକ୍ତିକରଣରେ ଦେଶର ପ୍ରଥମ ସ୍ଥାନରେ ଅଛି । ଯେଉଁମହିଳାମାନେ ଘରେ ରୋଷେଇ କରିଥିଲେ ଆଜି ରେଷ୍ଟୁରାଣ୍ଟମାନଙ୍କରେ ରୋଷେଇ କରିପାରିଛନ୍ତି । ପ୍ରକୃତରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କ ମତରେ ମହିଳା ହେଉଛନ୍ତି ପରିବାରର ଅଦୃଶ୍ୟ ଶକ୍ତି ।

-୦-

ଖଲ୍ଲିକୋଟ, ଗଂଜାମ


*With Best Compliments from:*

**Contact: 06810-256385**
**Mob: 9438080156**



# PRUSTY CLOTH STORE

***Special in: Wedding Saree, Lengha Chunni & Dress Materials***

**Prop: P. Satya Narayan Prusty**

**Main Road, Khallikote, Ganjam, Odisha**



# ଦେଶ ପ୍ରଗତିରେ ନାରୀ

**କବିକୁସୁମ ଗୌରବ ଘନଶ୍ୟାମ ଜେନା**

ଦେଶ ପ୍ରଗତିରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଯୁଗ ଯୁଗ ଧରି ମାନବ ସମାଜ ପୁରୁଷ ଓ ନାରୀକୁ ନେଇ ଗଠିତ । ସମାଜକୁ ସରସ ସୁନ୍ଦର ଓ ରୁଚି ସମ୍ପନ୍ନ କରିବା ପାଇଁ ପୁରୁଷ ସହିତ ନାରୀ ସମ ତାଳରେ କାର୍ଯ୍ୟ କରିଥାଏ । ନାରୀର କଲ୍ୟାଣରେ ଦେଶ ଓ ଜାତିର କଲ୍ୟାଣ ସାଙ୍ଗକୁ ସମୃଦ୍ଧି ଓ ପ୍ରଗତି ମଧ୍ୟ ହୋଇଥାଏ । ନାରୀ ଓ ପୁରୁଷ ଭଗବାନଙ୍କର ଏକ ଦିବ୍ୟ ସୃଷ୍ଟିର ଅମୃତ ସନ୍ତାନ । ଉଭୟେ ସମାଜର ଦୁଇଟି ବିଶିଷ୍ଟ ଅଙ୍ଗ ହେଲେ ମଧ୍ୟ ପୁରୁଷ ଶିକ୍ଷା ଲାଭକରି ସମୃଦ୍ଧି ଓ ବିକାଶ କ୍ଷେତ୍ରରେ ଅଗ୍ରଗତି କରୁଥିବା ବେଳେ ନାରୀ ମଧ୍ୟ ସେ ଦିଗରେ ଆଗକୁ ଆଗକୁ ମାଡ଼ିଚାଲିଛି ।

ପରିବାରରେ ନାରୀ ଜନନୀର ଦାୟିତ୍ୱ ନିର୍ବାହ କରି ଭବିଷ୍ୟତ ନାଗରିକମାନଙ୍କୁ ଜନ୍ମଦିଏ ଏବଂ ସେମାନଙ୍କୁ ଉପଯୁକ୍ତ ଭାବରେ ଲାଳନ ପାଳନ କରିଥାଏ । ଜାୟା ଭାବରେ ପରିବାରକୁ ସମୃଦ୍ଧି ପଥରେ ଆଗେଇ ନେବାପାଇଁ ନାରୀ ଅସୀମ ଧୈର୍ଯ୍ୟ ଆଉ ସହନଶୀଳତା ପ୍ରକାଶ କରିଥାଏ, ଅଜସ୍ର ଦୁଃଖ ଯନ୍ତ୍ରଣା, ମାନ ଅଭିମାନକୁ ବୁକୁତଳେ ଚାପିରଖି ସେ ଓଠତଳେ ହସ ଫୁଟାଏ ଏବଂ ପରିବାରକୁ ସ୍ନେହ ମମତାର ରଜ୍ଜୁରେ ବାନ୍ଧି ରଖିଥାଏ । କବି କହିଛନ୍ତି–

"କାହାର ଅଇରୀ କାହାର ବଇରୀ ନୁହଁଇ ସଂସାରେ ନାରୀ
ସ୍ନେହ, ଦୟା, କ୍ଷମା ହୃଦରୁ ଯାହାର ସବୁବେଳେ ପଡେ ଝରି ।"

ମାନବ ସମାଜର ଇତିହାସ ଅନୁଧ୍ୟାନ କଲେ ବିଭିନ୍ନ କ୍ଷେତ୍ରର ନାରୀ ମାନଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକାର ପରିଚୟ ଆମେ ପାଇଥାଉ । ସମାଜରେ ମୌଳିକ ଚିନ୍ତାଧାରା, ଅତୁଳନୀୟ କର୍ତ୍ତବ୍ୟ ନିଷ୍ଠା, ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାପାଇଁ ତାଙ୍କରି ଧୈର୍ଯ୍ୟ ମନରେ ବିସ୍ମୟ ସୃଷ୍ଟିକରେ ।

ପୁରାଣ ଯୁଗର ସୀତା, ସାବିତ୍ରୀ, ଅହଲ୍ୟା, ଦ୍ରୌପଦୀ ଆଦି ନାରୀ ଆମ ସମାଜ ପାଇଁ ଆଦର୍ଶ ଓ ପ୍ରେରଣାର ଉତ୍ସ ରୂପେ ପରିଗଣିତ । ପୁରାତନ ଯୁଗର ଗାର୍ଗୀ, ମୈତ୍ରେୟୀଙ୍କ ଠାରୁ ଆରମ୍ଭକରି ବର୍ତ୍ତମାନ ଯୁଗର ମଦରଟେରେସା, ମାଡାମ କ୍ୟୁରୀ, ଇନ୍ଦିରା ଗାନ୍ଧୀ ଆଦି ନାରୀମାନେ ଇତିହାସ ସୃଷ୍ଟି କରିଛନ୍ତି, ସେମାନଙ୍କର ବିସ୍ମୟକର ସଫଳତା ।

ଭଗବାନଙ୍କ ସୃଷ୍ଟିରେ ସବୁଠାରୁ ଶ୍ରେଷ୍ଠ ମଣିଷ ସମାଜର ପୁରୁଷ ଓ ନାରୀ ଗୋଟାଏ ମୁଦ୍ରାର ଦୁଇଟି ପାର୍ଶ୍ୱ, ଜଣକ ବିନା ଏ ସୃଷ୍ଟିର ସମ୍ଭବ ନୁହେଁ । ଆମେ ଗୋଟିଏ ସୁସ୍ଥ ସମାଜ ସେଇଠି ପାଇଥାଉ ଯେଉଁଠାରେ ସାମାଜିକ ରୀତିନୀତି, ଶିକ୍ଷା ସଂସ୍କୃତି ପରମ୍ପରା ସାହିତ୍ୟ ଶାଳୀନତାରେ ପରିପୂର୍ଣ୍ଣ । ଉତ୍ତମ ମଣିଷର ପରିଚୟ ସେଇଠି ପାଇଥାଉ ଯେଉଁଠି ଆତ୍ମବିଶ୍ୱାସ ସ୍ୱାଭିମାନ ଧୈର୍ଯ୍ୟ ଆଦର୍ଶ ଏବଂ ନୈତିକତା ପରିଲକ୍ଷିତ ହୋଇଥାଏ ।

ନାରୀ ହେଉଛି ଦୟାମୟୀ, କରୁଣାମୟୀ, କ୍ଷମାମୟୀ ସେ ଧୈର୍ଯ୍ୟ ଓ ସହନଶୀଳର ପ୍ରତୀକ, ଉଭୟ ସାମାଜିକ ଓ ପାରିବାରିକ ସୂତ୍ରଧର ହେଉଛି ସେହି ନାରୀ । ଜୀବନ ପଥରେ ଯେତେ ଝଡ଼ଝଂଜା ଆସିଲେ ମଧ୍ୟ ନିଜ ପରିବାରକୁ ସୁରକ୍ଷିତ ରଖିବାରେ କେବେ ପଛଘୁଞ୍ଚା ଦିଏନି, ସର୍ବଦା ସିପାହୀ ପରି ଜାଗ୍ରତ ଥାଏ ।

ଆଜିର ନାରୀ ଉଚ୍ଚ ଶିକ୍ଷା ଲାଭକରି, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବାଣିଜ୍ୟ, କାରିଗରୀ, ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା (ଜଳ, ସ୍ଥଳ ଓ ଆକାଶ ବାହିନୀ), ପରିବହନ, କ୍ରୀଡ଼ା, ବିଜ୍ଞାନ, ମହାକାଶ ବିଜ୍ଞାନ, ଶାସନ, ପ୍ରଶାସନ, ପର୍ବତାରୋହଣ ଆଦି ସକଳ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରତିପାଦନ କରି ଦେଶର ପ୍ରଗତିରେ ସହଭାଗୀ ହୋଇ ସାରିଲେଣି । କିନ୍ତୁ ଦୁଃଖର ବିଷୟ ଏହିକି ଆଜି ମଧ୍ୟ ନାରୀ ଉଚ୍ଚ ପଦ ପଦବୀରେ ଥାଇ ମଧ୍ୟ ନିଜକୁ ଅସହାୟ ମନେକରୁଛି । ସମାଜ ଆଜି ମଧ୍ୟ ନାରୀର ଅବହେଳିତ, ଅତ୍ୟାଚାରୀତ, ନିଷ୍ପେସିତ, ଧର୍ଷିତା ଆଦି କଳଙ୍କିତ ଅଧ୍ୟାୟର ପରିସମାପ୍ତି ଘଟାଇବାରେ ସକ୍ଷମ ହୋଇପାରିନି ।

ଅନ୍ୟକୁ ସୁରକ୍ଷା ଦେଉଥିବା ନାରୀ ନିଜେ ସମାଜରେ ସୁରକ୍ଷିତ ମନେ କରୁନାହିଁ । ବିଭିନ୍ନ ଘରୋଇ ହିଂସାର ଶିକାର ହୋଇ ନିଜ ଜୀବନକୁ ଜଳାଞ୍ଜଳି ଦେଉଛି । ନାରୀ ନିଜର ସ୍ୱାଭିମାନ ଓ ଆଦର୍ଶକୁ ନେଇ ପରିଚାଳିତ ହେବା ସଙ୍ଗେ ସଙ୍ଗେ ନିଜେ ସୁରକ୍ଷିତ ରହି ଅନ୍ୟ ନାରୀର ସୁରକ୍ଷା ଦାୟିତ୍ୱ ନେବା ଦରକାର । ପରସ୍ପର ସହ ହାତ ବଢାଇଲେ ସମାଜରେ ଥିବା ଅସାମାଜିକ ଚରିତ୍ରଗୁଡ଼ିକୁ ବିଲୁପ୍ତ କରିବାରେ ବେଶି ସମୟ ଲାଗିବ ନାହିଁ । ରାବଣ ତ ସୀତାଙ୍କୁ କେବଳ ହରଣ କରିଥିଲା କୌଣସି ଅତ୍ୟାଚାର କରିନଥିଲା । କିନ୍ତୁ ବର୍ତ୍ତମାନ ସମାଜରେ ରାବଣମାନେ ହରଣ ଲୁଣ୍ଠନ ସହ ହତ୍ୟା କରିବାକୁ ମଧ୍ୟ ପଛଘୁଂଚା ଦେଉ ନାହାନ୍ତି । ଏବେ ମଧ୍ୟ ଶାଶୂ ବୋହୂ ଭିତରେ ମନାନ୍ତର

ହୁଏ । କେତେକ ସ୍ଥାନରେ ଶାଶୂ ବୋହୂକୁ କଦର୍ଯ୍ୟ ବ୍ୟବହାର କରେ ଓ ନିର୍ଯ୍ୟାତନା ମଧ୍ୟ ଦେଇଥାଏ । ଆଉ କେତୋଟି ସ୍ଥାନରେ ବୋହୂଟି ମଧ୍ୟ ଶାଶୂ ଓ ଶଶୁର କାହାରିକୁ ଖାତିରି କରେନାହିଁ । କେବଳ ହିଂସା ପରାୟଣତାର ମନୋବୃତ୍ତି ପାଇଁ ପରିବାର ନଷ୍ଟଭ୍ରଷ୍ଟ ହୋଇଥାଏ । ଏଠାରେ ଶାଶୂ ଓ ବୋହୂ ଉଭୟେ ନାରୀ ।

ଆମେ କଣ ଏହି ହିଂସା ଅହଙ୍କାରକୁ ପରିତ୍ୟାଗ କରି ପାରିବା ନାହିଁ ? ଯେଉଁଥିପାଇଁ ପରିବାର ଭିତରେ ଦୂରତା ସୃଷ୍ଟି କରୁଛି । ନିଶ୍ଚିତ ପାରିବା ଶାଶୂଙ୍କୁ ଯଦି ମା' ପରି ମର୍ଯ୍ୟଦା ଦେବା ସେ ମଧ୍ୟ ବୋହୂକୁ ଝିଅ ପରି ସ୍ନେହ ନିଶ୍ଚିତ କରିବେ । ତେଣୁ ପ୍ରତ୍ୟେକ ନାରୀର କର୍ତ୍ତବ୍ୟ ନିଜ ପରିବାରକୁ ସଜାଡ଼ିବା ଦରକାର ତେବେ ଅସଜଡା ସମାଜ ମଧ୍ୟ ସଜାଡ଼ି ହୋଇଯିବ । ଧୀରେ ଧୀରେ ଗାଁରୁ ସହର, ସହରରୁ ଜିଲ୍ଲା, ଜିଲ୍ଲାରୁ ରାଜ୍ୟ ଓ ରାଜ୍ୟରୁ ଦେଶ ସଜାଡ଼ିବାରେ ବିଳମ୍ବ ହେବ ନାହିଁ । ତେଣୁ ନାରୀମାନଙ୍କ ମଧ୍ୟରେ ଦୃଢ଼ତା, ଏକତା, ସହଯୋଗ, ସ୍ୱାଭିମାନ, ଆଦର୍ଶ ଏବଂ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ । ତାହାହେଲେ ଯାଇ ସମାଜରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇପାରିବା ସହିତ ସୁଖ ସମୃଦ୍ଧି ବିରାଜମାନ କରିବା ସହ ଦେଶର ପ୍ରଗତି ନିଶ୍ଚିତ । ତେଣୁ ନାରୀମାନଙ୍କ ଭୂମିକା ସମାଜ ଗଠନ ଓ ଦେଶ ଗଠନରେ ଗୁରୁତ୍ୱପୂର୍ଣ୍ଣ ।

ନାରୀ ଓ ପୁରୁଷ ଭଗବାନଙ୍କର ଅମୃତ ସନ୍ତାନ । ନାରୀ ଏକାଧାରରେ ଜାୟା ଜନନୀ ଭଗିନୀ । ନାରୀ ବିନା ସମାଜର ସାମଗ୍ରିକ ଉନ୍ନତି କଳ୍ପନା କରି ହେବ ନାହିଁ । ନାରୀର କଲ୍ୟାଣରେ ଦେଶ ଓ ଜାତିର କଲ୍ୟାଣ । ଯଥାର୍ଥରେ ମହର୍ଷି ମନୁ କହିଛନ୍ତି:-

"ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟତେ ରମନ୍ତେ ତତ୍ର ଦେବତା ।" ।

-୦-

ମହାଦେଇପୁର, ଗୁରାଣ୍ଡି,
ପାରଳାଖେମୁଣ୍ଡି, ଗଜପତି ।



# ନାରୀ

**ମାଧବ ବାଡତ୍ୟା**

ନାରୀ ମାନବ ସମ୍ବଳର ମୂଳାଧାର । ଦୁଷ୍ଟ, ପାପୀ, ନୃଶଂସ, ହତ୍ୟାକାରୀଙ୍କ ନିପାତର ସୂତ୍ରଧାର । ଆବାହମାନ କାଳରୁ ନାରୀଙ୍କ ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ପୁରାଣ ଶାସ୍ତ୍ରରେ ସେତିକି ରୋମାଞ୍ଚିତ । ରାମାୟଣରେ ସୀତାଙ୍କ ସହନଶୀଳତାର ଯେତିକି ପରିଚୟ ଦିଏ ରାବଣ ଦ୍ୱାରା ଅପହରଣ ହୋଇ ସ୍ୱର୍ଣ୍ଣମୟ ଲଙ୍କାର ଐଶ୍ୱର୍ଯ୍ୟକୁ କୁଠାରଘାତ କରି ପ୍ରଭୁ ଶ୍ରୀରାମଙ୍କୁ ଅପେକ୍ଷା କରି ରହିବା ପତିବ୍ରତାର ସେତିକି ପ୍ରମାଣ ଦିଏ । ଅଯୋଧ୍ୟା ଫେରି ଭୋଗବିଳାସର ଜୀବନ ବିତାଇବାର ସୁଯୋଗ ଥିବାବେଳେ ସାଧାରଣ ଲୋକଙ୍କ କଥାକୁ ସମ୍ମାନ ଦେବାକୁ ଯାଇ ପାତାଳୀ ହେବା ମାନବ ସମାଜକୁ ଦିଗ୍‌ଦର୍ଶନର ବାର୍ତ୍ତା ଦିଏ । ସେହିପରି ମହାଭାରତରେ ଦ୍ରୌପଦୀ ପାଞ୍ଚ ସ୍ୱାମୀଙ୍କ ସହ କାଳାତିପାତ କରି ବହୁ ଲାଞ୍ଛନା ତାଡ଼ନା ସହି ଯଜ୍ଞରୁ ଯାତ ଯାଜ୍ଞସେନୀ ନାରୀର ଭୂମିକାକୁ ଚରିତାର୍ଥ କରିପାରିଛି । ନାରୀ କାଳୀ ଦୁର୍ଗା ରୂପରେ ଧରାପୃଷ୍ଠରୁ ଦୁଷ୍ଟ ସଂହାର କରି ନିଜ ପାରଦର୍ଶିତାର ଯେଉଁ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଛନ୍ତି ତାହା ନାରୀ ଭୂମିକାର ଅସ୍ମିତାକୁ ସୁଦୃଢ଼ କରିପାରିଛି । ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀ ପଦବୀରେ ଦେଶ ପରିଚଳନା, ସ୍ୱର୍ଗତ କଳ୍ପନା ଚାୱଲାଙ୍କ ମହାକାଶ ଯାତ୍ରା ଏବଂ ପ୍ରତିଭା ପାଟିଲ ଓ ଦ୍ରୌପଦୀ ମୁର୍ମୁଙ୍କ ଭଳି ଦକ୍ଷ ମହିଳାମାନେ ରାଷ୍ଟ୍ରପତି ହୋଇ ନାରୀଜାତିକୁ ଗର୍ବିତ କରିପାରିଛନ୍ତି । ସାଂପ୍ରତିକ ପରିସ୍ଥିତିରେ କନ୍ୟାଭ୍ରୁଣ ହତ୍ୟା ଠାରୁ ଆରମ୍ଭ କରି ଅପହରଣ, ଯୁବତୀ ଚାଲାଣ ଓ ଦୁଷ୍କର୍ମର ଶିକାର ହେଉଥିବା ନାରୀର ସଂଘର୍ଷକୁ ବିଚାରକଲେ ଆଜି ବି ନାରୀ ଅବଳା ଦୁର୍ବଳା ଭାବେ ମନେହୁଏ । ଦୁହିତା ଦୁଇ କୂଳକୁ ହିତା ହୋଇ ଆବଶ୍ୟକ ସ୍ଥଳେ ନାରୀ ନାରାୟଣୀ ହେବା ଉଚିତ । ମାତ୍ର ନାରୀ ଉଗ୍ର ଆଧୁନିକତାକୁ ପ୍ରଶ୍ରୟ ନ ଦେଇ ନାରୀ ନିଜର ବେଶପୋଷାକ, ଆଚାର ବ୍ୟବହାର, ଚାଲିଚଳଣି ପ୍ରତି ଗୁରୁତ୍ୱ ଦେଲେ ନାରୀ ସର୍ବତ୍ର ପୂଜ୍ୟା ଓ ବନ୍ଦନୀୟା ହୋଇ ପାରିବ ।

-୦-

ସମ୍ପାଦକ, ଉପାନ୍ତ ସାଂସ୍କୃତିକ ସାହିତ୍ୟ ସେବା ସଂସଦ (ପାତ୍ରପୁର)
ସୁବର୍ଣ୍ଣପୁର, ଜରଡା (ଗଞ୍ଜାମ)



# ସମାଜ ଗଠନରେ ନାରୀର ଭୂମିକା

**ସଂହିତା ମହାନ୍ତି**

ଯେଉଁ ଦେଶର ନାରୀ ଯେତେ ଶିକ୍ଷିତା, ସେ ଦେଶ ସେତେ ଉନ୍ନତ ଓ ଶିକ୍ଷିତ । ମା' ପ୍ରଥମଗୁରୁ ସେଇଥିପାଇଁ ତ ତା'ର ଭାଷା ମାତୃଭାଷା । ସେ ସରସ୍ୱତୀ, ଲକ୍ଷ୍ମୀ ଆଉ ସେହିଁ ତ ଦୁର୍ଗା । ସତରେ କେତେ ରୂପ ତା'ର । ଦୁହିତା ସେ ଦୁଇ କୂଳକୁ ହିତା । ମା' ଭଉଣୀ, ସ୍ତ୍ରୀ,ଶାଶୁ, ଜେଜେମା' ଖୁଡ଼ି, ପିଉସୀ, ଆଇ କେତେ ଯେ କ'ଣ । ହେଲେ ସିଏ ତା'ର କର୍ତ୍ତବ୍ୟ ନିଖୁଣ ଭାବରେ କରିଚାଲୁଥାଏ । ସନ୍ତାନଙ୍କୁ ବକ୍ଷାମୃତ ଦେଇ ଜୀବନ ଦିଏ, ରାକ୍ଷୀ ବାନ୍ଧି ଭାଇକୁ ବଜ୍ର କରେ । ସ୍ତ୍ରୀ ହୋଇ ଶଙ୍ଖା ସିନ୍ଦୁର ପିନ୍ଧି ସ୍ୱାମୀର ସେବା କରେ । ଓଷା ବାରବ୍ରତ କରି ଘରର ବିଘ୍ନ ଦୂର କରିବାକୁ ଚେଷ୍ଟାକରେ । ଜେଜେମା / ଆଇ ମା' ହୋଇ ସ୍ନେହ ମମତାର ଡୋରିରେ କାନି ଘୋଡ଼େଇ ବାନ୍ଧି ରଖେ ।

ଦିନଥିଲା "ଝିଅ ଜନମ ଚୁଲି ମୁଣ୍ଡକୁ" ବୋଲି କୁହାଯାଉଥିଲା । କିନ୍ତୁ ଏବେ ସେ ଚନ୍ଦ୍ରଯାନର ସଫଳତାର ମାଧ୍ୟମ ହୋଇସାରିଲାଣି । ଅବଳା ଦୁର୍ବଳା କୁହାଯାଉଥିବା ନାରୀ ଏବେ ସେନାର ଆଗ ଧାଡ଼ିରେ । ରାଜନୀତି ହେଉ ଅବା ଅର୍ଥନୀତି ସବୁଠି ନିଜର ପ୍ରତିଷ୍ଠା କରି ଚାଲିଛି ଆଜିର ନାରୀ । ଦେଶର ପ୍ରଥମ ନାଗରିକ ହେବାର ପାରଦର୍ଶିତା ମଧ୍ୟ ତା ପାଖରେ ମେଞ୍ଚା ମେଞ୍ଚା ହୋଇ ଭରି ରହିଛି ।

ଅତୀତ ହେଉ ଅବା ବର୍ତ୍ତମାନ ନାରୀଟି ସୃଷ୍ଟିର ଆଧାର ଆଉ ସେ ହିଁ ସଂସାରର ଦୂରବସ୍ଥାକୁ ବ୍ୟବସ୍ଥା କରିବାର ଏକମାତ୍ର ମାଧ୍ୟମ । ଉଦାହରଣ ତ ଅନେକ ଦିଆଯାଇ ପାରେ କିନ୍ତୁ ଗୋଟିଏ ଛୋଟ କଥାକୁ ତର୍ଜମା କରି ଦେଖିନେବା : ପୁରୁଷ କୈନ୍ଦ୍ରିକ ସମାଜରେ ଘରର ବାପା (ମୁରବି)ଙ୍କ ଉପରେ ଘରର ଦାୟିତ୍ୱ ନ୍ୟସ୍ତ ଥାଏ । କୌଣସି କାରଣରୁ ପରିବାରର ମୁଖିଆଙ୍କ ପରଲୋକ ହେଲେ ପରିବାରର ମେରୁ ହାଡ଼ ଭାଙ୍ଗିଯାଏ ସତ, ହେଲେ ଧୀରେ ଧୀରେ ମା' ସମସ୍ତ ଦାୟିତ୍ୱକୁ ବହନ କରି ପରିବାରକୁ ଆଗକୁ ବଢ଼ିବାରେ ସହାୟକ ହୁଅନ୍ତି , କିନ୍ତୁ ପ୍ରାୟତଃ ମା'ର କିଛି ହୋଇଗଲେ ସେ ପରିବାର ସର୍ବହରା ପାଲଟିଯାଏ ।

ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱପରି, ଜଣଙ୍କ ବିନା ଆଉଜଣେ ଅସଂପୂର୍ଣ୍ଣ । ଶରୀରର ପେଟ ଆଉ ପିଠି, ସମୟର ଦିନ ଆଉ ରାତି, ତଥାପି କାହିଁକି କେଜାଣି ଏବେବି ପ୍ରବାଦ ଅଛି "ବିନାଶ୍ରୟେ ନବର୍ତ୍ତନ୍ତି କବିତା, ବନିତା,ଲତା । ଅତୀତ ପୃଷ୍ଠାକୁ ଓଲଟାଇଲେ ପଦ୍ମିନୀ, ସାବିତ୍ରୀ, ସୀତା, ଲକ୍ଷ୍ମୀବାଇ, ଦୁର୍ଗାବତୀଙ୍କ ପରି ବୀରା ରମଣୀଙ୍କ ନାମ ଇତିହାସରେ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ।

ଶ୍ରୀମତୀ ଇନ୍ଦିରା ଗାନ୍ଧୀ, ସରୋଜିନୀ ନାଇଡୁ, କିରଣ ବେଦୀ ଓ କଳ୍ପନା ଚାୱ୍ଲା ଆଦି ନିଜ ନିଜ ଦକ୍ଷତା ବିଭିନ୍ନ କ୍ଷେତ୍ରରେ ପ୍ରତିପାଦନ କରିପାରିଛନ୍ତି । ଲୋପାମୁଦ୍ରା, ଗାର୍ଗୀ, ଲୀଳାବତୀ ଓ ମୈତ୍ରେୟୀ ଆଦି ବିଦୁଷୀ ନାରୀ ଶିକ୍ଷା କ୍ଷେତ୍ରରେ ଅଲୌକିକ ପ୍ରତିଭା ପ୍ରଦର୍ଶନ କରି ଇତିହାସ ରଚିଛନ୍ତି । ଚିକିତ୍ସା କ୍ଷେତ୍ରରେ ଡାକ୍ତର, ନର୍ସ ଓ ସେବିକାର ଭୂମିକା ନିଭାଇବାରେ ପାଦେ ଆଗେ ଅଛନ୍ତି । ପ୍ରଶାସନିକ କ୍ଷେତ୍ରରେ ନାରୀଙ୍କର ଭୂମିକା ନିର୍ବିକଳ୍ପ । ବର୍ତ୍ତମାନ ଦ୍ରୌପଦି ମୁର୍ମୁ ଏହାର ଜ୍ୱଳନ୍ତ ଉଦାହରଣ । ପ୍ରତିଭା ଦେବୀ ସିଂ ପାଟିଲ୍, ସୁଷମା ସ୍ୱରାଜ, ଜୟ ଲଳିତା, ମମତା ବାନାର୍ଜୀ, ଉମା ଭାରତୀ, ମୀରା କୁମାର ଆଦି ପ୍ରଶାସନିକ କ୍ଷେତ୍ରରେ ନିଜ ନିଜର କୃତିତ୍ୱ ପ୍ରଦର୍ଶନ କରିଛନ୍ତି ।

ସାହିତ୍ୟ କ୍ଷେତ୍ରରେ ଶ୍ରୀମତୀ ନନ୍ଦିନୀ ଶତପଥୀ, କୁନ୍ତଳା କୁମାରୀ ସାବତ, ବିଦ୍ୟୁତ୍ ପ୍ରଭା ଦେବୀ ଓ ପ୍ରତିଭା ରାୟ ଅନେକ ପୁରସ୍କାର ପ୍ରାପ୍ତ କରିଛନ୍ତି । ସରୋଜିନୀ ନାଇଡୁଙ୍କୁ ଭାରତର ବୁଲ୍‌ବୁଲ୍ ଆଖ୍ୟା ଦିଆଯାଇଛି । ମଦର ଟେରେସା, କସ୍ତୁରବା ଗାନ୍ଧୀ, କମଳା ନେହେରୁ, ଶ୍ରୀମତୀ ମାଳତୀ ଦେବୀ, ଶୈଳବାଳା ଦେବୀ, ଶ୍ରୀମତୀ ବିଜୟଲକ୍ଷ୍ମୀ ପଣ୍ଡିତ ପରି ମହିୟସୀ ମହିଳାମାନେ ସମାଜ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି । କ୍ରୀଡ଼ା କ୍ଷେତ୍ରରେ ଆଜିର ନାରୀ ନିଜର ଦକ୍ଷତା ଖୁବ୍ ପ୍ରଦର୍ଶନ କରୁଛନ୍ତି ଏବଂ ଦେଶ ପାଇଁ ଅନେକ ପଦକ ଅର୍ଜନ କରିଛନ୍ତି ।

ନାରୀ ଜନ୍ମଦିଏ, ନାରୀ ଦିଏ ପ୍ରାଣ
ପାଳିଥାଏ ଦେଇ ମନ,
ତା ବକ୍ଷୁ ରୁଧିର ଦେଇ କରେ ବଡ଼
ନାହିଁ କେ ତାହା ସମାନ ।
ସଂସାରରେ ଛନ୍ତି ଯେତେ ସ୍ତନ୍ୟପାଇ
ଦେଖଥରେ ଚିନ୍ତାକରି,
ମାତା ବକ୍ଷାମୃତ ନଥିଲେ ଜୀବନ
ବଞ୍ଚିଥାନ୍ତା କେଉଁପରି ।
ଦିନରାତି କିଛି ଜାଣେନାହିଁ ସିଏ
ଦେଖେନା ପୁନିଅ ଜାତ,
ତା ସନ୍ତାନ ଓଠ ହସରୁ ଅଧିକା
ଖୁସି ତା ପାଇଁ ନାହିଁତ ।

ଘରର ସମସ୍ତ ଜଞ୍ଜାଳ କରଇ
ଅଳି ଅର୍ଦ୍ଦଳିକୁ ସବୁଯାଏ ସହି,
ତା ସୁଖଶାନ୍ତିକୁ ଜଳାଞ୍ଜଳି ଦେଇ
ପ୍ରଦୀପର ସମ ନିତି ଜଳୁଥାଇ ।
ଗୁରୁଜନ ଆଜ୍ଞା ଅବଜ୍ଞା କରେନା
ସହିଯାଏ ନିଜେ ଅନେକ ଯାତନା,
ସ୍ୱାମୀକୁ ମଣଇ ଦେବତା ସମାନ
ନିଜଘରେ କାଟେ ବନ୍ଦୀର ଜୀବନ ।
ଜନ୍ମଦିଏ ଯେବେ କନ୍ୟା ସନ୍ତାନକୁ,
ତାକୁ ଦେଖି ଭାବେ ତା ଭବିଷ୍ୟତକୁ ।
ଆଜିଯାଏ ସରିନାହିଁ ଦୁଃଖ ମୋର,
କାହିଁକି ଜନ୍ମିଲୁ ଧନ ମୋ କୋଳର ?
ମୋଭଳି କେତେଯେ ସହିବୁ ଯାତନା
କେତେ ପୁରାଇବୁ କା ମନ କାମନା ?
ବସୁମାତା ପରି ସହିବୁ ମୋ ଧନ,
ତଥାପି କେ ବୁଝିବନି ତୋର ମନ ।
ମେସିନ୍ ପରିକା କରିଲେ ବି କାମ,
ଦୁନିଆଁ ଦେବନି ତୋତେ 'ମା' ସମ୍ମାନ
ଆଖିଲୁହ କେତେ ପିଇବୁ ସଙ୍ଗାଳି,
ତୋ ପାଇଁ ମୋ ହୃଦ ଉଠୁଛି କୁହୁଳି ।
ହେଉ ରଜା ଅବା ପରଜାର ଝିଅ,
ଛାତିରେ ସାଇତି ରଖେ ସଦା କୋହ ।
ପୁଅମାନେ ପରା ପିତଳ ମାଠିଆ,
ଝିଅ ମାଟିହାଣ୍ଡି ଛୁଇଁଦେଲେ ଛୁଆଁ ।
ପୁଅ ଦୋଷକଲେ ଧରାଯାଏ ନାହିଁ,
ସେହିଦୋଷ ପାଇଁ ଝିଅ କାନ୍ଦୁଥାଇ ।
ସଂସାରେ ସେ କଳଙ୍କିନୀ ଆଖ୍ୟା ପାଏ,
ପୁଅର ସେଥିରେ ଖାତିର୍ ନଥାଏ ।
ସ୍ୱାମୀ ମଲେ ସ୍ତ୍ରୀ ବିଧବା ହୁଅଇ,
ଶଙ୍ଖା କି ସିନ୍ଦୂର କିଛି ପିନ୍ଧେ ନାହିଁ ।
ରଙ୍ଗୀନ୍ ବସ୍ତ୍ର ତା ହୁଏ ସାତପର,
ଗୋଡ଼ରୁ ଓହ୍ଲାଏ ଝୁଣ୍ଟିଆ ସତ୍ୱର ।
ସ୍ତ୍ରୀ ମଲେ ସ୍ୱାମୀ ସୁଧଘର କରେ,
ବାରଦିନେ ବାହା ହୁଏ ପୁଣିଥରେ ।
ଏକି ବିଡମ୍ବନା କେମିତିକା ପ୍ରେମ,
କେମିତିକା ସ୍ୱାମୀ ପୁରୁଷ ଉତ୍ତମ ।
ନାରୀ ତା ସ୍ୱାମୀକୁ ଦେବତା ମଣଇ,
ସ୍ୱାମୀ କିନ୍ତୁ ଭାବେ ଖେଳନା କଣ୍ଢେଇ ।
ନାରୀର ଭାବନା ସାଥେ ଖେଳେ ଖେଳ,
ଏକଥା ସଂସାରେ ଘଟୁଛି ପ୍ରବଳ ।
ଧନ ଅର୍ଜିବାକୁ ବିଦେଶକୁ ଯାଇ,
ଯୌନରୋଗ ସାଥେ ଘରକୁ ଫେରଇ ।
ଏକଥା ଜାଣିବି କରେନା ଖାତର,
ସ୍ତ୍ରୀ ଜୀବନକୁ କରେ ଛାରଖାର ।
ଦୋଷ ନକରି ବି ଦଣ୍ଡ ପାଏ ନାରୀ,
ଅକାଳରେ ତାର ପ୍ରାଣଯାଏ ସରି ।
ଯୁଗେଯୁଗେ ନାରୀ ଯଜ୍ଞରେ ଆହୁତି,
ବଳୀପଡ଼ି ସାଜେ ସଂସାରେ ବିଭୂତି ।
ଆଜି ନାହିଁ ନାରୀ ପଛୁଆ ବର୍ଗରେ ,
ତଥାପି ସେ ବଞ୍ଚିପାରେନା ଗର୍ବରେ ।
ତିଳତିଳ କରି ଜଳାଇ ନିଜକୁ,
ଆଲୋକ ଦେଉଛି ଏଇ ସମାଜକୁ ।
କେବେ ଅନ୍ଧପୁଟୁଳି ସମାଜ ଖୋଲିବ !
ପୁରୁଷ ସହ ସେ ସମାନ ହୋଇବ ?
ଲେଖିଲେ ପୁରାଣ ହେବ ଏହି କଥା,
ପ୍ରଶ୍ନ ପରେ ପ୍ରଶ୍ନ ଘୁରାଉଛି ମଥା ।

ଏବେ ଅଚିହ୍ନା ଶବକୁ ଆଣି ତାର ସଂସ୍କାର ଓ ଶୁଦ୍ଧକ୍ରିୟା କରିବାରେ ଆମ ରାଜ୍ୟର ନାରୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ । ସତରେ.....ଆଉ କଣ ଅବା ବାକି ରହିଲା ଯେ ! ଶାଶୁ ଘରେ ହାତେ ଓଢ଼ଣା ତଳେ ମୁଣ୍ଡ ନୁଆଁଇ ଆଜ୍ଞା ପ୍ରମାଣେ ନିଜକୁ ପରିବାର ପାଇଁ ତିଳତିଳ କରି ଜାଳୁଥିବା ବୋହୂ ଏବେ ଚୁଲିମୁଣ୍ଡ ସମ୍ଭାଳିବା ସହ ଆକାଶ ଯାନରେ ଉଡାଣ କରୁଛି । "ଝିଅ ଜନମ ତ ପର ଘରକୁ" ବୋଲି କଥା ଏବେ ତାର ସତ୍ତାକୁ କେତେ ସତ୍ୟ ଅବା ପ୍ରମାଣିତ କରୁଚି ? ସେ ଘର ତା'ର ପର ନୁହେଁ ବରଂ ଦୁଇ ଦୁଇଟା ଘର ସମ୍ଭାଳିବାକୁ ଆଜି ଆମ ଝିଅମାନେ ଶତ ପ୍ରତିଶତ ଯୋଗ୍ୟ ବୋଲି ପ୍ରମାଣିତ କରିସାରିଛନ୍ତି । ହାତରେ ଚୁଡ଼ି ଆଉ ଗୋଡ଼ରେ ବଳା ପିନ୍ଧି ପଞ୍ଜୁରୀର ଶାରୀ ପରି ଦିନ କାଟୁଥିବା ନାରୀ ଆଜି ନିଜର ଡେଣା ଉପରେ କେତେ ବିଶ୍ୱାସ ତାହା ସର୍ବଜନ ବିଦିତ । ଯୋଉ ପାଦରେ ଦିନେ ଢ଼ିଙ୍କିରେ ଧାନ କୁଟି ପରିବାରକୁ ଭାତ ପରସୁଥିଲା ଆଜି ସେ ପାଦ ଦେଶର ସେନାବାହିନୀରେ ତାଳ ମିଶାଇ କାନ୍ଧରେ ବନ୍ଧୁକ ଧରି ଦେଶର ପ୍ରହରୀ ସାଜିଛି ।

-୦-

ଶିକ୍ଷୟିତ୍ରୀ, ଚିକିଟି, ଗଞ୍ଜାମ



# ଲେଖିକାର ପୃଥିବୀ

ଅମିତା ମିଶ୍ର (ଦାଶ)

ଏକଦା ପୃଥିବୀର ସ୍ୱରୂପ ଏକ ବୃହତ୍ ଘର ପରି ପ୍ରତୀୟମାନ ଥିଲା । ସେଥିରେ ବାସ କରୁଥିଲେ କଥା କହିପାରୁଥିବା ଦୁଇଟି ପ୍ରାଣୀ । ସେମାନେ ଥିଲେ ମଣିଷ । ଜଣକର ନା ଥିଲା ପୁରୁଷ ଓ ଅନ୍ୟଟିର ନାମ ସ୍ତ୍ରୀ । ସେମାନେ ମିଳିମିଶି ସୃଷ୍ଟି କରୁଥିଲେ ଖାଦ୍ୟ, ପାନୀୟ ଓ ଜୀବନର ଅନେକ ଆବଶ୍ୟକୀୟ ବସ୍ତୁ । ଅକାତରେ ବାଣ୍ଟି ଚାଲୁଥିଲେ ସ୍ନେହ, ପ୍ରେମ, ମାୟା, ମମତା ଓ ବନ୍ଧୁତା ଇତ୍ୟାଦି । ସେଥିପାଇଁ ପରିବେଶ ଲାଗୁଥିଲା ସବୁଜ ସୁନ୍ଦର । ବିବିଧବର୍ଣ୍ଣୀ ପୃଥିବୀର ଅସାମାନ୍ୟ ରୂପ ଲାବଣ୍ୟ ସେମାନଙ୍କ ମନରେ ଭରି ଦେଉଥିଲା ଅପୂର୍ବ ଆନନ୍ଦ, ବିଭୋର କରି ଦେଉଥିଲା ସେମାନଙ୍କ ମନ, ପ୍ରାଣ ତଥା ହୃଦୟ ତନ୍ତ୍ରୀକୁ । ସେହି ଭାବନାରୁ ଉଦ୍ରେକ ହେଲା ସ୍ମୃତି, ଯାହାକୁ ସାଇତି ରଖିବା ନିମନ୍ତେ ଦରକାର ପଡ଼ିଲା ଗୋଟିଏ ମାଧ୍ୟମ ଓ ସେହି ମାଧ୍ୟମ ହେଲା ଭାଷା । ଏହି ଭାଷାର ରୂପ କେତେବେଳେ କଥିତ ଥିଲା, ତ କେତେବେଳେ ଲିଖିତ । ନାରୀର ରୂପଲାବଣ୍ୟ, ଅନ୍ତଃପ୍ରେମ ଫଲଗୁର ମନ୍ଦାକିନୀ ଧାରାରେ ପ୍ରଲୁବ୍ଧ ହୋଇ ପୁରୁଷ ଲିପିବଦ୍ଧ କଲା ତାର ହୃଦୟାନୁଭୂତି । ଯାହା ତାକୁ ପରିଣତ ତଥା ପ୍ରତିଷ୍ଠିତ କରିଥିଲା କବି ଓ ଲେଖକ ଭାବେ । ପ୍ରଥମେ ପ୍ରଥମେ ନାରୀ ସେଗୁଡ଼ିକୁ ସନ୍ଦର୍ଶନ ଓ ଶ୍ରବଣ କରି ମୁଗ୍ଧ ଓ ଆତ୍ମବିଭୋର ହେଉଥିଲା । ସେହି ରାସ୍ତାରେ ଅଗ୍ରସର ହେବାପାଇଁ ପୁରୁଷକୁ ନାରୀ ଯୋଗାଇ ଦେଉଥିଲା ଅଫୁରନ୍ତ ପ୍ରେରଣା । ଅନେକ ଦିନ ପରେ ନାରୀ ଅନୁଭବ କଲା ପୁରୁଷ ପ୍ରଣିତ କାବ୍ୟ ଓ ସାହିତ୍ୟରେ ପ୍ରଶଂସା ସାଥେ ସାଥେ ତା ନିମନ୍ତେ କେତେକ କଟକଣାର ଲକ୍ଷ୍ମଣ ଗାର ସୃଷ୍ଟି ହୋଇଛି । ନାରୀ ବିଚଳିତ ହୋଇ ପଡେ ଆଦ୍ୟାବସ୍ଥାରେ । ତାର ବିସ୍ତାରିତ ପୃଥିବୀଟି ତା ପାଇଁ ସଙ୍କୁଚିତ ହୋଇପଡ଼ିଲା । ତାର ଭାବନାକୁ ତିଳ ତିଳ କରି ଦଗ୍ଧ କରି ଦିଆଗଲା, କେତେବେଳେ ଯୁଗରୁଚି ଅନୁଯାୟୀ, ତ କେତେବେଳେ ପୁରୁଷର ସ୍ୱେଚ୍ଛାଚାରିତ ମାନସିକତା ପାଇଁ । ସେ ହୋଇଗଲା ସମ୍ପୂର୍ଣ୍ଣ ରୂପେ ପରାଧୀନ । ନିଜର ସ୍ୱାଧୀନତା ହରାଇ ସ୍ୱୀୟ ଜୀବନର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ନିର୍ଭରଶୀଳ ହୋଇ ପଡ଼ିଲା ପୁରୁଷ ଉପରେ । ସହଯାତ୍ରୀରୁ ରୂପାନ୍ତରିତ ହେଲା ଦାସୀରେ ।

ସମୟ କିନ୍ତୁ ସର୍ବଦା ବଳଶାଳୀ । ସମୟ ବଦଳିଲେ ବଦଳିଯାଏ ପରିସ୍ଥିତି ଓ ପରିବେଶ । ଯେଉଁ ସୁଖ, ରୂପ, ମାଧୁରୀ, ଦୁଃଖ ଦୁର୍ଦ୍ଦଶା, ମାନସିକ ଶାନ୍ତି ଓ ଅଶାନ୍ତି ଦେଇ ନାରୀଟି ଗତି କରିଥିଲା, ସେ ସବୁର ଅନୁଭୂତିକୁ ପ୍ରାଞ୍ଜଳଭାବେ ପରିପ୍ରକାଶ କଲା ତା' ଲେଖନୀ ମାଧ୍ୟମରେ । ସୃଷ୍ଟି କଲା ଭାଷା ଶିଳ୍ପର କୋଣାର୍କ । ସମାଜ ମଧ୍ୟ ବାଧ୍ୟ ହେଲା ନାରୀର ଉତ୍କର୍ଷ ଓ ଉତ୍କୃଷ୍ଟତାର ସୃଜନୀକୁ ସ୍ୱୀକୃତି ଦେବାପାଇଁ । ତେଣୁ, ସମ୍ପ୍ରତି ଲେଖିକାର ପୃଥିବୀ କ୍ଷୁଦ୍ର ବା ସୀମିତ ନୁହେଁ । ବିଗତ ଦିନର ଦୁଃଖ ଓ ଦୈନ୍ୟତାର ଚିତ୍ର ଯାହା କାନ୍ଦଣା ଗୀତରେ ସୀମାବଦ୍ଧ ଥିଲା, ତାହା ଆଜି ପରିବର୍ତ୍ତିତ ହୋଇଛି ମୁକ୍ତି ଓ ବିକାଶ ନିମନ୍ତେ । ଜୀବନର ସୂକ୍ଷ୍ମାତିସୂକ୍ଷ୍ମ ଭାବନାକୁ ଭାଷାରେ ରୂପାନ୍ତରିତ କରି ବିଶ୍ୱ ସମ୍ମୁଖରେ ଉପସ୍ଥାପିତ କରି ଚାଲିଛି ଅଦ୍ୟାବଧି । ନିଃଶ୍ୱାସର ଆଦ୍ୟ ଆସ୍ୱାଦନା ଠାରୁ ଜୀବନର ଶେଷ ଯବନୀକା ପର୍ଯ୍ୟନ୍ତ ସମସ୍ତ ଜୀବନାନୁଭୂତିକୁ ଲିପିବଦ୍ଧ କରିବାରେ ସେ ଆଜି ସିଦ୍ଧହସ୍ତା । ସମାଜର ପ୍ରତିଟି କୋଣ ଅନୁକୋଣର ଚିତ୍ର ତାର ଲେଖନୀରେ ସୁସ୍ପଷ୍ଟ । ଅତୀତର ନିଷିଦ୍ଧାଞ୍ଚଳ ଆଜି ତାର ଚରାଭୂମି । ଆଜି ସେ ମସୀ ଚାଳନା କରି ଆହ୍ୱାନ ଦେଇଛି ସଲମା ଲୋଗାରଫ ହୋଇ; ସମାଜର କେତେକ ନିଷିଦ୍ଧ ଇତିହାସକୁ ଉନ୍ମୁକ୍ତ କରିଛି ଟୋନି ମୋରିସନ୍ ଭାବେ; ବିଶ୍ୱବାସୀଙ୍କ ହୃଦୟକୁ ଅଶ୍ରୁସିକ୍ତ କରିଛି ନାଦୀୟା ମୁରାଦ ହୋଇ ତଥା ଗ୍ରେଟା ଥନବର୍ଗ ହୋଇ ସଚେତନ କରାଉଛି ପ୍ରକୃତିର ସଂରକ୍ଷଣ ପାଇଁ । ଅନେକ ଲେଖିକାଙ୍କ ସୃଜନୀକୁ ପାଠକଲେ ମନେହୁଏ ସାମ୍ପ୍ରତିକ ସାହିତ୍ୟାକାଶରେ ସେମାନେ ଗୋଟିଏ ଗୋଟିଏ ଉଜ୍ଜ୍ୱଳ ତାରକା ରୂପେ ପ୍ରତିଭାତ ।

ଆଧୁନିକ ପରିପ୍ରେକ୍ଷୀରେ ଭାରତୀୟ ଭାଷା ସାହିତ୍ୟ ମଧ୍ୟ ବିଶ୍ୱ ସାହିତ୍ୟର ପଛରେ ନାହିଁ । ମହାଦେବୀ ବର୍ମା, ଆଶାପୂର୍ଣ୍ଣା ଦେବୀ, ମହାଶ୍ୱେତା ଦେବୀ, ଅମ୍ରିତା ପ୍ରିତମ ଓ ପ୍ରତିଭା ରାୟ ଇତ୍ୟାଦି ଦିଗ୍ଗଜ ଲେଖିକାଙ୍କ ଲେଖନୀର ଅଭିବ୍ୟକ୍ତି ସମାଜକୁ ଏକ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିଛି । ଶୋଭା ଦେ, ତସଲିମା ନସ୍ରିନ, ଅରୁନ୍ଧତୀ ରାୟ, କମଳା ଦାଶ ଓ ଇନ୍ଦିରା ଗୋସ୍ୱାମୀ ଆଦିଙ୍କ ରଚନା ସମାଜକୁ ବିଶେଷ ଭାବରେ ପ୍ରଭାବିତ କରିଛି । ଏପରି ଲେଖିକାଙ୍କ ତାଲିକା ଖୁବ ଲମ୍ବା ।

ଓଡ଼ିଆ ଭାଷା ସାହିତ୍ୟର ପରିଧି ମଧ୍ୟ ପରିପୁଷ୍ଟ ହୋଇଛି ଅନେକ ଲେଖିକାଙ୍କ ସୃଜନଶୀଳତାରେ । ବିଗତ ଦିନର ଓଡିଆଣୀଙ୍କ କାନ୍ଦଣା ତଥା ନିଜ ନାମ ଗୋପନ ରଖି ଜଗନ୍ନାଥ ଜଣାଣ ଲେଖିଥିବା ନରେନ୍ଦ୍ର ଯୁବତୀ ଇତ୍ୟାଦିଙ୍କ ମଧ୍ୟରେ ସୀମାବଦ୍ଧ ଥିବା ଓଡ଼ିଆ ଭାଷା ସାହିତ୍ୟର କଳେବର ଆଜି ପରିବ୍ୟାପ୍ତ । କୁନ୍ତଳା କୁମାରୀ ସାବତଙ୍କ ଠାରୁ ଆରମ୍ଭ କରି ଆଧୁନିକ ଲେଖିକା ଯାଏ, ପ୍ରତିଭା ଦେବୀଙ୍କ ଠାରୁ ପ୍ରତିଭା ରାୟଙ୍କ ପର୍ଯ୍ୟନ୍ତ, ଶାରଳା ଦେବୀଙ୍କ ଠାରୁ ବୀଣାପାଣି ମହାନ୍ତି, ସୁପ୍ରଭା ଦେବୀ, ସୀତାଦେବୀ ଖାଡ଼ଙ୍ଗା, ପ୍ରତିଭା ଶତପଥୀ, ତମସା ଦାସମହାପାତ୍ର ଇତ୍ୟାଦିଙ୍କ ଦ୍ୱାରା ଓଡ଼ିଆ ଭାଷା ସାହିତ୍ୟ ଆଜି ସମୃଦ୍ଧ । ମନୁଷ୍ୟ ମନର ସୂକ୍ଷ୍ମାତିସୂକ୍ଷ୍ମ ଭାବନା ପ୍ରାଞ୍ଜଳ ଭାବେ ପ୍ରତିବିମ୍ବିତ ସେମାନଙ୍କ ଲେଖନୀ ମୁନରେ । ଅନୁସୃଜନରେ ନନ୍ଦିନୀ ଶତପଥୀ,

ଜୟନ୍ତୀ ପଟ୍ଟନାୟକ, ଶକୁନ୍ତଳା ବଳିୟାର ସିଂ, ଅମିୟବାଳା ପଟ୍ଟନାୟକ ଓ ସୂଚନା ପାତ୍ରୀ ଇତ୍ୟାଦିଙ୍କ ଲେଖା ପରିଚୟର ସେତୁଟିଏ ନିର୍ମାଣ କରେ ବିଭିନ୍ନ ଭାଷାମାନଙ୍କ ସହ । ଫଳରେ ସାହିତ୍ୟ ରଙ୍ଗାୟିତ ହୋଇଯାଏ ଇନ୍ଦ୍ରଧନୁର ସପ୍ତ ରଙ୍ଗରେ ।

ଅଧୁନା ଲେଖିକାମାନଙ୍କ ଏହି ପ୍ରଚେଷ୍ଟା ଓ ସାଧନା ଅବ୍ୟାହତ ରହିଛି । ଏହି ଉଦ୍ୟମ ଫଳରେ ଆଜି ସମଗ୍ର ବିଶ୍ୱ ଗଭୀର ଭାବେ ଉଦ୍‌ବୁଦ୍ଧ । ଏହି ଭାବନା ସମସ୍ତଙ୍କ ଠାରେ ଜାରିରହୁ ଏବଂ ଭବିଷ୍ୟତରେ ଏହାର ଉତ୍ତରୋତ୍ତର ଉନ୍ନତି ଓ ବିସ୍ତୃତି ଘଟୁ, ଏହି କାମନା ଓ ସଙ୍କଳ୍ପ ସମସ୍ତଙ୍କ ଧ୍ୟେୟ ହେଉ ।

-୦-

କୃଷ୍ଣାତ୍ରେୟ, ବ୍ରଜନଗର ୩ୟ ସମ୍ପ୍ରସାରଣ
ବ୍ରହ୍ମପୁର-୭୬୦ ୦୦୧



# ସ୍ୱୟଂସିଦ୍ଧା ନାରୀ

**ସନ୍ତୋଷ କୁମାର ସାହୁ**

ଜାତିର ଜନନୀ ହେଉଛି ନାରୀ । ସମାଜରେ ସେ ଏକ ବିଶିଷ୍ଟ ଅଙ୍ଗ । ନାରୀ ଏପରି ଏକ ପୁଷ୍ପ ଯିଏକି ସଂସାରକୁ ମମତାର ସୁଗନ୍ଧରେ ଚହଟାଇ ଦିଏ । ନାରୀ ବିନା ପୁରୁଷ ଅସମ୍ପୂର୍ଣ୍ଣ । ସମାଜର ସମୃଦ୍ଧି ଓ ପ୍ରଗତି ନିମିତ୍ତ ନାରୀର ଆବଶ୍ୟକତାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ନାରୀ ଜାତିର ସର୍ବାଙ୍ଗୀନ ଉନ୍ନତି ପ୍ରତି ଦୃଷ୍ଟି ନଦେଲେ ଦେଶର ଭାବି ନାଗରିକଗଣଙ୍କ ଜୀବନର ଉନ୍ନତି ବିକାଶ ସମ୍ଭବ ନୁହେଁ । ପ୍ରତ୍ୟେକ କ୍ଷେତ୍ରରେ ପୁରୁଷର ଦାୟିତ୍ୱ ଭଳି ନାରୀର ମଧ୍ୟ ସେତିକି ଦାୟିତ୍ୱ ରହିଛି ।

ନାରୀ ସ୍ନିଗ୍ଧମୟୀ, ବାତ୍ସଲ୍ୟମୟୀ ଓ ସେବା ଶୁଶ୍ରୁଷାକାରିଣୀ ଜନନୀ । ସ୍ନେହ, ପ୍ରେମ ଓ ତ୍ୟାଗର ସେ ଏକ ଶ୍ରେଷ୍ଠ ଆଦର୍ଶ । ଶିଶୁ ଜୀବନର ବିକାଶ ନାରୀ ଉପରେ ହିଁ ନ୍ୟସ୍ତ । ସେ ପୁଷ୍ପ ସଦୃଶ୍ୟ କୋମଳ ଏବଂ ବ୍ରଜ ସଦୃଶ୍ୟ କଠୋର । କର୍ତ୍ତବ୍ୟରେ କେବେ ବିଚଳିତ ନୁହେଁ । ତାଙ୍କ ନିକଟରେ ନିଷ୍ଠା ଏବଂ ଭକ୍ତିର ଅଭାବ ନାହିଁ । ବୀରଦର୍ପରେ ସେ ଶତ୍ରୁକୁ ମଧ୍ୟ ପ୍ରତିରୋଧ କରିପାରେ ।
ଯାହାର ଜ୍ୱଳନ୍ତ ପ୍ରମାଣ ରାଣୀ ଲକ୍ଷ୍ମୀବାଇଙ୍କ ଜୀବନକୁ ଅନୁଧ୍ୟାନ କଲେ ସ୍ପଷ୍ଟ ପ୍ରମାଣ ମିଳେ । ବିଚାର କ୍ଷେତ୍ରରେ ସେ ବିଜ୍ଞତା ପ୍ରଦର୍ଶନ କରିପାରେ । ଶିଶୁର ଶ୍ରେଷ୍ଠ ଶିକ୍ଷୟିତ୍ରୀ ହେଉଛି ନାରୀ ।

ପୁରୁଷଙ୍କ ଭଳି ନାରୀ ମଧ୍ୟ ଶିକ୍ଷିତ ହେବାର ମୌଳିକ ଅଧିକାର ଅଛି । ଶିକ୍ଷା ପ୍ରତି ନାରୀଙ୍କୁ ଦୂରେଇ ରଖିବା ଅନୁଚିତ୍ । ଆଜିର ସମାଜରେ ନାରୀ ଶିକ୍ଷିତ ହୋଇ କିଏ ଡାକ୍ତର, ଇଞ୍ଜିନିୟର, ବିଚାରପତି, ଶିକ୍ଷୟିତ୍ରୀ, ଅଧ୍ୟାପିକା, ଓକିଲ ନର୍ସ, କିରାନୀ ଏପରିକି ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ବି ହୋଇ ପାରିଛନ୍ତି । ଯାହାର ସଠିକ ଉଦାହରଣ ଆମର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଏବଂ ଆମ ଦେଶର ସମ୍ମାନୀୟା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କଥା କୁହାଯାଇ ପାରିବ । ଏହିସବୁ ଦୃଷ୍ଟିରୁ ବିଭିନ୍ନ ଶିକ୍ଷାରୁ ନାରୀଙ୍କୁ ବଞ୍ଚିତ କରି ଗୃହାଭ୍ୟାନ୍ତରରେ ରଖିଲେ ଦେଶର ବହୁ ଯୋଜନା ବାସ୍ତବିକ ପଛରେ ପଡିଯିବ ।

ନାରୀ ପ୍ରତ୍ୟେକ କ୍ଷେତ୍ରରେ ସମ୍ମାନ ଆଦର ଲାଭ କରିଅଛି । ପୁରୁଷର ପ୍ରତ୍ୟେକ କାର୍ଯ୍ୟରେ ସେମାନେ ଅଂଶଗ୍ରହଣ କରି ଆସୁଛନ୍ତି । ପୂଜା ଏବଂ ଯଜ୍ଞ ସମୟରେ ନାରୀର ଉପସ୍ଥିତ ଅନିର୍ବାଯ୍ୟ ଥିଲା । ଯାହାକି ଦିନେ ଶ୍ରୀରାମ ସୀତାଙ୍କ ବିନା ଯଜ୍ଞ କରିବା ବିଶେଷତାକୁ ଉପଲବ୍ଧି କରିପାରିଥିଲେ । ତେଣୁ ନାରୀ ପୁରୁଷର ସହ ଧର୍ମିଣୀ ଅର୍ଦ୍ଧାଙ୍ଗିନୀ ।

ପୂର୍ବକାଳରେ ଗାର୍ଗୀ, ମୈତ୍ରେୟୀ, ବିଶ୍ୱବାରୀ, ଲୋପାମୁଦ୍ରା, ମଦାଳସା, ଲୀଳାବତୀ ଖନା ପ୍ରଭୃତି ବିଦୁଷୀ ରମଣୀମାନେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରି ଯାଇଛନ୍ତି । ଜ୍ଞାନ ଗାରିମାରେ ସେମାନେ ପୁରୁଷମାନଙ୍କୁ ମଧ୍ୟ ଅତିକ୍ରମ କରି ଯାଇଛନ୍ତି । ସାମ୍ରାଜ୍ଞୀ ରୂପେ ରେଜିଆ, ନୂର୍‌ଜାହାନ ଏବଂ ବୀରା ରମଣୀ ରୂପେ ଦୁର୍ଗାବତୀ, ଶୁକଦେଈ, ଅହଲ୍ୟା ବାଈ, ପଦ୍ମିନୀ ସେମାନଙ୍କ କୃତିତ୍ୱ ପ୍ରଦର୍ଶନ କରିଛନ୍ତି । ସେମାନେ ସମାଜର ଉନ୍ନତି ଆଦର୍ଶ ସୃଷ୍ଟିକରି ଜନତାର ହିତ ସକାଶେ ପ୍ରାଣ ଉତ୍ସର୍ଗ କରିଛନ୍ତି ।

ଶୈଶବ ଅବସ୍ଥାରେ ଜନନୀର ଶିକ୍ଷା ଶିଶୁ ମନରେ ଗଭୀର ରେଖାପାତ କରେ । ପୁରୁଷ ଅପେକ୍ଷା ନାରୀର ସ୍ମରଣ ଶକ୍ତି, ମେଧାଶକ୍ତି ଓ ସହନଶୀଳତା ଗୁଣ ଅଧିକ । ନାରୀର କର୍ତ୍ତବ୍ୟବୋଧ ଜ୍ଞାନ ଅତି ପ୍ରଖର । ପୁରୁଷକୁ କର୍ମଚଞ୍ଚଳ କରିଥାଏ ନାରୀ । ସେହି ଦୃଷ୍ଟିରୁ ନାରୀସମୂହର ଉପଯୁକ୍ତ ସମ୍ମାନ କରିବା ଉଚିତ୍ ।

ମାତୃ ଜାତିର ଉନ୍ନତି ପାଇଁ ନାରୀଙ୍କୁ ଉପଯୁକ୍ତ ସୁରକ୍ଷା ଓ ସମ୍ମାନ ଦେବା ଏକାନ୍ତ ଆବଶ୍ୟକ । ନାରୀଙ୍କୁ ଉପଯୁକ୍ତ ଶିକ୍ଷା ଓ ସ୍ୱାଧୀନ ଦେଲେ ପୁରୁଷ ଠାରୁ ମଧ୍ୟ ଅଧିକ ପାରିଦର୍ଶିତା ଲାଭକରି ଦେଶର ଜଟିଳତମ କର୍ତ୍ତବ୍ୟରେ ସହଯୋଗ କରିବାକୁ ଅବହେଳା କରିବ ନାହିଁ । ଇତିହାସରେ ମଧ୍ୟ ବହୁ ବୀରଙ୍ଗନା ଏବଂ ସାମ୍ରାଜ୍ଞୀଙ୍କ ଜୀବନ କାହାଣୀ ଲିପିବଦ୍ଧ ହେଇଛି ।

-୦-

ଗାନ୍ଧୀ ନଗର, କୋରାପୁଟ
ମୋବାଇଲ ନମ୍ବର ୯୪୩୭୪୩୩୬୫୭



# ପ୍ରଗତିର ଚାବିକାଠି ନାରୀ

**ମମତା କୁମାରୀ ସୁଆର**

ନିଖିଳ ବିଶ୍ୱରେ ବିଧାତାଙ୍କ ସୃଷ୍ଟିରେ ନାରୀ ଓ ପୁରୁଷ ଉଭୟେ ସୁନ୍ଦର ସୃଷ୍ଟିକୁ ଅଗ୍ରଗାମୀ କରିବା ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ସମ । ଉଭୟେ ପରିପୂରକ ହୋଇ ସମାଜର ସମସ୍ତ ବିକାଶମୂଳକ କାର୍ଯ୍ୟରେ ଲିପ୍ତ । ଶାସ୍ତ୍ରରେ କଥିତ ଅଛି- 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତାଃ' । ଏହାର ଅର୍ଥ ଯେଉଁଠି ନାରୀମାନଙ୍କୁ ପୂଜା କରାଯାଏ ସେଠି ଦେବତା ମାନେ ବାସ କରନ୍ତି । ନାରୀ (ନ+ଅଇରୀ) ଯିଏ କାହାର ବି ଶତ୍ରୁ ନୁହଁ । ନାରୀ ଯୁଗେ ଯୁଗେ ପୂଜନୀୟା, ବନ୍ଦନୀୟା, ସ୍ମରଣୀୟା ଧନ୍ୟା, ସର୍ବସଂହା, ଅମୃତ ପଥର ଯାତ୍ରୀ, ସ୍ରଷ୍ଟାକାରିଣୀ, ସେ ମା' ଦୁର୍ଗାଙ୍କ ପ୍ରତୀକ ହୋଇ ଅନ୍ୟାୟର ଧ୍ୱଂସକାରୀ ହୋଇ ଥାଏ ତ ମା' ସରସ୍ୱତୀଙ୍କ ଅବତାର ସାଜି ଅସୀମ ଜ୍ଞାନର ଅଧକାରୀ ହେବା ସହ ମା' ଲକ୍ଷ୍ମୀଙ୍କ ଧନର ଭଣ୍ଡାର ରୂପେ ଅନ୍ନପୂର୍ଣ୍ଣା ହୋଇଥାଏ ! ମାନବ ଶିଶୁକୁ ବ୍ରହ୍ମାଙ୍କ ପରି ସୃଷ୍ଟି କରେ ଏବଂ ବିଷ୍ଣୁଙ୍କ ସମ ପାଳନ କରେ ଏବଂ ଶଙ୍କରଙ୍କ ପରି ଅନ୍ୟାୟ ଅଧର୍ମର ସଂହାର କରିଥାଏ । ନାରୀ ଏକାଧାରରେ ଦୁହିତା, ଜନନୀ, ଜାୟା, ଭଗିନୀ, ବାନ୍ଧବୀ ଇତ୍ୟାଦି ! ପୌରାଣିକ କାଳରୁ ହିଁ ନାରୀ ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହୋଇ ସତ୍ୟ ଯୁଗରେ ଦୈବୀଶକ୍ତିର ପ୍ରଭାବ ବଳରେ ଅଧର୍ମର ବିଲୋପ ସହ ସତ୍ୟର ପ୍ରତିଷ୍ଠା କରିଛି !ଗାର୍ଗୀ, ମୈଥିଳୀ ଲୋପାମୁଦ୍ରାଙ୍କ ପରି ବେଦଜ୍ଞାନରେ ଅଖଣ୍ଡ ଜ୍ଞାନର ଅଧିକାରୀ ହୋଇ ସନାତନ ଧର୍ମର ମହତ୍ତ୍ୱ ବଜାୟ ରଖିଛି । ତ୍ରେତୟାରେ ସତୀ ସୀତାଙ୍କର ପତିବ୍ରତା, ତ୍ୟାଗ, ସତୀତ୍ୱ ନିଷ୍ଠା ଯାହାକି ଅଯୋଧ୍ୟାର ରାଜସିଂହାସନ ପାଇଁ ଶୃଙ୍ଖଳିତ ପଦକ୍ଷେପ ସମସ୍ତ ନାରୀମାନଙ୍କର ମହାନତାର ପରିଚୟ, ମାତା କୌଶଲ୍ୟା କୈକେୟୀ ସୁମିତ୍ରାଙ୍କ ସନ୍ତାନ ପ୍ରେମର ସ୍ୱରୂପ, ଉର୍ମିଳାଙ୍କ ମହାନ ଆତ୍ମୋତ୍ସର୍ଗ, ତ୍ରିଜଟା ଓ ମାତା ମହାସତୀ ମନ୍ଦୋଦରୀଙ୍କ ଉତ୍ତମ ଚରିତ୍ର ନାରୀର ମୁଖ୍ୟ ଭୂମିକା ସମାଜକୁ ସୁନ୍ଦର କରିବାରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରିଥାଏ । ଦ୍ୱାପର ଯୁଗରେ ମାତା ଦେବକୀ, ଯଶୋଦା, ରାଧା ଗୋପୀଙ୍କ ସହ ଅଷ୍ଟବଂଶୀଙ୍କର ଶାଶ୍ୱତ ପ୍ରେମର ଭାବ, ମାତା କୁନ୍ତୀ, ଗାନ୍ଧାରୀଙ୍କ ସହ ଦ୍ରୌପଦୀଙ୍କ ନ୍ୟାୟକୁ ସମର୍ଥନ, ସତ୍ୟର ଜୟ, ନାରୀର ଅପମାନର ଫଳ ଏସବୁ ନାରୀର ଅସୀମ ଶକ୍ତିର ପରିଚୟ ଦେଇଥାଏ ! ବେଦରେ ନାରୀମାନଙ୍କୁ ପୁରୁଷ ସମାନ ଅଧିକାର ଦିଆଯାଇଛି । ନାରୀ ଅମାପ ଶକ୍ତିର ଅଧିକାରୀ, ସତ୍ୟ, ଶାନ୍ତି, ଦୟା କ୍ଷମା, ସ୍ନେହଶୀଳା, ଲଜ୍ଜାଶୀଳା, ସମଭାବାପନ୍ନ, ସହଯୋଗୀ, ବୁଦ୍ଧିମତି, ନେତୃତ୍ୱର ଅଧିକାରିଣୀ, ଧୈର୍ଯ୍ୟର ଅପାର ଭଣ୍ଡାରରେ ପରିପୂର୍ଣ୍ଣା ହୋଇ ସମଗ୍ର ସମାଜକୁ ଶୃଙ୍ଖଳିତ କରି ଆସିଛି । ନାରୀ ସନ୍ତାନର ଜନନୀ ହୋଇ ସନ୍ତାନଟିକୁ ଶାରିରୀକ, ମାନସିକ, ବୌଦ୍ଧିକ, ସାମାଜିକ ଏବଂ ଭାବପ୍ରବଣ ଦିଗରେ ଶକ୍ତ କରି ଗଢି ତୋଳିବା ସହ ସମାଜରେ ଏକ ସୁସ୍ଥ ନାଗରିକ କରି ଗଢ଼ି ତୋଳିଥାଏ ! ଦୁହିତା ରୂପରେ ଦୁଇ କୂଳର ହିତ କାମନା ତାହାର ସର୍ବଦା ଲକ୍ଷ୍ୟ । ଶିଶୁଟିର ସର୍ବାଙ୍ଗୀନ ବିକାଶ ନାରୀର ସମସ୍ତ ଚେଷ୍ଟା ଓ ଯତ୍ନର ପ୍ରତିଫଳ ସ୍ୱରୂପ ବିରାଜମାନ । ଦେଶର ପ୍ରଗତିରେ ମୁଖ୍ୟ ମାନବ ସମ୍ବଳର ଗଠନ ଦାୟିତ୍ୱ ନିର୍ଭର କରେ ନାରୀ ଉପରେ । ସଦା ସର୍ବଦା ନାରୀ ପରାମର୍ଶଦାତ୍ରୀ ରୂପେ ଦେଶର ମଙ୍ଗଳ କାମନା କରିଥାଏ । ମହାସତୀ ମନ୍ଦୋଦରୀ ଲଙ୍କାର ରାଜା ରାବଣକୁ ଲଙ୍କାର ସୁରକ୍ଷା ଦିଗରେ ପରାମର୍ଶ ଦେଇଥିଲେ । ଦେଶର ସ୍ୱାଧୀନତା ଆଣିବା ଦିଗରେ ନାରୀମାନଙ୍କ ଭୂମିକା ସର୍ବାଗ୍ରେ ଗ୍ରହଣୀୟ । ଝାନ୍‌ସୀ ରାଣୀ ଲକ୍ଷ୍ମୀବାଇ, ଚିତୋର ରାଣୀ ପଦ୍ମିନୀ ହୁଅନ୍ତୁ ଅବା ରମାଦେବୀ, କୁନ୍ତଳାକୁମାରୀ ସାବତଙ୍କ ଭୂମିକା ପାଇକ ବିଦ୍ରୋହ ନେତୃତ୍ୱର ମୁଖ୍ୟ ଭୂମିକା ସହ ଦେଶର ସ୍ୱାଧୀନ ଆଣିବା ଦିଗରେ ମୁଖ୍ୟ ରୂପ ନେଇଥିଲା । ଆମ ଦେଶର ପ୍ରଥମ ମହିଳା ଶାସିକା ଅହଲ୍ୟା ବାଈ ହୋଲକାର, କର୍ଣ୍ଣାଟକର ରାଣୀ ଚେନ୍ନାମା କଟୁର, ଜୟପୁର ମହାରାଣୀ ଗାୟତ୍ରୀ ଦେବୀଙ୍କ ଶାସନ ସମାଜରେ ଏକ ଶୃଙ୍ଖଳିତ ପରିବେଶ ସହ ମାନବ ଜୀବନ ନିରାପଦମୟ ଏବଂ ସୁରକ୍ଷିତ ଥିଲା ।

ନାରୀ ସମାଜର ପ୍ରତ୍ୟେକ ଜିନିଷର ସୃଷ୍ଟି କର୍ତ୍ତା । ନାରୀଟିଏ ଶିଶୁଟିର ଶିକ୍ଷକ, ଚିକିତ୍ସକ, ସହଭାଗୀ, ଧାତ୍ରୀ, ରକ୍ଷକ, ଖାଦ୍ୟ ଦାତା, ସଂଗଠକ, ପ୍ରଶାସକ, ସହଯୋଗୀ ନିର୍ଦ୍ଦେଶକ, ଶୃଙ୍ଖଳାକାରୀ, ନେତୃତ୍ୱର ଅଧିକାରୀ ଇତ୍ୟାଦି ରୁପ ନେଇ ଶିଶୁଟିକୁ ସୁନ୍ଦର ନାଗରିକ ରୁପେ ଗଢି ତୋଳି ସମାଜକୁ ଉପହାର ଦେଇଥାଏ । ନାରୀମାନଙ୍କର ଉତ୍ତମ ଚରିତ୍ର, ସୁଶିକ୍ଷା, ସୁବ୍ୟବହାର, ଉତ୍ତମ ସଂସ୍କୃତି ଦେଶର ଶାସନ, ସ୍ଥାୟୀତ୍ୱ, ପ୍ରଗତି, ଉନ୍ନତି ଏବଂ ଦୀର୍ଘସ୍ଥାୟୀ ଉପରେ ନିର୍ଭର କରେ । ନାରୀମାନେ ପରିବାର ଓ ଗୋଷ୍ଠୀର ମେରୁଦଣ୍ଡ ଅଟନ୍ତି । ସମାଜର ସାମାଜିକ, ମାନସିକ, ଅର୍ଥନୈତିକ, ରାଜନୈତିକ, ସାଂସ୍କୃତିକ, ବୌଦ୍ଧିକ ତଥା

ସାମଗ୍ରିକ ବିକାଶ ଦିଗରେ ମୁଖ୍ୟ ସ୍ଥାନ ନାରୀର ଉତ୍ତମ ଚିନ୍ତାଧାରା ଏବଂ ସଭ୍ୟତା ସମ୍ପନ୍ନ ସଂସ୍କୃତିର ପରିଚୟ ସ୍ଥାନ ନେଇଥାଏ । ସମାଜର ମେରୁଦଣ୍ଡ କୃଷି ଅର୍ଥନୀତି, ସ୍ୱାସ୍ଥ୍ୟ ଓ ଶିକ୍ଷା, ଗମନାଗମନ, ସ୍ୱଚ୍ଛତା କ୍ଷେତ୍ରରେ ବୃଦ୍ଧି ସହ ସୁସମ୍ପର୍କ ସ୍ଥାପନ ଏବଂ ନୂତନ ବୈଷୟିକ ଜ୍ଞାନର ପ୍ରୟୋଗର କୌଶଳ ନିର୍ଭର କରେ ନାରୀର ସୁଚିନ୍ତିତ ମତାମତ ଏବଂ ଉପସ୍ଥିତ ବୁଦ୍ଧି ଓ ଜ୍ଞାନ ବଳରେ !

**ଶିକ୍ଷା:**

ଶିକ୍ଷା କ୍ଷେତ୍ରରେ ନାରୀ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହ ସମଗ୍ର ସମାଜକୁ ଉନ୍ନତି ପଥରେ ଅଗ୍ରଗାମୀ କରାଯାଏ । ଦୁହିତା ଦୁଇ କୂଳର ହିତା ଯିଏ କି ନାରୀର ପ୍ରସ୍ତୁତି ରୂପ । ଅତଏବ ଜଣେ ନାରୀ ଶିକ୍ଷା ଗ୍ରହଣ କରି କିଶୋରୀ ସମୟର ଯତ୍ନ ସହ ନିଜ ପରିବାରର ସୁନ୍ଦର ଭବିଷ୍ୟତ ଏବଂ ଶାଶୁଘର ପରିବାରର ଯତ୍ନ, ଶିଶୁଟିର ଭ୍ରୁଣ ଅବସ୍ଥାର ଯତ୍ନ ଉପଯୁକ୍ତ ଭାବେ ନେଇଥାଏ । ଯେଉଁମାନେ ଆଗାମୀ ଭବିଷ୍ୟତର ବଂଶଧର ସେଇ କୁନି କୁନି ଶିଶୁମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଖାଦ୍ୟ, ନୈତିକ ପ୍ରଗତି, ସାମାଜିକ, ମାନସିକ, ଶାରୀରିକ ଅଭିବୃଦ୍ଧିର ହାର ପୂର୍ଣ୍ଣମାତ୍ରାରେ ବିକଶିତ ହୋଇଥାଏ । ଏଣୁ କୁହାଯାଏ- Women is the most embodiment part of society by which all round development of a child has been progressed. ଶିକ୍ଷା ବିଭାଗର ମୁଖ୍ୟ ରୂପେ ମାନନୀୟା ଅପରାଜିତା ଷଡ଼ଙ୍ଗୀ ମହୋଦୟା ଶିକ୍ଷା ସଚିବ ପଦବୀ ମଣ୍ଡନ କରି ଶିକ୍ଷାର ରୂପରେଖରେ ପରିବର୍ତ୍ତନ କରି ଶିକ୍ଷାର ମାନ ବୃଦ୍ଧି କରିଥିଲେ ।

**ସ୍ୱାସ୍ଥ୍ୟ:**

ସ୍ୱାସ୍ଥ୍ୟ କ୍ଷେତ୍ରରେ ନାରୀର ଭୂମିକା ଅତୁଳନୀୟ । ମା' ରୂପେ ଶିଶୁର ସ୍ୱାସ୍ଥ୍ୟର ଉନ୍ନତି ସହ ଖାଦ୍ୟ, ଶିକ୍ଷା, ଭାବନା ସହ ଜଡ଼ିତ ହୋଇ ସୁନ୍ଦର ନାଗରିକଟିଏ ସମାଜକୁ ଭେଟି ଦେଇଥାଏ । ସମସ୍ତ ପରିବାରର ସ୍ୱାସ୍ଥ୍ୟର ଯତ୍ନ ଗୃହର ମୁଖ୍ୟ ନାରୀର ଆନ୍ତରିକତା ଏବଂ ପ୍ରେମ, ସ୍ନେହ ଓ ଭଲପାଇବା ଉପରେ ନିର୍ଭର ।

**ରାଜନୀତି:**

ରାଜନୀତି କ୍ଷେତ୍ରରେ ନାରୀ ସ୍ୱାଧିନତା ସଂଗ୍ରାମ କାଳରୁ ହିଁ ଦେଶର ସ୍ୱାଧୀନତା ଆଣିବା ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରି ଏଯାବତ୍ ଦେଶର ଉତ୍ତମ ଶାସନ ଏବଂ ବୈଦେଶିକ ରାଷ୍ଟ୍ର ସହ ସୁସମ୍ପର୍କ ସ୍ଥାପନ ନିମନ୍ତେ ଅମୂଲ୍ୟ କାର୍ଯ୍ୟ କରି ଯାଇଅଛି । ଯାହାର ଅବଦାନ ଅତୁଳନୀୟ । ପ୍ରଥମ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଠାରୁ ଆରମ୍ଭ କରି ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ, ପ୍ରଥମ ମହିଳା ରାଷ୍ଟ୍ରପତି ଶ୍ରୀମତୀ ପ୍ରତିଭା ପାଟିଲ ଏବଂ ବର୍ତ୍ତମାନ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏ ସମସ୍ତ ମହିୟସୀ ମହିଳାଙ୍କ ସମୟରେ ଦେଶର ଉନ୍ନତି ବହୁତ ଦୂର ପରିବ୍ୟାପ୍ତି ଏହ ସମସ୍ତ ଜନସାଧାରଣଙ୍କ ଆଗରେ ଉଜ୍ଜ୍ୱଳ ଦୃଷ୍ଟାନ୍ତ ଅଟେ । ଆମର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବାରେ ସିଦ୍ଧହସ୍ତ । ବୈଦେଶିକ ସମ୍ପର୍କ ସୁଦୃଢ଼ ଦିଗରେ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ଙ୍କ ଭୂମିକା ବହୁତ ସୁନ୍ଦର ।

**ମହାକାଶ ଯାତ୍ରା:**

ମହାକାଶ ଗବେଷଣା କ୍ଷେତ୍ରରେ ବି ନାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ପ୍ରଥମ ମହିଳା ମହାକାଶଚାରୀ କଳ୍ପନା ଚାୱଲା ମହାକାଶ ସମ୍ବନ୍ଧୀୟ ଗବେଷଣା କରି ନୂତନ ତଥ୍ୟ ମହାକାଶର ପ୍ରଦାନ କରିଛନ୍ତି । ଚନ୍ଦ୍ରଯାନ ୨ ଏବଂ ଚନ୍ଦ୍ରଯାନ ୩ ର ସଫଳ ରୂପାୟନ ଦିଗରେ ରୀତୁ କାରିଧିଲ ଶ୍ରୀବାସ୍ତବ ଏବଂ ତାଙ୍କର ସହଯୋଗୀ ସମସ୍ତଙ୍କର ଅବଦାନ ଅବର୍ଣ୍ଣନୀୟ ।

ସମସ୍ତ ଦୃଷ୍ଟିରୁ ନାରୀ ନିଜର ଅନନ୍ୟ ପ୍ରତିଭା ବଳରେ ଦେଶର ଶାସନ ବ୍ୟବସ୍ଥାକୁ ଅଗ୍ରଗାମୀ କରିବା ସହ ନିଜକୁ ଅସୀମ ଶକ୍ତିର ଅଧିକାରିଣୀ ରୂପେ ଗଢ଼ି ତୋଳିଥାଏ । ନାରୀର କଲମ ମୁନରେ ଦେଶର ଶାସନ ନୂତନ ରୂପରେଖ ନେଇ ଏକ ବିକାଶଶୀଳ ରାଷ୍ଟ୍ରଗଠନ ସହ ସୁନ୍ଦର ନାଗରିକ ଗଢ଼ି ତୋଳିଥାଏ । ନାରୀର ସ୍ୱରୂପ ଭିନ୍ନ ଭିନ୍ନ ହେଲେ ହେଁ ବିବିଧତା ମଧ୍ୟରେ ଏକତାର ସୂତ୍ରରେ ବନ୍ଧନ କରିଥାଏ । ସମସ୍ତ ଧର୍ମର ପ୍ରତୀକ ରୂପେ ନାରୀ ବିଶ୍ୱବାସୀଙ୍କୁ ଭ୍ରାତୃତ୍ୱର ବନ୍ଧନରେ ଏକତ୍ରିତ କରି ପ୍ରେମର ଦୀପାଳି ଜାଳି ସ୍ନେହ ପ୍ରୀତିର ସଳିତା ଜାଳି ସତ୍ୟ, ଧର୍ମ ଅହିଂସା ଓ ଜ୍ଞାନର ଆଲୋକ ପ୍ରଦାନ କରିଥାଏ ।

ଏଣୁ ଯଥାର୍ଥରେ କୁହାଯାଇଛି ଦେଶର ପ୍ରଗତିରେ ନାରୀର ଭୂମିକା ଅତୁଳନୀୟ, ଅବର୍ଣ୍ଣନୀୟ, ପୂଜନୀୟା, ବନ୍ଦନୀୟା । ସୁନ୍ଦର ସୃଷ୍ଟିରେ ଅନନ୍ୟ ସୃଷ୍ଟି ନାରୀ ଯଥାର୍ଥରେ ପ୍ରଗତି, ଉନ୍ନତିର ଚାବିକାଠି ନାରୀ ରମଣୀୟ ଭୋଗ୍ୟ, ଉପଭୋଗ୍ୟର ବସ୍ତୁ ଏହି ମନର ଭ୍ରମକୁ ଦୂର କରି ତାର ଅତୁଳନୀୟ ଅବର୍ଣ୍ଣନୀୟ ଅବଦାନ ନିକଟରେ ସର୍ବଦା କୃତଜ୍ଞ ସହ ସମ୍ମାନ, ଭକ୍ତି, ସ୍ନେହ, ପ୍ରେମ ଏବଂ ସକାରାତ୍ମକ ମନର ଭଲପାଇବା ଦେବା ଉଚିତ । ନାରୀ ସବୁ ଦିଗରୁ ସମର୍ଥନ ଏବଂ ସମ୍ମାନ ପାଇଲେ ତାର ଦୃଢ଼ ମନୋବଳ ଦେଶର ପ୍ରଗତିରେ ସହାୟକ ହେବ । କନ୍ୟାଭ୍ରୁଣ ହତ୍ୟା, ଶିଶୁ ଶ୍ରମିକ, ବାଲ୍ୟବିବାହ, ଯୌନଶୋଷଣ, ନ୍ୟୂନ ମନୋଭାବ, ବାଳିକା ଶିକ୍ଷାର ଅନଗ୍ରସରତା, ଯୌତୁକ ପ୍ରଥା, ମାନସିକ ନିର୍ଯ୍ୟାତନା ଇତ୍ୟାଦି କୁସଂସ୍କାର ଓ ଅନ୍ଧବିଶ୍ୱାସ ତଥା ମନୋଭାବନାକୁ ଦୂର କରି ନାରୀର ସୁରକ୍ଷା, ଶିକ୍ଷା ସ୍ୱାସ୍ଥ୍ୟ ଏବଂ ସମସ୍ତ ଦିଗରେ ସହଯୋଗ କରି ନାରୀ ଜାତିର ଅଭିବୃଦ୍ଧି ଦିଗରେ ସହଯୋଗର ହାତ ବଢ଼ାଇବା ଆବଶ୍ୟକ ।ଏକ ଶକ୍ତିଶାଳୀ, ସୁସଂହତ ଏବଂ ସମୃଦ୍ଧିଶାଳୀ ଦେଶ ଗଠନ ନିମନ୍ତେ ନାରୀର ଭୂମିକା ସ୍ୱତନ୍ତ୍ର ଏବଂ ଅନନ୍ୟ ।

-୦-

ଶିକ୍ଷୟିତ୍ରୀ, ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟ,
ବେଗୁନିଆପଡା, ଗଞ୍ଜାମ



# ନାରୀ ରୂପେ ନାରାୟଣୀ

ମଧୁସ୍ମିତା ସାହୁ

ନାରୀରୂପେ ନାରାୟଣୀ, ମା' ତାରାତାରିଣୀ, ଘଟଗାଁତାରିଣୀ, ଭୈରବୀ, ଠାକୁରାଣୀ, ଭଗବତୀ, ମା' ମହାଲକ୍ଷ୍ମୀ, ମା' ପାର୍ବତୀ, ମା' ସୀତା, ମା' ସରସ୍ୱତୀ, ମା' କାଳୀ, ମା' ଦୁର୍ଗା ଏପରି ଅନେକ ରୂପରେ ପୂଜ୍ୟପୂଜା ପାଇଆସିବା ପରେ ମଧ ଏହି ସ୍ୱର୍ଣ୍ଣୀମ ଭାରତବର୍ଷରେ ନାରୀ ଅବଳା ଦୁର୍ବଳା ରହିଛି । "ନାରୀ ମାଟି ହାଣ୍ଡି ଓ ପୁରୁଷ ପିତ୍ତଳ ମାଠିଆ" ଏହି କଥୋପକଥନରେ ଯୁଗ ବିତିଚାଲିଛି ।

ଭାବଧାରା ପ୍ରକ୍ରିୟା ମୁଖ୍ୟ ବିଚାରଶୈଳୀ ପ୍ରତ୍ୟେକ ମୁହୂର୍ତ୍ତ ସଂଯମତା ରକ୍ଷା କରି ଚଳପ୍ରଚଳ ହେଲେ ସବୁ ଉନ୍ନତି ଚିରସ୍ଥାୟୀ । ଆଜି ଦେଶ ପୂରାପୂରି ବିଦେଶୀ ଅଧୀନ ଓ ପରମ୍ପରାହୀନ ହୋଇ ନିଜର ଗୋଡ଼କୁ ନିଜେ ହିଁ କୁରାଢ଼ୀ ମାରିବସିଛି । ପାଶ୍ଚାତ୍ୟ ସଂସ୍କୃତି ରକ୍ଷଣଶୀଳ ପରମ୍ପରା ଲୋପ ପାଇ ସବୁ ବୈଦେଶିକ ନୀତି ରୀତି ଅନୁସରଣ କରି ଦେଶର ପ୍ରଗତି ବାଧାପ୍ରାପ୍ତ ହୋଇଛି । ପୋଷାକ ପିନ୍ଧିବା ରହଣି ଚାଲି ଚଳଣି ହାବଭାବ ସବୁ ବହିଷ୍କୃତ କରି ସ୍ୱଦେଶ ପ୍ରତି ସହମତ ହେଲେ ସବୁ ପ୍ରଗତି ଚିରସ୍ଥାୟୀ ହୋଇଯିବ ।

"ଯହିଁ ନାରୀ ତହିଁ ଲକ୍ଷ୍ମୀ ତହିଁ ସ୍ୱର୍ଗଧାମ
ଶ୍ମଶାନ ସେ ଗୃହ ଯହିଁ ନାହିଁ ନାରୀ ନାମ
ଏପରି ନାରୀକୁ ସେବା କରେ ଅନାଦର
ନିର୍ବୋଧ ରାକ୍ଷସ ସେହି ପାଷାଣ୍ଡ ପାମର ॥"

ଭାବନାର ପରିବର୍ତ୍ତନରେ ହିଁ ପ୍ରଗତିର ପରିବର୍ତ୍ତନ ସମ୍ଭବପର ହୋଇଥାଏ । ଯେଉଁଠି ଭାବନା ଉପଯୁକ୍ତ ନୀତିମୂଳକ, ଆଦର୍ଶବାଦୀ, ସୌଜନ୍ୟଶୀଳ ଓ ସମ୍ମାନଜନକ, ନିଃସ୍ୱାର୍ଥପର, ଆସ୍ତିକ, ଶୁଦ୍ଧିମନ୍ତ ନଥାଏ, ସେହି ସ୍ଥାନ ଯେତେ ଉନ୍ନତି ହେଲେ ମଧ ପଛୁଆ ହିଁ ରହିବା ସ୍ୱାଭାବିକ ହୋଇଥାଏ ।

"ରସମୟପୁର ନାରୀ ରସମୟ ଭାବଗିର
କରିଲେ ପ୍ରଚାର ଆନନ୍ଦ ସାଗର
ପଲ୍ଲବୀ ରହିବ ମର୍ତ୍ତପୁର ।"

୧. ନାରୀ ସ୍ୱୟଂସିଦ୍ଧା
୨. ମଧୁରଭାଷିଣୀ ଏଣୁ 'ଇଡା' କୁହନ୍ତି
୩. ସେ ରମଣୀୟା ଏଣୁ 'ରନ୍ତା'
୪. ସ୍ୱୀକାରଯୋଗ୍ୟ ଏଣୁ 'ହବ୍ୟା'
୫. ମନୋହର ସ୍ୱରୂପା ଏଣୁ 'କାମ୍ୟା'
୬. ଆନନ୍ଦଦାୟିନୀ ଏଣୁ 'ଚନ୍ଦ୍ରା'
୭. ଶ୍ରେଷ୍ଠଶୀଳରେ ପ୍ରକାଶମାନା ଏଣୁ 'ଜ୍ୟୋତା'
୮. ଆତ୍ମସତ୍ତାରେ ଅବିନାଶୀ ଏଣୁ 'ଅଦିତି'
୯. ଶୁଦ୍ଧପୁତ ବିଜ୍ଞାନ ବାଣୀସ୍ୱରୂପା ଏଣୁ 'ସରସ୍ୱତୀ'
୧୦. ଅତ୍ୟନ୍ତ ପ୍ରଶଂସାଯୋଗ୍ୟ ଏଣୁ 'ମହି'
୧୧. ଉତ୍ତମ ବାଣୀଯୁକ୍ତା ଓ ବେଦଜ୍ଞା ଏଣୁ 'ବିଶ୍ରୁତି'

ଆଦେଶ ଅର୍ଥାତ୍ ପ୍ରତି ରାଜ୍ୟରୁ ପ୍ରତି ସହରରୁ ପ୍ରତି ଗ୍ରାମରୁ ପ୍ରତି ଗୃହରୁ ସମ୍ମାନ ପ୍ରଦାନ କରାଯିବା ଦ୍ୱାରା ନାରୀ ଜାତିକୁ ଶ୍ରେଷ୍ଠ ମର୍ଯ୍ୟାଦା ମିଳିବାର ସମ୍ଭାବନା ରହିଥାଏ ।

ସେ ଜାୟା ଜନନୀ ଭଗିନୀ ରୂପରେ ପରିବାରର ମୁଁ ପରିଚାଳକ ହୋଇଥାଏ । ଏକାଧାରରେ କହିବାକୁ ଗଲେ ନାରୀ ସର୍ବଶକ୍ତିବାନ ସାଜି ସମସ୍ତ ଦହଗଞ୍ଜକୁ ଏକାକୀ ସହ୍ୟକରି ଅନ୍ୟମାନଙ୍କ ମୁଖରେ ସୁଖଶାନ୍ତି ବଜାୟ ରଖିଥାଏ । ସେ ଧୈର୍ଯ୍ୟର ମୂର୍ତ୍ତି, ଧରଣୀ ପରି ସହନ ଶକ୍ତିର ଆଧାରରେ ପ୍ରତ୍ୟେକ କାର୍ଯ୍ୟକୁ ସୁଚାରୁରୂପେ ପ୍ରତିପାଦନ କରିବା ସହ ସମସ୍ତ ଗୁରୁ ଦାୟିତ୍ୱ ବହନ କରିବାରେ ସାମର୍ଥ୍ୟ ହାସଲ କରିପାରିଛି । ସେ ଦୁହିତା ରୂପେ ଦୁଇ କୂଳକୁ ଉଦ୍ଧାର କରି ସମସ୍ତଙ୍କ ପ୍ରିୟପାତ୍ର ହୋଇଥାଏ ।

ନାରୀର ଉନ୍ନତିରେ ଦେଶର ଉନ୍ନତି ବିକଶିତ ହୋଇଥାଏ । ଗୃହର ସମସ୍ତ ଦାୟିତ୍ୱ ସହ ବାହାର କାମରେ ମଧ ସ୍ୱାମୀଙ୍କ ସହକର୍ମୀ ସହ ଧର୍ମିଣୀ ସହ ହର୍ଷଚିତ୍ତରେ ଦାୟିତ୍ୱ ନିର୍ବାହ କରିଥାଏ ।

ପ୍ରତିଟି କାର୍ଯ୍ୟରେ ନାରୀଜାତିର ଭୂମିକା ମହତ୍ୱ ଅତ୍ୟଧିକ ରହିଥାଏ । ନାରୀ ସଂପୂର୍ଣ୍ଣ ତ୍ୟାଗ ଓ ସର୍ମପଣ ଭାବନେଇ ସଂକଳ୍ପବଦ୍ଧ ହୋଇ କାମ କରିଥାନ୍ତି । ପର ଆପଣା ଭେଦ ଭାବ ନରଖି ନିଃସ୍ୱାର୍ଥପର ଭାବନା ସହ ପରିବାର ସମାଜସେବା ଓ ଦେଶର ପ୍ରଗତି ପାଇଁ ଆଗ୍ରହୀ ହୋଇଥାଏ କିନ୍ତୁ ତା'ର ଭାବନାକୁ କୌଣସି ମତେ ବୁଝିବା ଅସମ୍ଭବ । ପୁରୁଷ ପ୍ରଧାନ ଦେଶରେ ନାରୀ ଯେତେ ଅଗ୍ରଣୀ ରହିଲେ ମଧ ତାକୁ ହୀନମନ୍ୟତା ଦେଇ ଅଧିନରେ ରଖିବା ସ୍ୱାଭାବିକ ।

ନାରୀ ଶିକ୍ଷିତ ହୋଇ ଗୃହ, ବାହାର, ଅଫିସ ଅନୁଷ୍ଠାନ ରାଜନୈତିକ ସମାଜସେବା ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସଚିବ,

ବିଚାରପତି ବ୍ୟାଙ୍କ ଏପରି ସମସ୍ତ କାର୍ଯ୍ୟରେ ଯଥେଷ୍ଟ ପରାକ୍ରମୀ ହେବା ସତ୍ତ୍ୱେ ସେ କଦାଚିତ୍ ସ୍ୱାଧୀନ ନୁହେଁ, ଦେଶ ଯେତେ ପ୍ରଗତିଶୀଳ ହେଲେ ମଧ୍ୟ ନାରୀକୁ ଏହି ଅଧିକାର ମିଳିନାହିଁ ଯେ ସେ ସ୍ୱାଧୀନ ଓ ସୁରକ୍ଷିତ । ଛୋଟ ଶିଶୁଠାରୁ ଆରମ୍ଭ କରି ପ୍ରାପ୍ତ ବୟସ୍କା ବୁଢ଼ୀ ପର୍ଯ୍ୟନ୍ତ ଯୌନ ନିର୍ଯାତନାର ଶିକାର, ଯୌତୁକ ନିର୍ଯାତନା ଓ ଅପବ୍ୟବହାରର ନିତ୍ୟ ଶିକାର ହେଉଛନ୍ତି । ଏ ପରିପ୍ରେକ୍ଷୀରେ ସମାଜରେ କୁତ୍ସିତ ଦୁଷ୍କର୍ମ ଘଟଣା କେବଳ ନାରୀକୁ ନେଇ ହୋଇଥାଏ । ଦୃଷ୍ଟିକୋଣ ଓ ବିଚାରଶକ୍ତିକୁ ବଦଳାଇଲେ ସମଗ୍ର ବ୍ରହ୍ମାଣ୍ଡ ବଦଳିବା ଅନିବାର୍ଯ୍ୟ ସମଗ୍ର ଭୂମଣ୍ଡଳେ ନାରୀ କେବଳ ବିଳାସ ଓ କ୍ରୀଡାସାମଗ୍ରୀ ହୋଇ ଭ୍ରାନ୍ତ ଧାରଣା ସାମ୍ରାଜ୍ୟ ଗଢ଼ି ପୁରୁଷ ନାରୀ କାନ୍ଧରେ ବନ୍ଧୁକ ରଖି ଶିକାର କରି ଆସିଛି । ବ୍ୟବହାର୍ଯ୍ୟ ବସ୍ତୁ ରୂପେ ଗ୍ରହଣ କରି ହୀନଚକ୍ଷୁରେ ଦେଖୁଛନ୍ତି । ମାତା, ଭଗିନୀ, କନ୍ୟା, ସ୍ତ୍ରୀ, ଭାଉଜ ହୋଇ ମଧ୍ୟ ଅନ୍ୟାୟ ଅତ୍ୟାଚାର ଶୋଷଣର ପଦାର୍ଥ ପାଲଟିଛନ୍ତି ।

ଯେତେଦିନ ପର୍ଯ୍ୟନ୍ତ ମଦ ନିଶା ସାମଗ୍ରୀ ବର୍ଜନ କରି ନିଜ ବିବେକକୁ ପରିବର୍ତ୍ତନ ନ କରିପାରିବେ ସେତେଦିନ ପର୍ଯ୍ୟନ୍ତ ଦେଶ ପ୍ରଗତିଶୀଳ ହେଲେ ମଧ୍ୟ କଳଙ୍କିତ ହୋଇରହିବ । ଅହମିକା କାମ ପ୍ରବୃତ୍ତି ହିଂସା ଦ୍ୱେଷର ତିରସ୍କାର ନ ହୋଇଛି ସେତେ ପର୍ଯ୍ୟନ୍ତ ଦେଶ ପଛୁଆ ରହିବ ।

ନାରୀ ଅନ୍ତର ମନରେ ଖୋଲା ହସ ହସିଲେ ଦେଶ ହସିବ, ପରିବାର ହସିବ, ସମାଜ ହସିବ ଓ ଜଗତ ଉନ୍ନତିର ଚରମ ସୀମାରେ ପହଞ୍ଚିବା ସୁନିଶ୍ଚିତ ।

-୦-

ବ୍ରହ୍ମା ନଗର ପ୍ରଥମ ଗଳି, ବ୍ରହ୍ମପୁର
ଜିଲ୍ଲା-ଗଞ୍ଜାମ, ଓଡ଼ିଶା
ସଂପର୍କ: ୯୩୪୮୨୮୫୪୧୬





# ଭାରତୀୟ ସଂସ୍କୃତିରେ ନାରୀ

ସୌଦାମିନୀ ମିଶ୍ର (ଦାଶ)

ନାରୀ ଓ ପୁରୁଷ ଭଗବାନଙ୍କ ଅମୃତମୟ ସୃଷ୍ଟିର ଏକ ଦିବ୍ୟ ଉପହାର । ଜଣେ ଅନ୍ୟ ଜଣକର ଅନୁପୂରକ ଓ ପରିପୂରକ । ନାରୀ ବିନା ପୁରୁଷ ଅସମ୍ପୂର୍ଣ୍ଣ ଏବଂ ପୁରୁଷ ବିନା ନାରୀ ମଧ୍ୟ ଅସମ୍ପୂର୍ଣ୍ଣ । ଉଭୟେ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ।

ସମାଜକୁ ସରସ ସୁନ୍ଦର ରୁଚିମନ୍ତ ଓ ସଂସ୍କୃତି ସମ୍ପନ୍ନ କରି ଗଢ଼ି ତୋଳିବାରେ ନାରୀର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ନାରୀ ବିନା ସମାଜର ସାମଗ୍ରିକ ଉନ୍ନତି କଳ୍ପନା କରିବା ଅସମ୍ଭବ । ସେ ଏକାଧାରରେ ଜାୟା, ଜନନୀ, କନ୍ୟା ଓ ଭଗିନୀ । ସେ ସୃଷ୍ଟିକାରିଣୀ, କଲ୍ୟାଣକାରିଣୀ, ସହନଶୀଳା, ଧୈର୍ଯ୍ୟଶୀଳା, ଅମୃତମୟୀ, ପ୍ରେମମୟୀ, ମମତମୟୀ, ଜ୍ଞାନମୟୀ, ବିଶ୍ୱରୂପା ଓ ଶକ୍ତିସ୍ୱରୂପିଣୀ । ତ୍ୟାଗ ଓ ତିତିକ୍ଷାର ସେ ମୂର୍ତ୍ତିମନ୍ତ ବିଗ୍ରହ । ସୃଷ୍ଟିର କଲ୍ୟାଣ ପାଇଁ ତା'ର ଜନ୍ମ । ସୁଖର ଅମୃତ ଧାରାକୁ ସନ୍ତାନମାନଙ୍କୁ ବିତରଣ କରି ଦୁଃଖର ହଳାହଳକୁ ସେ ବିନା ଦ୍ୱିଧାରେ ନିଜେ ପାନ କରିଥାଏ । ଏଣୁ ଯୁଗେ ଯୁଗେ ନାରୀ ସକଳ ସମ୍ମାନର ଅଧିକାରିଣୀ ।

ଜଣେ ନାରୀ ମା' ରୂପରେ ଦେଶ ପାଇଁ ଉତ୍ତମ ତଥା ଆଦର୍ଶ ନାଗରିକ ନିର୍ମାଣ କରିଥାଏ । ଦେଶର ଉନ୍ନତି ଓ ବିକାଶ ପାଇଁ ପୁରୁଷ ସହିତ ସମତାଳରେ କାର୍ଯ୍ୟ କରିଥାଏ । ଆମ ଦେଶର ନାରୀମାନେ ବିଭିନ୍ନ କ୍ଷେତ୍ରରେ ନିଜ ନିଜ ଭୂମିକାରେ ସଫଳତା ଅର୍ଜନ କରି ଦେଶ ଓ ଜାତିର ଗୌରବ ବୃଦ୍ଧି କରିଛନ୍ତି । ନାରୀ ଜାତିର ଉନ୍ନତିରେ ପରିବାରର ଉନ୍ନତି, ସମାଜର ଉନ୍ନତି, ଦେଶ ଓ ଜାତିର ଉନ୍ନତି । ଯେଉଁ ସମାଜରେ ନାରୀ ଅବହେଳିତା, ନିର୍ଯ୍ୟାତିତା ଓ ଅପମାନିତା ସେ ସମାଜର ଉନ୍ନତି ଓ ଅଗ୍ରଗତିରେ ନିଶ୍ଚିତ ବ୍ୟାହତ ହୋଇଥାଏ । ଯଥାର୍ଥରେ ମହର୍ଷି ମନୁ କହିଥିଲେ –

'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟତେ ରମନ୍ତେ ତତ୍ର ଦେବତା ।"

ବାସ୍ତବିକ ନାରୀର ସମ୍ମାନ ଥିବା ଭୂମି ହିଁ ଦେବଭୂମି । ଭାରତୀୟ ସଂସ୍କୃତି ଓ ପରମ୍ପରା ଅତି ମହାନ୍ ଅଟେ । ଯେଉଁ ସଂସ୍କୃତିରେ ସ୍ତ୍ରୀ ଜାତିକୁ ଦେବୀ, ମାଆ, ଗୃହଲକ୍ଷ୍ମୀ ଆଦି ଆଖ୍ୟା ଦିଆଯାଇଥାଏ । ଏଠାରେ ନାରୀକୁ ଗୃହିଣୀ କୁହାଯାଏ । ସେ ଗୃହର ସାମ୍ରାଜ୍ଞୀ । ତେଣୁ ଶାସ୍ତ୍ରରେ କୁହାଯାଇଛି –

'ନ ଗୃହଂ ଗୃହମିତ୍ୟାହୁଃ ଗୃହିଣୀ ଗୃହ ମୁଚ୍ୟତେ ।"

ଅର୍ଥାତ ଗୃହିଣୀ ବିହୀନ ଗୃହ ଗୃହ ପଦବାଚ୍ୟ ନୁହେଁ ।

ଭାରତ ହେଉଛି ପୃଥିବୀର ଏକମାତ୍ର ଦେଶ , ଯେଉଁ ଦେଶରେ ନାରୀକୁ ଉଚ୍ଚ ସମ୍ମାନ ପ୍ରଦର୍ଶନପୂର୍ବକ ମାଆ, ଭଉଣୀ କିମ୍ବା ଝିଅ ବୋଲି ସମ୍ବୋଧିତ କରାଯାଇଥାଏ । ପୁରାଣ ବର୍ଣ୍ଣିତ ଭାରତୀୟ ସଂସ୍କୃତି ଓ ପରମ୍ପରା ଅନୁସାରେ ପ୍ରତ୍ୟେକ ଶୁଭ କାର୍ଯ୍ୟରେ ନାରୀର ଉପସ୍ଥିତି ଏକାନ୍ତ କାମ୍ୟ । ସ୍ତ୍ରୀ ବିନା ପୁରୁଷ କୌଣସି ଶୁଭକାର୍ଯ୍ୟ ପୂଜା, ହୋମ, ଯଜ୍ଞ, ବିବାହ ଓ ବ୍ରତ ଆଦି କରାଯାଏ ନାହିଁ । ଯଜ୍ଞାନୁଷ୍ଠାନ ଠାରୁ ଆରମ୍ଭ କରି ସମରଭୂମି ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ପୁରୁଷ ନାରୀର ସହାୟତା ଲୋଡ଼ିଥାଏ । ସେଥିପାଇଁ ତ ଶ୍ରୀ ରାମଚନ୍ଦ୍ରଙ୍କ ଅଶ୍ୱମେଧ ଯଜ୍ଞରେ ସୁବର୍ଣ୍ଣ ସୀତାଙ୍କ ପରିକଳ୍ପନା କରାଯାଇଥିଲା ।

ଯେତେବେଳ ପୁରୁଷ ଶକ୍ତି ସଂପୂର୍ଣ୍ଣ ପରାଭୂତ ହୋଇଛି ସେତେବେଳେ ନାରୀ ଶକ୍ତିର ଉତ୍ଥାନ ଓ ବିଜୟ ହୋଇଛି । ସୁତରାଂ ନାରୀ ଅବଳା କି ଦୁର୍ବଳା ନୁହେଁ । ସେ ଅସୀମ ଶକ୍ତିଧାରିଣୀ, ସକଳ କ୍ଷମାର ଅଧିକାରିଣୀ ଓ ବିଶ୍ୱପାଳିନୀ । ଅତଏବ ନାରୀ ଜାତିର ଅପମାନ ସକଳ ସୃଷ୍ଟିର ଅପମାନ ଓ ଈଶ୍ୱରଙ୍କ ପ୍ରତି ମଧ୍ୟ ଏହା ଅପମାନ । ନାରୀର ଅସମ୍ମାନରେ ପୁରୁଷ ଦୁର୍ଭାଗ୍ୟର ଶିକାର ହୋଇଥାଏ । ସ୍ୱୟଂ ସୃଷ୍ଟିକର୍ତ୍ତା ଜଗନ୍ନାଥ ମଧ୍ୟ ଏଥିରୁ ବାଦ୍ ଯାଇନାହାଁନ୍ତି । ଯାହା ଆମେ ବଳରାମ ଦାସଙ୍କ ପୁରାଣରେ ଶୁଣିବାକୁ ପାଉ ।

ନାରୀ ସମାଜର କଲ୍ୟାଣ ଲାଗି ବିଭିନ୍ନ ରୂପରେ ଆତ୍ମ ପ୍ରକାଶ କରିଥାଏ । ପୁରାଣ ପୃଷ୍ଠାକୁ ଅବଲୋକନ କଲେ ଆମେ ଜାଣିପାରିବା ଭାରତୀୟ ନାରୀ ନିଜ ମହନୀୟତା ବଳରେ କିପରି ଅଲୌକିକ ପ୍ରତିଭାର ପରିଚୟ ପ୍ରଦାନ କରିଯାଇଛନ୍ତି । ସତୀ ଅନସୂୟା ନିଜ ସତିତ୍ୱ ଓ ସାଧନା ବଳରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ତିନୋଟି ଶିଶୁ କରି ନିଜର ସ୍ତନ୍ୟପାନ କରାଇବା, ଦେବୀ ଦୁର୍ଗାଙ୍କ ଦ୍ୱାରା ମହିଷାସୁରର ନିଧନ, ସହସ୍ର ଶିରା ରାବଣର ବିନାଶ, ତୁଳସୀ ବୃନ୍ଦାବତୀଙ୍କ ଅସୀମ ପତିଭକ୍ତି ଓ ନିଷ୍ଠା, ରାମାୟଣର ନାୟିକା ଦେବୀ ସୀତାଙ୍କ ଅସାମାନ୍ୟ ପତିଭକ୍ତି, ଅହଲ୍ୟାଙ୍କ ପାତିବ୍ରତ୍ୟ ଓ ସହିଷ୍ଣୁତା, ସାବିତ୍ରୀଙ୍କ ସତୀତ୍ୱ ଓ ଚତୁରତା ବଳରେ ଯମରାଜାଙ୍କ ଠାରୁ ସ୍ୱାମୀ ସତ୍ୟବାନଙ୍କ ଉଦ୍ଧାର ପ୍ରଭୃତି ନାରୀ ଜାତିକୁ ସଦା ସର୍ବଦା ଅନୁପ୍ରାଣିତ କରି ନୂତନ ପଥ ପ୍ରଦର୍ଶନ କରୁଥିବ ।

ବୈଦିକ ଯୁଗରେ ଗାର୍ଗୀ, ମୈତ୍ରେୟୀ, ଲୀଳାବତୀ ଓ ଲୋପାମୁଦ୍ରା ପ୍ରଭୃତି ବିଦୁଷୀ ନାରୀ ବେଦମନ୍ତ୍ର ରଚନା କରି ଯଶସ୍ୱିନୀ ହୋଇ ପାରିଛନ୍ତି । ପୁରାଣ ଯୁଗରେ ନାରୀମାନେ ସାମରିକ ବିଦ୍ୟାରେ ମଧ୍ୟ ନିପୁଣତା ହାସଲ କରିଥିଲେ । ଯାହାର ଉଦାହରଣ ହେଲା – ଯୁଦ୍ଧଭୂମିରେ ରାଣୀ କୈକେୟୀ ସାରଥୀ ହୋଇ ରାଜା ଦଶରଥଙ୍କୁ ଚତୁରତାର ସହ ସହାୟତା ପ୍ରଦାନ କରିବା, ସୁଭଦ୍ରାଙ୍କ ଅଦ୍ଭୁତ ପୂର୍ବ ରଣକୌଶଳ ଓ ଦକ୍ଷତାରେ ଅର୍ଜୁନ ପ୍ରଭାବିତ ହେବା ।

ସେହିପରି ଇତିହାସ ପୃଷ୍ଠାରେ ମଧ୍ୟ ଭାରତୀୟ ବୀର ରମଣୀ ନିଜ ଦକ୍ଷତାର ପରିଚୟ ପ୍ରଦାନ କରିଯାଇଛନ୍ତି । ଇତିହାସରେ ଶାସିକା ସୁଲତାନ୍ ରେଜିୟା, ନୁର୍ ଜାହାନ, ଦଣ୍ଡୀ ମହାଦେବୀ, ରାଣୀ ଦୁର୍ଗାବତୀ, ପଦ୍ମିନୀ, ଝାନ୍ସୀ ରାଣୀ ଲକ୍ଷ୍ମୀବାଇ, ବାଙ୍କି ରାଣୀ ଶୁକଦେଇ ନିଜର ଅସାମାନ୍ୟ ବୀରତ୍ୱ , କାର୍ଯ୍ୟଦକ୍ଷତା ଓ ସାହସ ପ୍ରଦର୍ଶନ କରି ଇତିହାସ ପୃଷ୍ଠାକୁ ଉଜ୍ଜ୍ୱଳ କରି ଯାଇଛନ୍ତି ।

ଭାରତର ସ୍ୱାଧୀନତା ସଂଗ୍ରାମରେ ସରୋଜିନୀ ନାଇଡୁ, କସ୍ତୁରୀ ଦେବୀ, କମଳା ଦେବୀ, ରମା ଦେବୀ, ମାଳତୀ ଦେବୀ, ବିଜୟଲକ୍ଷ୍ମୀ ପଣ୍ଡିତ୍, ଶୈଳବାଳା ପ୍ରଭୃତି ମହିୟସୀ ମହିଳା ସମାଜ ସେବାରେ ନିଜକୁ ଉତ୍ସର୍ଗୀକୃତ କରିଛନ୍ତି । ସେବା ଓ ମମତାର ପ୍ରତିମୂର୍ତ୍ତି ତଥା କରୁଣାମୟୀ ମାଆ ଟେରେସାଙ୍କର ସୁଖ୍ୟାତି ଭୁବନ ବିଦିତ ।

ପ୍ରଶାସନିକ କ୍ଷେତ୍ରରେ ମଧ ସେହିପରି ବିଶ୍ୱ ବନ୍ଦନୀୟା ବିଶ୍ୱନେତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧି, ପ୍ରତିଭା ପାଟିଲ୍, ନନ୍ଦିନୀ ଶତପଥି, ସୁଷମା ସ୍ୱରାଜ, ଦ୍ରୌପଦୀ ମୁର୍ମୁ ଆଦି ନିଜ ଦକ୍ଷତାର ପରିଚୟ ପ୍ରଦାନ କରିଛନ୍ତି ।

ସାହିତ୍ୟ କ୍ଷେତ୍ରରେ କୁନ୍ତଳା କୁମାରୀ ସାବତ, ବିଦ୍ୟୁତପ୍ରଭା ଦେବୀ, ମହଦେବୀ ବର୍ମା, ଅମୃତା ପ୍ରୀତମ୍ ଓ ପ୍ରତିଭା ରାୟ ଆଦି ବହୁ ମହିୟସୀ ମହିଳା ସୁନାମ ଅର୍ଜନ କରିଛନ୍ତି ।

ବର୍ତ୍ତମାନ ସମୟରେ ଏଭରେଷ୍ଟ ଆରୋହଣ ଠାରୁ ଆରମ୍ଭ କରି ମହାକାଶ ଅଭିଯାନ ପର୍ଯ୍ୟନ୍ତ, କ୍ରୀଡ଼ା ଠାରୁ ଆରମ୍ଭ କରି ରାଜନୀତି ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଭାରତୀୟ ମହିଳାମାନେ ସକ୍ରିୟ ଅଂଶଗ୍ରହଣ କରି ସଫଳତା ଅର୍ଜନ କରିଛନ୍ତି । ସୁଚେତା କୃପାଳିନୀ, ସନ୍ତୋଷ ଯାଦବ, ଅରୁଣା ଆସଫ ଅଲ୍ଲୀ, ବିଜୟଲକ୍ଷ୍ମୀ ପଣ୍ଡିତ, ଗୀତା ଘୋଷ, ବଚେନ୍ଦ୍ରୀ ପାଲ୍, ସୁଷମା ଚୱାଲା, କଳ୍ପନା ଚାୱଲା, ଅମୃତା ପ୍ରୀତମ୍, ଆରତୀ ସାହା, ଆନି ବେଶାନ୍ତ, ରେଜିଆ ସୁଲ୍‌ତାନ୍, ସରଳା ଠକରାଲା, ସାଇନା ନେହୱାଲ, ସାନିଆ ମିର୍ଜା, କିରଣ ବେଦୀ, ମୀରା କୁମାର, ନିର୍ମଳା ସୀତାରମଣ, ପିଟି ଉଷା, ମିତାଲି ରାଜଙ୍କ ପରି ମହିୟସୀ ମହିଳାମାନେ ନିଜ ନିଜର ଦକ୍ଷତା ପ୍ରଦର୍ଶନ ପୂର୍ବକ ଦେଶ ଓ ଜାତିର ଗୌରବ ବୃଦ୍ଧି କରିଛନ୍ତି ।

ସମୟ କ୍ରମେ ମଧ ଯୁଗରେ ନାରୀ ଜାତି ପ୍ରତି ଅବହେଳା ହେଲା । ବାଲ୍ୟ ବିବାହ , ସତୀଦାହ ପ୍ରଥା ଓ ପରଦା ପ୍ରଥା ପ୍ରଚଳନ ଫଳରେ ନାରୀ ଜାତିର ସ୍ୱାତନ୍ତ୍ର୍ୟ ବ୍ୟାହତ ହେବାକୁ ଲାଗିଲା । ନାରୀ ଜାତିର ଶିକ୍ଷା ସୀମିତ ଓ ଚାରିକାନ୍ଥ ଭିତରେ ଆବଦ୍ଧ ରହିଲା । ଭାରତର ବଡ଼ଲାଟ୍ ଲର୍ଡ ୱିଲୟମ୍ ବେଣ୍ଟିଙ୍କଙ୍କ ସମୟରେ ରାଜା ରାମମୋହନ ରାୟଙ୍କ ପ୍ରଚେଷ୍ଟାରେ ୧୮୨୯ ମସିହାରେ ବେଙ୍ଗାଲ ଏକ୍ଟ ଅନୁସାରେ ସତୀଦାହ ପ୍ରଥା ଓ ବାଲ୍ୟ ବିବାହ ଆଦି ଉଚ୍ଛେଦ ହୋଇଥିଲା । ୧୮୬୧ରେ ରାଣୀ ଭିକ୍ଟୋରିଆଙ୍କ ଦ୍ୱାରା ସାରା ଭାରତରେ ଏହା ଲାଗୁ ହୋଇଥିଲା ଏବଂ ଏହାକୁ ଅମାନ୍ୟ କଲେ ଦଣ୍ଡ ବିଧାନର ନିୟମ ମଧ୍ୟ ହୋଇଥିଲା ।

ନାରୀ ଜାତିର ଉତ୍ଥାନ, ମର୍ଯ୍ୟାଦା ରକ୍ଷା ଓ ନିର୍ଯାତନା ନିରାକରଣ ପାଇଁ ବହୁ ଭାରତୀୟ ମନୀଷୀ ଉଦ୍ୟମ କରିଛନ୍ତି । ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟ ବିଭିନ୍ନ ଆଇନ ପ୍ରଣୟନ କରିଛନ୍ତି । ଏଥିପାଇଁ ସ୍ୱତନ୍ତ୍ର ମହିଳା କମିଶନ ମଧ୍ୟ ଗଠନ କରାଯାଇଛି । ନାରୀମାନେ ଶିକ୍ଷିତା ଓ ସ୍ୱାବଲମ୍ବନଶୀଳ ହେଲେ ନିର୍ଯାତନା ବହୁ ଗୁଣରେ କମିଯିବ ଓ ଦେଶ ଆହୁରି ଅଗ୍ରସର ହୋଇପାରିବ ଏବଂ ସଭ୍ୟତାର ବିକାଶ ହେବ ।

ଆମ ଦେଶର ସଂସ୍କୃତିରେ ଜଣେ ବିବାହିତା ସ୍ତ୍ରୀ ତା'ର ସ୍ୱାମୀଙ୍କୁ ପରମେଶ୍ୱରଙ୍କ ଆସନରେ ଆସୀନ କରାଇଥାଏ । ସ୍ୱାମୀଙ୍କ ପାଇଁ ହାତରେ ଚୁଡ଼ି ଶଙ୍ଖା ଓ ମଥାରେ ସିନ୍ଦୁର ଧାରଣ କରି ନିଜକୁ ସର୍ବଦା ଅହ୍ୟ ସୁଲକ୍ଷଣୀ ହେବାର କାମ୍ୟ ରଖିଥାଏ । ପ୍ରଭାତରୁ ଉଠି ଘରସଫା କରିବା ସହ ଦାଣ୍ଡରେ ମୁରୁଜ ପକାଇବା, ସ୍ନାନ ସାରି ଠାକୁର ଓ ତୁଳସୀ ପୂଜା ଏବଂ ସଂଧ୍ୟାରେ ଆଳତୀ ଆଦି କରିବା ଜଣେ ଭାରତୀୟ ବୋହୂଠାରେ ହିଁ ଦେଖିବାକୁ ମିଳିଥାଏ । ଯାହାକି ଅନ୍ୟତ୍ର ଦେଖିବାକୁ ମିଳେନି ।

ଭାରତୀୟ ସଂସ୍କୃତିକୁ ବର୍ତ୍ତମାନ ପାଶ୍ଚାତ୍ୟ ସଭ୍ୟତା ବିଶେଷ ଭାବେ ପ୍ରଭାବିତ କରିଛି । ଆଜିର ନାରୀ ପାଶ୍ଚାତ୍ୟ ବେଶ ପୋଷାକ, ଚାଲି ଚଳଣିକୁ ବିଶେଷ ଆଗ୍ରହୀ । ଜଣେ ଆଦର୍ଶ ନାରୀ ହେବାକୁ ହେଲେ ଉତ୍ତମ ଚରିତ୍ର, ଉତ୍ତମ ଶିକ୍ଷା, ମହତ୍ ଉଦ୍ଦେଶ୍ୟ କର୍ତ୍ତବ୍ୟ ପରାୟଣ ଓ ଲଜ୍ଜାଶୀଳ ପ୍ରଭୃତି ସୁଗୁଣର ଅଧିକାରୀ ହେବା ଆବଶ୍ୟକ । ଆମର ମନେ ରଖିବା ଉଚିତ – 'ଆକାଶ ହୁଁ ବଡ଼ ପିତା ମାତା ବଡ଼ ପୃଥିବୀ ଅପେକ୍ଷା ।'

–୦–

ସମ୍ପାଦିକା ନିର୍ଝରିଣୀ ସାହିତ୍ୟ ସଂସଦ, ବ୍ରହ୍ମପୁର
ସଂପର୍କ: ୭୯୭୮୬୧୧୮୦୧



# ନାରୀର ଅସ୍ତିତ୍ୱ

**ଶକ୍ତିଦା ବିଷୋୟୀ**

ନାରୀ ଦେଶର ମେରୁଦଣ୍ଡ ସମାଜର ନାଭିଚକ୍ର । ସମାଜ ଓ ଦେଶର ପ୍ରଗତିରେ ନାରୀ ଯୁଗ ଯୁଗରୁ ଅଗ୍ରଣୀ ସାଜି ମୁଖ୍ୟ ଭୂମିକା ନିର୍ବାହ କରିଆସିଛି, କରୁଛି ଓ କରୁଥିବ ମଧ୍ୟ ।

ପୂର୍ବ କାଳରେ ନାରୀ ପୁରୁଷର ସମକକ୍ଷ ସମ୍ମାନ, ମର୍ଯ୍ୟାଦା, ଅଧିକାର ପାଇ ପୁରୁଷ ସହିତ ପାଦରେ ପାଦ ମିଳାଇ ଆଗେଇ ଚାଲିବାରେ ସକ୍ଷମ ଥିଲା । ପ୍ରତ୍ୟେକ କାର୍ଯ୍ୟକୁ ନାରୀ ହାତରେ ଅର୍ପଣ କରିଦିଆ ଯାଉଥିଲା, କିନ୍ତୁ ଏହି ମଧ୍ୟ ଯୁଗରେ ବିଚାର ପରିବର୍ତ୍ତନ ସକାଶେ ନାରୀ ଦୁର୍ବଳ, ପୁରୁଷ ସବଳର ପାର୍ଥକ୍ୟ ଦୃଷ୍ଟିକୋଣ ସମାଜରେ ପରିବ୍ୟାପ୍ତ ବିସ୍ତାର ପାଇଲା । ତେଣୁ ଏହି ପୁରୁଷ ପ୍ରାଧାନ୍ୟ ଯୁଗରେ ନାରୀକୁ ଅବଳା, ଦୁର୍ବଳା, ଅଶିକ୍ଷିତ, ରୋଜଗାରହୀନ, ପର ଘରର ଝିଅ, ମାଟି ମାଠିଆ, ଛୁଆ ଜନ୍ମ କରିବା ଯନ୍ତ୍ର, ଏହିପରି କେତେକ ଆରୋପ ଲଗାଇ ଘରର ଚାରିକାନ୍ଥର ଘେର ପରଦା ଆଢୁଆଳରେ ରଖି ଦିଆଗଲା । କଥା କହିବା ମନା, କୌଣସି ନିଜସ୍ୱ ଅଧିକାର ମନା । ନାରୀର ନାର୍ଯ୍ୟ ଅଧିକାରରୁ ବଞ୍ଚିତ କରି ଦିଆଗଲା । ଆମ୍ଭ ଭାରତ ସଂସ୍କୃତି ସଂସ୍କାରର ସିଦ୍ଧାନ୍ତରେ ଓତଃପ୍ରୋତ ନାରୀ ଧର୍ମର ରକ୍ଷା, ସହନଶୀଳ ଗୁଣ, ସେବା, ତ୍ୟାଗ, ଦୟା, କ୍ଷମା, ଉଦାର, ବିଶ୍ୱାସ, ଆତ୍ମୀୟ, ଧୈର୍ଯ୍ୟ, କରୁଣାର ନିର୍ଝରିଣୀ ଦୁର୍ବଳତାର ମଉକା ନେଇ ଆଜି ସମାଜରେ ଅନ୍ୟାୟ ନିର୍ଯାତନାର ଶିକାର ଘରେ ଘରେ ହେଉଛି । ତାହା କ'ଣ ଠିକ୍ ହେଉଛିକି ? ପୁଣି ଯୌତୁକ ଜନିତ କୁପ୍ରଥା ବିବାହ ବିସ୍ତାର, ପୁଣି ଯୌତୁକ ନିର୍ଯ୍ୟାତନାର ସୀମା ନାହିଁ । ଗୋଟେ ନାରୀର କ'ଣ ଏମିତି ଦୋଷ ଯେ, ନିଆଁ ଲଗାଇ ଜାଳିଦେବା କ'ଣ ଠିକ୍ ? ଏହିପରି ଦୟନୀୟ ଶିକାରର ପ୍ରଭାବରୁ କନ୍ୟାଭ୍ରୁଣ ହତ୍ୟା ଘରେ ଘରେ ହେବାରେ ଲାଗିଛି । କନ୍ୟା ଜନ୍ମହେବା ବହୁତ ବଡ ଦୋଷାବହ ବିକଟ ସଂକଟାପନ୍ନ ହୋଇ ପଡିଛି । ଏହିପରି ପରିସ୍ଥିତି ସମାଜ ପାଇଁ, ଯୁଗପାଇଁ ମସ୍ତ ବଡ କଳଙ୍କ ସାଜିଛି ।

ଆଜି ଆଧୁନିକତାର ସୀମାରେଖାରେ ନାରୀକୁ ଅଗ୍ରଣି ଭାବେ ରଖାଯାଉଛି । ଶିକ୍ଷା, କ୍ଷମତା, ରୋଜଗାର, ଗୃହବନ୍ଦୀରୁ ମୁକ୍ତ, ବେଶ ପୋଷାକର ପରିବର୍ତ୍ତନ ସତ, କିନ୍ତୁ ଆଜିବି ସେ ସୁରକ୍ଷିତ ନୁହେଁ । ଯେତେଦିନ ଯାଏ ନାରୀ ପ୍ରତି ପୁରୁଷ ସମାଜର ଦୃଷ୍ଟିଭଙ୍ଗୀ, ସମତା ମମତା ପବିତ୍ରତା ମନୋବୃତ୍ତି ଭାବନା ସ୍ୱଷ୍ଟ ନ ହୋଇଛି, ଗୋଟିଏ ଗାଡ଼ିର ଦୁଇ ଚକ ସମାନ ଭାବେ ନ ଚାଲିଛି ସେତେଦିନ ପର୍ଯ୍ୟନ୍ତ ଏହି ସମାଜରୂପୀ ଗାଡ଼ି କେବେବି ଠିକ୍ ଭାବେ ଚାଲିପାରିବ ନାହିଁ ଏବଂ ଶାନ୍ତ ଶୃଙ୍ଖଳିତ ଜୀବନଯାପନ କରିବା ସମ୍ଭବ ନାହିଁ ।

ନାରୀ ଯୋଗଜନ୍ମା, ଶକ୍ତି ସ୍ୱରୂପିଣୀ, ଦୁହିତା ଦୁଇକୁଳକୁ ହିତା, ମହୀକୁ ହଲାଇଲାବାଲା ମହିଳା । ଶରୀର ତାର କୋମଳ କିନ୍ତୁ ହୃଦୟ ପୁରୁଷଠାରୁ ହଜାର ଗୁଣରେ ବିଶାଳ ।

ନାରୀକୁ ସରସ୍ୱତୀ, ଲକ୍ଷ୍ମୀ, କାଳୀ ଦେବୀର ଉପମା ଦିଆଯାଇଛି । ବେଦ ବେଦାନ୍ତ ପୁରାଣ ଶାସ୍ତ୍ରରୁ ନାରୀ ପୂଜିତା ବନ୍ଦିତା । ମାତୃଶକ୍ତି ଗ୍ରାମେ ଗ୍ରାମେ ଗ୍ରାମଦେବୀ ରୂପେ ପୂଜା ହୋଇ ଆସୁଛି ।

ନାରୀ ସୃଷ୍ଟିକାରିଣୀ, ନାରୀ ନାରାୟଣୀ, ନାରୀ ନିର୍ମାତ୍ରୀ ଭବତି । ମାତୃଶକ୍ତି ଗୃହଲକ୍ଷ୍ମୀ, ମଙ୍ଗଳକାରିଣୀ ଯେତେ ବର୍ଣ୍ଣନା କଲେ ମଧ୍ୟ ପୁରା ପଡ଼ିବନି । ଦେବଗଣଙ୍କ ମଧ୍ୟରେ ଜାଣି ହୁଏ ଲକ୍ଷ୍ମୀ ନାରାୟଣ, ଉମା ମହେଶ, ସୀତାରାମ, ରାଧେଶ୍ୟାମ, ସଚିଇନ୍ଦ୍ର । ନାରୀମାନଙ୍କୁ ଆଗରେ ରଖାଯାଇଛି ।

ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା
ଯତ୍ର ତାସ୍ତୁ ନ ପୂଜନ୍ତେ ତତ୍ରତାସ୍ତୁ ଫଳ କ୍ରିୟା ॥

ଅର୍ଥ-ଯେଉଁ ଗୃହରେ ନାରୀର ପୂଜା ସମ୍ମାନ କରାଯାଏ, ସେହିଘରେ ଦେବତା ବିଚରଣ କରିଥାନ୍ତି । ଯେଉଁ ଗୃହରେ ନାରୀମାନଙ୍କ ପୂଜା କରାଯାଏ ନାହିଁ ସେହି ଘରର ମାନ ସମ୍ମାନ କ୍ଷୁଣ୍ଣ ହୋଇ ପ୍ରତ୍ୟେକ କାର୍ଯ୍ୟ ବିଫଳ ହୋଇଥାଏ । ।

ନାରୀକୁ ଘର ମଧ୍ୟ କୁହାଯାଇଛି । ନାରୀ ଗର୍ଭ ଧାରଣ କରିବା ଠାରୁ ମରଣ ସହିତ ସଂଘର୍ଷ କରି ସନ୍ତାନକୁ ଜନ୍ମଦେଇ ଅହରହ ପ୍ରଯତ୍ନ କରି ଛୁଆମାନଙ୍କ ଯତ୍ନନେବାରେ ତତ୍ପର ଥାଏ । ଜୀବନକୁ ଜଳାଞ୍ଜଳି ଦେଇଥାଏ ।

ନାରୀର ଅତୁଳନୀୟ ଅବଦାନ ତନ ମନ ଧନ ଅର୍ପଣ କରିଦେଇଥାଏ । ତଥାପି କାହିଁକି ନାରୀ ଦୁର୍ଦ୍ଦିନର ଶିକାର ହୋଇଥାଏ ? ସେହି ପ୍ରଶ୍ନର ଉତ୍ତର ଖୋଜି ପାଇବାକୁ ହେଲେ ନାରୀ ହିଁ ନିଜପାଇଁ ନିଜେ ହିଁ ଦାୟୀ ।

କାରଣ ସେ ପୁରୁଷ ଦ୍ୱାରା ହିଁ ଦଣ୍ଡିତ, ନିର୍ଯାତିତ ହେଉଛି !! କାହିଁକି ??

ତାକୁ ସୃଷ୍ଟି କରିଛି କିଏ ? ତାକୁ ଦୁଗ୍ଧପାନ କରାଇଛି କିଏ ? ଲାଳନ ପାଳନ କରିଛି କିଏ ? ତାକୁ ପ୍ରଥମ ଭାଷା ଶିକ୍ଷା ଦେଇଛି କିଏ ? ଯଦି ମା' (ନାରୀ) ତାକୁ ଏତେ ଦୁଃଖ ଦେବାରେ ସାହସ ପାଇଲା କେମିତି ? ଏସବୁ ଘଟଣା ଘଟିବାରେ ମୁଖ୍ୟ କାରଣ ଏହାଯେ ନାରୀର ଅଜ୍ଞାନତା, ମୋହ ଓ ଅନ୍ୟାୟକୁ ସହିଯିବା, ସ୍ୱାମୀ ଯାହା କହୁଛନ୍ତି ଉଚିତ ମନେ କରିବା । କୁସଂସ୍କାର ଅନ୍ଧପରମ୍ପରାକୁ ମାନିନେବା, ଏହିପରି ଅନେକ କାରଣ ।

ଏହାର ନିରାକରଣରେ ଅନ୍ଧ ପରମ୍ପରାର ମୂଳ ଉତ୍ପାଟନ, ଅନ୍ୟାୟ ବିରୁଦ୍ଧରେ ସଂଘର୍ଷ କରିବା, ସଂସ୍କାରିତ ଜୀବନଯାପନ କରିବା, ଶିକ୍ଷିତ ଦିଗରେ ଗତି କରିବା, ସାତ୍ତ୍ୱିକ ଭୋଜନ ପାଇଁ ବ୍ୟବସ୍ଥାର ଆବଶ୍ୟକ ରହିଛି । କାରଣ ଖାଦ୍ୟରୁ ବିଚାର ସୃଷ୍ଟି ହୋଇଥାଏ, ବିଚାରରୁ କର୍ମ କରିବାରେ ମନ ବଳିଥାଏ । ଯେପରି ଅନ୍ନ ଭୋଜନ ସେପରି ମନଭୂମି ଉତ୍ପନ୍ନ ହୋଇଥାଏ, ସେପରି କର୍ମ କରିବାକୁ । ମନଧାଏଁ, ପରିଣାମରେ କର୍ମଫଳ ଭୋଗିବାକୁ ବାଧ୍ୟ କରେ । ଯାହାଦ୍ୱାରା ଜୀବନ ସାରା ଭୋଗ କରୁ ।

ଜଣେ ନାରୀ ଅନ୍ୟଜଣେ ନାରୀର ମନର ଦୁଃଖକୁ କଷ୍ଟକୁ । ବୁଝିବା ସାହାଯ୍ୟ କରିବାରେ ହାତ ବଢାଇବା ନଚେତ୍ ନାରୀର ଚେର ନାରୀ କାଟିବା ସହିତ ସମାନ । ନାରୀ ସମାଜରେ ଅଧଃପତନ ଗତିରେ ଜୀବନ ଅତିବାହିତ କରୁଛି ନିର୍ଯ୍ୟାତିତ ହେଉଛି ହେଉଥିବ ମଧ୍ୟ ।

ନାରୀର ଉଚିତ ପରାମର୍ଶକୁ ବାରମ୍ବାର କରାନଗଲେ ଈଶ୍ୱରଦତ୍ତ ସମ୍ବେଦନ ଭାବ କଠୋର ହୋଇଯାଏ ଏବଂ ଦାୟିତ୍ୱହୀନ ହୋଇଯାଇଥାଏ । ତାକୁ ଟିକେ ପ୍ରଶଂସା, ସମର୍ଥନ, ଟିକିଏ ସାହାରା ମିଳିଯାଏ ତ ସେ ପ୍ରସନ୍ନ ରହି ହଜାର ଗୁଣରେ କାର୍ଯ୍ୟ କରିବାରେ ସକ୍ଷମ ହୋଇ ପାରିବ । ଦୁର୍ଗାଶକ୍ତିକୁ ଜଗାଇ ପାରିବ ।

ନାରୀ ହିଁ ଚାହିଁଲେ, ଦେଶର ପ୍ରଗତି କରିପାରିବ, ନାରୀ ଦ୍ୱାରା ହିଁ ସମ୍ଭବ । ଦେଶର ପ୍ରଗତିରେ ନାରୀର ଭୂମିକା ସନ୍ନିହିତ ।

ଭାବି ସନ୍ତାନ ଜନ୍ମ ଦେବାରେ ପ୍ରଯତ୍ନ କରିବା ଗର୍ଭଧାରଣ ସମୟରେ ପୁଂସବନ ସଂସ୍କାର କରିବା । ଶିଶୁକୁ ଉଚିତ ଶିକ୍ଷା ସଂସ୍କାର ନେଇ ଗଢି ତୋଳିବା । ଗୁରୁଜମାନଙ୍କୁ ସମ୍ମାନ ଦେବା । ଛୋଟମାନଙ୍କୁ ସ୍ନେହ ଶ୍ରଦ୍ଧା କରିବା ନାରୀଙ୍କ ଦ୍ୱାରା ସମ୍ଭବ ହୋଇଥାଏ ।

ନାରୀ ଯେତେବେଳେ ନିଜ ସ୍ୱରୂପକୁ ଜାଣିଯିବ ନିଜ ସାମର୍ଥ୍ୟକୁ ବୁଝିଯିବ ତାହାହେଲେ ଏ ଅଧଃପତନ ସଂସାରରୁ ଦୁର୍ଦ୍ଦିନ ଯିବ । ନାରୀର ହାତରେ ସେହି ଚାବିକାଠି ରହିଛି ।

ନାରୀମାନେ ଏତିକି ଜାଣିବା ଉଚିତ ଯେ ଶିଶୁ ମା'ର ଗର୍ଭରେ ଥିବା ଅବସ୍ଥାରେ ଶତକଡ଼ା ୮୦ ଭାଗ ଶିକ୍ଷା ଗ୍ରହଣ କରିସାରିଥାଏ । ତେଣୁ ମାଆ ଖୁସି ପ୍ରସନ୍ନ, ଆହାର ବିହାର ସୁସ୍ଥ ମନୋଭୂମି, ସଠିକ୍ ଦିନଚର୍ଯ୍ୟା, ଯୋଗ ବ୍ୟାୟାମ, ସ୍ୱାଧ୍ୟାୟ, ସାଧନା ପ୍ରେରଣାପ୍ରଦ ସଙ୍ଗୀତ, ଭଜନ, କରିବାର ଆବଶ୍ୟକ ଅଛି ।

ଗର୍ଭସ୍ଥ ଶିଶୁ ଦିନକୁ ପାଞ୍ଚହଜାର ଶବ୍ଦ ଶୁଣିବାର କ୍ଷମତା ଥାଏ । ତେଣୁ ଗର୍ଭିଣୀ ଶିଶୁ ଶ୍ରେଷ୍ଠ ଶିକ୍ଷା ପାଇ ବାର ପ୍ରଯତ୍ନ କରିବାରେ ସଜାଗ ରହିବା ଆବଶ୍ୟକ ।

ଗୃହ ପରିଜନ ସ୍ୱାମୀ ଶାଶୁ, ଶ୍ୱଶୁର ପରିଜନ ପୂର୍ଣ୍ଣ ସହକାରେ ସହଯୋଗର ହାତ ବଢାଇବାରେ ନିତାନ୍ତ ଜରୁରି ରହିଛି । ଯାହାରି ଫଳରେ ଶିଶୁର ମାନସିକ ବୌଦ୍ଧିକ ଆଧାତ୍ମିକ ପ୍ରଗତି ହୋଇପାରିବ । ଚରିତ୍ରବାନ୍, ବିବେକବାନ୍, ମେଧାବୀ, ନିର୍ଣ୍ଣୟକାରୀ, ସର୍ବଗୁଣ ସମ୍ପର୍ଣ୍ଣ, ଭାବନାଶୀଳ, ସମ୍ବେଦନଶୀଳ, କଳାରେ ନିପୁଣ, ବୁଦ୍ଧିମାନ ସନ୍ତାନ ଜନ୍ମ ହୋଇ ପାରିବ । ସନ୍ତାନ ଜନ୍ମ ହେବାପରେ ଶିଶୁକୁ ଆଧାତ୍ମିକ ଶିକ୍ଷା ଚେତନା ଶିଷ୍ଟାଚାର ଶ୍ରେଷ୍ଠ ବ୍ୟବହାର ଦ୍ୱାରା ଆମ ଘର ପରମ୍ପରା ସୁଖୀ ହେବା ସହିତ ସମାଜ ରାଷ୍ଟ୍ରକୁ ସୁସ୍ଥ କରିପାରିବ ।

ଜନନୀ ତା'ର ମାତୃତ୍ୱକୁ ସାକାର କରି ନିଜକୁ ଧନ୍ୟ କରିପାରିବ । ସମାଜକୁ ରାଷ୍ଟ୍ରକୁ ସମୃଦ୍ଧ କରିପାରିବ । ସୁସନ୍ତାନ ଦ୍ୱାରା ହିଁ ସୁଖ ଶାନ୍ତିର ବାତାବରଣ ସୃଷ୍ଟି ହୋଇପାରିବା ସମ୍ଭବ ନିହିତ । ଏ ଧରା ସର୍ଗ ହୋଇପାରିବ । ମାତା ନିର୍ମାତା ଭବତି ।

-୦-

ସୋରଡା, ଗଞ୍ଜାମ
ମୋ-୭୫୩୭୦୪୬୫୩୩



# ସମ୍ଭାବନାର ଉତ୍ସ ନାରୀ

**ସିପ୍ରା ପଟ୍ଟନାୟକ**

ଈଶ୍ୱରଙ୍କ ସୃଷ୍ଟିରେ ନାରୀ ଏକ ଅନନ୍ୟ ସୃଷ୍ଟି । ସେ ଜନନୀ, ଭଗିନୀ, ଜାୟା, ସେ ସୃଷ୍ଟିକର୍ତ୍ତା, ସେ ବିନାଶକର୍ତ୍ତା । ଆବାହମାନ କାଳରୁ ନାରୀର ଗାରିମା ବିଷୟରେ ଆମେ ଶୁଣିଶୁଣି ଆସିଛେ । ନାରୀ ଲାସ୍ୟମୟୀ, ହାସ୍ୟମୟୀ, ଛଳନାମୟୀ । ନାରୀ ଦେବୀ ସୀତାଙ୍କ ପରି ସହିଷ୍ଣୁ କେଉଁଠି ଦେବୀ ଦୁର୍ଗା ପରି ପାପ ବିନାଶକାରୀ ଅବା କେଉଁଠି ଯାଜ୍ଞସେନୀ ପରି ସଭାରେ ଲଜ୍ଜିତ ହେଉଛି । ମହର୍ଷି ମନୁଙ୍କ ମତରେ-

"ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ
ରମନ୍ତେ ତତ୍ର ଦେବତା ।"

ଅର୍ଥାତ ଯେଉଁଠାରେ ନାରୀ ପୂଜା ପାଆନ୍ତି ସେଠାରେ ଭଗବାନଙ୍କ ଉପସ୍ଥିତି ଥାଏ ।

ଉତ୍ତମ ସମାଜ ଗଠନରେ ନାରୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶିଶୁଟିଏ ମାତୃଗର୍ଭରେ ମା'ଠାରୁ ଶିକ୍ଷାଲାଭ କରିଥାଏ । ମା'ର ଚରିତ୍ରର ପ୍ରଭାବ ଶିଶୁକୁ ଗଠନ କରିଥାଏ । ତେଣୁ ନାରୀ ଜାଗ୍ରତ ହେଲେ ଦେଶ ଓ ଜାତି ଅଗ୍ରଗତି କରିବ । ବର୍ତ୍ତମାନ ସମାଜରେ ନାରୀମାନେ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ମୁଖ୍ୟସ୍ରୋତରେ ସାମିଲ ହୋଇପାରିଛନ୍ତି । ସେମାନେ ବିଶୃଙ୍ଖଳିତ ନ ହୋଇ ସଂଯମତା ରକ୍ଷା କଲେ ସୁନ୍ଦର ପୃଥିବୀ ଗଠନ ହୋଇପାରିବ । ଚାରିକାନ୍ଥ ମଧ୍ୟରେ ଲୁଚି ରହିଥିବା ନାରୀ ବର୍ତ୍ତମାନ ବିଶ୍ୱ ଦରବାରରେ ପହଁଚିଛି । ଶିକ୍ଷା, ରାଜନୀତି, ଅର୍ଥନୀତି, ସାଂସ୍କୃତିକ, ବୈଷୟିକ, ଆଧ୍ୟାତ୍ମିକ ପ୍ରତ୍ୟେକ କ୍ଷେତ୍ରରେ ସେ ଶ୍ରେଷ୍ଠ ଆସନ ଅଳଙ୍କୃତ କରିଛି ।

ଇତିହାସ ପୃଷ୍ଠା ଓଲଟାଇଲେ ପୁରୁଷ ସମାଜରେ ନାରୀ ଅଧିକାଂଶ କ୍ଷେତ୍ରରେ ପ୍ରଚ୍ଛଦପଟରେ ରହି କାର୍ଯ୍ୟ କରିଆସୁଥିଲା । ନାରୀକୁ ଗୃହର ପ୍ରକୋଷ୍ଠ ମଧ୍ୟରେ ରହି କାର୍ଯ୍ୟ କରିବାକୁ ପଡୁଥିଲା । ବର୍ତ୍ତମାନ ସେ ସମୟ ଆଉ ନାହିଁ । ନାରୀ ପୁରୁଷମାନଙ୍କଠାରୁ ଦୁଇପାଦ ଆଗରେ ଅଛି । ହାଣ୍ଡିଶାଳରୁ ଆରମ୍ଭ କରି ଲୋକସଭା ପର୍ଯ୍ୟନ୍ତ ତା'ର ପାରଦର୍ଶିତା ଆମେମାନେ ଦେଖିପାରୁଛେ । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ନାରୀ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି ଦେଶର ପ୍ରଥମ ନାଗରିକ । ସେ ଆମ ଓଡିଶା ମାଟିର ଗର୍ବ ଓ ଗୌରବ ।

ଆଜି ନାରୀ ବିଶ୍ୱ ଦରବାରରେ ଶ୍ରେଷ୍ଠ ଆସନ ଅଳଙ୍କୃତ କରିପାରିଛି । ବର୍ତ୍ତମାନ ମନେ ହେଉଛି ଏହା ପୁରୁଷସମାଜ ନୁହେଁ । ଆପଣମାନେ ବର୍ତ୍ତମାନ ଯେଉଁଠି ପହଞ୍ଚନ୍ତୁ, ସେଠାରେ ନାରୀଙ୍କ ସଂଖ୍ୟା ଅଧିକ । ବିଦ୍ୟାଳୟଠାରୁ ଆରମ୍ଭ କରି ସଭାସମିତି, ବିଭିନ୍ନ କାର୍ଯ୍ୟାଳୟ ସବୁଠାରେ ନାରୀଙ୍କ ସଂଖ୍ୟା ଅଧିକ । ନାରୀ ବର୍ତ୍ତମାନ ତା'ଘର ପରିବାରକୁ ସୁନ୍ଦର ଭାବରେ ସଜାଡ଼ି ଘର ବାହାରକୁ ଯାଇ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରୁଛି ।

ସମ୍ପ୍ରତି ନାରୀ ଉତ୍ତମ ଶିକ୍ଷାବିତ୍, ରାଜନେତା, ବ୍ୟବସାୟୀ, ଅଭିନେତ୍ରୀ, ଉଚ୍ଚପଦସ୍ଥ ଅଧିକାରୀ ହୋଇପାରିଛି । ମହିଳା ସଶକ୍ତିକରଣ ମାଧ୍ୟମରେ ବର୍ତ୍ତମାନ ନାରୀମାନେ ମୁଖ୍ୟ କର୍ଣ୍ଣଧାର ହୋଇପାରିଛନ୍ତି । ନାରୀ ବିଶୃଙ୍ଖଳିତ ନ ହୋଇ ସମାଜ ଗଠନରେ ସହାୟକ ହେଲେ ସୁନ୍ଦର ପୃଥିବୀ ଗଠନ ହୋଇପାରିବ । ଦେଶ ସବୁକ୍ଷେତ୍ରରେ ଅଗ୍ରଗତି କଲେ ମଧ୍ୟ ନାରୀ କେଉଁଠି ନା କେଉଁଠି ଅବହେଳିତ, ଲାଞ୍ଛିତ, ଅପମାନିତ, ଶୋଷିତ ହେଉଛି । ଯାହା ଫଳରେ ସେ ଅକାଳରେ ଝରିପଡୁଛି । ନାରୀର ଏହି କରୁଣ କାହାଣୀ ଖବରକାଗଜ ଓ ଦୂରଦର୍ଶନର ମୁଖ୍ୟାଂଶ ମଣ୍ଡନ କରୁଛି । ଏହା ମଧ୍ୟ ସମାଜ ପାଇଁ ଶୁଭଙ୍କର ନୁହେଁ । ବର୍ତ୍ତମାନ ମଧ୍ୟ ସମାଜରେ ନାରୀଟିଏ ଏକୁଟିଆ ରାତି ଅଧରେ ରାଜରାସ୍ତାରେ ଯାଇପାରିବ ନାହିଁ ।

ଆଜି ନାରୀ ସାରା ବିଶ୍ୱରେ ସଶକ୍ତ । ନାରୀ ଆଦ୍ୟାଶକ୍ତି ପରିବର୍ତ୍ତନକାରିଣୀ । କ୍ରୀଡା, ସଂସ୍କୃତି, ଶିକ୍ଷା, ଦେଶରକ୍ଷା ପ୍ରତ୍ୟେକଟି କ୍ଷେତ୍ରରେ ସେ ସଶକ୍ତ । ଆବାହମାନ କାଳରୁ ଭାରତୀୟ ସଂସ୍କୃତିରେ ନାରୀକୁ ଶ୍ରେଷ୍ଠସ୍ଥାନରେ ଅଳଙ୍କୃତ କରାଯାଇଛି । ନାରୀ ସର୍ବସଂହା ତେଣୁ ପୃଥିବୀମାତା, ଭାରତମାତା, ଉତ୍କଳଜନନୀ ଭାବରେ ବର୍ଣ୍ଣନା କରାଯାଇଛି । ନାରୀର ପ୍ରଗତିହେଲେ ଦେଶ ଓ ଜାତିର ପ୍ରଗତିହେବ । ବନ୍ଦେ ଉତ୍କଳ ଜନନୀ ।

-୦-

ଖଲ୍ଲିକୋଟ, ଗଂଜାମ



# ପ୍ରଗତିର ଅନ୍ୟ ନା' ନାରୀ

**ବି. ସତ୍ୟମ୍ ଆଚାରୀ**

ପୌରାଣିକ, ଐତିହାସିକ ଏବଂ ଆଧୁନିକ ଦୃଷ୍ଟିକୋଣରୁ ବିଚାର କଲେ ଆମେ ଜାଣି ପାରିବା ଆଜିର ଯୁଗରେ ସାମାଜିକ ବିକାଶଧାରାରେ ନାରୀର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଅର୍ଥନୀତି ଭଳି ବିଭିନ୍ନ କ୍ଷେତ୍ରରେ ନିଜକୁ ସାମିଲ କରି ଦେଶର ଉନ୍ନତି ପଥକୁ ଆଗେଇ ନେଇଛନ୍ତି । ଏହି ପରିପ୍ରେକ୍ଷିରେ ସ୍ୱାମୀ ବିବେକାନନ୍ଦ ଏକ ତୁଳନାତ୍ମକ ଉକ୍ତିରେ କହିଥିଲେ- "ଯେପରି ଗୋଟିଏ ଡେଣାରେ ପକ୍ଷୀ ଉଡ଼ିବା ଅସମ୍ଭବ, ସେହିପରି ନାରୀ ବିନା ଦେଶ ଅବା ସମାଜର କଲ୍ୟାଣ ଅସମ୍ଭବ ।" ପ୍ରତ୍ୟେକ କର୍ମକ୍ଷେତ୍ରରେ ନାରୀମାନଙ୍କର ଅଂଶଗ୍ରହଣ ଉତ୍ପାଦନ ବୃଦ୍ଧି କରିଥାଏ ଏବଂ ପରିବାର ଓ ସଂପ୍ରଦାୟର ନିଷ୍ପତ୍ତିରେ ସେମାନଙ୍କର ହସ୍ତକ୍ଷେପ ସାମାଜିକ ସ୍ଥିରତା ଆଣିଥାଏ । ଶିକ୍ଷା ଏବଂ ରୋଜଗାର ମାଧ୍ୟମରେ ମହିଳାମାନଙ୍କୁ ନିରନ୍ତର ସଶକ୍ତ କରି ବିକାଶ ହାସଲ କରିବା ସମୃଦ୍ଧ ସମାଜ ସୁନିଶ୍ଚିତ କରିବାପାଇଁ ଏକ ଚାବିକାଠି ଅଟେ ।

ଆମ ଦେଶର ବିକାଶରେ ମହିଳାମାନଙ୍କର ପ୍ରଭାବ ଯଥେଷ୍ଟ ରହିଆସିଅଛି । କିନ୍ତୁ ଅତୀତରୁ ଆମେ ଦେଖିଆସୁଅଛେ ଏହି ସମାଜରୁ ମହିଳାମାନଙ୍କୁ ବଞ୍ଚିତ କରି ଦେଶଗଠନକୁ ଆଗେଇ ନେବାପାଇଁ ଚେଷ୍ଟା କରାଯାଇଛି । ସେମାନେ ସମ୍ମୁଖୀନ ହୋଇଥିବା ଘାତପ୍ରତିଘାତ ଏବଂ ସାଂପ୍ରତିକ ଅଗ୍ରଗତି ବିଷୟରେ ଆଲୋଚନା କରିବା । ଭାରତ ଇତିହାସରେ ମହିଳାମାନେ ସମାଜର ବିଭିନ୍ନ ଦିଗ ଯଥା:- ପରିବାର, ସଂସ୍କୃତି ଏବଂ ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ତଥାପି ସେମାନେ ପ୍ରାୟତଃ ପାରଂପରିକ ଓ ସୀମିତ ସୁଯୋଗ ସହିତ ଜଡ଼ିତ ହୋଇ ରହିଥିଲେ ।

ଏତଦ୍ ବ୍ୟତୀତ ଭାରତର ପୌରାଣିକ ଗ୍ରନ୍ଥ ଋଗ୍‌ବେଦ ଭଳି ପୁରାତନ ଶାସ୍ତ୍ରରୁ ନାରୀମାନଙ୍କର ପାଣ୍ଡିତ୍ୟ ସାହସିକତା ଓ ସାମାଜିକ ଉନ୍ନତିର ତଥ୍ୟ ମିଳିଥାଏ । ମହାସତୀ ସାବିତ୍ରୀ ନିଜର ସତୀତ୍ୱ, ପତିଭକ୍ତି ତଥା ଭକ୍ତିମାର୍ଗରେ ଯମଙ୍କଠାରୁ ମଧ୍ୟ ନିଜର ସ୍ୱାମୀଙ୍କୁ ଫେରାଇ ଆଣି ପାରିଥିଲେ । ଭାରତରେ ମହିଳା ସଶକ୍ତିକରଣ ଏକ ବହୁମୁଖୀ ପ୍ରକ୍ରିୟା । ଯାହା ଆଇନଗତ ସଂସ୍କାର, ସାମାଜିକ ସଚେତନତା ଏବଂ ଅର୍ଥନୈତିକ ସୁଯୋଗକୁ ସୃଷ୍ଟି କରେ । ମହିଳାମାନେ ଅଧିକାର ଓ ନିରାପତ୍ତା ପାଇଁ ଆଇନ୍ ପ୍ରଣୟନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ଘରୋଇ ହିଂସା ଆଇନ୍‌ରୁ ମହିଳାଙ୍କ ସୁରକ୍ଷା, ଯୌତୁକ ନିଷେଧ ଆଇନ ଏବଂ କର୍ମକ୍ଷେତ୍ରରେ ଯୌନନିର୍ଯ୍ୟାତନା ପ୍ରତିରୋଧ, ନିଷେଧାଦେଶ ଏବଂ ପୁନଃନିର୍ମାଣ ଆଇନ ଏହାର କିଛି ଉଦାହରଣ ଅଟେ । ଭେଦଭାବ ଏବଂ ହିଂସା ମାମଲାରେ ମହିଳାମାନଙ୍କୁ ଆଇନଗତ ଆଶ୍ରୟ ଦେବା ପାଇଁ ଏହି ଆଇନଗତ ସଂସ୍କାରରେ ଲକ୍ଷ୍ୟ ରଖାଯାଇଛି ।

ଆଜିର ଶିକ୍ଷିତ ସମାଜରେ ମହିଳାମାନେ ନିଜର ଜଟିଳତାପୂର୍ଣ୍ଣ ସ୍ଥିତିରୁ ବାହାରି ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱଭାର ନିଜ ମୁଣ୍ଡକୁ ନେଇଛନ୍ତି ଯେପରି- ଅଫିସ୍‌ରେ ମ୍ୟାନେଜର, ଟେଲିଭିଜନ୍ ଏବଂ ରେଡ଼ିଓ ସେଣ୍ଟରରେ ନ୍ୟୁଜ୍ ରିଡ଼ର୍, ପାଇଲଟ୍, ମିନିଷ୍ଟର, ଏଙ୍କର୍, ମ୍ୟୁଜିସିଆନ୍, କ୍ଲର୍କ୍, ଷ୍ଟେନୋଗ୍ରାଫର୍, ମିନିଷ୍ଟର, ପ୍ରାଇମ୍ ମିନିଷ୍ଟର ଏମିତିକି ଦେଶର ସର୍ବୋଚ୍ଚ ସମ୍ମାନ ପଦବି ରାଷ୍ଟ୍ରପତି ମଧ୍ୟ । ସେମାନଙ୍କ ମଧ୍ୟରେ କିଛି ବିଶିଷ୍ଟ ମହିୟସୀ ମହିଳା ହେଲେ- ଝାନ୍‌ସୀରାଣୀ ଲକ୍ଷ୍ମୀବାଈ, ମଦର୍ ଟେରେସା, ବିଜୟଲକ୍ଷ୍ମୀ ପଣ୍ଡିତ, ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧି, ପ୍ରଥମ ମହିଳା ଆଇ.ପି.ଏସ୍ ଅଫିସର କିରଣ ବେଦୀ, ପି.ଟି ଉଷା, କଳ୍ପନା ଚାଓ୍ୱଲା ଇତ୍ୟାଦି ।

୧୯୯୨ ମସିହାରେ ୭୩ତମ ଏବଂ ୭୪ତମ ସାମ୍ବିଧାନିକ ସଂଶୋଧନରେ ମହିଳାମାନଙ୍କ ସପକ୍ଷରେ ବା ହିତରେ ବହୁତ ନିୟମ ଲାଗୁ କରାଯାଇଥିଲା । ଏଥିରେ ମହିଳାମାନଙ୍କ ଦାୟିତ୍ୱବୋଧତାକୁ ବଢ଼ାଇ ଦେଶପ୍ରଗତି ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି ସାମ୍ବିଧାନିକ ସଂସ୍କରଣରେ ମହିଳାମାନଙ୍କୁ ପଞ୍ଚାୟତରାଜ ବିଭାଗରେ ଶତକଡ଼ା ୩୩ ଭାଗ ସଂରକ୍ଷଣ ଦିଆଗଲା । ଏହାପରେ ମହିଳାମାନେ ପଞ୍ଚାୟତ, ମ୍ୟୁନିସିପାଲଟି ଏବଂ ପୌରପରିଷଦରେ ନିର୍ବାଚନ ଲଢ଼ିବା ପାଇଁ ସୁଯୋଗ ପାଇଲେ ଏବଂ ସ୍ୱାସ୍ଥ୍ୟ, ପାନୀୟ, ପରିବାର କଲ୍ୟାଣ, ପୋଲିଓ ଦୂରୀକରଣ ଏହିଭଳି ବିଭିନ୍ନ ଦାୟିତ୍ୱବାନ କ୍ଷେତ୍ରରେ ନିଜର ଅବଦାନ ପ୍ରଦାନ କଲେ । ସେହିପରି ଭାବେ ମହିଳାମାନଙ୍କ ନିଜର ସ୍ଥାନୀୟ ଉନ୍ନତି ଘଟିବା ଦ୍ୱାରା ପରୋକ୍ଷ ଭାବେ ରାଜ୍ୟ ଓ ଦେଶର ଉନ୍ନତି ହୋଇପାରିଛି ।

ସ୍ଥାନୀୟ ସରକାରୀ ସଂସ୍ଥାରେ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା ରାଜନୀତିରେ ପ୍ରତିନିଧିତ୍ୱ କରିବା ପାଇଁ ବୃଦ୍ଧି ପାଇଛି । ଏହା ମହିଳାମାନଙ୍କୁ ତୃଣମୂଳସ୍ତରରୁ ନିଷ୍ପତ୍ତି ନେବାର ପ୍ରକ୍ରିୟା ସୁଯୋଗ

ଦେଇଛି । ବୈଷୟିକ ଜ୍ଞାନକୌଶଳରେ ଭାରତରେ ପ୍ରଥମ ସଫଳ ଇନ୍-ଭିଟ୍ରୋ ଫର୍ଟିଲାଇଜେସନ୍ (ଆଇ.ଭି.ଏନ୍)ରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଇନ୍ଦିରା ହିନ୍ଦୁଜାଙ୍କ ପରି ମହିଳାମାନେ ଏବଂ "ମିସାଇଲ୍ ମହିଳା ଅଫ୍ ଇଣ୍ଡିଆ" ଭାବରେ ଜଣାଶୁଣା ଡକ୍ଟର "ଟେସିଥୋମାସ୍" ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ମହତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି ।

ସେମାନଙ୍କର ସଫଳତା କ୍ଷେତ୍ରରେ କ୍ୟାରିଅର ଅନୁସରଣ କରୁଥିବା ଯୁବତୀ ବା ଯୁବକମାନଙ୍କ ପାଇଁ ପ୍ରେରଣା ଦାୟକ ଅଟେ । କ୍ରୀଡ଼ାରେ ମହିଳାଙ୍କ ରାଜତ୍ୱ କିଛି କମ୍ ନୁହେଁ । ପିଭି ସିନ୍ଧୁ, ମେରିକୋମ୍, ହିମାଦାସ, ଏବଂ ଅନେକ କ୍ରୀଡ଼ାକାଶର ଉଜ୍ଜ୍ୱଳତମ ଜ୍ୟୋତିଷ୍କ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ଭଲିବଲ୍ ଜଗତର ସାତଥର ଜାତୀୟ ଖେଳାଳି ବା ନାୟିକା ଅରୁଣିମା ସିହ୍ନା ଥରେ ଟ୍ରେନ୍‌ରେ ଯାତ୍ରା କରୁଥିବା ସମୟରେ ଦଳେ ଡ଼କାୟତଙ୍କ ସହ ସାମ୍ନା କରି ଦୁର୍ଘଟଣାରେ ଟ୍ରେନ୍‌ରୁ ତଳେ ପଡ଼ି ନିଜର ବାମ ଗୋଡ଼ ହରାଇଥିଲେ । ନିଜର ଦୃଢ଼ ଇଚ୍ଛା ଓ ଅଦମ୍ୟ ସାହସ ବଳରେ ଦୁର୍ଘଟଣାରେ ପଙ୍ଗୁ ହେବା ସତ୍ତ୍ୱେ ସେ ଏଭେରେଷ୍ଟ ଭଳି ଗଗନ ଚୁମ୍ବି ଶିଖରରେ ପହଞ୍ଚି ବିଶ୍ୱ ଇତିହାସରେ ଇତିହାସ ରଚି ନୂତନ ବା ଆଗାମୀ ପିଢ଼ିଙ୍କ ପାଇଁ ଉଦାହରଣ ସାଜିଲେ ।

ସେହିପରି ଉଦ୍ୟୋଗ କ୍ଷେତ୍ରରେ କିରଣ ମଜୁମଦାର-ଶଙ୍କର ବାୟୋକିନ୍ ଏବଂ ଫାଲ୍‌ଗୁନି ନାୟାରଙ୍କ ଭଳି ମହିଳା ମାଲିକାନା ବ୍ୟବସାୟ ଭାରତୀୟ ଅର୍ଥନୀତିରେ ଏକ ମହତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି । ଏହି ମହିଳାମାନେ ସାମ୍ନାରେ ଥିବା ପ୍ରତ୍ୟେକ ବନ୍ଧନକୁ ଭାଙ୍ଗି ସଫଳ ଉଦ୍ୟୋଗ ସୃଷ୍ଟି କରିଛନ୍ତି । ଭାରତର ବିକାଶରେ ମହିଳାଙ୍କ ଭୂମିକା ଐତିହାସିକ ଆହ୍ୱାନ ଏବଂ ଭେଦଭାବରୁ ପ୍ରଗତି ଓ ସଶକ୍ତିକରଣ ପର୍ଯ୍ୟନ୍ତ ବିକାଶ ହୋଇଛି ।

ଜଣେ ମହିଳାଙ୍କ ଦ୍ୱାରା କ'ଣ କରାଯାଇପାରିବ ନାହିଁ? ମହିଳାମାନେ ପୁରୁଷଙ୍କ ତୁଳନାରେ କୌଣସିଥିରେ ବି କମ୍ ନୁହଁନ୍ତି । ଯଦି ପୁରୁଷମାନେ ମଧ୍ୟ ଦେଶ ଗଠନରେ ମହିଳାମାନଙ୍କୁ ସହଯୋଗ କରିବେ ତେବେ ବିକଶିତ ରାଷ୍ଟ୍ରର ଗାଥା ବହୁ ଦୂର ରହିବ ନାହିଁ ।

-୦-

ବ୍ରହ୍ମପୁର, ଗଂଜାମ





# ଅମିୟ ଶକ୍ତିର ଅଧିକାରିଣୀ 'ନାରୀ'

**ମୋନାଲିସା ଲେଙ୍କା**

ଭଗବାନ ଏକ ସୁନ୍ଦର ଦୁନିଆ ସୃଷ୍ଟି କରିଛନ୍ତି ଯାହା ସେ ଆମ ଦୁନିଆ ପାଇଁ ଆବଶ୍ୟକ କରୁଥିବା ସମସ୍ତ ଜିନିଷ ତିଆରି କରିଛନ୍ତି, ସେ ମଧ୍ୟ ବୁଦ୍ଧିମାନ ଲୋକମାନଙ୍କୁ ସୃଷ୍ଟି କରିଛନ୍ତି, ଯେଉଁମାନେ ଏହି ଦୁନିଆରେ ଅପ୍ରତ୍ୟାଶିତ ଜିନିଷ ଉପଭୋଗ କରିଛନ୍ତି, ସେମାନଙ୍କ ଦ୍ୱାରା ଏକ ନୂତନ ଏବଂ ସୁନ୍ଦର ଜଗତ ସୃଷ୍ଟି କରିଛନ୍ତି । ଦିନକୁ ଦିନ ଗଲା । ଧୀରେ ଧୀରେ ଦୁନିଆ ଅଧିକରୁ ଅଧିକ ବିକଶିତ ହେଲା । ସମୟ ସହିତ ସେମାନଙ୍କର ପଦକ୍ଷେପରେ ମେଳ ହୁଏ ଏବଂ ଶୀଘ୍ର ବିକାଶ ହୁଏ । ଭଗବାନ ଜଗତକୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଜିନିଷ ଉପହାର ଦେଇଛନ୍ତି । ଏମାନେ ପୁରୁଷ ଏବଂ ସ୍ତ୍ରୀ । ବାହ୍ୟ କାର୍ଯ୍ୟ ପାଇଁ ପୁରୁଷମାନେ ଦାୟୀ ଏବଂ ଘର ଭିତର କାମ ପାଇଁ ମହିଳାମାନେ ଦାୟୀ । କିନ୍ତୁ ଏହି ସମୟରେ ମହିଳାମାନେ ପୁରୁଷଙ୍କ ତୁଳନାରେ ବାହ୍ୟକାର୍ଯ୍ୟ ପାଇଁ ମଧ୍ୟ ଦାୟୀ ଅଟନ୍ତି । ମହିଳାମାନଙ୍କରଏକାଧିକ ପ୍ରତିଭା ଅଛି । ଯେପରି ସେମାନେ ଏକ ସମୟରେ ସେମାନଙ୍କର ବାହ୍ୟ ଏବଂ ଭିତର କାମ କରିପାରିବେ । ଏହି ଜିନିଷ ଗୁଡିକ ଆମେ ମହିଳା ଜୀବନର ଏକ ସରଳ ଉଦାହରଣ ଦ୍ୱାରା ଜାଣିବାକୁ ଚେଷ୍ଟା କରିବୁ ।

ମହିଳାମାନେ କେବଳ ଘର ଭିତରେ ରୋଷେଇ କରିବାକୁ ସକ୍ଷମ ନୁହଁନ୍ତି, ସେମାନେ ମଧ୍ୟ ଚାକିରି, ବୁଇନ୍ସ, ବାହ୍ୟ କାର୍ଯ୍ୟ ଇତ୍ୟାଦିରେ ସକ୍ଷମ ଅଟନ୍ତି । ମାନବ ଶାରୀରିକ ବିଜ୍ଞାନ ଅନୁଯାୟୀ ପୁରୁଷଙ୍କ ତୁଳନାରେ ମହିଳାମାନଙ୍କର ଅଧିକ ନ୍ୟୁରୋଟ୍ରାନ୍ସମିଟର ଥାଏ । ପୁରୁଷଙ୍କ ତୁଳନାରେ ସେମାନଙ୍କର ଅଧିକ ଚିନ୍ତାଧାରା ଅଛି । ସରକାର ମହିଳାମାନଙ୍କ ପାଇଁ ସମସ୍ତ ସୁଯୋଗ ଘୋଷଣା କରିଛନ୍ତି କିନ୍ତୁ ସେମାନେ ହାସଲ କରନ୍ତି ନାହିଁ । ଏହି ଉଦାହରଣ ପାଇଁ ଆମେ ଜାଣିବାକୁ ଚେଷ୍ଟା କରିବୁ ।

ମହିଳାମାନେ ସେମାନଙ୍କର ଅଧ୍ୟୟନରେ ଉତ୍କୃଷ୍ଟ । ଅଧ୍ୟୟନ ସମାପ୍ତ କରିବା ପରେ ସେମାନେ ବିବାହ କରିଥାନ୍ତି । କିନ୍ତୁ କେହି କହିପାରିବେ ନାହିଁ ଯେ ଜଣେ ମହିଳା ତାଙ୍କର ଅଧ୍ୟୟନ ସମାପ୍ତ କରନ୍ତି ତେବେ ସେ ଚାକିରି କରିବାକୁ ସମର୍ଥ ହେବେ । କିନ୍ତୁ କାହିଁକି ?? ଏକ ଶ୍ରେଣୀରେ ସର୍ବଦା ମହିଳାମାନଙ୍କ ତୁଳନାରେ ପୁରୁଷଙ୍କ ସଂଖ୍ୟା ଅଧିକ ଥାଏ । ଜଣେ ଶ୍ରେଣୀ ଶିକ୍ଷକ ପୁରୁଷ ଏବଂ ମହିଳାମାନଙ୍କୁ ସମାନ ଜିନିଷ ଶିକ୍ଷା ଦେଉଛନ୍ତି । କିନ୍ତୁ କାହିଁକି ! ! ସେମାନେ ଆଗକୁ ଯିବେ ପୁଅମାନେ କାମ କରିବେ ଏବଂ ମହିଳାମାନେ ବିବାହ କରିବେ ।

ମୁଁ କହୁଛି ପୁଅମାନଙ୍କ ତୁଳନାରେ ମହିଳା ମାନେ ଅଧିକ ଶକ୍ତିଶାଳୀ । ବିବାହ ପରେ ସେମାନେ ନିଜ ଶାଶୁଘରେ ସମସ୍ତ ଯନ୍ତ୍ରଣା ବହନ କରନ୍ତି । କିଛିବର୍ଷ ପରେ ସେମାନେ ପ୍ରସବ କରିବାକୁ ସମର୍ଥ ହେବେ, ସେହି ଜନ୍ମ ସମୟରେ ସେମାନେ ଅଧିକ ଯନ୍ତ୍ରଣା ଅନୁଭବ କରନ୍ତି । ଏହି ଯନ୍ତ୍ରଣା ଏକା ସାଙ୍ଗରେ ୨୦ଟି ହାଡ ଫାଟ ସହିତ ସମାନ । ସେମାନଙ୍କର ଯୁବା ପର୍ଯ୍ୟାୟରେ ସେମାନେ ମଧ୍ୟ ସେମାନଙ୍କର ପିରିୟଡ୍ ଯନ୍ତ୍ରଣାକୁ ବଜାୟ ରଖନ୍ତି । ସମସ୍ତ ଯନ୍ତ୍ରଣାରେ ସେମାନେ ହତାଶ ହୁଅନ୍ତି ନାହିଁ । ସେମାନେ ଏହି ଦୁନିଆରେ ଆଗକୁ ଯିବାକୁ ଚେଷ୍ଟା କରନ୍ତି । କିଛି ସମୟ ସେମାନେ ଅନ୍ୟମାନଙ୍କ ସୁଖ ପାଇଁ ସେମାନଙ୍କର ସମସ୍ତ ଜିନିଷ ନଷ୍ଟ କରନ୍ତି । ଆମ ମା' ଆମ ଜୀବନର ସର୍ବୋତ୍ତମ ଉଦାହରଣ ।

ଏହି ସମାଜରେ କିଛି ଅଶିକ୍ଷିତ ବ୍ୟକ୍ତି ଯିଏ କେବେ ମହିଳାଙ୍କ ବିକାଶ କରିବାକୁ ଚାହୁଁନାହାଁନ୍ତି । ଯେତେବେଳେ ଜଣେ ମହିଳା ବାହାରେ ପାଦ ରଖନ୍ତି ସେମାନେ ତାଙ୍କ ବିରୁଦ୍ଧରେ ଗପସପ କରନ୍ତି । ସେମାନେ ସର୍ବଦା ତାଙ୍କ କାର୍ଯ୍ୟର ସମୟସୀମାକୁ ତାଙ୍କ ଆଚରଣକୁ ଲକ୍ଷ୍ୟ କରନ୍ତି । କିନ୍ତୁ କାହିଁକି ?? ମହିଳାମାନେ ଆଜିକାଲି ସମସ୍ତ ଜିନିଷ ହାସଲ କରିବାକୁ ସକ୍ଷମ ହୋଇଛନ୍ତି ।

ଆଜିକାଲି କିଛି ଦମ୍ପତିଙ୍କର ଦୁଃଖ ଅଛି, ଯାହାର କନ୍ୟା ସନ୍ତାନ ଅଛନ୍ତି, କିନ୍ତୁ ସେମାନଙ୍କର କନ୍ୟା ସନ୍ତାନମାନଙ୍କ ପାଇଁ ନୁହେଁ, ସେମାନଙ୍କର ଦୁଃଖ ସମାଜ ତାଙ୍କ କନ୍ୟା ସନ୍ତାନ ଉପରେ ନଜର ରଖିଛି । କନ୍ୟାର ପିତାମାତା ସେମାନଙ୍କ ପାଇଁ ଅତିରିକ୍ତ ସତର୍କତା ଅବଲମ୍ବନ କରନ୍ତି । କାହିଁକି ?? ସମସ୍ତେ କୁହନ୍ତି ଯେ ଆମେ ସମସ୍ତେ ସ୍ୱାଧୀନ, ତେବେ କାହିଁକି କନ୍ୟା ଶିଶୁ ପିତାମାତା ତାଙ୍କ ବିରୁଦ୍ଧରେ ଅତିରିକ୍ତ ସତର୍କତା ଅବଲମ୍ବନ କଲେ ? କାହିଁକି ମହିଳାମାନେ ରାତିରେ ବାହାରେ ସୁରକ୍ଷିତ ନୁହଁନ୍ତି । କାହିଁକି ମହିଳାମାନେ ବାହାରେ ଏକାକୀ ବୁଲି ପାରନ୍ତି ନାହିଁ । କାହାର କିଛି ଉତ୍ତର ନାହିଁ । କିନ୍ତୁ ୧୫ ଅଗଷ୍ଟରେ ଆମେ ସମସ୍ତେ କହୁଛୁ ଆମେ ସମସ୍ତେ ସ୍ୱାଧୀନ ଅଟୁ ।

ଭାରତୀୟ ସଂସ୍କୃତିରେ ଆମେ ସମସ୍ତେ ଦେବୀଲକ୍ଷ୍ମୀ, ଦେବୀସରସ୍ୱତୀ, ଦେବୀ ପାର୍ବତୀ ପ୍ରାର୍ଥନା କରୁ କିନ୍ତୁ ଆମେ କନ୍ୟା

ଶିଶୁମାନଙ୍କୁ ପସନ୍ଦ କରୁନାହୁଁ; କାହିଁକି !

ଜଣେ ମହିଳାଙ୍କର ଅଧିକ ଧୈର୍ଯ୍ୟଶକ୍ତି ଅଛି । କୌଣସି ସମସ୍ୟାରେ ଜଣେ ମହିଳା କଦାପି ଉଦାସ ହୁଅନ୍ତି ନାହିଁ । ସେ ସବୁବେଳେ ଯେକୌଣସି ମୂଲ୍ୟରେ ସମସ୍ୟାର ସମାଧାନ କରିବାକୁ ଚେଷ୍ଟାକରନ୍ତି । ସେ ବାହ୍ୟ କାର୍ଯ୍ୟ ସହିତ ଘର କାର୍ଯ୍ୟକୁ ପରିଚାଳନା କରିବାରେ ସକ୍ଷମ ହୁଅନ୍ତି । ସ୍ୱାମୀଙ୍କ କାର୍ଯ୍ୟ, ପିଲାଙ୍କ ଅଧ୍ୟୟନ, ଶାଶୁ ଏବଂ ଶ୍ୱଶୁରଙ୍କ ସ୍ୱାସ୍ଥ୍ୟ ଅବସ୍ଥା, ଆର୍ଥିକ ସ୍ଥିତି, ଚାକିରୀ ସମ୍ବନ୍ଧୀୟ କାର୍ଯ୍ୟ, ଦୈନନ୍ଦିନ କାର୍ଯ୍ୟ ଇତ୍ୟାଦି ସମସ୍ତ ବିଷୟର ଯତ୍ନ ନିଅନ୍ତି ।

ମୁଁ କହିବାକୁ ଚାହେଁ ସମସ୍ତ କନ୍ୟା ଶିଶୁ ପିତାମାତା, ତୁମର କନ୍ୟା ସନ୍ତାନମାନଙ୍କ ପାଇଁ ଦୁଃଖ କରନ୍ତୁ ନାହିଁ । ଆପଣ ସମସ୍ତେ ଏକ ମୂଲ୍ୟବାନ ଡାଇମଣ୍ଡ୍ ହାସଲ କରିଛନ୍ତି । ତା'ର ବିବାହ ଜୀବନ ବିଷୟରେ ଚିନ୍ତାକର ନାହିଁ । ସେମାନଙ୍କୁ ଅଧିକ ଶିକ୍ଷିତ କରିବା ପାଇଁ, ସେମାନଙ୍କୁ ଜୀବନରେ କିଛି ହାସଲ କରିବାକୁ ସୁଯୋଗ ଦିଅନ୍ତୁ । ଆମେ ସେମାନଙ୍କୁ ସ୍ୱାଧୀନ କରିବା ଆବଶ୍ୟକ ।

କଳ୍ପନା ଚାଓ୍ୱଲା ଜଣେ ମହିଳା ଥିଲେ ଯିଏକି ମହାକାଶକୁ ଯାଇଥିଲେ । ଇନ୍ଦିରା ଗାନ୍ଧୀ ଏପରି ଜଣେ ମହିଳା ଥିଲେ ଯାହାର ପିତାମାତାଙ୍କର ଏକମାତ୍ର ସନ୍ତାନ ଥିଲେ କିନ୍ତୁ ସେ ଆମ ଦେଶକୁ ନିୟନ୍ତ୍ରଣ କରୁଥିଲେ । ତେଣୁ କନ୍ୟା ସନ୍ତାନମାନେ ଅନୁତାପ କରନ୍ତୁ ନାହିଁ କାରଣ ଆମେ କିଛି ବି କରିପାରିବା ।

-୦-

ଫାର୍ମାସିରେ ଡିପ୍ଲୋମା,
ଖଲିକୋଟ, ଗଂଜାମ





# ପ୍ରଗତି ପଥେ ନାରୀ

**ଶେଷଦେବ ବେହେରା**

ଆଜିର ନାରୀ ଉଚ୍ଚ ଶିକ୍ଷିତା, ସ୍ୱାବଲମ୍ବୀ । ଅନେକ କ୍ଷେତ୍ରରେ ପୁରୁଷମାନଙ୍କଠାରୁ ଆଗରେ । ବର୍ତ୍ତମାନ ସମୟରେ ନାରୀମାନଙ୍କର କାର୍ଯ୍ୟ ଯେ ଚୁଲିମୁଣ୍ଡରେ ସୀମିତ ହୋଇ ରହିନାହିଁ । ନାରୀ ଆଉ ଅବଳା ଦୁର୍ବଳା ହୋଇ ରହିନାହିଁ । ସମାଜର ଚିନ୍ତାଧାରା ସମ୍ପୂର୍ଣ୍ଣ ବଦଳି ଯାଇଛି । ନାରୀ ସମାଜର ଦିଗବାରିଣୀ ପରିବାରରୁ ପରିବେଶକୁ ସଜାଡ଼ି ଦିଏ । ସାଧାରଣରେ ଅସାଧାରଣ କାର୍ଯ୍ୟ ଆଜିର ନାରୀ କରି ଦେଖାଉଛନ୍ତି । ବିଶେଷକରି ସମାଜରେ ମହିଳାମାନଙ୍କ ଭୂମିକା ପ୍ରତିକ୍ଷେତ୍ରରେ ଅଦମ୍ୟ ସାହସିକତାରେ ପରିପୂର୍ଣ୍ଣ । ତେବେ ସମାଜର ପାରମ୍ପରିକ ରୋଷେଇଶାଳାରୁ ବାହାରକୁ ଯାଇ ନିଜର ନିଆରା ରୁଚିକୁ ନ୍ୟାୟ ଦେବା ସହ ନିଜର ସାମର୍ଥ୍ୟକୁ ଉପଯୋଗ କରିବା ହେଉଛି ଜଣେ ସଚେତନ ନାରୀର ପରିଚୟ । ଭଲ ଝିଅ, ଭଲ ଗୃହିଣୀ ବା ଭଲ ମାଆଟିଏ ହେବାରେ ଯେତିକି ସୁଖ ସେତିକି ସୁଖ ଥାଏ ନିଜେ ଚାହୁଁଥିବା ମତେ ନିଜକୁ ତିଆରି କରିବାରେ । ଆମ ସମାଜର ନାରୀମାନେ ଆତ୍ମବିଶ୍ୱାସୀ ହୋଇ ଗୋଟିଏ ଭିନ୍ନବାଟରେ ଚାଲିବାକୁ ନିଜକୁ ପ୍ରସ୍ତୁତ କରନ୍ତି ଏବଂ ସେମାନଙ୍କର ଅବିଶ୍ରାନ୍ତ ପରିଶ୍ରମ ସେମାନଙ୍କୁ ସଫଳ କେବଳ କରିନି, ଶୀର୍ଷସ୍ଥାନରେ ପହଞ୍ଚି ଅନ୍ୟମାନଙ୍କୁ ମଧ୍ୟ ଆଲୋକ ଦେଖାଇଛନ୍ତି ।

ଶ୍ରୀମତୀ ପ୍ରତିଭା ପାଟିଲ ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ଆସନ ଅଳଙ୍କୃତ କରି ଆମ ଦେଶ ଭାରତର ପ୍ରଥମ ନାଗରିକ ହେବାର ସେ ସୌଭାଗ୍ୟ ଅର୍ଜନ କରିଛନ୍ତି । ସେହିପରି ମୟୂରଭଞ୍ଜରେ ଜନ୍ମିତ ନାରୀନେତ୍ରୀ ଦ୍ରୌପଦୀ ମୁର୍ମୁ ଜଣେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ହୋଇଥିଲେ ମଧ୍ୟ ୨୦୧୫ରେ ଝାଡ଼ଖଣ୍ଡ ରାଜ୍ୟପାଳରୁ ଆମ ଦେଶର ପଞ୍ଚଦଶତମ ରାଷ୍ଟ୍ରମୁଖ୍ୟ ଭାବେ ୨୦୨୨ରେ ମହାମହିମ ରାଷ୍ଟ୍ରପତି ଆସନରେ ଅଳଙ୍କୃତ ହୋଇ ପାରିଛନ୍ତି । ଦେଶର କଠିନ ପରିଶ୍ରମ ବଳରେ ତ ପୁରୁଷମାନଙ୍କୁ ପଛରେ ପକାଇବାର ସମର୍ଥ ହୋଇଛନ୍ତି । ସତରେ ଆଜିର ନାରୀମାନେ ସମାଜର କୌଣସି କ୍ଷେତ୍ରରେ ପଛୁଆ ହୋଇ ରହି ନାହାନ୍ତି । ଦୁନିଆରେ ନାରୀଙ୍କ ପାଇଁ ଅସମ୍ଭବ ବୋଲି କିଛି ନାହିଁ । ଏମିତି କୌଣସି ସ୍ଥାନ ନାହିଁ ଯେଉଁଠି ନାରୀ ସେଠାରେ ପହଞ୍ଚିପାରି ନାହିଁ । କ୍ରୀଡ଼ା, ବିଜ୍ଞାନ, ରାଜନୀତି, ଅର୍ଥନୀତି, ଉଦ୍ୟୋଗ ଓ ପରିବେଶ ସଚେତନତାଠାରୁ ଆରମ୍ଭ କରି ସମାଜସେବା କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିଛନ୍ତି । ସ୍ୱିଡେନର ମାତ୍ର ଷୋହଳ ବର୍ଷର ଜଣେ ବାଳିକା ଗ୍ରେଟା ଥୁନବର୍ଗ ତାଙ୍କର ସୀମିତ ଅଭିଭାଷଣରେ ଜଳବାୟୁ ଶବ୍ଦର ଚେତନା ବିଶ୍ୱ ନେତୃବୃନ୍ଦଙ୍କୁ ବେଶ ଆନ୍ଦୋଳିତ କରିଥିଲା । ଯାହା ସମଗ୍ର ବିଶ୍ୱବାସୀଙ୍କ ମନରେ ଏକ ଚିନ୍ତାର ବିଷୟ ମଧ୍ୟ ପାଲଟିଛି । ତାଙ୍କର ଏପରି କାର୍ଯ୍ୟ ପାଇଁ ସ୍ୱିଡେନ ସରକାର ଏତେ କମ୍ ବୟସରେ ବୈକଳ୍ପିକ ନୋବେଲ ପୁରସ୍କାର ପ୍ରଦାନ କରିବାକୁ ସ୍ଥିର କରିଛି । ଅଦିନିଆ ଝଡ଼ ପରି ଆସି ଏହି କୁନି ମହିଳା ଜଣକ ବିଶ୍ୱବାସୀଙ୍କର ଆଖି ଖୋଲି ଦେଇଛନ୍ତି । ସେହିଭଳି ପାକିସ୍ଥାନର ଝିଅ ମଲାଲା ୟୁସୁଫଜଇ ମାତ୍ର ୧୬ ବର୍ଷ ବୟସରେ ନୋବେଲ ଶାନ୍ତି ପୁରସ୍କାର ଦେବାକୁ ନୋବେଲ କମିଟିକୁ ବାଧ୍ୟ କରିଥିଲା । ଯାହାଥିଲା ବିଶ୍ୱର ସର୍ବକନିଷ୍ଠ ନୋବେଲ ଶାନ୍ତି ପୁରସ୍କାର । ସେ ନିଜର ଚେତନା ବଳରେ ଦେଶରେ ନିଜର ଅଧିକାରକୁ ରକ୍ଷାକରିବା ପାଇଁ ଦୃଢ଼ ସଂକଳ୍ପବଦ୍ଧ ହୋଇ ସ୍ୱର ଉତ୍ତୋଳନ କରିଥିଲେ, ପୁଣି ପାକିସ୍ଥାନ ଭଳି ମୁସଲିମ ରାଷ୍ଟ୍ରରେ । ଖ୍ୟାତନାମା ନୋବେଲ ଶାନ୍ତି ପୁରସ୍କାର ଇତିହାସରେ ପଞ୍ଚମ ଥର ପାଇଁ ଏପରି ଜଣେ ବ୍ୟକ୍ତିତ୍ୱଙ୍କୁ ଶାନ୍ତି ଲାଗି ସମ୍ମାନିତ କରାଯାଇଛି ଯିଏ ବନ୍ଦୀ ଜୀବନ ବିତାଉଛନ୍ତି । ନାମ ତାଙ୍କର ନର୍ଗିସ ମହମ୍ମଦି, ଠିକଣା ତେହେରାନ ଜେଲ । ସେ ୩୧ ବର୍ଷର ଜେଲ ଦଣ୍ଡ ଭୋଗିବେ । ସେ ଇରାନୀ ମାନବାଧିକାର କର୍ମକର୍ତ୍ତା ଏବଂ ଡିଫେଣ୍ଡର ଅଫ୍ ହ୍ୟୁମାନ ରାଇଟରସ ଉପାଧକ୍ଷ ବୋଲି ନୋବେଲ ୱେବସାଇଟରୁ ଜଣା ପଡ଼ିଛି । ନବେ ଦଶକରେ ଇରାନରେ ମହିଳା ସ୍ୱାଧୀନତା ଏବଂ ସେମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିଥିଲେ । ସେ ମଧ୍ୟ ଇରାନରେ ମୃତ୍ୟୁ ଦଣ୍ଡ ଉଠାଇବା ପାଇଁ ତଥା ବନ୍ଦୀମାନଙ୍କ ସୁରକ୍ଷା ପାଇଁ ଲଢୁଥିଲେ । ତାଙ୍କ ପୁସ୍ତକ 'ହ୍ୱାଇଟ ଟର୍ଚ୍ଚର' ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଏବଂ ମାନବାଧିକାର ଫୋରମରେ ପୁରସ୍କୃତ ହୋଇସାରିଛି । ଏହି ସାହସ ଓ ସଂଘର୍ଷ ପାଇଁ ବ୍ୟକ୍ତିଗତ ଭାବେ ବହୁମୂଲ୍ୟ ଦେବାକୁ ହୋଇଛି ସତ ହେଲେ ସେ ଜୀବନ ଯୁଦ୍ଧରେ ହାରିଯାଇ ନାହାନ୍ତି ।

ଚନ୍ଦ୍ର ପୃଷ୍ଠରେ ଚନ୍ଦ୍ର ଯାନ -୩ ସଫଳତାର ସହ ଅବତରଣ କରିଛି ଯାହାକି ଦେଶପାଇଁ ଗର୍ବ ଓ ଗୌରବର କଥା । ସାରା ବିଶ୍ୱରେ ଭାରତ ପ୍ରଥମ ଦେଶ ଭାବେ ଚନ୍ଦ୍ରର ଦକ୍ଷିଣମେରୁରେ ଓହ୍ଲାଇ ନିଜ ନାଁକୁ ଇତିହାସର ସ୍ୱର୍ଣ୍ଣିମ ଅକ୍ଷରରେ ଲେଖିଛି । ତେବେଏହି ଅଭିଯାନରେ ଏମିତି କିଛି ବ୍ୟକ୍ତିବିଶେଷ ରହିଛନ୍ତି ଯେଉଁମାନଙ୍କ ଅବଦାନ ଅତୁଳନୀୟ

ଅବର୍ଣ୍ଣନୀୟ । ତେବେ ଏମାନଙ୍କ ଭିତରେ ରହିଛନ୍ତି କିଛି ମହିଳା ପ୍ରତିଭା ଓ ଶକ୍ତି । ଯାହା କୁହାଯାଉଛି ଇସ୍ରୋର ରକେଟ୍ ଓ୍ୱିମେନ । ରିଙ୍କୁ ଅଗ୍ରଓ୍ୱାଲ, ହର୍ଷିତା ତୋଲାନୀ, ମାଧବୀ ଠାକରେ, ଶ୍ୱେତା କିରକରେ, ଜଳଶ୍ରୀ ଦେଶାଇ- ଏହି ପାଞ୍ଚଜଣଙ୍କୁ ନେଇ ଆମ ଦେଶ ଭାରତରେ ଚର୍ଚ୍ଚାର ଶିରୋନାମା ହୋଇଛି । ଭାରତ ଆଜି ଇସ୍ରୋର ଯେଉଁ ମହିଳା ବୈଜ୍ଞାନିକମାନଙ୍କ ଦକ୍ଷତା, ସାହସ, ବୁଦ୍ଧି, ପରିଶ୍ରମ ଓ ଅବଦାନ ଯୋଗୁଁ ଚନ୍ଦ୍ର ପୃଷ୍ଠରେ ପହଞ୍ଚି ପାରିଛି ସେମାନଙ୍କୁ ଭାରତୀୟ ପାରମ୍ପରିକ ପରିଧାନ 'ଶାଢ଼ୀ'ରେ ଦେଖିବାକୁ ମିଳିଥିଲା ।

ଏସିଆର ପ୍ରଥମ ମହିଳା ଲୋକୋ ପାଇଲଟ ସୁରେଖା ଯାଦବ । ବର୍ତ୍ତମାନ ବନ୍ଦେ ଭାରତ ଟ୍ରେନ୍ ଚଳାଇ ତାଙ୍କ ସ୍ୱପ୍ନ ସାକାର କରିଛନ୍ତି । ସେ ପୁରୁଷମାନଙ୍କ ସହ କାନ୍ଧରେ କାନ୍ଧ ମିଶାଇ କାମ କରୁଛନ୍ତି ଏବଂ ଦେଶର ସମସ୍ତ ମହିଳାଙ୍କ ପାଇଁ ଆଦର୍ଶ ସାଜିଛନ୍ତି । ୧୯୮୯ରେ ଯେତେବେଳେ ସେ ମହିଳା ଲୋକୋମୋଟିଭ ପାଇଲଟ ଭାବରେ ଚାକିରି ଆରମ୍ଭ କଲେ ସେତେବେଳେ ଏହା ପୂର୍ବରୁ ଭାରତୀୟ ରେଳବାଇରେ କୌଣସି ମହିଳା ଡ୍ରାଇଭର ନ ଥିଲେ । ଦୀର୍ଘ କୋଡ଼ିଏ ବର୍ଷରୁ ଊର୍ଦ୍ଧ୍ୱସମୟ ସରକାରୀ ବସ୍‌ର ଷ୍ଟିୟରିଂକୁ ଧରି ରଖିଥିବା ଏସିଆର ପ୍ରଥମ ମହିଳା ବସ୍ ଚାଳକ ବସନ୍ତ କୁମାରୀ । ପୁରୁଷ ହୋଇ ନ ଥିବାରୁ ଅନେକ ଥର ପ୍ରତ୍ୟାଖ୍ୟାତ ହୋଇଥିଲେ ମଧ୍ୟ ନିଜ ସ୍ୱପ୍ନର କ୍ୟାରିୟରକୁ ତ୍ୟାଗ କରି ନ ଥିଲେ । ସେ ଏବେ ମହିଳା ଡ୍ରାଇଭରଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି, ଯିଏ ୬ଟି ପିଲାଙ୍କୁ ଲାଳନପାଳନ କରିବା ସହିତ ନିଜ ସ୍ୱପ୍ନକୁ ସାକାର କରିବାରେ ସଫଳ ହୋଇଛନ୍ତି । ବସନ୍ତ କୁମାରୀ ଏକ ସାକ୍ଷାତକାରରେ କହିଥିଲେ, 'ତାଙ୍କ ଲାଇସେନ୍ସ ଆବେଦନ ଅନେକ ଥର ପ୍ରତ୍ୟାଖ୍ୟାତ ହୋଇଛି । ଏପରିକି ତାଙ୍କ ଦକ୍ଷତା ପରୀକ୍ଷା ପାଇଁ ସୁଯୋଗ ମିଳି ନ ଥିଲା । ଅନେକ ଅନୁରୋଧ ପରେ ହିଁ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ବାସ୍ତବରେ ସେ ଯେତେବେଳେ ବସ୍ ଚଳାଉଥିଲେ, ଅଫିସରମାନେ ଭିନ୍ନ ଆଚରଣ କରୁଥିଲେ ଏବଂ ଏକାଧିକ ଥର ତାଙ୍କର ପରୀକ୍ଷା ନେଉଥିଲେ । କିନ୍ତୁ ସେମାନେ ସମ୍ପୂର୍ଣ୍ଣ ଭୁଲ ଥିଲେ ।' ମୁଁ ଦକ୍ଷତାର ସହ ବସ୍ ଚଳାଇଲି ଏବଂ ଅଧିକାରୀମାନେ ଆଶ୍ଚର୍ଯ୍ୟ ହୋଇଗଲେ । ମୋର ଆବେଦନକୁ ପ୍ରତ୍ୟାଖ୍ୟାନ କରିବାର ସେମାନଙ୍କ ପାଖରେ କୌଣସି କାରଣ ନ ଥିଲା । ଅବସର ନେବା ପର୍ଯ୍ୟନ୍ତ ମୋର ସମ୍ପୂର୍ଣ୍ଣ ସେବାରେ ଗୋଟିଏ ହେଲେ ବି ଦୁର୍ଘଟଣା ହୋଇନାହିଁ ।

ମୋତେ ଲିଙ୍ଗଗତ ଆଧାରରେ କୌଣସି ପ୍ରକାରର ରିହାତି ଦିଆଯାଇ ନ ଥିଲା । ନୂଆ କର୍ମକ୍ଷେତ୍ରରେ ଅନ୍ୟ ମହିଳାମାନେ ନ ଥିବାରୁ ପ୍ରଥମେ ମୋତେ କଷ୍ଟ ଲାଗିଲା କିନ୍ତୁ ପରେ ନିଜକୁ ଖାପ ଖୁଆଇବା ସହଜ ହୋଇଗଲା ବୋଲି ଦର୍ଶାଇଥିଲେ ।

ଦୃଷ୍ଟିବାଧିତ ମହିଳା କ୍ରିକେଟର ଓ ଫୁଟବଲର ଅନନ୍ୟ ପ୍ରତିଭାର ଅଧିକାରୀ ହେଉଛନ୍ତି ପଦ୍ମିନୀ ଟୁଡୁ । ଦୃଷ୍ଟିବାଧିତ ହେଲେ ବି ସେ ହାରି ଯାଇ ନାହାନ୍ତି । ଦୁନିଆକୁ ସମ୍ପୂର୍ଣ୍ଣଭାବେ ଦେଖି ପାରୁ ନ ଥିଲେ ମଧ୍ୟ ନିଜ ଉଦ୍ୟମରେ ଆନ୍ତର୍ଜାତୀୟ ସ୍ତରରେ ସାଉଁଟିଛନ୍ତି ସଫଳତାଏବଂ ଅନ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି । ନିଷ୍ଠା ଏକାଗ୍ରତା ଆଉ ଆତ୍ମବିଶ୍ୱାସ ଥିଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା କଷ୍ଟସାଧ ହୋଇ ନ ଥାଏ । କ୍ରୀଡାକ୍ଷେତ୍ରରେ ଏଭଳି ଅନେକ ଉଦାହରଣ ରହିଛି ଯେପରି ସେଥି ମଧ୍ୟରୁ ମହିଳା ଜାଭେଲିନ ଫିଙ୍ଗାଳି ଅନୁ ରାଣୀ ଅନ୍ୟତମ । ଅର୍ଥ ଅଭାବରୁ ବାଉଁଶରେ ତିଆରି ଜାଭେଲିନରେ ଅଭ୍ୟାସ ସହ ଏସୀୟ କ୍ରୀଡାରେ ପ୍ରଥମ ଭାରତୀୟ ମହିଳା ଭାବେ ସ୍ୱର୍ଣ୍ଣ ପଦକ ଜିତି ଅନୁ ଅନ୍ୟମାନଙ୍କ ପାଇଁ ଯେଉଁ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି ତାହା ଅବିସ୍ମରଣୀୟ ।

ମହିଳା ଖେଳାଳିମାନଙ୍କ ପ୍ରତିଭା ଏବେ ଆଉ ଅଛପା ହୋଇ ରହି ନାହିଁ । ସଂଘର୍ଷର ପଙ୍କରୁ ସଫଳତା ପର୍ଯ୍ୟନ୍ତ ଏସବୁ ଭାତହାଣ୍ଡିରୁ ଗୋଟିଏ ପରି । ଏଥିରୁ ସ୍ପଷ୍ଟ ଅନୁମେୟ ପଦକ ବିଜୟ ହେବା ବିଶ୍ୱ ସମକକ୍ଷରେ ସ୍ପଷ୍ଟ କରିଛି, ଏହା ନୂଆ ଭାରତର ଛବି ଏବଂ ସାରା ବିଶ୍ୱରେ ଭାରତୀୟ ନାରୀମାନେ ସ୍ୱତନ୍ତ୍ର ପରିଚୟସୃଷ୍ଟିକରି ନିଜର ଛାପ ଛାଡ଼ିବେ । ସମାଜରେ ସର୍ବଦା ମହିଳାମାନେ ଛାଇ ହୋଇ ରହିଛନ୍ତି । ଗାଁ ଗାଁ ରେ ମହିଳା ସଂଗଠନ ମାନ କାର୍ଯ୍ୟ କରୁଛନ୍ତି । ନିଜର ପରିବାର ଭରଣପୋଷଣ ଠାରୁ ଆରମ୍ଭ କରି ଚନ୍ଦ୍ର ପୃଷ୍ଠରେ ପାଦ ଥାପିଲେଣି । ବର୍ତ୍ତମାନ ସମୟର ମହିଳାମାନେ 'ମିଶନ ଶକ୍ତି' ମାଧ୍ୟମରେ ନାରୀ ସଶକ୍ତିକରଣରେ ଶକ୍ତିମୟୀ ଭାବେ ଉଭା ହୋଇଛନ୍ତି ।

-୦-

ଶିକ୍ଷକ, ଗୌରାଙ୍ଗପାଟଣା, ରମ୍ଭା, ଗଞ୍ଜାମ,
ମୋ-୭୫୦୪୯୨୪୯୪୮



# ଚନ୍ଦ୍ରଯାନ-୩ର ସଫଳ ରୂପକାର ମହିଳା ବୈଜ୍ଞାନିକ

**ମିନା କୁମାରୀ ଟହଲ**

ସମୟ ଅନେକ ବଦଳି ଯାଇଛି । ମନୁଷ୍ୟ ଜୀବନର ବଞ୍ଚିବା ଶୈଳୀ ଅର୍ଥାତ ଆମ ଭାଷା, ସାହିତ୍ୟ, ସଂସ୍କୃତି ଓ ସଭ୍ୟତା ସର୍ବୋପରି ବଦଳିଯିବା ସହିତ ନୂତନ ଚିନ୍ତା ଓ ଚେତନାର ବିକାଶ ମଧ୍ୟ ହୋଇଛି । ମନୁଷ୍ୟ ତା' ନିଜର ଦୃଢ଼ ଆଶା, ଆତ୍ମବିଶ୍ୱାସ ଓ ଅଦମ୍ୟ ଉଦ୍ୟମ ଦ୍ୱାରା ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିପାରିଛି । ସେ ନୀଳ ଆକାଶରେ ପକ୍ଷୀପରି ଉଡିବୁଲିବା ସହିତ ଜଳରେ ମୀନ ପରି ପହଁରି ପାରିଛି । ବଡ ସୁଖର ବିଷୟ ଏହା ଯେ, ମନୁଷ୍ୟ ଦୂର ଆକାଶର ଗ୍ରହ ନକ୍ଷତ୍ରଙ୍କ ମଧ୍ୟରେ ଘୁରିବୁଲିବା ସହିତ ଜହ୍ନମାମୁଙ୍କ ପାଖରେ ପହଞ୍ଚି ନିଜର ପାଦ ଥାପି ପାରିଛି । ଏ ସବୁ କେବଳ ସମ୍ଭବ ହୋଇପାରିଛି ଆମ ବିଜ୍ଞାନ ଦ୍ୱାରା । ଏହି ବିଜ୍ଞାନ ମନୁଷ୍ୟ ଜୀବନକୁ ସରଳ ସୁନ୍ଦର ଭାବରେ ଗଢ଼ିତୋଳିବା ସହିତ ଅନେକ ଅନ୍ଧବିଶ୍ୱାସ ଓ କୁସଂସ୍କାର ପ୍ରଥାର ବିଲୋପ ମଧ୍ୟ ହୋଇଛି । କହିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଯେ, ଆଜି ଭାରତ ଚନ୍ଦ୍ରଯାନ-୩ ର ସଫଳତା ସହ ଭାରତ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାରେ ଚତୁର୍ଥ ରାଷ୍ଟ୍ରଭାବରେ ଗୌରବ ଅର୍ଜନ କରିପାରିଛି ଏବଂ ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁରେ ପାଦ ଥାପିବା କ୍ଷେତ୍ରରେ ଭାରତ ପ୍ରଥମ ଦେଶଭାବରେ ସୁନାମ ଅର୍ଜନ କରିପାରିଛି । ଏହି ମିଶନକୁ ସଫଳ କରାଇବାରେ ଇସ୍ରୋର ବୈଜ୍ଞାନିକମାନଙ୍କ ମଧ୍ୟରେ ସଫଳତାର ଫର୍ଦ୍ଦ ଯୋଡିଛନ୍ତି ପୁରୁଷ ବୈଜ୍ଞାନିକମାନଙ୍କ ସହିତ ମହିଳା ବୈଜ୍ଞାନିକମାନେ । ମହିଳା ବୈଜ୍ଞାନିକ ମାନେ ଇସ୍ରୋର ଚନ୍ଦ୍ରଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିଛନ୍ତି । ଚନ୍ଦ୍ରଯାନ-୩ ର ସଫଳତାର ମୁଖ୍ୟ ଭୂମିକାରେ ଇସ୍ରୋର ଅଧ୍ୟକ୍ଷ ବୈଜ୍ଞାନିକ ଏସ୍ ସୋମନାଥ, ପ୍ରୋଜେକ୍ଟ ଡାଇରେକ୍ଟର ବୈଜ୍ଞାନିକ ବୀର ମୁଥୁଭେଲ, ମିଶନ ଡାଇରେକ୍ଟର ବୈଜ୍ଞାନିକ ମୋହନ କୁମାର, ବରିଷ୍ଠ ବୈଜ୍ଞାନିକ ରିତୁ କାରିଧାଲ । ମହିଳା ବୈଜ୍ଞାନିକ ରିତୁ କାରିଧାଲ ମଙ୍ଗଳଯାନ ଓ ମାସ ଉପରେ କାର୍ଯ୍ୟ କରନ୍ତି । ବୈଜ୍ଞାନିକ ଏ.ପି.ଜେ.ଅବଦୁଲ କଲାମ ତାଙ୍କୁ ୨୦୦୭ ମସିହାରେ ଯୁବ ସାଇଣ୍ଟିଷ୍ଟ୍ ପୁରସ୍କାର (AIIO) ପ୍ରଦାନ କରିଥିଲେ । ରିଙ୍କୁ ଓ ହର୍ଷିତା ଇସ୍ରୋର ସ୍ପେଶ୍ ଆପ୍ଲିକେସନ ସେଣ୍ଟରରେ ବୈଜ୍ଞାନିକ ଭାବେ କାମ କରୁଛନ୍ତି । ସେମାନେ ଚନ୍ଦ୍ରଯାନ-୩ର ମାଇକ୍ରୋ ରିମୋର୍ଟ ସେନ୍ସିଙ୍ଗ ଏରିଆ ବା ଏସଆର୍ଏସ ସହିତ ସଂପୃକ୍ତ ଥିଲେ । ବୈଜ୍ଞାନିକ ମାଧବୀ ଠାକରେ ହାଜାର୍ଡ଼ ଡିଟେକ୍ସନ ଓ ଆଡଭାନସ୍ ଡିଟେକ୍ସନ ସଫ୍ଟୱେୟାର ସିଷ୍ଟମ ସହିତ ଜଡିତ ଥିଲେ । ବୈଜ୍ଞାନିକ ଶ୍ୱେତା ଓ ଜଳଶ୍ରୀ ଲ୍ୟାଣ୍ଡର ପୋଜିସନ ଡିଟେକ୍ସନ କ୍ୟାମେରା ଏଲ.ପି.ଡି.ସି ବିଭାଗ ପାଇଁ କାମ କରନ୍ତି । ଏହିଭଳି ୧୦୦ ଜଣ ମହିଳା ବୈଜ୍ଞାନିକ ଇସ୍ରୋର ଚନ୍ଦ୍ରଯାନ-୩ କାର୍ଯ୍ୟ କରୁଥିବା ବେଳେ ସେଥିମଧ୍ୟରୁ ୫୩ ଜଣ ଇଞ୍ଜିନିୟର ବୈଜ୍ଞାନିକ ଭାବେ ପ୍ରସିଦ୍ଧ ଲାଭ କରିଛନ୍ତି । ଏହି ମହିଳା ବୈଜ୍ଞାନିକମାନେ ସାଜିଛନ୍ତି ଚନ୍ଦ୍ରଯାନ ମିଶନର ମଙ୍ଗୁଆଳ । ବିଶ୍ୱ ଦେଖିଛି ସେମାନଙ୍କ ଶକ୍ତିର ପରାକାଷ୍ଠା । ବୈଜ୍ଞାନିକ ରିତୁ କ୍ରିଧାଇ, ନଳିନୀ ହରିନାଥ, ଏମ ବନୀଥା ମୁଥେୟା, ଟିକେ ଅନୁରାଧା ମିନଲ ସମ୍ପଥ୍, ମୋସିତ୍ତା ଦତ୍ତ ଭଳି ମହିଳା ବୈଜ୍ଞାନିକ ମାନେ ରକେଟ ଓମେନ୍ ହୋଇପାରିଛନ୍ତି । ଏହି ମହିଳା ବୈଜ୍ଞାନିକମାନେ ହେଲେ ଆମ ଦେଶର ଗର୍ବ ଓ ଗୌରବର ପ୍ରତୀକ । ଏହି ମହିଳା ବୈଜ୍ଞାନିକ ମାନଙ୍କ ସଂପର୍କରେ ଆଲୋଚନା ହେଉଥିବା ଅନ୍ୟାନ୍ୟ କ୍ଷେତ୍ରରେ ଦକ୍ଷ ମହିଳାମାନଙ୍କ ସଂପର୍କରେ ଆଲୋଚନା ସମ୍ୟକ ସୂଚନା ଦେବା ଯଥାର୍ଥ ମନେକରି ସେମାନଙ୍କର ଦକ୍ଷତା ସଂପର୍କରେ ଏଇଠି ପ୍ରଦାନ କରାଯାଇଛି, ଯଥା ଆମ ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ଆସନ ଅଳଂକୃତ କରି ମହାମହିମ ଶ୍ରୀମତି ପ୍ରତିଭା ପାଟିଲ ଭାରତ ବର୍ଷର ସୁନାମ ରଖିଥିଲେ । ବର୍ତ୍ତମାନ ଓଡ଼ିଶାର ଝିଅ ମହାମହିମ ଶ୍ରୀମତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଆସନ ଅଳଂକୃତ କରି ଭାରତବର୍ଷର ଗର୍ବଗୌରବକୁ ବଢ଼ାଇ ପାରିଛନ୍ତି । ଭାରତୀୟ ରାଜନୀତି କ୍ଷେତ୍ରରେ ମହାମହିମ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧି ଯଶସ୍ୱୀ ଅର୍ଜନ କରିଛନ୍ତି । ବର୍ତ୍ତମାନର ଚର୍ଚ୍ଚିତ ଚେହେରା ଭାରତର ଅର୍ଥମନ୍ତ୍ରୀ ମାନ୍ୟ ଶ୍ରୀମତୀ ସୀତାରମଣ, ଗୋଲ୍ଡେନ ଗାର୍ଲ ପିଭି ସିନ୍ଧୁ, ବ୍ୟାଡମିଣ୍ଟନ୍‌ରେ ଓଡିଆ ଝିଅ ଦୌଡରାଣୀ ଦୂତିଚାନ୍ଦ ବିଶ୍ୱକ୍ରୀଡା କ୍ଷେତ୍ରରେ ସ୍ୱର୍ଣ୍ଣପଦକ ଲାଭକରି ଭାରତ ପ୍ରଥମ ମହିଳା ଭାବେ ଗୌରବ ଅର୍ଜନ କରିଛନ୍ତି । ବିଜ୍ଞାନ ପରିଚାରିକା ପରି ଦୁଃସାହସିକ କାର୍ଯ୍ୟରେ ପାଇଲଟ ସାଜିଛନ୍ତି ଓଡିଆ ଝିଅ ସେଲବି ମିଶ୍ର । ଭାରତର ସ୍ୱାଧୀନତା ସଂଗ୍ରାମରେ ଝାନସୀ ରାଣୀ ଲକ୍ଷ୍ମୀବାଇ, ଅହଲ୍ୟା ବାଇ, ସରୋଜିନୀ ନାଇଡୁ ପ୍ରଭୃତିଙ୍କ କାର୍ଯ୍ୟ ଲିପିବଦ୍ଧ ହୋଇରହିଛି । କଣ୍ଠଶିଳ୍ପୀ ଭାବରେ ଶ୍ରୀମତୀ ଲତା ମଙ୍ଗେସକର, ଅନୁରାଧା ପଡ଼ୱାଲ ଭଳି ମହିଳାମାନେ ନିଜର ପାରଦର୍ଶିତାକୁ ଦେଖାଇ ପାରିଛନ୍ତି । ସୁନୀତା ଉଇଲିୟମସ୍ ପରି ନାରୀମାନେ ଗ୍ରହନକ୍ଷତ୍ରଙ୍କ ସହିତ ଘୁରିବୁଲୁଥିବା

ବେଳେ ବିଚ୍ଛେନ୍ଦ୍ରୀ ପାଲ ପରି ଏଭେରେଷ୍ଟର ଶୀର୍ଷତମ ସ୍ଥାନରେ ବିଜୟ ପତାକା ଉଡ଼ାଇ ପାରିଛନ୍ତି । ତେଣୁ ସେହି ମହିଳାମାନଙ୍କୁ ଯେଉଁଠି ଯେଉଁ କ୍ଷେତ୍ରରେ ସୁଯୋଗ ପ୍ରଦାନ କରାଯାଇଛି ସେଇଠି ମହିଳାମାନେ ନିଜର ଉତ୍କର୍ଷ ପ୍ରତିପାଦନ କରିଅଛନ୍ତି । ଏଥିରୁ ପ୍ରମାଣିତ କୌଣସି ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟନିର୍ବାହରେ ମହିଳା ପୁରୁଷମାନଙ୍କ ସହିତ ସମକକ୍ଷ । ତେଣୁ ଚନ୍ଦ୍ରଯାନ-୩ ର ସଫଳ ଅବତରଣରେ ପୁରୁଷ ବୈଜ୍ଞାନିକମାନଙ୍କ ସହିତ ମହିଳା ବୈଜ୍ଞାନିକ ମାନଙ୍କର ଭୂମିକା ଅତି ଉଚ୍ଚରେ ।

କହିବାର ମୁଖ୍ୟ ଉଦ୍ଦେଶ୍ୟ ଏହା ଯେ ଚନ୍ଦ୍ର ପୃଥିବୀଠାରୁ ୩ ଲକ୍ଷ ୮୪ ହଜାର ୪୦୦ କିଲୋମିଟର ଦୂରରେ ଅବସ୍ଥିତ । ଏହି ଚନ୍ଦ୍ରପୃଷ୍ଠରେ ଅବତରଣ କରିବା ମିଶନ ଋଷିଆ ଓ ଚୀନକୁ ଦୀର୍ଘ ଚାଳିଶବର୍ଷ ପରେ ସଫଳତା ମିଳିଥିଲା । ଏହାର ବହୁବର୍ଷ ପୂର୍ବରୁ ଆମେରିକାର ଗବେଷଣା କେନ୍ଦ୍ର ନାସା ପକ୍ଷରୁ ଆପୋଲ ମିଶନ-୧୧ଦ୍ୱାରା ୧୯୬୯ ମସିହାରୁ ୧୯୭୨ ମସିହା ପର୍ଯ୍ୟନ୍ତ ୨୪ ଜଣକୁ ମହାକାଶକୁ ପଠାଇଛନ୍ତି । ଜୁଲାଇ୨୦ ତାରିଖ ୧୯୬୯ ମସିହାରେ ନୀଲ ଆର୍ମଷ୍ଟ୍ରଙ୍ଗ ପ୍ରଥମ ବ୍ୟକ୍ତି ଭାବରେ ଚନ୍ଦ୍ରପୃଷ୍ଠରେ ପାଦ ଥାପିଥିଲେ । ୧୯୭୬ ମସିହା ଅଗଷ୍ଟ ୧୮ ତାରିଖରେ ସୋଭିୟତ ଋଷ ଚନ୍ଦ୍ରପୃଷ୍ଠରେ ପହଞ୍ଚିବା କ୍ଷେତ୍ରରେ ସଫଳ ହୋଇଥିଲେ । ଚୀନର ଚାନ୍ଦକୀ-୫ ମିଶନ ଦ୍ୱାରା ଚନ୍ଦ୍ରପୃଷ୍ଠରେ ପହଞ୍ଚି ଚାନ୍ଦର ଚଟାଣ ଓ ମାଟିକୁ ନେଇ ଆସିଥିଲେ । ଆମ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର ଇସ୍ରୋ ଦ୍ୱାରା ଚନ୍ଦ୍ରର ଦକ୍ଷିଣ ପୋଲରେ ଅବତରଣ କରିବା ଓ ବୈଜ୍ଞାନିକ ପରୀକ୍ଷଣ କରିବା ମିଶନ । ଏହା ଚନ୍ଦ୍ରଯାନ-୩ ଜୁଲାଇ ୧୪ ତାରିଖ-୨୦୨୩ ମସିହା ଆନ୍ଧ୍ରପ୍ରଦେଶ ସ୍ଥିତ ସତୀଶ୍ ଧାବନ ଶ୍ରୀହରିକୋଟା ମହାକାଶକେନ୍ଦ୍ରର ଭାରତୀୟ ଅପରାହ୍ଣ ସମୟ ୨:୩୫ ଠାରେ ଲଞ୍ଚ୍ କରାଯାଇଥିଲା । ଅଗଷ୍ଟ ୫ରେ ଚନ୍ଦ୍ର କକ୍ଷପଥରେ ଚନ୍ଦ୍ରଯାନ-୩ କୁ ଅବସ୍ଥାପିତ କରାଯାଇଥିଲା । ଚନ୍ଦ୍ରରେ ମାନବ ଜୀବନ ସମ୍ଭବ କି ନୁହେଁ ଏବଂ ଚନ୍ଦ୍ରରେ ଥିବା ଖଣିଜ ପଦାର୍ଥ କେତେ ଲାଭଦାୟକ ହେବ ତାହା ଉପରେ ଗବେଷଣା ତଥ୍ୟକୁ ଜାଣିବା ଉଦ୍ଦେଶ୍ୟ । ପୂର୍ବରୁ ୨୦୦୮ ମସିହାରେ ଭାରତୀୟ ମହାକାଶ ଗବେଷଣା ଦ୍ୱାରା ଚନ୍ଦ୍ରଯାନ-୧ ଏବଂ ପୁନର୍ବାର ୨୦୧୯ରେ ଚନ୍ଦ୍ରଯାନ-୨କୁ ପୂର୍ବ ଚନ୍ଦ୍ରପୃଷ୍ଠକୁ ପ୍ରେରଣ କରାଯାଇଥିଲା । କିନ୍ତୁ ଟେକ୍ନିକାଲ ସମସ୍ୟା ପାଇଁ ବିଫଳ ହୋଇଥିଲା । ଚନ୍ଦ୍ରଯାନ-୩ ହେଉଛି ବହୁଭାଗ ମିଶନ । ଯେଉଁଥିରେ କି ଏକ କକ୍ଷପଥ ଚନ୍ଦ୍ରପୃଷ୍ଠକୁ ପରିକ୍ରମା କରିବା ସହିତ ଚନ୍ଦ୍ରପୃଷ୍ଠର ବାୟୁମଣ୍ଡଳକୁ ଅଧ୍ୟୟନ କରିବ ଏବଂ ଲ୍ୟାଣ୍ଡର ଯାହାର ନାମ ବିକ୍ରମ ନାମରେ ନାମିତ କରାଯାଇଛି । ଅବତରଣ କରିବ ଓ ରୋଭର ଯାହାର ନାମ ପ୍ରଜ୍ଞାନ ଭାବରେ ନାମିତ କରାଯାଇଛି । ଚନ୍ଦ୍ରପୃଷ୍ଠରେ ବୈଜ୍ଞାନିକ ତଥ୍ୟ ସଂଗ୍ରହ କରି ପୃଥିବୀକୁ ପ୍ରେରଣ କରିବ । ଏହି ରକେଟର ନାମ LVM-A । ଏଥିରେ ୬୧୫ କୋଟି ଟଙ୍କା ଖର୍ଚ୍ଚ ହୋଇଅଛି । ଚନ୍ଦ୍ରପୃଷ୍ଠରେ ୧୫ ଦିନ ସୂର୍ଯ୍ୟ ଉଦୟ ହେଉଥିବାରୁ ଏହା ୧୪ ଦିନ ପର୍ଯ୍ୟନ୍ତ ତଥ୍ୟ ସଂଗ୍ରହ କରି ପଠାଇପାରିବ । ଚନ୍ଦ୍ରଯାନ-୩ର ଲ୍ୟାଣ୍ଡର ଓ ରୋଭର ଓଜନ ୧୭୪୯୮୬ କିଲୋଗ୍ରାମ । କେବଳ ପ୍ରଜ୍ଞାନର ଓଜନ ୨୬ କେଜି ହୋଇଥିବା ବେଳେ ଏହାର ବେଗ ୧.୬୮ କିଲୋମିଟର । ଏହା ଦେଖିବାକୁ ଛୋଟ କାର ଭଳି । ଲ୍ୟାଣ୍ଡରର ଓସାର ଓ ଲମ୍ବ ଦୁଇମିଟର । ଏହାର ଉଚ୍ଚତା ୧୧୬୬ ମିଟର । ଏହି ଯନ୍ତ୍ରାସରେ ଏକାଧିକ କ୍ୟାମେରା ଓ ଉନ୍ନତ ସେନ୍‌ସର ଲାଗିଛି । ଲ୍ୟାଣ୍ଡରର ୪ଟି ଗୋଡ ମଜବୁତ୍ ଥ୍ରଷ୍ଟର ଭଳି ବ୍ୟବହାର ହୋଇଛି । ଏହି ସବୁ ଆମ ଭାରତୀୟ ବୈଜ୍ଞାନିକ ମାନଙ୍କର ଦକ୍ଷତାର ଫଳ । ଭାରତର ଇସ୍ରୋ ଅନୁଷ୍ଠାନ ୧୯୬୯ ମସିହା ଅଗଷ୍ଟ ୧୫ ତାରିଖରେ ଗଠିତ ହୋଇଥିଲା । ଏହାର ମୁଖ୍ୟ ଅଫିସ ବାଙ୍ଗାଲୋର୍ କର୍ଣ୍ଣାଟକରେ ଅବସ୍ଥିତ । ବୈଜ୍ଞାନିକ ବିକ୍ରମ ସାରାଭାଇ ଇସ୍ରୋର ପ୍ରଥମ ଅଧ୍ୟକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରି ପରିଚାଳନା କରିଥିଲେ । ବର୍ତ୍ତମାନର ଇସ୍ରୋର ଅଧ୍ୟକ୍ଷ ବୈଜ୍ଞାନିକ ଏସ.ସୋମନାଥଙ୍କ ବଳିଷ୍ଠ ନେତୃତ୍ୱରେ ଭାରତକୁ ସାରା ବିଶ୍ୱରେ ଶୀର୍ଷ ସ୍ଥାନରେ ପହଞ୍ଚାଇ ପାରିଛନ୍ତି । ତାଙ୍କୁ ସହଯୋଗ ହାତ ବଢ଼ାଇଛନ୍ତି ପୁରୁଷ ବୈଜ୍ଞାନିକମାନଙ୍କ ସହିତ ମହିଳା ବୈଜ୍ଞାନିକମାନେ । ଏହି ବିଶ୍ୱ ଦେଖିଛି ସେମାନଙ୍କ ଶକ୍ତିର ପରାକାଷ୍ଠା ବାସ୍ତବିକ ସମାଜର ଦୁଇ ଚିନ୍ତାଧାରା ବଦଳି ଯାଇଛି । ପୁରୁଷ ଓ ନାରୀ ସମାଜର ଦୁଇ ଅବିଚ୍ଛେଦ୍ୟ ଅଙ୍ଗପରି ଉଭୟଙ୍କର ଚନ୍ଦ୍ରଯାନ-୩ର ସଫଳ ଅବତରଣରେ ଭୂମିକା ଯଥେଷ୍ଟ ରହିଛି । ସେହି ବୈଜ୍ଞାନିକମାନେ ଆମର ଗର୍ବ ଗୌରବ ଓ ନମସ୍ୟର ପାତ୍ର ।

-୦-

ସଂପାଦିକା, ଆକାଂକ୍ଷା ମହିଳା ସଂଗଠନ,
ପାରଳାଖେମୁଣ୍ଡି



# ଦେଶ ପ୍ରଗତିରେ ନାରୀ

**ହର ପ୍ରସାଦ ସୁଆର**

କେଉଁ ଆଦି କାଳରୁ ପ୍ରଜାପତି ବ୍ରହ୍ମାଙ୍କ ସୃଷ୍ଟିଚକ୍ରରେ ପୁରୁଷ ଓ ନାରୀ ଉଭୟେ ରହିଛନ୍ତି । ନାରୀ ହେଉଛନ୍ତି ପ୍ରକୃତି । ପ୍ରକୃତି ଓ ପୁରୁଷ ଉଭୟଙ୍କ ମିଳନରେ ସୃଷ୍ଟି ସମ୍ଭବ ହୁଏ । ଶିବ ଓ ପାର୍ବତୀଙ୍କର ଦିବ୍ୟ ମିଳନରେ ଗଣେଶ ଓ କାର୍ତ୍ତିକେୟଙ୍କ ଜନ୍ମ । ନାରୀର ପ୍ରଗତି ଯୋଗୁଁ ଦେଶର ପ୍ରଗତି ଆଉ ଦେଶର ପ୍ରଗତି ପାଇଁ ନାରୀ, ଉଭୟଟି ହେଉଛି ଏକେ ଅପରର ପରିପୂରକ । ବର୍ତ୍ତମାନ ସୁଦ୍ଧା ଆମଦେଶ ହେଉଛି ପୁରୁଷ ପ୍ରଧାନ । ତଥାପି ନାରୀର ପ୍ରାଥମିକତାକୁ ଆମେ ଅସ୍ୱୀକାର କରିପାରିବା ନାହିଁ । ସମାଜରେ ଏକ ଅପରିହାର୍ଯ୍ୟ ପ୍ରାଣୀଟିଏ ହେଉଛି ନାରୀ । ନାରୀ ହେଉଛି ସର୍ବଂସହା ଧରିତ୍ରୀ । କେତେବେଳେ କେଉଁ ରୂପରେ ଅର୍ଥାତ୍ ଜାୟା, ଜନନୀ, ଭଗିନୀ ଓ କନ୍ୟା ରୂପରେ । କେତେବେଳେ ଦୁର୍ଗା ଓ କାଳୀ ରୂପରେ ସଂହାର କର୍ତ୍ତ୍ରୀ ତ କେତେବେଳେ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ରୂପରେ ସୌମ୍ୟ, କାନ୍ତି ଓ ଶାନ୍ତ ସ୍ୱଭାବା । ଅର୍ଥାତ୍ କେବଳ ନାରୀ ହିଁ ସଂସାରକୁ ଭାଙ୍ଗିଦେଇପାରେ ଏବଂ ଗଢିପାରେ । ନାରୀ ଏକ ବିଶେଷ ଗୁଣର ଅଧିକାରିଣୀ ଏବଂ ବଳିୟାନ । ଏଣୁ ନାରୀକୁ ଗୋଟିଏ ମୁଦ୍ରାର ଅପର ପାର୍ଶ୍ୱ ବୋଲି କୁହାଯାଏ । ଆଜିର ଯୁଗରେ ଦେଶର ପ୍ରଗତି ନିମନ୍ତେ ନାରୀର ଯଥେଷ୍ଟ ଭୂମିକା ରହିଛି । ଆମେ ଯଦି ଆମ ଅତୀତର ସ୍ମୃତିଚାରଣ କରିବା ତାହାହେଲେ ଦେଖିବାକୁ ପାଇବା କେତେ ନାରୀ, ବୀରାଙ୍ଗନା ଦେଶ ଓ ଦଶପାଇଁ ସହିଦ ହୋଇଛନ୍ତି ଏବଂ ବର୍ଷବର୍ଷ ଧରି କାରାବରଣ କରିଛନ୍ତି । ଝାନ୍ସୀର ରାଣୀ ଲକ୍ଷ୍ମୀବାଈ, ମେଦିନୀପୁରର ମାତଙ୍ଗିନୀ ହାଜରା, ଦୁର୍ଗାବାଈ, ଦୁର୍ଗାବତୀ ଦେବୀ, ଆମ୍ମୁ ସ୍ୱାମୀନାଥନ୍, ଭିକାଜି କାମା, ଅରୁଣା ଆସଫ୍ ଅଲ୍ଲୀ, ସରୋଜିନୀ ନାଇଡୁ, କମଳା ନେହୁରୁ ଓ ସୁଚେତା କୃପାଳିନୀ ଆଦି ଅନେକଙ୍କର ଦେଶ ମାତୃକା ପ୍ରତି ଯେଉଁ ଅଗ୍ରଣୀ ଭୂମିକା ଥିଲା, ତାହାକୁ ଆମେ ଆଜି ସୁଦ୍ଧା ମନେରଖିଛେ । ସେମାନେ ନଥିଲେ ହୁଏତ ଆମେ ପରାଧୀନତାର ଶୃଙ୍ଖଳରେ ଆବଦ୍ଧ ହୋଇ ରହିଥାଆନ୍ତେ । ଆମ ଓଡିଶାର ବିପ୍ଳବିନୀ ବୀରାଙ୍ଗନାମାନେ ଯଥା କୁନ୍ତଳା କୁମାରୀ ସାବତ, ସାରଳା ଦେବୀ, ଲକ୍ଷ୍ମଣା ପଣ୍ଡା, ପାର୍ବତୀ ଗିରି, ଅନ୍ନପୂର୍ଣ୍ଣା ମହାରଣା, ମାଳତୀ ଚୌଧୁରୀ ଓ ରମାଦେବୀ ଚୌଧୁରୀ ଆଦି ମହିଳା ମହାତ୍ମା ଗାନ୍ଧୀଙ୍କ ସହ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ । ସାରଳା ଦେବୀ ପ୍ରଥମ ଓଡିଆ ନାରୀ ଭାବେ ଇଞ୍ଚୁଡିଠାରେ ଲବଣ ସତ୍ୟାଗ୍ରହରେ ଅଂଶଗ୍ରହଣ କରିଥିଲେ । ପରବର୍ତ୍ତୀ ସମୟରେ ଗୋଦାବରୀ ଦେବୀଙ୍କ ସହ ଅନ୍ୟ ମହିଳାମାନେ ବି ଏହି ଆନ୍ଦୋଳନରେ ସାମିଲ ହୋଇ ବ୍ରିଟିଶଙ୍କ ଦ୍ୱାରା କାରାବରଣ କରିଥିଲେ । ଏହିସବୁ ମହୀୟସୀ ମହିଳାଙ୍କୁ ଓଡିଶା କାହିଁକି ସାରା ଦେଶ ମନେ ରଖିବ । ଆମେ ଯଦି ସ୍ୱାଧୀନତୋର ଭାରତବର୍ଷ କଥା ଚିନ୍ତା କରିବା ତାହାହେଲେ ଯେଉଁ ମହିଳାମାନଙ୍କର ଭାରତରେ ପ୍ରଗତି କ୍ଷେତ୍ରରେ, ନବ ସଂସ୍କାର ଆଣିବା କ୍ଷେତ୍ରରେ ମୁଖ୍ୟ ଭୂମିକା ରହିଛି, ସେମାନେ ହେଲେ କଳ୍ପନା ଚାୱଲା, ପ୍ରତିଭା ପାଟିଲ୍, ପି.ଭି.ସିନ୍ଧୁ, ଇନ୍ଦିରା ନୁୟି, ମଦର ଟେରେସା ଆଦି । ସାରଳାଦେବୀ ଓଡିଶା ବିଧାନସଭାର ପ୍ରଥମ ମହିଳା ବିଧାୟିକା ଓ ଦିନଟିଏ ପାଇଁ ହେଲେ ବି ବିଧାନସଭାର ବାଚସ୍ପତି ରହି ଜନଗଣଙ୍କର ସେବାରେ ନିଜକୁ ନିୟୋଜିତ କରିଥିଲେ । ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବରେ ନନ୍ଦିନୀ ଶତପଥୀ ଏବଂ ଦେଶକୁ ସେବା କରିବାରେ ପ୍ରଥମ ଓଡିଆ ମହିଳା ରାଷ୍ଟ୍ରପତି ମହାମହିମ ଦ୍ରୌପଦୀ ମୁର୍ମୁଙ୍କୁ ଆମେ ମନେରଖିବା ।

ଆଜିର ନାରୀ ବ୍ୟାଙ୍କିଂ କ୍ଷେତ୍ରରେ, ରେଳବାଇ କ୍ଷେତ୍ରରେ, ଅର୍ଥନୀତି କ୍ଷେତ୍ରରେ, ପ୍ରଶାସନିକ କ୍ଷେତ୍ରରେ, ରାଜନୀତି କ୍ଷେତ୍ରରେ, ସମାଜସେବା କ୍ଷେତ୍ରରେ, ଯୁଦ୍ଧ କ୍ଷେତ୍ରରେ, ବିମାନ ଉଡାଣ କ୍ଷେତ୍ରରେ, କ୍ରୀଡା କ୍ଷେତ୍ରରେ, ଆଧାତ୍ମିକ କ୍ଷେତ୍ରରେ, ଚଳଚ୍ଚିତ୍ର କ୍ଷେତ୍ରରେ, କବି ଓ ଲେଖିକା ହେବା କ୍ଷେତ୍ରରେ ତଥା ସମାଜର ଅନ୍ୟାନ୍ୟ କ୍ଷେତ୍ରରେ ପ୍ରତିଯୋଗିତାରେ ପୁରୁଷଙ୍କୁ ପଛରେ ପକାଇ ଆଗେଇ ରହିଛନ୍ତି । ସେଥିପାଇଁ ନାରୀ ଆଜି ଲାଞ୍ଛିତା, ଧର୍ଷିତା, ଅବହେଳିତା, ନିଷ୍ପେସିତା, ନିର୍ଯ୍ୟାତିତା ଏବଂ ପୁରୁଷଙ୍କ ହାତର କ୍ରୀଡନକ ନହୋଇ ବରଂ ବନ୍ଦିତା ଓ ଚିରନମସ୍ୟା ହୋଇ ସମାଜରେ ମୁଣ୍ଡଟେକି ଆତ୍ମନିର୍ଭରଶୀଳ ହୋଇ ସ୍ୱାଧୀନଭାବେ ଆତ୍ମସମ୍ମାନର ସହ ଆଗେଇଆସି ଦେଶର ପ୍ରଗତିରେ ସାମିଲ ହୋଇପାରୁଛନ୍ତି । ପ୍ରତ୍ୟେକ ପୁରୁଷଙ୍କ ସଫଳତା ପଛରେ କୌଣସି ଏକ ନାରୀର ଅବଦାନ ଥାଏ । କାରଣ ଜଣେ ନାରୀକୁ ଶିକ୍ଷିତ କରିବାର ଅର୍ଥ ଗୋଟିଏ ପରିବାରକୁ ଶିକ୍ଷିତ କରେଇବା । ଆମ ଦେଶକୁ ଆଗାମୀ ଦିନରେ ପାଞ୍ଚ ଟ୍ରିଲିୟନ୍ ଇକୋନମି ଅର୍ଥାତ୍ ଅର୍ଥ ବ୍ୟବସ୍ଥାରେ ପହଞ୍ଚାଇବା ପାଇଁ ଏବଠୁ ଏଥିରେ ମହିଳାଙ୍କ ସକ୍ରିୟ ଯୋଗଦାନ ବାରିହୋଇପଡୁଛି । ମଧ୍ୟଯୁଗରେ ନାରୀମାନଙ୍କ ଶିକ୍ଷା

ବିଳମ୍ବିତ ହେଲା । ନାରୀମାନେ ଶିକ୍ଷା କ୍ଷେତ୍ରରେ ଆଗେଇ ଆସୁନଥିଲେ ଏବଂ ଆଗେଇ ଆସିବା କ୍ଷେତ୍ରରେ ସାମାଜିକ ପ୍ରତିବନ୍ଧକତା ବାଧକ ସାଜୁଥିଲା । ଆଜି ଭାରତୀୟ ନାରୀମାନେ ଶିକ୍ଷା କ୍ଷେତ୍ରରେ ପୁରୁଷମାନଙ୍କଠାରୁ ଯଥେଷ୍ଟ ପରିମାଣରେ ଆଗରେ ଅଛନ୍ତି । ଫଳରେ ସେମାନଙ୍କ ମଧ୍ୟରେ ଆଧ୍ୟାତ୍ମିକତା, ଶକ୍ତି, ସ୍ନେହ ମମତା, ଭଲପାଇବା, ବୀରତ୍ୱ, ସାହସ, ତ୍ୟାଗ ଆଦି ଭୂମିକାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ସେମାନେ ଆଜି ଆତ୍ମନିର୍ଭରଶୀଳ ହୋଇ, ଉଚ୍ଚଶିକ୍ଷା, କ୍ରୀଡା କ୍ଷେତ୍ରରେ, ଆମୋଦ ପ୍ରମୋଦ ଆଦିରେ ଅଂଶଗ୍ରହଣ କରି ରୋଜଗାର କରିବାରେ ସକ୍ଷମ ହୋଇପାରୁଛନ୍ତି । ଆଜିର ନାରୀସମାଜ ତଥା ଯୁବତୀମାନେ ବାପାମାଆଙ୍କ ଉପରେ ନିର୍ଭରଶୀଳ ହୋଇ ରହିନାହାନ୍ତି । ରାଜନୀତି, କାରିଗରୀ ଜ୍ଞାନକୌଶଳରେ ନିପୁଣା ହୋଇ ବଡବଡ କମ୍ପାନୀରେ ଜଣେ ସଫଳ ମ୍ୟାନେଜର ବା ଏକ୍ଜିକ୍ୟୁଟିଭ୍ ରୂପେ କାର୍ଯ୍ୟକରି ପୁରୁଷଙ୍କ ତୂଳନାରେ ବେଶ୍ ସଫଳତା ହାସଲ କରିପାରୁଛନ୍ତି । ସେମାନେ ସ୍ୱାଧୀନଭାବରେ ଦେଶର ନିର୍ମାଣ ଓ ପ୍ରଗତି କ୍ଷେତ୍ରରେ ଆଗୁସାର ହୋଇ ନିଜନିଜ କ୍ୟାରିୟର୍ ଗଠନ କରିପାରୁଛନ୍ତି । ଦେଶର ପ୍ରଗତି ଛଡା ସମାଜ ଗଠନରେ ବି ନାରୀର ଭୂମିକା ରହିଛି । ଅର୍ଥାତ୍ ସାମାଜିକ, ନୀତିଶିକ୍ଷା, ସଂସ୍କୃତି, ଶାଳୀନତା, ଦୟାମୟୀ, କରୁଣାମୟୀ, ସ୍ନେହମୟୀ, କ୍ଷମାମୟୀ ଆଦି ଗୁଣଗୁଡିକ ନାରୀଙ୍କ ମଧ୍ୟରେ ଅନ୍ତର୍ନିହିତ ରହିଛି । ସେମାନେ ହେଉଛନ୍ତି ସହନଶୀଳତାର ଅବତାର, ସୃଷ୍ଟିର ଆଧାର ଓ ଜନ୍ମଦାତ୍ରୀ । ଈଶ୍ୱର ପ୍ରଦତ୍ତ ଏହି ଦୁନିଆରେ ସନ୍ତାନକୁ ସୁରକ୍ଷା ଦେଇପାରୁଛନ୍ତି । ନାରୀଙ୍କୁ ବେଳେବେଳେ ଘରୋଇ ହିଂସାର ଶିକାର ହେବାକୁ ପଡେ । ତଥାପି ସେମାନେ ନିଜନିଜ ଆତ୍ମ ସମ୍ମାନବୋଧକୁ ଧରି ରଖିବାରେ ସଚେଷ୍ଟ ହୁଅନ୍ତି । ଜଣେ ସନ୍ତାନର ପ୍ରଥମ ସ୍କୁଲ ହେଉଛି ତା' ଘର ଏବଂ ଏହି ଘରର ପ୍ରଥମ ଶିକ୍ଷୟିତ୍ରୀ ହେଉଛନ୍ତି ତା'ର ଜନ୍ମଦାତ୍ରୀ ମାଆ ଅର୍ଥାତ୍ ନାରୀ । ଏଣୁ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ନାରୀର ମୂଖ୍ୟ ଭୂମିକା ରହିଛି ।

କ୍ରୀଡା କ୍ଷେତ୍ରରେ ଓଡିଆ ଖେଳାଳୀ ତଥା ମହିଳା ଯଥା : ଋତୁପର୍ଣ୍ଣା ପଣ୍ଡା, ସ୍ୱର୍ଣ୍ଣଲତା ଦଳେଇ, ଅନୁରାଧା ବିଶ୍ୱାଳ, ଶ୍ରାବଣୀ ନନ୍ଦ, ଦୂତୀ ଚାନ୍ଦ, ପଦ୍ମିନୀ ରାଉତ, କଳ୍ପନା ଦାଶ, ଦୀପଗ୍ରେସ୍ ଏକ୍କା, ଲୀଲିମା ମିଞ୍ଜ, ନମିତା ଟପ୍ପୋ ଓ ସୁନିତା ଲାକ୍ରା ଆଦି ରାଜ୍ୟ ତଥା ଦେଶର ଏପରିକି ଆନ୍ତର୍ଜାତିକ କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି । ଏହିସବୁ ମହିଳା ଖେଳାଳୀଙ୍କ ଦ୍ୱାରା ସତରେ ଆମେ ଅନୁପ୍ରାଣିତ । ଏଣୁ ନାରୀଙ୍କ ସମ୍ବନ୍ଧରେ ସ୍ୱାଭାବିକ ଭାବେ କୁହାଯାଏ "Women are the real architecture of the Society" । ଭାରତ ହେଉଛି ମୁନି, ଋଷି, ସାଧୁସନ୍ଥ ଓ ମହାପୁରୁଷମାନଙ୍କର ଦେଶ । ସେଥିପାଇଁ ଭାରତର ପ୍ରାଚୀନ ସଂସ୍କୃତି ଓ ପରମ୍ପରାରେ ନାରୀକୁ ଯଥେଷ୍ଟ ସମ୍ମାନ ଦେବାକୁଯାଇ ସଂସ୍କୃତରେ ଶ୍ଲୋକଟିଏ ରହିଛି ଯାହା ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ । 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତାଃ' । ନାରୀ ମଧ୍ୟରେ ପ୍ରତିଭା, ଜ୍ଞାନ, ବିଦ୍ୱତ୍ତା ଛଡ଼ା ଶକ୍ତିର ଉତ୍ସ ନାରୀ, ଶକ୍ତିମୟୀ, ସୃଷ୍ଟିକାରିଣୀ ଓ ସଂହାରକାରିଣୀ । ଶାସ୍ତ୍ରରେ ତ୍ରେତା ଏବଂ ଦ୍ୱାପର ଯୁଗରେ ମଧ୍ୟ ନାରୀଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ କରାଯାଇଛି । ନାରୀଙ୍କ ଉନ୍ନତି ହେଉଛି ଦେଶର ଉନ୍ନତି । ଦେଶର ପ୍ରଗତିରେ ନାରୀ ଆଜି ଏକ ମାଇଲଖୁଣ୍ଟ ସାଜିଛି । ତେଣୁ ସେ ସତରେ ବନ୍ଦନୀୟା ।

-୦-

କବିଚନ୍ଦ୍ର ସାହି, ପାରଳାଖେମୁଣ୍ଡି
ଚଳଭାଷ : ୭୫୦୧୬୫୨୪୨୮





# ଉତ୍କଳର ନାରୀକବି ଅନ୍ନପୂର୍ଣ୍ଣା ଦେବୀ

**ସୁଷମା ପାଢୀ**

ଆଧୁନିକ ଯୁଗର ପ୍ରଥମ ଓଡିଆ କବି ଭାବରେ ଆମେ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀଙ୍କୁ ହିଁ ଦେଖିଥାଉ । ତାଙ୍କ ପୂର୍ବରୁ ଓଡ଼ିଶାରେ ଆଉ ଯେତେ ନାରୀ ଲେଖିକା ଆସିଥିଲେ ମଧ୍ୟ ଆମେ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀଙ୍କୁ ହିଁ ବିଂଶ ଶତାବ୍ଦୀର ପ୍ରଥମ ଓଡିଆ ନାରୀ କବି ଭାବେ ଗ୍ରହଣ କରିଥାଉ ।

୧୮୮୩ ଖ୍ରୀଷ୍ଟାବ୍ଦର ମେ ମାସ ୨୫ ତାରିଖ ଦିନ ଗଞ୍ଜାମ ଜିଲା ଚିକିଟୀ ରାଜଧାନୀର ଗୋଟିଏ କରଣ ପରିବାରରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ଜନ୍ମ ଗ୍ରହଣ କରିଥିଲେ । ତାହାଙ୍କର ପିତା ଥିଲେ ଗୋବିନ୍ଦ ପଟ୍ଟନାୟକ ଏବଂ ମାତାଙ୍କ ନାମ ସୁଭଦ୍ରା ଦେବୀ । ସେ ଜଣେ ମଧ୍ୟବିତ୍ତ ଶ୍ରେଣୀରେ ଜନ୍ମ ଗ୍ରହଣ କରିଥିଲେ । ୧୯୦୦ ଖ୍ରୀଷ୍ଟାବ୍ଦରେ ମେ ମାସରେ ପ୍ରାୟ ୧୭ ବର୍ଷ ବୟସରେ ଅନ୍ନପୂର୍ଣ୍ଣା ଗଞ୍ଜାମ ଜିଲାର ପୁରୁଷୋତ୍ତମ ନିବାସୀ ଶ୍ରୀଯୁକ୍ତ ଶ୍ରୀରାମ ପଟ୍ଟନାୟକଙ୍କୁ ବିବାହ କରିଥିଲେ ।

ଯେଉଁ ସମୟରେ ଓଡ଼ିଶାର ନାରୀ-ମହଲରେ ଆଧୁନିକ ଶିକ୍ଷା ଲୋକ ଆଦୌ ପ୍ରବେଶ କରିନଥିଲା । ସେତିକିବେଳେ ସେ ନିଜର ସାହିତ୍ୟ ଚର୍ଚ୍ଚା ଆରମ୍ଭ କରି ବିଂଶ ଶତାବ୍ଦୀରେ 'ପ୍ରଥମ ଓଡିଆ ନାରୀ କବି'ର ସ୍ଥାନ ଅଧିକାର କରିଛନ୍ତି । ଏହି ସାହିତ୍ୟଚର୍ଚ୍ଚା ଦ୍ୱାରା ତାହାଙ୍କୁ ଅସଂଖ୍ୟ ସାମାଜିକ ନିର୍ଯ୍ୟାତନା ସହିବାକୁ ପଡିଥିଲା । ପ୍ରବଳ ସାମାଜିକ ନିର୍ଯ୍ୟାତନା ସଙ୍ଗେ ସଙ୍ଗେ ଉତ୍କଟ ଆର୍ଥିକ ଅଭାବ ସତ୍ତ୍ୱେ ସେ କେବେହେଲେ ନିଜର ଜାତୀୟ ସାହିତ୍ୟ ଚର୍ଚ୍ଚାରୁ ଅବସର ନେଇନାହାନ୍ତି ।

ତାଙ୍କ ଲେଖାଗୁଡିକ ପାଠ କଲେ ଜଣାଯାଏ ଯେ, ସେ କୋମଳମତି ବାଳକବାଳିକାମାନଙ୍କ ପାଇଁ ଯେପରି ସୁକୋମଳ ଗଦ୍ୟ ଓ ପଦ୍ୟ ଲେଖିପାରନ୍ତି । ଅତି ବୟସ୍କ ଓ ବୃଦ୍ଧମାନଙ୍କ ପାଇଁ ମଧ୍ୟ ଠିକ ସେହିପରି ଅତି ଉଚ୍ଚଧରଣର ହିତୋପଦେଶ ଓ ଭକ୍ତିଭାବପୂର୍ଣ୍ଣ ଲେଖା ଲେଖିପାରନ୍ତି । ଏହି ସବୁ କାରଣ ଦେଖିଲେ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କ ସାହିତ୍ୟ ଚର୍ଚ୍ଚା ଅନ୍ୟ ଓଡିଆ ସାହିତ୍ୟମାନଙ୍କଠାରୁ ସମ୍ପୂର୍ଣ୍ଣ ପୃଥକ୍ କହିଲେ ଅତ୍ୟୁକ୍ତି ହେବନାହିଁ । ତାହାଙ୍କର ସବୁ ଲେଖା ପ୍ରକାଶିତ ହେଲେ ଓଡିଆ ସାହିତ୍ୟ ଭଣ୍ଡାରର କଳେବର ଆହୁରି ବୃଦ୍ଧି ହେବା ନିଃସନ୍ଦେହ ! ଶ୍ରୀମତୀ ଅନ୍ନପୂର୍ଣ୍ଣା ଲେଖିଥିବା ରାଶୀକୃତ ପଦ୍ୟ ଓ ଗଦ୍ୟ ଲେଖାମଧ୍ୟରୁ ଅତି ଅଳ୍ପ କେତୋଟି ପଦ୍ୟ ହେଲା –

ପ୍ରଥମ ପଦ୍ୟମାଳା (୧ମ ଭାଗ):

ଏହି ପଦ୍ୟମାଳାରେ ପ୍ରକାଶ ପାଇଥିଲା ପ୍ରାର୍ଥନା, ଗୋଧନ ବାହୁଡ଼ା, ପୁଷ୍ପ, ପତିପତ୍ନୀଙ୍କ ପ୍ରାର୍ଥନା, ବିଧବାର ପ୍ରାର୍ଥନା ଏବଂ ଜୀବରେ ଦୟା ନାମକ ଛ'ଗୋଟି ପଦ୍ୟ ଅଛି । ଏହା ୧୯୦୪ ଖ୍ରୀଷ୍ଟାବ୍ଦରେ ଖଲ୍ଲିକୋଟ ଅଷ୍ଟଦୁର୍ଗାଧୀଶ୍ୱରୀ ଶ୍ରୀମତୀ ପଟ୍ଟମହାଦେବୀଙ୍କ ସାହାଯ୍ୟରେ ୮ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଦ୍ୱାରା ରମ୍ଭା ମର୍ଦ୍ଦରାଜ ପ୍ରେସରେ ଛପା ହୋଇଥିଲା । କିନ୍ତୁ ତୃତୀୟ ପକ୍ଷୀଘରା –ଏହା ୧୯୦୬ ଖ୍ରୀଷ୍ଟାବ୍ଦରେ ପଣ୍ଡିତ ସଦାଶିବ ମିଶ୍ରଙ୍କ ଆନୁକୂଲ୍ୟରେ ପୁରୀ ଜଗନ୍ନାଥ ପ୍ରେସରେ ଛପା ହୋଇଥିଲା । ଏଥିରେ 'ପକ୍ଷୀଘରା' ଏବଂ 'ଭକ୍ତି ପ୍ରାର୍ଥନା'ନାମକ ଦୁଇଟି ପଦ୍ୟ ଛପା ହୋଇଅଛି ।

ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କ ଦ୍ୱାରା ରଚିତ 'ପଦ୍ୟମାଳା'କୁ ଆଦ୍ୟୋପ୍ରାନ୍ତ ପାଠକରି ପ୍ରୀତ ହୋଇଅଛି, ପ୍ରତ୍ୟେକ କବିତା ବିଶୁଦ୍ଧ ଭକ୍ତିପୂର୍ଣ୍ଣ, ଭାଷା ସରଳ ଓ ଚିତ୍ତାକର୍ଷୀ । ଅନ୍ନପୂର୍ଣ୍ଣାଙ୍କ କବିତାରେ ଯଦ୍ୟପି ଶବ୍ଦାଡମ୍ବର ଓ ଭାବ ବୈଚିତ୍ର୍ୟ ପ୍ରଭୃତିର ସମାବେଶ ନାହିଁ, ତଥାପି ପ୍ରତି ପଦ୍ୟରେ ସୁନ୍ଦର ସ୍ୱଭାବୋକ୍ତି ବିଦ୍ୟମାନ । ଏତଦ୍ୱାରା କବିଙ୍କ ପ୍ରେମ ପ୍ରବଣ ଚିତ୍ତର ପ୍ରତ୍ୟକ୍ଷ ପରିଚୟ ମିଳୁଅଛି ।ଏହା ଗଞ୍ଜାମର ସୌଭାଗ୍ୟ !

ଏତଦ୍‌ବ୍ୟତୀତ ଶ୍ରୀମତୀ ଅନ୍ନପୂର୍ଣ୍ଣା ୨୨୫୩ ପଦରେ ୮ଗୋଟି ଛୋଟ, ବଡ କବିତା ରଚନା କରି ଅଛନ୍ତି । ଉତ୍କଳରେ କେତେକ ନିର୍ଦ୍ଦୟ ସମାଲୋଚକମାନଙ୍କୁ ଲକ୍ଷ୍ୟ କରି ସେ ଲେଖିଥିଲେ– ପ୍ରାର୍ଥନା

"ସମାଜ ଉନ୍ନତି କଳ୍ପେ ନାନା ଚରିତରେ
ଲେଖୁଥାଅ ପରା ସଦା ପ୍ରବନ୍ଧ ରୂପରେ ।
ଦେଖହେ ଅଶିକ୍ଷିତ ନାରୀ ପଦ୍ୟ ଚାରିପାଦ
ଲେଖେ ବୋଲିକି କି ସୁନ୍ଦର ହୁଏ ଅପବାଦ ।"

(ଶ୍ରୀମତୀ ଅନ୍ନପୂର୍ଣ୍ଣା, ହିତୈଷିଣୀ, ତା.୧୦/୧୨/୧୯୦୪)

ସ୍ତ୍ରୀ ଶିକ୍ଷା ସ୍ତ୍ରୀ ଶିକ୍ଷା ବୋଲି ସର୍ବତ୍ର ଚହଳ ପଡିଅଛି । ଶିକ୍ଷିତ ମହିଳା ସର୍ବତ୍ର ବିରଳ ବା ଦୁର୍ଲ୍ଲଭ ; ତଥାପି କେହି ଜଣେ ଅଧେ, ସ୍ୱଭାବ ସୁଲଭ ଶିକ୍ଷିତା ସାଧ୍ୱୀକି ଅନଳ ପରୀକ୍ଷା ଦେବାକୁ ପଡେ ।

ସତୀର ଅଗ୍ନି ପରୀକ୍ଷା ନୁହେଁ, ଜଠରାଗ୍ନି ପରୀକ୍ଷା । ଅନ୍ନପୂର୍ଣ୍ଣାଙ୍କୁ ସମସ୍ତେ ଜାଣନ୍ତି ମୋହର ଅଧିକ ପରିଚୟ ଦେବା କେବଳ ଅତିଶୟୋକ୍ତି । କିନ୍ତୁ ତାହାଙ୍କୁ କେହି ଚିହ୍ନିନାହାନ୍ତି । ସାଧାରଣ ବା ମଧ୍ୟବିତ୍ତ ଲୋକଙ୍କ କଥା ଛାଡ । ରାଜା ଜମିଦାରମାନେ ମଧ୍ୟ ଖାଇବାକୁ ମୁଠେ, ପିନ୍ଧିବାକୁ ଖଣ୍ଡେ ଦେଇ ରଖିପାରିଲେ ନାହିଁ । ଶୁଣାଯାଉଥିଲା ଯେ, ଘୋଡ଼ା ଘାସ ନ ଖାଇବାରୁ ପୁରାଣ ପଣ୍ଡାର ଦୋଷ ହେଲା ତଥା ଅନ୍ନପୂର୍ଣ୍ଣାଙ୍କ ସ୍ୱାମୀ କାର୍ଯ୍ୟରେ ତ୍ରୁଟି କଲେ, ଅନ୍ନପୂର୍ଣ୍ଣାଙ୍କ ଖଞ୍ଜା ବାଡ଼ି କାଟ ହେଲା କିମ୍ବା ଠାକୁରଙ୍କ ପୁଅ ମଲା, ଅନ୍ନପୂର୍ଣ୍ଣା ହେଲେ ଯୋଗିନୀ, ଡାକିନୀ ଅଥବା ଠାକୁରାଣୀଙ୍କର ପେଟବ୍ୟଥା ହେଲା, ଅନ୍ନପୂର୍ଣ୍ଣାଙ୍କ ଦୃଷ୍ଟି ପଡ଼ିଲା ଇତ୍ୟାଦି । ଏହିପରି ନାନାବିଧ ବିପଦରେ ପଡି ଶ୍ରୀମତୀ ଅନ୍ନପୂର୍ଣ୍ଣା ଅନ୍ନ ମୁଠାକରୁ ବଞ୍ଚିତ ହେଲେ । ଏହାକି ଅନ୍ନପୂର୍ଣ୍ଣାଙ୍କ କବିତାର ଦୋଷ, କର୍ମର ଦୋଷ, କିମ୍ବା କପାଳର ହେଉ, ନାରୀ କବି ଅନ୍ନପୂର୍ଣ୍ଣାଙ୍କ ଅନାଟନ ସକାଶେ ଉତ୍କଳର ଅଗ୍ରାହକତା ବା ଉଦାସୀନତା ଅତୀବ ଅଧିକ୍ଷେପର ବିଷୟ ।

ଶ୍ରୀମତୀ ଅନ୍ନପୂର୍ଣ୍ଣା ବହୁ ଅର୍ଥାଭାବରେ ମଧ୍ୟ ତାଙ୍କର ସ୍ୱରଚିତ ଅନେକ କବିତା ବିଡ଼ା ବନ୍ଧା ହୋଇ ଘରେ ପଡ଼ି ରହିଅଛି । ଏହି ବିଂଶ ଶତାବ୍ଦୀରେ ମଧ୍ୟ ଜଣେ ସ୍ତ୍ରୀର ଲେଖାକୁ ଆଦର କରିବାକୁ ମାନ୍ୟଗଣ୍ୟ ଓ ଶିକ୍ଷିତ ବ୍ୟକ୍ତିଗଣ ପଶ୍ଚାତପଦ ଓ କୁଣ୍ଠିତ ! ପାଠଶାଳା ଅଥବା ବିଶ୍ୱବିଦ୍ୟାଳୟରେ ଶିକ୍ଷିତ ନ ହୋଇ, ଗୃହ ଜଞ୍ଜାଳରେ ବେଷ୍ଟିତା ହୋଇ, ପାରିବାରିକ ବନ୍ଧନରେ ଆବଦ୍ଧା ହୋଇ ସୁଦ୍ଧା, ସେ କବିତା ରଚନା ନିମନ୍ତେ ଅବସର ପାଇଅଛନ୍ତି, ଏହା ଅତୀବ ପ୍ରଶଂସା ।

ଉତ୍କଳ- କରଣ କୁଳର ଗୌରବା ସ୍ଥାନୀୟା ଶ୍ରୀମତୀ ଅନ୍ନପୂର୍ଣ୍ଣା ସର୍ବତ୍ର ନିଜ ସୁଗୁଣର ପରିଚୟ ଦେଇ ଉତ୍କଳ ନାରୀ ଜାତିର ଶୀର୍ଷ ସ୍ଥାନ ଅଧିକାର କରି ଆଦର୍ଶ ମହିଳା ରୂପେ ଗଞ୍ଜାମ ଗୌରବ ରକ୍ଷା କରିଅଛନ୍ତି । ସେ କୌଣସି ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ଲାଭ ନ କରି ସାଧାରଣ ଚାଟଶାଳୀରେ କିଛି ପଢାଶୁଣା କରି ଯେଉଁ କବିତା ଗୁଡିକ ଲେଖିଯାନ୍ତି, ତାହା ଦ୍ୱାରା ତାହାଙ୍କର ଅସୀମ ସାହସ ଶକ୍ତିର ଓ ବିଦ୍ୟା ବିଚକ୍ଷଣତାର ଗଭୀର ପରିଚୟ ମିଳୁଅଛି । ସେ ଏପରି ସତ୍‌ସାହସ କରି ସାହିତ୍ୟ ସେବାରେ ବ୍ରତୀ ହୋଇଥିବା ଯୋଗୁଁ ସର୍ବଜନ ତାହାଙ୍କର ପ୍ରଶଂସାବାଦ କରିଛନ୍ତି ଏବଂ ଅନ୍ୟ କେତେଜଣ ନାନାପ୍ରକାର ମିଥ୍ୟାବାଦଗୁଡିକର ସ୍ୱୀକାର ହେବାକୁ ପଡୁଥିଲା । ପାଠକେ, ଦେଖନ୍ତୁ ଉତ୍କଳ ଖଣ୍ଡରେ କିପରି ନର ପଶୁ ଗୁଡିଏ ଜନ୍ମଗ୍ରହଣ କରି ଦେଶର ଉନ୍ନତି ପଥ ଧ୍ୱଂସ କରୁଅଛନ୍ତି । ଏପରି ଅସତ୍ କର୍ମା ନର ପଶୁ ଗଣଙ୍କର ଯେକୌଣସି ପ୍ରତିକାର ଶୀଘ୍ର ନ ହେଲେ ଉନ୍ନତି ହେବ କଠିନ ବ୍ୟାପାର ।

ପରିଶେଷରେ ଏତିକି କହିବା ଉଚିତ୍ ଯେ, 'ଅନ୍ନପୂର୍ଣ୍ଣା ସୁଖେ ଦୁଃଖେ ବାସ୍ତବିକ ଅନ୍ନପୂର୍ଣ୍ଣା' । ଅତିଥି ସେବାରେ ସିଦ୍ଧହସ୍ତା, ନାନା ବିପଦରେ ପଡି ସୁଦ୍ଧା ନିଜର ସିଦ୍ଧାଭିମାନ ଛାଡ଼ିନାହାନ୍ତି । ତେଣୁ ସେ ଆଜି ବି ଅମପାଇଁ ଅମର ।

-୦-

ଗବେଷିକା

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଗଂଜାମ





# ବିସ୍ମୟ ପ୍ରତିଭା 'ଉତ୍କଳଭାରତୀ'

ଡ. କୀର୍ତ୍ତିମଞ୍ଜରୀ ସାହୁ

ଉତ୍କଳଭାରତୀ କୁନ୍ତଳାକୁମାରୀ ସାବତ ଏକ ସୁଦୂରପ୍ରସାରୀ ନାମ । ବିଂଶଶତାବ୍ଦୀ ଉତ୍କଳର ନାରୀ-ପ୍ରତିଭାମାନଙ୍କ ମଧ୍ୟରେ ସେ ଏକ ବିସ୍ମୟ । ଚିତ୍ତାକର୍ଷକ ବ୍ୟକ୍ତିତ୍ୱ, ବିପ୍ଳବର ଜ୍ୱଳନ୍ତ ଅଗ୍ନିଶିଖା, ମାନବତାର ଏକ ପରିପୂର୍ଣ୍ଣ ଉତ୍ସ । ମାତ୍ର ସଇଁତିରିଶ ବର୍ଷର ଜୀବନ । କ୍ଷୀଣଜୀବୀ ସ୍ମୃତିରେ ଦ୍ରୁତ ଘଟଣାପ୍ରବାହ ମଧ୍ୟରେ ତାଙ୍କ ଉଜ୍ଜ୍ୱଳ ଛବି ଆଜି ବି ସାହିତ୍ୟାକାଶରେ ଅମଳିନତର ଜାଜ୍ୱଲ୍ୟମାନ । ତାଙ୍କ ଦେଶାତ୍ମବୋଧ, ପ୍ରେମ, ପ୍ରକୃତି, ଭଗବତ ଚିନ୍ତନ, ଜାତୀୟ ଚେତନା ଓ ସ୍ୱଦେଶପ୍ରୀତି ଆଜିବି ନିରାଶ ମନରେ ଗଭୀର ଆଶାର ସଞ୍ଚାର କରେ । ପ୍ରକୃତି ସହ ସୌହାର୍ଦ୍ଦ୍ୟ ସ୍ଥାପନ ପାଇଁ ପ୍ରେରିତ କରେ, ସହକାର ମୁକୁଳର ସୌରଭ ସଙ୍ଗେ ଦାର୍ଶନିକ ଭାବର ଗୌରବ ଅନୁଭବ କରାଏ । ଗ୍ରାମ୍ୟ ଜୀବନର ଦାରିଦ୍ର୍ୟ, ପତନ ଓ ବିଶେଷତଃ ରୋଗବ୍ୟାଧି ଓ କୁସଂସ୍କାରର ବିକଟତା ମଧ୍ୟରେ ନାରୀର ଏକାନ୍ତ ଅସହାୟତା ପ୍ରତି ମନରେ ସମବେଦନା ସୃଷ୍ଟି କରାଏ ।



କୁନ୍ତଳାକୁମାରୀଙ୍କ ସାହିତ୍ୟିକ ବ୍ୟକ୍ତିତ୍ୱ ତାଙ୍କୁ ସ୍ୱାତନ୍ତ୍ର୍ୟତା ପ୍ରଦାନ କରେ । ମାଧବୀ, ବୃନ୍ଦାବତୀ, ନିଶଙ୍କରାୟରାଣୀ ପ୍ରଭୃତି ଅତୀତର ଯେଉଁ କେତେଜଣ ପ୍ରତିଭାଶାଳୀ ନାରୀକବି ଓଡ଼ିଆ ସାହିତ୍ୟର ଶୋଭାମଣ୍ଡନ କରିଥିଲେ । ସେମାନଙ୍କ ମଧ୍ୟରେ ସେ ସର୍ବୋଚ୍ଚ ସ୍ଥାନର ଅଧିକାରିଣୀ ଥିଲେ । କବିତା, ପ୍ରବନ୍ଧ, ଉପନ୍ୟାସ ଆଦି ସୁସାରସ୍ୱତ ସୃଷ୍ଟିସମ୍ଭାରରେ ତାଙ୍କର ସଂସ୍କାରକ ମନୋଭାବ ସୁସ୍ପଷ୍ଟ । ବାଲ୍ୟବିବାହର ବିରୋଧ, ବିଧବା ବିବାହ, ପରଦାତ୍ୟାଗ, ନାରୀ ଜାଗରଣ ଲାଗି ବିଭିନ୍ନ ପତ୍ରିକାର ସମ୍ପାଦିକା ଭାବରେ ସେ ଫଳପ୍ରଦ ଉଦ୍ୟମ କରିଯାଇଛନ୍ତି । ଅସ୍ପୃଶ୍ୟତା ନିବାରଣ, ଜାତିଭେଦ ବର୍ଜନ ଓ ସମାଜର ସର୍ବାଙ୍ଗୀନ ଉନ୍ନତି ଲାଗି ତାଙ୍କର ମହତ୍ତ୍ୱପୂର୍ଣ୍ଣ ଦାନ ତାଙ୍କୁ ଚିରସ୍ମରଣୀୟ କରି ରଖିବା ସହିତ ମାନବସମାଜକୁ ସଦା ସୁସଂସ୍କୃତ ହେବା ପାଇଁ ପ୍ରେରିତ କରୁଥିବ । ଆଞ୍ଚଳିକ ଭାଷା ଓ ସମାଜକୁ ଉନ୍ନତମାର୍ଗରେ ନେବାରେ, ତଥା ନାରୀ ସମାଜରେ ତତ୍କାଳୀନ ରୁଢ଼ିବାଦ ବିରୋଧରେ ସେ ସ୍ୱର ଉତ୍ତୋଳନ କରି ଏକ ମାନବୀୟ ମୂଲ୍ୟବୋଧ ଥିବା ସମାଜର ସ୍ୱପ୍ନ ଦେଖିଥିଲେ । ସେହି ସ୍ୱପ୍ନକୁ ସାକାର କରିବା ଲାଗି ଶେଷ ପର୍ଯ୍ୟନ୍ତ ଚେଷ୍ଟା ମଧ୍ୟ କରିଥିଲେ ।

କୁନ୍ତଳାକୁମାରୀ ପିତା ଦାନିଏଲ ସାବତ ଓ ମାତା ମଣିକା ସାବତଙ୍କ କୋଳମଣ୍ଡନ କରି ୧୯୦୦ଖ୍ରୀଷ୍ଟାବ୍ଦ, ଫେବୃଆରୀ ଆଠ ତାରିଖରେ ଓଡ଼ିଶାର ଏକ ବିଚ୍ଛିନ୍ନାଞ୍ଚଳ ବସ୍ତର ଗଡ଼ଜାତରେ ଜନ୍ମଗ୍ରହଣ କରିଥିଲେ । ପିତା ଦାନିଏଲ ପେଷାରେ ଜଣେ ଡାକ୍ତର ଭାବରେ ସୁଦୂର ବର୍ମାରେ ବହୁବର୍ଷ ଅବସ୍ଥାନ କରିଥିବା ହେତୁ, କୁନ୍ତଳାଙ୍କ ବାଲ୍ୟକାଳ ବର୍ମାରେ ହିଁ କଟିଥିଲା । ପିଲାବେଳୁ ସେ ଇଂରେଜୀ ଓ ବଙ୍ଗଳା ଭାଷା ଶିକ୍ଷା କରିଥିବା ବେଳେ, ଓଡ଼ିଆ ତାଙ୍କର ମାତୃଭାଷା ନଥିବାରୁ ସେ ଏଥିରୁ ବହୁଦୂରରେ ଥିଲେ । କୈଶୋରବସ୍ଥାରେ କଟକ ଅବସ୍ଥାନ କାଳରେ ତଥା ରେଭେନ୍‌ସା ବାଳିକା ବିଦ୍ୟାଳୟରେ ଅଧ୍ୟୟନରତ ଥିବା ସମୟରେ ସେ ଓଡ଼ିଆ ଭାଷା ଶିକ୍ଷା କଲେ । ତତ୍ପରେ ୧୦୧୨ ଖ୍ରୀଷ୍ଟାବ୍ଦରେ ପ୍ରତିଯୋଗିତା ପରୀକ୍ଷାରେ ପ୍ରଥମସ୍ଥାନ ଅଧିକାର ସହ କଟକ ମେଡ଼ିକାଲ ସ୍କୁଲରେ ପ୍ରବେଶ, ୧୯୧୨ରେ ଏଲ.ଏମ୍.ପି.ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଏକ ବଡ଼ ସଫଳତା ଥିଲା ।

ସମୟକ୍ରମେ ଡାକ୍ତରୀ ବ୍ୟବସାୟ ତାଙ୍କୁ ପ୍ରତିକୂଳବୋଧ ହୋଇଥିଲା । ଏହି ବ୍ୟବସାୟକୁ ସେ ମାନବତାର ଉତ୍ସ ଭାବରେ ଗ୍ରହଣ କରିବାକୁ ଚାହୁଁଥିବାରୁ ୧୯୨୭ ମସିହାରେ କଟକ ରେଡକ୍ରସ୍‌ର

ତତ୍ତ୍ୱାବଧାରିକା ପଦରୁ ଇସ୍ତଫା ଦେଇ ଦିଲ୍ଲୀ ଯାତ୍ରା କରିଥିଲେ । ସେଠାରେ ସେ ସ୍ୱାଧୀନ ଭାବରେ ଡାକ୍ତରୀ ବ୍ୟବସାୟ ଆରମ୍ଭ କରିବା ସହିତ, ମାନବ ସେବା, ଅସ୍ପୃଶ୍ୟତା ନିବାରଣ ଆଦି ଜାତୀୟସ୍ତରରେ ସଂସ୍କାରମୂଳକ କାର୍ଯ୍ୟରେ ବ୍ରତୀ ହୋଇଥିଲେ ।

ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଜୀବନର ଅଧିକାଂଶ ସମୟ ପ୍ରବାସରେ କଟାଇ ମଧ୍ୟ ତାଙ୍କର ଓଡ଼ିଆ ପ୍ରୀତି ଓ ଓଡ଼ିଆ ଭାଷା ପ୍ରୀତିର ତୁଳନା ନାହିଁ । ଓଡ଼ିଆ ଭାଷାରେ ସେ ଯେଉଁଜ୍ଞାନ ହାସଲ କରିଥିଲେ । ତାହା ଭୂପତି ପଣ୍ଡିତଙ୍କ ବ୍ୟତୀତ ତତ୍କାଳୀନ ଓଡ଼ିଆ ସାହିତ୍ୟ ସମାଜରେ ଅନ୍ୟତ୍ର ବିରଳ ।

ଦିଲ୍ଲୀ ରହଣିର ସାତବର୍ଷ ମଧ୍ୟରେ ସେ ଅଞ୍ଜଳ, ଅର୍ଚ୍ଚନା ପ୍ରଭୃତି ଗୀତି କବିତାଗୁଚ୍ଛ ଓ ଭ୍ରାନ୍ତି, ପରଶମଣି, ନଅତୁଣ୍ଡୀ, କାଳିବୋହୂ ପ୍ରଭୃତି ସଂସ୍କାରମୂଳକ ଉପନ୍ୟାସମାନ ରଚନା କରିଥିଲେ । ଏହି ସମୟରେ ସେ ଆର୍ଯ୍ୟଧର୍ମ ଗ୍ରହଣ କରିବା ସହିତ କୃଷ୍ଣପ୍ରସାଦବ୍ରହ୍ମଚାରୀଙ୍କୁ ବିବାହ କରିଥିଲେ । ସମୟକ୍ରମେ ତାଙ୍କର ଜୀବନପ୍ରତି ଦୃଷ୍ଟିକୋଣ ବଦଳିବା ସହିତ ସାହିତ୍ୟ ସାଧନାର ଦିଗ ମଧ୍ୟ ପରିବର୍ତ୍ତିତ ହୋଇଥିଲା ।

ଏକ ପ୍ରସାରିତ ହୃଦୟ ନେଇ ସେ ଚିନ୍ତା କରିଛନ୍ତି ଭାରତକୁ, କଳିଙ୍ଗ/ ଉତ୍କଳକୁ, ଇତିହାସ ଓ ଐତିହ୍ୟକୁ, ସନାତନ ଧର୍ମକୁ, ଜଗନ୍ନାଥଙ୍କୁ । ଚାହିଁଛନ୍ତି ଭାରତର ମୁକ୍ତି, କଳିଙ୍ଗ ଓ ଉତ୍କଳର ସ୍ୱତନ୍ତ୍ରତା । ଅନ୍ତରର ଶ୍ରଦ୍ଧା ସେ ନିବେଦନ କରିଛନ୍ତି ମହାତ୍ମାଗାନ୍ଧି, କୁଳବୃଦ୍ଧ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଓ ଗୋଦାବରୀଶ ମିଶ୍ର ପ୍ରମୁଖ ବ୍ୟକ୍ତିବିଶେଷଙ୍କ ପ୍ରତି । ଯେତେବେଳେ ସେ ବ୍ୟକ୍ତିଗତ ସ୍ୱାର୍ଥ, ପ୍ରେମ, ସୁଖଦୁଃଖ ଚିନ୍ତାରୁ ମୁକ୍ତ ହୋଇଯାଇଛନ୍ତି, ସେତେବେଳେ ତାଙ୍କ ଭିତରେ ଜାତୀୟ ଚେତନା ଓ ସ୍ୱଦେଶପ୍ରୀତିର ପରିସ୍ଫୁଟ ହୋଇଛି । ସେ ଭଲପାଇଛନ୍ତି ସମଗ୍ର ଭାରତକୁ, ଭାରତର ସଂସ୍କୃତିକୁ, ସନାତନ ଧର୍ମକୁ, ରାଷ୍ଟ୍ରଭାଷା ହିନ୍ଦୀକୁ । କ୍ରମେ ସେ ପ୍ରସାରିତ ହୋଇଯାଇଛନ୍ତି ଭାରତ ବର୍ଷରେ, ହିନ୍ଦୀ ମଣ୍ଡଳରେ । ମାତ୍ର ଓଡ଼ିଶାକୁ ସେ ଭୁଲିନାହାଁନ୍ତି । ଓଡ଼ିଶାର ଏକତ୍ରୀକରଣ, ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି, ଓଡ଼ିଆ ଜାତିର ବିକାଶ ପାଇଁ ତାଙ୍କର ଅନ୍ତରାତ୍ମା । ସତତ ଉନ୍ମୁଖ ହୋଇଉଠିଛନ୍ତି । ଏସବୁ ଚିନ୍ତା ଓ ଚେତନା ତାଙ୍କର କବିତା ଓ ଉପନ୍ୟାସମାନଙ୍କରେ ଫୁଟି ଉଠିଛି । ଏହି ଉପନ୍ୟାସଗୁଡ଼ିକରେ ସମାଜସଂସ୍କାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏଥିସହିତ ମାତୃଭୂମି, ମାତୃଭାଷା ପ୍ରତି ମମତ୍ୱବୋଧ ସୃଷ୍ଟି ପାଇଁ ମଧ୍ୟ ରହିଛି ପ୍ରେରଣା । ସେହିପରି ଅଞ୍ଜଳି, ଉଚ୍ଛ୍ୱାସ, ପ୍ରେମ ଚିନ୍ତାମଣି, ଆହ୍ୱାନ, ସ୍ଫୁଲିଙ୍ଗ ଆଦି କବିତା ପୁସ୍ତକଗୁଡ଼ିକରେ ବିଭୁପ୍ରେମ ତଥା ଜାତୀୟତାବୋଧ ତାଙ୍କ କବିତାର ଅନ୍ତବାଣୀ । ସର୍ଜନଶୀଳ ଲେଖାରେ କୁନ୍ତଳାବଡ଼ ଆବେଗପ୍ରବଣ ।

ତାଙ୍କ ସମଗ୍ର ସାହିତ୍ୟକୃତିରେ ଆଶାବାଦୀ ଓ ସାର୍ବଜନୀନ ଚିନ୍ତାର ପରିପ୍ରକାଶ ଘଟିଥିଲେ ମଧ୍ୟ ସ୍ୱଳ୍ପସଂଖ୍ୟକ ରଚନାରେ ନୈରାଶ୍ୟବାଦର ଛାୟା ଦେଖିବାକୁ ମିଳିଥାଏ । ପ୍ରେମ ପାଗଳିନୀ କୁନ୍ତଳା ଦୁଃଖ ଓ କ୍ଷୋଭରେ ଗାଇ ଉଠିଛନ୍ତି,

"ଦୁଃଖମୋର ନିତି କୁଟୀର ଅତିଥି ସୁଖମୁଖ ଦେଖି ନାହିଁ,
ଦୁଃଖ ମୋର ସାରଭାଗ ଏ ଜୀବନ ସୁଖପାଇଁ ସ୍ଥାନ କାହିଁ ।
ଦୁଃଖ ମୋର ବନ୍ଧୁ ଦୁଃଖ ମୋର ସଖା ଦୁଃଖ ମୋହୃଦୟବାସୀ
ଅର୍ଚ୍ଚନା ମନ୍ଦିରେ ଦୁଃଖବେଦୀପରେ ଦୁଃଖ ମୋର ଫୁଲରାଶି ।"
(କାମନା-ଅଞ୍ଜଳି)

ଅନୁରୂପ ଭାବେ ଭକ୍ତକବି ବନମାଳୀଙ୍କ ବିରହିଣୀରାଧା ଦୁଃଖରେ ଭାଙ୍ଗିପଡ଼ି କହିଥିଲେ-

"ଏଜୀବନ ଅକାରଣ, ଗଲାରେ ସଜନୀ ଜାଣ
ବଣର ମାଳତୀ ପରି ବଣେ ଫୁଟି ଝଡ଼ିଲାରେ ।"

ସରଳାଦେବୀ ଏଥିପାଇଁ କୁନ୍ତଳାଙ୍କୁ ତପସ୍ୱିନୀ ବୋଲି କହିଛନ୍ତି । ଜୀବନଭରି ଅଶେଷଦୁଃଖ ନିର୍ଯ୍ୟାତନା ରହିଥିଲେ ମଧ୍ୟ ସେ ଏସବୁକୁ ଦୂରକୁ ଫିଙ୍ଗିଦେଇ ଗଭୀର ଆଶାବାଦୀ ହୋଇପଡିଥିଲେ । ଅମୃତର ସନ୍ତାନ ମଣିଷ ପ୍ରତି ତାଙ୍କର ଅସୀମ ମମତାବୋଧ ରହିଥିଲା ।

"ଶୁଣହେ ମଣିଷ ଭାଇ !
ଝୁରି ମରିବାକୁ ବୁଡ଼ି ମରିବାକୁ ମଣିଷ ଜନମି ନାହିଁ
× × × × ×
ଅମୃତ ଦୀପ୍ତି ସନ୍ତାନ ତୁମେ, ମରଣ ତୁମର କାହିଁ ।"

ପୁନଶ୍ଚ ଗୋପବନ୍ଧୁଙ୍କ ପରି ମାନବସେବାକୁ ମାଧବସେବା ଭାବରେ ଗ୍ରହଣ କରି ଅଞ୍ଜଳିରେ ବୈଦିକ ଋଷିତୁଲ୍ୟ ଗାଇ ଉଠିଛନ୍ତି-

ସର୍ବ ଦୁଃଖ ସୁଖ ଦାରୁଣ ଆଘାତ ନୀରବେ ସହିବି ଚିତ୍ତେ
ପ୍ରାଣ ବିସର୍ଜନ କରିବି କେବଳ ସଦା ଜଗତେ ହିତେ ।
ବିଶ୍ୱ ପରିବାର ସେବାରେ ସତେ,
ବହିଯାଇ ଦିନ ମୋର । (କାମନା-ଅଞ୍ଜଳି)

ଅଭାବ ଅସୁବିଧା ଅସଂଖ୍ୟ ଝଡ଼ଝଞ୍ଜା ମଧ୍ୟରେ ସେ ପାହାଡ଼ପରି ଅବିଚଳିତ ରହି ସାହିତ୍ୟ ସାଧନାରେ ନିମଜ୍ଜିତ ରହିଥିଲେ । ପ୍ରତିଦାନରହିତ ମଙ୍ଗଳକାମନା ତାଙ୍କ ଜୀବନର ବ୍ରତ ଥିଲା । ତାଙ୍କ ରଚିତ ସମ୍ବୋଧନ ଗୀତିକା 'ତାରାପ୍ରତି', କବିତାରେ ଦୃଢ଼ ଈଶ୍ୱର ବିଶ୍ୱାସ, ବଳିଷ୍ଠ କର୍ମାନୁରାଗ, ଅସୀମ ବିଶ୍ୱଚେତନାର ଭାବ

ପରିପ୍ରକାଶିତ ।

"ହେଉ ବିଶ୍ୱସେବା ମୋ ଜୀବନ ବ୍ରତ
ଆସୁବାଧା ଆସୁ ଦୁଃଖ ଶତଶତ
ନହୁଏ ଯେହ୍ନେ ମୁଁ କ୍ଷଣକେ ନିରାଶ
ହେଉ କର୍ମେ ଲକ୍ଷ୍ୟ ବିହୁପଦେ ଆଶା ।
କର୍ତ୍ତବ୍ୟ ମହତ କର୍ତ୍ତବ୍ୟ ଉଚିତ
କଲି ତାରା ଆଦି ଜୀବନେ ବିହତ ।"

କେବଳ ମନୁଷ୍ୟ ନୁହେଁ, ପରୋପକାରୀ ପଶୁପକ୍ଷୀ, ଏପରିକି ବୃକ୍ଷକୁ ମଧ୍ୟ ସେ ପରମବନ୍ଧୁ ଭାବରେ ଗ୍ରହଣ ସୁଖଦୁଃଖ ବା ଅନୋବେଦନାକୁ ବୃକ୍ଷଆଗରେ ପ୍ରକାଶ କରି, ତା'ଠାରୁ ପରୋପକାର, ନମ୍ରତା, ବିନୀତ ଭାବ, ଅକାତରରେ ସେବାକାର୍ଯ୍ୟ ପ୍ରଭୃତି ଶିକ୍ଷା କରିବାକୁ ଚାହିଁଛନ୍ତି । ବୃକ୍ଷଠାରେ ସେ ମାନବୀୟ ଭାବକୁ ଆରୋପ କରିଗାଇ ଉଠିଛନ୍ତି –

"ଶିଖାଅ ହେବି ତୋ ସମ, ସୁବିନୀତ ନମ୍ରମନ
ଅକାତରେ ଭବସେବା ଯାଉଥିବି କରି,
ମୋ କ୍ଷୁଦ୍ର ଆୟାସେ ବହୁ କ୍ଲେଶ ନେବି ହରି
ପ୍ରତିଦାନେ ବି ନହିଁ ତ କରିବି ତୋ ପରି ।"

କୁନ୍ତଳାଙ୍କ 'ଉଚ୍ଛ୍ୱାସ'ରେ ଯେଉଁ ଆକୁଳ ଆତ୍ମ ନିବେଦନର ଆରମ୍ଭ ହୋଇଥିଲା, ତାହାର ଉଦାତ୍ତ ପରିଣତି ଘଟିଛି ଅଞ୍ଜଳିରେ । ତା'ପରେ ଅର୍ଚ୍ଚନାରେ ଓ ଶେଷରେ ବୃହତ୍ତମ ଭକ୍ତଗ୍ରନ୍ଥ 'ପ୍ରେମଚିନ୍ତାମଣି'ରେ । ଏହି ଭୌତିକତାମୟ ଯୁଗର ଯାବତୀୟ ଭୌତିକତାବହୁଳ ବେଷ୍ଟନୀ ମଧ୍ୟରେ ରହି ପୂଜ୍ୟସ୍ପଦ ମଧୁସୂଦନ ରାଓଙ୍କ ପଛକୁ କୁନ୍ତଳାକୁମାରୀ ହିଁ ଆଧାତ୍ମିକତାରେ ଦିବ୍ୟାଞ୍ଜନରେ ଉତ୍କଳକୁ ମହିମାନ୍ୱିତ, ତଥା ଅନୁପ୍ରାଣିତ କରିଯାଇଛନ୍ତି ।

ନିଜର ପ୍ରିୟଜନ ପାଇଁ, ସର୍ତ୍ତବିହୀନ ଆତ୍ମସମର୍ପଣ ଓ ନିଃସ୍ୱାର୍ଥପର ତ୍ୟାଗ ପ୍ରକୃତ ପ୍ରେମର କଷଟିପଥର । ପ୍ରେମମୟପୁରୁଷ ତା'ନିକଟରେ ସର୍ବସ୍ୱ, ସର୍ବଗୁଣସମ୍ପନ୍ନ, ସମସ୍ତ ସୁଖଶାନ୍ତିର ଆକାର । ତାହା ଶ୍ରୀମତୀଙ୍କ ମୁଖରେ କବି ପ୍ରକାଶ କରାଉଛନ୍ତି–

"ସାରାସଂସାର ତା'ଦୋଷ ବଖାଣନ୍ତି
ମୁଁ ଦେଖେ ଗୁଣ ସାଗର
ଚନ୍ଦ୍ରରେ କଳଙ୍କ କହନ୍ତି ଭାବେ ମୁଁ
ସେ ଏକା ଅମୃତାକର ।
କହନ୍ତି, ଲୋ ଲୋକେ ଶ୍ୟାମ କପଟିଆ
କହନ୍ତୁ କାଳିଆ କୁଳ କଳଙ୍କିଆ
ଗଳାରେ ମୋହର ଛୁରୀ ଦେଇ ଭଲେ
ରହୁ ଆଜ ଆନନ୍ଦରେ
ମଥାମଣି ସମ ମଣିଛି ମିତଣି
କିସ ଗରବାଛନ୍ଦରେ ।"(ପ୍ରେମ ଚିନ୍ତାମଣି)

କବି ବନମାଳୀଙ୍କ ରାଧା ସେହିପରି ଭାବରେ କୃଷ୍ଣଙ୍କ ପାଇଁ ଅନୁରାଗ ପ୍ରକାଶ କରି କହିଛନ୍ତି–

"ଯେତେବେଳେ କୁହନ୍ତୁ ନିନ୍ଦା କୁବଚନ
ତହିଁକି ଶୋଚନା ନାହିଁ କଦାଚନ
ଗଣ୍ଠିଧନ ମୋର କାଳିଆ କାଞ୍ଚନ
ମୁଁ ତ କିଣା କିଙ୍କରୀ ତାହାର ଲୋ
ଭଲ ମନ୍ଦହାନି ଲାଭ ନ ବିଚାରି
ବଳେ ମୁଁ ହୋଇଛି କୃଷ୍ଣ ପରିଚାରି
ବୁଝି ଭଲମନ୍ଦ ସଭିଙ୍କୁ ପଚାରି
ତାହା ବିନା ନରୁଚେ ଆହାରଲେ ।"

(ବନମାଳୀ ପଦ୍ୟାବଳୀ, ପୃ.୭୦)

ଭକ୍ତକବି ଅଭିମନ୍ୟୁ 'ପ୍ରେମ ଚିନ୍ତାମଣି' କାବ୍ୟରେ ଅନୁରୂପ କଥା ମାନବୀୟ ରାଧାଙ୍କ ମୁଖରେ କୁହାଇଛନ୍ତି ।

"ଖଳକୁ ନାହିଁ ମୋ ଘର, ସଖୀ ଖଟିବି ଚରଣେ ତାର
ଖସିଲା ଖଷଣୀ ତାର କି ରହଇ, ମୋ ମନ ହେଲାଣି
ଜ୍ଞାନ ଧ୍ୟାନ ସବୁ ମୋର, ଗୋବିନ୍ଦ ନନ୍ଦ କିଶୋରରେ
ଗୁପତ କରି ମୁଁ ତୋତେ କହୁଅଛି ପାପକୁ ନହିଁ ମୋ ଡର ।"

କୁନ୍ତଳାକୁମାରୀ କେବଳ ଅଭିମନ୍ୟୁ, ବନମାଳୀ, ମଧୁସୂଦନ ଆଦି ସ୍ରଷ୍ଟାପୁରୁଷମାନଙ୍କ ଦ୍ୱାରା ପ୍ରଭାବିତ ନଥିଲେ, ତତ୍ସହିତ ହିନ୍ଦୀର ସୁପ୍ରସିଦ୍ଧ କବୟିତ୍ରୀ ମହାଦେବୀ ବର୍ମା ଓ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଦ୍ୱାରା ମଧ୍ୟ ବହୁଭାବରେ ପ୍ରଭାବିତ ଓ ପ୍ରେରିତା ଥିଲେ ।

କୁନ୍ତଳାଙ୍କ କବିତାରେ ପ୍ରକୃତି ସହିତ ବିଭୁଚେତନାର ସମନ୍ୱୟ ଯେପରି ପରିଲକ୍ଷିତ ହୋଇଛି, ସେହିପରି ଆଧିଭୌତିକ ଦୃଷ୍ଟିଭଙ୍ଗୀରେ ମାନବୀୟ ଚେତନାର ସମନ୍ୱୟ ସଂଘଟିତ ହୋଇଛି । ସୁନ୍ଦର ପୃଥିବୀରେ ମୃତ୍ୟୁପ୍ରତି ଶଙ୍କା ପ୍ରକାଶ ନକରି, ସେ ଜୀବନାଭିଳାଷୀ ହୋଇ ଚମ୍ପାଦଳ–ଅର୍ଚ୍ଚନାରେ ଗାଇ ଉଠିଛନ୍ତି ।

"ମୁଁ ଦେଖେ ସୁନ୍ଦର ଏ ବିଶ୍ୱ ଉଦାର
ଅନନ୍ତ ପ୍ରେମ ନନ୍ଦନ,
ମରଣ ନୁହେଁ ଗୋ ଚିର ଅବସନା
ଆରମ୍ଭ ନବୀନ ଜୀବନ ।"

ଭାବଧାରା ସହିତ ବିଶ୍ୱକବିଙ୍କ –

"ଜଗତେ ଆନନ୍ଦ ଯଜ୍ଞେ ଆମାର ନିମନ୍ତ୍ରଣ

ଧନ୍ୟ ହଲ ଧନ୍ୟ ହଲ ମାନବ ଜୀବନ
ମରନ୍ ନୟେଁ, କାମ୍ୟ ଆମାର ନବୀନ ଜୀବନ ।''

ପଦ୍ୟାଂଶର ଭାବଗତ ଐକ୍ୟ ରକ୍ଷା କରିଛି ।

ସେହିପରି ପ୍ରକୃତରେ ପରମେଶ୍ୱରଙ୍କ ଅମୃତାୟିତ ସ୍ଥିତି, ପ୍ରକୃତିର ପରମସତ୍ତା ସହ ଏକାତ୍ମବୋଧ ହିଁ କୁନ୍ତଳା କାବ୍ୟଚେତନାର ଏକ ଉଲ୍ଲେଖନୀୟ ବୈଶିଷ୍ଟ୍ୟ- କୁନ୍ତଳାଙ୍କ ଭାଷାରେ-

"ତୋ ରୂପେ ତନୁ ସିନା ଶୋଭା-କାନନ
ତୁପରା ପରିମଳ ମୁହିଁ ସୁମନ ।
ତୁ ଅବା ବସନ୍ତର ଚୋରା ପବନ
ମୁଁ ତହିଁ ପଦ୍ମଗନ୍ଧ ମନମୋହନ ।"

ପରମସତ୍ତା ଏକାତ୍ମ ହେବାର ଅନୁରୂପ ଅନୁରାଗମୟ କାବ୍ୟିକ-ଭାବନା ହିନ୍ଦୀ ସାହିତ୍ୟର ସୁପ୍ରସିଦ୍ଧ କବୟିତ୍ରୀ ମହାଦେବୀ ବର୍ମାଙ୍କ ସୃଷ୍ଟିରେ ସମାନ୍ତରାଳ ଭାବରେ ରୂପାୟିତ-

"ମୈତୁମସେ ହୁଁ ଏକ୍ ଏକ୍ ହୈ
ଯୈସେ ରଶ୍ମିପ୍ରକାଶ
ମୈ ତୁମ୍‌ସେ ହୁଁ ଭିନ୍ନଭିନ୍ନ ଜ୍ୟୋ
ଘନ୍‌ମେ ତଡ଼ିତ ବିଳାସ ।"

କୁନ୍ତଳାଙ୍କ ଜୀବନ ନାନା ସଂଘର୍ଷରେ ପରିପୂର୍ଣ୍ଣ ଥିଲା । ତଥାପି ସେ ନିରାଶାର ମରୁବାଲିରେ ଦିଗଭ୍ରାନ୍ତ ହୋଇ ନଥିଲେ । ଆଜୀବନ ଦେଶ, ଜାତି ଓ ନାରୀର ଗୌରବ ରକ୍ଷା ପାଇଁ ତାଙ୍କର ସଂଗ୍ରାମ ଅପ୍ରତିହତ ଥିଲା । ଆତ୍ମବିଶ୍ୱାସ ସହ ଦୁର୍ଲ୍ଲଭ ମାନବଜୀବନର ମୂଲ୍ୟବୋଧକୁ ଚରିତାର୍ଥ କରି ସେ ନୂତନ ଆଶାରେ ଆଶାବାଦୀ ହୋଇ ଗାଇ ଉଠିଛନ୍ତି-

"ଶେଫାଳି, ତୋପରି କ୍ଷୁଦ୍ର ମୁହିଁ ତୋପରି କ୍ଷଣିକ
ହସେବାସେ ରସେ ମାତ୍ର ଫୁଟିଅଛି ଘଡ଼ିକୁ
ମାଟିରେ ମିଶିବୁ ତୁହି ମାଟିରେ ମିଶିବି ମୁହିଁ
ତଥାପି ମୋ ଆତ୍ମାଫୁଲ ନଯିବ ତ ମଉଳି ।"

ନିଜର ସ୍ୱଳ୍ପ ଜୀବନକାଳ ମଧ୍ୟରେ ତାଙ୍କ ସୁଦୂର ଦିଲ୍ଲୀ ରାଜଧାନୀରେ ଖ୍ୟାତିଅର୍ଜନ ଓଡ଼ିଶାବାସୀଙ୍କୁ ବିସ୍ମିତ କରିଥିଲା । ଧର୍ମଗତ, ଗୋଷ୍ଠୀଗତ, ଜାତିଗତ ଭେଦାଭେଦର ଉର୍ଦ୍ଧ୍ୱରେ ସେ ଥିଲେ ଦେଶପ୍ରାଣା; ତାଙ୍କର ଦେଶପ୍ରୀତି ସଂସ୍କାରମୂଳକ କାର୍ଯ୍ୟ । ତାଙ୍କୁ ଅମରତ୍ୱ ପ୍ରଦାନ କରିଛି । କେବଳ ଓଡ଼ିଆ ସାହିତ୍ୟ ନୁହେଁ, ହିନ୍ଦୀ ସାହିତ୍ୟର ଉତ୍ତୋରୋତ୍ତର ଉନ୍ନତି ପାଇଁ ତାଙ୍କର କାର୍ଯ୍ୟ । ହିନ୍ଦୀ ପତ୍ରିକା ସମ୍ପାଦନା, ହିନ୍ଦୀ ସାହିତ୍ୟ ସମ୍ମିଳନୀରେ ସଭାନେତ୍ରୀ ଆସନ ଅଳଙ୍କୃତ, ଦିଲ୍ଲୀ ଆର୍ଯ୍ୟ ମହାସଭାର ସ୍ୱତନ୍ତ୍ର ଅଧିବେଶନରେ ସଭାନେତ୍ରୀ ତାଙ୍କର ବହୁମୁଖୀ ପ୍ରତିଭାକୁ ପ୍ରକାଶିତ କରେ ।

କୁନ୍ତଳାକୁମାରୀଙ୍କ ଆଜୀବନ ସାଧନା ତାଙ୍କୁ ଚିରସ୍ମରଣୀୟ କରି ରଖିବ । ଏହି ମହିୟସୀ ମହିଳାଙ୍କ ମହାପ୍ରୟାଣ ୧୯୩୮ ମସିହା ଅଗଷ୍ଟ ୨୩ ତାରିଖରେ ଘଟିଥିବା ବେଳେ କବି ସଚ୍ଚିରାଉତରାୟ ଶ୍ରଦ୍ଧାଞ୍ଜଳି ଜଣାଇ ଲେଖିଥିଲେ-

"ନୁହେଁ, ସେତ ଖାଲି ନାରୀ କାଳିମାତା ଅବା
ଜାତୀୟ ସମରେ ସେଯେ ସଇନିକ ତୋଳିଛି ଭୈରବୀ
ଆଗେ ସେ ଧରିଛି ଅସି ପଛେ ସିନା ଧରିଛି ଲେଖନୀ
ତେଣୁ ତାର ପ୍ରତିଗାନେ ଅସିଉଠେ ଦେଶର ଧମନୀ
ମୁକ୍ତିର ନିଶାଣ ତଳେ ହେବାପାଇଁ ଦେଶବାସୀ ଠୁଳ
ନିଜହାତେ ଗଢ଼ିଗଲା ବାଣୀରେ ସେ ଆଗ୍ନେୟ ଦେଉଳ ।"

-୦-

ଅଧ୍ୟାପିକା, ଓଡ଼ିଆ ବିଭାଗ
ମହାନଦୀବିହାର ମହାବିଦ୍ୟାଳୟ, କଟକ



# ଧର୍ମସିଦ୍ଧା 'ନାରୀ'

**କଞ୍ଚଲତା ମହାପାତ୍ର**

ନାରୀଙ୍କୁ ଦେବୀଙ୍କ ଉପମା ଦିଆଯାଇଛି । ଗାୟତ୍ରୀ-ସାବିତ୍ରୀ, ଲକ୍ଷ୍ମୀ, କାଳୀ ଆଦି ବିଭିନ୍ନ ରୂପରେ ତାଙ୍କର ପୂଜନ କରାଯିବାର ଦେଖାଯାଉଛି । ଏତଦ୍‌ବ୍ୟତୀତ ମାତା, ଧର୍ମପତ୍ନୀ, ଭଗ୍ନୀ, ପୁତ୍ରୀ ରୂପେ ତାଙ୍କର ବିଶିଷ୍ଟତା ତଥା ପବିତ୍ରତା ରହିଛି । ପୁଣ୍ୟବତୀ ନାରୀମାନଙ୍କ ଯୋଗୁଁ ଗ୍ରାର୍ହସ୍ଥ୍ୟ, ଧର୍ମସିଦ୍ଧ, ପୁଣ୍ୟମୟ ଓ ସତ୍ୟମୟ ହୋଇଥାଏ । ଏହି ଗୃହକୁ ଆଶ୍ରୟ କରି ମନୁଷ୍ୟର ମାନବ ଜୀବନ ସଫଳ ହୋଇଥାଏ । ଯେଉଁ ଗୃହସ୍ଥିଙ୍କ ଗୃହରେ ସାଧ୍ୱୀ ନାରୀଙ୍କ ସ୍ୱଭାବ ଯେତେ ସୁନ୍ଦର ହୋଇଥାଏ, ସେଠି ସମସ୍ତ ଦେବତା ଅନୁଗ୍ରହର ପାତ୍ର ହୋଇଥାନ୍ତି । ତେଣୁ ଆଚାର୍ଯ୍ୟ ମନୁ କହିଛନ୍ତି; "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ ।"

ଭିନ୍ନ ଦୃଷ୍ଟିକୋଣରୁ ଦେଖିଲେ ନାରୀଙ୍କୁ ଭୌତିକବିଜ୍ଞାନୀମାନେ ନାରୀଙ୍କୁ ଅଧିକ ବଳିଷ୍ଠ କରିବା ପୂର୍ବକ ନାରୀହିଁ ଉତ୍କୃଷ୍ଟ ସମାଜଗଠନର ମେରୁଦଣ୍ଡ ବୋଲି ମତ ଦେଇଛନ୍ତି । ଏହା ସତ୍ୟ ମଧ୍ୟ, କାହିଁକି ନା ଜନ୍ମହେଲା ମାତ୍ରେ ତା'ରି କୋଳରେ ହିଁ ପ୍ରଥମ ଶିକ୍ଷା ଗ୍ରହଣ କରିବାର ଅଧିକାର ଈଶ୍ୱର ପ୍ରଦତ୍ତ କରିଛନ୍ତି । ତେଣୁ ସେ ହିଁ ଉତ୍ତମ ଚରିତ୍ର ସଂସ୍କାର ଭାବାପନ୍ନ କରିବାର ଗୁରୁଦାୟିତ୍ୱ ନିର୍ବାହ କରିଥାଏ । ସେ ଶିକ୍ଷା କୌଣସି ବିଶ୍ୱବିଦ୍ୟାଳୟ ବି ହେବାରେ ଅସମର୍ଥ ଅଟେ । ତେଣୁ ତାକୁ ଆଦ୍ୟଗୁରୁ କହିଲେ ଅତ୍ୟୁକ୍ତି ହେବନାହିଁ । ଖାଲି ଏତିକି ନୁହେଁ । ଦେଶ ହେଉ କି ରାଜ୍ୟ ଯେତେବେଳେ ବିପଦର ସମ୍ମୁଖୀନ ହୋଇଛି ବୀରାଙ୍ଗନାର ପରିଚୟ ଦେବାକୁ ଯାଇ ଅଦମ୍ୟ ସାହସ ଶକ୍ତି ବଳରେ ଯଶସ୍ୱିନୀର ଆଖ୍ୟା ପାଇଯାଇଛନ୍ତି...ତେଣୁ ସେ

କାର୍ଯ୍ୟେସୁ ମନ୍ତ୍ରୀ କରଣେଷୁ ଦାସୀ
ଧର୍ମେଷୁ ପତ୍ନୀ କ୍ଷମୟା ଧରିତ୍ରୀ
ସ୍ନେହେସୁ ମାତା ଶୟନେ ବେଶ୍ୟା
ରଂଗେ ସଖୀ ଲକ୍ଷଣ ସା ପ୍ରିୟା....

ଏଭଳି ମହନୀୟତାକୁ ଅବଲୋକନ କରି ଯୋଗପୁରୁଷ ମହାମାନବ ସ୍ୱାମୀ ବିବେକାନନ୍ଦ କହିଥିଲେ:-

"Give me a good women...I will give a good nation."

କିନ୍ତୁ, ଦୁଃଖର କଥା ଯେଉଁ ନାରୀର ଜାତିପ୍ରତି, ସମାଜପ୍ରତି, ରାଷ୍ଟ୍ରପତି ଅବଦାନର ତୁଳନା ନାହିଁ ପୁରୁଷାଧିକ୍ୟ ସମାଜରେ ବିଜ୍ଞାନ ଯେତେ ଦ୍ରୁତଗତିରେ ଆଗେଇଲେ ବି ନାରୀ ପଛକୁ ହିଁ ରହିବା ପାଇଁ ବାଧ୍ୟ ହୋଇଯାଉଛି । ପୁତ୍ରସନ୍ତାନର ପ୍ରାପ୍ତିରେ ହେଉକି ଯୌତୁକ ପ୍ରଥାର ହେଉ ଭ୍ରୂଣହତ୍ୟା ଆଉ ବହୁ ବର୍ବରତାର ଶୀକାରର ମାୟାଜାଲରେ ଆଜିବି ସେ ଛନ୍ଦି ହୋଇଯାଇଛି । ଯେଉଁ ସୁନ୍ଦର କଳିକାଟି ଈଶ୍ୱର ସୃଷ୍ଟିରେ ପ୍ରସ୍ଫୁଟିତ ହୋଇ ତା'ର ସୁବାସକୁ ମହକାଇଥାନ୍ତା, ତା'ପୂର୍ବରୁ ତାକୁ ଦଳିଚକଟି ମାଟିରେ ମିଶାଇବାକୁ ବି ପଛାଉନାହିଁ ଏ ପୁରୁଷ ସମାଜ ।

ଖାଲିତ ଗୋଟେ ପକ୍ଷକୁ ବି କହିଲେ ଭୁଲ ହେବ ପାଶ୍ଚାତ୍ୟ ସଭ୍ୟତାର ଆକର୍ଷଣରେ ବି ଉଶୃଙ୍ଖଳ ନାରୀର ବି ଉଲଗ୍ନ ଶରୀରର ନମୁନା ଆଜି ବିଶ୍ୱ ଦରବାରେ ବିକ୍ରି ହେବାକୁ ବସୁଛି ପ୍ରତିମୁହୂର୍ତ୍ତରେ । ଆମ ଭିତରେ ଏ ସମସ୍ୟାକୁ ଆଲୋଚନା ନକରି ପ୍ରାଚୀ ଇତିହାସର ମହିୟସୀ ମହିଳା ଯଦି ପାଠ୍ୟକାର୍ଯ୍ୟକ୍ରମ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଯଦି ଉଦ୍‌ବୁଦ୍ଧ କରାଯାଇପାରିବ ତା'ହେଲେ କେବଳ ନାରୀ ସମାଜରେ ନୁହଁ ବିଶ୍ୱର ବି ଅନେକ କଲ୍ୟାଣ ସାଧିତ ହୋଇପାରିବ । ସେ ଦୁର୍ନୀତିଗ୍ରସ୍ତ ସମାଜର ଆଲୋକ ବର୍ତ୍ତିକା ସାଜି ଦଣ୍ଡାୟମାନ ହେବା ନିତାନ୍ତ ଆବଶ୍ୟକ ।

ଆମର ଦେଶ ଭାରତବର୍ଷ ସମଗ୍ର ବିଶ୍ୱର ମହାନ ଜାଗତିକ ଓ ସାଂସ୍କୃତିକ ସମ୍ପନ୍ନ ସଂସ୍କାରର ଦେଶ । ସିଦ୍ଧ ସାଧୁମାନଙ୍କ ମତରେ ଆଜି ବିଶ୍ୱଧ୍ୱଂସାଭିମୁଖୀ । ଏହି ପରିପ୍ରେକ୍ଷୀରେ ନାରୀହିଁ ଏକମାତ୍ର ଶକ୍ତି ଯେକି, ଏହି ପଙ୍କଳ ବାତାବରଣକୁ ବିଲୁପ୍ତ କରି ସ୍ୱର୍ଗୀୟ ସମପାରିଜାତ ପୁଷ୍ପ ଫୁଟାଇବାର ଅଧିକାର ଆଉ କ୍ଷମତା ତା'ଠି ଅଛି ।

ଏଣୁ ଦେଶର ପ୍ରଗତି ପ୍ରକାଶ, ପରିପୂର୍ଣ୍ଣତା, ସୁନ୍ଦର ସୁଚରିତ୍ରା ନାରୀଙ୍କ ହାତରେ ପୂର୍ଣ୍ଣସ୍ୱଭାବ । ଏହି ଉଚ୍ଛ୍ୱାସଗାମୀ ମନୋଭାବ ନେଇ ସଂକଳ୍ପବଦ୍ଧ ହୋଇ ସମସ୍ତେ ଏକାଗ୍ରଚିତ୍ତରେ ତ୍ୟାଗପୂତ ଚରିତ୍ରର ଚିତ୍ରକୁ ସଫଳ ଭାବେ ଚିତ୍ରାୟନ କରିପାରିଲେ ଆମ ସମାଜକୁ ଯେ ଅଗ୍ରଣୀ ହୋଇପାରିବ କହିଲେ ଅତ୍ୟୁକ୍ତି ହେବ ନାହିଁ ।

-୦-

ମୋ:୭୯୭୮୪୮୩୯୮୬



# ସେବାର ଅନନ୍ୟ ପ୍ରତିମୂର୍ତ୍ତି ମଦରଟେରେସା

**ପ୍ରଭାତୀ କୁମାରୀ ଦାସ**

ଶାନ୍ତି ଓ ଦୟାର ଅବତାର ମଦର ଟେରେସା ଥିଲେ ଜଣେ ମହାନ୍, ମହୀୟସୀ ନାରୀ । "ମାନବ ସେବା ହିଁ ମାଧବ ସେବା" ଥିଲା ତାଙ୍କ ଜୀବନର ଆଦର୍ଶ । ଏହି ମୂଳମନ୍ତ୍ରରେ ଅନୁପ୍ରାଣିତ ହୋଇ ନିରାଶ୍ରୟ, ଅସହାୟ, ପୀଡ଼ିତଙ୍କ ସେବାକରି ମୁଖମଣ୍ଡଳରେ ଟେନାଏ ହସ ଭରିବା ତାଙ୍କ ଜୀବନର ପ୍ରଧାନଲକ୍ଷ୍ୟ ଥିଲା । ମମତା, କରୁଣା, ଦୟା, ପ୍ରେମ ଓ ସେବାର ପ୍ରତିମୂର୍ତ୍ତି ମଦର ଟେରେସା ସମଗ୍ର ବିଶ୍ୱରେ ଆବାଳବୃଦ୍ଧ ବନିତାଙ୍କ ନିକଟରେ ଆଜି ବି ଚିରସ୍ମରଣୀୟ ।


ଇଉରୋପ ମହାଦେଶର ଆଲବାନିଆ ରାଜ୍ୟର ସ୍କୋପିଏ ସହର ନିକଟସ୍ଥ ଏକ ଗ୍ରାମରେ ୧୯୧୦ ମସିହା ଅଗଷ୍ଟ ୨୭ ତାରିଖରେ ଏକ ଗରୀବ ଧର୍ମପରାୟଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ପିଲାଟି ଦିନରୁ ଦୁଃଖିଦରିଦ୍ରଙ୍କ ଦୁଃଖ ଦେଖିଲେ, ତାଙ୍କର ପ୍ରାଣ କାନ୍ଦିଉଠୁଥିଲା ଏବଂ ଆଖିରୁ ଲୁହ ଆପେ ଆପେ ବହିଯାଉଥିଲା । ଦୁଃଖି ଦରିଦ୍ରଙ୍କ ସେବାକରିବା ପାଇଁ ସେ ଭାରତ ଚାଲିଆସିଥିଲେ । ୧୯୩୧ରେ ସ୍ପେନ୍ ଦେଶର ମହାନ୍ ସନ୍ଥ ତାଙ୍କ ନାଁ ଟେରେସା ରଖିଲେ । ଫଳରେ ଆଗ୍ନେସ୍‌ରୁ ତାଙ୍କ ନାମ ଟେରେସା ହେଲା । ୧୯୩୧ରେ ସେ ଦାର୍ଜିଲିଂରୁ ଶିକ୍ଷାଲାଭ କରି କଲିକତା ଫେରି ଆସିଲେ ଓ ୧୯୪୮ରେ ସେ ଭାରତର ନାଗରିକତ୍ୱ ଗ୍ରହଣ କରିଥିଲେ । "ମିଶନାରିଟି ଅଫ୍‌ଚାରିଟି" ନାମକ ସଂସ୍ଥା ଗଢ଼ି ଚାକିରିରୁ ଇସ୍ତଫା ଦେଇ ଲୋକଙ୍କର ସେବାରେ ବ୍ରତୀ ରହିଲେ । କଲିକତାରେ ୧୯୫୨ ମସିହାରେ 'ନିର୍ମଳ ହୃଦୟ' ନାମକ ଏକ ସେବାଶ୍ରମ ଗଢ଼ି ଅସହାୟ ଲୋକଙ୍କ ସେବାକାର୍ଯ୍ୟ ଆରମ୍ଭ କରିଥିଲେ । ୧୯୬୨ରେ ତାଙ୍କର ଏହି ମହନୀୟ କାର୍ଯ୍ୟପାଇଁ ତାଙ୍କୁ ଶ୍ରେଷ୍ଠ 'ପଦ୍ମଶ୍ରୀ' ଉପାଧି ମିଳିଥିଲା । ଏହାପରେ ସେ 'ରମଣ ମାଗାସେସ୍' ଏବଂ ୧୯୬୯ରେ ଜବାହାରଲାଲ ନେହେରୁ ଶାନ୍ତି ପୁରସ୍କାର ପାଇଥିଲେ । ଏହି ପୁରସ୍କାର ରାଶି ଗରୀବ, ଦୁସ୍ଥରୋଗୀଙ୍କର ସେବାରେ ଉତ୍ସର୍ଗୀକୃତ କରିଥିଲେ । ଆଉ କହିଥିଲେ ଯେଉଁମାନଙ୍କର ସେବା କରିବାର ସୁଯୋଗ ପାଇ ମୁଁ ଜୀବନକୁ ଧନ୍ୟ କରିଛି ସେମାନେ ହିଁ ଏହି ପୁରସ୍କାରର ପ୍ରକୃତ ଅଧିକାରୀ ।

ଏହି 'ରମଣ ମାଗାସେସ୍' ପୁରସ୍କାର ରାଶିରେ ଆଗ୍ରାଠାରେ ଏକ ନୂତନ ସେବାକେନ୍ଦ୍ର ଖୋଲିଥିଲେ । ଏହି ନିଷ୍କପଟ, ନିରଳସ ସେବା ପାଇଁ ୧୯୭୯ରେ ଶାନ୍ତି ପାଇଁ ନୋବେଲ ପୁରସ୍କାର ଏବଂ ୧୯୮୦ରେ ଭାରତ ସରକାରଙ୍କ ପ୍ରଦତ୍ତ ଭାରତରତ୍ନ ଉପାଧି ତାଙ୍କୁ ସେବାର ଶ୍ରେଷ୍ଠ ଆସନରେ ଅଧିକୃତ କରିଥିଲା ।

ସମାଜରେ ଅବହେଳିତ, ଘୃଣିତ କୁଷ୍ଠରୋଗୀଙ୍କ ନିମନ୍ତେ ସେ କୁଷ୍ଠାଶ୍ରମ 'ପ୍ରେମନିବାସ' ଗଢ଼ି କୁଷ୍ଠରୋଗୀଙ୍କ ସେବାଶୁଶ୍ରୁଷା ସହ ମାଗଣା ଔଷଧ ବିତରଣ କରୁଥିଲେ । କୁଷ୍ଠରୋଗୀଙ୍କ ସେବା କରିବା ସମୟରେ ସେ ଭାବୁଥିଲେ ମୁଁ ଭଗବାନଙ୍କ ସେବା କରୁଛି । ଆଜିସୁଦ୍ଧା ପୃଥିବୀର ବିଭିନ୍ନ ଦେଶରେ 'ମିସନାରିଟି ଅଫ୍ ଚାରିଟି' ସଂସ୍ଥାର ୫୦୦ରୁ ଉର୍ଦ୍ଧ୍ୱ ସେବାକେନ୍ଦ୍ର ସେବାକାର୍ଯ୍ୟ ଜାରି ରଖିଛି । ଏଥିପାଇଁ ଦେଶବିଦେଶର ବହୁ ବଦାନ୍ୟ ମାନ୍ୟଗଣ୍ୟ ଧନୀ ବ୍ୟକ୍ତିଙ୍କ ସହାୟତାରେ ଅଧିକରୁ ଅଧିକ ଉନ୍ନତି କରିବାରେ ଲାଗିଅଛି । ତାଙ୍କର ନିଷ୍ପାପର ସେବା, ଓ ନିଃସ୍ୱାର୍ଥପର ତ୍ୟାଗ ପାଇଁ ଫିଲିପାଇନ୍‌ସର ମର୍ଯ୍ୟାଦାଜନକ ପୁରସ୍କାର, ବିଭିନ୍ନ ଧର୍ମର ସମନ୍ୱୟ ତଥା ପ୍ରଗତି ପାଇଁ ଇଂଲଣ୍ଡର 'ପ୍ରିନ୍ସ ଟେମ୍ପିଲଟନ୍ ପୁରସ୍କାର', ବିଟ୍ରେନ୍‌ର ସର୍ବୋଚ୍ଚ ସମ୍ମାନ 'ଅର୍ଡର ଅଫ୍ ମେରିଟି' ଭାଟିକାନ ସିଟି ଜଣେ ସନ୍ଥର ମର୍ଯ୍ୟାଦା ପ୍ରଦାନ କରିଥିଲେ । ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ, ହାଭାର୍ଡ ବିଶ୍ୱବିଦ୍ୟାଳୟ, ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ତରଫରୁ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଥିଲା । ୧୯୯୩ରେ ସଦ୍‌ଭାବନା ପୁରସ୍କାର, ୧୯୭୪ରେ ଯୁକ୍ତରାଷ୍ଟ୍ର ଦ୍ୱାରା 'ମାଟର୍ ଏଟ୍ ମାନିଷ୍ଟ୍ର ଉପାଧି' ୧୯୯୪ ମସିହାରେ 'ଉଥାଣ୍ଟ ପୁରସ୍କାର', ୧୯୭୪ ମସିହାରେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ତରଫରୁ 'ଡିଗ୍ରୀ ଅଫ୍ ଡିଭାଇନିଟି', ସମ୍ମାନ ଲାଭ କରିଥିଲେ । ତାଙ୍କୁ ଏହି ମହତ୍ କାର୍ଯ୍ୟରେ ସୁବିଧା ଦେବାପାଇଁ ଭାରତ ସରକାର ତାଙ୍କ ରେଳଯାତ୍ରା ଓ ବିମାନଯାତ୍ରାକୁ ନିଶୁଳ୍କ କରି ଦେଇଥିଲେ । ସାରାଜୀବନ ସେବାରେ ବ୍ରତୀ ହୋଇ ୧୯୯୭ ସେପ୍ଟେମ୍ବର ୫ ତାରିଖ ରାତି ୯ଘଣ୍ଟା ୩୦ମିନିଟ୍‌ରେ ୮୭ ବର୍ଷ ବୟସରେ ପରଲୋକ ଗମନ କରିଥିଲେ । ଏହି ମହିୟସୀ ନାରୀ ଆଜି ସମସ୍ତଙ୍କ ପାଖରେ ମରିବି ଅମର ହୋଇ ରହିଛନ୍ତି ।

-୦-

ଖଲ୍ଲିକୋଟ, ଗଂଜାମ



# ଦେଶ ପ୍ରଗତିରେ ନାରୀ

**ପ୍ରମୋଦ କୁମାର ପଣ୍ଡା**

ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାଖଭଳି । ଗୋଟିକୁ ଛାଡ଼ି ଅନ୍ୟଟିର ପରିକଳ୍ପନା ଅସମ୍ଭବ । ବିଚିତ୍ର ସୃଷ୍ଟିର ବର୍ଣ୍ଣାଢ଼୍ୟ ପରିବେଶରେ କେଉଁ ଏକ ଅଦୃଷ୍ଟ ଶକ୍ତିର ଇଙ୍ଗିତରେ ଧରାପୃଷ୍ଠରେ ଆବିର୍ଭାବ କରେ ନାରୀ, ଯାହାର ଗୁଣ, ସୌନ୍ଦର୍ଯ୍ୟ, କାର୍ଯ୍ୟ ଓ ଗତିବିଧିର ଇୟତା ନାହିଁ । ନାରୀ ଯୁଗେ ଯୁଗେ ସମାଜକୁ ସ୍ୱୟଂସମ୍ପୂର୍ଣ୍ଣ କରି ଗଢ଼ି ତୋଳିବାରେ ଯତ୍ପରନାସ୍ତି ଚେଷ୍ଟା କରି ଆସିଅଛି । ସେ ଯୁଗେ ଯୁଗେ ପୂଜ୍ୟ ଓ ମହୀୟସୀ । ସମାଜରେ ନାରୀର ରହିଛି ଏକ ବିଶିଷ୍ଟ ଭୂମିକା । ସେ ହେଉଛି ଜାୟା, ଜନନୀ ଏବଂ ଭଗିନୀ, ମାତା, ଧାତ୍ରୀ ଏ ଶିକ୍ଷୟିତ୍ରୀ । ତା'ରି ହାତରେ ଗଢ଼ା ହୁଅନ୍ତି କବି, ଲେଖକ, ବୈଜ୍ଞାନିକ, ଦାର୍ଶନିକ ଏବଂ ମହାପୁରୁଷ । ସେଥିପାଇଁ ଇଂରାଜୀରେ କଥାଅଛି ଯେ ଯେଉଁ ହାତ ଶିଶୁର ଦୋଳି ଝୁଲାଏ ସେହିହାତ ଶାସନ କରେ । ତେଣୁ କୁହାଯାଇଛି- "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା ।"

ଯେଉଁଠାରେ ନାରୀ ପୂଜାପାଏ, ସେ ସ୍ଥାନ ଦେବତାର ବିହାରସ୍ଥଳୀ ହୋଇଉଠେ । ନାରୀ ଓ ପୁରୁଷ ବିଶ୍ୱନିୟନ୍ତାଙ୍କ ଦୁଇଟି ସର୍ବଶ୍ରେଷ୍ଠ କୃତି । ସୃଷ୍ଟିର ନିର୍ମାଣ ପରେ ନାରୀ ଓ ପୁରୁଷଙ୍କୁ ତିଆରି କରିବା ପଛରେ ଈଶ୍ୱରଙ୍କ ଉଦ୍ଦେଶ୍ୟ; ମାନବ ଜାତିର ସ୍ଥାପନା ଓ ତାର ବିକାଶ । ସେହି ଦୃଷ୍ଟିରୁ ସମାଜ ଗଠନରେ ନାରୀ ଓ ପୁରୁଷଙ୍କ ମହତ୍ତ୍ୱ ସମାନ । ଯେଉଁମାନେ ଏହା କରିବାରେ ସଫଳ ହୁଅନ୍ତି, ତାଙ୍କର ସଂସାର ଖୁସିରେ ପୁରି ଉଠେ । ପ୍ରାଚୀନ ଭାରତୀୟ ସମାଜରେ ନାରୀଶିକ୍ଷା ପାଇଁ ଉପଯୁକ୍ତ ଧ୍ୟାନ ଦିଆଯାଉଥିଲା । ନାରୀ ଯଜ୍ଞକାର୍ଯ୍ୟରେ ଭାଗ ନେଇପାରୁଥିଲା । ଗାର୍ଗୀ ଓ ଲୋପାମୁଦ୍ରା ପ୍ରଭୃତି ନାରୀଗଣ ବେଦମନ୍ତ୍ର ରଚନା କରିବାର ଗୌରବ ଅର୍ଜନ କରିଥିଲେ । ସେମାନେ ଥିଲେ ବ୍ରହ୍ମବାଦିନୀ ଏବଂ ବ୍ରହ୍ମବିଦ୍ୟାର ସାଧିକା । କିନ୍ତୁ ମଧ୍ୟଯୁଗରେ ନାନାଦି କାରଣରୁ ନାରୀଶିକ୍ଷା ଉପେକ୍ଷିତ ଓ ଅବହେଳିତ ହେଲା । ପରଦାସୀନା ହୋଇ ନାରୀ ଘରକୋଣରେ ସଢ଼ିବାକୁ ଲାଗିଲା । ଶିକ୍ଷାଲାଭରୁ ହେଲା ବଞ୍ଚିତା । ତଥାପି ନାରୀ ତା'ର ମର୍ଯ୍ୟାଦା ହରାଇ ନାହିଁ । ମାତା ଜୀଜାବାଈଙ୍କ ପ୍ରଭାବ ଫଳରେ ମରହଟ୍ଟା ବୀର ଶିବାଜୀ ଭାରତ ଇତିହାସରେ ତାଙ୍କର ଅସାମାନ୍ୟ ବୀରତ୍ୱ ପାଇଁ ଅମରତ୍ୱ ଅର୍ଜନ କଲେ । ମାଆ ପୁତୁଳିବାଈଙ୍କ ପ୍ରଭାବ ଫଳରେ ଗାନ୍ଧୀ ଭବିଷ୍ୟତ ଜୀବନରେ ହୋଇଉଠିଲେ ଯୁଗାନ୍ତକାରୀ ମହାପୁରୁଷ । ଉତ୍କଳର ବୀର ରାଣୀ ଶୁକଦେଇ, ଗଡ଼ମଣ୍ଡଳର ଦୁର୍ଗାବତୀ, ଯୁଦ୍ଧ କ୍ଷେତ୍ରରେ ନିଜର ଶୌର୍ଯ୍ୟ ପ୍ରଦର୍ଶନ କରି ଇତିହାସ ପୃଷ୍ଠାକୁ ଉଜ୍ଜ୍ୱଳ କରିଗଲେ ।

ଇତିହାସ ପୃଷ୍ଠାକୁ ଉନ୍ମୋଚନ କଲେ ଏହା ସମର୍ଥରେ ଅନୁମିତ ହୁଏ ଯେ ରାଣୀ ଲକ୍ଷ୍ମୀବାଈ, ରାଣୀ ଅହଲ୍ୟାବାଈ ଦେଶ ସ୍ୱାଧୀନରେ ବ୍ରତୀ ହୋଇ ଦେଶପାଇଁ ଜୀବନଦେଇ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଅମର ହୋଇ ରହିଛନ୍ତି ।

ଆଧୁନିକ ଯୁଗରେ ମଧ୍ୟ ନାରୀମାନଙ୍କର ଭୂମିକା କୌଣସି ଗୁଣରେ କମ୍ ନୁହେଁ । ଭାରତୀୟ ନାରୀମାନଙ୍କ ମଧ୍ୟରେ ହ୍ୟୁମ୍ୟାନ କମ୍ପ୍ୟୁଟର ଶ୍ରୀମତୀ ଶକୁନ୍ତଳା, ମହାକାଶଚାରୀ କଳ୍ପନା ଚାୱ୍ଲା, ଶାନ୍ତି ପାଇଁ ନୋବେଲ ପୁରସ୍କାର ବିଜୟିନୀ ମଦର ଟେରେସା । ବୁକର ପୁରସ୍କାର ଅଧିକାରିଣୀ ଅରୁନ୍ଧତୀ ରାୟ, ପର୍ବତାରୋହିଣୀ ଶ୍ରୀମତୀ ସବିତା, ଭୂତପୂର୍ବ ଉତ୍ତର ପ୍ରଦେଶର ରାଜ୍ୟପାଳ ସରୋଜିନୀ ନାଇଡୁ, ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ମାୟାବତୀ, ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଉମାଭାରତୀ ପ୍ରମୁଖ ମହୀୟସୀ ମହିଳାମାନେ ନିଜନିଜର ମହାନତାର ପରାକାଷ୍ଠା ବହନ କରି ଧରାପୃଷ୍ଠରେ ଯଶସ୍ୱୀ ହୋଇପାରିଛନ୍ତି । ନାରୀର ଅବଦାନ ସମାଜ ପାଇଁ ଅତୁଳନୀୟ । ଏଣୁ ନାରୀକୁ ଠିକ୍‌ରୂପେ ସମ୍ମାନ ଦେବା ଆମର କର୍ତ୍ତବ୍ୟ ହେବା ଉଚିତ । ତତ୍ ସଙ୍ଗେସଙ୍ଗେ ନାରୀ ସୁନିପୁଣା, କାର୍ଯ୍ୟଦକ୍ଷା ଓ ଦାୟିତ୍ୱ ସମ୍ପର୍ଣ୍ଣା ହୋଇ ନିଜେନିଜ ଗୋଡ଼ରେ ଠିଆ ହୋଇ ପୁରୁଷର କ୍ରୀଡ଼ନକରୁ ମୁକ୍ତିଲାଭ କରି ଉତ୍ତମ ସମାଜ ଗଠନରେ ବ୍ରତୀ ହେବା ଏକାନ୍ତ ପ୍ରୟୋଜନ । ଯାହାଫଳରେ ପରିବାରର ମଙ୍ଗଳ ସାଧନ ହେବା ସଙ୍ଗେ ସଙ୍ଗେ ଦେଶ ଓ ଦଶର ମଙ୍ଗଳ ସାଧିତ ହେବ ।

ସଂସାର ଗଢ଼ିବା ପାଇଁ ସ୍ତ୍ରୀ ଓ ପୁରୁଷ ଉଭୟଙ୍କ ଭିତରେ ବୁଝାବଣା, ପ୍ରେମ, ଆଦିର ସମ୍ମାନ ଓ ସହନଶୀଳତା ଭଳି ଗୁଣର ଆବଶ୍ୟକତା ରହିଥାଏ । ଯେଉଁମାନେ ଏହା କରିବାରେ ସଫଳ ହୁଅନ୍ତି, ତାଙ୍କର ସଂସାର ଖୁସିରେ ପୁରିଉଠେ । କିନ୍ତୁ ସ୍ୱାମୀ ଓ ସ୍ତ୍ରୀ ଭିତରେ ଦୂରତା ପିଲାଙ୍କୁ ମାନସିକ ଭାବରେ ଚାପଗ୍ରସ୍ତ କରେ, ସମୟକ୍ରମେ ତାର ବର୍ତ୍ତମାନ ଓ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଏ ।

ନିକଟରେ ଆମ ସଂସଦରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ପ୍ରସ୍ତାବ ଗୃହୀତ ହୋଇ ତାହା ଆଇନରେ ପରିଣତ ହୋଇଛି । ମହିଳାଙ୍କୁ ସବୁକ୍ଷେତ୍ରରେ ଅଗ୍ରାଧିକାର ଦିଆଯାଉଛି । ଆମ ରାଜ୍ୟରେ ମା'ମାନଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବାକୁ ମିଶନ ଶକ୍ତି ଏକ ଆନ୍ଦୋଳନରେ ପରିଣତ ହୋଇଛି । ସବୁଯୁଗରେ ସବୁକ୍ଷେତ୍ରରେ ଜଣକର ସଫଳତା ପଛରେ ମହିଳାଙ୍କର ପ୍ରମୁଖ ଭୂମିକା ରହିଥିବାର ଅନେକ ଉଦାହରଣ ରହିଛି । ଏବେ କିନ୍ତୁ ଉଗ୍ର ଆଧୁନିକତା ନିଶାର ବ୍ୟାପକ ପ୍ରସାର ଯୋଗୁଁ ଝିଅଟିଏ ଅତ୍ୟାଚାରିତା, ନିର୍ଯ୍ୟାତିତା ହେଉଛି । କନ୍ୟା ସନ୍ତାନ ଓ ମହିଳାଙ୍କ ବିରୁଦ୍ଧରେ ଘଟୁଥିବା ଅନ୍ୟାୟ ଅତ୍ୟାଚାର ରୋକିବାକୁ କେବଳ ଆଇନ ସମର୍ଥ ହୋଇପାରିବ ନାହିଁ । ଏଥିପାଇଁ ସାମାଜିକ ସଚେତନତା ଜରୁରୀ । ତାହା ନହେଲେ ଏହା ଦିନେ ସମୁଦାୟ ସାମାଜିକ ବ୍ୟବସ୍ଥା ଧ୍ୱଂସ ହୋଇଯିବ ।

-୦- ମୋ: ୯୩୩୮୩୭୧୪୦୩



# ଦେଶର ସମୃଦ୍ଧିରେ ନାରୀ

**ବିଜୟଲକ୍ଷ୍ମୀ ବେହେରା**

ସମାଜରେ ନାରୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯେଉଁଠାରେ ନାରୀଙ୍କୁ ପୂଜାକରାଯାଏ ସେଠାରେ ଭଗବାନ ବାସ କରନ୍ତି । ସମାଜରେ ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଅଟନ୍ତି । କୌଣସି ଦେଶର ସମ୍ପୂର୍ଣ୍ଣ ବିକାଶ ସେ ପର୍ଯ୍ୟନ୍ତ ସମ୍ଭବ ନୁହେଁ, ଯେ ପର୍ଯ୍ୟନ୍ତ ଏକ ପୁରୁଷ ଓ ନାରୀ ମଧ୍ୟରେ ଭେଦଭାବ ଶେଷ ହୋଇନାହିଁ । ଦେଶର ସର୍ବାଙ୍ଗୀନ ଉନ୍ନତି ସାଧନା କ୍ଷେତ୍ରରେ ପୁରୁଷ ଭଳି ନାରୀର ମଧ୍ୟ ସମାନ ଭୂମିକା ରହିଛି । ଦେଶର ପ୍ରଗତିରେ ନାରୀର ଭୂମିକା ମଧ୍ୟ ଅତି ଗୁରୁତ୍ୱପୂର୍ଣ୍ଣ ।

ରାଣୀ ଲକ୍ଷ୍ମୀବାଇ ନିଜର ସ୍ୱାମୀଙ୍କ ମୃତ୍ୟୁପରେ ନିଜର ଶିଶୁ ପୁତ୍ରକୁ କାନ୍ଧରେ ଧରି ଇଂରେଜମାନଙ୍କ ସହିତ ଯୁଦ୍ଧ କରିଥିଲେ । ଗାନ୍ଧିଜୀଙ୍କ ନେତୃତ୍ୱରେ ଲବଣ ସତ୍ୟାଗ୍ରହ ଏବଂ ଭାରତଛାଡ଼ ଆନ୍ଦୋଳନରେ ମଧ୍ୟ ମହିଳାମାନେ ଯୋଗଦାନ କରିଥିଲେ । ଅନେକ ମହିଳାମାନେ ମଧ୍ୟ ବହୁତଥର କାରାବରଣ କରିଥିଲେ । ସରୋଜିନୀ ନାଇଡୁ, କୁନ୍ତଳା କୁମାରୀ ସାବତ, କବିତା ମାଧ୍ୟମରେ ଲୋକଙ୍କୁ ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼ିବା ପାଇଁ ପ୍ରେରଣା ଦେଉଥିଲେ । ଶାରଳା ଦେବୀ, ସୁଭଦ୍ରା ଦେବୀ, ଦେଶଭକ୍ତି ସଙ୍ଗୀତ ଗାନ କରିଥିଲେ । କସ୍ତୁରବାଦେବୀ ମଧ୍ୟ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ରମାଦେବୀ ମାତୃଭୂମିର ସେବା ପାଇଁ ୧୫୦ କିଲୋ ସୁନା ମହାତ୍ମା ଗାନ୍ଧିଙ୍କୁ ଦାନ କରିଥିଲେ । ଏହା ପରେ ସେମାନେ ନାରୀ ଶକ୍ତିକୁ ଜାଣିପାରିଥିଲେ । ସ୍ୱାଧୀନତା ସଂଗ୍ରାମରେ ମଧ୍ୟ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ଦେଶର ସମୃଦ୍ଧି ଓ ପ୍ରଗତି କ୍ଷେତ୍ରରେ ନାରୀର ଭୂମିକା କିପରି ଗୁରୁତ୍ୱପୂର୍ଣ୍ଣ ପ୍ରାଚୀନ ଭାରତର ମନିଷିଗଣ ତାହା ଉପଲବ୍ଧି କରିଥିଲେ । ଶିକ୍ଷା, ସଭ୍ୟତା, ସଂସ୍କୃତି ସବୁ କ୍ଷେତ୍ରରେ ପ୍ରାଚୀନ ଭାରତ ଥିଲା ମହାନ । ସୀତା, ସାବିତ୍ରୀ, ଦ୍ରୌପଦୀ, କୁନ୍ତୀ, ଅହଲ୍ୟା, ତାରା ମହନୀୟ ନାରୀ ଏବେ ମଧ୍ୟ ଦେଶ ଓ ସମାଜରେ ପୂଜିତ ଓ ଅର୍ଚ୍ଚିତ । ଶିକ୍ଷା, ଦୀକ୍ଷାରେ ଆମ ଦେଶର ନାରୀ ଥିଲେ ଅତୁଳନୀୟ । ପ୍ରାଚୀନ ଭାରତରେ ଗାର୍ଗୀ, ଲୋପାମୁଦ୍ରା, ବିଶ୍ୱବାରା, ମସ୍ତୟା, ସଂଘମିତ୍ରା, ଘୋଷା, ଲିଲାବତୀ ବହୁ ନାରୀ ବିଭିନ୍ନ କ୍ଷେତ୍ରରେ ନିଜର ଦିଗ୍‌ବଡ଼ାର ପରିଚୟ ପ୍ରଦାନ କରିଯାଇଛନ୍ତି ।

ଦେଶର ରାଜନୀତି କ୍ଷେତ୍ରରେ ମଧ୍ୟ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରପତି ପ୍ରତିଭା ପାଟିଲ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ, ସେବା କ୍ଷେତ୍ରରେ ମଦର ଟେରେସା ଏବଂ ସୁନିତା ଉଇଲିୟମ, କଳ୍ପନା ଚାୱଲା ମହାକାଶ ଯାନରେ ଯାତ୍ରା କରିଥିଲେ । କ୍ରୀଡ଼ା କ୍ଷେତ୍ରରେ ପି.ଟି.ଉଷା, ସାନିଆ ମୀର୍ଜା ଟେନିସ ଖେଳ ପାଇଁ, ମେରିକମ ବକ୍‌ସିଂ ପାଇଁ (ମୁଷ୍ଟିଯୁଦ୍ଧ), ମିଥାଲି ରାଜ, କ୍ରିକେଟ୍ ଖେଳ ପାଇଁ, ସାହେନା ମେହେବାଲ ବ୍ୟାଡ଼ମିଣ୍ଟନ୍ ପାଇଁ, ଗୀତା ଫୋଗଟ କୁସ୍ତିପାଇଁ, ସାକ୍ଷୀ ମଲ୍ଲିକ କୁସ୍ତି ପାଇଁ, ପି.ଭି.ସିନ୍ଧୁ (ବ୍ୟାଡ଼ମିଣ୍ଟନ) ପାଇଁ, ଦୀପିକା କୁମାରୀ (ତୀରନ୍ଦାଜ) ଖେଳ ପାଇଁ, ଦୀପା କର୍ମକାର (ଜିମ୍‌ନାଷ୍ଟିକ) ଖେଳ ପାଇଁ, ତାନିଅ ସଚଦେବ(ଚେସ୍) ଖେଳ ପାଇଁ, ରାନୀ ରାମପାଲ(ହକି) ଖେଳ ପାଇଁ, ଦୀପିକା ପାଲିକାଲ(ସ୍କୁଆସ) ଖେଳ ପାଇଁ ଦେଶ ପାଇଁ ଏହିନାରୀମାନେ ବିଶ୍ୱରେକର୍ଡ କରି ଗୌରବ ଅର୍ଜନ କରିଛନ୍ତି । ଏଭେରେଷ୍ଟ ବିଜୟୀ ନାରୀ ବାଛେନ୍ଦ୍ରି ପାଲ ଦେଶର ପ୍ରଥମ ଏଭେରେଷ୍ଟ ବିଜୟୀ ନାରୀ ରୂପେ ଦେଶର ଗୌରବାନ୍ୱିତ ହୋଇଥିଲେ । ଦେଶର ବିକାଶ ଓ ଉନ୍ନତି କ୍ଷେତ୍ରରେ ନାରୀର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ।

-୦-

କାଳିମନ୍ଦିରପଡ଼ା, ଭବାନୀପାଟଣା
ମୋ: ୮୮୯୫୦୯୦୯୪୯



# ଦେଶର ପ୍ରଗତିରେ ନାରୀର ଭୂମିକା

ଜୟ କୁମାର ମିଶ୍ର

ନାରୀ ଓ ପୁରୁଷ ସମାଜର ଦୁଇଟି ଅବିଚ୍ଛେଦ୍ୟ ଅଙ୍ଗ, ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱପରି ଅଙ୍ଗାଙ୍ଗୀ ଜଡ଼ିତ । ଦୁହିଁଙ୍କ ମିଳିତ ସହଯୋଗରେ ଉଦ୍ୟମରେ ନବସୃଷ୍ଟି ଓ ସଂସାର । ଦୁଃଖ, ସୁଖ, ପ୍ରଗତି ଦୁର୍ଗତିରେ ଦୁହିଁଙ୍କ ଭୂମିକାର ଆବଶ୍ୟକତା ରହିଛି । ଏହା ଆଜିପାଇଁ ନୂଆ କଥା ନୁହଁ, ଯୁଗଯୁଗଧରି ଏହାର ଦୃଷ୍ଟାନ୍ତ ପରିଲକ୍ଷିତ ହୁଏ ।

ଜନବହୁଳ ରାଷ୍ଟ୍ର ଭାରତବର୍ଷରେ ଦୁର୍ଗତି ପ୍ରଗତି ସ୍ଥିତିରେ, ପୁରୁଷ ପରି ନାରୀର ତ୍ୟାଗ, ଅବଦାନ, ସେବା ଅତୁଳନୀୟ କହିଲେ ଅତ୍ୟୁକ୍ତି ହେବନାହିଁ । ପୁରାଣ, ପୁରାତନ ପ୍ରାକ୍ ସ୍ୱାଧୀନ ଠାରୁ ସ୍ୱାଧୀନୋତ୍ତର ଭାରତବର୍ଷରେ ଆମ ଦେଶର ନାରୀମାନେ ନିଜ ନିଜର ମହତ୍ କର୍ମ ପାଇଁ ଚିର ବନ୍ଦନୀୟା, ଚିର ପୂଜ୍ୟା ।

ହୃଦୟକୁ ଯେ ମମତା ମଥିତ କରେ, ପ୍ରାଣୀଙ୍କୁ ସେ ପ୍ରେମମୟ କରେ, ସାହଚର୍ଯ୍ୟରେ ଯେ କର୍ମକୁ ଲାଘବ କରେ ଦୈହିକ ଶକ୍ତି ଦାନରେ ଯେ ସମ୍ଭୋଗ କାମନାକୁ ପରିତୃପ୍ତି କରେ, ରୋଷ କଷାୟିତ ନେତ୍ରରେ ଯେ ପାପକୁ ଧ୍ୱଂସ କରେ ଆପଣାର ଶକ୍ତି ବଳରେ ସେ ଚନ୍ଦ୍ର, ସୂର୍ଯ୍ୟଙ୍କୁ ଇଚ୍ଛାମୁତାବକ ଅଟକାଇ ଦେଇପାରେ- ସେ ହେଉଛି ନାରୀ । ତା'ର ରୂପ ବହୁବିଧ । ସେ ମାତୃରୂପିଣୀ, ଶକ୍ତିରୂପିଣୀ, ଜନନୀ, ଭଗିନୀ, ଜାୟା ରୂପରେ ଆମେ ତାକୁ ଭେଟୁ । ଏ ସମାଜରେ ପୁରୁଷ ସହ ସେ ସହଯୋଗ କରେ, ଦୁଃଖରେ ସୁଖରେ ସ୍ୱାମୀର ସୁଖ କାମନା, ତା'ର ସ୍ୱର୍ଗ, ସ୍ୱାମୀର ଦୁଃଖରେ ଅଂଶୀଦାର ହେବା ତା'ର ପରମ ବ୍ରତ । ନାରୀ ପୁରୁଷର ସ୍ଖଳନରୁ ରକ୍ଷା କରେ, ପୁଣି ତା'ର ପାପ ଲାଳସାକୁ ଖଣ୍ଡନ କରିବା ପାଇଁ ତାଣ୍ଡବ ରଚନା କରିପାରେ, ସେ ସୃଷ୍ଟିକର୍ତ୍ତ୍ରୀ, ତେଣୁ ସେ ମାତା । ସେ ପୁରୁଷର କର୍ମ ସଙ୍ଗିନୀ ତେଣୁ ସେ ଜାୟା । ସେ ସ୍ନେହ ପ୍ରୀତିର ଆନନ୍ଦ ମନ୍ଦାକିନୀ ତେଣୁ ଜନନୀ, ଜାୟା, ଭଗିନୀ । ଏକାଧାରରେ ସେ ବହୁରୂପା ବହୁବର୍ଣ୍ଣା ବହୁ ସମ୍ବୋଧନର ପାତ୍ରୀ । ପୁରୁଷର ସକଳ ପ୍ରେରଣାର ହେତୁ ହେଉଛି ନାରୀ । ଯୁଗ ଯୁଗ ଧରି ସେ ପୁରୁଷକୁ ଆପଣାର ସହଚର୍ଯ୍ୟ ଦେଇ କରିଛି ପୁଲକିତ, ସୁରଭିତ ତଥା ବିମୋହିତ । ଏହା ହିଁ ଭାରତୀୟ ନାରୀର ଆଦର୍ଶ । ଭାରତୀୟ ନାରୀ ପାଇଁ ପତି ସୁଖ ହେଉଛି ଚରମ ସୁଖ, ପତି ହିଁ ପରମେଶ୍ୱର । ପତି ଧର୍ମ ହେଉଛି ତା'ର ଶ୍ରେଷ୍ଠ ଧର୍ମ । ପତି ସେବା ହେଉଛି ତା'ର କର୍ମ, ଧର୍ମ, ତପ ତପସ୍ୟା । ସତୀତ୍ୱ ହେଉଛି ତା'ର ଶ୍ରେଷ୍ଠ ସମ୍ପତ୍ତି । ଏହି ହେତୁ ଯୁଗଯୁଗ ଧରି ଭାରତୀୟ ନାରୀର ଆଦର୍ଶ ତଥା ଭୂମିକା ଜଗତକୁ ମୁଗ୍ଧ ଚକିତ କରି ଆସିଛି । ତା'ର ଆଦର୍ଶ ତ୍ୟାଗ ସେବାରେ ଜଗତ ଆଲୋକିତ ହୋଇ ପ୍ରେରଣା ପାଇଛି । ସେ ସର୍ବଦା ବନ୍ଦନୀୟ, ସମ୍ମାନନୀୟା, ପୂଜନୀୟା ସର୍ବୋପରି ଅନନ୍ୟା ।

ସତୀତ୍ୱର ପରାକାଷ୍ଠା ଭାରତୀୟ ନାରୀ ଜୀବନର ଶ୍ରେଷ୍ଠ ସମ୍ପଦ । ସ୍ୱାମୀଙ୍କୁ ସେ ଇହକାଳ ପରକାଳର ଦେବତା ଭାବେ ଜ୍ଞାନ କରେ । ଜୀବନକୁ ସେ ସ୍ୱାମୀର ପାଦ ତଳେ ସମର୍ପି ଦେଇଥାଏ । ସ୍ୱାମୀର କଥା, ଆଦେଶ ତା' ପାଇଁ ସ୍ୱର୍ଗୀୟ ଅମିୟ ବାଣୀ । ସ୍ୱାମୀର ସୁଖରେ ସେ ହୁଏ ଗିରିନିର୍ଝର ପରି ଚଞ୍ଚଳା । ସ୍ୱାମୀର ଦୁଃଖରେ ସେ ହୁଏ ବନ୍ଧୁର କର୍କଶ ପଥରେ ଗତିଶୀଳା । ମନ୍ଥର ଗାମିନୀ ନିର୍ଝର । ଭାରତୀୟ ନାରୀର ଆଦର୍ଶ ହେଉଛି ତା'ର ସ୍ୱାମୀ । ଏକଦା କସ୍ତୁରବାଙ୍କୁ ଜଣେ ସମ୍ବାଦ ପ୍ରତିନିଧି ପ୍ରଶ୍ନ କରିଥିଲେ "What is your Motto" । ସେ ଉତ୍ତରରେ କହିଥିଲେ, "My husband is my Motto" । ଅର୍ଥାତ୍ ତାଙ୍କ ସ୍ୱାମୀ ମହାତ୍ମା ଗାନ୍ଧୀ ହିଁ ଥିଲେ ତାଙ୍କର ଆଦର୍ଶ । କେବଳ କସ୍ତୁରବା ଯେ ଭାରତୀୟ ନାରୀର ଆଦର୍ଶରେ ସ୍ୱାମୀଙ୍କୁ ହିଁ ନିଜର ଆଦର୍ଶ ଭାବେ ମାନି ନେଇଛନ୍ତି । ଭାରତୀୟ ନାରୀତ୍ୱର ଆଦର୍ଶର ପ୍ରତୀକ ହେଉଛନ୍ତି ସତୀ ଶିରୋମଣି ସତୀ ସୀତା, ସାବିତ୍ରୀ, ଦ୍ରୌପଦୀ, ଅନସୁୟା, ମୀରାବାଈ, ଉର୍ମିଳା ଏମାନେ ନିଜର ସୁଖଭୋଗ ସ୍ୱାର୍ଥକୁ ବଳିଦେଇ ସମସ୍ତ ନାରୀ ଜାତିର ଆଦର୍ଶ ପ୍ରେରଣାର ଉତ୍ସ ହୋଇ ପାରିଛନ୍ତି ।

ସ୍ୱାମୀ ପାଇଁ ନିଜର ଭୋଗ, ବିଳାସ, ଲାଳସା, ମୋହ, ଲୋଭକୁ ଜଳାଞ୍ଜଳି ଦେଇ ସ୍ୱାମୀଙ୍କ ଦୁଃଖ ସୁଖରେ ହୋଇଛନ୍ତି ସହଭାଗିନୀ । ଭାରତୀୟ ନାରୀର ଏହି ପତିଭକ୍ତି ଉଦାହରଣ ଅସୀମ । ଆମ ଅତୀତ ଇତିହାସ କହେ, "ସ୍ୱାମୀହୀନା ହୋଇ ସେମାନେ ଜୀବନ ଧାରଣ କରିପାରିବେ ନାହିଁ ବୋଲି ସେମାନେ ସ୍ୱାମୀଙ୍କ ଚିତାରେ ଏକଦା ଜୀବନ ସମର୍ପଣ କରୁଥିଲେ । ସେ ଶକ୍ତିରୂପିଣୀ, ସେ ତା'ର ଶକ୍ତିରେ ସୃଷ୍ଟିକୁ କରେ ଚିର ସୁନ୍ଦର, ପୁଣି ତା'ର ଶକ୍ତିରେ ସେ ପାପୀ, ଦୁଷ୍ଟ, ଚରିତ୍ରହୀନ ପୁରୁଷଙ୍କୁ କରେ ବିନାଶ । ଦ୍ରୌପଦୀ, ସୀତା, କୈକେୟୀ, ମହିଷାମର୍ଦ୍ଦିନୀ ଦୁର୍ଗା, ଝାନ୍‌ସୀରାଣୀ ଲକ୍ଷ୍ମୀବାଈ,

ଫୁଲନ୍‌ଦେବୀ ଅନ୍ୟତମ । ଏମାନେ ଜଣେ ଜଣେ ସାହସୀ ବୀରତ୍ୱର ପ୍ରତୀକ ।

ଭାରତୀୟ ନାରୀ ଅବଳା ଦୁର୍ବଳା ନୁହେଁ, ଏହାର ଅର୍ଥ ଆଜି ବଦଳି ଯାଇଛି । ସେ ପୁରୁଷଙ୍କ ଭଳି ସମକକ୍ଷ । ସୁଯୋଗ ପାଇଲେ ସେ ନିଜର ପରିଚୟ, ଗୁଣ ଗାରିମା ଶ୍ରେଷ୍ଠତାର ପରିଚୟ ଦେଇ ଅସାଧ୍ୟକୁ ମଧ୍ୟ ସାଧନ କରିପାରେ ।

ନାରୀ କଳା, ସାହିତ୍ୟ, କୃଷି, ବାଣିଜ୍ୟ, ଜନସେବା, ରାଜନୀତି, ସ୍ୱାସ୍ଥ୍ୟ, ନ୍ୟାୟନୀତି, ଶାସନ ପ୍ରଶାସନ, ଚଳଚ୍ଚିତ୍ର, ମନୋରଞ୍ଜନ, ଶିକ୍ଷା, କ୍ରୀଡ଼ା, ବିଜ୍ଞାନ ସବୁରିକ୍ଷେତ୍ରରେ ଜୟଯାତ୍ରା ବଜାୟ ରଖିଛି । ସାହିତ୍ୟ ସୃଷ୍ଟିରେ ନନ୍ଦିନୀ ଶତପଥୀ, କୁନ୍ତଳା କୁମାରୀ ସାବତ, ପ୍ରତିଭାରାୟ, ମନୋରମା ମହାପାତ୍ର, ତସ୍‌ଲିମା ନସରିନ୍ ଅନ୍ୟତମ । ରାଜନୀତି କ୍ଷେତ୍ରରେ ଭାରତର ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀ, ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ, ମମତା ବାନାର୍ଜୀ, ଜୟଲଳିତା ପରି ଅନେକ ମହୀୟସୀ ମହିଳା ନିଜର ସେବା, ଦକ୍ଷତାର ପରିଚୟ ଦେଇଛନ୍ତି ।

ଭାରତୀୟ ପ୍ରଶାସନିକ ସେବା, ସ୍ୱାସ୍ଥ୍ୟସେବା, ଯନ୍ତ୍ରୀ, ମନ୍ତ୍ରୀ ହୋଇ ପୁରୁଷଙ୍କ ସମ ଦକ୍ଷତାର ସହ ଦୃଷ୍ଟାନ୍ତ ରଖି ଯାଇଛନ୍ତି । ଭାରତର ନାରୀ ରାଷ୍ଟ୍ରପତି ଶ୍ରୀମତୀ ପ୍ରତିଭା ପାଟିଲ୍, ମହାମହିମା ସଂପ୍ରତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏକ ଦୃଷ୍ଟାନ୍ତ । ସେବା କ୍ଷେତ୍ରରେ ମଦର ଟେରେସା ରୋଗୀ ସେବା କରି ଭାରତରେ ତଥା ଦେଶ ବିଦେଶରେ ସୁନାମ ରଖି ଯାଇଛନ୍ତି । ମେଡ଼ମ୍ କ୍ୟୁରି, ସରୋଜିନୀ ନାଇଡୁ, ମଧ୍ୟ ଅନ୍ୟତମ ।

ସଂଗୀତ ଓ କଳା କ୍ଷେତ୍ରରେ ନାରୀଙ୍କ ଅବଦାନ କିଛି କମ୍ ନୁହଁ । କୋକିଳ କଣ୍ଠି ଲତା ମଙ୍ଗେସ୍କର, ଉଷା ମଙ୍ଗେସ୍କର ଭଳି ସ୍ୱନାମଧନ୍ୟ ଗାୟିକା ନିଜର ସୁମଧୁର କଣ୍ଠର ରାଗିଣୀ ତାନରେ ମନର ବିଷାଦକୁ ହରି ନେଇଛନ୍ତି ।

କ୍ରୀଡ଼ା କ୍ଷେତ୍ରରେ ପି.ଟି. ଉଷା, ପି.ଭି. ସିନ୍ଧୁ, ସାନିଆ ମିର୍ଜା, କର୍ଣ୍ଣମ୍ ମାଲେଶ୍ୱରୀ ପ୍ରମୁଖ ନିଜର କ୍ରୀଡ଼ା ନୈପୁଣ୍ୟ ପାଇଁ ସୁନାମ ଅର୍ଜନ କରିଛନ୍ତି । ସେହିଭଳି ମୈତ୍ରୀ, ଗାର୍ଗୀ, ସରୋଜିନୀ ନାଇଡୁ, ମେଡ଼ମ୍ କ୍ୟାରୀଙ୍କ ଅବଦାନ ଚିର ସ୍ମରଣୀୟ । ମହାକାଶ ଯାତ୍ରୀ କଳ୍ପନା ଚାଓ୍ୱଲା ମଧ୍ୟ ଭାରତୀୟ ନାରୀ ହିସାବରେ ନିଜ ସାହସର ପରିଚୟ ଦେଇ ଚିର ଅମର ହୋଇଛନ୍ତି ।

ଭାରତ ନାରୀଙ୍କ ଭୂମିକା ଅନେକ ଅତୁଳନୀୟ ସବୁକୁ ଲେଖିଲେ ଏକ ଶୁଦ୍ଧ ସୁବର୍ଣ୍ଣ ହେବ ଏହା ଏକ ସଂକ୍ଷିପ୍ତ ତଥ୍ୟ ମାତ୍ର ।

-୦-

ବୁଦୁରା, ଗୋରିବନ୍ଧା, କାଶୀନଗର, ଗଜପତି
ସଂପର୍କ: ୬୩୭୨୧୨୭୪୯





# ପ୍ରଗତିର ଆଲୋକ ବର୍ତ୍ତିକା 'ନାରୀ'

**ଜ୍ୟୋସ୍ନାରାଣୀ ଦେବୀ**

ନାରୀ ଏବଂ ପୁରୁଷ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ । ଗୋଟିକର ବିନା ଅନ୍ୟ ଜଣେ ଅସଂପୂର୍ଣ୍ଣ । ସେ ସଂସାରରେ ବହୁବିଧ ରୂପରେ ସଂସ୍ଥାପିତ । କନ୍ୟା ରୂପେ କେତେବେଳେ ଛଳଛଳ ଧାରା ହୋଇ ଗୃହାଙ୍ଗନକୁ ପବିତ୍ର କରେ ତ, କେତେବେଳେ ଭଗ୍ନୀ ରୂପେ ଭାଇର ଶୁଭ ମନାସି ଅନଳରେ ଚାଲିପାରେ । ଆଉ କେତେବେଳେ ଲାସ୍ୟମୟୀ, ହାସ୍ୟମୟୀ ପତ୍ନୀ, ପ୍ରେମିକା ସାଜି ଅର୍ଦ୍ଧାଙ୍ଗକୁ ଶୋଭିତ କରି ପତନ ମୁଖରୁ ଉଦ୍ଧାର କରେ ତ ମାଆଟିଏ ହୋଇ କେତେବେଳେ ସୃଷ୍ଟିର ଶ୍ରେଷ୍ଠ ସ୍ଥାନରେ ଅଧିଷ୍ଠିତା ହୋଇ ମଙ୍ଗଳ କାମନା କରୁଥାଏ । ତେଣୁ ସଂସାରର ପ୍ରତିଟି କାର୍ଯ୍ୟରେ ଉଭୟ ନାରୀ ଓ ପୁରୁଷର ସମାନ ଅଂଶଗ୍ରହଣ, କର୍ତ୍ତବ୍ୟ ଓ ଦାୟିତ୍ୱ ରହିଛି । ଦେଶ ପ୍ରଗତିରେ ମଧ୍ୟ ନାରୀର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ନାରୀ ଅବଳା, ଦୁର୍ବଳା ନୁହଁ । ତାହାରି ପ୍ରାଣରେ ଅସରନ୍ତି ଶକ୍ତିର ଫୁଆରା । ତାହାରି ତନୁରେ ଅସୀମିତ ଶକ୍ତିର ପ୍ରବହମାନ ଧାରା । ସେ କେତେବେଳେ କମନୀୟ ତ କେତେବେଳେ ରୌଦ୍ରରୂପା । କେତେବେଳେ ମହାଗୌରୀ ତ କେତେବେଳେ କାଳରାତ୍ରି । ଶକ୍ତିମୟୀ, ଭକ୍ତିମୟୀ, ମମତାର ସ୍ୱଚ୍ଛ ସ୍ନିଗ୍ଧ ଧାରାଟିଏ । କେତେବେଳେ ତ ନରମୁଣ୍ଡମାଳିନୀ, ଲହଲହ ଜିହ୍ୱାର ପ୍ରଳୟଙ୍କରୀ ସ୍ୱରୂପା । ତେଣୁ ନାରୀ ଶକ୍ତିହୀନା ନୁହଁ । ଦେଶ ଗଠନରେ ତାହାର ଯୋଗଦାନର ନିଶ୍ଚିତ ଆବଶ୍ୟକତା ରହିଛି ।

"ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟତେ ରମନ୍ତେ ତତ୍ର ଦେବତା ।"

ତେଣୁ ନାରୀ ସର୍ବଦା ସମ୍ମାନର ଅଧିକାରିଣୀ । ତାକୁ ହେୟ ଜ୍ଞାନ ନ କରି ତାର ଯତ୍ନ ନେବା ଆବଶ୍ୟକ । ଅଧୁନା ବହୁ ଆଇନକାନୁନ ଗଢ଼ା ହେବା ସତ୍ତ୍ୱେ କନ୍ୟାଭ୍ରୁଣ ହତ୍ୟା ଏକ ପ୍ରମୁଖ ସମସ୍ୟା ରୂପେ ଦଣ୍ଡାୟମାନ । ମାତୃଗର୍ଭରେ ହିଁ ସୁକୁମାର କଳିକାଟିର ଅନ୍ତ ଘଟେ ଜନସାଧାରଣଙ୍କର ଅଶିକ୍ଷା, କୁଶିକ୍ଷା ଏବଂ ଅନ୍ଧବିଶ୍ୱାସ ଯୋଗୁଁ । ସୁକନ୍ୟା ଯୋଜନା, ବେଟି ବଚାଓ, ବେଟି ପଢାଓ ଯୋଜନା ମାତୃମଙ୍ଗଳ ଯୋଜନା, ଶରଦଶଶୀ ଯୋଜନା, ଗେହ୍ଲୀ ଝିଅ ଯୋଜନା, ନିର୍ଭୟା କଢ଼ି ଯୋଜନା ଆଦି ସଫେଦ କାଗଜର ଚଉହଦୀ ମଧ୍ୟରେ, ଫମ୍ପା ଭାଷଣବାଜି ମଧ୍ୟରେ ସମାଧି ଲଭୁଛି । ନାରୀର ସତ୍ତା ଯେ ସମାଜ ପାଇଁ, ସୃଷ୍ଟି ପାଇଁ ଅପରିହାର୍ଯ୍ୟ, ଏ କଥା ସମସ୍ତେ ଭୁଲି ଯାଆନ୍ତି । ଫଳରେ ପୁରୁଷସଂଖ୍ୟା ତୁଳନାରେ ନାରୀର ହାରାହାରି ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ନାରୀକୁ କ୍ରୀଡନକ ସଜାଇ ମାନସିକ, ଶାରୀରିକ ଭାବେ ନିର୍ଯ୍ୟାତିତ କରାଯାଉଛି । ଅବଗୁଣ୍ଠନ ତଳେ ଗୃହର ଚଉହଦୀ ମଧ୍ୟରେ ରହିବାକୁ ବାଧ୍ୟ କରାଯାଉଛି । ଗୃହ, କାର୍ଯ୍ୟାଳୟ, ବସ୍, ରେଳ, ମନ୍ଦିର, ମସଜିଦ୍ ଆଦି ସବୁ ସ୍ଥାନରେ ନାରୀ ସୁରକ୍ଷାହୀନ ହୋଇ ନିକ୍ଷେପିତ ହେଉଛି । ଦିନ ଦ୍ୱିପହରରେ ନିର୍ଭୟରେ ବାଟ ଚାଲିବା ତା' ପାଇଁ ଅସମ୍ଭବ ହୋଇ ପଡୁଛି । ବହୁ ଆଇନକାନୁନ ସତ୍ତ୍ୱେ ଯୌତୁକ ପ୍ରଥାର କରାଳ ଛାୟାରେ କବଳିତ ହୋଇ ନାରୀଟିଏ ଜୀବନ ଯାଗରେ ଆହୁତି ସାଜୁଛି । ବିଶ୍ୱ ଏକବିଂଶ ଶତାବ୍ଦୀରେ ପଦାର୍ପଣ କଲେ ମଧ୍ୟ ଶିକ୍ଷାର ପଦଚିହ୍ନ ବହୁ ଇଲାକାରେ ଅସ୍ପଷ୍ଟ । ତେଣୁ ନାରୀଟିକୁ ଅଗ୍ରଗାମୀ କରାଇବା ପାଇଁ ସାମଗ୍ରିକ ଭାବେ ମାନସିକ ପ୍ରସ୍ତୁତି, ସଚେତନତାର ଆବଶ୍ୟକତା ରହିଛି ।

ଆବହମାନ କାଳରୁ ନାରୀକୁ ସମାଜ ଯେଉଁ ଦୃଷ୍ଟିଭଙ୍ଗୀରେ ଦେଖିଆସିଛି, ସେଇଠି ନାରୀ ହିଁ ନିଜର ଶକ୍ତିର ପରାକାଷ୍ଠା ଦେଖାଇ ତାହା ବଦଳାଇବାକୁ ଚେଷ୍ଟା କରିଛି । ସୀତା, ସାବିତ୍ରୀ, ଅନସୂୟା, ଯାଜ୍ଞସେନୀ, କୁନ୍ତୀ, ଗାନ୍ଧାରୀ, ଅହଲ୍ୟା ଆଦି ମହୀୟସୀ ବରାଙ୍ଗନାଗଣ ନିଜର ଶକ୍ତି, ସାଧନା ବଳରେ ଅସାଧ୍ୟ ସାଧନ କରି ନିଜର ମହନୀୟତା ପ୍ରତିପାଦନ କରି ପୁରାଣରେ ଅମର ଗାଥା ସୃଷ୍ଟି କରିଛନ୍ତି । ବୈଦିକ ଯୁଗରେ ଗାର୍ଗୀ, ମୈତ୍ରେୟୀ, ଆପୋଲା ଜ୍ଞାନର ଚର୍ଚ୍ଚା କରି ଚର୍ଚ୍ଚିତ ହୋଇଛନ୍ତି । ଝାନ୍ସୀ ରାଣୀ ଲକ୍ଷ୍ମୀବାଈ ରଣାଙ୍ଗନରେ ନିଜର ସାମର୍ଥ୍ୟ ଦେଖାଇ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛନ୍ତି । ଅଧୁନା ସୁଯୋଗ ପାଉଥିବା ନାରୀଟିଏ ସମାଜର ପ୍ରତିଟି କ୍ଷେତ୍ରରେ ସଂସ୍ଥାପିତ ହୋଇ ଦକ୍ଷତା ପ୍ରତିପାଦନ କରୁଛନ୍ତି । ପ୍ରଶାସନିକ କ୍ଷେତ୍ରରୁ ଆରମ୍ଭ କରି ମହାକାଶ ଯାତ୍ରା, ପର୍ବତ ଆରୋହଣ, କ୍ରୀଡା, ନୃତ୍ୟ, ଗୀତ ସବୁଠି ତାହାର ଦକ୍ଷ ହାତର କରାମତି ଦେଖାଇପାରୁଛି । ଇନ୍ଦିରା ଗାନ୍ଧୀ, ପ୍ରତିଭା ପାଟିଲ୍, ଦ୍ରୌପଦୀ ମୁର୍ମୁ, କଳ୍ପନା ଚାୱଲା, କଳ୍ପନା ଦାଶ, ସଂଯୁକ୍ତା ପାଣିଗ୍ରାହୀ, ଲତା ମଙ୍ଗେସ୍କର, ମଦର ଟେରେସା, ପି.ଟି.ଉଷା ଆଦି ବହୁ ନାରୀ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ଦେଖାଇ ଦେଶର ପ୍ରଗତିରେ ସହାୟକ ହୋଇଛନ୍ତି । ଅତଏବ ନାରୀ ଦେଶ ପ୍ରଗତିର ଏକ ମହତ୍ ସମ୍ବଳ ଅଟେ । ତେଣୁ ତାର ସୁପ୍ତ ଚେତନାକୁ, ତାର ସାମର୍ଥ୍ୟ ଆଉ ଶକ୍ତିକୁ ଉଜ୍ଜୀବିତ କରିବା ପାଇଁ ଉପଯୁକ୍ତ ପରିବେଶ, ସହଯୋଗ, ସାଧନାର ସ୍ଥଳ ଯୋଗାଇଦେବା ଆବଶ୍ୟକ ଅଟେ ।

ମାଆ ହେଉଛି ଶିଶୁର ପ୍ରଥମ ଓ ପ୍ରଧାନ ଶିକ୍ଷୟିତ୍ରୀ । ଶିଶୁର ମଗଜରେ ସୃଜନର ବୀଜ ବପନ କରି, ଅଙ୍ଗୁଳି ଧରି ଶିକ୍ଷା ଓ ସଂସ୍କାରର ବାଟ ଦେଖାଏ ମାଆ । ତେଣୁ "ମାଆ ହେଲେ ପାଠୋଇ, ଦେଶ ଯିବ ଆଗେଇ ।" ସେଥିପାଇଁ ପ୍ରଥମତଃ ଦେଶର ପ୍ରଗତି ପାଇଁ ନାରୀର ଶିକ୍ଷାଗ୍ରହଣ ନିହାତି ଆବଶ୍ୟକ ଅଟେ । ନାରୀଟିଏ ଶିକ୍ଷିତ ହେଲେ ଦେଶ ଆଉ ଦଶର ଉନ୍ନତି ହୁଏ । ଫଳରେ ଦେଶ ପ୍ରଗତି ପଥରେ ଆଗେଇ ଯାଏ ।

ନାରୀଟିର ଅନ୍ତର୍ନିହିତ ଶକ୍ତି, ଜନ୍ମଗତ କଳା, ତଥା ଐଶୀଦତ୍ତ ଶକ୍ତିର ଅନୁସନ୍ଧାନ କରି ସଠିକ୍ ମାର୍ଗ ଦର୍ଶନ କରାଗଲେ ଦେଶର ବିକାଶ ନିଶ୍ଚିତ ରୂପେ ହୋଇପାରିବ । ଅନ୍ଧକାର ମଧ୍ୟରେ ଆଲୋକର ବର୍ତ୍ତିକା ଜଳେଇ ନାରୀଶକ୍ତିର ଜାଗ୍ରତ କରିବା ଆବଶ୍ୟକ । ଯା' ଫଳରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପ୍ରଯୁକ୍ତି ବିଦ୍ୟା, ଶୃଙ୍ଖଳା, ନ୍ୟାୟିକ ବ୍ୟବସ୍ଥା, ଏପରିକି ରଣାଙ୍ଗନରେ ମଧ୍ୟ ସେ ନିଜର ଶକ୍ତି ଓ ଦାୟିତ୍ୱକତାର ପରିଚୟ ଦେଇ ଦେଶ ଗଠନରେ ସହାୟକ ହେବ ।

ଏଣୁ ନାରୀମାନଙ୍କୁ ସଶକ୍ତ କରିବା ପାଇଁ ମିଶନ୍ ଶକ୍ତି କାର୍ଯ୍ୟ କରୁଛି । ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେଉଛନ୍ତି । ମହିଳାମାନେ ଆତ୍ମନିର୍ଭରଶୀଳ ହୋଇ ନିଜର, ପରିବାରର ପ୍ରତିପୋଷଣ କରିବା ସଙ୍ଗେ ସଙ୍ଗେ ଦେଶର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବାରେ ସହାୟକ ହୋଇ ପାରୁଛନ୍ତି । ଫଳରେ ସାମାଜିକ, ଆର୍ଥିକ କ୍ଷେତ୍ରରେ ବିକାଶର ଧାରା ଅବ୍ୟାହତ ରହୁଛି । ଏଣୁ ଦେଶର ପ୍ରଗତି ପାଇଁ ନାରୀ ସମାଜର ପ୍ରଗତି ଅପରିହାର୍ଯ୍ୟ ଅଟେ ।

-୦-

ବ୍ରହ୍ମପୁର, ଗଂଜାମ
ଗଳ୍ପଭ-୯୭୭୬୧୧୬୭୫୪



# ପ୍ରେରଣାର ଉତ୍ସ - ନାରୀ

**ଅଞ୍ଜନା ବେହେରା**

ଯୁଗ ଯୁଗ ଧରି ନାରୀ ଗାଥା, ନାରୀ ଶକ୍ତି ଉପରେ ଅନେକ ମହାପୁରୁଷ ଲେଖି ଆସିଛନ୍ତି । ନାରୀ ହିଁ ଶକ୍ତି ସର୍ବଗୁଣା ସଂପୂର୍ଣ୍ଣା ଯାହାର ନାଆଁ ଇତିହାସ ପୃଷ୍ଠାରେ ଲିପିବଦ୍ଧ । ଅନେକ ପୁରାଣକାରଙ୍କ ମତରେ- "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ଦେବତାଃ ।"

ସୃଷ୍ଟି ରୂପକ ପୁଷ୍ପବୃକ୍ଷରେ ଗୋଟିଏ ବୃନ୍ତର ଦୁଇଟି ସୁଗନ୍ଧ ସୁମନ ହେଉଛି ପୁରୁଷ ଓ ନାରୀ । ଦୁହେଁ ଦୁହିଁଙ୍କ ପରିପୂରକ । ସୃଷ୍ଟି ଏବଂ ବିକାଶରେ ଦୁହିଁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ନାରୀ କେବଳ ଲାସ୍ୟମୟୀ ନମ୍ରଦାୟିନୀ ଶଯ୍ୟା ସଙ୍ଗୀନୀ ନୁହଁ, ସେ କର୍ମମୟୀ, ସେ ପ୍ରେରଣାଦାତ୍ରୀ ଓ କବିର କଳ୍ପନା ନେତ୍ର । ସକଳ ସୃଷ୍ଟିର ସୃଷ୍ଟି କାରିଣୀ ସେ । ତେଣୁ ପରା ସେ ମାଆର ନାମ ବହିଛି । ଆର୍ଯ୍ୟଭୂମି, ଜ୍ଞାନଭୂମି ଓ ଦେବଭୂମି ପରି ପବିତ୍ର ଭାରତବର୍ଷର ପ୍ରାଚୀନ ପରମ୍ପରାରେ ନାରୀଙ୍କ ସମ୍ମାନ ଯଥେଷ୍ଟ । ବୈଦିକ କାଳରେ ପୁରୁଷମାନଙ୍କ ପରି ନାରୀ ମଧ୍ୟ ଥିଲେ ମନ୍ତ୍ର ରଚୟିତା । ଅତୀତରେ ମଧ୍ୟ ନାରୀ ସଶକ୍ତିକରଣ ଓ ନାରୀ ଶିକ୍ଷାକୁ ଗୁରୁତ୍ୱ ଦେଉଥିଲେ । ଗଣିତ ଓ ଦର୍ଶନ ଶାସ୍ତ୍ରରେ ନାରୀ ମଧ୍ୟ ନିପୁଣା ଥିଲେ । ନାରୀମାନଙ୍କର ଶିକ୍ଷା, ସଂସ୍କାର ଓ ସହଯୋଗରେ ହିଁ ସୁସ୍ଥ ସମାଜଟିଏ ଗଠନ ହୋଇପାରିବ, ଏହା କହିଲେ ଅତ୍ୟୁକ୍ତି ହେବନାହିଁ ।

କ୍ରମଶଃ ମଧ୍ୟକାଳୀନ ସମାଜର ବିଳାସୀ ରାଜତନ୍ତ୍ର ଯୋଗୁଁ ନାରୀର ଅଧଃପତନ ଆରମ୍ଭ ହୋଇଥିଲା । ମୋଗଲ ଓ ମୁସଲମାନୀ ଆକ୍ରମଣରେ ନାରୀ ଲୁଣ୍ଠନ ବଢି ଚାଲିଲା । ମମତାମୟୀ ମାତୃଜାତି ପାଇଁ ସାମାଜିକ ବିଧି ବନ୍ଧନ ଆରମ୍ଭ ହେଲା ଯାହା ଫଳରେ ନାରୀ ହେଲେ ବିକଳ ଓ ବିଡମ୍ବିତ । ଅତ୍ୟାଚାରୀ ଓ କାମୁକ ପୁରୁଷମାନଙ୍କ ନିଷ୍ଫଳ ଅହଂକାରର ବଶବର୍ତ୍ତୀ ହେବା ପରେ ଲୁଣ୍ଠିତ ହେଲା ନାରୀର ସ୍ୱାଧୀନତା । ନାରୀ ସାଜିଲା ପ୍ରମତ୍ତ ପୁରୁଷ ହସ୍ତର ସାମାନ୍ୟ କ୍ରୀଡ଼ା ପୁତ୍ତଳିକା । ପୁରୁଷର ନିତ୍ୟ କାଳରେ ବିକଳ ସେବାଦାସୀ । ପାରିବାରିକ ଶୃଙ୍ଖଳା, ଘରର ଚାରିକାନ୍ଥ ଭିତରେ ବନ୍ଦନୀୟା ନାରୀ ହେଲା ବନ୍ଦିନୀ । ଗୃହକାର୍ଯ୍ୟ, ରନ୍ଧନ, ସନ୍ତାନ ପ୍ରସବ ଓ ପାଳନ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ସେ ସୀମିତ ହୋଇ ରହିଲା ।

ଭାରତବର୍ଷରେ ଦୀର୍ଘ ଦିନ ଧରି ଇଂରେଜ ଶାସନର ଏକ ମଧୁମୟ ଫଳ ହେଉଛି ନାରୀଶିକ୍ଷାର ବିକାଶ । ଦେଶର ସ୍ୱାଧୀନତା ପରେ ଭାରତରେ ନାରୀଶିକ୍ଷାର ବିକାଶ ପାଇଁ ବିଭିନ୍ନ ଉଦ୍ୟମ ଜାରି ହେଲା । ଯାହା ବର୍ତ୍ତମାନ ସୁଦ୍ଧା ନାରୀର ପ୍ରଗତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ନାରୀଶକ୍ତିର ବିକାଶ ନିମନ୍ତେ ନାରୀଙ୍କୁ ଅଗ୍ରାଧିକାର ଦିଆଯାଉଛି । ନାରୀଟିଏ ଶିକ୍ଷିତ ହେଲେ ପରିବାର ଶିକ୍ଷିତ ହୁଏ ପରିବାର ଶିକ୍ଷିତ ହେଲେ ସମାଜ ଶିକ୍ଷିତ ହୁଏ । ଏଣୁ କୁହାଯାଏ ନାରୀ ହିଁ ବାସ୍ତବରେ ଏ ସୁସ୍ଥ ସମାଜ ଗଠନ ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରେ । ବର୍ତ୍ତମାନ ନାରୀ ଆକାଶକୁ ଛୁଇଁବାରେ ସଫଳ ହେଲେଣି । ବିଭିନ୍ନ ମହାନ ନାରୀଙ୍କ କିମ୍ବଦନ୍ତୀ ଆମ ଭାରତ ଇତିହାସରେ ଲିପିବଦ୍ଧ । ଏଣୁ ନାରୀଶକ୍ତି ଏବଂ ନାରୀ ସଶକ୍ତିକରଣର ବିକାଶ ନିମନ୍ତେ ଆମ ସରକାର ବିଭିନ୍ନ ପଦକ୍ଷେପ ଓ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଚାର ପ୍ରସାର କଲେଣି ଯାହା ଦ୍ୱାରା ବର୍ତ୍ତମାନ ନାରୀ ସମାଜରେ ସ୍ୱାବଲମ୍ବୀ ହୋଇ ପାରିଛି ।

-୦-

ଗଜପତି ନଗର, ପାଲୁର



# ନାରୀ ଶିକ୍ଷା ଜରୁରୀ କାହିଁକି

**ଗଜାନନ ମିଶ୍ର**

ନାରୀ ଓ ପୁରୁଷ ସମାଜରୂପକ ମୁଦ୍ରାର ଦୁଇଟି ପାର୍ଶ୍ୱ ଓ ସମାଜ ଗଠନରେ ଉଭୟ ନାରୀ ଓ ପୁରୁଷଙ୍କର ସମାନ ଭାଗୀଦାର ରହିଛି । ସୁନ୍ଦର ସୃଷ୍ଟିଟିଏ ସର୍ଜନା କରିବାର ଅପୂର୍ବ କ୍ଷମତା ସ୍ରଷ୍ଟା କେବଳ ନାରୀଙ୍କୁ ଦେଇଛନ୍ତି । ଏଣୁ ନାରୀ ସ୍ରଷ୍ଟାଙ୍କର ଅତି ପ୍ରିୟ । ଆମ ଦେଶରେ ନାରୀମାନଙ୍କୁ ଗୃହଲକ୍ଷ୍ମୀ, କୁଳବଧୂ କୁହାଯାଏ । ଏ ଦେଶର ନାରୀ ରତ୍ନଗର୍ଭବୀର ପ୍ରସବିନୀ । ସ୍ୱୟଂ ଭଗବାନ ମଧ୍ୟ ଶକ୍ତି ଧାରିଣୀ ମାତୃଶକ୍ତିଙ୍କ ଗର୍ଭରୁ ଜନ୍ମନେଇ ବାରମ୍ବାର ଧରା ପୃଷ୍ଠକୁ ଆସିଛନ୍ତି । ଏ ଦେଶରେ ଦେବତାଙ୍କ ସହ ଦେବୀମାନଙ୍କୁ ଉପଯୁକ୍ତ ସମ୍ମାନ ସହ ପୂଜା କରାଯାଏ । ଶକ୍ତି ପ୍ରଦାୟିନୀ ମା' ଦୁର୍ଗା, ବିଦ୍ୟାଦାତ୍ରୀ ମା' ସରସ୍ୱତୀ, ଐଶ୍ୱର୍ଯ୍ୟଦାୟିନୀ ମା' ଲକ୍ଷ୍ମୀ ସମସ୍ତ ସଂସାରକୁ ଧନ ବିଦ୍ୟାଶକ୍ତି ପ୍ରଦାନ କରି ସୁଚାରୁରୂପେ ପାଳନ କରିଥାନ୍ତି । 'ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା' ମନ୍ତ୍ର ଆମ ଦେଶ ଦେଶବାସୀଙ୍କୁ ବିଶ୍ୱରେ ଶକ୍ତିମାନ କରିଥିଲା ।

ଅପର ପକ୍ଷରେ ଆଜି ନାରୀର ସମ୍ମାନ ଭୂଲୁଣ୍ଠିତା । ନାରୀଙ୍କର ସେବା ତ୍ୟାଗରେ ବଳୀୟାନ ଏହି ସମାଜ ବର୍ଷବର୍ଷ ଧରି ନାରୀମାନଙ୍କୁ ଅବହେଳିତ ଅବାଞ୍ଛିତ କରି ରଖି ଆସିଥିଲା । ଖ୍ରୀଷ୍ଟପୂର୍ବ ତିନିଶ ଶତାବ୍ଦୀରୁ ପ୍ଲେଟୋଙ୍କ communism of wife and property ଦର୍ଶନ ଠାରୁ ଆରମ୍ଭ କରି ଅଧୁନା ଏକ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ନାରୀମାନେ ଚିର ଅବହେଳିତ ହୋଇ ଆସିଛନ୍ତି । ଯଦିଓ ସେମାନେ ବିଭିନ୍ନ ସମୟରେ ସେମାନଙ୍କର ତ୍ୟାଗ ତିତିକ୍ଷା ପରାକାଷ୍ଠା ପ୍ରତିପାଦିତ କରିଛନ୍ତି ତଥାପି ଆଜି ମଧ୍ୟ ଖବରକାଗଜରେ ହେଉ ଅବା ଦୂରଦର୍ଶନରେ, ରେଡିଓରେ ପ୍ରତିଦିନ ନାରୀଟିଏ କେଉଁଠି ବିବସ୍ତ୍ର ହେଲାଣି ତ କେଉଁଟି ଗଣ ବଳାତ୍କାର ଶିକାର ହେଲାଣି କିମ୍ବା ନିଜର ଆତ୍ମୀୟମାନଙ୍କ ଦ୍ୱାରା ନିର୍ଯାତିତା ଏପରି ବହୁଧା ଖବର ସବୁ ଶୁଣିବାକୁ ପଢିବାକୁ ମିଳେ । "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟତେ ରମନ୍ତେ ତତ୍ର ଦେବତା" । ଯେଉଁଠାରେ ନାରୀର ପୂଜା କରାଯାଇଥାଏ ସେଠି ଭଗବାନ ବାସ କରନ୍ତି ନୀତିରେ ବିଶ୍ୱାସ ରଖିଥିବା ଦେଶରେ ଆଜି ରାଜ୍ୟ ରାଜ୍ୟ ମଧ୍ୟରେ ନାରୀ ନିର୍ଯାତନା ସଂଖ୍ୟାକୁ ନେଇ ବିତର୍କ ହେଉଛି ।

କେଉଁ ରାଜ୍ୟ ଅଧିକ ଆଉ କେଉଁ ରାଜ୍ୟ କମ୍ ତାକୁ ନେଇ ଅନେକ ପରିସଂଖ୍ୟାନ ଆମେ ପଢୁଛୁ ଶୁଣୁଛୁ । ଏଥିରେ ଆମ ଦେଶର ମାନ ସମ୍ମାନ କେତେ କ୍ଷୁଣ୍ଣ ହୁଏ ତାହା ଅନୁମାନନୀୟ । ନାରୀଟିଏ କେବଳ ଶାରୀରିକ ଶୋଷଣର ଶିକାର ହୁଏ ତାହା ନୁହଁ, ମାନସିକ ଆଉ ଅର୍ଥନୈତିକ ଭାବେ ମଧ୍ୟ ଶୋଷିତ ହୋଇଥାଏ । ଆଉ କେବଳ ପୁରୁଷମାନେ ହିଁ ଶୋଷଣ କରିଥାନ୍ତି ତାହା ବି ନୁହଁ, ନାରୀଟିଏ ନିର୍ଯାତିତ ହେବା ପଛରେ ନାରୀର ମଧ୍ୟ ବେଳେବେଳେ ହାତ ରହିଥାଏ ।

ଏକବିଂଶ ଶତାବ୍ଦୀରେ ମଧ୍ୟ ଆଜିର ତଥାକଥିତ ସଭ୍ୟ ସମାଜର ପ୍ରତିଟି କୋଣରେ ଅସଭ୍ୟର ଶବ୍ଦ ଗୁଂଜରଣ ହେଉଛି । ଆଜି ଆଉ ନାରୀ ଓଢଣୀ ଦେଇ ଘରର ଚାରିକାନ୍ଥ ମଧ୍ୟରେ ନରହି ପୁରୁଷ ସହ ହାତରେ ହାତ ମିଳାଇ ସମାଜକୁ, ଦେଶକୁ ପ୍ରଗତିଶୀଳ କରିବା ନିମନ୍ତେ ଅଣ୍ଟାଭିଡ଼ି ବାହାରି ସାରିଲେଣି । ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିଅର, ଓକିଲ ଏପରିକି ରାଷ୍ଟ୍ରମୁଖ୍ୟ ହୋଇ ସେମାନଙ୍କ ପ୍ରତିଭାର ପରିଚୟ ଦେଇ ସାରିଲେଣି । ତଥାପି ଆଜି ତା'ର ପ୍ରତିଭା ସନ୍ଦେହ ଘେରରେ ! ନାରୀସଶକ୍ତିକରଣର ଆବଶ୍ୟକତାକୁ ଉପଲବ୍ଧି କରି ଆମ କେନ୍ଦ୍ରସରକାର ୧୨୮ Amendment Act "ନାରୀଶକ୍ତି ବନ୍ଧନ ଅଧିନିୟମ" ବିଲ୍ ସଂସଦରେ ପାରିତ କରିସାରିଲେଣି । ଯେଉଁଥିରେ ସମସ୍ତ ବିଧାନସଭା ଆଉ ଲୋକସଭାରେ ୩୩% ସିଟ୍ ନାରୀମାନଙ୍କ ଲାଗି ସଂରକ୍ଷିତ ରହିଛି । ଯଦିଓ ତାହା ୨୦୨୯ରୁ ଲାଗୁ ହେବ କିନ୍ତୁ ଆମ ଗଣତନ୍ତ୍ର ଲାଗି ତାହା ଶୁଭଙ୍କର । ଏଥିଦ୍ୱାରା ଏକ ନିର୍ଦ୍ଦିଷ୍ଟ ସହଭାଗିତା ନାରୀମାନଙ୍କର ଆଇନ ପ୍ରଣୟନ କ୍ଷେତ୍ରରେ ରହି ପାରିବ । କିନ୍ତୁ ମୋ ମତରେ ଏହା ୫୦% ରହିବା କଥା । ଅଧା ନାଗରିକଙ୍କ ଅଧା ଭାଗିଦାରୀତା ରହିବା କଥା ।

ସେ ଯାହାହେଉନା କାହିଁକି ଆମ ଦେଶ ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର, ଏଠି ସବୁ ଧର୍ମର ଲୋକ ଶାନ୍ତିରେ ସହାବସ୍ଥାନ କରୁଛନ୍ତି ଯେତେବେଳେ ଆମେ ଦେଶର ସମସ୍ୟା ଉପରେ ଆଲୋଚନା କରିବା ସବୁ ଧର୍ମ ସବୁ ଜାତି ତାଙ୍କର ସମାନ ସମସ୍ୟାକୁ ଆଖି ଆଗରେ ରଖିବାକୁ ପଡିବ । ପ୍ରତ୍ୟେକ ଜାତି ଆଉ ଧର୍ମର ଏକ ନିର୍ଦ୍ଦିଷ୍ଟ ଭିନ୍ନ ଭିନ୍ନ ନିୟମ ରହି ଆସିଅଛି । ସେମିତି ଖାଦ୍ୟପେୟ, ପୋଷାକ ପରିଚ୍ଛନ୍ନ ମଧ୍ୟ ଭିନ୍ନ ଭିନ୍ନ । ନାରୀଟିଏ କ'ଣ ଖାଇବ କଣ ପିନ୍ଧିବ ତାହା ତା'ର ବ୍ୟକ୍ତିଗତ ବ୍ୟାପାର, ଆଉ ସେ ସ୍ୱାଧୀନତା ତାକୁ ଆମ ସମ୍ବିଧାନ ପ୍ରଦାନ କରିଛି । କିନ୍ତୁ ଆମ ଦେଶରସବୁ ଧର୍ମର ତଥାକଥିତ ବଡ଼ପଣ୍ଡାମାନେ

ସେ ବିଷୟରେ ଅନାବଶ୍ୟକ ଭାବେ ହସ୍ତକ୍ଷେପ କରି ନାନା ବିବୃତି ଦେଇଥାନ୍ତି । ଯେମିତି ସବୁ ଦୋଷ ନାରୀମାନଙ୍କର ଆଉ ତାଙ୍କ ଉପରେ ସବୁ ଲଦି ଦିଅନ୍ତି, ଯାହା ସମାଜରେ ଏକ ଅଡୁଆ ପରିସ୍ଥିତି ସୃଷ୍ଟି କରିଥାଏ । ନାରୀଟିଏ କଣ ଚାହେଁ ତା'ର ମତ କେବେ ନିଆ ଯାଏନା । ପ୍ରକାଶଥାଉ ଯେତେବେଳେ କୋଣସି କାର୍ଯ୍ୟ ସମ୍ପାଦନ ବେଳେ କିଛି ନିର୍ଦ୍ଦିଷ୍ଟ ପ୍ରତିବନ୍ଧକ ଲଗେଇ ଦିଆଗଲେ କାର୍ଯ୍ୟଟି ସଠିକ ରୂପେ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇଯାଏ । ଆମ ରାଷ୍ଟ୍ରପୁରୁଷ ମହାତ୍ମାଗାନ୍ଧୀଙ୍କ ମତରେ ଯେଉଁଦିନ ନାରୀଟିଏ ମଧ୍ୟରାତ୍ରର ରାଜରାସ୍ତାରେ ନିର୍ଭୟରେ ଭ୍ରମଣ କରିପାରିବ ତା'ହେଲେ ଦେଶ ସ୍ୱାଧୀନ ହେବାର ପ୍ରକୃତ ଲକ୍ଷ୍ୟ ସାଧନ ହୋଇପାରିବ ।

ଆଜି ଶିକ୍ଷାକ୍ଷେତ୍ରରେ ନିଯୁକ୍ତି ପରୀକ୍ଷାରେ ନାରୀମାନେ ପୁରୁଷମାନଙ୍କୁ ପ୍ରାୟ ଅତିକ୍ରମ କରିସାରିଲେଣି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଇ ନିକଟରେ ପ୍ରକାଶ ପାଇଥିବା କିଛି ଫଳାଫଳ ଦେଖିଲେ ତାହା ସ୍ପଷ୍ଟ ବାରିହୁଏ । ଯଦିଓ ପୂର୍ବକାଳରୁ ନାରୀମାନଙ୍କୁ ଶିକ୍ଷା କ୍ଷେତ୍ରରେ ପୂର୍ଣ୍ଣମାତ୍ରାରେ ଅବହେଳିତ କରି ରଖା ଯାଇଥିଲା । ଏମିତିକି ନାରୀମାନଙ୍କ ପାଇଁ ଶିକ୍ଷାନୁଷ୍ଠାନ ଓ ସଭାସମିତି ସମ୍ପୂର୍ଣ୍ଣ ନିଷେଧ ଥିଲା । କ୍ରମଶଃ ଅନେକ ସଂସ୍କାର ପରେ ଆଜି ନାରୀମାନେ ବିଭିନ୍ନ କଳୁଷିତ ପ୍ରଥାରୁ ସତୀଦାହ, ବିଧବା ବିବାହ ନିୟମ ଇତ୍ୟାଦି ଠାରୁ ମୁକ୍ତି ପାଇଲେ । ସେମିତି ଶିକ୍ଷାକ୍ଷେତ୍ରରେ ମଧ୍ୟ ପ୍ରବେଶ କଲେ ଏବଂ ତାଙ୍କରି ଶ୍ରେଷ୍ଠତା ମଧ୍ୟ ପ୍ରତିବାଦିତ କଲେ । ଏଠି ଯେତେବେଳେ ଆଧୁନିକ ଶିକ୍ଷାବ୍ୟବସ୍ଥା ଉପରେ ଆଲୋଚନା ହେଉଛି ଆମେ ମହାନ ସଂସ୍କାରି ଜୋତିରାଓ ଫୁଲେ ଓ ସାବିତ୍ରୀବାଇ ଫୁଲେଙ୍କୁ ନିଶ୍ଚୟ ମନେ ପକାଇବା । ଉନବିଂଶ ଶତାବ୍ଦୀର ମଧ୍ୟ ଭାଗରେ ଯେତେବେଳେ ଇଂରେଜ ଶାସନ କରୁଥିଲେ, ଧର୍ମାନ୍ଧତାଙ୍କ କଠୋର ଅନୁଶାସନରେ ପରିଚାଳିତ ସାମାଜିକ ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଘଟାଇ ମହିଳା ଶିକ୍ଷାଉପରେ ଗୁରୁତ୍ୱ ଦେଇ ସ୍ୱତନ୍ତ୍ର ବିଦ୍ୟାଳୟ ଖୋଲିବା ହେଉ ବା ଅନଗ୍ରସର ଜାତିର ମହିଳାମାନଙ୍କୁ ମାଗଣାରେ ଶିକ୍ଷା ଦେଇ ମାର୍ଜିତ କରିବା ହେଉ- ଏସବୁ କ୍ଷେତ୍ରରେ ତାଙ୍କରି ଅବଦାନ ଅତୁଳନୀୟ । ଏଣୁ ସେମାନେ ଚିର ନମସ୍ୟ । ଏମିତି ଆମର ଅନେକ ମହାପୁରୁଷଙ୍କ ତ୍ୟାଗ ତିତିକ୍ଷା ଚେଷ୍ଟା ପ୍ରଚେଷ୍ଟା ଯୋଗୁଁ ଆଜି ଆମେ ନାରୀଶିକ୍ଷାରେ ଏତେ ଦୂର ଆଗେଇ ପାରିଛେ । ଆଜି IIT, IIM MBA , NDA ଇତ୍ୟାଦି ସବୁ ବିଭାଗରେ ପୁରୁଷମାନଙ୍କ ସହ ତାଳଦେଇ କୃତିତ୍ୱ ଅର୍ଜନ କରିଚାଲିଛନ୍ତି । କିନ୍ତୁ କହିବା ବାହୁଲ୍ୟ ଏତେସବୁ ସୁବିଧା ସୁଯୋଗ ସତ୍ତ୍ୱେ ଆଜି ମଧ୍ୟ ଗାଁ ଗହଳି ଆଦିବାସୀ ଅଧୁଷିତ ଅଞ୍ଚଳରେ ଆଉ ଅନଗ୍ରସର ଜାତିମାନଙ୍କ ମଧ୍ୟରେ ଶିକ୍ଷା ଅପହଞ୍ଚ !!!

ନାରୀଶିକ୍ଷା କାହିଁକି ଗୁରୁତ୍ୱପୂର୍ଣ୍ଣ, ଆମେ ସମସ୍ତେ ଜାଣୁ ମା ହେଉଛି ଶିଶୁର ପ୍ରଥମ ଶିକ୍ଷକ । ଶିଶୁଟିଏ ମା'କୁ ଅନୁକରଣ କରିଥାଏ ତାଙ୍କ ଠାରୁ ଚାଲିବା, ଖାଇବା ବୋଲିବା ଇତ୍ୟାଦି ଶିକ୍ଷା ଲାଭ କରିଥାଏ । ଏଣୁ ନାରୀମାନେ ଶିକ୍ଷିତହେବା ଅତ୍ୟନ୍ତ ଆବଶ୍ୟକ । କେବଳ ସେମାନଙ୍କ ପାଇଁ ଯୋଜନା ପରେ ଯୋଜନା କରିଚାଲିଲେ ହେବନାହିଁ ତାହା କିପରି ସମାଜର ନିମ୍ନ ପାଇଦାନରେ ରହୁଥିବା ବ୍ୟକ୍ତିମାନଙ୍କ ନିକଟରେ ପହଞ୍ଚିବ ସେ ଦିଗ ପ୍ରତି ଦୃଷ୍ଟି ଦେବା ଅତ୍ୟନ୍ତ ପ୍ରୟୋଜନ । ବେଟି ବଚାଓ ବେଟି ପଢ଼ାଓ କେବଳ ନାରାବାଜିରେ ସୀମିତ ନ ରହି କିପରି ଅନଗ୍ରସର ଜାତି, ଆଦିବାସୀ ଓ ଅନ୍ୟାନ ପଛୁଆ ଜାତି ମହିଳାମାନଙ୍କୁ ଶିକ୍ଷା ଓ ସଂସ୍କୃତି ଯୋଜନାରେ ଯୋଡିହେବ ତା ପ୍ରତି ମଧ୍ୟ ବିଶେଷ ଧ୍ୟାନ ଦେବା ଦରକାର । ସେମାନେ ଶିକ୍ଷିତ ହୋଇ ସ୍ୱାବଲମ୍ବୀ ହେଲେ ଯାଇ ସେମାନଙ୍କର ଆଗାମୀ ଭବିଷ୍ୟତ ପିଢ଼ିର ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରିପାରିବେ । କେବଳ ଶିକ୍ଷାହିଁ ଏକମାତ୍ର ମାର୍ଗ ଯାହାଦ୍ୱାରା ମନୁଷ୍ୟ ନିଜର ଅଧିକାର ବିଷୟରେ ସଚେତନ ହୋଇଥାଏ । ନାରୀଶିକ୍ଷା ଯେତେଦୂର ସୁଦୃଢ ହେବ ଆମ ସମାଜ ଦେଶ ସେତେ ସୁଦୃଢ଼ ହେବ । ମାତୃଜାତିର ସମ୍ମାନରେ ସ୍ଲୋଗାନ ଦେଇ ମାତୃଗର୍ଭରେ ଥିବା ସନ୍ତାନକୁ ଛୁରୀ ମାରିଲେ ଚଳିବ ନାହିଁ । ଆମେ ମଧ୍ୟ ନିର୍ବାକ ନରହି ଆଗକୁ ଆସିବାକୁ ପଡିବ । କନ୍ୟାଭ୍ରୁଣ ହତ୍ୟା ନିମନ୍ତେ ହେଉଥିବା ହୀନ ଉଦ୍ୟମକୁ ପ୍ରତିହତ କରିବାକୁ ହେବ ।

ଅତଃ ଶେଷରେ ଏତିକି କହିହେବ, ଭାରତୀୟ ସଭ୍ୟତା ଓ ସଂସ୍କୃତି ନାରୀ ସଂସ୍କୃତି ସହ ଓତପ୍ରୋତ ଭାବରେ ଜଡ଼ିତ । ନାରୀକୁ ବାଦ ଦେଇ ଭାରତୀୟ ସଂସ୍କୃତିର କଳ୍ପନା କରାଯାଇ ପାରେନା । ପ୍ରାଚୀନ ଯୁଗରୁ ଆମ ପୂର୍ବପୁରୁଷ ମାନେ ନାରୀଙ୍କ ମହନୀୟତାକୁ ଉପଲବ୍ଧି କରି ସେମାନଙ୍କୁ ଅନେକ ଜାଗାରେ ଶୀର୍ଷରେ ରଖି ଆସିଛନ୍ତି । ଏଣୁ ଆମ ଦେଶର ସାମାଜିକ ସଂସ୍କୃତି ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ପାଇଥିଲା । ଆଧୁନିକ ସମାଜରେ ନାରୀଶିକ୍ଷାକୁ କେବଳ ସରକାର ଉପରେ ଛାଡ଼ି ନଦେଇ, ଆମେ ସରକାର ସହ ପାଦରେ ପାଦ ମିଶାଇ ଆଗକୁ ନେବାର ପ୍ରୟାସ ଜାରି ରଖିବା ଉଚିତ ।

ଗଣେଶ ଜନନୀ ଦୁର୍ଗାରାଧା ଲକ୍ଷ୍ମୀସରସ୍ୱତୀ
ସାବିତ୍ରୀ ଚ ସୃଷ୍ଟିବିଧୌ ପ୍ରକୃତି ପଞ୍ଚଧାସ୍ମୃତାକ୍ଷକ୍ଷ

-୦-

ଆଇନଜୀବୀ, ବ୍ରହ୍ମପୁର, ଗଞ୍ଜାମ



# ସାହସ ଓ ଧୈର୍ଯ୍ୟର ପ୍ରତୀକ 'ନାରୀ'

**ସୁଜାତା ଶତପଥୀ**

ନାରୀ ଜୀବନ ମାତ୍ରେ ଏକ ସଂଘର୍ଷମୟ ପଥେ ପଥିକ ହୋଇ କେବଳ ବଞ୍ଚିଥାଏ । ଧରଣୀ ସମ ସହ୍ୟ କରିବା ସାମର୍ଥ୍ୟ ହୋଇଛି । ଠିକ୍ ସେହିପରି ନାରୀମାନଙ୍କୁ ଅତ୍ୟନ୍ତ ଜଟିଳ ପରିସ୍ଥିତି ଦେଇ ଗତି କରିବାକୁ ପଡ଼ିଥାଏ । ଯିଏ ଯେତେ କଷ୍ଟ ପାଇଥାଏ, ସେତିକି ଭଗବାନ ସହାୟ ହୁଅନ୍ତି । ସହିଷ୍ଣୁ ଶକ୍ତିର ମୂର୍ତ୍ତି ହୋଇ ଧୈର୍ଯ୍ୟ ସାହସ ସ୍ଥିରତାର ସହ ପରିବାର ପ୍ରତିପୋଷଣ କରନ୍ତି ।

ପ୍ରତି ଅସଫଳତା କାହାଣୀ ମଧ୍ୟରେ ହିଁ ସଫଳତାର ସୂତ୍ର ଲୁପ୍ତ ରୂପରେ ରଖିଥାନ୍ତି ସେହି ଲୀଳାମୟ ଠାକୁର, ତାଙ୍କ ପ୍ରତି ଧ୍ୟାନ କେନ୍ଦ୍ରିଭୂତ କରି ଆରାଧନା ଭକ୍ତି ଅର୍ଘ୍ୟର ସମୁଦ୍ରରେ ଉବୁଟୁବୁ ହେବା ଫଳରେ ସଫଳତା ମାର୍ଗକୁ ଦେଖାଇ ଜୀବନକୁ ସରଳ ସହଜସାଧ କରିଥାନ୍ତି ।

ସେହିଭଳି ଆମ ରାଜ୍ୟରେ ଏକ ସାନ୍ତାଳ ଆଦିବାସୀ ମହିଳା ମୟୂରଭଞ୍ଜର ରାଇରଙ୍ଗପୁରର ଏକ ସାଧାରଣ ପରିବାରରେ ୧୯୫୮ ଜୁନ ମାସରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଶ୍ରୀଯୁକ୍ତ ବିରଞ୍ଚି ନାରାୟଣ ଟୁଡୁ । ସେ ଭୁବନେଶ୍ୱରର ରମାଦେବୀ ମହିଳା ମହାବିଦ୍ୟାଳୟର ଛାତ୍ରୀ ହୋଇ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିଲେ । ସେ ୧୯୭୬ ମସିହାରେ ଶ୍ୟାମ ଚନ୍ଦ୍ର ମୁର୍ମୁଙ୍କୁ ବିବାହ କରିଥିଲେ । ତାଙ୍କରି ଦୁଇଟି ପୁଅ ଓ ଗୋଟିଏ ଝିଅ ଜନ୍ମ ହୋଇଥିଲା । ସେ ଏକ ସରଳ ଜୀବନଯାପନ କରି ଭଗବତ୍ ବିଶ୍ୱାସୀ ହୋଇ ସ୍ୱାବଲମ୍ବୀ ହୋଇ ବଞ୍ଚିବା ଶ୍ରେୟସ୍କର ଭାବିଥିଲେ ।

ସେ ଏକ ସେବାଶ୍ରମ ଆବାସ ବାଳିକା ବିଦ୍ୟାଳୟରେ ଶିକ୍ଷକ ପଦବୀରେ ରହି ଶିକ୍ଷାଦାନରେ ନିପୁଣ ଥିଲେ । ଏକ ଆଦର୍ଶ ଶିକ୍ଷୟତ୍ରୀ ଭାବରେ ସମ୍ମାନିତ ହୋଇଥିଲେ । କିଛି ବର୍ଷ ଅତିକ୍ରମ ମଧ୍ୟରେ ସେ ସମାଜସେବୀ ରୂପେ ପରିଗଣିତ ମାନବର ଦକ୍ଷତା ପାଇଥିଲେ ।

୨୦୦୯ ମସିହାରେ ତାଙ୍କ ବଡ଼ପୁଅର ଆକସ୍ମିକ ମୃତ୍ୟୁ ହୋଇଥିବା ପରେ ବହୁତ ଦୁଃଖରେ ଭାଙ୍ଗିପଡ଼ିଲେ । କିଛିଦିନ ବିତିଗଲା ପରେ ୨୦୧୩ ମସିହାରେ ଦ୍ୱିତୀୟ ପୁତ୍ରର ମଧ୍ୟ ମୃତ୍ୟୁ ହୋଇଗଲା, ପୁଣି କିଛି ସମୟର ଅତିକ୍ରମ ପରେ ମା' ଇହଲୀଳା ସମ୍ବରଣ କରିଥିଲେ । ପୁଣି କିଛି ଦିନ ପରେ ଭାଇ ଚାଲିଗଲେ । ଗୋଟିଏ ପରେ ଗୋଟିଏ ଆତ୍ମୀୟଙ୍କ ବିୟୋଗରେ ମ୍ରିୟମାଣ ହୋଇପଡ଼ିଥିବା ପରେ ମଧ୍ୟ ସେ ଆତ୍ମହରା ହୋଇ ବଞ୍ଚିଥିଲେ ।

ସେହି ସମୟର ଅତିକ୍ରମ ହୋଇ ଆସିବା ପରେ ୨୦୧୪ ମସିହାରେ ତାଙ୍କ ସ୍ୱାମୀ ଚାଲିଗଲେ । ଦୁଃଖ ସମୁଦ୍ରେ ବୁଡି ପୁଣି ପହଁରି କୂଳକୁ ଲାଗିବା ଚେଷ୍ଟା କରି ସେ ରାଜନୀତିଜ୍ଞ ହୋଇ ଝାଡ଼ଖଣ୍ଡ ରାଜ୍ୟର ରାଜ୍ୟପାଳ ହୋଇଥିଲେ ।

ପୁଣି କିଛି ବର୍ଷ ପରେ ୨୦୨୨ ମସିହାର ୨୫ ଜୁଲାଇରେ ୬୪ ବର୍ଷ ବୟସରେ ଆମ ଦେଶର ରାଷ୍ଟ୍ରପତି ହୋଇ ଏକ ନୂତନ ପରିଚୟ ସୃଷ୍ଟି କଲେ । ସେ ଏତେ ଘାତ ପ୍ରତିଘାତ ସହି ବଞ୍ଚି ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ନାରୀ ବନ୍ଦନୀୟ ଶ୍ରେଷ୍ଠ ହୋଇଗଲେ ।

ଆମ ପରିବେଶର ଚତୁଃପାର୍ଶ୍ୱରେ ବହୁତ ନାରୀ ଏପରି ଅଛନ୍ତି ଯେଉଁମାନେ ନିଜର ଲୁହ କୋହକୁ ନିଜ ଛାତିରେ ଚାପି ବଞ୍ଚିଛନ୍ତି । ନା ଲୁହ ଶୁଖିଛି, ନା କିଏ ପୋଛିବାକୁ ତିଳେ ମାତ୍ର ଚେଷ୍ଟା କରିଛି । ପ୍ରହାର ପରେ ପ୍ରହାର ଆର୍ତ୍ତନାଦର ଶିକାର, ଅନ୍ୟାୟ, ଦୁଃଖ, ଯାତନା କଷ୍ଟ ଅତ୍ୟାଚାର ସହି ଚାଲିଛି । ନିତି ମରି ନିତି ବଞ୍ଚୁଛି । ନାରୀର ଦୁଃଖ ଲେଖିବାର ସାମର୍ଥ୍ୟ କାହାର ନାହିଁ, କେବଳ ଦୁଃଖ ଦେବା ଚାଲିଛି ।

ଏହି ପରିପ୍ରେକ୍ଷୀରେ ଏକ ଜଳନ୍ତ ଉଦାହରଣ ସ୍ୱରୂପ ଏହି ଆମ ନାରୀଙ୍କ ଗାଥା– 'ସଂଘର୍ଷ ଯୁଦ୍ଧେ ବିଜୟ ହାସଲ' କାହାଣୀ ଏକ ଅପୂର୍ବ ମହନୀୟତା ପ୍ରଦର୍ଶନ କରିଛନ୍ତି । ତାଙ୍କ ଜୀବନର ଅନେକ ଦୁଃଖଦ ଘଟଣାକୁ ଭୁଲି ସେ ସଫଳତାର ଶୀର୍ଷ ଆସନରେ ବସିଛନ୍ତି ଯାହା ପ୍ରେରଣାର ଉତ୍ସ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ହେ ମୋ ଦେଶର ନାରୀଗଣ ଜୀବନରେ କେବେ ହାରି ପଛଘୁଞ୍ଚା ନଦେଇ ଆଗକୁ ମାଡି ଚାଲ । ଆତ୍ମବିଶ୍ୱାସର ସହ ଭଗବତ୍ ବିଶ୍ୱାସ ରଖି ମନକୁ ଦମ୍ଭ ଦେଇ ଧୈର୍ଯ୍ୟ ସାହସ ସ୍ଥିରତାର ସହ ବିଫଳତାରେ ସଫଳତାକୁ ଅନୁସନ୍ଧାନ କରି ଆସ୍ତିକ ଭାବନା ରଖିଲେ ଅତି ଦିଗ୍‌ବିଜୟ ଓ କାଳଜୟୀ ନିଶ୍ଚିତ ହେବ ଏହା ନିଃସନ୍ଦେହ ।

–୦–

ବିଶ୍ୱନାଥ ନଗର ଦ୍ୱିତୀୟ ଗଳି
ବ୍ରହ୍ମପୁର, ଗଞ୍ଜାମ
ସଂପର୍କ: ୭୦୦୮୭୭୬୭୩୩



# ଦେଶ ପ୍ରଗତିରେ ଭାରତ ନାରୀ

ଜଗନ୍ନାଥ ବେହେରା

ଗୋଟିଏ ମୁଦ୍ରା ଦୁଇଟି ପାର୍ଶ୍ୱ ପରି ନାରୀ ଆଉ ପୁରୁଷ । ଗୋଟିଏ ବ୍ୟତୀତ ଅନ୍ୟ ଜଣଙ୍କ ସ୍ଥିତି ଅନୁରଣୀୟ ଏ ସମାଜରେ । ଘରର ପ୍ରଗତି କୁହ କିବା ଦେଶର ପ୍ରଗତି ସବୁଠାରେ ଦୁଇଜଣଙ୍କ ଆବଶ୍ୟକ ସମାନ ପରିମାଣରେ ହିଁ ଥାଏ । ପୋଥି ପୁରାଣରେ ନାରୀଙ୍କୁ ଗୃହଲକ୍ଷ୍ମୀ ବୋଲି କୁହାଯାଇଛି । ଘରର ଭାଗ୍ୟ ପରିବର୍ତ୍ତନ କରିବାରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ଆମ୍ଭ ସଂସ୍କୃତି ପ୍ରଥା ପରମ୍ପରାକୁ ଜାଗ୍ରତ କରି ରଖିବାର ଦାୟିତ୍ୱ ନାରୀ ହିଁ ବହନ କରିଥାଏ । ଯେ କୌଣସି କାମର ଆରମ୍ଭରେ ଆମ ଦେଶରେ ନାରୀର ମତାମତକୁ ପ୍ରାଧାନ୍ୟ ଦେବାରେ ଲକ୍ଷ୍ୟ କରାଯାଏ । ଆରମ୍ଭ କରିବାର ପ୍ରଥା ବି କେଉଁ ଅନାଦି କାଳରୁ ଚାଲି ଆସୁଛି ଏବଂ ଚାଲୁଥିବ ମଧ୍ୟ । ଘର ଛୋଟ ଛୋଟ କାମ ଠାରୁ ବଡ଼ ବଡ଼ ଫ୍ୟାକଟାରୀ ସବୁ ଠାରେ ନାରୀ ର ହାତ ଥାଏ । ଏମିତି କି ଗୋଟିଏ ପୁରୁଷ କୁ ସମାଜ ରେ ମଣିଷ କରି ଛିଡ଼ା କରିବା ଦାୟିତ୍ୱ ମଧ ନାରୀ ହିଁ ନେଇଥିଆଏ । ତେଣୁ ନାରୀ ବିନା ଘର କି ଦେଶର ପ୍ରଗତି କଥା ଚିନ୍ତା କରାନଯାଇପାରେ । ଯଦି ବା ନାରୀ ଶିକ୍ଷା କ୍ଷେତ୍ରରେ ଆଜି ବି ୪୧% ରେ ଅଛନ୍ତି ତଥାପି ନାରୀ ଶିକ୍ଷିତା ହୋଇ ନିଜ ପରିବାରକୁ ଶିକ୍ଷିତ କରିବାରେ ନିଜ ଭୂମିକାକୁ ଯଥାରୀତି ଭାବରେ ନିର୍ବାହ କରିଛନ୍ତି । ରୋଜଗାର ବା ପରିଶ୍ରମ କରି ସଂସାର ପରିଚାଳନା କରୁଥିବା କ୍ଷେତ୍ରରେ ଆଜିର ନାରୀ ୨୨% କାମ କରୁଛନ୍ତି ।

ଭାରତ ସମ୍ବିଧାନ ମଧ ନାରୀକୁ ଶିକ୍ଷା ସମ୍ମାନ ଏବଂ ସ୍ୱାଧୀନ ଭାବରେ ଚାଲିବାର ଅଧିକାର ଦେଇଛି । ପାର୍ଲିଆମେଣ୍ଟକୁ ଏବେ ବି ନାରୀ ଯେଉଁ ୧୪% ନିର୍ବାଚିତ ହୋଇଛନ୍ତି ସେମାନଙ୍କ ଭୂମିକା ଅନେକ ବେଶୀ । କିନ୍ତୁ କଥା ହେଉଛି ଆଜି କଣ ସତରେ ଜଣେ ନାରୀ ପୁରୁଷ ପ୍ରାଧାନ୍ୟ ସମାଜ ଏସବୁ ପାଉଛି । କିଛି ଅନ୍ଧ ବିଶ୍ୱାସ ଭିତରେ ନାରୀର ଗୋଡ଼ ହାତକୁ  ସମାଜ କଟକଣା ମଧ୍ୟରେ ବାନ୍ଧି ଦିଆଯାଇଛି । କିଛି ତଥାକଥିତ ପଣ୍ଡିତମାନେ ଆଜି ବି ନାରୀକୁ ବିଭିନ୍ନ ବିଭାଗରେ ବିହାଗିକରଣ କରି ଶୁଭ ଅଶୁଭ ଭିତରେ ଆଖ୍ୟା ଦେଇଛନ୍ତି । ବାହାଘର ହେଉ ମରିବା ଘର ହେଉ ପ୍ରତ୍ୟକ ସ୍ଥାନରେ ନାରୀର ଆବଶ୍ୟକତା ଦରକାର ପଡୁଛି । ଘରେ ଗୋବର ପାଣି ପକାଇବା ଠାରୁ ଝୁଟି ଦେବା, ପିଠା ପଣ୍ଡା କରିବା ସହିତ ହୁଳହୁଳି ବନ୍ଧାନ ଥାଳି ଧରି ସବୁ କିଛି ରେ ନାରୀ ହିଁ ଆଗଭର ହୋଇ କରୁଛି । ଛୁଆର ଲାଳନ ପାଳନ ଠାରୁ ଶିକ୍ଷା ଦେଇ ମଣିଷ କରିବା ପର୍ଯ୍ୟନ୍ତ ନାରୀ ଭୂମିକା ଯଥେଷ୍ଟ ଅଧିକ ।

ପୁରାଣରେ ସୀତା, ରାଜ୍ୟ ତ୍ୟାଗ କରି ନିଜ ଇଚ୍ଛାରେ ଚଉଦ ବର୍ଷ ବନବାସ କରିଥିଲେ ତାଙ୍କ ଉପରେ ନ ଥିଲା ଦଶରଥଙ୍କ ଦ୍ୱାରା ସତ୍ୟ କି ରାମଚନ୍ଦ୍ରଙ୍କ ଦ୍ୱାରା ବାଧ୍ୟବାଧକତା । ନାରୀର ମହନୀୟତା କେତେ ଏଥିରୁ ହିଁ ସ୍ୱଷ୍ଟ ଜଣା ପଡ଼େ । ଅତୀତ ଇତିହାସ ପୃଷ୍ଠା ଲେଉଟିଲେ ଜଣ ଯାଏ ଅନେକ ବୀର ରମଣୀ ରାଜ୍ୟ ପାଇଁ ନିଜର ସ୍ୱାର୍ଥକୁ ବଳି ଦେଇଛନ୍ତି । ରାଣୀ ଲକ୍ଷ୍ମୀବାଈ ନିଜ ରାଜ୍ୟ ରକ୍ଷା କରିବାକୁ ଯୁଦ୍ଧ ଭୂମିରେ ଆସି ଯୁଦ୍ଧ କରିଥିଲେ । ରାଜ୍ୟ ପ୍ରଗତି ପଥରେ ନିଜ ମୃତ୍ୟୁକୁ ବି ସ୍ୱାଗତ କରିଥିଲେ । ଏହି ନାରୀମାନଙ୍କ ମଧ୍ୟରେ ଥିଲେ ଦେଶର ହିତ କାମନା । ସେମିତି ଦେଖିଲେ ଆଜିର ଯୁଗରେ ବି ଅନେକ ନାରୀ ଆମ ଆଗରେ ଉଦାହରଣ ହୋଇ ଠିଆ ହୋଇଛନ୍ତି । ସ୍ୱର୍ଗତ ସୁଷୁମା ସ୍ୱରାଜ, ସୋନିଆ ଗାନ୍ଧୀ, ଶିଳା ଦୀକ୍ଷିତ, ମମତା ବାନାର୍ଜୀ, ସ୍ୱର୍ଗତ ଜୟଲଲିତା, ମାୟାବତୀ, ବସୁନ୍ଧରା ରାଜ ସିଂଧିଆ, ଅମ୍ବିକା ସୋନି ପରି ନାରୀ ଭାରତୀୟ ରାଜନୀତିରେ ସକ୍ରିୟ ରହି ରାଜ୍ୟ ତଥା ଦେଶକୁ ଆଗେଇ ନେବାରେ ଅନେକ କଷ୍ଟ କାମ କାନ୍ଧ ଉପରକୁ ନେଇଛନ୍ତି  । ଏହି ନାରୀମାନେ ପୁରୁଷ କାନ୍ଧରେ କାନ୍ଧ ମିଳେଇ ଦେଶ ପ୍ରଗତିରେ ଅଂଶଗ୍ରହଣ କରିଛନ୍ତି । କେବେ ବି ନିଜକୁ ଛୋଟ ମନେ କରିନାହାନ୍ତି କି ନିଜର ଅକ୍ଷମତା ପ୍ରକାଶ କରି ନାରୀ ଅବଳା ଦୁର୍ବଳା ବୋଲି ପ୍ରମାଣିତ କରିନାହାନ୍ତି । ସ୍ୱର୍ଗତ ଇନ୍ଦିରା ଗାନ୍ଧୀ ଏକାକୀ ଦେଶର ମଙ୍ଗ ଧରି ଦେଶକୁ ଆଗକୁ ଆଗକୁ ନେଇ ଯାଇଥିଲେ ।

ମିଥାଲି ରାଜ, ମହିଳା କ୍ରିକେଟ ଜଗତରେ ଜଣେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ହୋଇ ଭାରତର ନାଁକୁ ବିଶ୍ୱ ଦରବାରରେ କ୍ରିକେଟ ମାଧ୍ୟମରେ ଗୌରବ ଆଣିଛନ୍ତି । ଦେଶ କ୍ରିକେଟ ଇତିହାସରୁ ଆଜିଯାଏ ବି ନାରୀ ଭାରତ କ୍ରିକେଟକୁ ପଛରେ ଛାଡ଼ି ଦେଇ ନାହାନ୍ତି । ସାଇନା ନେହୱାଲ ଠିକ ସେମିତି ବ୍ୟାଡ଼ମିଣ୍ଟନ୍‌ରେ ଆମ ଦେଶର ଖେଳକୁ ଅଧିକ ଲୋକପ୍ରିୟ କରିବା ସହ ଦେଶକୁ ଗୌରବାନ୍ୱିତ କରିଛନ୍ତି । ବକ୍ସିଂରେ ମେରକମ୍ ହେଉ ଆଥିଲେଟିକରେ ହିମା ଦାସ ହୁଅନ୍ତି କି ଅରୁଣିମା ସିଂ ହିମାଳୟ ଶୀର୍ଷକୁ ଉଠି ହୁଅନ୍ତୁ ; ନିଜ ନିଜ କ୍ଷେତ୍ରରେ ପୁରୁଷ ପାଖରେ ନିଜକୁ ସମକକ୍ଷ କରି ଏ ଦେଶର ନାମକୁ ଆଗକୁ ନେଇଛନ୍ତି । ବର୍ତ୍ତମାନ ପାରାଅଲିମ୍ପିକରେ ଦୀପା ମଲ୍ଲିକ ଆମ ଦେଶକୁ ଆଗକୁ ନେବାରେ ନିଜ ଦାୟିତ୍ୱକୁ ସମ୍ପାଦନ କରି ନାରୀ ବି ଦେଶ ପ୍ରଗତିରେ ଭାଗୀଦାର ବୋଲି ପ୍ରମାଣିତ କରିଛନ୍ତି ।

ଆମ ଦେଶର ବର୍ତ୍ତମାନ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଦେଶ ପ୍ରଗତିରେ ଏକ ସଦ୍ୟ ବିରଳ ପ୍ରତିଭାର ଉଦାହରଣ ହୋଇ ପାରିଛନ୍ତି । ଆଜି ଆଉ ନାରୀ କୌଣସି କ୍ଷେତ୍ରରେ ପଛରେ ନାହାନ୍ତି । ଆକାଶରେ ଉଡ଼ିବା ଠାରୁ ଜଳରେ ବୁଡ଼ିବା ଯାଏ ସବୁଠି ସେ ସମକକ୍ଷ ଏବଂ ଦେଶ ପ୍ରଗତିରେ ଏକ ବାହକ ।

-୦-

ନବରଙ୍ଗପୁର

ସମ୍ପର୍କ : ୯୪୩୭୭୮୫୧୫୮



# ଯୁଗ ଜ୍ୟୋତି ନାରୀ

ବନ୍ଦନା ବେହେରା

ଅନନ୍ତ ଶୟନକାରୀ ବିଷ୍ଣୁ ଦିନେ ଚିନ୍ତାକଲେ "ଏକୋଽହମ, ବହୁଶ୍ୟାମି" ହେବାପାଇଁ । ଏଥି ନିମନ୍ତେ ସେ ଅଣାକାର, ଅଜ୍ଞେୟ । ଓ ଗୁଣାତିତ ହୋଇ ଆତ୍ମ ପ୍ରକୃତି ସହ ଆଲୋଡ଼ନ ଦ୍ୱାରା ଆଦିଶକ୍ତି ନାରୀ ରୂପ ଜାତ କଲେ । ସେହି ନାରୀ ହିଁ ପ୍ରକୃତି ସ୍ୱରୂପା ଏବଂ ଅପର ଶକ୍ତି । ଗୀତା - ୭/୪ ରେ ଉଲ୍ଲେଖ ଅଛି -

ଭୁମି ରାପୋଽନଭୋ ବାୟୁଃ ଖଁ ମନୋ ବୁଦ୍ଧିରେବ ଚ
ଅହଂକାର ଇତୀୟଂ ମେ ଭିନ୍ନା ପ୍ରକୃତି ରଷ୍ଟଧା ।

ଅର୍ଥାତ, ଭୁମି, ଜଳ, ଅଗ୍ନି, ବାୟୁ, ଆକାଶ, ମନ, ବୁଦ୍ଧି ଓ ଅହଂକାର ଏହି ଆଠ ଗୋଟି ମୋର ଭୌତିକ ଅପରା ପ୍ରକୃତି ଅଟେ । ଭୁମି ଅର୍ଥାତ ବସୁଧା ମଧ୍ୟ ଜଣେ ନାରୀ । ଏହି ନାରୀକୁ ମା' ରୂପରେ ପୁରାଣ ବର୍ଣ୍ଣିତ କରେ ।

ନୀଳାଚଳ ଧାମର ରତ୍ନସିଂହାସନ ଉପରେ ଉପବେସନ କରିଥିବା ଠାକୁର ଶ୍ରୀ ଜଗନ୍ନାଥ ଯିଏ ସାରା ବିଶ୍ୱର ମାଲିକ, ବିଶ୍ୱ ବନ୍ଦିତ, ବିଶ୍ୱ ପୁଜିତ ଓ ବିଶ୍ୱ ବିଖ୍ୟାତ । ବିଶ୍ୱହିଁ ଜଗତ । ଜଗତ ହିଁ ପ୍ରକୃତି ସ୍ୱରୁପ । ନାଥହିଁ ପରମେଶ୍ୱର ବା ପରଂବ୍ରହ୍ମ । ନାରୀ ଓ ପୁରୁଷର ମିଳିତ ବିଗ୍ରହ ହିଁ ଶ୍ରୀ ଜଗନ୍ନାଥ । ଏଣୁ ମହାପ୍ରଭୁଙ୍କୁ ଦାରୁବ୍ରହ୍ମ କହାନ୍ତି । ଦାରୁବ୍ରହ୍ମ ନାମ ଥରେ ସ୍ମରଣ ମାତ୍ରେ ଉଭୟ ମା' ଓ ଜଗତସ୍ୱାମୀଙ୍କୁ ନମନ ବୋଲି ଧରାଯାଏ ।

ଶ୍ରୀଜଗନ୍ନାଥଙ୍କୁ ସଚିଦାନନ୍ଦ ବୋଲି ବେଦ, ପୁରାଣ, ଶାସ୍ତ୍ର ଇତ୍ୟାଦି କହନ୍ତି । ଏହାକୁ ବ୍ୟାଖ୍ୟା କଲେ ଜଣାଯାଏ ଯେ, ସ-ସ୍ୱରୁପ ଶ୍ରୀବଳଭଦ୍ର, ଚି-ସ୍ୱରୂପା ମା' ସୁଭଦ୍ରା ଏବଂ ଆନନ୍ଦ -ସ୍ୱରୁପ ଶ୍ରୀଜଗନ୍ନାଥ । ତେଣୁ ଥରେ ସଚିଦାନନ୍ଦ ସ୍ମରଣ ମାତ୍ରେ ଏକାଥରକେ ମା ସୁଭଦ୍ରା, ବଡ଼ ଠାକୁର ଶ୍ରୀବଳଭଦ୍ର ଓ କଳାସାଆନ୍ତ ଶ୍ରୀଜଗନ୍ନାଥଙ୍କୁ ଧ୍ୟାନ କରୁଛି ବୋଲି ମନେକରିବାକୁ ହେବ ।

ନାରୀ ସ୍ୱରୂପା ପ୍ରକୃତି ରୁପିଣୀ ମା' ଶ୍ରୀଜଗନ୍ନାଥଙ୍କ ଭିତରେ ହ୍ଲାଦିନୀ, ସମ୍ବିତ ଓ ସନ୍ଧିନି ଭାବେ ଅବତୀର୍ଣ୍ଣା । ତେଣୁ ଶ୍ରୀଜଗନ୍ନାଥ ହିଁ ପ୍ରକୃତି ଓ ପରୁଷର ମିଳିତ ତନୁ । ଏହି ଶକ୍ତି ବଳରେ ସୃଷ୍ଟିର ରଚନା, ପାଳନ ଓ ସଂହାର କରି ନିଜ ଭିତରେ ଲୀନ କରାନ୍ତି । ଯୁଗେ ଯୁଗେ ମହାବିଷ୍ଣୁ ବିଶ୍ୱରେ ଧର୍ମ ସଂସ୍ଥାପନ ପାଇଁ ଅବତାର ନେବା ଆଗରୁ ଚିତ୍ ଶକ୍ତି ଆଶ୍ରୟ କରିଥାନ୍ତି । ଶାସ୍ତ୍ରକହେ -

କୃଷ୍ଣ ତୁ କାଳିକା ଦେବୀ ଶ୍ରୀରାମ ତାରିଣୀ ତଥା
ଭାର୍ଗବ ଷୋଡ଼ଶି ବିଦ୍ୟା ବାମନ ଭୁବନେଶ୍ୱରୀ
ମତ୍ସ୍ୟତୁ କମଳା ଦେବୀ ବରାହ ଛିନ୍ନ ମସ୍ତା
ଧୁମାବତୀ କୂର୍ମାରୂପା ନୃସିଂହ ଭୈରବୀ ସ୍ୱୟଂ
ବୁଦ୍ଧରୂପୀ ମହାଲକ୍ଷ୍ମୀ ମାତଙ୍ଗୀ କଳକୀ ରୂପିଣୀ ।

ତନ୍ତ୍ର ମତରେ ଶ୍ରୀକ୍ଷେତ୍ର ନୀଳାଚଳ ଧାମକୁ ଶକ୍ତି ପୀଠ ରୂପେ ବର୍ଣ୍ଣିତ କରିଛନ୍ତି । ଏଠାରେ ଶାସ୍ତ୍ର ପ୍ରମାଣ ଦିଏ -

ଉଗ୍ରତାରା ଶୂଳପାଣି ସୁଭଦ୍ରା ଭୁବନେଶ୍ୱରୀ
ନୀଳାଦ୍ରୌ ତୁ ଜଗନ୍ନାଥ ସାକ୍ଷ୍ୟାତ ଦକ୍ଷିଣ କାଳିକା ।

ଶ୍ରୀମନ୍ଦିରସ୍ଥ ରତ୍ନବେଦିରେ ବିରାଜମାନ ବଳଦେବ ଠାକୁର ଯିଏ କି ଶୂଳପାଣି ସଦୃଶ୍ୟ ସିଏ ଉଗ୍ରତାରା, ସୁଭଦ୍ରା ଦେବୀ ମାତା ଭୁବନେଶ୍ୱରୀ ଏବଂ କଳାଠାକୁର ଶ୍ରୀଜଗନ୍ନାଥ ଦକ୍ଷିଣକାଳିକା ରୂପରେ ପୁଜିତ । ଏଥିରୁ ପ୍ରମାଣିତ ହୁଏ ଯେ ନାରୀ ମୟ ଏ ଜଗତ । ନାରୀଙ୍କୁ ଛୋଟ ମନେ କରିବା ଉଚିତ ନୁହେଁ । ଶିବ ପୁରାଣ ପ୍ରମାଣ ଦିଏ -

ଉଗ୍ରତାରା ଶୂଳପାଣି ସୁଭଦ୍ରା ଭୁବନେଶ୍ୱରୀ
ନୀଳାଦୌ ତୁ ଜଗନ୍ନାଥ ସାକ୍ଷତ ଦକ୍ଷିଣ କାଳିକା ।

ଅର୍ଥାତ ଏଠାରେ ଶିବ ମାନେ ଭଗବାନ ପରବ୍ରହ୍ମଙ୍କୁ ବୁଝାଏ । ତାଙ୍କୁ ଘେରି ରହିଛି ପ୍ରକୃତି ରୂପିଣୀ ସତ, ରଜ, ତମ, ଗୁଣ ଦ୍ୱାରା । ଗୁଣର ଅଧିକାରିଣୀ ନାରୀ ଏବଂ ନିର୍ଗୁଣ ଅଧିକାରୀ ପୁରୁଷ । ବୈଦିକ ଯୁଗରୁ ଆଧୀନ ଯୁଗରୁ ଆଧୀନ ଯୁଗ ଯାଏ ନାରୀ ଗୁଣାବଳୀ, କାର୍ଯ୍ୟ କଳାପ, ସାହାସ, ସାହାର୍ଯ୍ୟ ଇତ୍ୟାଦି ଦେଶ ତଥା ସମାଜ ପାଇଁ ବିଶ୍ଳେଷଣ କଲେ ଜଣାଯାଏ ଯେ ପୁରୁଷ ଠାରୁ ନାରୀ କୌଣସି ଥିରେ କମ୍ ନୁହେଁ । ନାରୀ କେତେ ବେଳେ ଦୁର୍ଗା, ସୀତା ରୂପରେ ଦୁଷ୍ଟ ଦଳନ କରୁଛି ତ କେତେବେଳେ ଲକ୍ଷ୍ମୀ ଠାକୁରାଣୀ ମାତା ରୂପେ ସମାଜକୁ ସଚେତନ କରୁଛି ତ କେତେବେଳେ ତାରା, କୁନ୍ତି, ମନ୍ଦୋଦରୀ ପରି ସତୀର ପରାକାଷ୍ଠା ଦେଖାଉଛି । ଏଥିରେ ସ୍ପଷ୍ଟ ଅନୁମେୟ ଯେ ନାରୀ ବେଳେ ବେଳେ ଦୟାମୟୀ, କ୍ଷମାମୟୀ, ଧୈର୍ଯ୍ୟମୟୀ, ସ୍ନେହମୟୀ ସାଜି ଶାନ୍ତି ଓ ସହନଶୀଳତା ପ୍ରଦାନ କରିପାରୁଛି ।

ମାନବ ସୃଷ୍ଟି ଆରମ୍ଭରୁ ସବୁବେଳେ ପୁରୁଷର ସଂଭୋଗ ବସ୍ତୁ

ରୂପେ ସହଧର୍ମିଣୀ, ସହଗାମିନୀ, ସହକାମିନୀ, ସହଯୋଗିନୀ ରୂପେ କାର୍ଯ୍ୟରତା । ଅବଶ୍ୟ ଏହା ସତ୍ୟ । ଶାସ୍ତ୍ରରେ ଲେଖା ଅଛି –

କୋପେ ଦାସୀ ରତେ ବେଶ୍ୟା ବିପଦେ ମନ୍ତ୍ରୀଣା ବୁଦ୍ଧି
ଆହାରେ ଜନନୀ ସଭା ସ୍ୱଭାର୍ଯ୍ୟା ପ୍ରାଣବଲ୍ଲଭା ।

ଅର୍ଥାତ୍ ପୁରୁଷ କ୍ରୋଧ କରିବା ବେଳେ ନାରୀ ନିରବତା ଅବଲମ୍ବନ ପୂର୍ବକ ଦାସୀପରି, ବିପଦ ବେଳେ ବିଚକ୍ଷଣ ବୁଦ୍ଧି ପ୍ରୟୋଗ ଦ୍ୱାରା ମନ୍ତ୍ରୀଙ୍କ ପରି, ଆହାର ବ୍ୟଞ୍ଜନ ବେଳେ ଜନନୀ ପରି ଯେ କାର୍ଯ୍ୟ କରେ ସେହିଁ ପ୍ରକୃତ ନାରୀ । ଏଥିରୁ ବୁଝିହୁଏ ନାରୀ ପୁରୁଷର ଦାସୀ, ଜାୟା, ବୁଦ୍ଧିଦାତ୍ରୀ ସମା । ଦ୍ୱିତୀୟରେ ନାରୀ ପୁରୁଷକୁ ଶାନ୍ତି ସାମର୍ଥ୍ୟ ସାହସ ପରାମର୍ଶ ଯୋଗାଇଥାଏ, ନାରୀ ବିନା ପୁରୁଷ କିଛି କରିପାରେନା । ପୁରୁଷ ସହ ନାରୀର ସମ୍ପର୍କ ଅତି ନିବିଡ଼ । ଜଣେ ବିନା ଅନ୍ୟଜଣେ କିଂକର୍ତ୍ତବ୍ୟ ବିମୂଢ଼ ।

ପୁରାଣ ଯୁଗ ହେଉ କିମ୍ବା ଅଧୁନା ଯୁଗ ହେଉ ନାରୀ ନିଜର ସ୍ୱଦକ୍ଷତା ବଳରେ ଶିଶୁ ଜନ୍ମ ଦେବା ଠାରୁ ସେମାନଙ୍କୁ ବଡ଼ କରି ସୁନାଗରିକ ରୂପେ ଗଢ଼ି ତୋଳିବାର ପ୍ରଚେଷ୍ଟା ସାହିତ୍ୟ ଏବଂ କଳା ସଂସ୍କୃତିରେ ପାରଦର୍ଶିତା ଦେଖାଇବା, ରଣଭୂମିରେ ଶତ୍ରୁପକ୍ଷ ସହ ସମ୍ମୁଖିନ ହେବା, ସେବାକାରି ମନୋବୃତ୍ତି ନେଇ ସେବିକା ସାଜିବା ପରି ବିଭିନ୍ନ କାର୍ଯ୍ୟରେ ଦେଶମାତୃକାର ପୂଜାରେ ନିୟୋଜିତ କରିବା ବେଳେ ନାରୀ ଦ୍ୱାରା ସମ୍ଭବ ହୋଇପାରୁଛି । ଏପରିକି ବିଦେଶିଙ୍କ କବଳରେ କବଳିତ ହୋଇଥିବା ଭାରତମାତାର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଛନ୍ତି । ଏଥିପାଇଁ ମହନୀୟ ନାରୀ ଗଣ ଇଂରେଜୀମାନଙ୍କ ଶିକାର ହୋଇ, ଗୁଳି ଗୋଳାର ସମ୍ମୁଖୀନ ହୋଇ ଜୀବନ ଦେବାରେ ଅଗଭର ହୋଇଛନ୍ତି । ଦେଶ ପାଇଁ ନାରୀର ଭୂମିକା ବୁଝିବା ଆମମାନଙ୍କ ପକ୍ଷେ କଷ୍ଟକର ।

ନାରୀ ପୁରୁଷର ସମକକ୍ଷ ବୋଲି ଜାଣି ମଧ୍ୟ ଏହି ପୁରୁଷ ଜାତି ନାରୀଙ୍କୁ କଟାକ୍ଷ ନଜରରେ ଚାହିଁବା, କ୍ରୁର ବ୍ୟବହାର କରିବା, ଅତ୍ୟାଚାର କରିବାରେ ପଛାଉ ନାହାନ୍ତି । ନାରୀ ଅବଳା କି ଦୁର୍ବଳା ଜାଣି ମଧ୍ୟ କୁବ୍ୟବହାର କରିବା ଅପହରଣ କରିବା ଠିକ୍ ନୁହେଁ । ଜଣେ ନାରୀ ଶିକ୍ଷିତା ତଥା ରୋଜଗାରକ୍ଷମ ହୋଇବି ପୁରୁଷ ତା ପ୍ରତି ମାନସିକ ଓ ଦୈହିକ ନିର୍ଯ୍ୟାତନା କରୁଛନ୍ତି । ଏଥିରୁ ଆମେ ନିବୃତ ହେବା ଆବଶ୍ୟକ ।

ଆଜିର ନାରୀ ଆଗାମୀ ଦିନର ସମ୍ମାନ । ତାଙ୍କର ଅଗ୍ରଗତି ହିଁ ଦେଶର ଅଗ୍ରଗତି ଏହା ସୁନଶ୍ଚିତ । ସେହିମାନଙ୍କୁ ନିଜର ମା', ଭଉଣୀ, ଝିଅ ମନେକରି ସ୍ନେହ, ଶ୍ରଦ୍ଧା ଓ ସମ୍ମାନ ଦେବା ଉଚିତ ।

–୦–

ଗଜପତି ନଗର, ପାଲୁରୁ, ଗଂଜାମ





# ନାରୀ ମୁକ୍ତ ହେବା ଉଚିତ ଅଥବା ସ୍ୱାଧୀନ

**ଅଜିତ୍ କୁମାର (ଭାର୍ଗବ)**

ଆଜିର ଆଧୁନିକ ସମାଜରେ ଏଭଳି ଏକ ପ୍ରଶ୍ନ ଆଶ୍ଚର୍ଯ୍ୟଜନକ ହୋଇପାରେ କିନ୍ତୁ ବିଚାର ସାପେକ୍ଷ । ବର୍ତ୍ତମାନ ପାଶ୍ଚାତ୍ୟ ଦେଶ ଦ୍ୱାରା ପ୍ରଭାବିତ ତଥା ପରିଚାଳିତ ନାରୀବାଦର ଦ୍ୱାହି ଦେଇ ଭାରତର ନାରୀମାନେ ସ୍ଖଳିତ ହେବାକୁ ବସିଲେଣି । ନିଜର ମର୍ଯ୍ୟାଦା ତଥା ନିର୍ମାଣକାରୀ ଶକ୍ତିଠାରୁ ଦୂରେଇ ଯାଇ ସ୍ୱାଧୀନ ହେବାକୁ ନ ଚାହିଁ ମୁକ୍ତ ହେବା ସପକ୍ଷରେ ଯୁକ୍ତି ବାଢୁଛନ୍ତି ।

କିନ୍ତୁ ଏହା ଜାଣିବା ଦରକାର ଯେ ମୁକ୍ତ ହେବା ଓ ସ୍ୱାଧୀନ ହେବା ଦୁଇଟି ଭିନ୍ନ ବିଷୟ । ସ୍ୱ+ଅଧୀନ ସ୍ୱାଧୀନ ଅର୍ଥାତ ନିଜ ଅଧୀନରେ ରହିବା । ଅର୍ଥାତ ନିଜର ସ୍ୱାଭିମାନ, ସମ୍ମାନ, ମର୍ଯ୍ୟାଦା ରକ୍ଷାକରି ପରିବାର ତଥା କୂଳର ମର୍ଯ୍ୟାଦା ରଖି ସମାଜର ହିତ ସାଧନଦିଗରେ ଅଗ୍ରସର ହେବା । ପରନ୍ତୁ ମୁକ୍ତ ହେବା ଠିକ ଏହାର ବିପରୀତ ବିଷୟ ଅଟେ । ନିଜକୁ ନିଜର ତଥା ପାରିବାରିକ, ସାମାଜିକ ଇତ୍ୟାଦି ସମସ୍ତ ଦାୟିତ୍ୱରୁ ମୁକ୍ତ ହୋଇ ସ୍ୱଚ୍ଛନ୍ଦ ବିଚରଣ କରିବା; ଯାହା ପାଶ୍ଚାତ୍ୟ ସଂସ୍କୃତି ଦ୍ୱାରା ପ୍ରଭାବିତ ଅଟେ । ପାଶ୍ଚାତ୍ୟ ଦେଶମାନେ ଆମକୁ କୁହନ୍ତି ଯେ ଆମେ ପୁରୁଷ ପ୍ରଧାନ ଦେଶ ଆଉ ଆମ ଦେଶରେ ନାରୀକୁ ସମ୍ମାନ ମିଳେ ନାହିଁ । କିନ୍ତୁ ସେମାନଙ୍କୁ କିଏ ବୁଝେଇବ ଯେ ଆମେ ସେହି ମହର୍ଷି ମନୁଙ୍କ ବଂଶଧର ଓ ଯାହାଙ୍କ ଆଦେଶରେ ଆମ ଜୀବନଶୈଳୀ ପରିଚାଳିତ ଯିଏ ପ୍ରଥମେ ଘୋଷଣା କରି କହିଥିଲେ-

"ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ ।
ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରାଂଫଳାଃ କ୍ରିୟାଃ ॥"

ଯେଉଁଠି ନାରୀ ପୂଜା ପାଏ ସେଠି ଦେବତାମାନେ ବିଚରଣ କାରଣଟି ଆଉ ଯେଉଁଠି ନାରୀ ପୂଜା ପାଏନାହିଁ ସେଠାରେ ସମସ୍ତ କ୍ରିୟା ବିଫଳ ହୁଏ । ଏଭଳି ବିଚାରରେ ବିଶ୍ୱାସ ରଖିଥିବା ଭାରତ ଜାତି କୁଆଡ଼େ ନାରୀଙ୍କୁ ସମ୍ମାନ ଦେଇ ଶିଖିନି । ଯେଉଁ ଦେଶରେ ସମଗ୍ର ସୃଷ୍ଟି ଆଦିଶକ୍ତିଙ୍କ ଠାରୁ ଉତ୍ପତ୍ତି ବୋଲି କହି ଦୁଇ ଦୁଇଥର ଦୁର୍ଗାପୂଜା (ଚୈତ୍ର ବାସନ୍ତୀର ଦୁର୍ଗାପୂଜା ଓ ଆଶ୍ୱିନ ଶାରଦୀୟ ଦୁର୍ଗାପୂଜା) କରେ, ଅନ୍ୟାୟ ଓ ଅଧର୍ମର ପ୍ରତିରୋଧ ପାଇଁ ମାତାକାଳୀଙ୍କୁ ଉପାସନା କରେ ସେହି ଦେଶ କୁଆଡ଼େ ନାରୀଙ୍କ ଅଧିକାରକୁ ଚିହ୍ନିନି । ହଁ ଆଜିର ନାରୀ ପାଶ୍ଚାତ୍ୟ ଶିକ୍ଷା ଦ୍ୱାରା ପ୍ରଭାବିତ ହୋଇ ସ୍ଖଳିତ ହୋଇଛି ଆଉ ନାରୀର ପ୍ରକୃତ ଶିକ୍ଷାର ଅଭାବ ଫଳରେ ଆଜିର ସମାଜ ଦିଗହରା ହୋଇ ତାକୁ ହିଁ ଅପମାନିତ କରୁଛି । କାରଣ ଭାରତରେ ଏପରି ବିଶ୍ୱାସ ଥିଲା ଯେ ଯଦି ପୁରୁଷ ସାକ୍ଷର ହୁଏ ତେବେ କେବଳ ଜଣେ ସାକ୍ଷର ହୁଏ କିନ୍ତୁ ଯଦି ଜଣେ ନାରୀ ସାକ୍ଷର ହୁଏ ତେବେ ତା'ର ସମଗ୍ର ପରିବାର ସାକ୍ଷର ହୁଏ ଏବେ ତାହାର ସମାଜ ତଦ୍ୱାରା ପ୍ରଭାବିତ ହୁଏ । କିନ୍ତୁ ଆଜିର ନାରୀ ଶିକ୍ଷିତ ହେଲେ କେବଳ ନିଜ ଚିନ୍ତା କରେ । ସ୍ୱେଚ୍ଛାଚାର କରି ଅନେକ ନୈତିକ କାର୍ଯ୍ୟକଳାପ କରେ । ତାହା ହିଁ ଅର୍ଥହୀନ ଶିକ୍ଷା । ଏହାର ଅନେକ ଉଦାହରଣ ଆମ ସମାଜରେ ଆଜି ଅଭାବ ନୁହେଁ । ତେବେ କୁହାଯାଇ ପରେ ନାରୀ ମୁକ୍ତ ନ ହୋଇ ସ୍ୱାଧୀନ ହେବା ଉଚିତ । ଭାରତୀୟ ନାରୀ କର୍ତ୍ତବ୍ୟ ପଥରେ ଆଗେଇ ଆସିବା ଉଚିତ ।

ଜଣେ ସ୍ୱାଧୀନ ନାରୀର କର୍ତ୍ତବ୍ୟ ବିଷୟରେ କିଛି ବିଚାର କରାଯାଇପାରେ । ବର୍ତ୍ତମାନର ଯୁଗରେ, ସ୍ୱାଧୀନତାର ଇଚ୍ଛା ସବୁ ଜାଗାରେ ଜାଗ୍ରତ ହୋଇଛି । ନାରୀଙ୍କ ହୃଦୟରେ ମଧ୍ୟ ଏହା ଘଟିବା ସ୍ୱାଭାବିକ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସ୍ୱାଧୀନତା ହେଉଛି ସର୍ବୋତ୍ତମ ଧର୍ମ ଏବଂ ଉଭୟ ପୁରୁଷ ଏବଂ ନାରୀ ସ୍ୱାଧୀନ ହେବା ଉଚିତ୍ । ଏହା ମଧ୍ୟ ଏକ ସଂପୂର୍ଣ୍ଣ ସତ୍ୟ ଯେ ଯଦି ଉଭୟ ସ୍ୱାଧୀନ ନ ହୁଅନ୍ତି, ତେବେ ପ୍ରକୃତ ପ୍ରେମ ହେବ ନାହିଁ ; କିନ୍ତୁ ବିଚାର କରାଯିବାକୁ ଥିବା ପ୍ରଶ୍ନ ହେଉଛି ଉଭୟର ସ୍ୱାଧୀନତାର କ୍ଷେତ୍ର ଏବଂ ପଥ ଦୁଇଟି କି ଗୋଟିଏ ? ସତ୍ୟ ହେଉଛି ପୁରୁଷ ଏବଂ ନାରୀଙ୍କ ଶାରୀରିକ ଏବଂ ମାନସିକ ସଂରଚନା କୌଣସି ପ୍ରକାରେ ପ୍ରାକୃତିକ ଦୃଷ୍ଟିକୋଣରୁ ସମାନ ନୁହେଁ । ତେଣୁ, ଉଭୟଙ୍କ ପାଇଁ ନିଶ୍ଚିତ ଭାବରେ ଦୁଇଟି କ୍ଷେତ୍ର ଏବଂ ସ୍ୱାଧୀନତାର ପଥ ଅଛି । ଉଭୟ କେବଳ ନିଜ ନିଜ କ୍ଷେତ୍ରରେ ଅନୁସରଣ କରି ସ୍ୱାଧୀନତା ହାସଲ କରିପାରିବେ । ଏହା ହେଉଛି ସ୍ୱଧର୍ମ । ଯଦି ସ୍ୱଧର୍ମ କୁ ବୁଝାଯାଏ ନାହିଁ, ତେବେ ମୋକ୍ଷପ୍ରାପ୍ତିର ଆଉ ଆଶା ଭରସା ନାହିଁ । ନାରୀ ଘରର ରାଣୀ, ସେ ସାମ୍ରାଜ୍ଞୀ, ଘରେ ତାଙ୍କର ଏକମାତ୍ର ରାଜୁତି ଅଛି; କିନ୍ତୁ ସେ ଜଣେ ସ୍ନେହୀ ମାତା ଏବଂ ଜଣେ ଆଦର୍ଶ ଗୃହିଣୀ ରୂପରେ ଘରର ରାଣୀ । ଏହା ହେଉଛି ତାଙ୍କର ପ୍ରାକୃତିକ ସ୍ୱାଧୀନତା । ଏହି କାରଣରୁ କୁହାଯାଏ ଯେ ଦଶଜଣ ଶିକ୍ଷକଙ୍କ ମଧ୍ୟରେ ଜଣେ ଆଚାର୍ଯ୍ୟ ଶ୍ରେଷ୍ଠ, ଜଣେ ପିତା ଶହେ

ଆଚାର୍ଯ୍ୟଙ୍କ ମଧ୍ୟରେ ଶ୍ରେଷ୍ଠ ଏବଂ ଜଣେ ମାତା ହଜାରେ ପିତାଙ୍କ ମଧ୍ୟରେ ଅଧିକ ଶ୍ରେଷ୍ଠ, ବନ୍ଦନୀୟ ଓ ଆଦରଣୀୟ ।

ନାରୀର ଏହି ଅନନ୍ତ ମାତୃତ୍ୱ ହେଉଛି ତାଙ୍କର ପ୍ରକୃତି । ସେ ମାନବତାର ଅନନ୍ତ ମାତା । ଭଗବାନ ରାମ-କୃଷ୍ଣ, ଭୀଷ୍ମ-ଯୁଧିଷ୍ଠିର, କର୍ଣ୍ଣ-ଅର୍ଜୁନ, ବୁଦ୍ଧ-ମହାବୀର, ଶଙ୍କର-ରାମାନୁଜ, ଗାନ୍ଧୀ-ମାଳବୀୟ ଇତ୍ୟାଦି ଜଗତର ସମସ୍ତ ମହାନ ପୁରୁଷଙ୍କୁ ନାରୀଠାରୁ ହିଁ ସୃଷ୍ଟି ଏବଂ ପ୍ରସ୍ତୁତ କରିଛନ୍ତି । ତାଙ୍କ ଜୀବନ କ୍ଷଣିକ ଶାରୀରିକ ଆନନ୍ଦ ପାଇଁ ନୁହେଁ, ସେ ଜଣେ ସ୍ନେହୀ ମାତା ଯିଏ ପ୍ରତି ମୁହୂର୍ତ୍ତରେ ଦୁନିଆକୁ ଆନନ୍ଦ ପ୍ରଦାନ କରନ୍ତି । ଏଥିରେ ପ୍ରାଧାନ୍ୟତା ପ୍ରାଣ ଏବଂ ହୃଦୟର ଅଟେ; ଏବଂ ପୁରୁଷମାନଙ୍କ ମଧ୍ୟରେ ଶରୀରର ପ୍ରାଥମିକତା ଥାଏ । ତେଣୁ ଶରୀର ହେଉଛି ପୁରୁଷର ସ୍ୱାଧୀନତାର କ୍ଷେତ୍ର; ଏବଂ ନାରୀର ସ୍ୱାଧୀନତାର କ୍ଷେତ୍ର ହେଉଛି ତାଙ୍କ ଆତ୍ମା ଏବଂ ହୃଦୟ ! ଜଣେ ନାରୀ ଶାରୀରିକ ଭାବରେ ଦୁର୍ବଳ ହୋଇପାରନ୍ତି, କିନ୍ତୁ ତାଙ୍କ ପ୍ରାଣରେ ସେ ସର୍ବଦା ପୁରୁଷ ଅପେକ୍ଷା ବହୁତ ଶକ୍ତିଶାଳୀ । ସେଥିପାଇଁ ଜଣେ ପୁରୁଷ ସହଜରେ ସେତିକି ତ୍ୟାଗ କଳ୍ପନା କରିପାରିବ ନାହିଁ ଯେତିକି ନାରୀ ବଳିଦାନ ଦେଇପାରେ । ତେଣୁ ସମସ୍ତ କ୍ଷେତ୍ରରେ ପୁରୁଷ ଏବଂ ନାରୀ ସମାନ ଭାବରେ ମୁକ୍ତ ନୁହଁନ୍ତି ।

ହୁଏତ ଏହାକୁ ଆବେଗକାରଣରୁ ଗ୍ରହଣ କରିନପାରେ, କିନ୍ତୁ ଥରେ ବାସ୍ତବତାକୁ ଆସିବା ପରେ ସ୍ୱୀକାର କରିବାକୁ ପଡ଼ିବ ଯେ ଜଣେ ନାରୀ ଶରୀର କ୍ଷେତ୍ରରେ କେବେବି ସମ୍ପୂର୍ଣ୍ଣ ସ୍ୱାଧୀନ ହୋଇପାରିବେ ନାହିଁ । ଏହିପରି ପ୍ରକୃତି ତାଙ୍କ ମନ, ଜୀବନ ଏବଂ ଅଙ୍ଗ ସୃଷ୍ଟି କରିଛି । ସେ ଏକ ସୁସ୍ଥ ମାନବ ସନ୍ତାନକୁ ଜନ୍ମ ଦିଅନ୍ତି ଏବଂ ହୃଦୟର ସମୃଦ୍ଧତା ସହିତ ତାଙ୍କୁ ପୋଷଣ କରନ୍ତି, ଏବଂ ତାଙ୍କୁ ଏକ ସଂପୂର୍ଣ୍ଣ ମଣିଷ କରନ୍ତି । ଏହି ପ୍ରାକୃତିକ ଦାୟିତ୍ୱକୁ ପୂରଣ କରିବା ପାଇଁ ହିଁ ତାଙ୍କର ଶାରୀରିକ ଏବଂ ମାନସିକ ଶକ୍ତି ପ୍ରାକୃତିକ ଭାବରେ ବ୍ୟବହୃତ ହେଉଛି । ବିଶ୍ୱର ଅନ୍ୟାନ୍ୟ କ୍ଷେତ୍ରରେ ନାରୀଙ୍କ ସ୍ଥାନ ସଂକୀର୍ଣ୍ଣ କିମ୍ବା ସୀମିତ ଦେଖାଯିବାର କାରଣ ହେଉଛି ଯେ ନାରୀମାନେ ବହୁ କ୍ଷେତ୍ରର କୁଶଳୀ ପୁରୁଷ ସୃଜନ ଏବଂ ନିର୍ମାଣ କରିବା ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ରହି ବିଭିନ୍ନ ଉପାୟରେ ସେବା କରିଥାନ୍ତି । (ଯଦି ଜଣେ ନାରୀ ତାଙ୍କର ଏହି ଅନନ୍ୟତାକୁ ଭୁଲିଯାଆନ୍ତି, ତେବେ ଜଗତର ବିନାଶ ଖୁବ ଶୀଘ୍ର ଆରମ୍ଭ ହେବ । ଆଜି ଏହା ହିଁ ଘଟୁଛି)

ନାରୀକୁ ବାଲ୍ୟ, ଯୁବକ ଏବଂ ବୃଦ୍ଧାବସ୍ଥାରେ ସ୍ୱାଧୀନ ରହିବାକୁ କୁହାଯାଇ ନ ଥିବାର କାରଣ ହେଉଛି ତାଙ୍କ ଶରୀରର ପ୍ରାକୃତିକ ଗଠନ ଏପରି ଯେ ତାଙ୍କୁ ସର୍ବଦା ଯତ୍ନଶୀଳ ରହିବା ଦରକାର । ଏହା ହେଉଛି ତାଙ୍କର ସ୍ଥିତିର ଗର୍ବ, ପାରତନ୍ତ୍ୟ ନୁହେଁ । ପାଶ୍ଚାତ୍ୟ ଦେଶମାନଙ୍କରେ ମଧ୍ୟ ଯେଉଁଠାରେ ନାରୀଙ୍କ ସ୍ୱାଧୀନତା ବ୍ୟାପକ ହୋଇଛି ନାରୀମାନେ ପୁରୁଷଙ୍କ ପରି ନିର୍ଭୟରେ ବୁଲିବାକୁ ସକ୍ଷମ ନୁହଁନ୍ତି । ଜଣେ ନାରୀଙ୍କର ମାତୃତ୍ୱ ଅଛି, ତାଙ୍କୁ ଗର୍ଭଧାରଣ କରିବାକୁ ପଡ଼ିବ । ପ୍ରକୃତି ପୁରୁଷକୁ ଏହି ଦାୟିତ୍ୱରୁ ମୁକ୍ତ କରିଛି ଏବଂ ଏହାର ଦାୟିତ୍ୱ ନାରୀଙ୍କୁ ଦେଇଛି । ତେଣୁ, ତାଙ୍କର ଶାରୀରିକ ସ୍ୱାଧୀନତା ସବୁ ସ୍ଥାନରେ ସୁରକ୍ଷିତ ନୁହେଁ, କିନ୍ତୁ ଏହି ଶାରୀରିକ ଅଧୀନତାରେ ମଧ୍ୟ ସେ ହୃଦୟରୁ ମୁକ୍ତ ଅଟନ୍ତି, କାରଣ ତପସ୍ୟା, ବଳିଦାନ, ଧୈର୍ଯ୍ୟ, ସହନଶୀଳତା, ସେବା ଇତ୍ୟାଦି ଗୁଣ ସବୁବେଳେ ଜଣେ ଭଲ ନାରୀଙ୍କ ସେବାରେ ନିୟୋଜିତ ହୋଇଥାଏ । ଏହି ଗୁଣଗୁଡ଼ିକ ନାରୀମାନଙ୍କ ଦ୍ୱାରା ପ୍ରକୃତି ଦ୍ୱାରା ବିକଶିତ ହୁଏ । ଏହି କାରଣରୁ, ଶରୀର ଉପରେ ନିର୍ଭରଶୀଳ ହୋଇଥିଲେ ମଧ୍ୟ ନାରୀ ନିଜ ଆତ୍ମାରେ ସ୍ୱାଧୀନ ଅଟନ୍ତି । ନାରୀମାନଙ୍କର ଏହି ସେବା ବହୁତ ଭଲ ଏବଂ କେବଳ ନାରୀମାନେ ଏହା କରିପାରିବେ ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ସେବା ପାଇଁ ସୃଷ୍ଟିକର୍ତ୍ତା ନାରୀମାନଙ୍କୁ ସୃଷ୍ଟି କରିଛନ୍ତି ।

ନାରୀମାନେ ଏହି ପ୍ରାକୃତିକ ଦାୟିତ୍ୱରୁ ରକ୍ଷା ପାଇପାରିବେ ନାହିଁ । ଏଥିରୁ ଯେ ମୁକ୍ତ ହେବାକୁ ଚାହେଁ ଏହା ଏକ ବିକୃତ ରୂପରେ ସୃଷ୍ଟି ହୁଏ । ଯେପରି ମନୋଜ ଦାସି କୁହନ୍ତି - କୌଣସି ଆଦର୍ଶ ଗୁଣବାନ ବ୍ୟକ୍ତି ପ୍ରତି ଜଣେ ଈର୍ଷାଳୁର ଅସୂୟା ମଧ୍ୟ ଗୁଣର ହିଁ ପରୋକ୍ଷ ସ୍ୱୀକୃତି ଏବଂ ଗୁଣୀପ୍ରତି ଅପ୍ରକଟ ଆକର୍ଷଣର ବିକୃତ ଅଭିବ୍ୟକ୍ତି । ବିକୃତ ରୂପରେ ଘଟୁଥିବା ପ୍ରକ୍ରିୟାର ପରିଣାମ ଅତ୍ୟନ୍ତ ଭୟଙ୍କର ଅଟେ । ୟୁରୋପରେ ନାରୀ ସ୍ୱାଧୀନତା ଅଛି । କିନ୍ତୁ ସେଠାରେ ଥିବା ନାରୀମାନେ ଏହି ପ୍ରାକୃତିକ ଦାୟିତ୍ୱରୁ ବଞ୍ଚିତ ହଅନ୍ତି କି ? ସେମାନଙ୍କର ଇଚ୍ଛା ଉପରେ ସେମାନଙ୍କର ନିୟନ୍ତ୍ରଣ ଅଛି କି ? ସେମାନେ ହୁଏତ ବିବାହ କରିପାରନ୍ତି ନାହିଁ, କିମ୍ବା ସାମାଜିକ ଅସଂଗଠିତ ହେତୁ ଏକ ବୟସରେ ବିବାହ କରିପାରନ୍ତି ନାହିଁ; କିନ୍ତୁ ଜଣେ ପୁରୁଷ ସଂସର୍ଗ ବିନା ବଞ୍ଚିପାରିବ ନାହିଁ । କିଛି ଦିନେ ପୂର୍ବେ, ଇଂଲଣ୍ଡ ସଂସଦର ସାଧାରଣ ସଭାରେ ଏକ ପ୍ରଶ୍ନର ଉତ୍ତରରେ ଶ୍ରମିକ ଦଳ ସଦସ୍ୟ ଶ୍ରୀ ୟୁଟ ଲେଜେ କହିଥିଲେ ଯେ 'ଇଂଲଣ୍ଡରେ କୋଡ଼ିଏ ବର୍ଷରୁ କମ୍ ବାଳିକାମାନଙ୍କ ମଧ୍ୟରୁ ଚାଳିଶ ପ୍ରତିଶତ ବିବାହ ପୂର୍ବରୁ ଗର୍ଭବତୀ ଏବଂ ଚାରିଜଣ ଭିତରେ ଜଣେ ଅର୍ଥାତ ପଚିଶ ପ୍ରତିଶତ, ବିବାହିତା ନାରୀମାନଙ୍କର ପ୍ରଥମ ସନ୍ତାନ ଅବୈଧ (ବ୍ୟଭିଚାରରୁ ଜନ୍ମ) । 'ଆପଣ ଏହା ମଧ୍ୟ କହିଛନ୍ତି ଯେ ଦେଶର ଏପରି ନୈତିକ ଅବନତି ପୂର୍ବରୁ କେବେ ଦେଖାଯାଇ ନଥିଲା । କୁହାଯାଏ ଯେ ଆମେରିକାର ଅବସ୍ଥା ଏହାଠାରୁ ଅଧିକ ଭୟଙ୍କର ଅଟେ । ଭାରତୀୟ ନାରୀଙ୍କ ଏପରି ସ୍ୱାଧୀନତାକୁ କେବେ ସହ୍ୟ କରିପାରନ୍ତି କି ?

ବିଦେଶୀମାନଙ୍କ ପାରିବାରିକ ଜୀବନ ପ୍ରାୟ ନଷ୍ଟ ହୋଇଯାଇଛି । ମିଳିତ ପରିବାର – ଯାହାକି ଦୟା, ପ୍ରେମ, ସ୍ନେହ, ଦାନ, ଜୀବନରେ ସେବା, ସଂଯମତା ଏବଂ ଶୁଦ୍ଧ ଧନ ବଣ୍ଟନର ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ, ଯେଉଁଥିରେ ଜେଜେବାପା – ଜେଜେମା, ଅଜା-ଆଈ, ମାମୁଁ-ମାଇଁ, ମଉସା-ମାଉସୀ, ଭାଇ-ଭଉଣୀ, ଶାଶୁ-ଶଶୁର, ଭଣଜା-ଭାଣିଜୀ ଇତ୍ୟାଦିର ଏକ ମହାନ ସୁଶୃଙ୍ଖଳା କୁଟୁମ୍ବ ଅଛି, ଏବଂ ଯାହାର ଭରଣ-ପୋଷଣ ଏବଂ ରକ୍ଷଣାବେକ୍ଷଣ ପାଇଁ ଗୃହସ୍ଥ ନିଜକୁ ଧନ୍ୟ ଏବଂ କୃତଜ୍ଞ ମନେ କରନ୍ତି, ସେଠାରେ କୌଣସି ଚିହ୍ନ ମଧ୍ୟ ମିଳିବ ନାହିଁ । ସ୍ୱାଧୀନତା ଏବଂ ସମାନ ଅଧିକାର ପାଇଁ ଯୁଦ୍ଧ ସେଠାରେ ଥିବା ସୁନ୍ଦର ଘରକୁ ନଷ୍ଟ କରିଦେଇଛି । ଏହି କାରଣରୁ, ଛୋଟ ଛୋଟ ମତଭେଦ, ଅଶାନ୍ତି, ଛାଡ଼ପତ୍ର କିମ୍ବା ଆତ୍ମହତ୍ୟା ଆଡ଼କୁ ନେଇଯାଇଥାଏ । ସେଠାରେ ନାରୀ ଆଉ ଘରର ରାଣୀ ନୁହଁନ୍ତି, ସେ ଆଉ ଘରକୁ ଶାସନ କରନ୍ତି ନାହିଁ, ଘର ଜୀବନର ସବୁଠାରୁ ସୁନ୍ଦର ଆଦର୍ଶ ତାଙ୍କ କଳ୍ପନା ବାହାରେ । ଘରକୁ ସୁଶୋଭିତ କରୁଥିବା ଜଣେ ମହାନ ଗୃହିଣୀ, ଜଣେ ସହ-ଧର୍ମିଣୀ ଯିଏ ପ୍ରତ୍ୟେକ କାର୍ଯ୍ୟରେ ନିଜ ସ୍ୱାମୀଙ୍କୁ ସମର୍ଥନ କରନ୍ତି ଏବଂ ଯିଏ ନିଜ ପିଲାମାନଙ୍କୁ ସେମାନଙ୍କର ହୃଦୟର ଅମୃତ ଖାଇବାକୁ ଦେଇ ପୋଷଣ କରନ୍ତି ସେଠାରେ ଜଣେ ମାତାର ଆଦର୍ଶ ନଷ୍ଟ ହୋଇଯାଏ । ସେଠାରେ ଥିବା ନାରୀମାନେ 'ବ୍ୟକ୍ତିଗତ ସ୍ୱାଧୀନତା' ଏବଂ 'ମୁକ୍ତ ପ୍ରେମ' ର ପ୍ରଲୋଭନ ଉପରେ ଏତେ ନିର୍ଭରଶୀଳ ହୋଇପଡ଼ିଛନ୍ତି ଯେ ସେମାନଙ୍କୁ ଦ୍ୱାରରୁ ଦ୍ୱାର ବୁଲି ବୁଲି ଚାକିରୀ ଅଥବା ରୋଜଗାରର ଭିକ ମାଗିବାକୁ ପଡୁଛି । ଜଣଙ୍କୁ ଅନେକ ସ୍ଥାନରେ ପ୍ରେମ ବିକ୍ରୟ କରିବାକୁ ପଡୁଛି, ଜଣେ ଚାକିରୀ ପାଇଁ ନୂତନ ନିଯୁକ୍ତିଦାତାଙ୍କ କବାଟ ବାଡ଼େଇବାକୁ ପଡୁଛି ଏବଂ No Vacancy ନୋଟିସ ପଢ଼ି ନିରାଶ ହୋଇ ଫେରିବାକୁ ପଡୁଛି । ଏହା କି ପ୍ରକାର ସ୍ୱାଧୀନତା ଏବଂ ଏହା କି ପ୍ରକାର ସୁଖ ? ଆଉ ଅତ୍ୟନ୍ତ ଦୁଃଖ ଏବଂ ଆଶ୍ଚର୍ଯ୍ୟର ବିଷୟ ଯେ ଆଜି ଭାରତୀୟ ନାରୀମାନେ ମଧ୍ୟ ଏହି ସମାନ ସ୍ୱାଧୀନତା ଏବଂ ସୁଖ ଆଡ଼କୁ ଆକର୍ଷିତ ହେଉଛନ୍ତି !!

ଲୋକମାନେ କୁହନ୍ତି ଯେ ସେଠାରେ ଶିକ୍ଷିତ ନାରୀମାନଙ୍କ ମଧ୍ୟରେ ବହୁମୁଖୀ ବିକାଶ ହୋଇଛି । ଏଥିରେ ଅନେକ ସତ୍ୟ ଅଛି ଯେ ସେଠାରେ ନାରୀମାନଙ୍କ ମଧ୍ୟରେ ସାକ୍ଷରତାର ଯଥେଷ୍ଟ ବିସ୍ତାର ଅଛି; କିନ୍ତୁ ଏହା ଅନୁମାନ କରାଯାଇପାରିବ ନାହିଁ ଯେ କେବଳ ଏହା କରିବା ଦ୍ୱାରା ଜଣେ ଭଲ ଶିକ୍ଷିତ ଏବଂ ବିକଶିତ ହୋଇପାରିବ । ବାସ୍ତବରେ, ଶିକ୍ଷା ହେଉଛି ଯାହା ଜଣେ ବ୍ୟକ୍ତିଙ୍କ ଆତ୍ମ-ଧାର୍ମିକତା ଅନୁଯାୟୀ କର୍ତ୍ତବ୍ୟକୁ ଜାଗ୍ରତ କରେ ଏବଂ ତାଙ୍କୁ ସେହି କର୍ତ୍ତବ୍ୟକୁ ସଂପୂର୍ଣ୍ଣ ରୂପେ ସମ୍ପାଦନ କରିବାରେ ସକ୍ଷମ କରେ । ୟୁରୋପରେ ନାରୀ ଶିକ୍ଷା ଏହା କରିପାରି ନାହିଁ । ଯଦି ନାରୀମାନେ ସେମାନଙ୍କର ପ୍ରାକୃତିକ ଧର୍ମ ଅନୁଯାୟୀର ଶିକ୍ଷା ପାଇଥାନ୍ତେ ତେବେ ଏହା ବହୁତ ଲାଭଦାୟକ ହୋଇଥାନ୍ତା । ସେହିଭଳି ପ୍ରକୃତି ବିରୁଦ୍ଧରେ ଶିକ୍ଷା ବହୁତ କ୍ଷତି କରିଛି । ଏହି ଯୁଗରେ, ନାରୀମାନଙ୍କୁ ଦିଆଯାଇଥିବା ଶିକ୍ଷା ପ୍ରକୃତରେ ସେମାନଙ୍କର ଆତ୍ମ-ଧାର୍ମିକ ବିକାଶ ପାଇଁ ଆଗେଇ ଆସିଛି କି ? ଏହି ଶିକ୍ଷା ସହିତ, ନାରୀମାନେ ନିଜ କାର୍ଯ୍ୟ କ୍ଷେତ୍ରରେ ଦକ୍ଷ ହୋଇପାରିଛନ୍ତି ? ସେମାନଙ୍କ ଅଞ୍ଚଳରେ ସେମାନଙ୍କର ପ୍ରାକୃତିକ ସ୍ୱାଧୀନତା ସମ୍ପୂର୍ଣ୍ଣ ସୁରକ୍ଷିତ ହୋଇଛି କି ? ତାଙ୍କୁ ଅପହରଣ କରାଯାଇ ନାହିଁ କି ? ସତ କହିବାକୁ ଗଲେ, ଶହ ଶହ ବର୍ଷ ଧରି ଚାଲି ଆସୁଥିବା ୟୁରୋପର ଶିକ୍ଷା କେତେ ବିଶ୍ୱ ପ୍ରତିଭାବାନ ନାରୀ ସୃଷ୍ଟି କରିଛି ଯେଉଁମାନେ ଜଗତର ପ୍ରାକୃତିକ ସୁରକ୍ଷାକାରୀ ଏବଂ ନିଜ ଧର୍ମ ପ୍ରତି ଉତ୍ସର୍ଗୀକୃତ ? ବରଂ ଏହା ସ୍ପଷ୍ଟ ଯେ ଏହି ଶିକ୍ଷା ସେଠାରେ ଥିବା ନାରୀମାନଙ୍କ ମଧ୍ୟରେ ଗୃହିଣୀ ଏବଂ ମାତୃତ୍ୱ ହ୍ରାସ ପାଇଛି । ଆମେରିକାର ୭୭ ପ୍ରତିଶତ ନାରୀ ଘର କାମରେ ଅସଫଳ ହୋଇଛନ୍ତି । ୬୦ ପ୍ରତିଶତ ନାରୀ ବିବାହ ବୟସ ଅତିକ୍ରମ କରିଥିବାରୁ ବିବାହ କରିବାର କ୍ଷମତା ହରାଇଛନ୍ତି । ସେଠାରେ ବିବାହର ବୟସ ସାଧାରଣତ ୧୬ ରୁ ୨୦ ବର୍ଷ ମଧ୍ୟରେ ବିବେଚନା କରାଯାଏ । ଏହା ପରେ, ବୟସ ବଢ଼ିବା ସହିତ ବିବାହର ଯୋଗ୍ୟତା ଧୀରେ ଧୀରେ ବୃଦ୍ଧି ପାଇଛି । ଅବିବାହିତା ମା' ଙ୍କ ସଂଖ୍ୟା ଧୀରେ ଧୀରେ ବୃଦ୍ଧି ପାଉଛି । ଘରେ କାହାର ସୁଖ ନାହିଁ । ଅସୁସ୍ଥତା ଏବଂ ବୃଦ୍ଧାବସ୍ଥାରେ କାହାକୁ ସେବା କରିବା ଉଚିତ୍ ? ସେଠାରେ ପ୍ରାୟ ୫୦ ପ୍ରତିଶତ ଶିକ୍ଷିତ ନାରୀଙ୍କୁ କୁମାରୀ ରହିବାକୁ ପଡୁଛି ଏବଂ ବିବାହ ନକରି ସେମାନଙ୍କୁ ବିଧବା ଯନ୍ତ୍ରଣା ଭୋଗିବାକୁ ପଡୁଛି । ଏହା ଏକ ବହୁମୁଖୀ ବିକାଶ କି ?

ଏହା ବ୍ୟତୀତ ବର୍ତ୍ତମାନର ଶିକ୍ଷାର ଏକ ପ୍ରମୁଖ ଅସୁବିଧା ହେଉଛି ନାରୀମାନଙ୍କ ମଧ୍ୟରେ ନାରୀତ୍ୱ ଏବଂ ମାତୃତ୍ୱ ନଷ୍ଟ କରାଯାଉଛି ଏବଂ ସେମାନଙ୍କ ମଧ୍ୟରେ ପୁରୁଷତ୍ୱ ବୃଦ୍ଧି ପାଉଛି ଏବଂ ଅନ୍ୟ ପଟେ ପୁରୁଷମାନଙ୍କ ମଧ୍ୟରେ ନାରୀତ୍ୱ ବୃଦ୍ଧି ପାଉଛି । ନାରୀମାନେ ନିୟମିତ ବ୍ୟାୟାମ କରି ଏବଂ ଅନ୍ୟାନ୍ୟ ଉପାୟ ଦ୍ୱାରା 'ପୁରୁଷ' ହେବାକୁ ଯାଉଛନ୍ତି । ନାରୀମାନେ ପୁରୁଷତ୍ୱ ବିକାଶ କରିବା ଜରୁରୀ ! ସେ ରଣଚଣ୍ଡୀ ଏବଂ ଦଶପ୍ରହରଣ – ଧାରିଣୀଦୁର୍ଗା ହେବା ଉଚିତ୍ । କିନ୍ତୁ ସ୍ୱାମୀ ଏବଂ ପୁଅର କ୍ଷତି କରିବାକୁ ଚାହୁଁଥିବା ମନ୍ଦ ଅତ୍ୟାଚାରୀଙ୍କୁ ଦଣ୍ଡ ଦେବା ପାଇଁ ଏହା କରିବା ଉଚିତ୍ । ପତ୍ନୀ ଏବଂ ମାତୃତ୍ୱର ଭାବନା ସେମାନଙ୍କ ମଧ୍ୟରେ ଅକ୍ଷୁଣ୍ଣ ରହିଲେ ହିଁ ଏହା ଘଟିବ ।

ରଣରଙ୍ଗିଣୀ ମୁଣ୍ଡମାଳିନୀ କରାଳୀ କାଳୀ ଏବଂ ସିଂହୀ ମହିଷାମର୍ଦ୍ଦିନି ଦୁର୍ଗା ରୂପରେ ଭାରତବର୍ଷ ନାରୀମାନଙ୍କୁ ପୂଜା କରିଛି । କିନ୍ତୁ ସେଠାରେ ମଧ୍ୟ ସେ ହେଉଛନ୍ତି ମାତା । ଯଦି ଜଣେ ସ୍ନେହୀ ମାତା ଏବଂ ସ୍ନେହୀ ପତ୍ନୀ ଜଣେ ସାହସୀ ଯୋଦ୍ଧା ଭାବରେ ଯୁଦ୍ଧ ଉପକରଣରେ ଯୁଦ୍ଧକ୍ଷେତ୍ରକୁ ଆସନ୍ତି, ତେବେ ସେ ନିଜକୁ ଏବଂ ତାଙ୍କ ସ୍ୱାମୀ ଏବଂ ପୁଅକୁ ଆତତାୟୀଙ୍କ ହାତରୁ ରକ୍ଷା କରିବେ ଏବଂ ସମାଜ ତଥା ଦେଶ ପାଇଁ ଅପାର ସୁଖ ଏବଂ ଗୌରବ ଆଣିବେ । କିନ୍ତୁ ଯଦି ଜଣେ ନାରୀ ହୃଦୟର ଏହି ଧନ, ମନର ଏହି ବହୁମୂଲ୍ୟ ସମ୍ପତ୍ତି ହରାଇବା ପରେ କେବଳ ଶରୀର କ୍ଷେତ୍ରରେ ମୁକ୍ତ ହେବା ପାଇଁ ନିଜ ହାତରେ ଖଣ୍ଡା ନେଇଥାଏ, ତେବେ ନିଶ୍ଚିତ ଭାବରେ ବୁଝିବାକୁ ହେବ ଯେ ସେହି ଖଣ୍ଡା ଦ୍ୱାରା କେବଳ ତାଙ୍କ ପ୍ରିୟ ପିଲାମାନଙ୍କ ମୁଣ୍ଡ ବିଚ୍ଛିନ୍ନ ହେବ, ତାଙ୍କର ପ୍ରିୟ ସ୍ୱାମୀଙ୍କ ହୃଦୟ ବିଦ୍ଧ ହେବ ଏବଂ ସମସ୍ତଙ୍କ ମୁହଁରେ କଳଙ୍କର କାଳିମା ଲାଗିବ । ଏହା ଲାଗିବ ! ! ନାରୀମାନେ ରଣରଙ୍ଗିଣୀ ହେବା ପୂର୍ବରୁ ଏ ବିଷୟରେ ଭଲ ଭାବରେ ଚିନ୍ତା କରିବା ଉଚିତ୍ । ଆମ ମା ଏବଂ ଭଉଣୀମାନେ ଅତ୍ୟାଚାରକାରୀ ଏବଂ ଅନୈତିକ ବ୍ୟକ୍ତିଙ୍କୁ ଦମନ କରିବା ପାଇଁ ଯୋଦ୍ଧା ହୁଅନ୍ତୁ, କିନ୍ତୁ ଆମକୁ ସୁରକ୍ଷା ଦେବା ଏବଂ ଲାଳନପାଳନ କରିବା ପାଇଁ ସେମାନଙ୍କର ହୃଦୟ ସର୍ବଦା ପ୍ରଚୁର ଅମୃତ ପ୍ରବାହିତ ହେଉ ।

ତେଣୁ, ଏହି ଭ୍ରମକୁ ପରିତ୍ୟାଗ କରାଯିବା ଉଚିତ ଯେ 'ବର୍ତ୍ତମାନର ୟୁରୋପ ଏବଂ ଆମେରିକାରେ ନାରୀମାନେ ଖୁସି ଅଛନ୍ତି କାରଣ ସେମାନେ ମୁକ୍ତ ଏବଂ ସେମାନେ ବର୍ତ୍ତମାନର ଶିକ୍ଷା ଦ୍ୱାରା ପ୍ରକୃତରେ ଉପକୃତ ହୋଇଛନ୍ତି । ଯଦି ଓ ଆମେ ଅନୁମାନ କରୁ ଯେ ସେଠାରେ କିଛି ଲାଭ ହୋଇଛି, ସେଠାରେ ପରିବେଶ, ସେଠାରେ ପରିସ୍ଥିତି, ସେଠାରେ ଥିବା ରୀତିନୀତି, ସେଠାରେ ଥିବା ସଂସ୍କୃତି ଏବଂ ସେଠାରେ ଲକ୍ଷ୍ୟ ଭିନ୍ନ ଏବଂ ଆମର ସମ୍ପୂର୍ଣ୍ଣ ଭିନ୍ନ । ସେଠାରେ କେବଳ ବସ୍ତୁ ପ୍ରଗତି ହେଉଛି ଜୀବନର ଲକ୍ଷ୍ୟ; ଆମର ଲକ୍ଷ୍ୟ ହେଉଛି ଭଗବାନଙ୍କୁ ପାଇବା । ଭଗବାନଙ୍କୁ ପ୍ରାପ୍ତ କରିବାର ସର୍ବୋତ୍ତମ ମାଧ୍ୟମ ହେଉଛି ବିଳାସ-ବ୍ୟସନର ତ୍ୟାଗ ଏବଂ ଇନ୍ଦ୍ରିୟଗୁଡ଼ିକର ନିୟନ୍ତ୍ରଣ ।

ଏହାକୁ ଧ୍ୟାନରେ ରଖି ଆମର ଶିକ୍ଷାନୀତି ପ୍ରସ୍ତୁତ କରିବା ଉଚିତ୍ । କେବଳ ସେତେବେଳେ ଆମର ନାରୀମାନେ ଆଦର୍ଶ ମା ଏବଂ ଆଦର୍ଶ ଗୃହିଣୀ ହୋଇ ଦୁନିଆକୁ ଭଲ କରିବାକୁ ସକ୍ଷମ ହେବେ ।

କ'ଣ ଏହିପରି କୁହାଯାଇପାରେ କି ନାରୀମାନେ ଦେଶ ଏବଂ ସମାଜ ପାଇଁ କୌଣସି କାମ କରିବା ଉଚିତ୍ ନୁହେଁ? ଏହା ସେପରି ନୁହେଁ । କାହିଁକି କରିବେ ନାହିଁ, କରିବେ, କିନ୍ତୁ ନିଜ ସ୍ୱଧର୍ମକୁ ବଞ୍ଚାଇ ରଖି କରିବେ । ନିଜ ଧର୍ମ ବିଷୟରେ ଯେତିକି ଶିକ୍ଷା ସେମାନେ ଅଶିକ୍ଷିତ ଭଉଣୀମାନଙ୍କୁ ଦେଇପାରିବେ, ସେମାନେ ନିଶ୍ଚିତ ଭାବରେ ସେମାନଙ୍କର ଶିକ୍ଷା ଏବଂ ଆଚରଣ ମାଧ୍ୟମରେ ତାହା ଦେବେ । ପ୍ରକୃତ କଥା ହେଉଛି ଯଦି ସ୍ୱାମୀ, ପୁଅ ଏବଂ ଝିଅ ସମସ୍ତେ ଭଲରେ ରୁହନ୍ତି ଏବଂ ନିଜ କର୍ତ୍ତବ୍ୟ ପାଳନ କରିବାରେ ବିଶ୍ୱସ୍ତ ଭାବରେ ଜଡ଼ିତ ରୁହନ୍ତି, ତେବେ ଦେଶ ତଥା ସମାଜରେ କେଉଁ ପ୍ରକାରର ମନ୍ଦତା ରହିଯାଏ ଯେ, କେଉଁ ମା' ଙ୍କୁ ଘରୁ ବାହାରକୁ ଯାଇ ତାହା ସଂଶୋଧନ କରିବା ପାଇଁ କିଛି କରିବାକୁ ପଡ଼ିବ? ଏବଂ ପୁରୁଷମାନଙ୍କୁ ଭଲ ପୁରୁଷ କରିବା ମା' ମାନଙ୍କର କାମ । ଯଦି ମାତାମାନେ ନିଜ କର୍ତ୍ତବ୍ୟରେ ପ୍ରତିବଦ୍ଧ ରୁହନ୍ତି ତେବେ ପୁରୁଷମାନଙ୍କ ମଧ୍ୟରେ କୌଣସି ଅନିୟମିତତା ରହିବ ନାହିଁ । ସେଥିପାଇଁ ମୁଁ ଭାରତର ସମ୍ମାନିତ ନାରୀମାନଙ୍କୁ ସେମାନଙ୍କର ସ୍ୱରୂପକୁ ଚିହ୍ନିବାକୁ ଅନୁରୋଧ କରୁଛି । ସେମାନେ ନିଜର ମହାନ ଦାୟିତ୍ୱ ପ୍ରତି ଧ୍ୟାନ ଦିଅନ୍ତୁ ଏବଂ ପୁରୁଷମାନଙ୍କୁ ପ୍ରକୃତରେ ଆତ୍ମ-ଧାର୍ମିକ ପୁରୁଷ କରନ୍ତୁ । ସର୍ବଶକ୍ତିମାନ ମାତାମାନେ ଯେପରି ଇଚ୍ଛା କରନ୍ତି ପୁରୁଷମାନଙ୍କ ପ୍ରତିମୂର୍ତ୍ତି ସେପରି ସୃଷ୍ଟି ହେବ । ଆଜି ଯେଉଁ ପୁରୁଷମାନେ ନଷ୍ଟ ହୋଇଯାଇଛନ୍ତି ସେମାନଙ୍କ ଦାୟିତ୍ୱ କେବଳ ମା'ଙ୍କ ପାଖରେ ରହିଛି । ଯଦି ମା ମାନେ ପୁରୁଷମାନଙ୍କ ବିଷୟରେ ଚିନ୍ତା କରିବେ ନାହିଁ ଏବଂ ନିଜ ସ୍ୱାମୀ ଏବଂ ପୁଅମାନଙ୍କ କଲ୍ୟାଣ ପାଇଁ ଇଚ୍ଛା କରିବେ ନାହିଁ ଏବଂ ନିଜର ବ୍ୟକ୍ତିଗତ ମୁକ୍ତି ପାଇଁ ଇଚ୍ଛା ଆରମ୍ଭ କରନ୍ତି, ତେବେ ପୁରୁଷଙ୍କ ଅବନତି ଅନିବାର୍ଯ୍ୟ ଏବଂ ଯେତେବେଳେ ସ୍ୱାମୀ-ପୁତ୍ରମାନେ ଖରାପ ହୁଅନ୍ତି, ତେବେ କାହାର ଶକ୍ତି ଉପରେ ଗୃହିଣୀ ଏବଂ ମାତାମାନେ ସେମାନଙ୍କର ସ୍ୱରୂପକୁ ରକ୍ଷା କରିବାରେ ସକ୍ଷମ ହେବେ? ପୁରୁଷମାନଙ୍କୁ ବଞ୍ଚାଇ ନିଜକୁ ବଞ୍ଚାଇବା - ପୁରୁଷମାନଙ୍କୁ ପୁରୁଷ କରି ନିଜର ନାରୀତ୍ୱକୁ ବିକାଶ କରିବା - ଏହା ହେଉଛି ନାରୀମାନଙ୍କର ପ୍ରକୃତ କଲ୍ୟାଣ - ପରିତ୍ରାଣ । ଯଦି କୌଣସି ନାରୀ ପୁରୁଷକୁ ଅବିଶ୍ୱାସୀ କରି ନିଜର ପ୍ରତିଦ୍ୱନ୍ଦ୍ୱୀ କରି ନିଜର ମୁକ୍ତ ପ୍ରଗତି ପାଇଁ ଯାଏ, ତେବେ ଏହା ନାରୀ ପାଇଁ ସ୍ୱେଚ୍ଛାଚାରୀ, ଅତ୍ୟାଚାରୀ ପୁରୁଷର ଦାସତ୍ୱ ସ୍ୱୀକାରର ଏକ ନିମନ୍ତ୍ରଣ ଅଟେ ଏବଂ ଫଳସ୍ୱରୂପ, ଏହିପରି ଦୁଃଖର ନିଆଁ ସମାଜରେ ଜଳିଉଠିବ, ଯେଉଁଥିରେ ଉଭୟ ପୁରୁଷ ଓ ନାରୀଙ୍କ ସୁଖ ପାଉଁଶ ହୋଇଯିବ । ଈଶ୍ୱରଙ୍କ ଅନୁଗ୍ରହରେ, ନାରୀଙ୍କଠାରେ ଜ୍ଞାନ ଜାଗ୍ରତ ହେବା ଉଚିତ୍, ଯେଉଁଥିରେ ସେ ନିଜର ଦାୟିତ୍ୱକୁ ବୁଝିବେ ଏବଂ ନିଜ ଧର୍ମ ପ୍ରତି ସମର୍ପିତ ହୋଇ, ବିଶ୍ୱ ପାଇଁ ମଙ୍ଗଳ ଆଣିବେ ।

-୦-

ଶୋଧଛାତ୍ର, ସାହିତ୍ୟ ବିଭାଗ
ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ
ସମ୍ପର୍କ : ୯୪୩୭୮୦୯୨୬୯



# ନାରୀ ସଶକ୍ତିକରଣ ବନାମ ନାରୀ ଶକ୍ତି ହରଣ

ସୁଚିତ୍ରା କୁମାରୀ ପଣ୍ଡା

ନାରୀ ସଶକ୍ତିକରଣ.. ସ୍ୱାଗତଯୋଗ୍ୟ ପଦକ୍ଷେପ । ଆଜି ଆମ ଦେଶର ସର୍ବୋଚ୍ଚ ପଦବୀ ଜଣେ ନାରୀ ହିଁ ଅଳଙ୍କୃତ କରିଛନ୍ତି । ପଲ୍ଲୀରୁ ଦିଲ୍ଲୀ ଯାଏଁ ନାରୀଙ୍କ ସୁଖ୍ୟାତି ପରିବ୍ୟାପ୍ତ । ଉଡ଼ାଜାହାଜଠୁ ବୁଡ଼ାଜାହାଜ, ଯୁଦ୍ଧ ଜାହାଜ ଚାଳନାରେ ବି ନାରୀ ଆଜି ସିଦ୍ଧାହସ୍ତ । ଚନ୍ଦ୍ରକୁ ଚନ୍ଦ୍ରାୟାଣ ପ୍ରେରଣ କରିବାରେ ନାରୀ ବୈଜ୍ଞାନିକଙ୍କ ଭୂମିକା ସର୍ବାଗ୍ରେ ରହିଛି । ଏଭରେଷ୍ଟ ଆରୋହଣଠୁ ମହାସାଗର ସନ୍ତରଣ ସବୁ ସ୍ଥାନରେ ନାରୀର ବିଜୟ ବାର୍ତ୍ତା । କେବଳ ନିଜ ଦେଶ ନୁହେଁ, ବିଶ୍ୱ କ୍ରିକେଟ୍, ବିଶ୍ୱ ହକି ଓ ଅଲିମ୍ପିକ୍ କ୍ରୀଡ଼ାରେ ବି ଭାରତୀୟ ନାରୀଙ୍କ ପତିଆରା ବିସ୍ତୃତ । ରାଜନୀତିରେ ୩୩% ସ୍ଥାନ ସଂରକ୍ଷଣ, ନାରୀକୁ ଗୃହକୋଣରୁ ଅବଗୁଣ୍ଠନ ତେଜି ବିଧାନସଭା ଓ ସଂସଦରେ ସ୍ୱର ଉତ୍ତୋଳନର ସୁଯୋଗ ଦେଇଛି ।

ପରିତାପର ବିଷୟ ଏହି ଯେ କେତେକ ସ୍ଥଳରେ ଭବିଷ୍ୟତର ନାରୀଟିକୁ ମାତୃଗର୍ଭରୁ ହତ୍ୟା କରାଯାଉଛି । ଅଙ୍କୁରିତ ସ୍ୱପ୍ନ ମା' ପେଟରୁ ହିଁ ନିଃଶେଷ ହୋଇଯାଉଛି... ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ନାରୀର ଶକ୍ତିହରଣରେ ସମାଜ ବ୍ୟସ୍ତ । ଛ' ମାସର କନ୍ୟା ଶିଶୁଠୁ ଆରମ୍ଭ କରି ଅଶି ବର୍ଷୀୟା ବୃଦ୍ଧା ବି ପୁରୁଷର ପାଶବିକ ଦୁଷ୍କର୍ମ ଓ ଅମାନୁଷିକ ହତ୍ୟାର ଶିକାର ହେଉଛି ।

ରାଷ୍ଟ୍ର ନାରୀକୁ ସଶକ୍ତ କରିବା ପାଇଁ ସବୁ ପ୍ରକାର ସୁଯୋଗ ଓ ପ୍ରୋତ୍ସାହନ ଯୋଗାଇ ଦେଇଛି । କ୍ଷୋଭର ବିଷୟ ସମାଜରେ କିଛି ବଡ଼ପଣ୍ଡା ହିଁ ନାରୀର ଶକ୍ତିହରଣ କରନ୍ତି । ସମାନ କାମକୁ ସମାନ ଦରମା ଏବେ ଯାଏଁ ନାରୀ ପାଇଁ ଲାଗୁ ହୋଇପାରୁନି । ରାଜନୀତି ହେଉ ବା ଚାକିରି ସବୁଠି ନାରୀଟି ଅବହେଳିତ ଓ ନିଷ୍ପେଷିତ ହେଉଛି ।

ପରିବାର ରାଷ୍ଟ୍ରର ଗୋଟେ ଗୁରୁତ୍ୱପୂର୍ଣ୍ଣ ଅଂଶ । ନିଜ ପରିବାରରେ ହିଁ ଉଚ୍ଚଶିକ୍ଷିତ ବୋହୂଟିଏ ଯୌତୁକ ହତ୍ୟାର ଶିକାର ହେଉଛି ଅବା ଆତ୍ମହତ୍ୟା ପାଇଁ ବାଧ କରାଯାଉଛି । ଅବଶ୍ୟ ଏହି ପରିସ୍ଥିତି ପାଇଁ ପରିବାରର ମହିଳା ସଦସ୍ୟମାନେ ବି ସମ ଦାୟୀ ।

ପରିବାରରେ ନାରୀର ସ୍ୱାଧୀନତାକୁ ସଂକୁଚିତ କରାଯାଇଛି । ଦୁଃଖର ବିଷୟ ହେଲେ ବି ଏହା ଯୁକ୍ତିଯୁକ୍ତ ମନେହୁଏ । ସଞ୍ଜ ଗଡ଼ିଗଲେ ଝିଅଟିକୁ ବାହାରକୁ ଯିବା ମନା । କାରଣ ଝିଅଟି ରାତିରେ ନିର୍ବିଘ୍ନରେ ଘରକୁ ଫେରିବାର ଗ୍ୟାରେଣ୍ଟି ନାହିଁ ।

ମହାତ୍ମା ଗାନ୍ଧୀ କହିଥିଲେ, ଯୋଉଦିନ ଝିଅଟିଏ ଅଧ ରାତିରେ ନିର୍ଭୟରେ ରାଜରାସ୍ତାରେ ବୁଲିପାରିବ, ମୋ ଦେଶ ସ୍ୱାଧୀନ ହେଲା ବୋଲି ଜାଣିବି । 'ହେ ବାପୁ' ତୁମେ ଶହେ ଥର ଜନ୍ମ ନେଲେ ବି ତୁମ ପ୍ରିୟ ଭାରତବର୍ଷକୁ ପରାଧୀନ ଅବସ୍ଥାରେ ହିଁ ଦେଖିବାକୁ ପାଇବ । କାରଣ ନାରୀଟି ଏଠି ଭୋଗର ମାଧ୍ୟମ ସାଜିଛି । ପଣ୍ୟଦ୍ରବ୍ୟ ହୋଇ ବିକ୍ରି ହୋଇ ଚାଲିଛି ।

ଜୀବନବ୍ୟାପୀ ତ୍ୟାଗ ଓ ପ୍ରେମର ପ୍ରତିଦାନରେ ନାରୀଟିଏ କେବଳ ନିଜର ଆତ୍ମସମ୍ମାନ ହିଁ ଭିକ୍ଷା କରି ଆସିଛି । ଯେଉଁଦିନ ନାରୀଟି ପ୍ରକୃତ ସମ୍ମାନର ଅଧିକାରିଣୀ ହୋଇପାରିବ, ସେହିଦିନ ହିଁ ନାରୀ ସଶକ୍ତିକରଣର ସଂଜ୍ଞା ସାର୍ଥକ ହେବ ।

-୦-

ଶିକ୍ଷୟିତ୍ରୀ, ଛତ୍ରପୁର, ଗଂଜାମ

ସଂପର୍କ: ୮୨୪୯୨୪୦୧୯୪



# ସେବା-ସମର୍ପଣ-ସୃଷ୍ଟି ନିର୍ମାଣରେ ନାରୀ

**ଜ୍ୟୋତ୍ସ୍ନା କୁମାରୀ ପ୍ରଧାନ**

ମା' ମାନେ ଗୃହଲକ୍ଷ୍ମୀ, ଦେବୀ । ସେ ସ୍ତ୍ରୀ, ଜନନୀ ଅବା ଭଗିନୀ ପ୍ରତି କ୍ଷେତ୍ରରେ ଅବର୍ଣ୍ଣନୀୟ ଭୂମିକା ଉପସ୍ଥାପନ କରିଛି । ଇତିହାସ, ରାଜନୀତି, ପୁରାଣ ଅବା ସାହିତ୍ୟରେ ସେ ଯୁଗଜନ୍ମା । ଭଗବତ ପ୍ରେମର ପରେ ହେଉଛି ମାତୃସ୍ନେହ । ସଂସାରରେ ଯେତେ ସ୍ନେହ, ପ୍ରେମ ଅଛି ସବୁଠାରୁ ଶ୍ରେଷ୍ଠ, ଶୁଦ୍ଧ, ନିଃସ୍ୱାର୍ଥ ମାତୃପ୍ରେମ । ମା' ସନ୍ତାନକୁ ନିଃସ୍ୱାର୍ଥ ପ୍ରେମ କରେ, କଳିଜାରୁ ଅଧିକ ଯତ୍ନରେ ପାଳନ କରେ । ନିଜେ କ୍ଷୁଧାରେ ରହି ସନ୍ତାନକୁ ଭୋଜନ କରାଇ ସନ୍ତୁଷ୍ଟ ହୁଏ । ତେଣୁ ମା' ସଦାକାଳେ ସନ୍ତାନର ଗୁରୁ ଶିକ୍ଷାଦାତ୍ରୀ ।

ଆମ ଦେଶରେ ଲୀଳାବତୀ, ଆତ୍ରେୟୀ, ମୈତ୍ରେୟୀ, ଭାନୁମତୀ ଭଳି ଅନେକ ବିଦୂଷୀ ମହିଳାମାନଙ୍କ କିମ୍ବଦନ୍ତୀ ରହିଛି ।

କୁଳ ଉଜ୍ଜ୍ୱଳ, ସନ୍ତାନକୁ ଯୋଗ୍ୟ, ଦେଶର ଉନ୍ନତିର ଅଧିକ ଦାୟିତ୍ୱ ସବୁବେଳେ ନାରୀ ଉପରେ ଥାଏ । ମା' ଯଦି ଆଦର୍ଶ ଚରିତ୍ରା ହୁଏ, ତେବେ ତା ଗର୍ଭରେ ଆସନ୍ତି ମହାପୁରୁଷ । ସେହି ମା'ର ଗୋଟାଏ ସନ୍ତାନ ସମସ୍ତ ପୃଥିବୀକୁ ଉଦ୍ଧାର କରେ । ଆମେ ଯଦି ଅତୀତକୁ ଦେଖିବା କେବଳ ଗୋଟିଏ ଗୋଟିଏ ମାତା ନିଜ ସଦ୍‌ଗୁଣରେ ମନସାବାଚାତୀତ ପରମବ୍ରହ୍ମ ପରମାତ୍ମା ପୁରୁଷୋତ୍ତମ ତତ୍ତ୍ୱକୁ ଗର୍ଭରେ ଧାରଣ କଲେ, ଦୁଗ୍ଧପାନ କରାଇ, କୋଳରେ ଖେଳାଇଲେ । ତପସ୍ୱୀ, ଋଷି, ମୁନି, ଦର୍ଶନ-ଦୁର୍ଲଭ ସେହି ଭଗବାନଙ୍କୁ ଅଙ୍ଗୁଳି ଧରି ଚାଲିବା ଶିଖାଇଲେ । ଭାବନ୍ତୁ ଗୋଟେ ନାରୀ ବା ମାତାର ସ୍ଥାନ କେତେ ଊର୍ଦ୍ଧ୍ୱରେ । ଭଗବାନ ମଧ୍ୟ ମା'ର ଇସାରାରେ ନାଚନ୍ତି ।

"ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା ।"

ଏପରି ଆଦର୍ଶ ମା' କେବଳ କୌଶଲ୍ୟା ଓ ଯଶୋଦା ଥିଲେ, ତା' ନୁହେଁ, ଭାରତରେ ବହୁତ ମାତା ନାରଦ, ବ୍ୟାସଦେବ, ବଶିଷ୍ଠ, ଶୁକ, ତୁଳସୀ ଦାସ, ଜ୍ଞାନ ଦେବ, ତୁକା ରାମ, ଭୀଷ୍ମ ପିତାମହ ଓ ଅର୍ଜୁନଙ୍କ ପରି ବହୁ ସୁପୁତ୍ର ଏବଂ ଭଗବତୀ ସୀତା, ଅନସୂୟା, ଗାର୍ଗୀ, ମୈତ୍ରେୟୀ ଇତ୍ୟାଦି ବହୁ କନ୍ୟାକୁ ଉତ୍ପନ୍ନ କରିଛନ୍ତି ।

ଶ୍ରୀମଦ୍‌ଭାଗବତରେ ବର୍ଣ୍ଣିତ ମଦାଳସାଙ୍କ ଚରିତ୍ର ବେଶ ଅନନ୍ୟ । ଜଣେ ନୀତିନିଷ୍ଠ ନାରୀ ହିଁ ଏହି ଭଳି ଉଦାହରଣ ତିଆରି କରିପାରେ । ଜନ୍ମିତ ସମସ୍ତ ପୁତ୍ରକୁ ଭଗବତ୍ ଆରାଧନା ନିମନ୍ତେ ତପସ୍ୟା କରିବାକୁ ବନକୁ ପଠାଇଦେବା ଭଳି ବିଚିତ୍ର ପଦକ୍ଷେପ ମା' ଟିଏ ନେଇପାରେ । ସେ ସୃଷ୍ଟିର ପ୍ରତି ମଙ୍ଗଳ କାର୍ଯ୍ୟରେ ନିଜର ସମସ୍ତ ସୁଖସୁବିଧା ତ୍ୟାଗ କରିପାରେ ।

ପ୍ରକୃତରେ ନାରୀଟିର ଅସାଧାରଣ ଶକ୍ତି ରହିଛି । ନିଜ ଗୁଣରେ ଘରକୁ ସ୍ୱର୍ଗରେ ଆଉ ଦୁର୍ଗୁଣରେ ମାନସମ୍ମାନ ବ୍ୟର୍ଥ କରେ । ତେଣୁ- "କା ନାହିଁ ପାବକ ଜାଳି ସକେ, କା ନ ସମୁଦ୍ର ସମାଇ, / କା' ନକରେ ଅବଳା ପ୍ରବଳ କା ଜଗ କାଳ ନ ଖାଇ ॥"
ଅର୍ଥାତ ଯେପରି ଅଗ୍ନି ସମସ୍ତ ଭସ୍ମ କରିପାରେ, ସମୁଦ୍ର ସମସ୍ତ ଧାରଣ କରିପାରେ, ସେହିପରି ଦୁର୍ବଳା ଅବଳା ସବୁକିଛି କରିପାରେ, କାଳ ସମସ୍ତ କିଛି ଭକ୍ଷଣ କରିପାରେ । ତେଣୁ ଏହି କ୍ଷଣଭଙ୍ଗୁର ଜୀବନ କାଳ ମଧ୍ୟରେ ମାନବ ଯେଉଁ ସୁକର୍ମ କରେ, ତାହା ତାକୁ ଅମର କରି ରଖେ । କେବଳ ପୁରାଣ ଯୁଗ ନୁହେଁ ସବୁ ଯୁଗରେ ନାରୀର ସେବା ସମର୍ପଣର ନିଦର୍ଶନ ରହିଛି ।

"ତୁମେ ଦରିଦ୍ର ଅସହାୟ ଏବଂ ନିଷ୍ପେସିତ ମନୁଷ୍ୟର ସେବା କର, ସେମାନଙ୍କ ଭିତରେ ମୁଁ (ଭଗବାନ) ରହିଛି ।" ଯୀଶୁଙ୍କ ଏହି ଅଲୌକିକ ବାଣୀ ମାତା ଟେରେସାଙ୍କୁ ରୋମାଞ୍ଚିତ କରିଥିଲା । ଅସହାୟଙ୍କ ସେବାରେ ଜୀବନ ଅତିବାହିତ କରିବା ପାଇଁ ସେ ବଦ୍ଧପରିକର ହେଲେ । ପାଟନାରେ କୁଷ୍ଠ ଓ ଯକ୍ଷ୍ମାରୋଗୀଙ୍କର ସେବାକାର୍ଯ୍ୟ ଆରମ୍ଭ କଲେ । ଏହା ପରେ କଲିକତା ଠାରେ ମଧ୍ୟ ଦରିଦ୍ର ଓ ଅନାଥ ଶିଶୁମାନଙ୍କୁ ରହିବା ଓ ଶିକ୍ଷା ସୁବିଧା ଯୋଗାଇ ଦେଲେ । ଏହାକୁ 'ନିର୍ମଳ ହୃଦୟ' ଭାବରେ ନାମିତ କରିଛନ୍ତି । ୧୯୫୨ରେ ଏହାର ସମସ୍ତ ବିରୋଧକୁ ଖଣ୍ଡନ କରି ଉଦ୍‌ଘାଟନ କଲେ । ତାଙ୍କ ପ୍ରଚେଷ୍ଟାରେ ଅନାଥ ଶିଶୁମାନଙ୍କ ପାଇଁ ବିଦ୍ୟାଳୟ, କୁଷ୍ଠ ରୋଗୀମାନଙ୍କ ପାଇଁ ଚିକିତ୍ସାଳୟ, ବୃଦ୍ଧ ଓ ପରିତ୍ୟକ୍ତ ଜନତାଙ୍କ ପାଇଁ ଅସହାୟ ନିବାସ ଗଢ଼ି ଉଠିଥିଲା । ସମ୍ପ୍ରତି ୧୩୨ଟି ଦେଶରେ ତାଙ୍କ ଚ୍ୟାରିଟ୍ କାର୍ଯ୍ୟ କରୁଛି ।

ଏଥିପାଇଁ ସେ ପଦ୍ମଶ୍ରୀ ଠାରୁ ଆରମ୍ଭ କରି ନୋବେଲ ଶାନ୍ତି ପୁରସ୍କାର ଓ ଆନ୍ତର୍ଜାତିକ ଶାନ୍ତି ପୁରସ୍କାର, ଭାରତରତ୍ନ, କ୍ରୋସିଆର ଶ୍ରେଷ୍ଠ ପୁରସ୍କାର 'ଗ୍ରେଟ ଅର୍ଡ଼ର ଅଫ କୁଇନ୍ ଜେଲେନା' ତାଙ୍କୁ ପ୍ରଦତ୍ତ ହୋଇଛି । ଏହି ଭଳି ବିରଳ ବ୍ୟକ୍ତିତ୍ୱ ଜଣେ ନାରୀ, ଯିଏ ବିବାହ ନକରି କୋଟି କୋଟି ଜନତାର ମାତାରୂପେ ନିଜକୁ ସେବାର ନିଚ୍ଛକ ପ୍ରତୀକ ଭାବେ ଦର୍ଶାଇଛନ୍ତି । ମୃତ୍ୟୁ ସହ ସଂଗ୍ରାମ କରୁଥିବାବେଳେ ସେ ନିଜ କଥା ନଭାବି ଆଶ୍ରମର ଲୋକମାନଙ୍କ କଥା ହିଁ ଚିନ୍ତା କରୁଥିଲେ । ତେଣ କୁହାଯାଏ ଜଣେ ନାରୀ ଚାହିଁଲେ ଅସାଧ୍ୟ କାର୍ଯ୍ୟ କରିପାରିବ ଓ ପୃଥିବୀକୁ ସ୍ୱର୍ଗରେ ପରିଣତ କରିପାରିବ ।

-୦-

ସଦସ୍ୟା, ଡ.ଏ.ପି.ଜେ. ଅବଦୁଲ କଲାମ୍ ଜନକଲ୍ୟାଣ
ଚାରିଟେବୁଲ୍ ଟ୍ରଷ୍ଟ, ଖଲ୍ଲିକୋଟ, ଗଞ୍ଜାମ
ସଂପର୍କ: ୭୮୫୨୯୩୫୭୫୦



# ଆଉ ବୋଉ

ରକ୍ଷକ ନାୟକ

ଅଚ୍ଛ କେତେ ଜଣକୁ ଛାଡ଼ି ଦେଲେ
ଆଉ ସମସ୍ତେ ଧ୍ୱନିମୟ ।
ହସ, କାନ୍ଦ, ଚିତ୍କାର, ବିକାର
ବେଗ ଆବେଗ-ସବୁ
ପ୍ରକାଶିତ ଧ୍ୱନିରେ ।
ଆସିଲାଠୁ ଯିବା ଯାଏଁ
ଖାଲି ବକର ବକର
ସଂଗୀତ, କବିତା, ବାଗ୍ମିତା
ଯେଉଁ ନାମରେ ରଖ, ଶେଷରେ
ଧ୍ୱନି କେବଳ ।


ଅର୍ଥ ଅର୍ଥାନ୍ତର
କେବଳ ଭେଳିକି, ଭିଆଣ ।
ଏତେ ଧ୍ୱନି
ଆସେ କେଉଁଠୁ ?
ଯାଏ କୁଆଡ଼େ ?
ସାଂଗେ ସାଂଗେ ବାଦଲ ଫଟା ବର୍ଷା
ପରେ ପରେ ଶୁଖିଲା
ଧ୍ୱନି ଥରେ ଖସିଲେ
ଆଉ ନଦିଏ ଧରା ।
କିଏ ଶୋଷିନିଏ ସେସବୁକୁ
କିଏ ପୋଛିଦିଏ ଧୂଳି ମଇଳା
ଦେହରୁ, ଦର୍ପଣରୁ
କିଏ ବାଷ୍ପ କରିଦିଏ
ଜମାଟ ବରଫକୁ ଛାତି ଉପରୁ ?

ସବୁ ଯଦି ଏଇଠି ରୁହନ୍ତା
କି ଫେରି ପାରୁଥାନ୍ତା
କ'ଣ ହୁଅନ୍ତା !
ଧ୍ୱନିର ଏତେ ଓଜନରେ
କେବେଠୁ ପୃଥିବୀ
ଶୂନ୍ୟାଳି ହେଇସାରନ୍ତାଣି ।
ଯେ ମୋର ଅବୋଧ ସଂଳାପଠୁ
ଅଶ୍ରାବ୍ୟ ଆବର୍ଜନାକୁ
ଓଠରୁ ପୋଛି ଉଡ଼ାଇ ଦେଉଛି
ଶୂନ୍ୟ ଶୂନ୍ୟ ମହାଶୂନ୍ୟକୁ
ପୁଣି ପୂର୍ଣ୍ଣ ହେବାକୁ ସୁଯୋଗ ଦେଉଛି ।

ସେ କିଏ ?
ସେ ନିଶ୍ଚୟ ପ୍ରତ୍ୟେକଙ୍କ ନିଜ ନିଜ
ବୋଉ
ଏବଂ
ଆମ ସମସ୍ତଙ୍କର ପ୍ରିୟ
ଆଉ ବୋଉ ।

-୦-

ମୋ: ୯୪୩୭୧୭୧୪୪୦



# ହିତବାଣୀ

**ସୁବାସ ଚନ୍ଦ୍ର ପଣ୍ଡା**

ମଣିଷ ଜନମ ଲଭିଅଛୁ ଯେବେ
ଭଲ ମଣିଷ ହୋଇବା
ଭଲ କାମ କରି ଦେଶ ଦୁନିଆର
ସୁଯଶ ଖ୍ୟାତି ରଖିବା ॥

ପର ଉପକାର କରି ନ ପାରିଲେ
ନ କରିବା କାହା କ୍ଷତି
ଭଲ ଲୋକଟିଏ ହେବାକୁ ଚାହିଁଲେ
ଦେବଜ୍ଞାନେ ଦେବା ମତି ॥

ଦୀପ ହୋଇ ଯେବେ ଆଲୋକ ଦେଉନ
କର ନାହିଁ ଅନ୍ଧକାର
ଫୁଲଟିଏ ଫୁଟି ସୁବାସ ନହେଲେ
ଦୁର୍ଗନ୍ଧ କେବେ ନ କର ॥

ଇଚ୍ଛା ନାହିଁ ଯେବେ ପୁଣ୍ୟ ଅରଜନେ
ପାପରୁ ଦୂରେଇ ରୁହ
ଆଶ୍ୱାସନା ବାଣୀ କହି ନ ପାରିଲେ
ହୋଇଯାଅ ସର୍ବଂସହ ॥

ଦେଶ ହିତ ଜନ-ହିତକର କାମେ
ଦେଇ ନ ପାରିଲେ ମତି
ଅଳପ କଥାରେ ଅନିଷ୍ଟ କରିବା
ମନେ ନ ଧର କଦାପି ॥

ଉପକାରୀ ପ୍ରତି ପ୍ରତି ଉପକାର
କରି ନ ପାରିବେ ଯେବେ
ତାହା ବଦଳରେ ଅପକାର ଚିନ୍ତା
କର ନାହିଁ ମନେ କେବେ ॥

ଧର୍ମକାର୍ଯ୍ୟେ ଯଦି ଆଗ୍ରହ ନଥିଲେ
ଅଧର୍ମ କେବେ ନ କର
ସୁଗୁଣ ଧାରଣ କ୍ଷମତା ନଥିଲେ
ଦୁର୍ଗୁଣକୁ ଦୂର କର ॥

କାହାର ଘରକୁ ସଜାଡ଼ି ନ ପାର
ଭାଙ୍ଗ ନାହିଁ କାହା ଘର
ଦୀନ ଦୁଃଖୀଙ୍କର ଦୁଃଖ ନ ହରୁଛ
ମିଷ୍ଟ ଭାଷେ ସୁଖୀ କର ॥

ସାଧୁ ସନ୍ଥ ସେବା କରି ନ ପାରିଲେ
ଅସାଧୁ ସଙ୍ଗ ନ କର
ଯୋଗ ସାଧନାରେ ମନ ନ ବଳିଲେ
ଭୋଗ ସୁଖ ତ୍ୟାଗ କର ॥

ଦୁଧ ପିଇବାକୁ ଇଚ୍ଛ ନାହିଁ ଯେବେ
ମଦ୍ୟପାନ ନ କରିବ
ସତ କହିବାକୁ ସାହସ ନଥିଲେ
ମିଥ୍ୟା କେବେ ନ କହିବ ॥

ଧରମ ନୀତିରେ ଚଳି ନ ପାରିଲେ
ରାଜନୀତି ନ କରିବ
ବେଦ-ଶାସ୍ତ୍ର-ଗୀତା ବୁଝି ନ ପାରିଲେ
ନିନ୍ଦା କେବେ ନ କରିବ ॥

ଅନ୍ୟକୁ ସମ୍ମାନ ଦେଇ ନ ପାରିଲେ
ଦିଅ ନାହିଁ ଅପମାନ
ସାମର୍ଥ୍ୟ ନଥିଲେ ମିତ୍ରତା ସ୍ଥାପନ
ଶତ୍ରୁତା ନ କର ମନ ॥

ଧନ ଦଉଲତ ପାଖରେ ନଥିଲେ
ମନକୁ ବାନ୍ଧି ରଖିବ
ପରିଶୋଧ ପାଇଁ ଶକ୍ତି ନଥିଲେ
ଋଣ କେବେ ନ କରିବ ॥

ଖାଇବାକୁ ମୁଠେ ନଦେଲେ ନ ଦିଅ
ଖାଦ୍ୟ ନ କରିବ ନଷ୍ଟ
ଈଶ୍ୱର ଭକ୍ତି ନଥିଲେ କିଞ୍ଚିତେ
ବଞ୍ଚିବାର ବଡ଼ କଷ୍ଟ ॥

ଯଶ ଅର୍ଜିବାକୁ ନଥିଲେ ଶକତି
ଅପଯଶ ନ ଅର୍ଜିବ
ଅପରକୁ କ୍ଷମା ନ ଦେଲେ କେବେ ହେଁ
ନିଜେ କ୍ଷମା ନ ଚାହିଁବ ॥

ସାଧୁ ସନ୍ଥ ପରି ହୋଇ ନ ପାରିଲେ
ଅମଣିଷ ହୁଅ ନାହିଁ
ଅହିଂସା ଭାବକୁ ନ କଲେ ଧାରଣ
ହିଂସା ଭାବ ରଖ ନାହିଁ ॥

ଭଲ କାମ କରି ମିଠା ଫଳ ଖାଅ
ମନ୍ଦ କାମେ ବିଷ ଫଳ
ବିଚାର କରିଣ କି ଫଳ ଖାଇବ
ଜୀବନ ହେବ ସୁଫଳ ॥

କାହା ମନେ ତିଳେ ଦୁଃଖ ଦେବା ପାଇଁ
ଏହା ନ ଲେଖେ ଅଧମ
ମଥା ନତ କରି ହସ୍ତ ଯୋଡ଼ି କହେ
ଦୋଷ ନ ଧରିବ ମମ ॥

-୦-

ଗୋବିନ୍ଦ ନିଳୟ, ରମ୍ଭା, ଗଂଜାମ



# ଚିରା ପଣତର ଚନ୍ଦ୍ରମୁଖୀ

ପ୍ରହଲାଦ ବେହେରା

ବସ୍ତି ମୁଣ୍ଡର ଅନତି ଦୂର
ଚିରା ପଲିଥିନ୍ ଡାଳି ପକା
ନଡ଼ା ଛପରର ଅଧା ଭଙ୍ଗା ଝୁମ୍ପୁଡ଼ି
ଭଙ୍ଗା ଘରେ ଚକା ଜହ୍ନର ଆସର ।
ମାଟି ତେଲ ଅଭାବଗ୍ରସ୍ତ
ମିଞ୍ଜି ମିଞ୍ଜି, ଡିବିରି ଆଲୁଅ ରୋଷଣୀ
'ଚନ୍ଦ୍ରମୁଖୀ'ର ଚନ୍ଦ୍ର ବଦନ
ଚିନ୍ତାର ବାଦଲ ଘେରା ମଉଳା ଜହ୍ନ;
ଅନେକ ଆଶା-ଆଶଙ୍କାରେ
ବିଷାଦଗ୍ରସ୍ତ ମନ-ଅନ୍ଧାର ଭୂବନ;
ଚିରା-ଫଟା ଖଣ୍ଡିଏ ବସ୍ତ୍ରର
ଅଇରା ବାଡ଼ ଘେରା-
ଦେହ ଫରୁଆରେ ସାଇତା
ମୁକୁଳା ସମ୍ପତ୍ତି କିଛି ବୟସୀ ଯୌବନ;
ବାହାର ଦିନ ଆଲୁଅରେ ବି
କାମନା ଲୋଲୁପ ଦୃଷ୍ଟି
ମତଲବୀ ଚାହାଣିରେ ପ୍ରତୀକ୍ଷାରତ
ବଳିଆ-ହେଟା ସାଥିରେ ଶୃଗାଳ ଓ ଶ୍ୱାନ...
ଆଉ...ରାତି କଥା... !!!
ଅଜଣା ଭୟର ଆତଙ୍କ ଛନକାରେ
ଚନ୍ଦ୍ରମୁଖୀ ଚାହିଁଲା ଶୂନ୍ୟକୁ...
ଆଖିପତା ନଇଁଗଲା ଚିନ୍ତାର ଭାରାରେ
ମନ ତଳେ ଶତ ପ୍ରଶ୍ନବାଚୀ...
କେମିତି ସେ ବଞ୍ଚାଇବ
ଫରୁଆରେ ଇଜ୍ଜତ ସମ୍ପତ୍ତି !!!
କିଛି କ୍ଷଣ ପରେ
ପଲକର ପୁଲକରେ
ଚହଲିଲା ଓଠ...
ଆଖି ପତାରେ ଚମକ
ଅଜଣା ଉପାୟ ଆଶାରେ
ବିସ୍ଫାରିତ ନୟନରେ ଚାହିଁଲା ସେ...
କ୍ଷଣକରେ ଟାଣି ଆଣି
ବାଉଁଶ ଓଳଣୀ କୋଣୁ
ପରିତ୍ୟକ୍ତ ଛିନ୍ନ ବାସ ଖଣ୍ଡେ
ପରିଧାନ କରିନେଲା
ଆପଣାର ଦେହ,
ଭୁଲି ଯଉବନ ମୋହ ;
ମୁକୁଳିତ କରିନେଲା
ଗଣ୍ଠିଦିଆ ଆଜାନୁଲମ୍ବିତ
କଳାମେଘୀ କେଶର ପୁଟୁଳି,
ଆଲୁରୁ ବାଲୁରୁ ଛଟାରେ ବିସ୍ତାରୀ
କଜଳ କଳାରେ ଡାଙ୍କି
ତୋଫା ଚନ୍ଦ୍ରମୁଖ
ଅସନା-ଅଳନ୍ଧୁ ସାଥେ
ଧୂଳି -ଧୂସରିତ  କରି
ପୁନରପି ପ୍ରଜାପତି
ସଂବାଳୁଆ ଲୋମଶ କାୟାରେ
ପାଗଳିନୀ ପରି ପାଟି କରିଲା ନିଜକୁ
କାମନାର ହିଂସ୍ରତାରୁ ନିଜେ ବଞ୍ଚିବାକୁ
ଏବେ ଭିତରେ ଆତ୍ମ ପ୍ରସ୍ତୁତି
ବାହାରେ ଆତ୍ମ ବିସ୍ମୃତି
କାମନା ଶିଖାରେ ଜଳି କାମାନ୍ଧ ବର୍ବର
ସୀମା ଲଂଘୁଥିଲା ବେଳେ
ସମ୍ଭୋଗ ସମରେ ନେବା ପାଇଁ ଝାସ
ପ୍ରଗଲ୍ଭ ତାସଲ୍ୟ ହାସ୍ୟେ ସମ୍ମୁଖରେ ଉଭା
ଚିରାପଣତର ଚନ୍ଦ୍ରମୁଖୀ

-୦-

ଲଙ୍ଗଳେଶ୍ୱର, ଗଂଜାମ-୭୬୧୦୨୯
ସଂପର୍କ: ୯୭୭୭୨୮୨୩୧୨



# ପ୍ରାର୍ଥୀ

**ଶିବପ୍ରସାଦ ମିଶ୍ର**

ପତ୍ନୀରୁ ପତି ହେବା ସହଜ ନୁହେଁ
କେବଳ ପ୍ରଭୁ ଆଶୀର୍ବାଦ ହିଁ ଲୋଡ଼ା
ଗୀତାରେ ପ୍ରଭୁ ସେଇ କଥାଟି କହିଛନ୍ତି ପରା
ଅହଂ ନାରାଣାମ୍ ନରାଧିଶଃ

ଦେଖ ପ୍ରଭୁକେଡେ ଦୟାଳୁ
କେଡ଼େ କୋମଳ
କେଡ଼େ ବିଚାରବନ୍ତ

ଗରିବଟିଏ ଗରିବର ଦୁଃଖ ବୁଝିବ
ଯେମିତି ଭୋକଟିଏ ଅନ୍ୟର ଭୋକ
ଭୋକରେ ବଢ଼ିଥିବା ଝିଅଟିଏ
ପତି ହେଲେ ସମସ୍ତଙ୍କ ଦୁଃଖ ବୁଝିବ

ରାଇରଙ୍ଗପୁର ଦୁହିତା
ରାଇସିନା ହିଲସ୍ ଯିବ
ରାଷ୍ଟ୍ର ମୁକୁଟ ପିନ୍ଧିବ

କିଏ ବଜାଇଦେଲା
ଓଡିଶା ଅହଂକାରରେ ମୋହର
ସତରେ ପତ୍ନୀଟିଏ ପତି ହେବ !!!!

ପତି ଟିଏ ,
କେବଳ ସ୍ୱାମୀଟିଏ କି ?

ଜଣଙ୍କର ବି ନୁହେଁ ତ
ପରିଣାମେ
ଆଧାର ଟିଏ .....!!!!

ପତି ପଦବୀଟିର ପରା
ଆଗେ ଆଗେ ଝୁଲୁଥାଏ
ସଂସାରଟିଏ

ସୁତରାଂ ପତି
ମୁଖିଆଟିଏ

ସବୁବେଳେ ପତି ସେ
ପୋଠରାଞ୍ଚଳ କାଉନ୍ସିଲରରୁ ଉପାଧ୍ୟକ୍ଷ ହେଉ
କି ପୂର୍ଣ୍ଣାଙ୍ଗ ବିଦ୍ୟାଳୟ ଶିକ୍ଷୟତ୍ରୀ

ଭାର ନେଉଥିବା ସମସ୍ତ ରମଣୀ
ପାରିତୋଷିକରେ ନୁହେଁ
ଗାଦି ଗଦୀରେ
ଉପଯୁକ୍ତ ହେବାକୁ ହେଲେ
ଲଢ଼ିବାକୁ ପଡେ
ଜିତିବାକୁ ପଡେ
ଯାହାର ନାମ ପ୍ରତିଯୋଗିତା

ପ୍ରତିଯୋଗିତା ଏକ ଦର୍ପଣ
ପ୍ରତିବିମ୍ବ ହେଉକି ପ୍ରତିଫଳନ
ବିଡ଼ମ୍ବିତ କି ଭାଗ୍ୟାନ୍ୱେଷୀ
ସୂକ୍ଷ୍ମାତିସୂକ୍ଷ୍ମ ତାହାର ବିଶ୍ଳେଷଣ

ଲଢ଼ିବା ମାନସିକତାରୁ ଆୟୋଜନ ହୁଏ
ପୁରୁଷ ମହଦାଶ୍ରୟ
ନାରୀହୁଏ ନିର୍ଭୟ
ନାରୀ ପତି ବନିଯାଏ,
ନାରୀ ହୋଇଯାଏ ପୁରୁଷ

ରୂପାନ୍ତରିକରଣ ପ୍ରତ୍ୟାବର୍ତ୍ତନ ନୁହେଁ
ପରିବେଶର ପାକଳ ଉଚ୍ଚାଟନ ହି
ପତ୍ରଭରା ହାଟ ବାଟର କ୍ରମବିବର୍ତ୍ତନ

ବିବର୍ତ୍ତନ ପ୍ରକୃତିର ଧର୍ମ
ଧର୍ମ ହିଁ ଧ୍ୱଜା

ସମୟର ଜ୍ଞାନ
ସମୟର ରାଜନୀତିରେ ସମକାଳୀନ ବିଚାର
ହୁଏତ ହୋଇପାରେ କେଉଁ ରମଣୀ ପାଇଁ
ଐଶ୍ୱର୍ଯ୍ୟର ରାଜତିଳକ

ଥାଟ ପାଟ ନୁହେଁ
ଯୋଗ୍ୟତାରୁ ନିଜ ରାଜ୍ୟର
ବିଭିନ୍ନ ବିଭାଗର ମନ୍ତ୍ରୀ
ଅନ୍ୟ ରାଜ୍ୟର ରାଜ୍ୟପାଳ
ରାଜ୍ୟପାଳ ହୋଇ ସାଂସଦୀୟ ଆଲୋଡନ
ଆଦିବାସୀଙ୍କ ଜମି ଜଳ ଜଙ୍ଗଲ ପାଇଁ
ବ୍ୟବସ୍ଥାକୁ ସୁଦୃଢ଼ କରିଦେବା
କଣ ନୁହେଁ କି ଯୋଗ୍ୟତାର ଚରମ ବିଚାର ?

ପତି ନୁହେଁ କି ସତରେ ?
ନରାଧିଶ ସବୁବେଳେ ପତି
ନାରୀ ହେଉକି ପୁରୁଷ
ମନ୍ତ୍ରୀ କି ରାଜ୍ୟପାଳ
କାଉନ୍ସିଲର ହେଉ ଅବା ରାଷ୍ଟ୍ରପତି

ପତ୍ନୀଟିଏ ପତି ହେବା ସହଜ ନୁହେଁ
ଯିଏ ହେଲା ଅବା ହେବ
ଏମିତି ସେମିତି ନୁହେଁ
ପୁରାପୁରି ରାଷ୍ଟ୍ରର !

ନିଷ୍ପତିକୁ ସାଧୁବାଦ
ନିର୍ଣ୍ଣାୟକଙ୍କୁ ଧନ୍ୟବାଦ

ଦ୍ରୌପଦୀରୁ ଦିଗନ୍ତ ଇଗଲ୍
ଆମ ପାଇଁ ଖୁସିର ମାହୋଲ
ରାଷ୍ଟ୍ରପତି ପ୍ରାର୍ଥୀ

-୦-



# ମା

କପିଳ ଚନ୍ଦ୍ର ମହାନ୍ତି

ତୋ କୋଳକୁ ଉଠାଇ ନେ ମା
ଆକାଶ ଯେ ଭାରି ଭାରି ଲାଗେ !!
ତମ କଥା ମନେପଡ଼େ ତମ ସ୍ନେହ ଶ୍ରଦ୍ଧା
ତମର ଆଦର, ନିରାପଦ ଉଷୁମ କୋଳ
ଅଭୟ ଦିଏ, ଉଡ଼ାଇ ନିଏ ଭୟ ଓ କାତରତା
ତମ ପଣତକାନିର ସ୍ନେହସିକ୍ତ ସ୍ପର୍ଶ ।
ତମ ବିନା କିଏ ସେ ସମ୍ବାଦ ନେବ
ଜ୍ୱର ଆଉ ତାତିର ଖବର
କିଏସେ ବୁଝିବ ଦୁଃଖ ଥମ ଥମ ମେଘର
ମୁହଁ ଅଶ୍ରୁ ଝରା
କିଏସେ ଜାଣିବ ଭୋକ ଯନ୍ତ୍ରଣାର ନିସ୍ପୃହ ଖବର ।
କୁର୍ତ୍ତାଟେ ପିନ୍ଧେଇଦେ ମା
ହାଡ଼ ଚମ ଝୁଣି ହୁଏ, ଓଠ ଫାଟେ
ଅବିଶ୍ୱାସୀ ବର୍ଷାର ଅଦଉତି ନାଚ ଫୁଙ୍ଗୁଳା ଦେହରେ ।
ଜଙ୍ଗଲର ଅସଂଖ୍ୟ ହାଡୁଆ ଗଛ
ରୁକ୍ଷ ପାହାଡ଼ର ଅତିକାୟ ମୁଣ୍ଡ
ସସ୍ର ସସ୍ର ମନ୍ଦାର ଫୁଲିଆ ଆଖି ଡରାଉଛି
ଛାତିରେ ଛେପ ପକାଇ ପଣତରେ
ଘୋଡେଇଦେ ମା ।
ବର୍ଷା ଯଦି ଛୁଇଁନି ମାଟିକୁ ଧୁଳିଝଡ଼ ତଥାପି ଥମିନି
ରକ୍ତର ସ୍ୱିତ ପ୍ରବାହ ଚିତ୍କାର କରୁଛି
ଉଠେଇନେ ମା ତୋ କୋଳକୁ
ସ୍ନେହମୟୀ ଉଷୁମ କୋଳକୁ
ନାନାବାୟା ଗୀତ ଶୁଣି ଶୁଣି ଶୋଇ ଯାଏ
ଶୋଇଯାଏ ଅନ୍ଧାର ବୁଢ଼ୀର ହାତ
ମୋ ଦେହରେ ଛୁଇଁବା ଆଗରୁ ।।

-୦-

ଅଯୋଧ୍ୟା ନଗର ପ୍ରଥମ ସରଣୀ,
ବ୍ରହ୍ମପୁର - ୭୬୦୦୧୦
ଭ୍ରାମ୍ୟଭାଷ : ୭୫୩୯୮୧୨୯୫୧



# ନାରୀ

ମିତାରାଣୀ ପଟ୍ଟନାୟକ

କି ଗୁଣ ଗାଇବି କି ଉପମା ଦେବୀ
ସର୍ବଗୁଣେ ସେ ସଂପନ୍ନା,
ଜନନୀ, ଭଗିନୀ ସଦା ସୁହାଗିନୀ
ସାକ୍ଷାତେ ସେ ଅନ୍ନପୂର୍ଣ୍ଣା ।
ଚନ୍ଦ୍ରମା ପରି ମୁଖ ମଣ୍ଡଳରୁ
ଝଟକୁ ଥାଏ ଯା ଜ୍ୟୋତି,
ବିଶାଳ ହୃଦୟ ସାଗର ବେଳାରୁ
ଝରି ପଡୁଥାଏ ମୋତି ।
ନାରୀ ତାର ରୂପ ଅଟଇ ଅନେକ
ସର୍ବସହାଂ ସେ ଧରଣୀ,
ଚୀର ନମସ୍ୟ ସୃଷ୍ଟିର ଜନନୀ
ସର୍ବଦା ସେ ପୂଜ୍ୟୟିନୀ ।
ସୁନ୍ଦର ଯୌବନ ଅର୍ପଣ କରି ସେ
ପତ୍ନୀ ରୂପେ ସମର୍ପିତା,
ପ୍ରେମିକା ହୋଇଣ ପ୍ରେମ ବାଣ୍ଟିଯାଏ
ଗୃହର ସେ ହର୍ତ୍ତାକର୍ତ୍ତା ।
ସଦା ସ୍ନେହଶିଳା ଗୁଣରେ ଶୁଶିଳା
ଅବଳା ନୁହେଁ ଦୁର୍ବଳା,
ପୂଜ୍ୟମୟୀ ସେ କରୁଣା ମୟୀଗୋ
ଅଟେ ପରା ସେ ଚଞ୍ଚଳା
ଅମୃତର ସୁଧା ଯା ଓଠରୁ ଖାଲି
ଝରୁଥାଏ ନିରନ୍ତର,
ସଭିଙ୍କ ହସରେ ହସିଦିଏ ଥରେ
ପୋଡୁ ପଛେ ତା ଅନ୍ତର ।
ଗୃହର ସୌନ୍ଦର୍ଯ୍ୟକାରିଣୀ ସେ ଅଟେ
ସର୍ବ କାର୍ଯ୍ୟେ ପରିପୂର୍ଣ୍ଣା,
ଘର ସୂତ୍ରଧର ସୃଷ୍ଟିର ସମ୍ଭାର
ସହିଷ୍ଣୁ ତାରେ ନିପୁଣା ।
ନାରୀ ଜାତି ତୁ ସଦା ପୂଜିତ
ଅଟୁ ସମ୍ମାନର ପାତ୍ର,
ଏହି ଜାତି ପ୍ରତି ଦୟା ଭାବରଖ
ଅଟେ ସଭିଙ୍କର ମିତ୍ର ।

-୦-

ପ୍ରଧାନ ଶିକ୍ଷୟିତ୍ରୀ, ଖଲ୍ଲିକୋଟ, ଗଞ୍ଜାମ
ସଂପର୍କ: ୯୭୭୭୧୧୮୧୬୫



# କବି କଣ୍ଠେ 'ନାରୀ'ର କାଳିସୀ

ପ୍ରଭାତ କୁମାର ମିଶ୍ର

ଆମେ ସଙ୍ଖୋଳିବୁ ନିନ୍ଦାପସରା
ଆମ ପାଇଁ ଯେତେ ଦୈନ୍ୟ ଧାରଣା ଧାରା
ଅଞ୍ଚଳେ ଆମ ଦୁଗ୍ଧ ପୀୟୂଷ
ନୟନ ଯୁଗଳ ଅଶ୍ରୁ ବତାସେ ଭରା ।

ଆମକୁ ବାରଣ ବେଦ ଗଉରବ
ଜନମ ଆମର କାମ୍ୟ ନୁହଁଇ କା'ର
ସୃଷ୍ଟିକାରିଣୀ, ଶକ୍ତିରୂପିଣୀ
ସ୍ୱର ଖାଲି ଆବେଗର ।

ଆମେ କି ସାଜୁନା ମଧୁ ସହଚରୀ
ଅବତରି ନାହୁଁ ବିଧିର ବିଧାନୋପରେ
ଆମ ବିହୁନେ କି ମାନବ ଜଗତ
ରହନ୍ତା ଏ ସଂସାରରେ ?

କଷଣ ଆମର କିଏ ବା ବୁଝୁଛି
ବିଧାନ ତ ଆମ ସୃଷ୍ଟି ସାଧନ ପାଇଁ
ସଂସାର ପଥେ ପୁରୁଷର ସାଥେ
ନିଜକୁ ହଜାଇ ଦେଇ ।

ନାରୀ ମାୟାବିନୀ ନାରୀ କୁହୁକିନୀ
ଅବଳାକୁ ପୁଣି ବିକୃତ ପରୁୱାନା ?
'ବଳ ବୀର୍ଯ୍ୟର ଦାମ୍ଭିକ ପଣ'-
ଆମେ କି ତା' ପାଇଁ ନୋହୁଁ କଷଟି ନମୁନା ??

ନାରକୀୟ ହେଲେ ଯଉନ ବିକାର
ନାରୀ ପାଇଁ ସଜ୍ଞା ନର୍କର ଦ୍ୱାର ପଦ
ମୁନି ବେଦବ୍ୟାସ, ଶୁକ, କାଳିଦାସ
କେଉଁ ପଥେ ହେଲେ ଜାତ ?

ମଳୀନ ନଜରେ ଦୁର୍ଗତି ଯଦି
ଆଣେ ନାରୀ ଅବୟବ,
ପ୍ରତୀକ ନଜରେ ସୁଗତି ପ୍ରଗତି
ଗାଏ ତା'ର ସଉଷ୍ଠବ ।

ଆଜି ଆମେ ନୋହୁଁ ଘର କୋଣ ବାସୀ
ଆମେ କି ସାଧିନୁ ସର୍ବ ଶାସକ ପଣ ?
ନାରୀ ଅରି ନୁହେଁ; ଶିରୀର ଦିଶାରୀ
ଆହେ ପଉରୁଷ ! ସଂଯମ ମହାଧନ ।

-୦-

ଅଧ୍ୟକ୍ଷ, ଅନନ୍ୟ ଉତ୍କଳ ବହୁମୁଖୀ ସମାଜ ସଂସ୍କୃତି ପରିଷଦ,
ଖଲ୍ଲିକୋଟ, ଗଂଜାମ
ସଂପର୍କ: ୮୨୪୯୦୩୮୦୭୯




# ଅତୀତରୁ ବର୍ତ୍ତମାନ ନାରୀ

ଭବାନୀ ପଣ୍ଡା

ନାରୀ ନୁହେଁ କେବେ ଅବଳା ଦୁର୍ବଳା
ନାରୀ ସମାଜର କୀର୍ତ୍ତି
ନାରୀଯେ ମହାନ ପ୍ରେମର ପିତୁଳା
ନାରୀ ସମାଜର ଭିତ୍ତି ॥
ପିତା-ମାତାଙ୍କର ଦୁହିତା ଅଟଇ
ଦୁଇ କୂଳକୁ ସେ ହିତା
କନ୍ୟା ଦାନ ଅଟେ ସବୁଠାରୁ ଶ୍ରେଷ୍ଠ
ପୁରାଣରେ ଅଛି ଲେଖା ॥
ଗୋଟିଏ ନର୍କରୁ ଉଦ୍ଧାର କରଇ
ପୁତ୍ରଟିଏ ଜନ୍ମ ହେଲେ
ତେୟାସି ନର୍କରୁ ଉଦ୍ଧାର କରଇ
ସୁଯୋଗ୍ୟା କନ୍ୟାଟି ଥିଲେ ॥
କନ୍ୟାରୁ ଭଗିନୀ ଜାୟା ଓ ଜନନୀ
ଅଟଇ ସେ ସ୍ନେହମୟୀ
ଶାନ୍ତେ ଦୟାମୟୀ କ୍ରୋଧେ ଜ୍ୱାଳାମୁଖୀ
କେବେ ସେ କଲ୍ୟାଣମୟୀ ॥
ବିପଦ ବେଳରେ ସ୍ୱାମୀ ପାଇଁ ନାରୀ
ମନ୍ତ୍ରି ସମ ବୁଦ୍ଧି ଦିଏ
ସନ୍ତାନ ପାଇଁ ସେ ଜନନୀ ମହାନ
ଆଦ୍ୟଗୁରୁ ହୋଇଥାଏ ॥
ଶାଶୁ ଶ୍ୱଶୁରଙ୍କ ସୁନାବୋହୂ ହୋଇ
ଶ୍ରଦ୍ଧା ଭକ୍ତି ରଖିଥାଏ
ଭୋଜନେ-ଶୟନେ ପଠନେ ପାଠନେ
ଗୃହ କାର୍ଯ୍ୟେ ଧ୍ୟାନ ଦିଏ ॥
ସମସ୍ତଙ୍କ ସୁଖ ଦୁଃଖରେ ସେ ନାରୀ
ସମଭାଗୀ ହୋଇଥାଏ
ସଭିଙ୍କର ସେହି ପ୍ରିୟପାତ୍ର ହୋଇ
ଜନ ଅନୁରାଗୀ ହୁଏ ॥
ପୁରାଣ ଯୁଗରେ ସୀତା ଓ ସାବିତ୍ରୀ
ଅନସୁୟା ସତୀ ନାରୀ
ପବିତ୍ର ତାଙ୍କର ପରିଚିତ କରି
ରଖିଲେ ଦେଶର ଶିରୀ ॥
ଅହଲ୍ୟା-ଦ୍ରୌପଦୀ କୁନ୍ତୀ ମନ୍ଦୋଦରୀ
ତାରା ମାଧବୀ ସୁକନ୍ୟା
ପ୍ରାତଃ ସ୍ମରଣୀୟ ଅଟନ୍ତି ସେମାନେ
ନାରୀଙ୍କ ମଧ୍ୟେ ଅନନ୍ୟା ।
ଗାର୍ଗି-ଗଉତମୀ ମୈତ୍ରୀ-ରତୁମ୍ବରୀ
ବୈଦିକ ଯୁଗ ରମଣୀ
ବେଦ ମନ୍ତ୍ର ତତ୍ତ୍ୱ ତଥ୍ୟକୁ ପ୍ରଚାରି
ବିଶ୍ୱରେ ହେଲେ ଅଗ୍ରଣୀ ।
କୈକେୟୀ-ମନ୍ଥରା ପୁତନା ଗାନ୍ଧାରୀ
ନଥିଲେ କାହା ବଇରୀ
ଆପଣା ହସ୍ତରେ ନିଜ ଜିହ୍ୱା ଛେଦି
ଜୀବନକୁ ଦେଲେ ଜାଳି ॥
ଅବଳା ବୋଲି ସେ ନୁହଇ ଦୁର୍ବଳା
ନୁହେଁ ପୁରୁଷଠୁ ନ୍ୟୂନ
ଦେଶମାତୃକାର ସେବାରେ ନିୟୋଗି
ଜଗତରେ ହୁଏ ଧନ୍ୟ ॥
ଝାନ୍ସୀର ରାଣୀ ଦେବୀ ଲକ୍ଷ୍ମୀବାଇ
ରେଜିଆ ଓ ପଦ୍ମାବତୀ
ଇତିହାସରେ ଅମର ଅଟନ୍ତି
ରଖି ଦେଶର କୀରତି ॥
ଆଧୁନିକା ନାରୀ ଇନ୍ଦିରା- ପ୍ରତିଭା
ଲତା- ନନ୍ଦିନୀ-କଳ୍ପନା
ସରୋଜିନୀ- ଉଷା-ବିରେନ୍ଦ୍ରୀ ପାଲ
କେ ହେବ ତାଙ୍କ ତୁଳନା ॥
ଓଡ଼ିଶା ମାଟିର ଆଦିବାସୀ ନାରୀ
ଦ୍ରୌପଦୀ ମୁର୍ମୁ ଅଟନ୍ତି
ମହାମହିମ ସେ ରାଷ୍ଟ୍ରପତି ହୋଇ
ବିକାଶିଲେ ତାଙ୍କ କ୍ରାନ୍ତି ॥
ସୁଶିକ୍ଷିତା ନାରୀ ଦେଶର ସେ ଶିରୀ
ସମାଜକୁ ଦିଏ ଶିକ୍ଷା
ପରିବାର ସହ ସଭିଙ୍କ ମଙ୍ଗଳ
କରଇ ସେ ରାଷ୍ଟ୍ର ରକ୍ଷା ।
ସଂପ୍ରତି ନାରୀର ସଂଜ୍ଞା ପରିଭାଷା
ଯାଇଛି ଆଜି ବଦଳି
ଈର୍ଷା-ଦ୍ୱେଷ-ହିଂସା ଗୁଣ ଧରି ନାରୀ
ସୁ ପଥକୁ ଦିଏ ଦଳି ॥
ଇଂରେଜୀ ଶିକ୍ଷିତା ଉଗ୍ର ଆଧୁନିକା
ହୁଅନ୍ତି ଗର୍ବେ ଉନ୍ନ
ପରିବାର ସହ ସମାଜ ପାଇଁକି
ନଥାଏ ତାଙ୍କ ଇଜ୍ଜତ ॥
ନାରୀ ହିଁ ଅଟଇ ନାରୀର ବଇରି
ଏହା ଅଟେ ଧ୍ରୁବ ସତ୍ୟ
ଶିଶୁ କନ୍ୟାଟିଏ ଗର୍ଭରେ ଜାଣିଲେ
ତାହାଙ୍କୁ କରନ୍ତି ନଷ୍ଟ ॥
ହୋଇ ସ୍ୱେଚ୍ଛାଚାରି ଜିଦ୍‌ଖୋର ହୋଇ
ନାରୀତ୍ୱକୁ କରେ ନଷ୍ଟ
ଆଧୁନିକତାକୁ ଦ୍ୱାହି ଦେଇ ନାରୀ
ହୋଇଥାଏ ପଥ ଭ୍ରଷ୍ଟ ।
ପରମ ଭୂଷଣ ନାରୀର ଅଟଇ
ମହାନ ଗୁଣଟି ଲଜ୍ଜା
ସେହି ଗୁଣେ ନାରୀ ହୁଏ ମହିୟସୀ
ସସମ୍ମାନେ ପାଏ ପୂଜା ॥

-୦-

ମୁଖ୍ୟ ସଡ଼କ, ରମ୍ଭା, ଗଂଜାମ



## ମମତାମୟୀ ନାରୀ

ତରଣୀସେନ ବେହେରା

ଧରା ପୃଷ୍ଠେ ନାରୀ ସୃଷ୍ଟିର ସେ ସିନ୍ଧୁ
ହୃଦୟ ଶାନ୍ତ ଶୀତଳ
ବିଗତ ନାରୀର ଛବି ପ୍ରତିଛବି
ଦିଶେ କି ସମୋଜ୍ଜଳ । -୧-
ନାରୀ ଅଟେ ସିଏ ସୁବାସିତ ପୁଷ୍ପ
କେବେ ସେ ସାଜେ ଶ୍ରାବଣୀ
ମାତୃ ରୂପେ ନିତି ପୂଜାପାଏ ସିନା
ସାଜେ ସର୍ବ ସଂହାରିଣୀ । -୨-
ନାରୀ ଜାୟା, ଭଗ୍ନୀ କନ୍ୟା ଅଟେ ପୁଣି
ଉଦାର ତାର ଜୀବନ
ଧରିତ୍ରୀ ପରାଏ ସବୁ ସହିଯାଏ
ଅମୃତ କରି ପ୍ରଦାନ । -୩-
ବ୍ରିଟିଶ ଯାତନା ଅସହ୍ୟ ହେବାରୁ
ଝରିଲା ଆଖିରୁ ଲୁହ
ସେ ଆଖି ଲୁହକୁ ପଣତରେ ପୋଛି
ସଭିଏଁ ହେଲେ ଅଥୟ । -୪-
ସତ୍ୟ ଅହିଂସାର ବାକ୍ୟ ଧ୍ୱନି ଶୁଣି
ଜାଗିଲା ସମାଜ, ଦେଶ
ସ୍ୱାଧୀନ ସଂଗ୍ରାମେ ନାରୀ ଝାସ ଦେଲେ
ପ୍ରମାଣ ତା' ଇତିହାସ । -୫-
ଆଜିର ଏ ନାରୀ କଳା କଉଶଳେ
କର୍ମରେ ପ୍ରଥମ ସ୍ଥାନ
କାବ୍ୟ କବିତାରେ ସବୁ ବିଭାଗରେ
ବଢାଇଛି ତାର ମାନ । -୬-
ମୋ ଦେଶର ନାରୀ ମମତାମୟୀ ଯେ
ସ୍ନେହ, ଶ୍ରଦ୍ଧାର ପ୍ରତୀକ
ସବୁଠାରେ ସିଏ ହୁଏ ସମ୍ମାନିତ
ରଖନ୍ତି ଦେଶର ଟେକ । -୭-

-୦-

ବିଣାପଲୀ, ପାଲୁର, ଗଂଜାମ
ମୋ-୭୩୮୧୪୬୯୪୮୪




## ପ୍ରେରଣା ଦାୟିନୀ ନାରୀ

ଶ୍ୱେତ ବେହେରା

ଏକ ମୂର୍ତ୍ତି ବହୁ ରୂପେ ବିରାଜିତା
ସମୟକୁ ସାଥେ ଧରି
ଜୀବନ, ସଂଗିନୀ, ଜନନୀ, ଭଗିନୀ
ନନ୍ଦିନୀ ପରାଏ ନାରୀ ।-୧-
ସୃଷ୍ଟିକାରିଣୀ ପାଳନକାରିଣୀ
ସଂହାରକାରିଣୀ ସିଏ
ଦୟା, କ୍ଷମା, ଶାନ୍ତ ଭଦ୍ରା ରୁଦ୍ରା ରୂପ
ତା'ସମ ହେବ କିଏ । -୨-
ଅବତରୀ ଥିଲେ ଦୁର୍ଗାଦେବୀ ରୂପେ
ହୋଇ ଅଯୋନି ସମ୍ଭୁତା
ମହିଷା ବିନାଶୀ ବିଶ୍ୱକୁ ଉଶ୍ୱାସୀ
ରଖିଲେ ସର୍ବ ଦେବତା । -୩-
ଶକ୍ତି, ମୁକ୍ତି ରୂପେ ପୂଜିତା ଏ ନାରୀ
ସର୍ବ ଗୁଣେ ପରିଚିତା
ଜ୍ଞାନ, ବୁଦ୍ଧି ଦାତ୍ରୀ ଧନ, ଜନ ଦାତ୍ରୀ
ସକଳ ଜନ ବନ୍ଦିତା । -୪-
ଗଂଗାଜଳ ସମ ପବିତ୍ର ଏ ନାରୀ
ସତୀ ସାଧ୍ୱୀ, ପତିବ୍ରତା
ପୃଥିବୀ ପରାଏ ସବୁ ସହିଯାଏ
ସାଜି ସହନଶୀଳତା ।-୫-
ଅନାଦି କାଳରୁ କଳି କାଳ ଯାଏଁ
ସବୁଠି ମିଳଇ ତଥ୍ୟ
ପୁରୁଷଙ୍କଠାରୁ ନାରୀ ନୁହେଁ ଊଣା
ଏ କଥା ନିଶ୍ଚିତ ସତ୍ୟ । -୬-
କଷଟି ପଥରେ କଷି କେ ପାରିବ
ନାରୀର ସାହସ ବଳ
ସୁକାର୍ଯ୍ୟେ ସୁଶୀଳା କୁକାର୍ଯ୍ୟେ ପ୍ରବଳା
ବାକ୍ୟ ତା' ସଦା ଅଟଳ । -୭-
କୃଷି, ପ୍ରଶାସନ, ସୈନ୍ୟ, ସେବା ଆଦି
ଦେଶର ପ୍ରଗତି ପାଇଁ
ସମାଜ ଗଠନେ ଦେହ ମନ, ପ୍ରାଣ
ଜୀବନେ ଭୁଲିବା ନାହିଁ । -୮-

-୦-

ବାଲିନାସୀ, କୃଷ୍ଣପ୍ରସାଦ ପୁରୀ



# ଦେଶ ପ୍ରଗତିରେ ନାରୀ

ଘନଶ୍ୟାମ ବେହେରା

ନାରୀ ଓ ପୁରୁଷ ନୁହେଁ ଭିନ୍ନାଭିନ୍ନ
ଉଭୟେ କରନ୍ତି କର୍ମ
ଦୁଇ ଜାତି ମଧ୍ୟେ ଲିଙ୍ଗ ସିନା ଭିନ୍ନ
ଏଇ ଦୁହେଁ ଅଟେ ସମ । -୧-

ନାରୀ ପୁରୁଷକୁ ତୁଳନା କରିଲେ
ଉଚ୍ଚରେ ନାରୀର ସ୍ଥାନ
ସୃଷ୍ଟି ଆରମ୍ଭରୁ ଏହା ସତ୍ୟ ବୋଲି
ଲେଖିଛି ପୋଥି ପୁରାଣ । -୨-

ପୁରୁଷ ହୋଇ କେ' ଦେଖାଇ ପୌରୁଷ
ପାରେ ସବୁ କର୍ମ କରି
ସୃଷ୍ଟି ରଚନା ନୁହେଁ ତ ସମ୍ଭବ
ଏକା କରିପାରେ ନାରୀ । -୩-

ନାରୀତ ଜନନୀ ନାରୀତ ଭଗିନୀ
ନାରୀତ ଜାୟା, ନନ୍ଦିନୀ
ସୃଷ୍ଟିକାରିଣୀ ସୃଷ୍ଟି ପାଳିନୀ
ସୃଷ୍ଟି ସଂହାର କାରିଣୀ । -୪-

ଗୃହ ଲକ୍ଷ୍ମୀ ସାଜି ଗୃହ ଚଳେଇବା
କର୍ତ୍ତବ୍ୟ ଏହା ନାରୀର
ସନ୍ତାନ ଦାୟିତ୍ୱ ନେଇ ସେ ତଥାପି
ଦେଶ ପାଇଁ ଆଗୁସାର । -୫-

ନାରୀ ପରା ଦେବୀ ନାରୀ ପୁଣି କବି
ନାରୀ ଯେ ନଦୀ ଜାହ୍ନବୀ
ଶିଳ୍ପୀ, କାରିଗରୀ କଳାରେ ନିପୁଣା
ସେ ପୁଣି ସମାଜ ସେବୀ । -୬-

ଓକିଲ, ଡାକ୍ତର, ପ୍ରଫେସର ପୁଣି
ସେବିକା ଇଂଜିନିୟର
ରାଜନୀତି କ୍ଷେତ୍ରେ ରାଷ୍ଟ୍ରନେତ୍ରୀ ପଣେ
ଦେଖାଇଲେ ଅଧିକାର । -୭-

ଜଳ, ସ୍ଥଳ, ନଭ ସୈନ୍ୟ ବିଭାଗରେ
ରହି କରେ ଦେଶ ପୂଜା
ଚନ୍ଦ୍ରଯାନ ଚଢ଼ି ଚନ୍ଦ୍ରେ ପାଦ ଥାପି
ବିଶ୍ୱେ ଉଡାଇଲେ ଧ୍ୱଜା । -୮-

ବିଦ୍ୟା, ବୁଦ୍ଧି ବଳ ଧୈର୍ଯ୍ୟ, ଗାମ୍ଭିର୍ଯ୍ୟରେ
ଅଛି ନାରୀ ସ୍ୱାଭିମାନ
ଶାନ୍ତି, ଦୟା, କ୍ଷମା, ସୁଶୀଳା ଗୁଣରେ
ହେବ କେ' ତାହାରି ସମ ? -୯-

ନାରୀ ଯେ ଉତ୍ତମ ନାରୀ ଶ୍ରେଷ୍ଠ ଆମ
ନଗଣ୍ୟ ନୁହେଁ ଏ ନାରୀ
ସୁନ୍ଦର ସୃଷ୍ଟିରେ ନାରୀ ପାଇଁ ସିନା
ଧରାରେ ରହିଛି ଶିରୀ । -୧୦-

ନାରୀ, ନଦୀ, ହ୍ରଦ, ସାଗର, ସରିତ
ନାରୀ ବସୁମାତା ଆମ
ନିରବେ ସହିବା ନାରୀଙ୍କର ଧର୍ମ
କେହି ନୁହେଁ ନାରୀ ସମ । -୧୧-

-୦-



# ମହିୟସୀ ଭାରତୀୟ ନାରୀ

ବିଷ୍ଣୁପ୍ରସାଦ ଦଳେଇ

ମଧୁର ମଧୁର ଅଖିଳ ମଧୁର
ମଧୁରତା' ସମ୍ଭାଷଣ
ଏକଇ ବୃନ୍ତରେ ଦୁଇଟି କୁସୁମ
ନାରୀ କଥା ଶେଷହୀନ ।୧।

ସେହି ସୃଷ୍ଟିକାରୀ ସେହି ସଂହାରିଣୀ
ସେହି ମୃତ୍ୟୁ ସଂଜୀବନୀ
ଅନ୍ଧାରେ କୌମୁଦୀ ଦୁଃଖେ ଦିବ୍ୟୋଷଧି
ପଥହରାର ସରଣୀ ।୨।

ସେହି ଅନ୍ନପୂର୍ଣ୍ଣା ସେହି ପାରିଜାତ
ସେ ପରା ପୂର୍ଣ୍ଣମୀ ଚାନ୍ଦ
ତା' ଅଙ୍କରେ ଶିର ରଖି ନିଦ୍ରା ଗଲେ
ନାଶେ ସବୁ ପରମାଦ ।୩।

ସେ ଦିଏ ପ୍ରେରଣା ସେ ଦିଏ ସାହାସ
ସର୍ବସଂହା ସେ ଦେବକୀ
କେତେବେଳେ ଶୈବ୍ୟା କେବେ ଶକୁନ୍ତଳା
ତା' ପାଇଁ ମରତ ଖୁସି ।୪।

ସାଜି ଯାଜ୍ଞସେନୀ ବରି ପଞ୍ଚସ୍ୱାମୀ
ରଚିଲା ମହାଭାରତ
ଚକ୍ରୀର ଚକ୍ରରେ ଧ୍ୱଂସି ଅରିକୂଳ
ଧର୍ମ କଲା ସେ ସ୍ଥାପିତ ।୫।

ତ୍ରେତୟା ଯୁଗରେ ଦୁଷ୍ଟ ଦଶଗ୍ରୀବ
ସତୀଙ୍କୁ କଲା ହରଣ
ନାଶି ତା'ର ବଂଶ ପ୍ରଭୁ ରଘୁଈଶ
ବିଭୀଷଣରେ ଶରଣ ।୬।

ସେହି ବିଦ୍ୟାଦାତ୍ରୀ ଲକ୍ଷ୍ମୀ ସରସ୍ୱତୀ
କାଳୀ ଗାର୍ଗୀ ଦୁର୍ଗାବତୀ
ଖଡ୍‌ଗ ଧରିଣ କେବେ ଲକ୍ଷ୍ମୀବାଈ
କେବେ ପୁଣି ଲୀଳାବତୀ ।୭।

ରାଷ୍ଟ୍ରର ଗଠନେ ସେ ଇନ୍ଦିରା ଗାନ୍ଧୀ
ସେବିକା ତୁଳସୀ ମୁଣ୍ଡା
ସେ ଦ୍ରୌପଦୀ ମୁର୍ମୁ ଧନ୍ୟ ରାଷ୍ଟ୍ରପତି
ସରି ନୁହେଁ ଶତ ଭେଣ୍ଡା ।୮।

ସଶକ୍ତୀକରଣ ନାରୀ ସ୍ୱାଧୀନତା
ହେଉ ସର୍ବଜନ କାମ୍ୟ
ପୁରୁଷ ଓ ନାରୀ କଲେ ମିଶି କାମ
ଜଗତେ ହୋଇବ ଧନ୍ୟ ।୯।

-୦-

ନନ୍ଦଳା, ପୁରୀ ,୯୮୬୧୬୯୯୮୦୯



# ଯୁଗେ ଯୁଗେ ନାରୀ

ମଣ୍ଟୁ କାର୍ଯି

ନାରୀ ନୁହେଁ ନାରୟଣୀ
ସକଳ ଶକ୍ତିର ସରବ ମନ୍ତ୍ରର
ଆଧାର ପ୍ରକୃତି ରାଣୀ ।

ଲକ୍ଷ୍ମୀ, ସରସ୍ୱତୀ, ପାର୍ବତୀ, ସାବିତ୍ରୀ
ଗାୟତ୍ରୀ, ଅହଲ୍ୟା, ସତି
ମନ୍ଦୋଦରୀ, ତାରା, ଦ୍ରୌପଦୀ ପୁଣି
ସତ୍ୟ ଅନୁସ୍ୱୟା, କୁନ୍ତୀ
ଶ୍ରୀଦୁର୍ଗା ରୂପେ ମହିଷା ବିନାଶୀ
ଉଶ୍ୱାସିଲ ଏଇଁ ଧରଣୀ ।

ବଂଗ କଟକରେ ଶଚିଦେବୀ ରୂପେ
ଯେଉଁ ନାରୀ ରହିଥିଲେ
ଚୈତନ୍ୟ ଦେବଙ୍କୁ ଜନମ ଦେଇ ସେ
ବିଶ୍ୱେ ପ୍ରସିଦ୍ଧି ଲଭିଲେ
ତାଙ୍କର ଦୟାରୁ ହେଲା ପ୍ରଚାରିତ
ହରେ ରାମ କୃଷ୍ଣ ବାଣୀ ।

ଏଇ ଭାରତରେ ତ୍ରିଶିଳା ନାମରେ
ଥିଲେ ନାରୀ ମହିୟସୀ
ପୁତ୍ର ଜନ୍ମ ଦେଇ ବୁଦ୍ଧଦେବ ନାମେ
ସେ ହେଲେ ଭକ୍ତ ବିଶ୍ୱାସୀ
ଅଶ୍ୱତ୍ଥ ମୂଳରେ ଧ୍ୟାନସ୍ଥ ହୋଇ
ବୌଦ୍ଧ ବୀଜ ଗଲେ ବୁଣି ।

ଜୀଜାବାଇ ସାଜି ମାତା ରୂପେ ପରା
ଜନ୍ମଦେଲ ଶିବାଜୀଙ୍କୁ
ମାତାର ଶିକ୍ଷାରେ ଶିକ୍ଷିତ ହୋଇ ସେ
ହଟେଇଲେ ମୋଗଲଙ୍କୁ
ଭାରତ ବକ୍ଷରେ ଅମର କୀରତି
ରଚିଲା ନବ କାହାଣୀ ।

ରାଣୀ ଲକ୍ଷ୍ମୀବାଇ ଶତ୍ରୁ ବିପକ୍ଷରେ
ଧରିଥିଲେ କରବାଳ
ନିଜ ଜୀବନକୁ ବାଜି ଲଗେଇ ସେ
କରିଲେ ମହାସମର
ଜଗତ ଜାଣିଲେ ସାହସ ସାମର୍ଥ୍ୟ
କିଭଳି ବୀର ରମଣୀ ।

ବେଦ, ପୁରାଣରେ ବର୍ଣ୍ଣିତ ହୋଇଛି
ନାରୀର ମହନୀୟତା
ଦେଶ ହିତପାଇଁ ପୀୟୂଷ ଧାରାରୁ
ବରଷେ ସ୍ନେହ ମମତା
ଯୁଗେ ଯୁଗେ ନାରୀ ମୂର୍ତ୍ତିମନ୍ତ ଦେବୀ
ଶୁଭ ଶାନ୍ତି ପ୍ରଦାୟିନୀ ।

-୦-

ବାଲିନାସୀ, କୃଷ୍ଣପ୍ରସାଦ ପୁରୀ



# ହେ ! ମହିୟସୀ ନାରୀ

**ସୁଶ୍ରୀ ବାକ୍ୟଶ୍ରୀ ବେହେରା**

ହେ ମହିୟସୀ ନାରୀ
ତୁମେ: ଜନନୀ ରୁପେ ସୃଷ୍ଟି ସର୍ଜନାକାରିଣୀ
ଜାୟା ରୂପେ ସ୍ୱାମୀ ସୋହାଗିନୀ
ଭଗ୍ନୀ ସମ ଭାଇର ସ୍ନେହ ପାଗଳିନୀ
କନ୍ୟା ସମ ଅଳିଅଳି ଆଉ ଆହ୍ଲାଦିନୀ ।

ହେ ପୁରାଣ ପ୍ରସିଦ୍ଧ ନାରୀ
ତୁମେ: ଲକ୍ଷ୍ମୀ ମାତା, ଅନ୍ନଦାତ୍ରୀ
ପୁରୁଷ ଜାତିର ସଚେତନଦାତ୍ରୀ ।
ସରସ୍ୱତୀ ମାତା, ବିଦ୍ୟାଦାତ୍ରୀ
ସବୁଲୋକର କଳା ପ୍ରଦାୟିନୀ ।
ଗାୟତ୍ରୀ ମାତା, ଜ୍ଞାନ ପ୍ରଦାୟିନୀ
ସମସ୍ତ ପ୍ରାଣୀର ମଂଗଳ କାରିଣୀ ।
ପାର୍ବତୀ ମାତା, ମହିଷା ମର୍ଦ୍ଦିନୀ
ଜଗତର ପାପ ଭାରା ଉଦ୍ଧାରିଣୀ ।

ତୁମେ: ଅହଲ୍ୟା, ଦ୍ରୌପଦୀ, ତାରା, କୁନ୍ତୀ, ମନ୍ଦୋଦରୀ,
ସତୀ ପରାକାଷ୍ଠା ପ୍ରଦର୍ଶନକାରିଣୀ
ହେ ପ୍ରାଚୀନ ନାରୀ
ତୁମେ: ଗାର୍ଗୀ, ମୈତ୍ରେୟୀ, ସଂଘମିତ୍ରା,
ବେଦ, ଉପନିଷଦର କଠିନ
ଦାର୍ଶନିକ ତତ୍ତ୍ୱର ରଚନା କାରିଣୀ ।

ହେ ଐତିହାସିକ ନାରୀ,
ତୁମେ: ଅହଲ୍ୟା ବାଈ, ଦୁର୍ଗା ବାଈ
ଶତ୍ରୁ ସମ୍ମୁଖରେ ଲଢେଇ କରିବାର
ଧୈର୍ଯ୍ୟଶାଳିନୀ ।

ମୀରାବାଈ ସାଜି, ଭକ୍ତି ଭାବର
ଅମୃତ ଧାରା ପ୍ରବାହିନୀ ।

ହେ ସ୍ୱାଧୀନତା ସଂଗ୍ରାମୀ ନାରୀ
ତୁମେ: ଜୀଜାବାଈ, ସରୋଜିନୀ ନାଇଡୁ,
କସ୍ତୁରବା, ବିଜୟ ଲକ୍ଷ୍ମୀ ପଣ୍ଡିତ, ରମାଦେବୀ
ଇଂରାଜୀ ଶାସକର ଗୁଳି ତୋପ ମୁହଁରେ
ଛାତି ପତେଇ ଦେଶ ସ୍ୱାଧୀନ ପାଇଁ
ଲଢେଇ କରିବାର ସାମର୍ଥ୍ୟ ପ୍ରକାଶିନୀ ।

ହେ ପୁଣ୍ୟମୟୀ ନାରୀଗଣ,
ତୁମର ନିଃସ୍ୱାର୍ଥର
ବଳିଦାନ ଆଉ ଅବଦାନ
ଦେଶ ପାଇଁ, ଜାତି ପାଇଁ, ନାରୀ ପାଇଁ
ଏକ ବିରାଟ ଆଦର୍ଶ ।

ତୁମେ ରଚିଗଲ ଅଜୟ ଗାଥା
ତୁମେ ସତରେ କ୍ଷମାମୟୀ, ଦୟାମୟୀ,
ଶକ୍ତିମୟୀ, ଜ୍ଞାନମୟୀ
କଲ୍ୟାଣମୟୀ, ମଙ୍ଗଳ ମୟୀ ।
ତୁମେ ସବୁଯୁଗ ପାଇଁ ଦୀପ୍ତିମୟୀ,
ତୁମେ ମହାନ ନାରୀ ।

-୦-



# ସମାଜ ଗଠନେ ନାରୀ

ତପସ୍ୱିନୀ ବେହେରା

ନାରୀ ଶକ୍ତିମୟୀ ନାରୀ ଜ୍ଞାନମୟୀ
କଲ୍ୟାଣକାରିଣୀ ନାରୀ
ନାରି ବିନା ସୃଷ୍ଟି ହୁଏନା ସମ୍ଭବ
ପ୍ରକୃତି ରୁପିଣୀ ନାରୀ ।

ନାରୀ ଯେ ଜନନୀ ନାରୀ ଯେ ଭଗିନୀ
ନାରୀ ଯେ ଜାୟା, ନନ୍ଦିନୀ
ନାରୀର ଭୂମିକା ଅତୁଳନୀୟ ତା'
କିଏ ବା ପାରିବ ଜାଣି ।

ନାରୀ ନୁହେଁ କେବେ ଅବଳା, ଦୁର୍ବଳା
କର୍ମ କୁଶଳା ନାରୀ
ନାରୀ ସମ କିଏ ହେବ ଦୁନିଆରେ
ନାରୀର ତୁଳନା ପରି ।

ନାରୀ ଦୟାଶୀଳା ନାରୀ କ୍ଷମାଶୀଳା
ସହନଶୀଳତା ନାରୀ
ନାରୀ କ୍ରୋଧକଲେ ପ୍ରତିଶୋଧ ପାଇଁ
ପଛାଏ ନାହିଁ ଏ ନାରୀ ।

ନାରୀ ଯେ ଅହଲ୍ୟା ଦ୍ରୌଉପଦୀ, ତାରା,
କୁନ୍ତି, ମନ୍ଦୋଦରୀ ପରି
ନାରୀ ପଞ୍ଚ ନାମ ଉଚ୍ଚାରିବା ମାତ୍ରେ
ସଂସାରୁ ଯାଆନ୍ତି ତରି ।

ନାରୀ ଲକ୍ଷ୍ମୀମାତା ନାରୀ ମାତା ସୀତା
ନାରୀ ବାଣୀ ସରସ୍ୱତୀ
ନାରୀ ଯେ ସାବିତ୍ରୀ ନାରୀ ଯେ ଗାୟତ୍ରୀ
ନାରୀ ଯେ ସତୀ ପାର୍ବତୀ ।

ନାରୀ ଜୀଜାବାଇ ନାରୀ ମୀରାବାଇ
ନାରୀ ଲକ୍ଷ୍ମୀବାଇ ରାଣୀ
ନାରୀ ଦୁର୍ଗାବତୀ ନାରୀ ଲୀଳାବତୀ ।
ଗଣିତ ସୂତ୍ର କାରିଣୀ ।

ନାରୀ ନୁହେଁ ପୁରୁଷ ସମ୍ଭୋଗ ଦରବ
ସାହାଯ୍ୟକାରିଣୀ ନାରୀ
ନାରୀର ଭୂମିକା ଅପରିହାର୍ଯ୍ୟ ତା'
ଦେଶର ସେବାକାରିଣୀ ।

ନାରୀକୁ ଯତନ ନାରୀକୁ ସମ୍ମାନ
ଦିଅ ହେ ଜଗତ ଜନ
ନାରୀର ହସରେ ଜଗତ ହସିବ
ସମାଜ ହେବ ଗଠନ ।

-୦-

ଗଜପତି ନଗର, ପାଲୁରୁ, ଗଂଜାମ



# ଅଗ୍ନି ସମ୍ଭୁତା ରଣଚଣ୍ଡୀର ଏ ସ୍ୱଗତୋକ୍ତି !

ଦୀପିକା ଦାଶ

ରକ୍ତସ୍ନାନର ଅଲିଖିତ ଭାଗ୍ୟ
ରଜନୀର ଏହି ଉଦ୍‌ଯାପିତ କ୍ଷଣରେ,
କାଳ ସ୍ରୋତ ସାକ୍ଷ୍ୟ ହେବାକୁ ବସିଛି
ଆଜି ବର୍ଷିବ ମଣିଷଙ୍କ ଅମାପ ରୁଧିର
ହସ୍ତିନାପୁରୀର ଆକାଶରେ ।
ଦିନେ କ୍ଷୁଣ୍ଣ କରିବାକୁ ନାରୀଟିଏର ଅସ୍ମିତା
ଧର୍ମ ଦରବାର ରଚିଥିଲା ଭୀଷଣ ଷଡ଼ଯନ୍ତ୍ର
ସମୟର ହାତରେ ଉଦ୍ୟତ ତରବାରୀ
ଆଜି ଶାସ୍ତି ବିଧାନର ଦିବସ ଉପନୀତ
ଆର୍ଯ୍ୟାବର୍ତ୍ତ ହେବ ଲହୁଲୁହାଣ
ଜଣେ ଅସହାୟାର ବୀଭତ୍ସ ଅପମାନ ଅପରାଧରେ ।
ମହାକାଳ ଏବେ ସଂପୂର୍ଣ୍ଣ ଜାଗ୍ରତ
ପଞ୍ଚଜନ୍ୟର ନିନାଦିତ ଶବ୍ଦ ତରଙ୍ଗରେ
ଯା'ର ଭୀଷଣ ଲେଲିହାନ ଜିହ୍ୱା
ଲମ୍ଫି ସମୂଳେ ଚାଟି ଦେଇଯିବ
ପାମର କୌରବ ବଂଶ ସମେତ
ତମାମ୍ ମହାନୁଭବଗଣଙ୍କ
ବିକାରପୂର୍ଣ୍ଣ ଜୀବନ
ଲିଭିଯିବ ଅନେକ ସଞ୍ଚିତ ନାମର ଅସ୍ତିତ୍ୱ
ପାପ ସର୍ପର ଦଂଶନରେ ।
ସାମ୍ରାଜ୍ୟ, ବିଭବ, ଐଶ୍ୱର୍ଯ୍ୟ, ସୁଖଶାନ୍ତି
ପଞ୍ଚୁପାଣ୍ଡବଙ୍କ ପୌରୁଷତ୍ୱ, ବୀରତ୍ୱ
ଏପରିକି ଏକ ବସ୍ତ୍ର ପରିହିତା
ରଜସ୍ୱଳା ଯାଜ୍ଞସେନୀଙ୍କ ଅସ୍ତିତ୍ୱ
ସବୁକିଛି ପଦଦଳିତ ଦ୍ୟୁତକ୍ରୀଡ଼ାର ମାୟାଜାଲରେ ।
ଯଜ୍ଞ ଅନଳ ସମ୍ଭୁତା ଯାଜ୍ଞସେନୀ
କେବଳ କଣ ଜଣେ ଆଜ୍ଞାବହ ଦାସୀ ?
ନା ସୌନ୍ଦର୍ଯ୍ୟ ବର୍ଦ୍ଧନକାରୀ ଏକ ନିର୍ଜୀବ ପ୍ରତିମା ?
ନା ସ୍ଥାବର ଅସ୍ଥାବର ଅଚଳନ୍ତି ସମ୍ପତ୍ତି ?
ଅଶ୍ୱ ହସ୍ତୀ ମଧ୍ୟରୁ ମୁଣ୍ଡଗଣତି
ଅନ୍ୟତମ ପ୍ରାଚୁର୍ଯ୍ୟ ?
ବୀରପୁଙ୍ଗବ ପଞ୍ଚସ୍ୱାମୀଙ୍କ ନିର୍ଲଜ ମୌନବ୍ରତ
ଗୁରୁ ଦ୍ରୋଣାଚାର୍ଯ୍ୟ ଅସହାୟ
ନିରୁପାୟ ପିତାମହ ଭୀଷ୍ମ
ଧୃତରାଷ୍ଟ୍ର ଉଭୟ ବାହ୍ୟ ଅନ୍ତଃଚକ୍ଷୁହୀନ ନିରବ ଦ୍ରଷ୍ଟା
ନିର୍ବାକ ନିସ୍ପନ୍ଦ ରାଜ ଦରବାର
ସର୍ବସମ୍ମୁଖରେ ପାଞ୍ଚାଳୀଙ୍କୁ
ଅନାବୃତ କରିବାର ଘୃଣ୍ୟ ଚେଷ୍ଟା
ଉଠାଇଲା ପ୍ରଶ୍ନବାଚୀ
ଅଧର୍ମ କୁରୁସଭାର ବୀର କ୍ଷତ୍ରିୟଙ୍କ ଉଦ୍ଦେଶ୍ୟରେ ।
ହାଏ ! ସତୀ ନାରୀର ଚିତ୍କାର
ପ୍ରଭାତର ଶିଶିର ବିନ୍ଦୁ ଭଳି ଉଭେଇଗଲା
ଅଧର୍ମୀ ସତ୍ତାର ଅହଙ୍କାରରେ ।
ହେ ଗାଣ୍ଡିବଧାରୀ ଶ୍ରେଷ୍ଠ ଧନୁର୍ଦ୍ଧର ଅର୍ଜୁନ !
ତୁମେ ପ୍ରତିବିମ୍ବରେ ଲକ୍ଷ୍ୟ କରିପାରିଛ ମତ୍ସ୍ୟର ଚକ୍ଷୁ
ଅଥଚ ଅଧୁନା କଣ ଦୃଶ୍ୟ ହେଉନାହିଁ
ଦ୍ରୌପଦୀଙ୍କ ଚକ୍ଷୁରେ ଅଶ୍ରୁ
ଦୁଃଖିନୀର ଅର୍ଦ୍ଧନଗ୍ନ ରୂପ,
ତାଙ୍କରି ପବିତ୍ରତାକୁ ସ୍ପର୍ଶ କରିଥିବା
ଦୁଃସାହସି ଦୁଃଶାସନର କଳଙ୍କିତ ହାତ ?
ଶ୍ରୀକୃଷ୍ଣଙ୍କ କରୁଣାର ହସ୍ତ
କୋଟିବସ୍ତ୍ରରେ ପରସ୍ତ ପରସ୍ତ କରି
ବିପନ୍ନା ଶରୀରକୁ ସ୍ୱତଃ କଲା ଆବୃତ୍ତ ।
ହା...ହା....ହା.....ହା....
ରଣଚଣ୍ଡୀର ଏ ଅକାଟ୍ୟ ବଚନ ଯୁଦ୍ଧ ଅବଶ୍ୟମ୍ଭାବୀ ।
ପାମର ଦୁଃଶାସନର ରୁଧିରରେ
ଉନ୍ମୁକ୍ତକେଶ ପ୍ରକ୍ଷାଳନ କରିବେ ମା ପାଞ୍ଚାଳୀ
ମନେପଡ଼ିବ କର୍ଣ୍ଣର ଅଶ୍ଳୀଳ ବାକ୍ୟ
ତା' କପାଳରେ ଲେଖିବ 'ଅକାଳ ମୃତ୍ୟୁ'ର ଯୋଗ
ଦୁର୍ଯ୍ୟୋଧନର ଜାନୁଭଗ୍ନ
ଦ୍ରୌପଦୀଙ୍କ ଲୁଣ୍ଠିତ ସମ୍ମାନର ପ୍ରତିଶୋଧ ନେବ ।
ଚଳିତ ସମୟରୁ ଅନନ୍ତକାଳ ଯାଏଁ
ସଭିଙ୍କ ମାନସପଟରେ ଜୀବିତ ରହିବ
ଏଇ ବିଷାଦମୟ ଅଧ୍ୟାୟ ।
ଯାଜ୍ଞସେନୀଙ୍କ ମର୍ଯ୍ୟାଦା ସ୍ୱାଭିମାନର
ଧର୍ମଯୁଦ୍ଧ 'ମହାଭାରତ' ।

-୦-

ବ୍ରହ୍ମପୁର, ଗଂଜାମ



## ମୁଁ ନାରୀ

**ଗିରିଧାରୀ ବେହେରା**

ନାରୀ ବୋଲି ଯେଉଁ ଦୁଇଟି ଅକ୍ଷର
ସଂସାର ମଧ୍ୟରେ ସାର
ହସିଦେଲେ ଫୁଲ ରାଗିଲେ ଯେ ଦୁର୍ଗା
ସେ ଯେ ମମତାର ଧାର ।।
ଦୁର୍ଗାମୟୀ ସିଏ ଦୁର୍ଗତିନାଶିନୀ
ଅନ୍ୟାୟ ବିନାଶକାରିଣୀ
କେତେବଳେ ସିଏ ମଦର ଟେରେସା
କେତେବେଳେ ଝାନ୍ସୀ ରାଣୀ ।
କି କହିବି ଆଉ ନାରୀର ଗାରିମା
ଇତିହାସ ସାକ୍ଷୀ ଅଛି
ସତ୍ୟ ଧର୍ମ ପାଇଁ ଲଢେଇ କରି ସେ
ନିଜକୁ ବଳି ଦେଇଛି ।
ଶିଶୁ ପାଇଁ ସିଏ ସାଜେ ମାତୃଧାରା
ଶତ୍ରୁ ପାଇଁ ଝାନ୍ସୀରାଣୀ
ସ୍ୱାମୀ ପାଇଁ ପୁଣି ରମ୍ଭା ଓ ମେନକା
ଶାଶୁଘରେ ସେ ଘରଣୀ ।
ପାତାଳ ବକ୍ଷରୁ ମହାକାଶ ଯାଏ
ନାରୀ ଦେଖାଇଛି ପରାକାଷ୍ଠା
ବିଜ୍ଞାନ ଯୁଗର ଜ୍ଞାନ ଓ ଗାରିମା
ସିଏ ଏ ଧରିତ୍ରୀ ସ୍ରଷ୍ଟା ।
କେଉଁ ଗୁଣେ ସିଏ ନୁହେଁ ଏ ସୀମିତ
ସେତ ଅନେକର ଅଧିକାରିଣୀ
ଇତିହାସ ଠାରୁ ବର୍ତ୍ତମାନ ଯାଏ
ବାଜେ ତା ନାମେ ବାଜେଣି ।

-୦-

ବଡଆଙ୍କୋ, ବାଳକାଟି
ଆଳି, କେନ୍ଦ୍ରାପଡ଼ା, ପିନ୍ -୭୫୪୨୧୯
ମୋବାଇଲ୍ ନଂ- ୮୪୫୭୮୨୧୯୧୬



## ଲକ୍ଷ୍ମୀବାଈ

**ସୁରଞ୍ଜନ ପାତ୍ର**

ବିଦ୍ରୋହରେ ଅଗ୍ନି ସଂଯୋଗ
କରିପାରୁଥିବା ଦେବୀ
ବହ୍ନି କନ୍ୟା ରାଣୀ ଲକ୍ଷ୍ମୀବାଈ ।
ଯେଉଁଠି ଲକ୍ଷ୍ମୀବାଈ
ସେଇଠି ବୋଲେ ବାରହାତ ଖଡ୍ଗ
ସେଇଠି ମାଟି ଗାଏ କ୍ରାନ୍ତିର ସଙ୍ଗୀତ
ଲକ୍ଷ୍ମୀବାଈ ହିଁ ଗୋଟିଏ ଦେଶର
ମୁକ୍ତିର ସ୍ଥାପତ୍ୟ ।
ଏଇ ଲକ୍ଷ୍ମୀବାଈଙ୍କ ପାଇଁ
ଗୋଲାମୀ କରିପାରୁ ନଥିବା
ଏକ ସଶକ୍ତ ସକାଳ
ଯୁଦ୍ଧ ଭୂଇଁରେ ହୁଙ୍କାର ତୋଳେ
ନିଜ ଅଧିଗ୍ରହଣ ନକ୍ସା ପାଇଁ
ଲୁହ ଆଉ ଲହୁକୁ ଏକାକାର କରି
ଦୁନ୍ଦୁଭି ବଜାଏ ।
ଦେଶର ଅସ୍ତିତ୍ୱ ଲାଗି
ସେଦିନ ନଇଁ ପଡ଼ି ନଥିଲେ
ଏ ବୀରା ଲଳନା
ଜୀବନକୁ ଜାବୁଡ଼ି ଧରି ଶୋଇପଡ଼ି ନଥିଲେ
ରାଣୀହଂସପୁରେ
ଆଖିକୁ ଆମନ୍ତ୍ରି ନଥିଲେ
ସ୍ୱପ୍ନ ଭର୍ତ୍ତି ନିଦ
କେବଳ ଲକ୍ଷ୍ମୀବାଈ ହିଁ ଶୁଣିପାରୁ ଥିଲେ
ପାହାଡ଼ର ଦୁଃଖ, ସମୁଦ୍ରର କାନ୍ଦ
ଅସହ୍ୟ ଜନତାର ଛାତିର ବିଳାପ ।
ସାର୍ବଭୌମତ୍ୱର ଶବ୍ଦଟିଏ ପାଇଁ
କେତେ ଆଲୋଡ଼ନ, କେତେ ସମର୍ପଣ
କେତେ ଧୈର୍ଯ୍ୟ ସତେ ନଥିଲା ତାଙ୍କର
ସେ ଖାଲି ଝାନ୍ସୀର ନଥିଲେ ଗାରିମା
ପରନ୍ତୁ ସେ ଥିଲେ ଅଖଣ୍ଡ ଭାରତର
ସଂକଳ୍ପ ସ୍ୱାଧିକାରର ବିନମ୍ର ସକାଳ ।

-୦-

ସଂପାଦକ ନୀହାରକନ୍ୟା ସାହିତ୍ୟ ସଂସଦ
ନୂଆଗାଁ, ଶିଙ୍ଗାଖୁଣ୍ଟା,ସୋର, ବାଲେଶ୍ୱର - ୭୫୬୦୪୫
ମୋ - ୮୧୧୭୮୦୫୯୫୯



# ସ୍ୱୟଂସିଦ୍ଧା ତୁଳସୀ ମୁଣ୍ଡା

**ସରୋଜବାଳା ପଟ୍ଟନାୟକ**

ତୁଳସୀ ଅପାହେ ନିଜ ନାମ ଗୁଣେ
ମହକିଛ ତୁମେ ଜଗତସାରା,
ନାରୀଶକ୍ତିର ମିଶାଲ ହେ ତୁମେ
ଅନାଥ ଶିଶୁଙ୍କ ଜନନୀ ପରା !
କେନ୍ଦୁଝରର କଇସିଙ୍ଗା ମାଟି
ଧନ୍ୟ ହୋଇଲା କୋଳରେ ଧରି,
ଆଦିବାସୀର କନ୍ୟା ହେ ତୁମେ
ନିଜ ଇତିହାସ ସାକ୍ଷୀ ତୁମରି ।
ଜାତି ମଣିଷଙ୍କ ମଙ୍ଗଳ ତୁମେ
କଲ ପରା ଚୀରକୁମାରୀ ହୋଇ,
ଶୈଶବେ ତୁମେ ଯାଇନାହଁ କେବେ
ପାଠଶାଳାକୁ ହେ ପଢ଼ିବା ପାଇଁ ।
କୋମଳ ହାତରେ ଲୁହା କାଟିଅଛ
ଶିଶୁ ସମୟରୁ ଶ୍ରମିକ ହୋଇ,
ତଥାପି ତୁମର ପଢ଼ିବାର ଇଚ୍ଛା
ମଉଳି ନାହିଁ ତ ମଉଳି ନାହିଁ ।
ପରିଶ୍ରମ ଅନ୍ତେ ଶ୍ରମିକ କର୍ମୀ
ପଢୁଥିଲ ପାଠ ରାତିରେ ବସି,
ସେଇଠୁ ଆରମ୍ଭ ହୋଇଲା ତୁମର
ସେବା ଆରମ୍ଭ ହେ ଗରୀୟସୀ ।
ଗାନ୍ଧିବାବା ଆଉ ବିନୋବାଭାବେଙ୍କ
ଜୀବନ ଆଦର୍ଶକୁ ଆପଣାଇ,
ସେରେଣ୍ଡାରେ ପାଠଶାଳା ଗଢ଼ିଲ ହେ
ଗିରିଜନ ଶିଶୁ ପଢ଼ିବା ପାଇଁ ।
କୁସଂସ୍କାରକୁ ଚେତାଇ ଦେଲ ହେ
ଆଶୁ ଚିକିତ୍ସାର ଉଦ୍ୟମ କରି,
ଶିକ୍ଷା ସଂସ୍କାର ଦେଇ ଗଢ଼ିଦେଲ
କେତେ ଯେ ଗରିବ ଘରର ନାରୀ ।
ମାଆ ନ ହୋଇ ବି ମମତା ପରଷି
ଅମିୟ ହାତର ପରଶ ଦେଇ,
ଲକ୍ଷ ଶିଶୁଙ୍କ ଜନନୀ ସାଜିଲ
ଶ୍ରମିକ ମାତାଙ୍କୁ ସହାୟ ହୋଇ ।
ଗୀତା ଭାଗବତ କେତେ ପଢ଼ିଅଛ
ସେଥୁ ଜ୍ଞାନ ରସ ନିଗାଡ଼ି ଦେଇ,
ଜ୍ଞାନ ବାଣ୍ଟିଅଛ ଗାଁ ଗାଁ ଯାଇ
ସୁନାର ଭାରତ ଗଢ଼ିବା ପାଇଁ ।
ଅଶିକ୍ଷାରୁ କୁସଂସ୍କାର ଜାତ ହୁଏ
ବୋଲି, ସତରଟି ଇସ୍କୁଲ ଗଢ଼ି,
ଆଦିବାସୀ ପିଲେ ପାଠ ପଢ଼ିଗଲେ
ବଡ଼ବଡ଼ କାମେ ଆଗକୁ ବଢ଼ି ।
କୁସଂସ୍କାରକୁ ଦୂରେଇଦେଲ ହେ
ଶିକ୍ଷାର ତେଜ ମଶାଲ ଜାଳି,
ଭାଇଚାରା ବୀଜ ବୁଣିଦେଲ ପରା
ସଭାରେ ସଭିଙ୍କୁ ବୁଝାଇକରି ।
ତୁମ ମସ୍ତିଷ୍କ କେତେ ଉନ୍ନତ ଆହା
ଏବେ ଚାଲିଅଛି ଯୋ ନାରା ବାଜି,
କେଉଁ କାଳୁ ନାରୀ ସଶକ୍ତିକରଣେ
କାମ କରିଅଛ ମନକୁ ହେଜି ।
ପଦ୍ମଭୂଷଣ ବିଭୂଷିତା ଆହେ
ହୋଇ ରହିଥାଅ ତୁମେ ଶତାୟୁ,
ତୁମ ନାମ ଆଉ ଗୁଣର ମହକେ
ସାରା ଜଗତଟି ମହକୁ ଥାଉ ।
ସ୍ୱୟଂସିଦ୍ଧା ତୁମେ ନାରୀ ଅନନ୍ୟା ହେ
'ତୁଳସୀ' ରହିବ ସଦା ଅମର,
ଦେଶର ପ୍ରଗତି ରହୁ ତୁମ ମତି
ଘେନିବ ହେ ମୋର କୋଟି ଜୁହାର ।

-୦-

ଶିକ୍ଷୟିତ୍ରୀ, ଖଲ୍ଲିକୋଟ (ଗଞ୍ଜାମ )



# ନାରାୟଣୀ

ଜ୍ୟୋସ୍ନା ମହାନ୍ତି

ନମସ୍ତେ ମାତ ନାରାୟଣୀ
ଜଗତ ଜନନୀ ରୁଦ୍ରାଣୀ ।
ମହାବୈଷ୍ଣବୀ କାତ୍ୟାୟନୀ
ଭୈରବୀ ଗରବ ଗଞ୍ଜନୀ ॥
ଅଭୟା ଅମ୍ବିକା ତାରିଣୀ
ଭକ୍ତ ବତ୍ସଳା ଠାକୁରାଣୀ ।
ଯୋଗମାୟା ମା'ଭଗବତୀ
କଲ୍ୟାଣମୟୀ ସିଦ୍ଧିଦାତ୍ରୀ ॥
ଦୁର୍ଗତି ନାଶିନୀ ଶିବାନୀ
ମା ଦୁର୍ଗା ଅଭୟ ଦାୟିନୀ ।
ବିମଳା ସତ୍ୟ ସନାତନୀ
ବିରଜା ଶାନ୍ତି ପ୍ରଦାୟିନୀ ॥
ସଂସାର ଅଥଳ ଜଳରେ
ନିରାଶ୍ରୀତା ମୁଁ ଦୁଃଖେ ମରେ ।
ଭବଭୟରୁ କର ପାରି
ଆର୍ତ୍ତେ ଡାକୁଛି ଶାକମ୍ବରୀ ॥
ପରମ କଲ୍ୟାଣୀ ଈଶାନୀ
ବରଦା ହୃଦୟବାସିନୀ ।
ଜ୍ଞାନରୂପିଣୀ ବ୍ରହ୍ମମୟୀ
ସଂକଟ ହର ମହାମାୟୀ ॥
ମମତାମୟୀ ମା' ମୋର
ତୋ' ବିନା କିଏ ଅଛି ମୋର ।
ତୋ ପାଦ ସେବା କରୁଥିବି
ତୋ' ନାମ ସଦା ଭଜୁ ଥିବି ॥

-୦-

ଅଯୋଧ୍ୟା ନଗର, ପ୍ରଥମ ସରଣୀ,
ବ୍ରହ୍ମପୁର - ୭୬୦୦୧୦



# ନବୀନ ଓଡ଼ିଶା

(ରାଗ ଚୋଖି)

ମିତାଞ୍ଜଳୀ ମିଶ୍ର

ବିଶ୍ୱ ଦରବାରେ ଯା'ର ଉନ୍ନତ ରହିଛି ଶିର
ବିର୍ସାମୁଣ୍ଡା ଷ୍ଟାଡ଼ିୟମ୍ ହକି ଖେଳର
ପ୍ରତିଟି ବ୍ଲକେ ଇଣ୍ଡୋର ଷ୍ଟାଡ଼ିୟମ୍ ଯେ ତୟାର
କ୍ରୀଡ଼ା ପାଇଁ ଓଡ଼ିଶା ଯେ 'ହବ' କେନ୍ଦ୍ରର
ଧନ୍ୟ ହେବ ଯୁବ ଶକତି
ସରକାର ଆଣିଛନ୍ତି ମହାନ ନୀତି ॥୧॥
ଅନ୍ତୁଡ଼ିରୁ ଶମଶାନ କେତେ ଯେ ଯୋଜନା ମାନ
ବହୁ ଜନହିତ ଅର୍ଥେ ନିତ୍ୟ ସାଧନ
ମମତରୁ ହରିଶ୍ଚନ୍ଦ୍ର ମଧ୍ୟେ ନାନା ଶିକ୍ଷା କେନ୍ଦ୍ର
ଖାଦ୍ୟ ନିରାପତ୍ତା ସହ ଭତ୍ତା ବଣ୍ଟନ
ମଧୁବାବୁ ପେନସନ୍ ପା
କେତେ ଅଭାବୀ ଦୁଃଖିଙ୍କୁ ଦିଏ ଆଶରା ॥୨॥
କଲେ ଚାଷର ଉନ୍ନତି ଉନ୍ନତ ଆମ ପ୍ରଗତି
ଭଲ କରି ଏକଥା ସର୍କାର ଜାଣନ୍ତି
କାଳିଆ ଫସଲ ବୀମା ମାଗଣାରେ ଚାଷୀ ଜିମା
ବଦଳାଇ ଦେଇଛି ଚାଷୀଙ୍କ ନିୟତି
ବିହନ ଓ ଉପକରଣ
ସହଜ ସୁଲଭ ଆଜ ଦୂର କଷଣ ॥୩॥
ଇସ୍କୁଲ ରୂପାନ୍ତରିତ ପାଞ୍ଚ-ଟିର ଅନ୍ତର୍ଭୁକ୍ତ
ମିଶନ ଶକ୍ତିରେ ନାରୀ ଭାଗ୍ୟ ଉଦୟ
ବିନା ସୁଧେ ପାଞ୍ଚ ଲକ୍ଷ ଋଣ ମିଳଇ ପ୍ରତ୍ୟକ୍ଷ
ଆତ୍ମସହାୟିକା ଦଳ ଆଜି କୁଶଳ
ସତୁରୀ ଲକ୍ଷ ଯେ ମହିଳା
ଏହି ଯୋଜନାରେ ହେଲେ ଆତ୍ମ ସମ୍ବଳା ॥୪॥

-୦-

ସମାଜସେବୀ ତଥା ସଭାନେତ୍ରୀ
ବିଜେଡ଼ି ମହିଳା, ଖଲ୍ଲିକୋଟ ବ୍ଲକ୍



# ସମାଜରେ ନାରୀର ସ୍ଥାନ

ଏନ୍. ଯୋଗେଶ ଚନ୍ଦ୍ର ପ୍ରଧାନ

ନାରୀ ତୁମେ ନାରାୟଣୀ
ଆଦିଶକ୍ତି ଆଦି ମାତା
ମହୀୟସୀ ମହିଳା ଯେ ତୁମେ
ସୃଷ୍ଟିର ପ୍ରଣେତା ।
ନୁହଁ ତୁମେ ଅସୂର୍ଯ୍ୟଂପଶ୍ୟା
ଅବଗୁଣ୍ଠନାବତୀ
ଅବଳା ଦୁର୍ବଳା
ସ୍ୱାମୀ କ୍ରୀଡ଼ନକ କ୍ରୀଡାବର୍ତ୍ତୀ ବପୁ
ସମ୍ଭୋଗ ସାମଗ୍ରୀ ନୁହଁ
ତୁମେ ବିନୋଦିନୀ ବାଳା ।
ସମାଜେ ଭୂମିକା ତବ
ଜନନୀ ଭଗିନୀ ଜାୟା
ହୁଅଇ ପ୍ରତୀତ,
ସ୍ନେହାଶୀଳା ଜନନୀ ମମତାମୟୀ
ମାତୃଦେବୋଦବର ଉଦ୍ଘୋକ୍ତା ।
ଭଗିନୀ ରକ୍ଷାବନ୍ଧନ ପରମ୍ପରା
ପ୍ରେମ ଅନାବିଳ ମଧ୍ୟେ ସୁରକ୍ଷିତ ସୁଭଦ୍ରା
ଜଗା ବଳିଆର ।
ସଗୃହିଣୀ ଅର୍ଦ୍ଧାଙ୍ଗିନୀ
ଜୀବନର ଚଲାପଥେ
ସହଯାତ୍ରୀ ତୁମେ
ଜାୟା ରୂପେ ନିଭାଅ କର୍ତ୍ତବ୍ୟ,
ଅତ୍ରି ଅରୁନ୍ଧତୀ, ଗାର୍ଗୀ
ମୈତ୍ରେୟ ଭାରତୀ
ଲକ୍ଷ୍ମୀବାଇ, ଦୁର୍ଗାବତୀ, ଇନ୍ଦିରା
ଛାପ ତୁମେ ଅଙ୍ଗେ
ଦୁର୍ବାର ଦୁର୍ଜ୍ଜେୟ ସ୍ୱଭାବ
ତୁମ ବିନୁ ସମାଜ ନିର୍ଜୀବ, ନିଷ୍ପ୍ରାଣ
ମୃତବତ୍ ନାହିଁ ତା' ସ୍ପନ୍ଦନ
ଚାରିକାନ୍ଥ ମଧ୍ୟେ ବନ୍ଦୀ ହେଲ ତୁମେ
କାହାଠାରୁ ଶିଖିବ ମାନବ
ମମତା, ମଧୁରତା, ସହିଷ୍ଣୁତା
ଗୁଣବାନ ଭବ୍ୟ...
ଡିଣ୍ଡିମ ପିଟେ ଏ ଶାସନ ଏ ସଭ୍ୟ ସମାଜେ
ତୁମ ସ୍ୱାଧୀନତା ନାରୀ ଜାଗରଣ
ସଶକ୍ତିକରଣ ନାରୀର ସୁରକ୍ଷା
କିନ୍ତୁ ହାୟଃ...
ଦଳିତା, ଧର୍ଷିତା ନାରୀ
ନିର୍ଯ୍ୟାତିତା, ସ୍ୱାମୀ ପରିତ୍ୟକ୍ତା
ପୁଣି ହତ୍ୟା
ଯାହା କୋଳ ମଣ୍ଡନ କରେ
ଦୈନନ୍ଦିନ ପତ୍ର ଓ ପତ୍ରିକା
ସ୍ୱଷ୍ଟ ଦିବାଲୋକେ
ଲୁଟେରା ଲୁଟନ୍ତି ଚେନ୍
ବିବସିତା ନାରୀ
ବିକୃତ କରନ୍ତି ଢାଳି
ଏସିଡ୍ ତିକ୍ତତା
ସ୍ୱାର୍ଥବାଦୀ, ଅର୍ଥଲୋଭୀ
ଦେଖି ସଭ୍ୟ ସୁଶିକ୍ଷିତ ଜନେ
ନିରବନ୍ତି ଦ୍ରଷ୍ଟା ।
ଯାକୁ ନେଇ କେତେ ବାଦ ବିସମ୍ବାଦ
ପଡ଼େ ଉଠେ ରାଜ୍ୟ ସଭା
ଶାସକ ବିରୋଧୀ ଦଳେ
ଟଣା ଓଟରା ଛକାପଞ୍ଝା
ଭୁଲି ସଦସ୍ୟତା
ଦେଖାଇ ପତିଆରା ଶାସକେ
ବସାନ୍ତି କମିଶନ୍
ଆଇନ ଯେ ବାଟବଣା ଆଗୁ
ତଥାପି କହନ୍ତି ହସି
ଆଇନର ହାତ ବଡ଼ ଲମ୍ବା ।

-୦-

ଅବସରପ୍ରାପ୍ତ ଶିକ୍ଷକ
ବେଳପଡ଼ା, ହୁମ୍ମା, ଗଂଜାମ



# ପ୍ରଗତି ପଥର ନାରୀ

ତିଳକ ରାମ ନିଆଲ

ଭାରତ ବର୍ଷରେ ନାରୀମାତାଙ୍କର ପ୍ରଗତିର ପଥ ଦର୍ପଣ,
ଯୁଗେ ଯୁଗେ ଏହା ବର୍ଣ୍ଣନା କରିଛନ୍ତି ସନ୍ଥ ମୁନି ଋଷିଗଣ
ଏହା ତ, ଭାରତ ବର୍ଷର କାହାଣୀ,
ବେଦ ପୁରାଣେ ଇତିହାସରେ ଲିଖିତ ସ୍ୱର୍ଣ୍ଣିମା ମୁକୁଟ ମଣି ।୧।
ଭାରତବର୍ଷକୁ ଆକ୍ରମଣ କରି ଲୁଣ୍ଠନ କଲେ ଶତ୍ରୁଗଣ,
ଇଂରେଜ ଆସିଲା ବାଣିଜ୍ୟର ପାଇଁ ଭାରତକୁ କଲା ଶାସନ..
ଭାରତ, ମାତାର ହିଁ ସନ୍ତାନଗଣ,
ସ୍ୱାଧୀନତା ପାଇଁ କେତେ ନାରୀ ନେତ୍ରୀ ଦେଇଛନ୍ତି ତାଙ୍କ ଜୀବନ ।୨।
ମାତା ରାଣୀ ଲକ୍ଷ୍ମୀବାଈ ବୀର ଦର୍ପରେ ହସ୍ତରେ ଖଡ଼୍‌ଗ ଧରି,
ଇଂରେଜଙ୍କ ସଂଗେ ଘୋର ଯୁଦ୍ଧ କରିଣ ଯୁଦ୍ଧରେ ସେ ପ୍ରାଣ ହାରି,
ସେ ନେତ୍ରୀ, ବେଗମ ହର୍ଜତ ମହଲ,
ସୈନ୍ୟମାନଙ୍କର ନେତୃତ୍ୱ ନେଇଣ ଇଂରେଜଙ୍କ ସଂଗେ ଲଢ଼ିଲ ।୩।
ଭାରତମାତାର ସୁପୁତ୍ରୀ ସୁଶୀଳା ମାତା ସାବିତ୍ରୀ ବାଈ ଫୂଲେ,
ଶିକ୍ଷାର ପ୍ରଗତି ସେହିଁ ଆଣିଥିଲେ ସମସ୍ତଙ୍କ ପାଇଁ ଭଲେ,
ସେହି ତ, ଭାରତର ଶିକ୍ଷା ନେତ୍ରୀ ଯେ
ନାରୀମାନଙ୍କର ଶିକ୍ଷାର ଜନନୀ ନାରୀହିଁ ତାହାକୁ ଜାଣି ଯେ ।୪।
ଦେଶ ମାତୃକାର ଝଣ୍ଡାକୁ ଧରିଲେ ସେ ଅରୁଣା ଆସଫ ଅଲ୍ଲୀ,
ପଞ୍ଜାବର ଝିଅ ବୀରଦର୍ପରେ ଇଂରେଜମାନଙ୍କୁ ଦେଇ ଠେଲି,
ବୀରତ୍ୱ, ଧନ୍ୟ ଧନ୍ୟ ସେ ମହିୟସୀ,
ଉଷା ମେହେଟ୍ଟା ଆଜାଦ ହିନ୍ଦ୍ ନାରୀନେତ୍ରୀ ବ୍ୟକ୍ତି ଯେସନେ ଅସୀ ।୫।
ଆନିବେଶାନ୍ତ କଂଗ୍ରେସ ଗଢ଼ିଲେ ଦେଶ ସ୍ୱାଧୀନତା ପାଇଁ,
ମାଡାମ ଭିକାଜି କାମା ରାଷ୍ଟ୍ରବାଦୀ ମା' ଭାରତମାତାଙ୍କୁ ଧାୟୀ,
ଭାରତ, ସ୍ୱାଧୀନ ପାଇଁ ଆନ୍ଦୋଳନ,
କମଳା ନେହେରୁ ସରୋଜିନୀ ନାଇଡୁ କସ୍ତୁରବା ଗାନ୍ଧୀ ସ୍ୱନ ।୬।
ମାତା ଭୀମା ବାଈ ବୀର ତପସ୍ୱିନୀ ଦ୍ୱିତୀ ବୁଦ୍ଧଙ୍କୁ ଜନ୍ମ ଦେଇ,
ଭୀମ ରାଓ ଆମ୍ବେଦକରଙ୍କ ଜନନୀ ଧନ୍ୟ ମାତା ଭାରତ ମାୟୀ,
ଦେଲେ ସେ, ସୁଯୋଗ୍ୟ ସନ୍ତାନ ଆମକୁ,
ଭାରତର ସମ୍ବିଧାନ ଦେଲେ ସେ ଆଇନ କାନୁନ ବୁଝିବାକୁ ।୭।
ମଦର ଟେରେସା ଦୁଃଖୀରଙ୍କିମାନଙ୍କ ସେବା କରିଲେ ହରଷେ,
ଅନେକ ରୋଗୀଗଣ ନିରୀହ ଜୀବନ ବଞ୍ଚିଲେ ଭାରତବର୍ଷେ,
ଆମର, ସେହି ତ ସେବାର ଜନନୀ,
ନୋବେଲ ପୁରସ୍କାର ପାଇଲେ ସେ ମାତା ଭାରତ ହୋଇଲା ଧନୀ ।୮।
ବିଜୟାଲକ୍ଷ୍ମୀ ପଣ୍ଡିତ ନେତ୍ରୀ ଜବାହାରଲାଲଙ୍କର ଭଉଣୀ,
ମୋତିଲାଲଙ୍କର ସୁପୁତ୍ରୀ ସୁକନ୍ୟା ରାଜ୍ୟପାଳ ପଦରେ ଗଣି,
ସାହସୀ,ସରଳା ଗ୍ରେୱାଲ ହିଁ ମାତା,
ମଧ୍ୟ ପ୍ରଦେଶର ରାଜ୍ୟପାଳ ଥିଲେ ଜ୍ଞାନ ବୁଦ୍ଧିରେ ସେ ବନ୍ଦିତା ।୯।
ଫାତିମା ବିବି ତାମିଲନାଡୁ ରାଜ୍ୟର ରାଜ୍ୟପାଳ ସେହୁ ଥିଲେ,
ଅନେକ ମଙ୍ଗଳ କାମ କରିଗଲେ ଇତିହାସ ସେହି ରଚିଲେ,
ମାନିନୀ, ଜ୍ୟୋତି ଭେଙ୍କେଟା ଚଳମ,
କେରଳ ରାଜ୍ୟର ରାଜ୍ୟପାଳ ଥିଲେ ଦୁଃଖୀ ରଙ୍କିର ସେ ମଲମ ।୧୦।
ପଦ୍ମା ନାଇଡୁ ପଶ୍ଚିମ ବଙ୍ଗ ଗୁଜୁରାଟ ରାଜ୍ୟର ରାଜ୍ୟପାଳ,
ମାଆ ସରୋଜିନୀ ନାଇଡୁ ସଭାପତି ଜାତୀୟ କଂଗ୍ରେସ ଦଳ,
ସୁଦକ୍ଷ, ସେ ତ କବୟିତ୍ରୀ ଲେଖିକା,
ଭାରତମାତାର ପ୍ରଥମ ପୁତ୍ରୀ ସେ ସର୍ବଗୁଣେ ଜଗତଜିତା ।୧୧।
ଭାରତବର୍ଷେ ତୃତୀୟ ପ୍ରଧାନମନ୍ତ୍ରୀ ଇନ୍ଦିରା ପ୍ରିୟଦର୍ଶିନୀ,
ଭାରତବାସୀଙ୍କ ପାଇଁ କୃଷିର କ୍ଷେତ୍ରେ ବିପ୍ଳବ ଆଣିଲେ ଘେନି,
ବିଜ୍ଞାନୀ, ନୂତନ ଧାନ ଗହମର
ବୀଜକୁ ଆଣିଣ କୃଷି କରାଇଲେ ସେ ଧନୀ ଭାରତ ଦେଶର ।୧୨।
ବୈଷୟିକ କର୍ମ ଯନ୍ତ୍ର ତିଆରିଣ ଜଳ ସ୍ଥଳ ବନ ଆକାଶ,
ଗବେଷଣା କରି ଭାରତବର୍ଷକୁ ଧନ ଧନ୍ୟେ କରିଣ ତୋଷ,
ବୁଦ୍ଧିରେ, ସୈନ୍ୟ ସାମନ୍ତର ବଳରେ,
ବଙ୍ଗଳା ଦେଶର ସ୍ୱାଧୀନ ହୋଇଲା ତାଙ୍କର ହିଁ ବାହୁ ବଳରେ ।୧୩।
ଲୌହର ମାନବୀ ସେ ବୀରର ଜନନୀ ଜନତାଙ୍କ ହିତ ଜାଣି ,
ଦେଶବାସୀ ପାଇଁ ସବୁତ କରିଗଲେ ଭାରତ ମଉଡମଣୀ,
ଇନ୍ଦିରା, ସେ ମାତା ଦୁର୍ଗା ଅବତରୀ
ଦେଶ ବିଦେଶରେ ତାଙ୍କ ନାମ ଶୁଣି ଯଶ ବାନା ଉଡ଼େ ଆମରି ।୧୪।
ବୈଷୟିକ ଜ୍ଞାନ କୌଶଳର ଯୁଗ ଉଦୟ ହୋଇଲା ଏପରି,
ଇନ୍ଦିରା ଗାନ୍ଧୀଙ୍କ ବୁଦ୍ଧି ବଳରେ ପ୍ରଗତିର ଦାତ୍ରୀ ହୋଇ କରି,
ତୀକ୍ଷ୍ଣ, ତାଙ୍କରି ଜ୍ଞାନର ବଳରେ,
ଭାରତମାତାର ପ୍ରଗତି ହୋଇଲା ବିଶ୍ୱ ଦରବାରେ ଗାଇଲେ ।୧୫।

ଶିକ୍ଷା ଦୀକ୍ଷା ଜ୍ଞାନ ବିଜ୍ଞାନ ମାନ ଆଗକୁ ଆଗକୁ ଆସିଲା,
ଗରିବ ଲୋକଙ୍କୁ ଜମିବାଡ଼ି ଦେଇ ଆବାସିକ ଘର ମିଳିଲା,
ଆଇନ, ବୃଦ୍ଧ ବୃଦ୍ଧାର ପେନସନ
ଭାରତ ବର୍ଷରେ ଆରମ୍ଭ ହୋଇଲା ଶ୍ରମିକ ପାଇଲେ ସମ୍ମାନ ।୧୬।
ପ୍ରଶାସନ ଭାର ହସ୍ତରେ ଧରିଣ ଭାରତ ସଂସ୍କାର କରିଲେ,
ଧନୀ ଗରିବଙ୍କୁ ସମାନତା ଭାବ ତାଙ୍କରି ଶାସନ କାଳରେ,
ପ୍ରଗତି, ଦେଖି କରି ବିଦେଶୀ ଶତ୍ରୁ
ଆତଙ୍କବାଦୀର ଗୁଳିରେ ଶହୀଦ ଜନ ମାନସର ହିଁ ମୃତ୍ୟୁ ।୧୭।
ଆନନ୍ଦବେନ ପଟେଲ ମୁଖ୍ୟମନ୍ତ୍ରୀ ଥିଲେ ଗୁଜୁରାଟ ରାଜ୍ୟର,
କିଛି ବର୍ଷ ପରେ ଉତ୍ତର ପ୍ରଦେଶର ହୋଇଲେ ସେ ଗଭର୍ଣ୍ଣର,
ପ୍ରଥମ, ବାଚସ୍ପତି ମୀରା କୁମାର
ଜଗତ ଜୀବନ ରାମଙ୍କର ଝିଅ ହେଲେ ସେହୁ ଲୋକସଭାର ।୧୮।
ସେ ଶାରଦା ମୁଖାର୍ଜୀ ଆନ୍ଧ୍ର ପ୍ରଦେଶର ରାଜ୍ୟପାଳ ହୋଇଥିଲେ,
ସୁଚିତା କୃପାଲିନି ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ରହିଲେ,
ଭୈକାମ, ନାରାୟଣୀ ଜାନକୀ ମାତା
ତାମିଲନାଡୁର ମୁଖ୍ୟମନ୍ତ୍ରୀ ହୋଇଲେ ନାରୀଙ୍କର ମୁକ୍ତି ଚିନ୍ତା ।୧୯।
ନନ୍ଦିନୀ ଶତପଥୀ କଂଗ୍ରସ ଦଳରୁ ମୁଖ୍ୟମନ୍ତ୍ରୀ ଓଡ଼ିଶାର,
ଚାକିରିଆଙ୍କ ପାଇଁ ଜୀବନବୀମା କରିଦେଲେ ସେ ପାଇବାର,
ତାଙ୍କଠୁ, ଓଡିଶା ସମୃଦ୍ଧି ହୋଇଲା
ଓଡିଶା ରାଜ୍ୟର ନୂତନ ସୂର୍ଯ୍ୟ ପୂର୍ବ ଦିଗେ ଉଦିତ ହୋଇଲା ।୨୦।
ଜୟ ଲଳିତା ଆମ୍ମା ମୁଖ୍ୟମନ୍ତ୍ରୀ ହେଲେ ତାମିଲନାଡୁ ରାଜ୍ୟର,
ଏକ ଟଙ୍କାରେ ଭୋଜନ ଖାଇଲେ ଗରିବ ଲୋକ ତାଙ୍କ ରାଜ୍ୟର,
ଆମ୍ମା ସେ, ଧନ୍ୟ ତାଙ୍କ ବିକାଶ ବୁଦ୍ଧି
ସମ୍ବିଧାନ ମାନି ଖାଇବା ପିଇବା ବସ୍ତ୍ର ପିନ୍ଧିବ ସମୃଦ୍ଧି ।୨୧।
ମୁଖ୍ୟମନ୍ତ୍ରୀ ଭାବେ ଜନହିତକର ଅନେକ କାମ ସେ କରିଲେ,
ଜନତାଙ୍କର ସେ ପ୍ରିୟ ଆମ୍ମା ରୂପେ ତାଙ୍କରି ରାଜ୍ୟରେ ପୂଜିଲେ,
ସୁନ୍ଦର, ତାଙ୍କର ଶାସନ ହୋଇଲା
ରାଜ୍ୟର ସମୃଦ୍ଧି ବଢ଼ି ବଢ଼ି କରି ଅଗ୍ରଦେଶରେ ପହଁଚିଲା ।୨୨।
ମାୟାବତୀ ମାତା ପରିଶ୍ରମ କରି ସଂଗଠନ ସେହୁ କରିଲେ,
ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ହେଲେ ଧନ୍ୟ ତାଙ୍କ ବୁଦ୍ଧି ବଳେ..
ସେ ନେତ୍ରୀ , ଗରିବଙ୍କର ତ୍ରାଣ କର୍ତ୍ତ୍ରୀ
ବହୁଜନଙ୍କର ଉନ୍ନତି କରିଲେ ସୁଖରେ ଜୀବନ ତ ବିତି ।୨୩।
ଉତ୍ତର ପ୍ରଦେଶର ସମାଜ ସଂସ୍କାର କରିଲେ ମାୟା ଭଉଣୀ,
ଭାରତ ବର୍ଷର ବଡ଼ ରାଜ୍ୟ ଭାଇ ଲୋକ ସଂଖ୍ୟାରେ ବେଶୀ ଜାଣି,
ସେ ନେତ୍ରୀ, ବୁଦ୍ଧି ବିବେକରେ ନିପୁଣ
ମୁଖ୍ୟମନ୍ତ୍ରୀ ଭାବେ ଶ୍ରେଷ୍ଠ ହୋଇଥିଲେ ଭାରତବର୍ଷରେ ମହାନ ।୨୪।
ରାଜସ୍ଥାନର ମୁଖ୍ୟମନ୍ତ୍ରୀ ହୋଇଥିଲେ ବିଜୟା ରାଜେ ସିନ୍ଧିୟା,
ରାବ୍ରୀ ଦେବୀ ମାତା ମୁଖ୍ୟମନ୍ତ୍ରୀ ହେଲେ ବିହାର ରାଜ୍ୟର ଧ୍ୱଜୀୟା,
କୁଶଳୀ, ସେ ମମତା ବାନାର୍ଜୀ ଦିଦି
ପଶ୍ଚିମ ବଙ୍ଗର ସେ ମୁଖ୍ୟମନ୍ତ୍ରୀ ସେହୁ ବୁଦ୍ଧି ବିବେକରେ ଋଦ୍ଧି ।୨୫।
ଉମାଭାରତୀ ସ୍ୱାଧୀ ସୁଲକ୍ଷଣୀ ଗେରୁଆ ବସ୍ତ୍ର ଦେହେ ପିନ୍ଧିଣ,
ମଧ୍ୟ ପ୍ରଦେଶର ମୁଖ୍ୟମନ୍ତ୍ରୀ ହୋଇଲେ ଭାରତ ରାଜ୍ୟର ଜାଣ,
ବୈଷ୍ଣବୀ, ଗୁଣ କର୍ମ ଯୋଗୁଁ ତାଙ୍କର
ଭାରତ ସରକାରଙ୍କର ମନ୍ତ୍ରୀ ହୋଇଥିଲେ ସେ ଅନେକ ବାର ।୨୬।
ଶିଳା ଦୀକ୍ଷିତ ମୁଖ୍ୟମନ୍ତ୍ରୀ ହୋଇଲେ ଦିଲ୍ଲୀ ରାଜଧାନୀ ରାଜ୍ୟର,
ସୁଶୀଳା ଶିକ୍ଷିତା ବୁଦ୍ଧିମତି ଥିଲେ ଶାନ୍ତିରେ ଶାସନ ତାଙ୍କର,
ବଳିଷ୍ଠ, ନାରୀ ହିଁ ପ୍ରଗତି ପଥରେ
ଦେଶର ସମୃଦ୍ଧି ସେହୁ କରିଛନ୍ତି ରହି ଇତିହାସ ପୃଷ୍ଠାରେ ।୨୭।
ଲୋକସଭା ବାଚସ୍ପତି ହୋଇଥିଲେ ସୁମିତ୍ରା ମହାଜନ ଜାଣ,
ସର୍ବ ଶାସକ ବିରୋଧୀ ଦଳକୁ ମିଷ୍ଟ ଭାଷଣେ କହି ବଚନ,
ସକଳ, ସନ୍ତୁଷ୍ଟ ହୋଇଣ ଖୁସିର
ଯଶଗାନ ତାଙ୍କ ସକଳେ କରନ୍ତି ଧନ୍ୟ ସେ ନାରୀ ନେତ୍ରୀର ।୨୮।
ନାରୀହିଁ ଲକ୍ଷ୍ମୀ ପାର୍ବତୀ ସରସ୍ୱତୀ ନାରୀହିଁ ଘରର ଭୂଷଣ,
ଭାରତ ସରକାରଙ୍କର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ,
ପୂର୍ବରୁ, ସାମରିକ ମନ୍ତ୍ରୀ ସେ ଥିଲେ
ଅନେକ ମୁଖ୍ୟମନ୍ତ୍ରୀ ଅନେକ ଜର୍ଜ ଅନେକ ବୈଜ୍ଞାନିକ ଥିଲେ ।୨୯।
ସୋନିଆ ଗାନ୍ଧୀ କଂଗ୍ରେସର ସଭାପତି ବହୁ ବର୍ଷ ରହିଥିଲେ,
ଭାରତ ବର୍ଷକୁ ସୁଶାସନ ଦେଲେ ତାଙ୍କରି ଜ୍ଞାନ ବୁଦ୍ଧି ବଳେ,
ନେତୃତ୍ୱ, ରଚି ଇତିହାସ ପୃଷ୍ଠାରେ
ଭାରତର ଶାସନ ତାଙ୍କ ହସ୍ତେ ଥିଲା ନାରୀନେତ୍ରୀ ବଳିଷ୍ଠରେ ।୩୦।
ନିର୍ମଳା ବାନାର୍ଜୀ ଗୀତ ସେନ ରତ୍ନ ସୁଦର୍ଶନ ନାରୀ ରତନ,
ପଦ୍ମିନୀ ସ୍ୱାମୀନାଥନ ଅର୍ଥଶାସ୍ତ୍ରୀ ଭାରତବର୍ଷର ମହାନ,
ସମ୍ମାନ, ଦେଶ ବିଦେଶରୁ ସେ ଆଣି
ଭାରତ ଭୂମିର ଯଶ ବଢ଼ାଇଲେ ପ୍ରଗତି ପଥରେ ସେହୁ ଅଗ୍ରଣୀ ।୩୧।
ଲତା ମଙ୍ଗେସକର ଆଶା ଭୋସଲେ ଭାରତମାତାଙ୍କର ପ୍ରିୟ ପୁତ୍ରୀ,
କୋକିଳ କଣ୍ଠରେ ସଂଗୀତ ଗାଇ ପୃଥିବୀ ସାରା ଖୁସିରେ ମାତି,
ସଂଗୀତ, ଧନ୍ୟ ସେ ଭାରତ ମାତାର
ପ୍ରଗତି ପଥରେ ଆଗେଇ ନେଲେ ଭାରତ ମାତାର ସ୍ୱପ୍ନ ସୁର ।୩୨।
ଖେଳ କୁଦରେ ନାରୀମାନେ ଆମର ବିଶ୍ୱ ଦରବାରେ ବୀଜିତା,
କଳାକାର ଭାବରେ ଅଗ୍ରଣୀ ଅଛନ୍ତି ବିଶ୍ୱରେ ଜଗତଜିତା,
ଭାରତେ, ପ୍ରଗତିର ପଥେ ସେମାନେ
ଅକୁଣ୍ଠ ଚିତ୍ତରେ ଦେଶ ସେବା କରି ସମୃଦ୍ଧି ଆଣନ୍ତି ସୁଜନେ ।୩୩।

ମହାମହିମ ପ୍ରତିଭା ପଟେଲ ନାରୀ ରାଷ୍ଟ୍ରପତି ଭାରତର,
ସୁଶାସନ ଭାର ଦେଶକୁ ଦେଲେ ସମ୍ବିଧାନ ରଖି ହସ୍ତ ମୁଖର,
ସୁଯୋଗ୍ୟ, ଧନ୍ୟ ଧନ୍ୟ ସେ ନାରୀ ନେତ୍ରୀ
ଭାରତ ମାତାର ଅମ୍ଳାନ ମହିୟସୀ ଧନ୍ୟ ସେହୁ ବୁଦ୍ଧିମତୀ ।୩୪।
ମହା ମହିମ ଦ୍ରୌପଦୀ ମୁର୍ମୁ ପ୍ରଥମ ଭାରତର ରାଷ୍ଟ୍ରପତି,
ଭାରତର ପ୍ରଥମ ନାଗରିକ ରାଷ୍ଟ୍ରମୁଖ୍ୟା ସେହୁ ଜନଜାତି,
ଅମ୍ଳାନ, ଭାରତ ମାତାର ଭୂଷଣ
ପ୍ରଥମ ନାରୀ ସେ ଓଡିଶା ପ୍ରଦେଶର ରଚି ଇତିହାସ ଜାଣ ।୩୫।
ଭାରତବର୍ଷର ଅନେକ ନାରୀ ସ୍ୱାଧୀନ ସଂଗ୍ରାମେ ଝାସ ଦେଇ,
ଭାରତୀୟ ପ୍ରଶାସନିକ ସାମରିକ ବୈଜ୍ଞାନିକେ ଯୋଗ ଦେଇ,
ଭାରତ, ଅର୍ଥନୈତିକରେ ପ୍ରଗତି
ଭାରତର ନାରୀ ସର୍ବାଗ୍ରେ ରହିଛି ଦେଶ ଗଢିବାରେ ମାତି ।୩୬।
କବୟିତ୍ରୀ ଲେଖିକା ସମାଜ ସେବି ସଂଗୀତକାର କଳାକାର,
ଫିଲିମ ଦୁନିଆରେ ଶ୍ରେଷ୍ଠ ଭୂମିକା ଅତୀବ ଉଜ୍ଜଳ ନାରୀର,
ଭଉଣୀ, କେବେ ଜାୟା ମାଆ ରୂପରେ
ଦେଶର ପ୍ରଗତି ବଢ଼ାଇଣ ନିତି ନନ୍ଦିଘୋଷ ରଥ ପ୍ରଖରେ ।୩୭।
କଳ କାରଖାନେ ଅଫିସରେ ସବୁ କେତେ ଅଧିକାରୀ ଅଛନ୍ତି,
ଭାରତର ସବୁ ବିଭାଗେ ନାରୀମାନେ ନିଷ୍ଠାରେ କାମ କରନ୍ତି,
ଭାରତ, ମାଆର ମମତା ରହିଛି
ଭାରତବର୍ଷକୁ ଆଗକୁ ନେବାପାଇଁ କଠିନ କର୍ମ କରନ୍ତି ।୩୮।
ଭାରତବର୍ଷରେ ଗ୍ରାମ୍ୟ ଜୀବନ କୃଷି ଜୀବିକା ଅଧିକ କରି,
ଅଧିକ ଲୋକ ଗ୍ରାମରେ ରୁହନ୍ତି କୃଷି କର୍ମ ନାରୀମାନେ କରି,
ଏହାତ, ବଞ୍ଚିବାର ପ୍ରଥମ ନୀତି
ଜାତି ଜନଜାତି ପଛୁଆ ବର୍ଗର ନାରୀମାନେ କାମ କରନ୍ତି ।୩୯।
ଦେଶର ପ୍ରଗତି ଆମର ଏ ନୀତି ନାରୀମାନଙ୍କର ଦୃଢ଼ତା,
ପ୍ରତିଜ୍ଞା ବଳରେ ଦେଶର ସେବାକରି ଅର୍ଥ ନୀତିରେ ବିଜେତା,
ସୁଜନେ, ନାରୀତ ସବୁରି ମାଆ
ନାରୀ ବିନା ଦେଶ ବିକଶିତ ନୁହଁଇ ସଂସାରର ଏତ ରାହା ।୪୦।
ପ୍ରଗତିର ଖାଦ୍ୟ ପ୍ରଗତିର ପେୟ ପ୍ରଗତିର ବେଶ ଭୂଷଣ,
ପ୍ରଗତିହିଁ ଦେଶ ବାସୀଙ୍କୁ ଆଣଇ ସୁଶାସନ ଭାଇ ହେ ଜାଣ,
ଦେଶରେ, ନାରୀହିଁ ପ୍ରଗତି ଆଣଇ
ପ୍ରଗତିର ଜନନୀ ନାରୀହିଁ ଅଟଇ ନାରୀହିଁ ଅଟଇ ଭାଇ ।୪୧।

-୦-

ଆଡ଼ଭୋକେଟ
ଭବାନୀପାଟଣା. ୯୪୩୭୨୩୫୮୪୧

# ସିନ୍ଦୂର

**ରଞ୍ଜିତା ଦାଶ**



ନାଲି ରଙ୍ଗେ ପରା ତୁ ବିମଣ୍ଡିତ
ଜନମଠୁ ମରଣ ତୋ ଚାରିଧାମ
ନାରୀକୁ ନାରୀତ୍ୱ ପରିଚୟ ହେଉ
'ସିନ୍ଦୂର' ପରା ତୋହରି ନାମ ।୧।

ଟୋପାଏ ଛିଟାର କେତେ ଯେ ମହତ
ଟାଣିଦିଏ ନାରୀର ଲକ୍ଷ୍ମଣ ଗାର
ସିନ୍ଦୂର ବିନା ପୁଣି ଏ ସାରା ଜଗତେ
ନାହିଁ ତା'ର ଠିକଣା କି ଠିକାଦାର ।୨।

ପଥରରେ ଲାଗି ଦେବୀ ରୂପେ ପୂଜେ
ମରଣ ବେଳେ ଅବିର
ଏତେ ମନଲୋଭା ତୋ'ର ସେଇରଙ୍ଗ
ନାରୀକୁ କରେ ଅପୂର୍ବ ଶୃଙ୍ଗାର ।୩।

ଟୋପେ ସିନ୍ଦୂର ଭରିଲେ ମଥାରେ
ଜନ୍ମ ଜନ୍ମ ପାଇଁ କିଏ ସାଜେ ନିଜର
କଳା ଗୋରାର ତ ଭେଦଭାବ ନାହିଁ
ସମ୍ପୂର୍ଣ୍ଣତା ଆଣେ ନାରୀର ଟୋପେ ସିନ୍ଦୂର ।୪।

କାହା ମଥାରେ ସାଜୁ କାହାକୁ ସଜାଉ
ତୋ ପରିଧାନେ ଏକ ନାମ ଦେଇ ଯାଉ
ସ୍ନେହ, ପ୍ରେମ, ସମ୍ପର୍କର ବନ୍ଧା ତୋ ଡୋର
ତୋ ପାଇଁ ଆଶିଷ ମିଳେ 'ସୌଭାଗ୍ୟବତୀ ଭବଃ' ।୫।

-୦-

ଶିକ୍ଷୟିତ୍ରୀ, କୁକୁଡ଼ାଖଣ୍ଡି ବ୍ଲକ୍, ଗଂଜାମ



# ନାରୀ

**ପ୍ରଶାନ୍ତମୟୀ ରଥ**

ନାରୀ ନୁହେଁ ତୁମେ ନାରାୟଣୀ
ତୁମେ ସୃଷ୍ଟି ସ୍ଥିତି ପୁଣି ବିନାଶିନୀ ।
ତୁମେ ପ୍ରୀତି ଫଲ୍‌ଗୁର ପ୍ଲାବନୀ
ତୁମେ ପ୍ରେମର ପବିତ୍ର ମନ୍ଦାକିନୀ ।
ତୁମେ ଅହଲ୍ୟା, ଦ୍ରୌପଦୀ, ସତୀ ସୀତା
ତୁମେ କୁନ୍ତୀ, ମନ୍ଦୋଦରୀ, ଜଗନ୍ମାତା ।
ଘନ ଅନ୍ଧକାରେ ତୁମେ ଆଲୋକିତା
ଚିର ସନ୍ତାପିତ ତୁମେ ସମର୍ପିତା ।
ତୁମ ମଧୁର କଣ୍ଠ କେବେ କଠୋର
ତୁମ ହୃଦ ତନ୍ତ୍ରରୁ ତୋଳି ଝଙ୍କାର ।
ବଜ୍ର ବାଣୀ କରିଦିଅ କୋମଳ
ହୃଦେ ପ୍ରସ୍ଫୁଟିତ ପ୍ରୀତି ଶତଦଳ ।
କଷଣ ପଥେ ତୁମେ ଧୈର୍ଯ୍ୟଶୀଳା
ପାଷାଣ ତାପେ ତୁମେ ସୁଶୀତଳା ।
ବିଦ୍ୟାବୁଦ୍ଧି ପ୍ରଦାୟିନୀ ମା' ବରଦା
ଶକ୍ତି ଦାୟିନୀ ତୁମେଗୋ ମାତା ଦୁର୍ଗା ।
ସେବା ମମତାର ତୁମେ ମା' ଟେରସା
ରୂପ ଲାବଣ୍ୟର ତୁମେ ମୋନାଲିସା ।
ତୁମେ ଦେବକୀ, ଯଶୋଦା, କୌଶଲ୍ୟା
ତୁମେ ଗାର୍ଗି, ମୈତ୍ରୀ, ଅପାଲା ।
ତୁମେ ଚିର ବନ୍ଦନୀୟା ବନ୍ଦିତା
ତୁମେ ଅଭିନନ୍ଦନୀୟା ପୂଜିତା ।
ତୁମେ ଜୀବନ ଯୁଦ୍ଧରେ ଲକ୍ଷ୍ମୀବାଈ
ତୁମେ ରାଧା, ମୀରା ସମ ଭକ୍ତିମୟୀ ।
ଧ୍ୱଜା ଉଡ଼ାଉଥାଅ ହେ କୀର୍ତ୍ତିମୟୀ
ତୁମେ ସୃଷ୍ଟିର ଶ୍ରେଷ୍ଠ କୀର୍ତ୍ତି ହୋଇ ।

-୦-

ଶିକ୍ଷୟିତ୍ରୀ, ଖଲ୍ଲିକୋଟ



# ସୃଷ୍ଟିରେ ନାରୀ

**ଡକ୍ଟର ଦ୍ୱାରିକାନାଥ ମହାରଣା**

ସୃଷ୍ଟିରେ ନାରୀ ଚିର ସୁନ୍ଦର
ସ୍ରଷ୍ଟା ହାତର ରୂପ
କୋଟି ଲାବଣ୍ୟ କଳା ସୁଚାତୁରୀ
କାଳେ କାଳେ ମହାତପ ॥
ଏକ ପକ୍ଷେ ନର ଆନ ପକ୍ଷେ ନାରୀ
ମୁଦ୍ରାର ବେନି ପାର୍ଶ୍ୱ
ସଂସାରେ ସାର ଦିବ୍ୟ ଉପହାର
ସୁଖସଂପଦ ହର୍ଷ ॥
ସ୍ନେହ ମମତାର ଜୀବନ୍ତ ମୂରତି
ଜନନୀ ରୂପେ ସଂଭୂତା
ଭଗିନୀ ଭାବରେ ମଙ୍ଗଳ ମନାସେ
ଗୃହେ ଗୃହେ ବିରାଜିତା ॥
ପତିବ୍ରତା ନାରୀ ପତି ଲାଗି ଶିରୀ
ପ୍ରେମ ପ୍ରଣୟରେ ଜାୟା
ଜଗତ କଲ୍ୟାଣେ ଜୀବନ ଅର୍ପିତ
ମହାନନ୍ଦେ ଯୋଗମାୟା ॥
ଦୁହିତା ଜନମ ବିଶ୍ୱ ହିତରେ
ଦୁଇ କୁଳରକ୍ଷା କାମେ
ପ୍ରଗତି ପଥରେ ଅବଦାନ ବେଶି
ସୁଶିକ୍ଷିତା ଧରାଧାମେ ॥
ପରିବାରଠାରୁ ଦୁନିଆ ବିକାଶେ
ନାରୀ ଆତ୍ମ ବଳିଦାନ
ମହିୟସୀ ନାରୀ ଯୁଗେ ଯୁଗେ ସ୍ମରି
ସମାଜର ବରଦାନ ॥
ସତୀ ସୀତା ଠାରୁ କୁନ୍ତୀ ଦ୍ରଉପଦୀ
ଗାନ୍ଧାରୀ ଅହଲ୍ୟା ଯେତେ
ନୀତି ଆଦର୍ଶର ପ୍ରକୃଷ୍ଟ ନମୁନା
କାଳବକ୍ଷେ ଆଚମ୍ବିତେ ॥
ନାରୀ ହୃଦେ ଯେବେ ଦୁଃଖ ଦରଦ
ଅସମ୍ମାନ ଅପମାନ
ନାରୀ ନାରାୟଣୀ ସୃଷ୍ଟି ସଂହାରିଣୀ
କ୍ଷତିଘଟେ ଅକଳନ ॥

-୦-

ନିର୍ମଳଝର, ଖଲ୍ଲିକୋଟ, ଗଂଜାମ
ମୋ: ନଂ ୯୬୬୮୩୦୦୬୨୫

## ॥ ଆନ୍ତରିକ ଶୁଭେଚ୍ଛା ॥







**ମମତା ପାଢ଼ି**

**ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ**

**ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଗୁରାଣ୍ଡି, ଗଜପତି, ଓଡ଼ିଶା-୭୬୧୨୧୦**

**ମୋ: ୯୪୩୯୪୧୮୦୯୧**

*ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟର ସାମାଜିକ ଅନୁଷ୍ଠାନ 'ଡକ୍ଟର ଏ.ପି.ଜେ. ଅବଦୁଲ କଲାମ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ' ବର୍ଷତମାମ୍ ବହୁ ଜନହିତକର କାର୍ଯ୍ୟ ଯଥା ରକ୍ତଦାନ ଶିବିର, ଚକ୍ଷୁଦାନ ଶିବିର, ଅଙ୍ଗଦାନ ସଚେତନତା ଶିବିର, ଚକ୍ଷୁ ପରୀକ୍ଷା ଶିବିର, ଦନ୍ତ ଚିକିତ୍ସା ଶିବିର, ଗରିବଙ୍କୁ କମ୍ବଳ ବଣ୍ଟନ, ବୃଦ୍ଧାଶ୍ରମରେ ଚଦର ବଣ୍ଟନ, ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ଉଦ୍ଦେଶ୍ୟରେ ଅମର ସହିଦ ସ୍ମୃତିସଭା, ବିଶିଷ୍ଟ ଚିନ୍ତାନାୟକଙ୍କ ବିୟୋଗରେ ଶୋକସଭା ପରି ବିବିଧ କାର୍ଯ୍ୟକ୍ରମମାନ ଆୟୋଜନ କରି ଆସୁଅଛି । ଟ୍ରଷ୍ଟ୍ ତରଫରୁ ନିୟମିତ ସାମାଜିକ, ସାଂସ୍କୃତିକ, ସଂସ୍କାରମୂଳକ, ସଚେତନତାଧର୍ମୀ କାର୍ଯ୍ୟକ୍ରମ ବର୍ଷସାରା ଉଜ୍ଜୀବିତ ରହିବା ଯେତିକି ଉତ୍ସାହପ୍ରଦ ସେତିକି ପ୍ରେରଣା ଦାୟକ ।*

*ଡକ୍ଟର ଏ.ପି.ଜେ. ଅବଦୁଲ କଲାମ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟର ଏପରି ମହତ୍ କାର୍ଯ୍ୟ ପାଇଁ ମୁଁ ଟ୍ରଷ୍ଟର ଅଧ୍ୟକ୍ଷ, ସଂପାଦକ ତଥା ସମସ୍ତ ସଦସ୍ୟଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।*

‘ଡକ୍ଟର ଏ.ପି.ଜେ. ଅବଦୁଲ କଲାମ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ’ ଖଲ୍ଲିକୋଟ, ଗଂଜାମର ବାର୍ଷିକ ଉତ୍ସବ ଅବସରରେ ସମସ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।



*ଆନ୍ତରିକ ଶୁଭେଚ୍ଛା ସହ :*

**ଶ୍ରୀଯୁକ୍ତ ଅଜୟ କୁମାର ଜେନା**

**ଓ**

**ଶ୍ରୀମତୀ ଦୀପା ଜେନା**

ଖଲ୍ଲିକୋଟ, ଗଂଜାମ, ଓଡ଼ିଶା

ମୋ: ୭୯୭୮୨୨୯୯୫୯, ୯୮୬୧୭୯୭୪୯୧

# ॥ ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ॥



## ୰ ଗୋବିନ୍ଦ ପଣ୍ଡା

**ସମାଜ ସଂସ୍କାରକ, ସମାଜସେବୀ ତଥା ସ୍ୱାଧୀନତା ସଂଗ୍ରାମୀ**

**ତିରୋଧାନ: ଜ୍ୟେଷ୍ଠ ମାସ କୃଷ୍ଣ ଷଷ୍ଠି ୧୯୯୪**

## ପଣ୍ଡା ପରିବାର

ରମ୍ଭା, ଗଂଜାମ

## SCHEDULE FORM OF DECLARATION
## (Rule- iii)

| | | | |
|---|---|---|---|
| 1. | Place of Publication | : | Khallikote, Ganjam, Odisha |
| 2. | Periodicity of its Publication | : | Annual |
| 3. | Publisher's Name | : | Sri Purna Chandra Behera<br>Chairman<br>Dr. A.P.J. Abdul Kalam Charitable Trust<br>Regd. No. 662201234 / 06.05.2022 |
| 4 | Editorial Board | : | Dr. Prakash Ch. Panigrahy<br>Sri Panchanana Sura<br>Sri Panchanan Khatua<br>Smt. Sushama Padhy<br>Smt. Jyotshanarani Pradhan<br>Smt. Sarojbala Patnaik<br>Sri Prabhat Kumar Mishra<br>Smt. Bidyut Prabha Dash<br>Dr. Dwarikanath Maharana<br>Smt. Deepika Dash<br>Sushree Prasantmayee Ratha |
| 5. | Printer's Name | : | Lokanath Printers |
| 6. | Place of Printing | : | Telephone Bhawan Main Road,<br>Berhampur, Ganjam |
| 7. | Name and address of individual who owns the publication | : | Sri Purna Chandra Behera<br>Chairman<br>Dr. A.P.J. Abdul Kalam Jana Kalyana Charitable Trust |

I Mr. Purna Chandra Behera, President, Dr. A.P.J. Abdul Kalam Jana Kalyana Charitable Trust, Khallikote, Ganjam hereby declare that the particulars given are true to the best of my knowledge and belief.

**Sri Purna Chandra Behera**
**Chairman**
**Dr. A.P.J. Abdul Kalam Jana Kalyana Charitable Trust**



GKCI



# GOPALKRISHNA CASHEW INDUSTRIES

**Manufacture of Cashew Kernal & Imported Raw Cashew Nuts**



## T. Kedarnath Subudhi

**Proprietor**

**President, Kalinga Vasya Mahasangha, Odisha**

**Cell: 9437078475, 8249617764**

N.H-5, Jahami, Rambha-761028, Ganjam, Odisha

Email: gopalkrishnacashew@gmail.com

# ଡ. ଏ.ପି.ଜେ. ଅବଦୁଲ କଲାମ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟର ବିଭିନ୍ନ କାର୍ଯ୍ୟକ୍ରମ




SMRUTISUDHA-2023-24
Published by Dr. A.P.J. Abdul Kalam Jana Kalyana Charitable Trust, Khallikote, Ganjam